


ଫାଇନାଲ୍‌ରେ ସାବାଲେଙ୍କା

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-214 ♦FRIDAY ♦30 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୧୪ ♦ଶୁକ୍ରବାର ♦୩୦ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୬.୦୦

A TATA PRODUCT



Your old gold.
India's new strength.

Today, India imports 99% of its gold. You can help reduce imports by exchanging your old gold.

0%

Flat 0% deduction* on exchange of old gold (as low as 9KT) on purchase of diamond jewellery.

Pay the smart way for timeless diamond jewellery with your old gold.

TANISHQ
— GOLD —
EXCHANGE

#OldGoldNewIndia

Old gold from any jeweller accepted.

Year-round Exchange.

Choose from more than 1,00,000 designs.

Join 32 lakh Indians and help India shine brighter.

To locate your nearest store and know more on +91 81473 49242 Buy online at tanishq.co.in or Download our App *Conditions Apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043
Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044

ଯୋରନ୍ଦା ମେଳାରେ ଦୋକାନ ଉଚ୍ଛେଦ ଯୋଗୁଁ ଅସନ୍ତୋଷ



ଢେଙ୍କାନାଳ,୨୯ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମାଘମେଳା ପାଇଁ ମହିମାଗାଦି ମେଳା ପଡ଼ିଆରେ ଅସ୍ଥାୟୀ ଦୋକାନ ବଜାର ଆରମ୍ଭ ହୋଇଗଲାଣି । ତେବେ ବକ୍କଳଧାରୀ ମହିମା ସମାଜ ଉତ୍ତର ସିଂହଦ୍ୱାର ପାଶ୍ୱର୍ରେ ବର୍ଷସାରା ଭୋଗ, ମାଳୀ, ଖେଳନା ପ୍ରଭୃତି ବିକ୍ରି କରୁଥିବା ବେଳେ ଗୁରୁବାର ଅପରାହ୍ନରେ ୧୨ରୁ ଊର୍ଦ୍ଧ୍ୱ ଅସ୍ଥାୟୀ ଦୋକାନକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଏହି ବ୍ୟବସାୟୀମାନେ ବର୍ଷସାରା ଦୋକାନ କରି ଗୁଜୁରାଣ ମେଣ୍ଟାଉଛନ୍ତି । ଚଳିତ ବର୍ଷ ମେଳାରେ ଏଠାରେ ଦୋକାନ କରିବା ପାଇଁ ପଞ୍ଚାୟତରୁ ରସିଦ୍ ମଧ୍ୟ କାଟିଛନ୍ତି । ବ୍ୟବସାୟୀମାନେ ଦୀର୍ଘ ଏକ ମାସ ହେଲା ଧାରକରଜ କରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସାମଗ୍ରୀ କିଣିଛନ୍ତି । ମେଳାରେ ଏହାକୁ ବିକ୍ରି କରି କିଛି ରୋଜଗାର କରିବାକୁ ଆଶା ରଖିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଦୋକାନଗୁଡ଼ିକୁ ଅନ୍ୟତ୍ର ଉଠାଇ ନେବାକୁ ପ୍ରଶାସନ ବାଧ୍ୟ କରିଥିଲା । ଆଉ ଦିନକ ପରେ ମେଳା ଆରମ୍ଭ ହେଉଥିବାରୁ ବ୍ୟବସାୟୀମାନେ କ'ଣ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି । ଏ ସମ୍ପର୍କରେ ବ୍ୟବସାୟୀ ଉମେଶ ରାଉତ, ହିରଣ୍ୟ ବେହେରା, ଅଭିମନ୍ୟୁ ବେହେରା, ପ୍ରହ୍ଲାଦ ସାହୁ, ରାମଚନ୍ଦ୍ର ବେହେରା, ବ୍ରହ୍ମାନନ୍ଦ ସାହୁ, ଗୁଣ୍ଡିଚା ସାହୁ, ଦେବରାଜ ସାହୁ, ଅଜୟ ସାହୁ ଓ ପ୍ରଫୁଲ୍ଲ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ ମଧ୍ୟ କିଛି ଫଳ ମିଳିନାହିଁ । ପୁଲିସ ପ୍ରଶାସନ ନିଜ ନିଷ୍ପତ୍ତିରେ ଅଟଳ ରହିଛି । ଏ ନେଇ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ଏହାର ପୁନର୍ବିଚାର କରିବାକୁ ଯୋରନ୍ଦା ଆଞ୍ଚଳିକ ବିକାଶ ପରିଷଦ କର୍ମକର୍ତ୍ତା, ବରିଷ୍ଠ ସାଧୁସମାଜ, ଯୋରନ୍ଦା ମିଳିତ ବଜାର କମିଟି ପକ୍ଷରୁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିବେଦନ କରାଯାଇଛି ।

ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳା; ଝଲସୁଛି ମହିମାଗାଦି

ଢେଙ୍କାନାଳ,୨୯ ।୧(ସମିସ)



ମହିମା ଧର୍ମର ଆଦିପୀଠ ଯୋରନ୍ଦା ମହିମାଗାଦୀରେ ଶନିବାରଠାରୁ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ଯାତ୍ରା (ମାଘମେଳା) ଆରମ୍ଭ ହେଉଛି । ଏଥିନିମନ୍ତେ ମହିମାଗାଦୀକୁ ଭକ୍ତ ତଥା ସାଧୁସନ୍ଥମାନଙ୍କ ସୁଅ ଛୁଟିବାରେ ଲାଗିଛି । ମେଳା ପାଇଁ ପୀଠସ୍ଥଳୀ ସୁସଜ୍ଜିତ ହୋଇ ଝଲସୁଛି । ମେଳା ଅବସରରେ ବିଶ୍ୱବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସନ୍ଧ୍ୟାରେ ଗାଦି ମନ୍ଦିରର ଚାରିଦ୍ୱାରରେ ଶୂନ୍ୟପ୍ରଭୁଙ୍କ ପାଇଁ ଝାଡ଼ଦୀପ ପ୍ରଜ୍ୱଳନ ସହ ଅନୁରୂପ ଭାବେ ଧ୍ୱନି ମନ୍ଦିର, ଅଖଣ୍ଡଜ୍ୟୋତି ମନ୍ଦିର, ଶୂନ୍ୟ ମନ୍ଦିର, ଏକୋଇଶ ହାତିଆ ଟୁଙ୍ଗି ମନ୍ଦିର ଆଦିରେ ଝାଡ଼ଦୀପ ପ୍ରଜ୍ୱଳନ କରାଯାଏ ।

ଝାଡ଼ଦୀପରେ ଘୃତାହୁତି ଦେବାକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଗାଦି ମନ୍ଦିର ପରିସରରେ ସମବେତ ହୋଇଥାନ୍ତି । ଗାଦିମନ୍ଦିରର ପଶ୍ଚିମ ମୁଖଶାଳା ପୂର୍ବ ମୁଖଶାଳା, ଦକ୍ଷିଣ ମୁଖଶାଳା ଓ ଉତ୍ତର ମୁଖଶାଳାରେ ଝାଡଦୀପ ପ୍ରଜ୍ୱଳନ କରିବାର ବିଧି ରହିଛି । ଝାଡ଼ଦୀପ ପ୍ରଜ୍ୱଳନ ସହ ଗାଦି ମନ୍ଦିର ପରିସର ମହିମା ଅଲେଖ ଧ୍ୱନିରେ ମୁଖରିତ ହୋଇଉଠେ । ଅଖଣ୍ଡବତି ମନ୍ଦିର ଓ ଅଖଣ୍ଡ ଜ୍ୟୋତି ମନ୍ଦିର, ଏକୋଇଶ ହାତିଆ ମନ୍ଦିର, ଧୂନି ମନ୍ଦିରରେ ଧୂନି ଉପରେ ନଡ଼ିଆ, ଘିଅ ଢଳାଯିବା ବିଧି ରହିଛି । ମେଳାରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ପରିମଳ, ପାନୀୟଜଳ, ବିଶ୍ରାମଗାର, ମେଡିକାଲ ସୁବିଧା ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଇଥାଏ । ମହିମା ସମ୍ପ୍ରଦାୟର ସବୁଠାରୁ ବଡ଼ କାର୍ଯ୍ୟକ୍ରମ ହୋଇଥିବାରୁ ଏହି ମେଳାରେ ଓଡ଼ିଶା ସମେତ ଆସାମ, ଆନ୍ଧ୍ରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼ ତଥା ଦେଶର ଅନ୍ୟ ରାଜ୍ୟର ଭକ୍ତମାନେ ସାମିଲ ହୋଇଛନ୍ତି । ସେହିପରି ନେପାଳର ଭକ୍ତମାନେ ମଧ୍ୟ ଏହି ମେଳାରେ ଯୋଗଦେଉଥିବା ଜଣାପଡ଼ିଛି ।

୧ରେ ଆସିବେ ମୁଖ୍ୟମନ୍ତ୍ରୀ

ମେଳା ପାଇଁ ପ୍ରଶାସନ, ପଞ୍ଚାୟତ ତରଫରୁ ଜାଗା ମଡ଼ାଣ ଦିଆଯାଇଥିବା ବେଳେ ବିଭିନ୍ନ ସ୍ଥାନରୁ ବ୍ୟବସାୟୀମାନେ ଆସିଲେଣି । ଯାତ୍ରୀମାନଙ୍କ ପାଇଁ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ବେଳେ ଅସ୍ଥାୟୀ ଧୂନି ମନ୍ଦିର କରାଯାଇ ଝାଡ଼ଦୀପ ପ୍ରଜ୍ୱଳନ କରାଯିବ । ଏ ନେଇ କୌପୁନୀଧାରୀ ମହିମା ସମାଜ ସମ୍ପାଦକ ସୁଶାନ୍ତ ଦାସ କୁହନ୍ତ ଯେ ଜଗତ ଜନର ମଙ୍ଗଳ ପାଇଁ ଏହି ମେଳା ହୋଇଥାଏ । ଏଭଳି ମେଳା ପୃଥିବୀରେ ବିରଳ । ମହଣ ମହଣ ଘିଅରେ ଘୃତାହିତି ହୋଇଥାଏ । କିନ୍ତୁ ଜାଗା ସମସ୍ୟା ସମାଧାନ ହୋଇପାରିନାହିଁ । ଗାଦୀର ୭୬ ଏକର ଜମି ରହିଛି । ୨୦୨୨ରୁ ଉଚ୍ଛେଦ ହୋଇଥିବା ବେଳେ ବର୍ତ୍ତମାନ ସମାଧାନ ହୋଇପାରିନାହିଁ । ପୂର୍ବ ସରକାର ୧୧୨ କୋଟି ଏବଂ ବର୍ତ୍ତମାନର ସରକାରଙ୍କ ଅନୁଦାନ ମିଶି ୧୭୨ କୋଟି ଟଙ୍କା ଥିବା ବେଳେ ବର୍ତ୍ତମାନ କାମ ଆରମ୍ଭ ହୋଇନାହିଁ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରବିବାର ଏଠାକୁ ଆସିବା ସହ ଘୃତାହୁତି କରିବା କାର୍ଯ୍ୟକ୍ରମ ରହିଛି । ସେ ଦୁଇଟି ସ୍ଥାନରେ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଫେବୃଆରୀ ୮ରେ କାମ ଆମମ୍ଭ ହେବ ବୋଲି ଜଣାପଡ଼ିଛି ।

ବନାଗ୍ନି ନିରାକରଣ ସଚେତନତା ଓ ଚାରାରୋପଣ



କଙ୍କଡ଼ାହାଡ଼,୨୯ ।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ଦଶୀପୁର ଗ୍ରାମ ଦୋଳଯାତ୍ରା ମଣ୍ଡପରେ ମହାବିରରୋଡ୍ ବନ ବିଭାଗ ଓ କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ବନାଗ୍ନି ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମହାବିରୋଡ୍ ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସଞ୍ଜୟ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବିଡିଓ ଯଶୋବନ୍ତ ଦେହୁରୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ, ଦଶୀପୁର ସରପଞ୍ଚ ସୁଧୀର ପାଳ, ପଡ଼ାତିରା ସରପଞ୍ଚ କରୁଣାକର ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ପର୍ଶୁରାମ ପଟ୍ଟନାୟକ, ଦଶୀପୁର ଗ୍ରାମର ରଘୁନାଥ ପାଳ, କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ଉପଦେଷ୍ଟା ବୀରବର ସାହୁ ପ୍ରମୁଖ ଯୋଗଦେଇଥିଲେ । ସଚେତନତା କାର୍ଯ୍ୟକ୍ରମ ପରେ ବିଭିନ୍ନ ଚାରାରୋପଣ କରାଯାଇଥିଲା । ମହାବିରୋଡ୍ ରେଞ୍ଜ ଅଞ୍ଚଳରେ ଯେଉଁ ଗ୍ରାମରେ ଜଙ୍ଗଲରେ ନିଆଁ ଲାଗିବ ନାହିଁ ସେହି ଗାଁକୁ ପୁରସ୍କୃତ କରାଯିବ ବୋଲି ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସ୍ୱାଇଁ ଘୋଷଣା କରିଥିଲେ । କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ ମଞ୍ଚ ପରିଚାଳନା କରିଥିଲେ । ଫରେଷ୍ଟର ହିମାଂଶୁ ଶେଖର ଟୁଡୁ, ରୁକ୍ମଣୀ ସାହୁ, ସୁକନ୍ୟା ସ୍ୱରୂପା ରାଉତ, ବନରକ୍ଷୀ ରୀତା ସିଂହ, ଶୁଭମ ଦାସ, ଜଗତ ମୋହନ ଦାସ, ସାମ୍ବାଦିକ ସଂଘ ଉପ ସଭାପତି ଦୀପକ ସାହୁ, ଯୁଗ୍ମ ସମ୍ପାଦକ କ୍ଷୀରୋଦ ଦେହୁରୀ, ଜ୍ୟୋତିଜୀବନ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ମହାମାୟୀଙ୍କ ୫ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଢେଙ୍କାନାଳ,୨୯ ।୧(ସମିସ): ସ୍ଥାନୀୟ ଆନନ୍ଦବଜାର ରଗଡ଼ିସାହିସ୍ଥିତ ମହାମାୟୀ ଦେବୀଙ୍କ ୫ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସ୍ଥାନୀୟ ଭାଗୀରଥି ସାଗରରୁ ପୂଜାର୍ଚ୍ଚନା କରି କଳସଯାତ୍ରା ଅନୁଷ୍ଠିତ ହୋଇଛି । ଏଥିରେ ଶହେରୁ ଉର୍ଦ୍ଧ୍ୱ ମହିଳା ଓ ପୁରଷ ସାମିଲ ହୋଇ ସହର ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ କଳସ ସ୍ଥାପନ କରିଥିଲେ । ପରେ ସୂର୍ଯ୍ୟପୂଜା, କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ଯଜ୍ଞ ଓ ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ମଧ୍ୟାହ୍ନରେ ଭକ୍ତମାନେ ପ୍ରସାଦସେବନ କରିଥିଲେ । ପୂଜକ ତୁଲା ଭାଇନା, କର୍ତ୍ତା ବିମଳ ନାୟକ, ସୋନାଲି ନାୟକ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । କମିଟି ସଭାପତି ପ୍ରଭାତୀ ନାୟକ, ସମ୍ପାଦକ ସୋନାଲି ନାୟକ, ସଦସ୍ୟ ଲିଲି ନାୟକ, ଲିନୁ ନାୟକ, ଲିନା, ଟୁନି, ବାବୁ, ଶ୍ୟାମସୁନ୍ଦର ନାୟର, ବିମଳ ନାୟକ, ବସନ୍ତ ନାୟକ, ଯୁଗଳ ନାୟକ, ପ୍ରଭାକର ସାହୁ, ଉଜାଲା ନାୟକ, ପବିତ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ ।



ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୯ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସିମିନଇସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି । ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ପ୍ରତିଭା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ସମ୍ପାଦକ ଅନିଲ କୁମାର ରାଉତ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରବଚକ ପଣ୍ଡିତ ପ୍ରତାପ କୁମାର ନନ୍ଦ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ସମ୍ମାନିତ ଅତିଥି ଭାବେ ରିଲାଏନ୍ସର କାର୍ଯ୍ୟକ୍ରମ ପରିଚାଳକ ରମଣୀ ରଞ୍ଜନ ସେଠୀ, ଜିଲ୍ଲାପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ବିଜେପି ସଭାନେତ୍ରୀ ଇତିଶ୍ରୀ ସାହୁ, ବିଧାୟିକାଙ୍କ ପ୍ରତିନିଧି ସହଦେବ ପୃଷ୍ଟି, ସମାଜସେବୀ ସନ୍ତୋଷ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ । ଅଧ୍ୟକ୍ଷ ମହାରଣା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ସୁବାସ ଚନ୍ଦ୍ର ଷଣ୍ଢ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବିଜୟଲକ୍ଷ୍ମୀ ସାହୁ, ଗାୟତ୍ରୀବାଳା ନାୟକ, ଉତ୍କଳିକା ପ୍ରିୟଦର୍ଶିନୀ, ଯଶୋବନ୍ତ ମେହେର ଓ ସ୍ୱର୍ଣ୍ଣମୟୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଯୁକ୍ତଦୁଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ରାଜଶ୍ରୀ ତୁଙ୍ଗ ଏବଂ ବନଜ୍ୟୋତ୍ସ୍ନା ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଅଧ୍ୟାପକ ବିଷ୍ଣୁପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଷ୍ଣୁପ୍ରସାଦ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ସରାଙ୍ଗ ନବୋଦୟରେ ସଡ଼କ ସୁରକ୍ଷା ସଚେତନତା

ପରଜଙ୍ଗ,୨୯ ।୧(ସମିସ): ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜାତୀୟ ରାଜମାର୍ଗ ପ୍ରାଧିକରଣ ଆୟୋଗ ଜିଲ୍ଲା ଶାଖା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଅଧକ୍ଷା ଡ. ପ୍ରତିମା ମିଶ୍ର, କୁଳଦୀପ ସେନଗାର, ସମ୍ମାନିତ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ଉତ୍ପଳ ମଣ୍ଡଳ, ସାଇଟ ଇଞ୍ଜିନିୟର ଦିବ୍ୟାଂଶୁ ମୀନା, ଉପନିର୍ଦ୍ଦେଶକ ଶୈଳେନ୍ଦ୍ର ସିଂହ, ଜିଏମଡି ସୁରକ୍ଷା ମୁଖ୍ୟ ଡ. ଉମା ରାଓ, ସାଧାରଣ ନିର୍ଦ୍ଦେଶକ ଆରଭିଆର ମୂର୍ତ୍ତି, ପ୍ରକଳ୍ପ ମହାପ୍ରବନ୍ଧକ ଦେବବ୍ରତ ସେଠୀ ଯୋଗଦେଇଥିଲେ । ହେଲମେଟ ଠିକ ଭାବରେ ପିନ୍ଧିବା, ସିଟ ବେଲ୍ଟ ବାନ୍ଧିବା ଆଦି ବିଷୟରେ ସଚେତନ କରାଯାଇଥିଲା । ଏନ୍‌ଏଚ୍‌ଏଆଇର ଶୈଳେନ୍ଦ୍ର ସିଂହ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଇତିହାସ ଶିକ୍ଷକ ପଞ୍ଚାନନ ଜେନା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

ପରଜଙ୍ଗ ସାମ୍ବାଦିକ ସଙ୍ଘର ବୈଠକ



ପରଜଙ୍ଗ,୨୯ ।୧(ସମିସ): ପରଜଙ୍ଗ ବ୍ଲକ କାର୍ଯ୍ୟରତ ସାମ୍ବାଦିକ ସଙ୍ଘର ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଦଦରାଘାଟି ଡ୍ୟାମ ନିକଟରେ ବୁଧବାର ଅନୁଷ୍ଠିତ ହୋଇଛି । ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବାସହ ସଙ୍ଘର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି । ସମସ୍ତଙ୍କ ସହମତି କ୍ରମେ ବିନୟ କୁମାର ଦାସ ସଭାପତି, ଅମରେନ୍ଦ୍ର ଦାସ ସମ୍ପାଦକ ଓ ଶେଷଦେବ ରାଉତଙ୍କୁ କୋଷାଧ୍ୟକ୍ଷ ଚୟନ କରାଯାଇଛି । ନିଗମାନନ୍ଦ ଦଳବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାମ୍ବାଦିକ ରୂପକ ରଞ୍ଜନ ସାହୁ, ସୁବ୍ରତ ବିଶ୍ୱାଳ, ଶାନ୍ତନୁ କୁମାର ଭୁକ୍ତା, ଚିରଞ୍ଜୀବ ଜେନା, ସୁଜିତ ଦଳବେହେରା, ଶଙ୍କର୍ଷଣ ସାହୁ, ଭୀମସେନ ଖଟୁଆ, ପ୍ରଶାନ୍ତ କୁମାର ସାହୁ, ଗୋପବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ରାମେଶ୍ୱର ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ



ଖଜୁରିଆକଟା,୨୯ ।୧(ସମିସ): ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ଭଗବାନପୁର ବଡ଼ଜୋଡ଼ା ନଈ କୂଳରେ ଅବସ୍ଥିତ ରାମେଶ୍ୱର ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ । ପୂର୍ବତନ ସାଂସଦ ମହେଶ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ହିନ୍ଦୋଳ ତହସିଲଦାର ସଦାନନ୍ଦ ସେଠୀ, ପୂର୍ବତନ ବ୍ଲକ ଅଧକ୍ଷ ଦିଲୀପ ପଟ୍ଟନାୟକ, ସମାଜସେବୀ ଆଶୁତୋଷ ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚର ଶ୍ରୀନିବାସ ମିଶ୍ର, ଦୁର୍ଗାଚରଣ ମିଶ୍ର, ରତିକାନ୍ତ ଗଡ଼ନାୟକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ରାମେଶ୍ୱର ମନ୍ଦିର ପରିଚାଳନା କମିଟି ସଭ୍ୟ ମାନସ ଦେହୁରୀ, ଲୋଚନ ସେନାପତି, ଲିଟୁ ପଟ୍ଟନାୟକ, ପ୍ରେମାନନ୍ଦ ପଟ୍ଟନାୟକ, ପର୍ଶୁରାମ ଗଡ଼ନାୟକ, ବସନ୍ତ ଦାସ, ସୁଶାନ୍ତ ପଟ୍ଟନାୟକ, ବିମ୍ବାଧର ପଟ୍ଟନାୟକ, ପ୍ରଶାନ୍ତ ଦାସ, ଦେବରାଜ ପଟ୍ଟନାୟକ, ଦୀପକ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମଧ୍ୟାହ୍ନରେ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା । ରାତିତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଯୋରନ୍ଦା,୨୯ ।୧(ସମିସ): ଗଁଦିଆ ବ୍ଲକ ଯୋରନ୍ଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ପ୍ରଧାନଶିକ୍ଷୟିତ୍ରୀ ରମ୍ଭା ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଙ୍ଗୁଳିଚରଣ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମନୋଜ ମଞ୍ଜରୀ ଲେଙ୍କା, ସମ୍ମାନିତ ଅତିଥି ଭାବେ ମହିମା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ନମିତା ନାୟକ, ସିଆରସିସି ବାସନ୍ତୀ ସାହୁ, ଚେୟାରମ୍ୟାନ ଜିତେନ୍ଦ୍ର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷୟିତ୍ରୀ ଅନିମା ପରିଡ଼ା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନିତା ପରିଡ଼ା ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ହାସଲ କରିଥିବାରୁ ଅତିଥିମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ କନକପ୍ରଭା ସାହୁ, ସତ୍ୟଭାମା ଦାସ, ମମତାରାଣୀ ବେହେରା, ବିଦ୍ୟୁଲତା ସାହୁ, ଦମୟନ୍ତୀ ସ୍ୱାଇଁ, ଶିକ୍ଷକ ଧର୍ମାନନ୍ଦ ରାଉତ ଓ ପ୍ରମୋଦ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



କାମାକ୍ଷାନଗର,୨୯ ।୧(ସମିସ): କାମାକ୍ଷାନଗର ବ୍ଲକ କାଦୁଆ ପଞ୍ଚାୟତ ଗାଲୁକାଟେଣି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ସାହୁଙ୍କର ୯୧ ବର୍ଷ ବୟସରେ ଗୁରୁବାର ସକାଳେ ପରଲୋକ ହୋଇଛି । ଦେବରାଜ ଜଣେ ଛାତ୍ରବତ୍ସଳ ଶିକ୍ଷକ ସହ ସମାଜସେବା ଓ ଧାର୍ମିକ କାର୍ଯ୍ୟରେ ନିଜ ଜୀବନକୁ ସମର୍ପିତ କରିଥିଲେ । ଏହାସହ ସେ ଗାଲୁକାଟେଣି ଗ୍ରାମ ମୁଖିଆ ଭାବେ ଗ୍ରାମର ସାମୂହିକ ବିକାଶ ପ୍ରତି ସର୍ବଦା ଚେଷ୍ଟିତ ଥିଲେ । ତାଙ୍କ ବିୟୋଗ ଗ୍ରାମରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଥିବା ଗ୍ରାମବାସୀ କହିଛନ୍ତି । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଛନ୍ତି ।

୭୦ ଲକ୍ଷ ଟଙ୍କାର ସିଗାରେଟ୍ ଲୁଟିନେଲେ ଦୁର୍ବୃତ୍ତ



କାମାକ୍ଷାନଗର/ପଣ୍ଡୁଆ,୨୯ ।୧(ସମିସ): ଡୁମୁସିଙ୍ଗା ଥାନା ଗୋଦରବିଲି ଗାଁସ୍ଥିତ ମା' କାମାକ୍ଷୀ ଏଣ୍ଟରପ୍ରାଇଜେସର ଗୋଦାମ ଗୃହରୁ ଦୁର୍ବୃତ୍ତ ୭୦ ଲକ୍ଷ ଟଙ୍କାର ସିଗାରେଟ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି । ବୁଧବାର ବିଳମ୍ବିତ ରାତିରେ ୨ ଦୁର୍ବୃତ୍ତ ଗୋଦାମ ଗୃହ ପଛପଟ କାନ୍ଥରେ ସୁଡ଼ଙ୍ଗ କରିବା ସହ ଗ୍ରୀଲ ଭାଙ୍ଗି ଲୁଟ୍ କରିଥିବା ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି । କାମାକ୍ଷୀ ଏଣ୍ଟରପ୍ରାଇଜେସ୍‌ର ମାଲିକଙ୍କ ଅଭିଯୋଗ କ୍ରମେ କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲଙ୍କ ନେତୃତ୍ୱରେ ପୁଲିସ, ଜିଲ୍ଲା ଫୋରେନସିକ ଟିମ୍ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏଠାରେ ଦୁଇଜଣ ସିକ୍ୟୁରିଟି ଗାର୍ଡ ନିଯୁକ୍ତ ହୋଇଛନ୍ତି । ତଥାପି ଏତେ ପରିମାଣରେ ସାମଗ୍ରୀ କିପରି ଚୋରି ହେଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାର ତମାଖୁ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇଥିବା ସତ୍ତ୍ୱେ ଏତେ ପରିମାଣର ସିଗାରେଟ୍ କିପରି ମହଜୁଦ ରହିଥିଲା ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି ।

ବିବି ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଢେଙ୍କାନାଳ,୨୯ ।୧(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ସ୍ମିତିସୁଧା ଜେନାଙ୍କ ନେତୃତ୍ୱ, ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ରଙ୍କ ସଂଯୋଜନା, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁନୀତାବାଳା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଛି । ଏଡିଇଓ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ରଞ୍ଜନ ଦଲେଇ ମୁଖ୍ୟଅତିଥି, ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ, ହିନ୍ଦୀ ଶିକ୍ଷକ କିଶୋର ଚନ୍ଦ୍ର ସାମଲ ଓ ଶିକ୍ଷାବିତ୍ ଡ. ଦେବୀପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପୂର୍ବାହ୍ନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବର୍ଣ୍ଣାଢ୍ୟ ମଶାଲ ଶୋଭାଯାତ୍ରା କରାଯାଇଥିଲା । ପ୍ରଥମ ଦିନ ସବ୍‌ଜୁନିୟର, ଜୁନିୟର୍ ଓ ସିନିୟର୍ ବାଳିକା ଓ ବାଳକ ବର୍ଗର ୧୦୦ମି, ୨୦୦ମି, ୪୦୦ମି ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ସଟ୍‌ପୁଟ୍ ଓ ଡିସ୍‌କସ୍ ଥ୍ରୋ, ସର୍ବକନିଷ୍ଠ ଛାତ୍ରଛାତ୍ରୀଙ୍କ ପାଇଁ ଛୁଞ୍ଚିସୂତା ଓ ବାଟିଚାମଚ ଦୌଡ଼, ୫୦ମି ଓ ଗଣିତ ଦୌଡ଼ ପ୍ରତିଯୋଗିତା ହୋଇଥିଲା ।

ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ଶିବିର

ଗଁଦିଆ,୨୯ ।୧(ସମିସ): ଢେଙ୍କାନାଳ ଶିକ୍ଷା ଜିଲ୍ଲା ଅନ୍ତର୍ଗତ ଖଙ୍କିରା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ୧୫ ବିଦ୍ୟାଳୟର ୧୨୫ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ୫୬ଜଣଙ୍କୁ ଚଷମା ପ୍ରଦାନ ପାଇଁ ସ୍ୱୀକୃତି ମିଳିଛି । ଚକ୍ଷୁ ଚିକିତ୍ସକ ଡା. ଅତନୁ ନାଥ, ଡା. ବିଶ୍ୱଜିତ ସାହୁ, ପ୍ରବୀର କୁମାର ସାମଲ ଯୋଗଦେଇ ଚକ୍ଷୁ ପରୀକ୍ଷା ଓ ପରାମର୍ଶ ପ୍ରଦାନ କରିଥିଲେ । ଗୋଷ୍ଠୀସମ୍ବଳ ଶିକ୍ଷକ ବିଜୟ କୁମାର ସ୍ୱାଇଁ, ଗୋବିନ୍ଦଚନ୍ଦ୍ର ନାୟକ ଓ ପ୍ରକାଶ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ସୁମତୀ ନାଏକ ଛାତ୍ରଛାତ୍ରୀମାନଙ୍କୁ ଚକ୍ଷୁର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ ।

ଦ୍ୱିତୀୟ ଦିନରେ ଓଆଇଏସ ଅଧିକାରୀଙ୍କ ତାଲିମ

'ସୂଚନା ପ୍ରସାରଣ ସଠିକ୍ ଓ ତ୍ରୁଟିଶୂନ୍ୟ ହେଉ'

ଢେଙ୍କାନାଳ,୨୯ ।୧(ସମିସ)



ଓଡ଼ିଶା ଇନଫର୍ମେସନ ସର୍ଭିସ (ଓଆଇଏସ୍) ଗ୍ରୁପ-ବି ଜରିଆରେ ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ନିମନ୍ତେ ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ଆୟୋଜିତ ତାଲିମ୍ ଓ ମାର୍ଗଦର୍ଶନ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ ଶେଷ ହୋଇଛି । ଗୁରୁବାର ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ ନୂତନ ଅଧିକାରୀଙ୍କୁ ମାର୍ଗଦର୍ଶନ କରିଥିଲେ । ସଠିକ ଭାବେ ସମସ୍ତ ତଥ୍ୟକୁ ଏକାଠି କରିବା ସହ ବାରମ୍ବାର ଯାଞ୍ଚ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ସୂଚନା ପ୍ରସାରଣ ଅଧିକ ସମୟସାପେକ୍ଷ ହେଲେ ମଧ୍ୟ ନିର୍ଭୁଲ ହେବ ବୋଲି କହିଥିଲେ । ସମୟ ସମୟରେ ପ୍ରଶାସନ ଓ ସରକାର ବିରୋଧରେ ଜାଣତ ଅବା ଅଜାଣତରେ ଭୁଲ ଖବର ଗୁଞ୍ଜରଣ ହେବା ସହ ଲୋକଙ୍କ ମଧ୍ୟରେ ମିଛ ଛବି ତିଆରି ହୋଇଯାଏ । ଏ ସବୁକୁ ପ୍ରତିହତ କରିବା ପାଇଁ ଲୋକସମ୍ପର୍କ ଅଧିକାରୀ ଉପଯୁକ୍ତ ତଥ୍ୟ ଉପସ୍ଥାପନ କରିବା ସହ ସଙ୍କଟ ପରିଚାଳନା କରିବା ଜରୁରୀ ବୋଲି ଜିଲ୍ଲାପାଳ କହିଥିଲେ । ଲୋକଙ୍କ ସମସ୍ୟାକୁ ସରକାରଙ୍କ ପାଖରେ ସଠିକ ଢଙ୍ଗରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ ।

ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଲୋକସମ୍ପର୍କ ଅଧିକାରୀଙ୍କୁ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସୁସମ୍ପର୍କ ସ୍ଥାପନ ପାଇଁ କହିଥିଲେ । ବିଷୟ ବିଶେଷଜ୍ଞ ଭାବେ ପିଆଇବି ଭୁବନେଶ୍ୱରର ଏଡିଜି ଅଖିଳ କୁମାର ମିଶ୍ର ଯୋଗଦେଇ ସରକାର, ପ୍ରଶାସନ ଅବା ବିଭାଗ କେଉଁ ନୀତିକୁ କେଉଁ ଉପାୟରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଚାହୁଁଛି ତାହାକୁ ଅନୁଭବ କରି ସମାନ ଢଙ୍ଗରେ ପ୍ରେସବିଜ୍ଞପ୍ତି ଓ ହେଡଲାଇନ ଲେଖିବାକୁ ପରାମର୍ଶ ଦେଇଥିଲେ । ଆଇଆଇଏମସିର ପ୍ରଫେସର ମୃଣାଳ ଚାଟାର୍ଜୀ ବିଭିନ୍ନ ଫର୍ମାଟରେ ଖବର ପ୍ରସାରର ଢଙ୍ଗ ଏବଂ ଏଥିପାଇଁ ବିଷୟବସ୍ତୁ, ପ୍ରଯୁକ୍ତିବିଦ୍ୟା ଓ ପରିଚାଳନା ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଡିଏଫଓ ସୁମିତ କୁମାର କର ଅଧିକାରୀଙ୍କୁ ଜଳବାୟୁ ପରିବର୍ତ୍ତନ, ମଣିଷ ପଶୁ ଲଢ଼େଇ, ଜୈବ ବିବିଧତାର ଅବକ୍ଷୟ, ଖାଦ୍ୟଶୃଙ୍ଖଳ ନଷ୍ଟ, କୀଟନାଶକ ଓ ରାସାୟନିକ ସାର ବ୍ୟବହାର ଆଦି ଉପରେ ତଥ୍ୟଭିତ୍ତିକ ଉପସ୍ଥାପନା କରିଥିଲେ ।

ଶିଶୁ ପତ୍ରିକା ମଠଖାଇ ଉନ୍ମୋଚିତ



ବଲାଙ୍ଗିର,୨୯ ।୧(ସମିସ): ସିନଖମନସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ପତ୍ରିକା ମଠଖାଇ ଉନ୍ମୋଚିତ ହୋଇଛି। ଏହି ସମାରୋହରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି, ଡ.ପ୍ରେମାନନ୍ଦ ମହାନ୍ତି ମୁଖ୍ୟବକ୍ତା, ବିଶିଷ୍ଟ ଆଇନଜୀବୀ ଜୟରାମ ମିଶ୍ର ଓ ବିଦ୍ୟାଳୟର ପରି.ଳନା ସମିତିର ସଭାପତି ଗୀତାଞ୍ଜଳି କୁଅଁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଠିକ୍ ଭାବେ ଶିଶୁଙ୍କ ସୃଜନଶୀଳତାର ବିକାଶ ହୋଇ ପାରିଲେ ଉପଯୁକ୍ତ ଶିଶୁ ସଂହିତା ସୃଷ୍ଟି କରିହେବ ବୋଲି ମତ ପ୍ରକାଶ ପାଇଥିଲା। ପ୍ରଧାନ ଶିକ୍ଷକ କେଦାରନାଥ ସାହୁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ମଠଖାଇ ସଂପାଦକ ମଦନ ମୋହନ ରଥ ମଠଖାଇ ପ୍ରକାଶନର ଉଦ୍ଦେଶ୍ୟ ଜ୍ଞାପନ କରି ସହଯୋଗ କାମନା କରିଥିଲେ। ସଭା ଆରମ୍ଭରେ କୃଷ୍ଣଚନ୍ଦ୍ର ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅନୀଲ ସାହୁ ସଭା ପରି.ଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅକ୍ଷରର ସଂପାଦକ ହୃଷୀକେଶ ପୁରୋହିତ ଅଧକ୍ଷତା କରିଥିବାବେଳେ ଖୁସି ତାଣ୍ଡି ଓ ଯଶୋବନ୍ତୀ ସୁନା ସଂଯୋଜନା କରିଥିଲେ। ଚୁମକି ପଟେଲ, ପୂଜା ପାତ୍ର, ପ୍ରିୟଙ୍କା ପଲତା, ନମିତା ହାତୀ, ଆଲିଶା ତାଣ୍ଡି, ମନିଷା ବାଗ, ଶିଖା ଛତ୍ରିଆ, ଧ୍ରେନ୍ଦ୍ର ନାରାୟଣ ସିଂଦେଓ, ଅଙ୍କିତ ମିଶ୍ର, ପ୍ରଦୀପନାୟକ ଓ ତରୁଣ ପରିଚ୍ଛା ପ୍ରମୁଖ କବିତା ପାଠ କରିଥିଲେ। ନୀଳାଞ୍ଚଳ କୁଅଁର, ରାଜିନ୍ଦ୍ର କୁଅଁର ଓ ହରେରାମ ବାରିକ ସହଯୋଗ କରିଥିଲେ। ଲଲାଟ କେଶରୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଗାୟତ୍ରୀ ମହାଯଜ୍ଞର କଳସ ଶୋଭାଯାତ୍ରା



ସଇଁତଳା,୨୯ ।୧(ସମିସ): ସଇଁତଳା ହାଟପଦାରେ ନଅକୁଣ୍ଡୀୟ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର କଳସ ଶୋଭାଯାତ୍ରା ଋଷିପୁତ୍ର ପ୍ରଶାନ୍ତ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ ସ୍ଥଳରେ ଶତାଧିକ ଗାୟତ୍ରୀ ଭକ୍ତ ଏକାତ୍ରିତ ହୋଇ ମୁଣ୍ଡରେ କଳସ ଧାରଣ କରି ଜଳ ଆଣିବା ପାଇଁ ନୂଆଁ ବନ୍ଧକୁ ଶୋଭାଯାତ୍ରାରେ ବାହାରିଥିଲେ। ଲିଙ୍ଗରାଜ ବୈଠାରୁ ଓ ତାଙ୍କ ପତ୍ନୀ ସୁନିତା ବୈଠାରୁ କର୍ତ୍ତା ଥିଲେ। ସୁଶାନ୍ତ ମାଝି ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ସଇଁତଳା ପଞ୍ଚାୟତ ସମିତି ଅଧକ୍ଷା ମୋନିକା ସିଂ ଭୋଇ, ଭୀମସେନ ସ୍ୱାଇଁ, ଅଖିଳ ସାହୁ, ପ୍ରମୋଦ ବୈଠାରୁ, ପ୍ରଦୀପ ଜାଲ୍, ସୁରେସ ରଣା, ବିନୟ ଭୋଇ, ନାରାୟଣ ଜାଲ୍, ହରିବନ୍ଧୁ ସାହୁ, ଓଁମ୍ ପ୍ରକାଶ ଅଗ୍ରୱାଲ୍, ବିଶ୍ୱଜିତ ମିଶ୍ର, ପ୍ରମୋଦ ଅଗ୍ରୱାଲ, ଟଙ୍କଧର ସାହୁ, ମହିଳା ସଂକୀର୍ତ୍ତନ ଦଳ ରମେଶ ଚଉକ୍ (ସଇଁତଳା) ଓ ସଇଁତଳା ବ୍ଲକର ସମସ୍ତ ଗାୟତ୍ରୀ ପରିଜନ ଉପସ୍ଥିତ ଥିଲେ।

ବଲାଙ୍ଗିର ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ

ବିଳମ୍ବରେ ଉଦ୍‌ଘାଟନ, ଅବ୍ୟବସ୍ଥା ନେଇ ଅସନ୍ତୋଷ

ବଲାଙ୍ଗିର,୨୯ ।୧(ସମିସ)



ଅବ୍ୟବସ୍ଥା, ଅସନ୍ତୋଷ ଭିତରେ ବଲାଙ୍ଗିର ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦଘାଟିତ ହୋଇଯାଇଛି। ଉତ୍ତମ ଶିକ୍ଷା ଭିତ୍ତିଭୂମି ଓ ଶିକ୍ଷା ଗୁଣବତ୍ତା ପାଇଁ ନୂତନ ଜାତୀୟ ଶିକ୍ଷା ନୀତି ଅନୁସାରେ ଜିଲ୍ଲାର ସମସ୍ତ ବ୍ଲକରେ ପିଏମଶ୍ରୀ ସ୍କୁଲ ଆରମ୍ଭ କରାଯାଇଥିଲା। ଏହି ପିଏମଶ୍ରୀ ସ୍କୁଲରେ ପୂର୍ବରୁ ସ୍କୁଲସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଆରମ୍ଭ ହୋଇଛି। ଏଥିରେ ଛାତ୍ରଛାତ୍ରୀଙ୍କ ପାଠପଢା ସହ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଚିତ୍ରକଳା, ଆକାଂକ୍ଷୀ, ଆକାଂକ୍ଷୀ ଶିକ୍ଷା ପରିଷଦ, ଦୋକାନ ଯାତ୍ରା ଭଳି ବିଭାଗରେ ଛାତ୍ରଛାତ୍ରୀଙ୍କ ଜ୍ଞାନ ଆରୋହଣ ପାଇଁ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ପାଳନ କରାଯାଉଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ଉତ୍ସବ ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଖୋଲାଖୋଲି ଏହାର ପରିଚାଳନାଗତ ଅବ୍ୟବସ୍ଥାକୁ ନେଇ ଶିକ୍ଷକ, ଶିକ୍ଷୟିତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ।

ବଲାଙ୍ଗିର ପିଆର ପିଏମଶ୍ରୀ ହାଇସ୍କୁଲ ପଡିଆରେ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଗୁରୁବାର ଉଦଘାଟିତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପନାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଲିକେଶ ନାରାୟଣ ସିଂହଦେଓ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ଭିତ୍ତିଭୂମି ପ୍ରଦାନ ଦିଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ ଅବଦାନ ରହିଥିବା କହିଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ଗୌରଓ ଶିବାଜୀ ଇସାଲଓ୍ୱର, ବୈଜ୍ଞାନିକ ଶେଷ କିସାନ, ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ ଓ ପ୍ରବୀର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ଜିଲ୍ଲାର ୩୬ଟି ପିଏମଶ୍ରୀ ସ୍କୁଲରୁ ବିଭିନ୍ନ ବିଭାଗରେ ଆସିଥିବା ପ୍ରାୟ ୧୪ଶହ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ଚିତ୍ରକଳା, ଆକାଂକ୍ଷୀ, ଆକାଂକ୍ଷୀ ଛାତ୍ର ପରିଷଦ, ଦୋକାନ ଯାତ୍ରା, ଫୁଡ ପାର୍କ ଭଳି ବିଭାଗରେ ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ତେବେ ଏତେ ବଡ ଆୟୋଜନ କରିବା ପାଇଁ ଜାଗା କମ୍ ପଡିଥିବା ଅଭିଯୋଗ ହୋଇଥିଲା। ଉଦଘାଟନୀ ବୈଠକ ବିଳମ୍ବ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ କିଛି ଶିଶୁ ଅସୁସ୍ଥ ହୋଇପଡିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ଅପରାହ୍ନ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ରହିବା ପାଇଁ କୌଣସି



ବ୍ୟବସ୍ଥା କରାଯାଇ ନ ଥିଲା। ଏହାଫଳରେ ସିନ୍ଧେକେଲା, ତୁରେକେଲା ଭଳି ଦୂରରୁ ଆସିଥିବା ଛାତ୍ରଛାତ୍ରୀ ବାହାରେ ବ୍ୟାଗ ରଖି ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ସେହିପରି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିବାକୁ ଆଣିଥିବା ବିଭିନ୍ନ ପ୍ରକଳ୍ପ ଓ ମଡେଲ ରଖିବା ପାଇଁ ମଧ୍ୟ ବିଭାଗ ଅନୁଯାୟୀ କରାଯାଇଥିବା ଟେଣ୍ଟରେ ଜାଗା ନ ଥିବାରୁ ଛାତ୍ରଛାତ୍ରୀ ତଥା ତାଙ୍କ ସହ ଆସିଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଉତ୍ସବ ଦୁଇ ଦିନ ଧରି ଚାଲିବାକୁ ଥିବା ବେଳେ ପ୍ରଥମ ଦିନରେ ହିଁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏନେଇ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କୁ ପଚାରିବାରୁ ଏହିଭଳି କିଛି ଅବ୍ୟବସ୍ଥା ବିଷୟରେ ତାଙ୍କ ପାଖରେ କୌଣସି ସୂଚନା ନ ଥିଲା। ସେମାନଙ୍କୁ ସକାଳ ୮.୩୦ ପର୍ଯ୍ୟନ୍ତ ଆସି ପଞ୍ଜିକରଣ କରିବାକୁ କୁହାଯାଇଥିଲା। ଛାତ୍ରଛାତ୍ରୀ ଆସିବା ପାଇଁ ବସ୍ ମଧ୍ୟ ପଠାଯାଇଥିଲା; କିନ୍ତୁ ସେମାନେ ସକାଳୁ ଆସିବା ବଦଳରେ ବହୁ ବିଳମ୍ବରେ ପହଞ୍ଚିଥିବାରୁ ଏହିଭଳି ସମସ୍ୟାର ସମ୍ମୁଖୀନ ହୋଇଥାଇପାରନ୍ତି; କିନ୍ତୁ ସେମାନଙ୍କ ସୁବିଧା କରାଯାଇଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିକ୍ରିୟାରେ କହିଛନ୍ତି।

ଚୋରି ମାମଲାରେ ଦୁଇ ପୁଅ ସହ ବାପା ଗିରଫ

ବଲାଙ୍ଗିର,୨୯ ।୧(ସମିସ): ବଲାଙ୍ଗିର ଟାଉନ ଥାନା ଗାନ୍ଧୀନଗରପଡ଼ା ନିକଟସ୍ଥ ଏକ ଘରୁ ୨୦୨୪ ମସିହାରେ



ହୋଇଥିବା ଏକ ଚୋରି ମାମଲାରେ ୩ ଜଣଙ୍କୁ ଟାଉନ୍ ଥାନା ପୁଲିସ ଗିରଫ କରିଛି। ଏମାନେ ହେଲେ ହୀରାକୁଦ ରିକ୍ସାପଡାର ରମେଶ ସୁନା(୬୦) ଓ ତାଙ୍କ ଦୁଇ ପୁଅ ରବି ସୁନା(୨୭), ଅର୍ଜୁନ ସାହୁ(୨୫)। ୨୦୨୪ ଫେବୃୟାରୀ ୨୮ ତାରିଖରେ ବଲାଙ୍ଗିର ଚିମନିଭାଟି ପଡ଼ାର ପ୍ରମୋଦ ନନ୍ଦ ତାଙ୍କ ବନ୍ଧୁଙ୍କ ଘରେ ହୋଇଥିବା ଏକ ଚୋରି ଘଟଣାକୁ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ବନ୍ଧୁ ଦେବ ରଞ୍ଜନ ପାଢ଼ୀଙ୍କ ଘର ଗାନ୍ଧୀନଗର ପଡ଼ା ପେଟ୍ରୋଲ ଟାଙ୍କି ପଛପଟେ ରହିଛି। ବନ୍ଧୁ ଶ୍ରୀ ପାଢ଼ୀ ବାହାରେ ରହୁଥିବା ବେଳେ ତାଙ୍କ ଅନୁପସ୍ଥିତିରେ କେହି ତାଲା ଭାଙ୍ଗି ଚୋରି କରିଥିବା ସେ ଲିଖିତ ଭାବେ ପୁଲିସକୁ ଜଣାଇଥିଲେ। ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ସେହି ସମୟରେ ପୁଲିସକୁ କିଛି ସଫଳତା ମିଳି ନ ଥିଲା।

ଅଙ୍କିତ ସାହୁ ଲଗାତାର ଦ୍ୱିତୀୟ ଥର ପାଇଁ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରବକ୍ତା ନିର୍ବାଚିତ



ବଲାଙ୍ଗିର,୨୯ ।୧(ସମିସ): ବଲାଙ୍ଗିରର ଅଙ୍କିତ ସାହୁ ଲଗାତାର ଦ୍ୱିତୀୟ ଥର ପାଇଁ ଭାରତୀୟ ଯୁବ କଂଗ୍ରେସର ଜାତୀୟ ପ୍ରବକ୍ତା ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ଯୁବପିଢିଙ୍କ ସମସ୍ୟା ଉପରେ ସ୍ପଷ୍ଟ ଓ ଦୃଢ ସ୍ୱର ଉତ୍ତୋଳନ କରୁଥିବା ଶ୍ରୀ ସାହୁ ରାଷ୍ଟ୍ରୀୟ ତଥା ରାଜ୍ୟସ୍ତରରେ ରୋଜଗାର, ଶିକ୍ଷା, ସାମାଜିକ ନ୍ୟାୟ, ସାମ୍ବିଧାନିକ ମୂଲ୍ୟବୋଧ ଓ ଗଣତାନ୍ତ୍ରିକ ସମ୍ପର୍କିତ ପ୍ରଶ୍ନଗୁଡିକୁ ନିରନ୍ତର ଭାବେ ଉଠାଇ ଆସୁଛନ୍ତି। ଶ୍ରୀ ସାହୁ ଯୁବ କଂଗ୍ରେସର ସଂଗଠନକୁ ସୁଦୃଢ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ପୁନଃ ନିର୍ବାଚନ ପରେ ପ୍ରତିକ୍ରିୟା ଦେଇ ଶ୍ରୀ ସାହୁ ଭାରତୀୟ ଯୁବ କଂଗ୍ରେସ ଓ ଭାରତୀୟ ଜାତୀୟ କଂଗ୍ରେସର ବରିଷ୍ଠ ନେତୃତ୍ୱଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଛାତ୍ର, ଯୁବ, କୃଷକ, ଶ୍ରମିକ ଓ ପଛୁଆ ବର୍ଗର ଅଧିକାର ପାଇଁ ତାଙ୍କର ସଂଘର୍ଷ ଆହୁରି ଦୃଢ କରିବେ ବୋଲି କହିଛନ୍ତି।

ଅଳିଆ ଗଦାରୁ ନବଜାତ ଶିଶୁ କନ୍ୟା ଉଦ୍ଧାର




ସଇଁତଳା,୨୯ ।୧(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ୍ ଧରପଗଡ଼ ଗାଁରେ ଅଳିଆଗଦାରୁ ଏକ ନବଜାତ ଶିଶୁ କନ୍ୟା ଉଦ୍ଧାର ହୋଇଛି। ସକାଳୁ ସ୍ଥାନୀୟ ଲୋକେ ଅଳିଆ ଗଦାରେ ଏକ ନବ ଜାତ ଶିଶୁ କନ୍ୟା ପଡ଼ିଥିବା ଦେଖି ଉଦ୍ଧାର କରି ସ୍ଥାନୀୟ ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କ ଜିମା ଦେଇଥିଲେ। ଏହାପରେ ଶିଶୁଟିକୁ ଡାକ୍ତରଖାନା ନିଆଯାଇଥିଲା।

ଧାନକିଣା ସମସ୍ୟା ନେଇ ରାଜ୍ୟସଭାରେ ଗର୍ଜିଲେ ନିରଞ୍ଜନ ବିଶି

ଟିଟିଲାଗଡ,୨୯ ।୧(ସମିସ): ଓଡ଼ିଶାରେ ଧାନ କିଣା ସମସ୍ୟା ନେଇ ରାଜ୍ୟସଭାରେ ସାଂସଦ ନିରଞ୍ଜନ ବିଶି ଗର୍ଜିଛନ୍ତି। ସଂସଦର ବଜେଟ ଅଧିବେଶନ ଅବସରରେ ଦ୍ୱିତୀୟଦିବସରେ ସେ ଓଡିଶାର କୃଷକମାନଙ୍କ ଖରିଫ ଧାନ ବିକ୍ରି ସମସ୍ୟା ଉତଥାପନ କରିଛନ୍ତି। ସରକାରୀ ଅବହେଳା, ମଣ୍ଡିରେ ଅବ୍ୟବସ୍ଥା, ଟୋକନ ସମସ୍ୟା, କଟନୀଛଟନୀ, ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)ରେ ଧାନ କିଣିବା କଟକଣା, ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଉଚିତ ହାରାହାରି ଗୁଣବତ୍ତା (ଏଫଏକ୍ୟୁ)ର ଉଲ୍ଲଂଘନ ପ୍ରସଙ୍ଗ ଉପରେ ସେ ଗୃହରେ ଉପସ୍ଥାପନା କରିଥିଲେ। ଓଡ଼ିଶାର ଚାଷୀ ସମସ୍ୟା ଓ ଚିନ୍ତାରେ ଅଛନ୍ତି। ସେମାନଙ୍କୁ ଟୋକନ ଦିଆଯାଉନି। ଟୋକନ ଥିବା ଚାଷୀ ମଣ୍ଡିକୁ ଧାନ ନେଲେ ମିଲର ଧାନ ଉଠାଉ ନାହାନ୍ତି। ଚାଷୀ ମଣ୍ଡିରେ ହଇରାଣ ହେଉଛନ୍ତି। ଚାଷୀମାନେ ଏଫଏକ୍ୟୁ ଶତକଡା ୨୦ରୁ ୨୨ ପ୍ରତିଶତ ଦାବି କରୁଛନ୍ତି। ଭାରତ ସରକାର ସମସ୍ତ ରାଜ୍ୟ ପାଇଁ ଶତକଡା ୧୭ ପ୍ରତିଶତ ଏଫଏକ୍ୟୁ ଧର୍ଯ୍ୟ କରିଛନ୍ତି; କିନ୍ତୁ ଓଡ଼ିଶା ସରକାର ୧୫ ପ୍ରତିଶତ ଏଫଏକ୍ୟୁ ଧର୍ଯ୍ୟ କରି କୁଇଣ୍ଟାଲ ପିଛା ୮ କେଜି ଧାନ ଚାଷୀଠାରୁ



କାଟୁଛନ୍ତି ବୋଲି ସାଂସଦ ଶ୍ରୀ ବିଶି ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡିଶା କୃଷି ପ୍ରଧାନ ରାଜ୍ୟ। ଆଧୁନିକ ଯୁଗରେ ଚାଷୀ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରୁଛନ୍ତି। ଧାନ ଉତ୍ପାଦନ ବଢୁଛି। ଏକର ପିଛା ୩୦ /୩୫ କୁଇଣ୍ଟାଲ ଧାନ ଉତ୍ପାଦନ ହେଉଛି। ବଡ଼ ଚାଷୀ ୫୦୦ କୁଇଇଣ୍ଟାଲ ଧାନ ଅମଳ କରୁଛନ୍ତି। ସରକାର ବର୍ତ୍ତମାନ ବଡ଼ ଚାଷୀ ପିଛା ମାତ୍ର ୧୫୦ କୁଇଣ୍ଟାଲ ଧାନ ୩୧୦୦ ଟଙ୍କା ଏମଏସପିରେ କିଣିବାକୁ ଘୋଷଣା କରିଛନ୍ତି। ବଡ଼ ଚାଷୀଙ୍କ ବଳକା ଧାନ ଅଭାବୀ ବିକ୍ରିର ଶିକାର ହେବେ। ଅର୍ଥାତ ଏମଏସପିରୁ କମ୍ ଦରରେ କୁଇଣ୍ଟାଲ ପିଛା ୧୫୦୦ ଟଙ୍କାରେ ମିଲର ବଳକା ଧାନ କିଣିବେ। ଏହାଦ୍ୱାରା ଚାଷୀ ଶୋଷଣର ଶିକାର ହେବେ। ଓଡିଶା ପାଇଁ ୭୩ ଲକ୍ଷ ମିଲିୟନ ଟନ୍ ଧାନ ସଂଗ୍ରହ କରିବା ଲକ୍ଷ୍ୟ ଧର୍ଯ୍ୟ ହୋଇଛି। ବର୍ତ୍ତମାନ ସୁଦ୍ଧା କିନ୍ତୁ ୨୩ ଲକ୍ଷ ମେଟ୍ରିକ ଟନ ଧାନ ଉଠିଛି। ତେବେ ମାର୍ଚ୍ଚ ସୁଦ୍ଧା ସରକାର ଚାଷୀଙ୍କ ଧାନ କ୍ରୟ କରିବା ଅସମ୍ଭବ ବୋଲି ସାଂସଦ ଶ୍ରୀ ବିଶି ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ଭାରତ ସରକାର କୃଷକ ସମସ୍ୟା ସମାଧାନ କରିବାକୁ ସାଂସଦ ଶ୍ରୀ ବିଶି ଦାବି କରିଛନ୍ତି।



ସର୍ବ ଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ

ସୋନପୁର ରାମଧୂନ କ୍ଲବ୍ ବିଜୟୀ



ବଲାଙ୍ଗିର,୨୯ ।୧(ସମିସ)

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିନ ଖେଳରେ ସୋନପୁର ରାମଧୂନ କ୍ଲବ ୩-୧ ଗୋଲରେ ରୋଭର୍ସ ଏଫ୍‌ସି ଭିଲେଇକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟ କମିଟି କାର୍ଯ୍ୟକାରୀ ସଭାପତି ବିଧୂ ଭୂଷଣ ତ୍ରିପାଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖେଳରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ଦେଓଗାଁ ବ୍ଲକ୍ ଅଧକ୍ଷ ଦୟାନିଧି ଖମାରୀ, ଟଂଜନ ଠେଲା, ସଦର ବ୍ଲକ୍ ଅଧକ୍ଷା ସରିତା ବାଗ, ତୁଙ୍ଗୁରିପାଲି ବ୍ଲକ୍ ଉପାଧକ୍ଷ ମକରଧ୍ୱଜ ସାହୁ ଓ କ୍ରୀଡା ସଂସଦ ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ ଯୋଗ ଦେଇଥିଲେ। ବଲାଙ୍ଗିର ବିଧାୟକ ତଥା ଟୁର୍ଣ୍ଣାମେଣ୍ଟ କମିଟି ସଭାପତି କଲିକେଶ ନାରାୟଣ ସିଂଦେଓ, ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, କମିଟି ଉପସଭାପତି ଶମ୍ଭୁ ପ୍ରସାଦ ନାଗ ଓ ସଂପାଦକ ସାଗର ସଂଗମ ଶତପଥୀ ମଞ୍ଚାସୀନ ଥିଲେ। ସୁବ୍ରତ ପୁରୋହିତ, ସଂଜୀବ ମହାରଣା, ସଂଜନ କୁଦେଇ ଓ ନରସିଂସ୍ୱାମୀ ନାଇଡୁ ପରି.ଳନା କରିଥିଲେ। ସୋନପୁର ଦଳର ଅଭୟ ମୁଣ୍ଡାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଖେଳାଳି ଲୋକନାଥ ନେପାକ ଓ ସୁରେନ୍ଦ୍ର ନାଗ (ସୋନୁ) ଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। କ୍ରୀଡା ସଂସଦର ଫୁଟବଲ ସଂପାଦକ ଶରତ ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଜିଲ୍ଲା କ୍ରୀଡା ସଂସଦର କୋଷାଧକ୍ଷ ହେମନ୍ତ ବେହେରା ମଞ୍ଚ ସଂ.ଳନ କରିଥିଲେ। ଶୁକ୍ରବାର କଲିକତା ଏସ୍.ଡି ଇଲେଭନ ବନାମ ବରଗଡ ୟୁନାଇଟେଡ କ୍ଲବ ମଧ୍ୟରେ ଖେଳ ହେବ।

ମାତିଛନ୍ତି ଦଲାଲ

ଜୀବିତଙ୍କୁ ମୃତ ଦର୍ଶାଇ ମୃତ୍ୟୁକାଳୀନ ସହାୟତା ରାଶି ହଡ଼ପ

କୋଷାଗୁମୁଡା,୨୯।୧(ସମିସ): ସରକାରଙ୍କୁ ଚୁନ ଲଗାଇବା ପାଇଁ ଜାଲିଆତି। ସରକାରୀ ଅର୍ଥ ଆତ୍ମସାତ ପାଇଁ ଜୀବିତ ଶ୍ରମିକଙ୍କୁ କାଗଜପତ୍ରରେ ମୃତ ଦର୍ଶାଇ ମୃତ୍ୟୁକାଳୀନ ସହାୟତା ରାଶି ହଡପ ଚାଲିଛି। ଜିଲ୍ଲାରେ ଚାଲିଛି ବଡ଼ ଧରଣର ନକଲି ସାର୍ଟିଫିକେଟ ରାକେଟ କାମ କରୁଛି। ଆଉ ଦଲାଲଙ୍କ ଜାଲରେ ପଡିଛି ଜିଲ୍ଲା ଶ୍ରମ ବିଭାଗ। ଦସ୍ତାବିଜ ଗୁଡିକୁ ଯାଞ୍ଚ ନ କରି ଜୀବିତ ଶ୍ରମିକଙ୍କ ନାମରେ ମତ୍ୟୁକାଳୀନ ସହାୟତା ମଞ୍ଜୁର କରିଥିବାରୁ ଏବେ ଶ୍ରମ ବିଭାଗ ହରଡ଼ଘଣାରେ ପଡିଛି। ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ମୃତକ ହେଉଛନ୍ତି ନବରଙ୍ଗପୁର ଜିଲ୍ଲା କୋଷଗୁମୁଡା ବ୍ଲକ ରାଜୋଡା ପଞ୍ଚାୟତ ଅନ୍ତର୍ଗତ ଠୁସିଗୁଡା ଗ୍ରାମର ପୂର୍ଣ ଭତରା। ଏହି ଦସ୍ତାବିଜ କହୁଛି ତାଙ୍କର ମୃତ୍ୟୁ ୧୦/୨/୨୩ ତାରିଖରେ ହୋଇଛି। ଯାହାର ରେଜିଷ୍ଟ୍ରସନ ନମ୍ବର ହେଉଛି - ୪୬/୨୦୨୩। ଏଠାରେ ସ୍ୱଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ପୂର୍ଣ୍ଣ ଭତରା ଆଉ ଦୁନିଆରେ ନାହାନ୍ତି। ଜୀବିତ ବ୍ୟକ୍ତି ଙ୍କର ନକଲି ମୃତ ପ୍ରମାଣପତ୍ର ତିଆରି କରାଯାଇଛି । କେବଳ ମୃତ ପ୍ରମାଣପତ୍ର ହିଁ ନୁହେଁ। ତାଙ୍କ ସ୍ୱାମୀ ରବି ଭତରାଙ୍କ ନାମରେ ଉତ୍ତରାଧିକାରୀ ପ୍ରମାଣପତ୍ର ମଧ କୋଡୀଙ୍ଗା ତହସିଲ ବିଭାଗ ପକ୍ଷରୁ ମିଳିଛି। ସେହିଭଳି ସେହି ଠୁସିଗୁଡା ଗ୍ରାମର ଟୁନୁ ଭତରାଙ୍କ ମୃତ ପ୍ରମାଣପତ୍ର ଦସ୍ତାବିଜ କହୁଛି ଟୁନୁ ମୃତ। କିନ୍ତୁ, ବାସ୍ତବ ଚିତ୍ର ତାହାର ଠିକ୍ ଓଲଟା। ଟୁନୁ

ସନ୍ଦେହଘେରରେ ଜିଲ୍ଲା ଶ୍ରମ ବିଭାଗର କାର୍ଯ୍ୟ

ଭତରା ବର୍ତମାନ ସୁସ୍ଥ ଥିବା ବେଳେ ଘରର ସମସ୍ତ କାର୍ଯ୍ୟ ନିଜେ କରୁଛନ୍ତ। ତାଙ୍କ ସ୍ତ୍ରୀ ନାମରେ ମଧ ଉତ୍ତରାଧିକାରୀ ସାର୍ଟିଫିକେଟ ତିଆରି କରାଯାଇଛି। ଆଶ୍ଚର୍ଯ୍ୟ କଥା ଏସବୁ ପ୍ରମାଣପତ୍ର ଏହି ନିରୀହ ଆଦିବାସୀ ଶ୍ରମିକ ମାନେ ବାହାର କରିନାହାନ୍ତି। ଏମାନେ ଦଲାଲଙ୍କ କବଜାରେ ପଡିଥିବା ବେଳେ ଦଲାଲ ଏମାନଙ୍କ ନାମରେ ଦସ୍ତାବିଜ ତିଆରି କରି ଶ୍ରମବିଭାଗରେ ଜାଲିଆତି କରିଥିବା ଘଟଣା ସାମ୍ନାକୁ ଆସିଛି। ଯାହାକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ଏହାର ସଠିକ ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଏଭଳି ଜାଲିଆତି କେବଳ କୋଷଗୁମୁଡା ବ୍ଲକରେ ନୁହେଁ, ପାପଡାହାଣ୍ଡି ବ୍ଲକରେ ମଧ କରାଯାଇଛି। ପାପଡାହାଣ୍ଡି ବ୍ଲକ ବଙ୍ଗରା ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରଗୁଡା ଗ୍ରାମର ପୁରୁଷତି ମାଝୀ ଜୀବିତ ରହିଥିବା ବେଳେ ଭଙ୍ଗା ଦଦରା ଘରେ ନିଜ ସ୍ତ୍ରୀ ଓ ପିଲା ଛୁଆଙ୍କୁ ନେଇ ପରିବାର ଚଳନ୍ତ। ଜିଲ୍ଲା ଶ୍ରମ ବିଭାଗରେ ଦାଖଲ ହୋଇଥିବା ଏହି ଦସ୍ତାବିଜ କହୁଛି ତାଙ୍କର ୧୫/୧୧/୨୦୨୨ ରେ ମୃତ୍ୟୁ ହୋଇଛି। ଏବଂ ତାଙ୍କ ସ୍ତ୍ରୀ ଗାୟତ୍ରୀ ମାଝୀ ଉତ୍ତରାଧିକାରୀ ଭାବେ ମୃତ୍ୟୁ କାଳୀନ ସହାୟତା ରାଶି ପାଇଁ ଆବେଦନ କରି ୨ ଲକ୍ଷ ଟଙ୍କା ପାଇଛନ୍ତି। ଯାହାକୁ ନେଇ ପୁରୁଷତି ମାଝୀ କିଛି ଜାଣି ନଥିବା କହିବା ସହ ଦଲାଲ ଆସି ସରକାରଙ୍କ ତରଫରୁ ମାଗଣାରେ ଋଣ ଦିଆଯାଉଥିବା କହି ଦସ୍ତାବିଜ ନେଇଥିବା ବେଳେ ସେହି ଟଙ୍କାକୁ ମଧ ଚଞ୍ଚକତା ସହ ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଓ ପାପଡାହାଣ୍ଡି ବ୍ଲକର ୫ ଜଣ ନିର୍ମାଣ ଶ୍ରମିକ ଜୀବିତ ଥିବା ବେଳେ ସେମାନଙ୍କ ଅଜାଣତରେ ମୃତ ଦର୍ଶାଇ ମୃତ୍ୟୁ କାଳୀନ ସହାୟତା ରାଶି ୨ ଲକ୍ଷ ଟଙ୍କା ଲେଖାଏଁ ହଡ଼ପ କରିବା ଉଦ୍ଦେଶ୍ୟରେ, ଦଲାଲ ମାନେ ଉକ୍ତ ଶ୍ରମିକମାନଙ୍କୁ ଏକ ଲକ୍ଷ ଟଙ୍କାର ମାଗଣା ଋଣ କରାଇଦେବା ଆଶା ଦେଖାଇ ଦୁଇ ଲକ୍ଷ ମଞ୍ଜୁରୀ ହେଲା ପରେ ଏକ ଲକ୍ଷ ଶ୍ରମିକଙ୍କ ଆଉ ଏକ ଲକ୍ଷ ଦଲାଲଙ୍କର ଏବଂ ଏହି ଋଣ ଆଉ ପୈଠ କରିବାକୁ ପଡିବ ନାହିଁ ବୋଲି ଦଲାଲ ମାନେ କହି ଦସ୍ତାବିଜ ସଂଗ୍ରହ କରିଥିଲେ। ସେମାନଙ୍କ ଠାରୁ ଆଧାର କାର୍ଡ, ବ୍ୟାଙ୍କ ପାସବୁକ , ଲେବରକାର୍ଡ, ଫୋଟ ଆଦି ସଂଗ୍ରହ କରି ଅସାଧୁ ଉପାୟରେ ନକଲି ମୃତ ପ୍ରମାଣପତ ଓ ନକଲି ଉତ୍ତୋରାଧିକାରୀ ପ୍ରମାଣ ପତ୍ର ତିଆରି କରି ମୃତ୍ୟୁ କାଳୀନ ସହାୟତା ରାଶି ପାଇଁ ଜିଲ୍ଲା ଶ୍ରମ ବିଭାଗ କୁ ଆବେଦନ କରିଥିଲେ କ୍ଷ ଯାହାକୁ ଠିକସେ "ଜିଲ୍ଲା ଶ୍ରମ ଅଧିକାରୀ" ଯାଞ୍ଚ ନକରି ଉକ୍ତ ଶ୍ରମିକମାନଙ୍କ ନାମରେ ମୃତ୍ୟୁ କାଳୀନ ସହାୟତା ରାଶିକୁ ମଞ୍ଜୁର କରିଦେଇଥିଲା । ଏଠାରେ ପ୍ରଶ୍ନ ଉଠୁଛି ଯେ ଜିଲ୍ଲା ଶ୍ରମ ବିଭାଗ କରୁଛି କଣ? ଶ୍ରମବିଭାଗ ର ଅଧିକାରୀ ମାନେ ସାର୍ଟିଫିକେଟ ଗୁଡିକୁ ଯାଞ୍ଚ ନ କରିବାର କାରଣ କଣ ? ଦଲାଲଙ୍କ ସହ ମିଶି ଏଭଳି ଆତ୍ମସାତ କରିବାରେ ଲିପ୍ତ ନାହାନ୍ତି ତ ଅଧିକାରୀ ? ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି କରାଯାଉଛି । ଏହି ଘଟଣାକୁ ନେଇଁ ନବରଙ୍ଗପୁର ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁଙ୍କ ପ୍ରତିକ୍ରିୟା ନେବାରୁ ଘଟଣାରେ ସତ୍ୟତା ଥିବା ସ୍ୱୀକାର କରିବା ସହ ତାଙ୍କର ପୂର୍ବରୁ ଯେଉଁ ଅଧିକାରୀ ଥିଲେ ସେ କରିଥିବା କହିବା ସହ ବର୍ତମାନ ଆବେଦନ ପତ୍ର ଗୁଡିକର ଯାଞ୍ଚ କରାଯାଇ ସହାୟତା ରାଶି ଦିଆଯାଉଥିବା କହିଛନ୍ତି। ହଡପ କରାଯାଇଥିବା ସରକାରୀ ଅର୍ଥକୁ ନେଇ ଥାନାରେ କେଶ ରୁଜୁ କରାଯିବ ବୋଲି ସୂଚନା ଦେଇଛନ୍ତ। ଅନ୍ୟପଟେ ଜିଲ୍ଲାରେ ଗତ ୩ ବର୍ଷରେ ୧୫୦୦ରୁ ଅଧିକ ମୃତ୍ୟୁକାଳୀନ ସହାୟତା ରାଶି ପାଇଁ ଆବେଦନ ହୋଇଥିବା ବେଳେ ୭୫ ଟି ନକଲି ଆବେଦନ କରାଯାଇଥିବା ଜିଲ୍ଲା ଶ୍ରମ ବିଭାଗ ଜାଣିପାରିଥିଲା। ଯାହାକୁ ଯାଞ୍ଚ କରି ରିଜେକ୍ଟ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ଏମଜିଏନଆରଇଜିଏସ ବଞ୍ଚାଅ ପଦଯାତ୍ରା

ସେମିଳିଗୁଡ଼ା, ୨୯।୧ (ସମିସ): କୋରାପୁଟ ଜିଲ୍ଲାର ପଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ ଭି ବି ଜି ରାମ ଜି ହଟାଅ ଏବଂ ଏମ ଜି ଏନ ଆର ଇ ଜି ଏସ ବଞ୍ଚାଓ ଆନ୍ଦୋଳନ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହେଇଯାଇଛି। କଂଗ୍ରେସ ସରକାର ସମୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ନିଶ୍ଚିତ ଯୋଜନା ଆରମ୍ଭ କରାଯାଇ ଥିବା ବେଳେ ବିଜେପି ସରକାର ଉକ୍ତ ଯୋଜନାର ନାମକୁ ପରିବର୍ତ୍ତନ କରିବା ଘଟଣାକୁ ତୀବ୍ର ବିରୋଧ କରାଯାଇଛି। ଏମ ଜି ଏନ ଆର ଇଜିଏସ ବଞ୍ଚାଅ ଆନ୍ଦୋଳନ ପଦଯାତ୍ରା ସେମିଳିଗୁଡା ବ୍ଲକର ୧୭ ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ପଟ୍ଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ନେତା ରାମ ଚନ୍ଦ୍ର କାଡାମଙ୍କ ନେତୃତ୍ୱରେ କଂଗ୍ରେସର ନେତ୍ର ମଣ୍ଡଳୀଙ୍କ ଦ୍ୱାରା ସମିତି ଅନ୍ତର୍ଗତ ସୁବାଇ, ଗୁଣ୍ଠାପୁଟ, ରାଜ ପୁଟ, ରାଜପଲମା,ଉପରକାଣ୍ଟି ,ପାକଝୋଳା, ଦୁଧରୀ, ଚାରଙ୍ଗୁଲ, କୁନ୍ଦିଲି, ରେଙ୍ଗା, ସାଡାମ, ହଟଗୁଡ଼ା,ମୁଠାଇ, ସରୋଷୀ ପଦର , ଖୁଡି, ପିତାଗୁଡ଼ , ଦୋଲାଇ ଗୁଡ଼ା ପଞ୍ଚାୟତିରେ ନେତା କର୍ମୀ ସହ ଆନ୍ଦୋଳନ କରିବା ସହ ପଦଯାତ୍ରା କରି ଥିଲେ। ସେହିପରି ଦାମନଯୋଡି ରେ ମଧ ପଦଯାତ୍ରା କରି ଥିଲେ। ବିଧାୟକ କାଡାମ ସହ କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, କୋରାପୁଟ ବିଧାନସଭା ପ୍ରାର୍ଥୀ କୃଷ୍ଣ କୁଲଦୀପ, କୋରାପୁଟ ଜୋନ୍ ୨ ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ, ପୂର୍ବତନ ବିଧାୟକ ନିମାଇଁ ସରକାର ଏବଂ ବହୁ କଂଗ୍ରେସ କର୍ମୀ ଏବଂ ନେତା ଯୋଗ ଦେଇ ଦାମନନୋଡି ଶିଳ୍ପାଞ୍ଚଳରେ ଦାମନନୋଡି ଛକଠାରୁ ସତ୍‌ସଙ୍ଗ ପର୍ଯ୍ୟନ୍ତ ଭିବି ଜି ରାମ ଜି ହାଟାଓ ପଦଯାତ୍ରା କରି କେନ୍ଦ୍ର ରାଜ୍ୟ ସରକାର ବିରୋଧ ରେ ଗର୍ଜିଥିଲେ।

ଗର୍ଭବତୀ ପ୍ରେମିକାଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

ଜୟପୁର, ୨୯ ।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ମହିଳା ଥାନା ପୁଲିସ ପକ୍ଷରୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରେମିକାଙ୍କ ସହିତ ଦୈହିକ ସମ୍ପର୍କ ରଖିବା ପରେ ପ୍ରେମିକା ୪ ମାସର ଗର୍ଭବତୀ ପରେ ପ୍ରତାରଣା ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଜୟପୁର ଟାଉନଥାନା ହାନ୍ନା ଗୁଡା ଗ୍ରାମର ଅଭିଯୁକ୍ତ ଯୁବକ ସିମନ ନାଗ (୨୬) ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ଦୁର୍ଗନ୍ଧରେ ଫାଟିପଡୁଛି ରେଳଷ୍ଟେସନ ମୁଖ୍ୟ ରାସ୍ତା



ଟିକିରି,୨୯।୧(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ସ୍ଥିତ ରେଳବାଇ ମୁଖ୍ୟରାସ୍ତା ଫରେଷ୍ଟ ଅଫିସର ପାଖ ଛକରେ କୁଢକୁଢ ଅଳିଆ ଆବର୍ଜନା ପଡ଼ିରହିଛି। ସେହି ରାସ୍ତା ଦେଇ ଯାତାୟତ କରିବା ବହୁତ କଷ୍ଟ କର ହୋଇ ପଡୁଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିବ ମନ୍ଦିରକୁ ଯାଉଥିବା ଭକ୍ତମାନଙ୍କ ସହ ରେଳ ଷ୍ଟେସନ ଯିବା ବାଟରେ ଏହି ଅଳିଆ ଗଦା ପଡୁଛି। ଏହି ରାସ୍ତାରେ ପଥଚାରୀ ଚାଲିବା ବହୁ କଷ୍ଟକର ହେଉଛି। ସୂଚନା ଥାଉକି ଏହି ଜାଗାରେ ବିଭିନ୍ନ ଦୋକାନର ଅଳିଆ ଆବର୍ଜନା ଆଣି ସେଠାରେ ପକାଇ ଦିଆ ଯାଉଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏଥିପ୍ରତି ପଞ୍ଚାୟତ ଅଧିକାରୀ ଓ ବଣିକ ସଂଘ ଦୃଷ୍ଟି ଦେବା ସହ ଏହି ଜାଗାରେ କିପରି ଅଳିଆ ଆବର୍ଜନା ନ ପଡ଼େ, ସେଥିପାଇଁ ତାଗିଦ୍ କରିବା ସହ କିପରି ସଫା ହୋଇ ପାରିବ ଏଥିପ୍ରତି ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

ନିର୍ମାଣ ଚାଲିଛି ସ୍ମାର୍ଟ ପାର୍କ

ଉମରକୋଟ ସହରର ସୌନ୍ଦର୍ଯ୍ୟ ବଢିବ



ଉମରକୋଟ,୨୯।୧ (ସମିସ): ଖୁବ୍ ଶୀଘ୍ର ନୂଆ ରୂପ ପାଇବାକୁ ଯାଉଛି ଡଙ୍ଗରିଗୁଡା ପାହାଡ଼। ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଏହି ପାହାଡ଼ ପର୍ଯ୍ୟଟକଙ୍କ କେନ୍ଦ୍ର ବିନ୍ଦୁ ପାଲଟିବ। ଏହିଠାରେ ଶିଶୁ ଉଦ୍ୟାନ ଓ ପର୍ଯ୍ୟଟନ ସ୍ଥଳୀ ନିର୍ମାଣ କରିବାର ସ୍ୱପ୍ନର ସମୟ ପାଖେଇ ଆସୁଛି। ଦ୍ରୁତ ଗତିରେ ଚାଲିଛି ନିର୍ମାଣ କାର୍ଯ୍ୟ ଏହି ପାହାଡ଼ ଠାରେ କ୍ଷୁଦ୍ର ଅଟ୍ଟାଳିକା କ୍ଷୁଦ୍ର କଫି ଘର , ସ୍ମାର୍ଟ ପାର୍କ ଆଦି ସ୍ଥାନୀୟ ଲୋକଙ୍କୁ ରୋଜଗାର ଯୋଗାଇବା ସହ ପର୍ଯ୍ୟଟକଙ୍କୁ ମଧ ଆକୃଷ୍ଟ ମାଧମ ପାଲଟିବ। ନବରଙ୍ଗପୁର ଜିଲ୍ଲା ଉମରକୋଟ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର, ଜିଲ୍ଲା ଆର୍ଥିକ ସହର ଏହି ବ୍ୟସ୍ତ ଜୀବନ ମଧରେ ନିଜ ପରିବାର ସହ ସମୟ ବିତାଇବା ପାଇଁ ହାତ ଗଣତି ଦୁଇ ଚାରିଟା ପାର୍କ ଛାଡିଦେଲେ ଆଉ କିଛି ନାହିଁ। ଏଥି ପାଇଁ ତତ୍କାଳୀନ ବିଧାୟକ ତଥା ବର୍ତ୍ତମାନ ଓଡିଶା ସରକାର ଙ୍କ ଗଣ ଶିକ୍ଷା ମନ୍ତ୍ରୀ ସହର ଉପଖଣ୍ଡ ରେ ଥିବା ଡ଼ଙ୍ଗରୀଗୁଡା ପାହାଡ଼ କୁ ଲଣ୍ଡା ପାହାଡ଼ କୁ ନେଇ ଏକ ସ୍ମାର୍ଟ ପାର୍କ ପରିକଳ୍ପନା କରିଥିଲେ। କିନ୍ତୁ କିଛି କାରଣ ବଶତଃ ହୋଇ ପାରିନଥିଲା ଯାହା ଏବେ ପୂରଣ ହେବାକୁ ଯାଉଛି ଡଙ୍ଗରୀଗୁଡା ସ୍ମାର୍ଟ ପାର୍କ ନାମରେ। ପ୍ରାଥମିକ ସ୍ତରରେ ବିଧାୟକ ନିଜ ପାଣ୍ଠି ରୁ କିଛି ଅର୍ଥ ଦେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ୬ କୋଟି ଟଙ୍କା ପ୍ରସ୍ତୁତ ଗୋଟିଏ ମାଷ୍ଟର ପ୍ଲାନକୁ ମଂଜୁର ମିଳିଛି । ଯାହା ଫଳରେ କାର୍ଯ୍ୟ ଆରମ୍ଭ ହୋଇଛି। ଆଗାମୀ ଦିନରେ ଉମରକୋଟ ବାସୀ ଏକ ସ୍ମାର୍ଟ ପାର୍କର ମଜା ନେଇ ପାରିବେ। ଏଥିପାଇଁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ନବରଙ୍ଗପୁର ଆଡୁ ଉମରକୋଟ ଆସିବା ରାସ୍ତାରେ ସହର ଆରମ୍ଭରେ ଡ଼ଙ୍ଗରୀଗୁଡା ୩୯ ନମ୍ବର ରାଜ୍ୟରାଜପଥ କଡରେ ଡଙ୍ଗରୀଗୁଡା ପାହାଡ଼। ଦିନେ ଖଣି ମାଫିଆ ଓ ଜମି ମାଫିଆଙ୍କ କବ୍ଜାରେ ଥିଲା ୭ରୁ ଆଠ ଏକରର ପାହାଡ଼। ଜବର ଦଖଲ ଯୋଗୁଁ ପରିସୀମା ମାତ୍ର ପାଞ୍ଚ ଏକର ରହିଛି। ଏହି ପାହାଡକୁ ଏବେ ସ୍ମାର୍ଟ ପାର୍କର ରୂପ ଦିଆ ଯାଉଛି। ଏଥିପାଇଁ କାର୍ଯ୍ୟ ଜୋରସୋର ରେ ଚାଲିଛି। କାର୍ଯ୍ୟ ଆରମ୍ଭ ହେବା ଦେଖି ସହରବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଉମରକୋଟରେ ଏକ ସ୍ମାର୍ଟ ପାର୍କର ଆବଶ୍ୟକ ଥିଲା। ଡଙ୍ଗରୀଗୁଡାରେ ଏହା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ପାହାଚ, ୱାଚ ଟାୱାର, କେଫେ ନିର୍ମାଣ କରାଯାଉଛି। ଏହା ସହ ପ୍ରାୟ ଏଗାର କୋଟି ଟଙ୍କାର ପ୍ରସ୍ତୁତ ହୋଇଛ। ଅର୍ବାନ ଓ ପର୍ଯ୍ୟଟନ ବିଭାଗ ସହ ଆଲୋଚନା ହୋଇଛି। ଏହି ପାର୍କ ନିର୍ମାଣ ହେବା ପରେ ଉମରକୋଟର ସୌନ୍ଦର୍ଯ୍ୟ ବୃଦ୍ଧି ସହ ଲୋକଙ୍କୁ ମନରଞ୍ଜନ ପାଇଁ ସ୍ଥାନ ମିଳିବ ଓ କିଛି ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିବା ନେଇ ସାଧାରଣରେ ଆଲୋଚନା ଚାଲିଛି।

ରାଜେନ୍ଦ୍ର ଦୁରିଆ କାଶୀପୁର ବ୍ଲକ କଂଗ୍ରେସ ସଭାପତି



ଟିକିରି,୨୯।୧(ସମିସ): ରାୟଗଡା ଜିଲ୍ଲା କାଶୀପୁର ବ୍ଲକ କଂଗ୍ରେସର ନୂତନ ସଭାପତି ଭାବେ ବରିଷ୍ଠ ନେତା ରାଜେନ୍ଦ୍ର ଦୁରିଆଙ୍କୁ ନିଯୁକ୍ତ କରାଯାଇଛି। ନୂତନ ସଭାପତି ରାଜେନ୍ଦ୍ର ଦୁରିଆ ଦୀର୍ଘଦିନ ଧରି କଂଗ୍ରେସ ସହିତ ଜଡିତ ରହି ଦଳ ପାଇଁ ନିଷ୍ଠାର ସହିତ କାମ କରିଆସୁଛନ୍ତି। ତାଙ୍କ ନେତୃତ୍ୱରେ କାଶୀପୁର ବ୍ଲକରେ ସଂଗଠନକୁ ଅଧିକ ସକ୍ତିଶାଳୀ କରାଯିବ ବୋଲି ସେ କହିଛନ୍ତି। ତାଙ୍କ ନିଯୁକ୍ତି ପରେ କାଶୀପୁର ବ୍ଲକ କଂଗ୍ରେସ କର୍ମୀମାନେ ଖୁସି ପ୍ରକାଶ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସିୟୁଓ ଓ ଏସଓଏ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ



କୋରାପୁଟ,୨୯।୧(ସମିସ): କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ମିଳିତ ଗବେଷଣା, ଶିକ୍ଷାଗତ ଆଦାନ ପ୍ରଦାନ ଓ ଆଉଟରିଚ୍ କାର୍ଯ୍ୟକଳାପକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), କୋରାପୁଟ ଏବଂ ଶିକ୍ଷା ଓ ଅନୁସନ୍ଧାନ (ଏସଓଏ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏସଓଏର କୁଳପତି ସମ୍ମିଳନୀ କକ୍ଷରେ ଏମଓୟୁରେ ସିୟୁଓ ପକ୍ଷରୁ ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ଏସଓଏ ପକ୍ଷରୁ କୁଳପତି ପ୍ରଫେସର ଡ. ପ୍ରଦୀପ୍ତ କୁମାର ନନ୍ଦ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ସିୟୁଓର କୃଷି ବିଭାଗର ମୁଖ୍ୟ ଡ. ମଞ୍ଜୁଶ୍ରୀ ସିଂହ ଓ ଦୁଗ୍ଧ ବିଜ୍ଞାନ ବିଭାଗର ମୁଖ୍ୟ ଡ଼. ସଞ୍ଜୟ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଏସଓଏ ପକ୍ଷରୁ କୃଷି ବିଜ୍ଞାନ ସଂସ୍ଥାର ଡିନ୍ ପ୍ରଫେସର ଡ. ସନ୍ତୋଷ କୁମାର ରାଉତ ସହ ଅନ୍ୟାନ୍ୟ ଅଧ୍ୟାପକମାନେ ଯୋଗ ଦେଇଥିଲେ।ଏହି ଏମଓୟୁ କୃଷି ଓ ଅନ୍ୟାନ୍ୟ ଚିହ୍ନଟ କ୍ଷେତ୍ରରେ ସହମତିଭିତ୍ତିକ ସଂଯୁକ୍ତ ଗବେଷଣା କାର୍ଯ୍ୟକ୍ରମ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ସିୟୁଓ ଓ ଏସଓଏରେ ଉପଲବ୍ଧ ପ୍ରୟୋଗଶାଳା ଓ ଅନ୍ୟାନ୍ୟ ସୁବିଧା ବ୍ୟବହାର କରି ଗବେଷଣା ଓ ଆଉଟରିଚ୍ କାର୍ଯ୍ୟକଳାପ କରିପାରିବେ ବୋଲି ପ୍ରଫେସର ଶ୍ରୀ ପଣ୍ଡା କହିଥିଲେ। ଏହି ଏମଓୟୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବୈଧ ରହିବ ଏବଂ ପାରସ୍ପରିକ ସହମତି ଓ କାର୍ଯ୍ୟଦକ୍ଷତା ଆଧାରରେ ଆଗାମୀ ଦିନରେ ବଢ଼ାଯାଇପାରିବ ବୋଲି ସିୟୁଓର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କହିଛନ୍ତି।

ଶ୍ରୀଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ନାଲକୋ ଇଡିଙ୍କୁ ସମ୍ବର୍ଦ୍ଧନା



ଦାମନଯୋଡ଼ି,୨୯।୧(ସମିସ): ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ନିରଞ୍ଜନ ସାମଲଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ମନ୍ଦିର କମିଟିର ଏକ ବୈଠକରେ ଚଳିତ ମାସ ଅବସର ନେବାକୁ ଥିବା ଇଂ ଶ୍ରୀସାମଲଙ୍କୁ କମିଟି ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମହାପ୍ରଭୁଙ୍କ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉଲ୍ଲେଖନୀୟ ଶ୍ରୀ ସାମଲ ୧୯୮୯ମସିହାରୁ ନାଲକୋରେ ଜିଇଟି ରୂପେ ଯୋଗ ଦେଇ ବିଭିନ୍ନ ପଦପଦବୀରେ ନିଷ୍ଠାପର କର୍ତ୍ତବ୍ୟ କରିଥିଲେ। ନିଜ ପ୍ରତିକ୍ରିୟାରେ ଶ୍ରୀ ସାମଲ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ କୃପା ସହିତ ଅନୁଭୂତି ବାଣ୍ଟିଥିଲେ। ସମ୍ବର୍ଦ୍ଧନା ସମୟରେ କମିଟି ସଭାପତି ତଥା ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ,ଡିଜିଏମ ସତ୍ୟରଞ୍ଜନ ସାହୁ,ସମ୍ପାଦକ କୈଳାସ ସେନାପତି,ଯୁଗ୍ମ ସଂପାଦକ ଅବିନାଶ ଜେନା ଓ ତ୍ରିଲୋଚନ ଚୌଧୁରୀଙ୍କ ସହିତ ସଦସ୍ୟ ରଞ୍ଜନ କୁମାର ବେହେରା,ବିମଳ ନାୟକ, ଅନାମ ଚରଣ ନାୟକ,ନକୁଳ ଚରଣ ପତି,କୈଳାସ ମହାରଣା,ନିରଞ୍ଜନ ପଣ୍ଡା, ଭଞ୍ଜନ ମହାପାତ୍ର,ନାରାୟଣ ସାହୁ, ହରେନ୍ଦ୍ରନାଥ ଗିରି, ସୁଶାନ୍ତ ଦାଶ,ଜଳେନ୍ଦ୍ର ତ୍ରିପାଠୀ, ଅମର ଦାସ,ଆର.ଏନ.ମୁଦୁଲି ଓ ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଡ଼ଃ ଅଶୋକ କୁମାର ମହାନ୍ତି ମଞ୍ଚ ସଂଯୋଜନା କରିଥିବା ବେଳେ ମୁରଲୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଦୁଇ ଗାଈ ଉପରେ ଓଲଟିଲା ଟ୍ରକ୍

ବୈପାରୀଗୁଡ଼ା,୨୯।୧ (ସମିସ): ବୈପାରୀଗୁଡା ଥାନା ଅନ୍ତର୍ଗତ ଶୁକ୍ରିଗୁଡା ଘାଟିରେ ଓଲଟିଲା କୁଣ୍ଡା ବୋଝେଇ ଟ୍ରକ। ଏହି ଦୁର୍ଘଟଣାରେ ଦୁଇଟି ଗାଈର ମୃତ୍ୟୁ ହୋଇଥିବା ଜଣାପଡିଛି। ଘଟଣା ଅନୁଯାୟୀ, ଆନ୍ଧ୍ର ପ୍ରଦେଶର ବିଜୟୱାଡ଼ା ଅଭିମୁଖେ ଏକ କୁଣ୍ଡା ବୋଝେଇ ଟ୍ରକ ଯାଉଥିଲା। ହେଲେ ଶୁକ୍ରୀ ଗୁଡା ଘାଟିରେ ଆଜି ଅପରାହ୍ନ ୪ଟା ବେଳେ ଭରସାମ୍ୟ ହରାଇ ଟ୍ରକ୍ ଓଲଟି ପଡ଼ିଥିଲା। ସେହି ସମୟରେ ରାସ୍ତା କଡ଼ରେ ଶୁକ୍ରିଗୁଡାର କମଲୁ ଜାନୀଙ୍କ ଦୁଇଟି ଗାଈ ଟ୍ରକ୍ ତଳେ ଚାପି ହୋଇ ଯିବାରୁ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁଇଟି ଗାଈର ମୃତ୍ୟୁକୁ ନେଇ କ୍ଷତିପୂରଣ ପ୍ରଦାନ ନିମନ୍ତେ ଥାନାର ଦ୍ୱାରସ୍ଥ ହୋଇଛନ୍ତି କମୁଲୁ ଜାନୀ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

କଂଗ୍ରେସ ବ୍ଲକ ଓ ଟାଉନ ସଭାପତିଙ୍କ ନାମ ଘୋଷିତ

କୋରାପୁଟ,୨୯।୧ (ସମିସ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ ପରେ କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ଜିଲ୍ଲା କମିଟି ଗଠନ କରି ପଦାଧିକାରୀ ମାନଙ୍କ ନାମ ଘୋଷଣା କରିଛନ୍ତି। ଏହା ସହ ବ୍ଲକ ଓ ଟାଉନ ସଭାପତିଙ୍କ ନାମ ମଧ ଘୋଷଣା କରାଯାଇଛି। କମିଟିରେ ଉପସଭାପତି ପଦରେ ୩୩ ଜଣ ରହିଥିବା ବେଳେ ସାଧାରଣ ସଂପାଦକ ପଦବୀରେ ୧୭ ଏବଂ ସଂପାଦକ ପଦବୀରେ ୧୧ ଜଣ ରହୁଛନ୍ତି ।ବରିଷ୍ଠ କଂଗ୍ରେସ ନେତା ନିହାର ରଞ୍ଜନ ବିଷୋୟୀଙ୍କୁ ପୁନର୍ବାର କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ କମିଟିରେ ସାଂସଦ ଓ ବିଧାୟକ ମାନଙ୍କ ସହ ୩୦ ଜଣ ବରିଷ୍ଠ ନେତା ରହିଛନ୍ତି ।କୋରାପୁଟ ଜିଲ୍ଲାର ୧୪ ଟି ବ୍ଲକ ମଧ୍ୟରୁ ୧୩ ଟି ବ୍ଲକର ସଭାପତିଙ୍କ ନାମ ଘୋଷଣା କରାଯାଇଥିବା ବେଳେ କେବଳ ଦଶମନ୍ତପୁର ବ୍ଲକ ସଭାପତିଙ୍କ ନାମ ଘୋଷଣା କରାଯାଇ ପାରିନାହିଁ।କୋରାପୁଟ ବ୍ଲକ ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ କୋରାପୁଟ ବ୍ଲକ କଂଗ୍ରେସ ସଭାପତି ଭାବେ ମନୋନୀତ ହୋଇ ଥିବା ବେଳେ ଟାଉନ କଂଗ୍ରେସ ସଭାପତି ଭାବେ ଜୟନ୍ତ କୋଟିମ ପୁଣି ମନୋନୀତ ହୋଇଛନ୍ତି। ସେହିପରି ସୁନାବେଡ଼ା ଟାଉନ କଂଗ୍ରେସ ସଭାପତି ଭାବେ ଦେବେନ କୁଲଦୀପ,ଜୟପୁର ଟାଉନ କଂଗ୍ରେସ ସଭାପତି ଭାବେ ନରେନ୍ଦ୍ର କୁମାର ମହାନ୍ତି ଏବଂ କୋଟପାଡ ଟାଉନ କଂଗ୍ରେସ ସଭାପତି ଭାବେ ମଣି ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି।

ମଦନ ହାଡ଼ପୁଟିଆ ନନ୍ଦପୁର ବ୍ଲକ କଂଗ୍ରେସ ସଭାପତି



ନନ୍ଦପୁର,୨୯।୧(ସମିସ): ନନ୍ଦପୁର ବ୍ଲକର ନୂତନ ବ୍ଲକ୍ ସଭାପତି ଭାବେ ଯୁବ ନେତା ମଦନ ହାଡ ପୁଟିଆ ମନୋନୀତ କରିଛନ୍ତି । ତାଙ୍କ ନିଯୁକ୍ତିକୁ ନେଇ ଯୁବ ଗୋଷ୍ଠୀ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଜିଲ୍ଲା ନାଗରିକ କମିଟିର ଆଲୋଚନା ସଭା

ନବରଙ୍ଗପୁର,୨୯।୧(ସମିସ): ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର ନିକଟ ହୋଟେଲ ତୃପ୍ତି ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଜିଲ୍ଲା ସଦରମହକୁମାରେ ସରକାରଙ୍କ ପ୍ରସ୍ତାବିତ ନୂତନ ମେଡିକାଲ କଲେଜ ସ୍ଥାପନ ସମ୍ବନ୍ଧରେ ଏକ ଆଲୋଚନା ସଭା ସଭାପତି କମିଟି ସଭାପତି ତଥା ନବରଙ୍ଗପୁର ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ପାଦକ ରାମ ପ୍ରସାଦ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ କମିଟିର ଉପଦେଷ୍ଟା ତଥା ସରକାରୀ ଅଧିବକ୍ତା ଝାଡେଶ୍ୱର ଖାଡଙ୍ଗା, ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ, ରାଜ୍ୟ ଅମଲା ସଂଘ ସଭାପତି ତ୍ରିପତୀ ବାଲାଜୀ ସାହୁ, ନବରଙ୍ଗପୁର କଲେଜ ଆଲୁମିନି କମିଟି ସଭାପତି ଗଣେଶ ଦାଶ, ଜିଲ୍ଲା ଆଇନଜୀବୀ ସଂଘ ସଭାପତି ସିରାଜୁଦ୍ଦିନ ଅହମ୍ମଦ, ଶିକ୍ଷାବିତ୍ ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଶିକ୍ଷାବିତ୍ ତଥା କବି ବିଜୟ ଚୌଧୁରୀ, ଶିକ୍ଷାବିତ୍ ପ୍ରାକ୍ତନ ପ୍ରାଧାପକ ଡଃ ବିଜୟ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ନବରଙ୍ଗପୁର ସଦରମହକୁମା ଠାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଆନୁସଙ୍ଗିକ ସୁବିଧା ଓ ଯଥାର୍ଥତା ସମ୍ବନ୍ଧରେ ନିଜ ନିଜ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ନବରଙ୍ଗପୁର ବିଶିଷ୍ଟ ଆଇନଜୀବୀ ସନ୍ତୋଷ ମିଶ୍ର, ରବୀନ୍ଦ୍ର ପ୍ରସାଦ ପାଢ଼ୀ, ସମରେଶ ଗନ୍ତାୟତ, ଲକ୍ଷ୍ମୀ ପ୍ରସାଦ ବିଷୋୟୀ, ନିରଞ୍ଜନ ମିଶ୍ର, ଶ୍ରୀକାନ୍ତ ମହାନ୍ତି, ପ୍ରଭାସିନୀ ମହାନ୍ତି ପ୍ରମୁଖ ବୁଦ୍ଧିଜୀବୀ ଜିଲ୍ଲା ସଦରମହକୁମା ରେ ମେଡିକାଲ କଲେଜ ସ୍ଥାପନ ଯୁକ୍ତିଯୁକ୍ତ ଓ ଏଥିପାଇଁ ସମସ୍ତ ସଂଗଠନ ଓ ବ୍ୟକ୍ତି ବିଶେଷ ସରକାର ଙ୍କ ନିକଟରେ ଉପସ୍ଥାପନ କରାଯିବାପାଇଁ ମତବ୍ୟକ୍ତ କରିଥିଲେ। ଘୋଷଣା ର ଏକ ବର୍ଷ ବିତିଯାଇଥିଲେ ମଧ ମେଡିକାଲ କଲେଜ ସ୍ଥାପନ ପାଇଁ ଏପର୍ଯ୍ୟନ୍ତ କୌଣସି ଆନୁସଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇନଥିବା ଯୋଗୁଁ ଓଡ଼ିଶା ସରକାରଙ୍କ ନିକଟରେ ନିବେଦନ ଉପସ୍ଥାପନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲ୍ଲାର ସମସ୍ତ ସଂଗଠନ କୁ ନେଇ ଏକ କମିଟି ଗଠନ କରିବା ପାଇଁ ବିଭିନ୍ନ ବକ୍ତା ମତ ପ୍ରକାଶ କରିଥିଲେ। କମିଟିର ସହକାରୀ ଆବାହକ ଆଇନଜୀବୀ ପ୍ରଦୀପ ସାହୁ, କୋଷାଧକ୍ଷ ଶ୍ରୀନିବାସ ପାତ୍ର, ସଦସ୍ୟ ସୁବ୍ରତ ବେହେରା, ଶରତ ଦାଶ, ବିବେକାନନ୍ଦ ପଣ୍ଡା, ସଦସ୍ୟା ସରକାରୀ ଆଇନଜୀବୀ କିଶୋରୀ ପଟ୍ଟନାୟକ, ସଦସ୍ୟା ସ୍ୱର୍ଣ୍ଣ ଲତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ତପନ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନଜୀବୀ ବୀରେନ୍ଦ୍ର କୁମାର ନାୟକ, ଟି. ନନ୍ଦିକେଶ୍ୱର ରାଓ, ମୀନାକ୍ଷୀ ପାଢ଼ୀ, ସିଦ୍ଧାର୍ଥ ଶଙ୍କର ବେହେରା, ଉମାକାନ୍ତ ବେହେରା, ଭୁବନେଶ୍ୱର ସୁର, ରବି ପ୍ରସାଦ ଶତପଥୀ, ବୀରେନ୍ଦ୍ର ମୋହନ ନାୟକ, ଜିଲ୍ଲା କିନ୍ନର ସଂଘ ଅଧକ୍ଷ ମନୋଜ ପଟ୍ଟନାୟକ, କବି ରାମ କୃଷ୍ଣ ପାତ୍ର, ଅଧ୍ୟାପକ ଅଖିଳ ଭଟ୍ଟ, ଲକ୍ଷ୍ମୀ କାନ୍ତ ପଣ୍ଡା ପ୍ରମୁଖ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

ମନରେଗା ବଞ୍ଚାଅ ଆନ୍ଦୋଳନ

ନନ୍ଦପୁର, ୨୯।୧ (ସମିସ): ଗୁରୁବାର ନନ୍ଦପୁର ୨୩ଗୋଟି ଗ୍ରାମ ପଞ୍ଚାୟତରେ କଂଗ୍ରେସ କର୍ମୀ ଓ ନେତା ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନନ୍ଦପୁର ସଦର ମହକୁମା ରେ ବିରାଟ ଶୋଭାଯାତ୍ରାରେରେ ପଟାଙ୍ଗୀ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳୀୟ ନେତା ରାମ ଚନ୍ଦ୍ର କାଡ଼ାମ ବିଜେପି ସରକାରଙ୍କୁ ମନରେଗା ଜାତୀୟ ଯୋଜନାର ନାମ ପରିବର୍ତ୍ତନ ନେଇ କଡ ସମାଲୋଚନା କରିଥିଲେ। ମନରେଗା ଯୋଜନାର ନାମ ସୁରକ୍ଷିତ ନ ରହିଲେ ନିଆଁ ଜଳିବ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ରୂପକ ତୁରୁକ, ପୂର୍ବତନ ବିଧାୟକ ନିମାଇଁ ସରକାର, ବିଧାୟକ ପ୍ରତିନିଧି କାମେଶ କାମୁଡି, ଜିଲ୍ଲା କଂଗ୍ରେସ ଉପ ସଭା ପତି ଦେବେନ୍ଦ୍ର ଖେମୁଣ୍ଡୁ ବ୍ଲକ ସଭାପତି ମଦନ ହାଡ ପୁଟିଆ, ଯୁବ ନେତା ସଞ୍ଜୀବ ଖରା, ମଧୁ ସୁଦନ ଖେମୁଣ୍ଡୁ, କ୍ଷୀରଦ ରାଉତ, ରାମକୃଷ୍ଣ ପଡ଼ାଲ, ପୂର୍ବତନ ସରପଞ୍ଚ ଧନ ପତି ସୀସା, ବାବୁ ରାଓ ଖରା, ଭୁବନ ଆ ସନନ୍ଧାରି, ରାମ ଦାସ ଖିଲ୍ଲ, ପୂର୍ବତନ ସରପଞ୍ଚ ଖେଶବ୍ ଖରା ସମେତ ଯୁବ କର୍ମୀ ଯୋଗ ଦେଇଥିଲେ ।

ବାଇକ ଚୋରି ଅଭିଯୋଗ

ଜୟପୁର,୨୯ ।୧(ସମିସ): ଜୟପୁର ଟାଉନଥାନା ଗ୍ଲୋକାଲ ଛକ ନିକଟରେ ଥିବା ଏକ ଘର ସମ୍ମୁଖରୁ ବାଇକ ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଏସ. ଜାନି ଗତକାଲି ଘର ସମ୍ମୁଖରେ ଗାଡି ରଖି ଘରେ ଶୋଇଥିବା ସମୟରେ ତାଙ୍କ ବାଇକ ଚୋରି ହୋଇଯାଇଛି। ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରି ବାଇକ ନ ପାଇବାରୁ ସେ ଆଜି ଟାଉନଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



୰ ଦେବବାଳା ମହାପାତ୍ର
ମହତାବ ରୋଡ୍, କଟକ
ଆବିର୍ଭାବ : ୧୯.୦୨.୧୯୬୯
ତିରୋଧାନ : ୨୦.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ

ସକାଳ
THE SAKALA

ମୟୂରଭଞ୍ଜ ପୁସ୍ତକ ମେଳା

ଷଷ୍ଠ ସନ୍ଧ୍ୟାରେ ସାରସ୍ୱତ ଆସର



ବାରିପଦା, ୨୯ ।୧(ସମିସ)

ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ସାରସ୍ୱତ ଆସର ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀଙ୍କ ପ୍ରବନ୍ଧ, ଏକକ ଅଭିନୟ ଓ ସଙ୍ଗୀତ ପ୍ରତିଯୋଗିତାରୁ ଏହି ଆସର ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ସଦସ୍ୟା ଅଧ୍ୟାପିକା ଡ. ଗାୟତ୍ରୀ ଦେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ତୋତ୍ରପାଠ କରିଥିଲେ। କବି ଓ ନାଟ୍ୟକାର ଅଜିତ କୁମାର ପାଣିଗ୍ରାହୀ ମଞ୍ଚ ଆମନ୍ତ୍ରଣ ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଅଜୟ କୁମାର ପାଳ, ଜିଲ୍ଲା ସମ୍ପାଦକ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପୁରୀଙ୍କ ପୌରୋହିତ୍ୟରେ ସାରସ୍ୱତ କାର୍ଯ୍ୟକ୍ରମ ଆଗକୁ ବଢ଼ିଥିଲା। ବିଶିଷ୍ଟ କବୟିତ୍ରୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଓଡ଼ିଆ ଭାଷା ଓ ସାହିତ୍ୟର ଗବେଷକ ଡ. ନାରାୟଣ ପ୍ରସାଦ ବେହେରା, ଅଧ୍ୟକ୍ଷ ଏମ୍‌ପିସି ସ୍ୱୟଂଶାସିତ କଲେଜ, ଯୁବ ସାହିତ୍ୟିକ ତାପସ ରଞ୍ଜନ ମଲ୍ଲିକ, ତହସିଲଦାର କୁଳିଅଣା ଓ ବିଶିଷ୍ଟ ସ୍ତମ୍ଭକାର କଲ୍ୟାଣ କୁମାର ସିହ୍ନା, ବରିଷ୍ଠ ସାମ୍ବାଦିକ ମୁଖ୍ୟଅତିଥି, ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଓ ସମ୍ମାନିତ ବକ୍ତା ଭାବେ ଯୋଗଦେଇ କବି ଓ ଲେଖକମାନେ ସମାଜ ସୁଧାରକ। ଆଜିର ଦିନରେ ଜନସାଧାରଣ ଓ ମୁଖ୍ୟତଃ ଛାତ୍ରଛାତ୍ରୀଙ୍କୁ ପଠନମୁଖୀ କରିବା ପାଇଁ ପୁସ୍ତକ ମେଳା ଆୟୋଜନ ଉପରେ ଗୁରୁତ୍ୱ ଦେବା ସହିତ ମେଳାରୁ ପ୍ରତ୍ୟେକେ ନିଜ ପସନ୍ଦ ମୁତାବକ ଉପାଦେୟ ପୁସ୍ତକ କ୍ରୟକରି ଜ୍ଞାନର ପରିସୀମା ପରିବ୍ୟାପ୍ତ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ।

ଏ ଅବସରରେ କବି ଓ ପ୍ରବନ୍ଧିକା ଡଃ ଅର୍ଚ୍ଚନା ପ୍ରଧାନଙ୍କ ଦୁଇଟି ସାରସ୍ୱତ ଉପହାର କବିତା ସଂକଳନ 'ଅନ୍ତର୍ଧାରା' ଓ ଆଲୋଚନା ପୁସ୍ତକ 'କିଛି ସୃଷ୍ଟି କିଛି ଦୃଷ୍ଟି' ଲୋକାର୍ପଣ ହୋଇଥିଲା। ଲେଖିକା ନିଜର ଦୁଇ ସୃଷ୍ଟି ଉପରେ ସଂକ୍ଷିପ୍ତ ଲେଖକୀୟ ବକ୍ତବ୍ୟ ରଖିଥିଲେ। ପୁସ୍ତକ ଦୁଇଟିର ସଂକ୍ଷେପ ସମୀକ୍ଷା କରିଥିଲେ ମୁଖ୍ୟବକ୍ତା ଡ.ବେହେରା। କାର୍ଯ୍ୟକ୍ରମ ପରିଚାଳନାରେ ଶିଉଲାଲ ମହାନ୍ତ, ଜୟଶ୍ରୀ ଜେନା, କାବେରୀ ମିଶ୍ର, ବାସନ୍ତୀଲତା ମହାପାତ୍ର, ଗୋପାଳ ସାଓ, ଡ. ସଞ୍ଜୀ କୁମାର ପାଣିଗ୍ରାହୀ, ଶିବ ଚରଣ ନାଏକ, ଡଃ. ଶଶୀଧର ବିଶ୍ୱାଳ, ବୀଣାପାଣି ପଣ୍ଡା, ଅଜିତ କବାଟ ଓ କୈବଲ୍ୟ ପ୍ରସାଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଗାଳ୍ପିକା ଶ୍ରୀମତୀ ରାଜଲକ୍ଷ୍ମୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଚିତ୍ରଡ଼ା ଉତ୍ସବ ଉଦ୍‌ଯାପିତ

ଗୌତମ ଓ ଅନୁରାଧାଙ୍କ ଗୀତରେ ଝୁମିଲେ ଦର୍ଶକ



ମୋରଡ଼ା, ୨୯।୧(ସମିସ): ସାଧାରଣତନ୍ତ୍ର ଦିବସରେ ଆରମ୍ଭ ହୋଇଥିବା ଚିତ୍ରଡା ଉତ୍ସବ ଉଦ୍‌ଯାପିତ ହୋଇଛି। ମାର୍କେଟ ସାହି ମା' ତାରିଣୀ ଯୁବକ ସଙ୍ଘ ଆନୁକୂଲ୍ୟରେ ତିନି ଦିନ ଧରି ବିଭିନ୍ନ ଜିମ୍ନାଷ୍ଟିକ କ୍ରୀଡା ପ୍ରତିଯୋଗିତା ସାଙ୍ଗକୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ବିଭିନ୍ନ ପ୍ରକାର ଜିମ୍ନାଷ୍ଟିକ ଖେଳ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ସନ୍ଧ୍ୟାରେ ମୁଖ୍ୟଅତିଥି ସମିତି ସଭ୍ୟ ତନୟ ଦାସ, ମୁଖ୍ୟବକ୍ତା ସରପଞ୍ଚ ମାଳତୀ ମାର୍ଣ୍ଡି, କମିଟିର ବରିଷ୍ଠ ସଦସ୍ୟ ଅମରେନ୍ଦ୍ର ସିଂବାବୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହାପରେ ଝୁମର କଳା ଜଗତର ସୁନାମଧନ୍ୟ କଣ୍ଠଶିଳ୍ପୀ ଗୌତମ ମହାନ୍ତ ଓ କରମ ରାଜା ଝୁମର ପ୍ରତିଷ୍ଠାନର କାର୍ଯ୍ୟକ୍ରମ ଦେଖିବା ପାଇଁ ହଜାର ହଜାର ସଂଖ୍ୟାର ଲୋକଙ୍କ ଭିଡ଼ ଜମିଥିଲା। ତୃତୀୟ ତଥା ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ମୋରଡା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାପସ ରାଉତ, ମୁଖ୍ୟବକ୍ତା ବରିଷ୍ଠ କଂଗ୍ରେସ ନେତା ମୋହନ ଦାସ, ସମ୍ମାନିତ ଅତିଥି ମୋରଡା ମା' ଶୀତଳା ଡ୍ରେସର ମୁଖ୍ୟ, କମିଟିର ବରିଷ୍ଠ ସଦସ୍ୟ ଭୁବନ ଜିତବାବୁ, ଲିପ୍ସା ଦେହୁରୀ, ଅମରେନ୍ଦ୍ର ସିଂବାବୁ ପ୍ରମୁଖ ଯୋଗ ଦେଇ ଚିତ୍ରଡା ମାଟି ସ୍ୱାଭିମାନର ମାଟି ଓ ଏ ମାଟିରୁ କେମିତି ପ୍ରତିଭାଧାରୀ ଖେଳାଳି ମାନେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନାମ କରି ପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ତେବେ ଚଳିତବର୍ଷ କମିଟି ତରଫରୁ ବେଷ୍ଟ ଭୋଲେନଟିୟାର ଭାବେ ରାଜୁ ମହାନ୍ତଙ୍କୁ ଚୟନ କରାଯାଇଛି।

ଯୋଗେନ୍ଦ୍ର ହେଲେ ସାଂସଦଙ୍କ ଡିଆର୍‌ଡିଏ ପ୍ରତିନିଧି

ମହୁଲଡିହା, ୨୯।୧(ସମିସ): କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ମୟୂରଭଞ୍ଜ ଡିଆରଡିଏ ପ୍ରତିନିଧି ଭାବେ ଯୋଗେନ୍ଦ୍ର ମହାନ୍ତ ଯୋଗଦାନ କରିଛନ୍ତି। ସାଂସଦ



ଗତ ୨୭ ତାରିଖରେ ଏ ସଂକ୍ରାନ୍ତରେ ଡିଆରଡିଏ ସିଇଓଙ୍କୁ ଚିଠି କରିବା ସହ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଯୋଗେନ୍ଦ୍ର ୨୯ ତାରିଖରେ ବାରିପଦାସ୍ଥ ଜିଲ୍ଲା କାର୍ଯ୍ୟାଳୟରେ ନିଯୁକ୍ତି ପତ୍ର ହସ୍ତାନ୍ତର କରି ଯୋଗଦାନ କରିଛନ୍ତି। ସେ ତାଙ୍କର ଯୋଗଦାନ ପତ୍ର ଏଡିଏମ ଦୁଖବନ୍ଧୁ ନାୟକଙ୍କୁ ଦେଇଛନ୍ତି। ଯୋଗେନ୍ଦ୍ର ସାଂସଦଙ୍କ ପ୍ରତିନିଧି ଭାବେ ଡିଆରଡିଏରେ ସମସ୍ତ ବୈଠକରେ ଅଂଶଗ୍ରହଣ କରିବା ସହ ନିର୍ବାଚନ ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ ବୋଲି କହିଛନ୍ତି।

ପୂର୍ବତନ ମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝୀଙ୍କ ଶ୍ରାଦ୍ଧ ଦିବସ

ବାରିପଦା, ୨୯ ।୧(ସମିସ): ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଚୈତନ୍ୟ ପ୍ରସାଦ ମାଝୀଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିମାନେ ସ୍ୱର୍ଗତ ମାଝୀଙ୍କ ସେବା ଓ ଅବଦାନକୁ ସ୍ମରଣ କରିଥିଲେ। ଉପାଧ୍ୟକ୍ଷା ସଂଘମିତ୍ରା ନାୟକ, ଜ୍ଞାନରଞ୍ଜନ ପଣ୍ଡା, ଦେବଶ୍ରୀତା ବିଶ୍ୱାଳ, ସୁଜାତା ପାଲ, କବିତା ସାହୁ, ଲକ୍ଷ୍ମୀ ଚାପିଆର, ସଂଯୁକ୍ତା ମହାନ୍ତ, ସିରାମ ଟୁଡୁ, ଡ. ଠାକୁରା ଚରଣ ମାରାଣ୍ଡି, ଜ୍ୟୋତିର୍ମୟୀ ଗିରି, ଏନଏସଏସ ପ୍ରୋଗ୍ରାମ ଅଫିସର ସୁଶ୍ରୀ ନାୟକ, ରେଡକ୍ରସ ଇନଚାର୍ଜ ପୂଜା ଶତପଥୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୟୂରଭଞ୍ଜ ସାଇନ୍ସ ଉଚ୍ଚମାଧ୍ୟମିକ ସ୍କୁଲର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଚିତ୍ତରଞ୍ଜନ ପତିଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ

ବାରିପଦା, ୨୯ ।୧(ସମିସ): ଚିତ୍ତରଞ୍ଜନ ପତି ଫାଉଣ୍ଡେସନ ପକ୍ଷରୁ ସମାଜସେବୀ ତଥା ସୁସଂଗଠକ ସ୍ୱର୍ଗତ ଚିତ୍ତରଞ୍ଜନ ପତିଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଫାଉଣ୍ଡେସନର ସଭାପତି ଡକ୍ଟର ମନତୋଷ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ନାସା ଫାଉଣ୍ଡେସନର ସଭାପତି ଡକ୍ଟର ସରୋଜ ନାୟକ ମୁଖ୍ୟଅତିଥି, ଗୋପବନ୍ଧୁ ସାହିତ୍ୟ ସଂସଦ ସମ୍ପାଦକ ଅମିତାଭ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ପତିଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପଦ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସୁଶୀଲ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀନାରାୟଣ ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ପ୍ରଦୀପ୍ତ ପତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

ଶ୍ରୀଜଗନ୍ନାଥ ଗୁରୁକୁଳର ବାର୍ଷିକ ଉତ୍ସବ

ସାନକେରକୋ, ୨୯ ।୧(ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତ ଅଧୀନସ୍ଥ ସାନନୂଆଗାଁ (ବାଗାନ)ଠାରେ ଅବସ୍ଥିତ ଶ୍ରୀଜଗନ୍ନାଥ ଗୁରୁକୁଳ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାନେତ୍ରୀ ଅଞ୍ଜଳି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ବ୍ରଜଗୋପାଳ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରତାପ କେଶରୀ ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ଭାରତୀୟ ଶିକ୍ଷା ପରିଷଦର ଆବାହକ ଡା ଆଦିତ୍ୟ କୁମାର ପଣ୍ଡା ଯୋଗ ଦେଇଥିଲେ। ପରିଚାଳନା କମିଟି ସମ୍ପାଦିକା ପ୍ରୀତିରେଖା ପରିଜା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟା ଭାନୁପ୍ରିୟା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ବୀରକିଶୋର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଶୁଳିଆପଦା ପୁଲିସ ପକ୍ଷରୁ ସଚେତନତା ଶିବିର

ଶୁଳିଆପଦା, ୨୯।୧(ସମିସ): ଶୁଳିଆପଦା ବ୍ଲକ କୋଷ୍ଠା ପଞ୍ଚାୟତ ଅଧୀନ ମହୁଲିସାହିରେ ସ୍ଥାନୀୟ ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ମୟୂରଭଞ୍ଜ ଏସପିଙ୍କ ନିର୍ଦ୍ଦେଶକ୍ରମେ ଶୁଳିଆପଦା ପୁଲିସ ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମଦ ମାରିବା, ବିକ୍ରି କରିବା, ସେବନ କରିବା, ଗୁଟଖା ଖାଇବା, ଜୁଆ ଖେଳ, ବିଭିନ୍ନ ପ୍ରକାର କୁସଂସ୍କାର, ନାବାଳିକା ଝିଅର ବିବାହ ନ କରିବା ଓ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା। ଏହି ଗାଁରେ ବିଭିନ୍ନ ପ୍ରକାର ନିଶା ସେବନ କରି ଅଳ୍ପ ବୟସରେ ଯୁବକମାନେ ମୃତ୍ୟୁମୁଖରେ ପଡ଼ିବା ସହିତ ଜୁଆ ଖେଳରେ ସର୍ବସ୍ୱାନ୍ତ ହେଉଥିବାରୁ ଗ୍ରାମର ମହିଳା ଏଣିକି ମଦ ବିରୋଧୀ ଅଭିଯାନ ପାଇଁ ଅଣ୍ଟା ଭିଡିଛନ୍ତି। ଶୁଳିଆପଦା ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟନାରାୟଣ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



ସଭାରେ ଶୁଳିଆପଦା ଏଏସଆଇ ରୂପଶ୍ରୀ ସ୍ୱାଇଁ, କୋଷ୍ଠା ସରପଞ୍ଚ ସୁମିତ୍ରା ଦାସ, ସମିତି ସଭ୍ୟା ନୟନା ପଲେଇ, ଶୁଳିଆପଦା ମଣ୍ଡଳ ବିଜେପି ସଭାପତି ପ୍ରଭାତୀ ସେଠୀ, ଯୁବ ସଂଗଠକ ଅନ୍ତର୍ଯ୍ୟାମୀ କାନୁନଗୋ, ପୂର୍ବତନ ସରପଞ୍ଚ ଚନ୍ଦ୍ରମୋହନ ନାଏକଙ୍କ ସମେତ ଶତାଧିକ ପୁରୁଷ, ମହିଳା ଓ ଯୁବକ ଉପସ୍ଥିତ ଥିଲେ।

ଉକ୍ତ ସଚେତନତା ଶିବିର ପରେ ଗାଁ ମହିଳାଙ୍କୁ ନେଇ ଏକ ମଦ ବିରୋଧୀ କମିଟି ଗଠନ ହୋଇଛି। କମିଟିର ମାଆମାନେ ଗାଁରେ ନିଶା ଦ୍ରବ୍ୟ ବିକ୍ରି, ସେବନ ସହିତ ଜୁଆ ଖେଳ କରାଇ ଦେବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯେଉଁମାନେ ଉଲ୍ଲଙ୍ଘନ କରିବେ, ସେ ଦଣ୍ଡିତ ହେବ ବୋଲି ପୁରୁଷମାନେ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ।

ଭଲିବଲ କୋଚ୍ ମନୋରଞ୍ଜନ ଜୀଉଙ୍କୁ ସମ୍ବର୍ଦ୍ଧନା

ବାରିପଦା, ୨୯ ।୧(ସମିସ): ଉତ୍ତରପ୍ରଦେଶର ବନାରସଠାରେ ଅନୁଷ୍ଠିତ ୭୨ତମ ଜାତୀୟ ଭଲିବଲ ଚାମ୍ପିଅନସିପ ଅବସରରେ ବାରିପଦାର ଭଲିବଲ କୋଚ ମନୋରଞ୍ଜନ ଜୀଉ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ଚାମ୍ପିଅନସିପରେ ଓଡ଼ିଶା ଭଲିବଲ ଦଳର କୋଚ ତଥା ଓଡ଼ିଶା ଭଲିବଲ ଆସୋସିଏସନର ଉପସଭାପତିଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଆନ୍ଧ୍ରପ୍ରଦେଶ, ବିହାର, ତେଲେଙ୍ଗାନାକୁ ପରାସ୍ତ କରିଥିଲା। ଏ ଅବସରରେ ଶ୍ରୀ ଜୀଉଙ୍କୁ ସମ୍ବର୍ଦ୍ଧିତ



କରାଯାଇଥିଲା। ନିକଟ ଅତୀତରେ ପାଇକସାହିସ୍ଥ ରଞ୍ଜିତ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଭଲିବଲ ଚାମ୍ପିଅନସିପ ଅବସରରେ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ଜୀଉଙ୍କଠାରୁ ପ୍ରଶିକ୍ଷଣ ପାଇ ବହୁ ଖେଳାଳି ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ହାସଲ କରି ଜିଲ୍ଲା ପାଇଁ ସୁନାମ ଆଣିବା ସହ ବହୁ ପଦପଦବୀରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ ବେହେରା, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ବିଜେପି ସରକାର ବିରୁଦ୍ଧରେ ଯୁବ କଂଗ୍ରେସର ବିକ୍ଷୋଭ

ମୋରଡା, ୨୯।୧(ସମିସ): ଯୁବ କଂଗ୍ରେସ କର୍ମୀ ବିଜେପି ସରକାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଭାସକର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମୋରଡା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତଙ୍କ ନେତୃତ୍ୱରେ ଏକ ବିଶାଳ କଂଗ୍ରେସ ରାଲି ସ୍ଥାନୀୟ ପାରିଆଉଡ଼ାରୁ ଆରମ୍ଭ ହୋଇ ବିଭିନ୍ନ ନାରା ଦେଇ ବ୍ଲକ କାର୍ଯ୍ୟାଳୟକୁ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ପୁରୀ ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ



ଦାସ, ଆଲୋକ ଦାସ ଯୋଗଦେଇ ବିଜେପି ଉପରେ ବର୍ଷିଥିଲେ। ପରେ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୋରଡା ବିଡିଓ ଅଣାକର ନାଏକଙ୍କୁ ପ୍ରଦାନ କରାଯାଇଥିଲା।

ବୃତ୍ତି ପରୀକ୍ଷାରେ କିସ୍ ଛାତ୍ରୀଙ୍କ ସଫଳତା

ବାରିପଦା, ୨୯ ।୧(ସମିସ): ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ମୟୂରଭଞ୍ଜର ପ୍ରମୁଖ ଶିକ୍ଷାନୁଷ୍ଠାନ କିସ୍ ଆବାସିକ ବିଦ୍ୟାଳୟର ଛାତ୍ରୀ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ବୃତ୍ତି ପରୀକ୍ଷା ଦେଇଥିବା ସମସ୍ତ ଚାରିଜଣ ଛାତ୍ରୀ ଜବାମଣି ଟୁଡୁ, ରିଙ୍କି ଟୁଡୁ, ସୀତା ହାଁସଦା, ମାୟା ଟୁଡୁ ସରକାରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବା ସହ ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଛନ୍ତି। ଉକ୍ତ ସଫଳତା ପାଇଁ ଅନୁଷ୍ଠାନର ପ୍ରଧାନଶିକ୍ଷକ ଗଣେଶ ମିଶ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ ପ୍ରକାରର ସୁବିଧା ଓ ସହଯୋଗ ପ୍ରଦାନ ପାଇଁ ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଦ୍ୟାଳୟ ଆରମ୍ଭ ହେବା ଦିନରୁ ପ୍ରତ୍ୟେକ ବର୍ଷ ଉଭୟ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଭାଗ ନେଉଥିବା ସମସ୍ତ ଛାତ୍ରୀ ବୃତ୍ତି ପାଉଛନ୍ତି।



ମହୁଲିଆ ଆଦର୍ଶ ବିଦ୍ୟାଳୟରେ ଜାତୀୟ କନ୍ୟା ଦିବସ

ରାସଗୋବିନ୍ଦପୁର, ୨୯।୧(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ମହୁଲିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। କନ୍ୟାମାନଙ୍କ ସୁରକ୍ଷା, ଶିକ୍ଷା ଓ ସମାଜରେ ସେମାନଙ୍କର ସମାନ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଛାତ୍ରଛାତ୍ରୀ ନାରୀ ସଶକ୍ତିକରଣ ଓ ସମାଜ ଗଠନରେ କନ୍ୟାମାନଙ୍କ ଭୂମିକା ଉପରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଅଧ୍ୟକ୍ଷ ବାସୁଦେବ ଦାସ ପୌରୋହିତ୍ୟ କରି କନ୍ୟା ସନ୍ତାନଙ୍କ ଶିକ୍ଷା ଓ ସାମାଜିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ବାର୍ଷିକ ଉତ୍ସବ ଚିରନ୍ତିନୀ ଉଦ୍‌ଯାପିତ

କୁଳିଅଣା, ୨୯।୧(ସମିସ): କୁଳିଅଣା ବ୍ଲକର ଚାନ୍ଦୁଆ ସରକାରୀ ଏସଏସଡି ବିଦ୍ୟାଳୟ ବାର୍ଷିକ ଉତ୍ସବ ଚିରନ୍ତିନୀ ଉଦଯାପିତ ହୋଇଛି। ଡିଡବ୍ଲୁଓ ଗୁରୁଚରଣ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ସ୍ୱତନ୍ତ୍ର ଅତିଥି ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ, କୁଳିଅଣା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର ମୁର୍ମୁ, ପ୍ରଫୁଲ୍ଲ କୁମାର ସେଠୀ, କୁଳିଅଣା ବ୍ଲକ ଶିକ୍ଷାଧିକାରୀ ରଶ୍ମିରଞ୍ଜନ ଗିରି, ବୈକୁଣ୍ଠ ପ୍ରଧାନ, କୁଳିଅଣା ବ୍ଲକ ଚାନ୍ଦୁଆ ଥାନା ଅଧିକାରୀ ଲକ୍ଷ୍ମଣ ନାୟକ, ଡକ୍ଟର ଭବାନୀ ଶଙ୍କର ବେହେରା, ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ସିଂ, ମନୋଜ କୁମାର ପତି ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଗୌରମୋହନ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି

ଶୁଳିଆପଦା, ୨୯।୧(ସମିସ): ଗୌରମୋହନ ସାତୁଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପ୍ରଥମ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାତୁଆଙ୍କ ପରଲୋକ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ଉକ୍ତ ବିଦ୍ୟାଳୟରେ ଅଧ୍ୟକ୍ଷ ଦେବବ୍ରତ ଦେ, ସମସ୍ତ ଅଧ୍ୟାପକ ଅଧ୍ୟାପିକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ଶୋକସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ସ୍ୱର୍ଗତ ସାତୁଆଙ୍କ ଆତ୍ମାର ସଦଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

ନବନିର୍ମାଣ କୃଷକ ସଂଘର ରାସ୍ତା ଅବରୋଧ

ବେତନଟୀ, ୨୯।୧(ସମିସ): ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡକରା ଦିଆଯାଇଥିବାବେଳେ ସଂଗଠନ ପକ୍ଷରୁ ବେତନଟୀ ସତସଙ୍ଗବିହାର ନିକଟରେ ରାଜରାସ୍ତାକୁ ଅବରୋଧ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲା ଚାଷୀ ସଂଘ ସଭାପତି ପ୍ରାଣବନ୍ଧୁ ପଲେଇ ଓ ବ୍ଲକ ସଭାପତି ପ୍ରଶାନ୍ତ କରଣଙ୍କ ନେତୃତ୍ୱରେ ବିଭିନ୍ନ ସମସ୍ୟା ସମାଧାନ ନେଇ ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ସଂଗଠନ ପକ୍ଷରୁ ବଡ଼ସାହି ବ୍ଲକ ସଭାପତି ରାମକୃଷ୍ଣ ନାୟକ, ପଦ୍ମଲୋଚନ ମହାନ୍ତ, ହରିଶ ଦାସ, ମଙ୍ଗଳ ସିଂ, ମହେନ୍ଦ୍ର ମହାନ୍ତ, ମୀନକେତନ ଗିରି, ସନ୍ତୋଷ ଗିରି, ଦଲୁରାମ ସିଂ, ଶ୍ରବଣ ଛାଟିଆ, ସୁବଳ ସାମିଲ, ଜୟନ୍ତ ମହାନ୍ତି, ସାଲ ଖାନ, ସୁଦାମ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

ମାଣତ୍ରୀ ମହାଶିବରାତ୍ରି ମେଳା ପ୍ରସ୍ତୁତି ବୈଠକ

ବିଭାଗୀୟ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ପାଇଁ ଉପଜିଲ୍ଲାପାଳଙ୍କ ଗୁରୁତ୍ୱ

ବଡସାହି/ମାଣତ୍ରୀ, ୨୯ ।୧ (ସମିସ)

ଆସନ୍ତା ୧୫ ତାରିଖରେ ମହାଶିବରାତ୍ରି। ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ପ୍ରସ୍ତୁତି। ଏହାକୁ ଦୃଷ୍ଟିରେ ରଖି ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବଡସାହି ବ୍ଲକ ଅଧୀନ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରର ପ୍ରସିଦ୍ଧ ମହାଶିବରାତ୍ରି ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ତହସିଲଦାର କରୁଣାକର ଧିନ୍ଦା, ଉପଖଣ୍ଡ ପୁଲିସ ଅଧିକାରିଣୀ ମିନତୀ ବିଶ୍ୱାଳ, ମାଣତ୍ରୀ ଡାକ୍ତରଖାନାର ଭାରପ୍ରାପ୍ତ ଚିକିତ୍ସାଧିକାରୀ ସହକାରୀ ଯନ୍ତ୍ରୀ, ବିଦ୍ୟୁତ ବିଭାଗର ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭଗର ଅଧିକାରୀ, ପିଡବ୍ଲୁଡି, ଗ୍ରାମ୍ୟ ଉନ୍ନୟନ, ଆରଡବ୍ଲୁଏସଏସ ଯନ୍ତ୍ରୀ, ଅବକାରୀ, ଅଗ୍ନିଶମ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ନାଏବ ସରପଞ୍ଚ, ପଟ୍ଟାଦାର ଓ ସେବାୟତ ଉପସ୍ଥିତ ରହି



ଆଲୋଚନାରେ ଭାଗ ନେଇଥିଲେ। ପ୍ରାରମ୍ଭରେ ମନ୍ଦିର ପରିଛା ପ୍ରଦୀପ କୁମାର ପଣ୍ଡା ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ମେଳାକୁ କିପରି ସରସ ସୁନ୍ଦର କରାଯାଇପାରିବ, ତା' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏକବାରଠାରୁ ଶିବରାତ୍ରି ମହାଦୀପ ଉଠିବା ପର୍ଯ୍ୟନ୍ତ ବ୍ରତୀମାନଙ୍କ ସୁରକ୍ଷା, ନିଃଶୁଳ୍କ ସ୍ଥାନ ନିରୂପଣ, ଅପରାଧ ନିୟନ୍ତ୍ରଣ ପାଇଁ ମନ୍ଦିର ପରିସରରେ ସିସି ଟିଭି କ୍ୟାମେରା ଲଗାଇବା, ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା, ପୁଲିସ, ସ୍ୱେଚ୍ଛାସେବୀଙ୍କ ସେବା, ପିଇବା ପାଣି, ମନ୍ଦିର, ମେଳା ପଡ଼ିଆ ଓ ବଗିଚା ସଫେଇ, ବ୍ୟାରିକେଡ ନିର୍ମାଣ, ପଞ୍ଚାୟତରେ ଥିବା ସମସ୍ତ କୂପ ଓ ନଳକୂପ ମରାମତି, ବ୍ଲିଚିଂରେ ଶୋଧନ ସହିତ ଅସ୍ଥାୟୀ ପାଇଖାନା ଓ ପରିଶ୍ରାଗାର ନିର୍ମାଣ, ସ୍ୱାସ୍ଥ୍ୟ ଶିବିର, ଆମ୍ବୁଲାନ୍ସ ଓ ଦମକଳ ସେବା ଉପରେ ଗୁରୁତ୍ୱ ଦିଆଯାଇଛି।

ସେହିପରି ଟ୍ରାଫିକ ବ୍ୟବସ୍ଥା ପାଇଁ ମାଣତ୍ରୀ ଛକରୁ ଚମ୍ପାନାଞ୍ଜି ମଧ୍ୟରେ ସମସ୍ତ ଯାନ ଚଳାଚଳ ନିଷିଦ୍ଧ କରାଯିବା ସହିତ ପାର୍କିଂ ବ୍ୟବସ୍ଥା କରାଯାଇଛି। ଏତଦବାଦ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମନ୍ଦିରର ରଙ୍ଗ ଓ ସୌନ୍ଦର୍ଯ୍ୟକରଣ କାମ, ବେଢ଼ା, ମେଜିଆ, ନେତ୍ର ନାଳୁଆ, ରୋଷଶାଳ ମରାମତି ଶିବରାତ୍ରି ମେଳା ପୂର୍ବରୁ ସାରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଶିବରାତ୍ରିରେ ଶତାଧିକ ଦଣ୍ଡବତୀ ଦଣ୍ଡ ପଡ଼ି ରାସ୍ତାରେ ଆସୁଥିବାରୁ ଭକ୍ତଙ୍କ ଭାବାବେଗକୁ ଆଖିରେ ରଖି ମନ୍ଦିରକୁ ସଂଯୋଗ କରୁଥିବା ବେତନଟୀ-ମାଣତ୍ରୀ ଆରଡି ରାସ୍ତାର ଦୁର୍ଗାପୁରଠାରୁ ଚମ୍ପାନାଞ୍ଜି ପର୍ଯ୍ୟନ୍ତ ତୁରନ୍ତ ମରାମତି ପାଇଁ ଉପଜିଲ୍ଲାପାଳ ଉଦଳା ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମେଳା କମିଟି ପକ୍ଷରୁ ସ୍ଥାନ ଆବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଚଳିତ ଥର ମେଳାରେ ଯାତ୍ରାନୁଷ୍ଠାନ ଓଁକାର ଓ ଗ୍ରାଣ୍ଡମହଲ ପର୍ଯ୍ୟାୟକ୍ରମେ ସାତଦିନ ସେମାନଙ୍କ ନାଟକ ପରିବେଷଣ କରିବେ।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



୰ ଦେବବାଳା ମହାପାତ୍ର
ମହତାବ ରୋଡ୍, କଟକ
ଆବିର୍ଭାବ : ୧୯.୦୨.୧୯୨୯
ତିରୋଧାନ : ୨୦.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ

ରାଜ୍ୟସଭା ରାଜନୀତି ଗୋଳିଆ

ଭୁବନେଶ୍ୱର,୨୯।୧(ସମିସ): ରାଜ୍ୟସଭା ଚତୁର୍ଥ ଆସନକୁ ନେଇ ଦିନକୁ ଦିନ ଗୋଳିଆ ହେଉଛି ଓଡ଼ିଶା ରାଜନୀତି । ବୁଧବାର ପିସିସି ସଭାପତି ଭକ୍ତଚରଣ ଦାସ ରାଜ୍ୟସଭା ଚତୁର୍ଥ ଆସନକୁ ନେଇ ନବୀନଙ୍କୁ ଭେଟିବେ ବୋଲି କହିବା ପରେ ଆଜି ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା ବିଜେଡି ଦୁଇଟି ଆସନରେ ବିଜୟୀ ହୋଇପାରେ ବୋଲି ପୂର୍ବାନୁମାନ କରିଛନ୍ତି । ଏଥିପାଇଁ ଦଳର ସଭାପତି ରଣନୀତି ପ୍ରସ୍ତୁତ କରିଥିବା ସାରଦା କହିଛନ୍ତି । ପୂର୍ବରୁ ବିଜେଡି-କଂଗ୍ରେସ ମିଳିତ ପ୍ରାର୍ଥୀ ଦେବାକୁ ଭକ୍ତ ଦାସ ଆଗ୍ରହ ପ୍ରକାଶ କରିବା ପରେ ଆଜି ସାରଦାଙ୍କ ଟିପ୍ପଣୀ ଅନେକ ଗୁରୁତ୍ୱବହନ କରୁଛି ।

ବିଧାୟକ ଶ୍ରୀ ଜେନା କହିଛନ୍ତି ଯେ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ବିଜେପି ୨ଟି ଓ ବିଜେଡି ଖାତାକୁ ଗୋଟିଏ ସିଟ୍ ଯିବା ନିଶ୍ଚିତ ଥିବାବେଳେ ଚତୁର୍ଥ ଆସନ ମଧ୍ୟ ଆମ ଦଳକୁ ଆସିବ। ଆମେ ରାଜ୍ୟସଭାର ୨ଟି ଆସନ ନିଶ୍ଚିତ ଭାବେ ନେଉଛୁ। ଦଳର ସଭାପତି ନବୀନ ପଟ୍ଟନାୟକ ଏଥିପାଇଁ ସମସ୍ତ ରଣନୀତି

- ବିଜେଡି ଖାତାକୁ ଆସିବ ଦୁଇଟି ଆସନ: ଶାରଦା
- ଅଙ୍କ କଷିବ ଯିଏ, ଚତୁର୍ଥ ଆସନ ତାର: ବିଶ୍ୱେଶ୍ୱର
- ପୂର୍ବାନୁମାନ କରିବା ସମ୍ପୂର୍ଣ୍ଣ ବୋକାମୀ: ସମୀକ୍ଷକ

ପ୍ରସ୍ତୁତ କରି ରଖିଛନ୍ତି। କେବଳ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ଜେନା କହିଛନ୍ତି। ଏପଟେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ବିଶ୍ୱେଶ୍ୱର ଟୁଡୁ କହିଛନ୍ତି ଯେ ଚତୁର୍ଥ ଆସନ ପାଇଁ କାହା ପାଖରେ ଆବଶ୍ୟକୀୟ ସଂଖ୍ୟା ନାହିଁ। ଯିଏ ଅଙ୍କ କଷିବ, ସିଏ ଆସନ ହାତେଇବ। ସମସ୍ତ ଦଳ ଚାହିଁବେ ରାଜ୍ୟସଭାରେ ନିଜ ସଂଖ୍ୟା ବଢ଼ାଇବା ପାଇଁ। ବିଜେପିର ଶୀର୍ଷ ନେତୃତ୍ୱ ମଧ୍ୟ ଏ ନେଇ ଚିନ୍ତା କରୁଛନ୍ତି ବୋଲି ଶ୍ରୀ ଟୁଡୁ କହିଛନ୍ତି।

ଅପରପକ୍ଷରେ ରାଜନୈତିକ ସମୀକ୍ଷକଙ୍କ ମତରେ ଚତୁର୍ଥ ଆସନ ପାଇଁ କାହା ପାଖରେ ଆବଶ୍ୟକୀୟ ସଂଖ୍ୟା ନାହିଁ। ମାତ୍ର ପିସିସି ସଭାପତିଙ୍କ ବୟାନ ନିଶ୍ଚିତ ଭାବେ ବିଜେପିକୁ ଅଙ୍କଳରେ ପକାଇଛି। ଯଦି ଚତୁର୍ଥ ଆସନ ପାଇଁ ବିଜେଡି କଂଗ୍ରେସର ପ୍ରସ୍ତାବକୁ ଗ୍ରହଣ କରିନିଏ, ତାହେଲେ ବିଜେପିର ସଂଖ୍ୟା ୨ରେ ସୀମିତ ହୋଇ ରହିଯାଇପାରେ। ତେଣୁ ନବୀନଙ୍କ ସହ ଭକ୍ତଙ୍କ ଭେଟଘାଠ ଏବଂ ଏହା ପରେ ନବୀନଙ୍କ ନିଷ୍ପତ୍ତି ଚତୁର୍ଥଆସନର ସଂଖ୍ୟା ଖେଳର ଭବିଷ୍ୟତ ନିର୍ଦ୍ଧାରଣ କରିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ ବିନା ନବୀନରେ ଚତୁର୍ଥ ଆସନ ହାତେଇବା କାହା ପକ୍ଷରେ ବି ସମ୍ଭବ ନୁହେଁ। ଉଭୟ ବିଜେପି ଓ କଂଗ୍ରେସ ୪ର୍ଥ ଆସନ ପାଇଁ ନବୀନଙ୍କ ଉପରେ ନିର୍ଭରଶୀଳ ଥିବାବେଳେ ନବୀନଙ୍କ ଗୋଟିଚାଳନାକୁ ସମସ୍ତେ ଅପେକ୍ଷା କରିଛନ୍ତି। ପୂର୍ବରୁ ଅନେକ ନିର୍ବାଚନରେ ନବୀନ ସରପ୍ରାଇଜ କାର୍ଡ ଖେଳିଥିବା ବେଳେ ନବୀନଙ୍କୁ ନେଇ କୌଣସି ପୂର୍ବାନୁମାନ କରିବା ବୋକାମୀ ହେବ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ

ପ୍ରମୁଖ ବିକାଶ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଆଲୋଚନା

ଭୁବନେଶ୍ୱର,୨୯।୧(ସମିସ): ରାଜ୍ୟର ଦୀର୍ଘକାଳୀନ ଅଭିବୃଦ୍ଧି ଓ ସଂସ୍କାର ଏଜେଣ୍ଡାକୁ ଆଗକୁ ବଢ଼ାଇବା ସହିତ ପ୍ରମୁଖ ବିକାଶ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରିଛନ୍ତି। ଗୁରୁବାର ଲୋକସେବା ଭବନରେ ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବାଙ୍ଗାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନାରେ ସମାବେଶୀ ଏବଂ ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବା, ଘରୋଇ କ୍ଷେତ୍ରର ନିଯୁକ୍ତି ପାଇଁ ଭାରତର ଯୁବବର୍ଗଙ୍କୁ କୁଶଳୀ କରିବା, ଭିତ୍ତିଭୂମି ବିକାଶ, ସାମାଜିକ କ୍ଷେତ୍ରର ପରିଣାମରେ ସୁଧାର ଆଣିବା ଏବଂ ପ୍ରଯୁକ୍ତିବିଦ୍ୟା ପରିଚାଳିତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଭିତ୍ତିଭୂମି, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବୃଦ୍ଧି ଏବଂ ପର୍ଯ୍ୟଟନ ଦ୍ୱାରା ଯୁବକ ଏବଂ ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଏବଂ ସଂସ୍କାରମୂଳକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ରାଜ୍ୟର ବିକାଶମୂଳକ ପ୍ରୟାସ ଏବଂ ସଂସ୍କାର ଆଭିମୁଖ୍ୟକୁ ପ୍ରଶଂସା କରିବା ସହ ରାଜ୍ୟର ଯୁବକମାନଙ୍କ ପାଇଁ ଅଧିକ ଘରୋଇ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବା ପାଇଁ ଦକ୍ଷତା ନିର୍ମାଣ ଉପରେ ଧ୍ୟାନ କେନ୍ଦ୍ରୀତ କରିଥିବାରୁ ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ରାଜ୍ୟକୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ଶ୍ରୀ ବାଙ୍ଗା ସଂସ୍ଥାଗତ ସାମର୍ଥ୍ୟକୁ ସୁଦୃଢ଼ କରିବା ଏବଂ ସରକାରୀ-ଘରୋଇ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଉଭୟ ପକ୍ଷ ବୈଶ୍ୱିକ ଏବଂ ଆଞ୍ଚଳିକ ଆର୍ଥିକ ଆହ୍ୱାନ, ଭିତ୍ତିଭୂମି ନିର୍ମାଣ, ସହରୀକରଣ ପରିଚାଳନା ଏବଂ ସ୍ଥାୟୀ ସମ୍ବଳ ପରିଚାଳନା ଭଳି ସମସ୍ୟାର



ସମାଧାନ ପାଇଁ ସହଯୋଗୀ ଆଭିମୁଖ୍ୟର ଆବଶ୍ୟକତା ଉପରେ ମତ ବିନିମୟ କରିଥିଲେ। ରାଜ୍ୟର ବିକାଶ ପ୍ରାଥମିକତା ଏବଂ ବିଶ୍ୱ ବ୍ୟାଙ୍କର ରଣନୈତିକ ଉଦ୍ଦେଶ୍ୟ ସହିତ ଯୋଡ଼ିହୋଇ ସହଯୋଗର ନୂତନ କ୍ଷେତ୍ରଗୁଡ଼ିକୁ ଅନ୍ୱେଷଣ କରିବା ଲାଗି ଉଭୟ ପକ୍ଷ ସହମତ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ବାଙ୍ଗାଙ୍କୁ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ପ୍ରଦାନ କରିଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂହ ଏବଂ ବିଶ୍ୱ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଏବେ ବି ନବୀନ ଅଦ୍ୱିତୀୟ ନେତା: ଦିବ୍ୟଶଙ୍କର

ଭବାନୀପାଟଣା,୨୯ ।୧(ସମିସ): ରାଜ୍ୟ ରାଜନୀତିରେ ବହୁ ରାଜନୈତିକ ଦଳର ଆବିର୍ଭାବ ଘଟିଛି, ଏବେ ମଧ୍ୟ ଘଟୁଛି। କିନ୍ତୁ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଦ୍ୱିତୀୟ ନେତା ନବୀନ ପଟ୍ଟନାୟକ ଆଜି ମଧ୍ୟ ସମସ୍ତଙ୍କ ହୃଦୟରେ ଅଛନ୍ତି। ସେ ଜଣେ ନୀତିନିଷ୍ଠ ସର୍ବମାନ୍ୟ ନେତା। ସେ ବିଜୁ ଜନତା ଦଳର ବଳ ବୋଲି ସାମ୍ବାଦିକ ସମ୍ମିଳନୀରେ ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ସ୍ଥାନୀୟ ମିଡ୍ ଟାଉନ୍ ହୋଟେଲ ପରିସରରେ ପୂର୍ବତନ ସାଂସଦ ତଥା ବଲାଙ୍ଗିର ବିଧାୟକ କଳିକେଶ ସିଂହଦେଓଙ୍କ ସମ୍ପର୍କରେ ଦେଇଥିବା ମତାମତ ସମ୍ପର୍କରେ ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ସ୍ପଷ୍ଟୀକରଣ ଦେଇଛନ୍ତି।



ଶ୍ରୀ ମିଶ୍ର କହିଛନ୍ତି, ବଲାଙ୍ଗିରରେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମୁଁ ଅତିଥି ଭାବେ ଯୋଗଦେଇ ବିଧାୟକ କଳିକେଶ ସିଂହଦେଓଙ୍କ ପ୍ରଶଂସା କରିଥିଲି। ଯୁବପିଢ଼ି ତାଙ୍କୁ ଜଣେ ରୋଲ୍ ମଡେଲ ଭାବେ ଗ୍ରହଣ କରି ଆଗକୁ ବଢ଼ିପାରିବେ ବୋଲି କହିଥିଲି। ରାଜ୍ୟସ୍ତରରେ ଯୁବକମାନଙ୍କ ନେତୃତ୍ୱ ନେବା ପାଇଁ ତାଙ୍କର ଯଥେଷ୍ଟ ଦକ୍ଷତା ରହିଛି ଏବଂ ତାଙ୍କ ଜେଜେବାପା ମଧ୍ୟ ମୁଖ୍ୟମନ୍ତ୍ରୀ ଥିଲେ ବୋଲି ଉଲ୍ଲେଖ କରିଥିଲି। ବଲାଙ୍ଗିରରେ ଦେଇଥିବା ମୋ ଉକ୍ତ ବକ୍ତବ୍ୟକୁ କିଛି ଗଣମାଧ୍ୟମ ଭୁଲ୍ ଢଙ୍ଗରେ ଉପସ୍ଥାପନା କରୁଛନ୍ତି। ତେଣୁ, ଏ ସମ୍ପର୍କରେ ସ୍ପଷ୍ଟ କରିବାକୁ ଚାହେଁ ଯେ ଓଡ଼ିଶାର ସର୍ବମାନ୍ୟ ନେତା ଏବଂ ମୋର ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ସେ ଅଦ୍ୱିତୀୟ ଏବଂ ତାଙ୍କର ମାର୍ଗଦର୍ଶନରେ ଆମେ ସମସ୍ତେ ବିଧାୟକ, ସାଂସଦ, ନେତୃମଣ୍ଡଳୀ ତଥା ସମସ୍ତ ଦଳୀୟ କର୍ମକର୍ତ୍ତା କାମ କରୁଛୁ। ତାଙ୍କ ନେତୃତ୍ୱରେ ଓଡ଼ିଶାବାସୀଙ୍କ ସେବା ଆଗକୁ ବି ଜାରି ରଖିବୁ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଛାତ୍ରନେତା ଅବିନାଶ ଠାକୁର ଓ ଯୁବନେତା ମହେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

୯୪ ଲକ୍ଷ ଠକେଇ: ୩ ସାଇବର୍ ଠକ ଗିରଫ

ଭୁବନେଶ୍ୱର,୨୯।୧(ସମିସ): ନକଲି ବାଣିଜ୍ୟ ଆବେଦନ ମାଧ୍ୟମରେ ହୋଇଥିବା ଏକ ଠକେଇ ମାମଲାର ତଦନ୍ତ କରି ସାଇବର ଥାନା ପୁଲିସ ଗୁରୁବାର ୩ ଜଣ ସାଇବାର ଠକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେବଗଡ଼ ଜିଲ୍ଲା ରିଆମାଳର ଲାଲା ବସନ୍ତରା (୨୧), ମାନସ କୁମାର ସାହୁ (୩୦) ଓ ଚିନ୍ମୟ ସାହୁ (୧୯)। ଅଭିଯୁକ୍ତମାନେ ଷ୍ଟକ୍ ଟ୍ରେଡିଂ ପ୍ଲାଟଫର୍ମ ମାଧ୍ୟମରେ ଅଭିଯୋଗକାରୀଙ୍କୁ ୯୪ ଲକ୍ଷ ୬୨ ହଜାର ୪୬୧ ଟଙ୍କା ଠକେଇ କରିଥିଲେ।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କୁ ଅଭିଯୁକ୍ତମାନେ ସେବି ପଞ୍ଜିକୃତ ଆର୍ଥିକ ପ୍ରତିଷ୍ଠାନର ପ୍ରତିନିଧି ବୋଲି ନିଜକୁ ପରିଚୟ ଦେଇ ଏକାଧିକ ହ୍ୱାଟ୍ସ୍ ଅପ୍ ଗୋଷ୍ଠୀରେ ଯୋଡ଼ିଥିଲେ। ଏହି ଗୋଷ୍ଠୀଗୁଡ଼ିକ ଷ୍ଟକ୍, ସେୟାର ଓ ଆଇପିଓ ବାଣିଜ୍ୟରେ ଉଚିତ ରିଟର୍ଣ୍ଣ ଦେବାର ପ୍ରଲୋଭନ ଦେଉଥିଲେ ଏବଂ ସେବି (ଏସିଇବିଆଇ) ମାନଦଣ୍ଡ ଅନୁସରଣ ହେଉଥିବା ବୋଲି ମିଥ୍ୟା ନିଶ୍ଚିତତା ପ୍ରଦାନ କରୁଥିଲେ। ଅଭିଯୋଗକାରୀଙ୍କୁ ବିଓବି କ୍ୟାପ୍ସ ଓ ଚୋଳା ପ୍ରୋ



ନାମରେ ଥିବା ଦୁଇଟି ମୋବାଇଲ୍ ବାଣିଜ୍ୟ ଆବେଦନ ମାଧ୍ୟମରେ ନିବେଶ କରିବାକୁ ପ୍ରବର୍ତ୍ତାଯାଇଥିଲା। ଏହି ଆବେଦନଗୁଡ଼ିକରେ ମିଥ୍ୟା ଭାବରେ ବାଣିଜ୍ୟ ଲାଭ ଦର୍ଶାଯାଇ, ପ୍ରକୃତ ବଜାର କାର୍ଯ୍ୟକଳାପ ଘଟୁଥିବାର ଭାବନା ସୃଷ୍ଟି କରାଯାଇଥିଲା। ଏହି ସମସ୍ତ ଦାବିକୁ ସତ୍ୟ ବୋଲି ବିଶ୍ୱାସ କରି ଅଭିଯୋଗକାରୀ ନିର୍ଦ୍ଦେଶ ଅନୁଯାୟୀ ୟୁପିଆଇ, ଏନଇଏଫଟି ଓ ଆରଟିଜିଏସ ମାଧ୍ୟମରେ ବିଭିନ୍ନ ଥାର୍ଡ ପାର୍ଟି ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ହସ୍ତାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ଟଙ୍କା ଉଠାଇବାକୁ ଚେଷ୍ଟା କରିବା ବେଳେ ଅଭିଯୋଗକାରୀଙ୍କୁ ଟିକସ ଓ ପ୍ରକ୍ରିୟାକରଣ ଶୁଳ୍କ ନାମରେ ୩୦ ପ୍ରତିଶତ ସେବା ଶୁଳ୍କ ସହ ଅନ୍ୟାନ୍ୟ ଅତିରିକ୍ତ ଦେୟ ଦେବାକୁ ବାଧ୍ୟ କରାଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ଟଙ୍କା ଉଠାଇବାକୁ ଅନୁମତି ଦିଆଯାଇ ନ ଥିଲା। ଆବେଦନଗୁଡ଼ିକରେ ଆକାଉଣ୍ଟ ସ୍ଥିତି "ଅସାଧାରଣ' ଦର୍ଶାଯାଇଥିଲା ଏବଂ ସମସ୍ତ ହ୍ୱାଟ୍ସ ଆପ୍ ଗ୍ରୁପ୍ ହଠାତ୍ ନିଷ୍କ୍ରିୟ ହୋଇଯାଇଥିଲା। ଏହାପରେ ଠକେଇ ହୋଇଥିବାର ସନ୍ଦେହ କରି ଅଭିଯୋଗକାରୀ ସାଇବର୍ ହେଲ୍ପଲାଇନ୍ ନମ୍ବରରେ ଅଭିଯୋଗ କରିଥିଲେ।

ଅଭିଯୁକ୍ତକୁ ହାଜର ପାଇଁ ମିଳିଥିବା ସମୟ ପୂର୍ବରୁ ଏନ୍‌ବିଡବ୍ଲୁ ଜାରି ବେଆଇନ: ହାଇକୋର୍ଟ

କଟକ,୨୯ ।୧(ସମିସ):ଯେତେବେଳେ ଜଣେ ଅଭିଯୁକ୍ତଙ୍କୁ ହାଜର ହେବା ପାଇଁ ସମୟ ଦିଆଯାଇଛି, ତାହା ପୂର୍ବରୁ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲୁ) ଜାରି କରିବା ବେଆଇନ। ଯେତେବେଳେ ସାଧାରଣ ୱାରେଣ୍ଟରେ ଅଭିଯୁକ୍ତ ହାଜର ହୁଏ ନାହିଁ ସେତେବେଳେ ଏନବିଡବ୍ଲୁକୁ ଶେଷ ବିକଳ୍ପ ଭାବେ ବ୍ୟବହାର କରାଯିବା ଉଚିତ ବୋଲି କହିଛନ୍ତି ହାଇକୋର୍ଟ। 'ଡିଜିଟାଲ ଆରେଷ୍ଟ' ଭଳି ସଙ୍ଗୀନ ସାଇବର ଅପରାଧ ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ସହ ଏନବିଡବ୍ଲୁକୁ ନେଇ ଏଭଳି କଡ଼ା ଟିପ୍ପଣୀ ପ୍ରଦାନ କରିଛନ୍ତି ହାଇକୋର୍ଟ। ଶ୍ରୀନିବାସଚାରୀ କେ.ଆରଙ୍କ ତରଫରୁ ରୁଜୁ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଭିଯୋଗର ଗୁରୁତ୍ୱ ଥାଇ ମଧ୍ୟ ପୁଲିସ କିପରି ଆଇନଗତ ପ୍ରକ୍ରିୟାକୁ ଅଣଦେଖା କରି ଅଭିଯୁକ୍ତଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ କରିଛି, ସେ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଅଭିଯୁକ୍ତ ବିରୋଧରେ ଭୁବନ ଥାନାରେ ଜଣେ ବ୍ୟକ୍ତିଙ୍କୁ ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ୬୩ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ମାମଲାର ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତଙ୍କୁ ବିଏନଏସଏସର ଧାରା ୩୫ଅନୁଯାୟୀ ଏକ ନୋଟିସ ଜାରି କରାଯାଇ ୨୦୨୫ ସେପ୍ଟେମ୍ବର ୧ ତାରିଖରେ ଥାନାରେ ହାଜର ହେବାକୁ କୁହାଯାଇଥିଲା। ଅଭିଯୁକ୍ତ ଏହି ନୋଟିସକୁ ୨୦୨୫ ଅଗଷ୍ଟ୧୩ରେ ଗ୍ରହଣ କରିଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ନିର୍ଦ୍ଧାରିତ ସମୟ (ସେପ୍ଟେମ୍ବର ୧) ପର୍ଯ୍ୟନ୍ତ ଅପେକ୍ଷା ନକରି ତଦନ୍ତକାରୀ ଅଧିକାରୀ ଗତ ୨୦୨୫ ଅଗଷ୍ଟ ୧୪ରେ ହିଁ ଭୁବନ ଜେଏମ୍ଏଫ୍‌ସି ଅଦାଲତରେ ଅଭିଯୁକ୍ତ ବିରୋଧରେ ଏନବିଡବ୍ଲୁ ପାଇଁ ଆବେଦନ କରିଥିଲେ। ଅଦାଲତଙ୍କ ପକ୍ଷରୁ ଏନବିଡବ୍ଲୁ ଜାରି ହୋଇଥିଲା। ଏଭଳି ସ୍ଥିତିରେ ଆବେଦନକାରୀ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ହାଇକୋର୍ଟ ତାଙ୍କୁ ୨ଲକ୍ଷ ଟଙ୍କା ଓ ୨ଜଣ ଜାମିନଦାରଙ୍କ ବଦଳରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।

ଚିକିଟି ବିଷାକ୍ତ ମଦ ମୃତ୍ୟୁ ମାମଲା

ଜେଲ୍‌ରେ ଅଭିଯୁକ୍ତ ସୁରେନ୍ଦ୍ରଙ୍କ ମୃତ୍ୟୁ

ବ୍ରହ୍ମପୁର, ୨୯ ।୧ (ସମିସ): ଗଞ୍ଜାମ ଜିଲ୍ଲା ଚିକିଟି ନିକଟସ୍ଥ ଜେନାପୁର ଏବଂ କରବାଲୁଆ ଗାଁରେ ବିଷାକ୍ତ ମଦ ବିକ୍ରି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଗିରଫ ସୁରେନ୍ଦ୍ର ମଲ୍ଲିକଙ୍କ ଆଜି ଜେଲ୍‌ରେ ମୃତ୍ୟୁ ହୋଇଛି। ପେଟରେ ଭୀଷଣ ଯନ୍ତ୍ରଣା ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟରେ ଗଞ୍ଜାମ ଜିଲ୍ଲା ଚିକିଟି ନିକଟସ୍ଥ ଜେନାପୁର ଏବଂ କରବାଲୁଆ ଗାଁର ଏକାଧିକ ଲୋକେ ମାଉଦପୁରରେ ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିଲେ। ଏହି ମାମଲାରେ ପୁଲିସ ପବନା ସାହୁ ଓରଫ୍ ପ୍ରଭାକର ବାୟା ସାହୁ, ତାଙ୍କ ପୁଅ ବାପିନି ସାହୁ, ରବି ସାହୁ, ବଳରାମ ବିଷୋୟୀ, ସୁରେନ୍ଦ୍ର ମଲ୍ଲିକ, ରାମ ମଲ୍ଲିକ, ନିର୍ମଳା ସାହୁ, ଜୁଆରୀ ସାହୁ, ପୂର୍ଣ୍ଣ ସାହୁଙ୍କ ସମେତ ୯ରୁ ଉର୍ଦ୍ଧ୍ୱ ଜଣଙ୍କୁ ଗିରଫ କରିଥିଲା। ଗିରଫ ପରଠାରୁ ସୁରେନ୍ଦ୍ର ଜେଲ୍‌ରେ ରହି ଆସୁଥିଲେ। କିଛି ଦିନ ହେଲା ସୁରେନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହୁନଥିଲା। ତାଙ୍କ ପେଟ ଓ ଛାତିରେ ଯନ୍ତ୍ରଣା ହେଉଥିଲା। ଆଜି ତାଙ୍କ ପେଟରେ ଭୀଷଣ ଯନ୍ତ୍ରଣା ହେବାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି।

ଆନ୍ଧ୍ର ନେତାଙ୍କୁ ତଡ଼ିଦେଲା କୋଟିଆ ପୁଲିସ

ପଟାଙ୍ଗି, ୨୯।୧(ସମିସ): ଆନ୍ଧ୍ର ପକ୍ଷରୁ ରାସନ୍‌କାର୍ଡ ପ୍ରଦାନ କରିବା ନିମନ୍ତେ ବିବାଦୀୟ କୋଟିଆକୁ ସର୍ଭେ କରିବାକୁ ଆସିଥିବା ଆନ୍ଧ୍ର ନେତା ଓ ଅଧିକାରୀଙ୍କୁ କୋଟିଆ ପୁଲିସ ତଡ଼ି ଦେଇଛି। ସୂଚନାନୁଯାୟୀ, ଆଜି ଆନ୍ଧ୍ରପ୍ରଦେଶର ପଞ୍ଚାୟତ ତଥା ସଚିବାଳୟର ଅଧିକାରୀ ଓ ନେତାମାନେ ଉପର ସେମ୍ବି ଗ୍ରାମରେ ଅନୁପ୍ରବେଶ କରିଥିଲେ। ସେଠାରେ ଗ୍ରାମବାସୀଙ୍କୁ ଏକତ୍ରିତ କରିଥିଲେ। ଲୋକଙ୍କୁ ଆନ୍ଧ୍ର ସରକାରଙ୍କ ରାସନ କାର୍ଡ ପ୍ରଦାନ ଲାଗି ସର୍ଭେ ଆରମ୍ଭ କରିଥିଲେ। ଏ ବାବଦରେ ସୂଚନା ପାଇ କୋଟିଆ ପୁଲିସ ସେଠାରେ ପହଞ୍ଚି ବିରୋଧ କରିବାରୁ ସେମାନେ ସେଠାରୁ ପଳାଇଥିଲେ।



ଅମୀୟଙ୍କୁ ହସ୍ପିଟାଲରେ ଏନ୍‌ଆଇଏର ଜେରା

ଖୋଲୁଛି ଆଜାଦ୍ ନଗର ବୋମା ବିସ୍ଫୋରଣର ରହସ୍ୟ

ଭୁବନେଶ୍ୱର,୨୯।୧(ସମିସ): ଆଜାଦ୍ ନଗର ବୋମା ବିସ୍ଫୋରଣ ମାମଲାର ରହସ୍ୟ ଉନ୍ମୋଚନ ହେବାରେ ଲାଗିଛି। ଶେହେନୱାଜଙ୍କ ସହଯୋଗୀ ଅମୀୟଙ୍କୁ ଏନ୍‌ଆଇଏ ଟିମ୍ ଗୁରୁବାର ହସ୍ପିଟାଲରେ ଭେଟିବା ସହ ପ୍ରାୟ ୨ଘଣ୍ଟା ଧରି ପଚରାଉଚରା କରିଛି। କେଉଁ ପରିସ୍ଥିତିରେ ବୋମା ଭିଡ଼ା ଯାଇଥିଲା, ଏହାକୁ କେଉଁଠି ବ୍ୟବହାର କରାଯାଇ ଥା'ନ୍ତା। ଦେଶ ବିରୋଧୀ ଷଡ଼ଯନ୍ତ୍ରରେ ଏମାନେ ସାମିଲ ଥିଲେ କି ନାହିଁ ବୋଲି ଏନ୍‌ଆଇଏ ଟିମ୍ ଅମୀୟଙ୍କୁ ଗୁଡ଼େଇତୁଡ଼େଇ ପ୍ରଶ୍ନ ପଚାରିଛି।

ମିଳିଥିବା ସୂଚନା ଅନୁସାରେ, ଆହତ ଶେହେନୱାଜ୍ ମଲ୍ଲିକ ରାଜଧାନୀ କ୍ରାଇମ୍‌ର ଅନ୍ୟତମ ଖଳନାୟକ ଭାବେ ବେଶ୍ ଜଣାଶୁଣା। ତାଙ୍କ ବିରୋଧରେ ବୋମାମାଡ଼ଠାରୁ ଆରମ୍ଭ କରି କର୍ପୋରେଟରଙ୍କୁ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରିବା ଭଳି ଏକାଧିକ ମାମଲା ରହିଛି। ଏମାନେ ରାଜଧାନୀରେ ଏକ କ୍ରାଇମ୍ ଗ୍ୟାଙ୍ଗ୍ ଗଠନ କରିଥିଲେ। ଉକ୍ତ ଗ୍ୟାଙ୍ଗ୍‌ରେ ୧୦ରୁ ଉର୍ଦ୍ଧ୍ୱ ଅପରାଧୀ ରହିଛନ୍ତି। ନିଶା କାରବାରଠାରୁ ଆରମ୍ଭ କରି ଜମି ଜବରଦଖଲ, ସୁପାରୀ ନେଇ ଆକ୍ରମଣ, ଗୋରୁ ଚାଲାଣ ଭଳି ଅପରାଧରେ ଏହି ଗ୍ୟାଙ୍ଗ ମୁଣ୍ଡ ପୂରାଉଥିଲା; ଯାହାର ଗୁମର ଏବେ ଧୀରେ ଧୀରେ ଖୋଲିବାରେ ଲାଗିଛି। ନୟାପଲ୍ଲୀ ଶେହେନୱାଜଙ୍କ ମୁଖ୍ୟ ଅଡ୍ଡା ଥିଲା। ବହୁ ସଂଖ୍ୟାରେ କ୍ରାଇମ୍‌ର ଏଠାରେ ନିୟମିତ

ନୟାପଲ୍ଲୀରେ ଚାଲିଥିଲା ଅପରାଧୀଙ୍କ ଆଡ୍ଡା

ଭାବେ ଏକତ୍ରିତ ହେଉଥିଲେ। ସେ ଓ ତାଙ୍କ ସହଯୋଗରୀ ଓଡ଼ିଶା ଯୁବ ସଂଘ ନାମରେ ଏକ ସଂଗଠନ ଗଠନ କରିଥିଲେ; ଯାହା ସରକାରୀକୁ ଜମି ଜବରଦଖଲ କରି ଗଢ଼ି ଉଠିଥିଲା। ବେଆଇନ୍ ଭାବେ ସରକାରୀ ଜମି ଜବରଦଖଲ ଉପରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଶାସକ ଦଳର ବହୁ ନେତାଙ୍କ ଆଶୀର୍ବାଦ ଥିବାରୁ ଏହା ଉପରେ କାହାର ନଜର ପଡୁ ନ ଥିଲା। ଏହି ସଂଗଠନର ଅଧିକାଂଶ ସଦସ୍ୟଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାଳ ମାଳ ମାମଲା ରହିଛି। ଏମାନଙ୍କ ପାଇଁ ବିଜେପିର ବହୁ ନେତାଙ୍କ ସମର୍ଥନ ରହିଥିଲା, ଯାହାର ଫଟୋଗୁଡ଼ିକ ଏବେ ଭାଇରାଲ୍ ହେବାରେ ଲାଗିଛି। ତେବେ ଶେହେନୱାଜ ଘରେ ବୋମା ବିସ୍ଫୋରଣ ସାମ୍ନାକୁ ଆସିବା ପରେ ଏହି ସଂଘରେ ଆଉ କେହି ଦେଖାଦେଉ ନାହାନ୍ତି। ପୋଷ୍ଟର ବ୍ୟାନର ସବୁକିଛି ଫାଡ଼ି ଦିଆଯାଇଛି।

ଏହି ସଂଗଠନର ଜଣେ ମୁଖିଆ ପୂର୍ବରୁ ଖୋର୍ଦ୍ଧା ଅଞ୍ଚଳରେ ନିଶା କାରବାର ସହ ଜଡ଼ିତ ଥିଲେ। ପୁଲିସ ତାଙ୍କୁ ଗିରଫ କରିଥିଲା। ଏହାପରେ ତାଙ୍କୁ ବିଜେପିର ଏକ ସଂଗଠନରେ ପଦ ମିଳିଗଲା। ଯଦିଓ ଏବେ ସେ ନାହାନ୍ତି; କିନ୍ତୁ ଗାଡ଼ିରୁ ଦଳୀୟ ଷ୍ଟିକର୍ ହଟୁ ନାହିଁ। ବିଜେପିର ବହୁ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳିଥାଏ। ଏକାଧିକ ନେତାଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଛି। ଶେହେନୱାଜଙ୍କ ସହ ତାଙ୍କର ଏକାଧିକ ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ଅନ୍ୟପକ୍ଷରେ ଆଉ ଜଣେ ବିଜେପି ନେତାଙ୍କ ସହ ଶେହେନୱାଜଙ୍କ ସମ୍ପର୍କ ରହିଛି।

ଶାନ୍ତିସ୍ତୂପ ବୁଲିବା ବେଳେ ମହାରାଷ୍ଟ୍ର ପର୍ଯ୍ୟଟକଙ୍କ ମୃତ୍ୟୁ

ଧଉଳି,୨୯।୧(ସମିସ): ଧଉଳି ଶାନ୍ତିସ୍ତୂପ ବୁଲିବା ବେଳେ ମହାରାଷ୍ଟ୍ରର ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମହାରାଷ୍ଟ୍ର ପୁନେ ଅଞ୍ଚଳର ଦତ୍ତାତ୍ରେୟ ଭେଲସରେ(୭୦)। ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଖବର ନେବାରେ ଜଣାପଡିଛି ଗତ ୨୪ ତାରିଖରେ ଫ୍ଲାଇଟ ଯୋଗେ ସ୍ୱର୍ଗତଃ ଭେଲସରେ ତାଙ୍କ ଧର୍ମପତ୍ନୀ, ପୁଅବୋହୂ ଆଦି ୮ ଜଣ ପରିବାର ସହ ଏଠାରେ ବୁଲାବୁଲି କରି ଘରକୁ ଫେରିଥାନ୍ତେ। କିନ୍ତୁ ଘରକୁ ଫେରିବା ବାଟରେ ଶାନ୍ତିସ୍ତୁପ ଧଉଳି ବୁଲିବାକୁ ଯାଇଥିଲେ। ସେ ଜାପାନୀ ମନ୍ଦିର, ହାତୀ ଗୁମ୍ଫା ଦେଖିସାରିବା ପରେ ସ୍ତୁପ ଉପରକୁ ଯାଇଥିଲେ। ସେଠାରେ ପରିବାର ଲୋକଙ୍କ ସହ ସ୍ତୁପ ଉପରେ ବୁଲୁଥିବା ସମୟରେ ଅପରାହ୍ଣ ପ୍ରାୟ ସାଢେ ୧ଟାରେ ହଠାତ ଦତ୍ତାତ୍ରେୟ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ; ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୋଆ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା



ଭୁବନେଶ୍ୱର,୨୯ ।୧(ସମିସ): ସୋଆ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ମଧ୍ୟରେ କୃଷି ବିଜ୍ଞାନ କ୍ଷେତ୍ରରେ ଶୈକ୍ଷିକ, ଗବେଷଣାତ୍ମକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସହଭାଗିତାକୁ ନେଇ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ସୋଆ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ଏବଂ ତତ୍‌ସଂଲଗ୍ନ ବିଭିନ୍ନ କ୍ଷେତ୍ରରେ ଗବେଷଣା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ନେଇ ମିଳିତ ଭାବେ କାର୍ଯ୍ୟ କରିବେ। ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ମେଥୋଡଲଜି, ଟେକ୍ନୋଲଜି, ବିଜ୍ଞାନ ଏବଂ ସୂଚନାର ଆଦାନପ୍ରଦାନ ହେବ। ଏହାସହ ଦୁଇଟି ଅନୁଷ୍ଠାନ ମଧ୍ୟରେ ଲାବୋରେଟୋରୀ ସୁବିଧା ମଧ୍ୟ ବ୍ୟବହାର କରାଯିବାର ନିଷ୍ପତ୍ତି ନିଆଯାଇଛି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଏଗ୍ରିକଲ୍‌ଚରାଲ ଏକ୍ସଟେନ୍ସନ୍ ଆଣ୍ଡ କମ୍ୟୁନିକେସନ ବିଭାଗର ମୁଖ୍ୟ ପ୍ରଫେସର ଡ. ବିବୁଧ ପରାଶର, ଆସୋସିଏଟ ପ୍ରଫେସର ଡ. ଅଂଶୁମାନ ଜେନା, ଏଗ୍ରୋନୋମି ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଶୁଭପ୍ରଦ ଦାଶ ଓ ଆଡମିନିଷ୍ଟ୍ରେଟିଭ ଅଫିସର ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ବିଳମ୍ବିତ ରାତିରେ ସିରିଜ୍ ଦୁର୍ଘଟଣା; ୩ ଗୁରୁତର

ଭୁବନେଶ୍ୱର,୨୯ ।୧(ସମିସ): ଭୁବନେଶ୍ୱର-ଖୋର୍ଦ୍ଧା ଜାତୀୟ ରାଜପଥ ୧୬ର ତମାଣ୍ଡୋ ଥାନା ଅନ୍ତର୍ଗତ ହ୍ୟୁଣ୍ଡାଇ କାର୍ ସୋ' ରୁମ୍ ଆଜି ଏକ ସିରିଜ୍ ଦୁର୍ଘଟଣାରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଦ୍ରୁତଗାମୀ ଏକ ଟ୍ରେଲର୍ ଏକ ପିଟୁବୋଝେଇକୁ ଟ୍ୟାଙ୍କର୍‌କୁ ଧକ୍କା ଦେବା ପରେ ଟ୍ୟାଙ୍କର୍‌ଟି ଏକ ବସ୍ ପଛରେ ପିଟି ହୋଇଥିଲା। ଏଥିରେ ଟ୍ୟାଙ୍କର୍ ଚାଳକ ଓ ଖଲାସୀ ଓ ଟ୍ରେଲର୍‌ର ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କ ପରିଚୟ ମିଳିପାରିନାହିଁ। ଆଜି ରାତି ପ୍ରାୟ ୧୨ଟାରେ ଏହି ଅଘଟଣ ଘଟିଛି। ଖବର ପାଇ ତମାଣ୍ଡୋ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ଏମ୍‌ସରେ ଭର୍ତ୍ତି କରାଇଛି।

ନାବାଳକକୁ ନଦୀବାଲିରେ ପୋତି ଭିଡିଓ ସୁଟିଂ

ଜୀବନ ଯାଉଯାଉ ବଞ୍ଚିଗଲା; ୬ ଗିରଫ

ଗୁଣୁପୁର,୨୯ ।୧(ସମିସ): ନଦୀପଠାରୁ ବାଲି ଉଠାଇବାକୁ ରାଜି ନ ହେବାରୁ ନାବାଳକକୁ ବାଲିରେ ପୋତି ଭିଡିଓ ସୁଟିଂ। ନାବାଳକଜଣଙ୍କ ପ୍ରଶ୍ୱାସ ନେବା ପାଇଁ ଛଟପଟ ହେଉଥିଲେ ହେଁ ଅଭିଯୁକ୍ତମାନେ ତାଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ଉପହାସ କରିଥିଲେ। ଗୁଣୁପୁର ବ୍ଲକ୍ ଅନ୍ତର୍ଗତ ଘଣାନ୍ତ୍ରୀ ପଞ୍ଚାୟତର ମେରିଙ୍ଗ ଗ୍ରାମର ଏପରି ଏକ ଛାତିଥରା ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାରେ ପୁଲିସ ୩ନାବାଳକଙ୍କ ସମେତ ମୋଟ ୬ ଜଣଙ୍କୁ ଗିରଫ କରିଛି। ନାବାଳକମାନଙ୍କୁ ପୁଲିସ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଇଛି।

ସୂଚନାନୁଯାୟୀ, ଖିଲାପଦର ଗ୍ରାମର ରମେଶ ଶବରଙ୍କ ପୁଅ ଓମ୍ ଶବର ମେରିଙ୍ଗ ଗ୍ରାମର ନିଜ ଅଜା ଘରେ ରହି ୫ ଶ୍ରେଣୀରେ ପାଠ ପଢୁଛି। ଗତ ୨୫ ତାରିଖ ସନ୍ଧ୍ୟାରେ ସେହି ଗ୍ରାମର ଅଞ୍ଜୁ ଶବର, ମିଟୁ ଶବର, ଶୁକ୍ଲାଙ୍ଗ ଶବରଙ୍କ ସମେତ ଆଉ ତିନିଜଣ ନାବାଳକ ସାନନଦୀରୁ ବାଲି ଉଠାଣ ପାଇଁ ଯାଇଥିଲେ। ସେଠାରେ ଥିବା ଓମ୍‌ଙ୍କୁ ବି ସେମାନେ ବାଲି ଉଠାଇବାକୁ କହିଥିଲେ। କିନ୍ତୁ ଓମ୍ ମନା କରିଦେବାରୁ ଅଭିଯୁକ୍ତମାନେ ଓମ୍‌ଙ୍କ ଶରୀରକୁ ବେକ ପର୍ଯ୍ୟନ୍ତ ବାଲିରେ ପୋତି ଦେଇଥିଲେ। ନାବାଳକଜଣଙ୍କ ପ୍ରଶ୍ୱାସ ନେବାକୁ ଛଟପଟ ହେଉଥିବା ବେଳେ ସେମାନେ ଉପହାସ କରି ଏହାର ଭିଡିଓ ସୁଟିଂ କରିଥିଲେ। ପରେ ୬ଜଣ ଯାକ ଏକ ନିର୍ଦ୍ଦିଷ୍ଟ ସର୍ତ୍ତରେ ତାଙ୍କୁ ବାଲି ଭିତରୁ କାଢ଼ି ଛାଡ଼ିଥିଲେ। ରାତି ପ୍ରାୟ ୧୦ଟାରେ ନାବାଳକ ଘରେ ପହଞ୍ଚି ଭୟରେ କାନ୍ଦୁଥିବା ଦେଖି ପରିବାରଲୋକ ପଚାରିବାରୁ ଘଟଣା ପଦାକୁ ଆସିଥିଲା।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



୰ ଦେବବାଳା ମହାପାତ୍ର
ମହତାବ ରୋଡ୍, କଟକ
ଆବିର୍ଭାବ : ୧୯.୦୨.୧୯୨୯
ତିରୋଧାନ : ୨୦.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ

୭ବର୍ଷର ଶିଶୁ କନ୍ୟାକୁ ଅସଦାଚରଣ; ଯୁବକ ଗିରଫ

ଧର୍ମଶାଳା, ୨୯।୧(ସମିସ): ଧର୍ମଶାଳା ଥାନା ଅଞ୍ଚଳରେ ଜଣେ ୭ ବର୍ଷର ଶିଶୁକନ୍ୟାକୁ ପଡ଼ୋଶୀ ଘରର ଜଣେ ଯୁବକ ଅସଦାଚରଣ କରି ଗିରଫ ହୋଇଥିବା ଜଣାପଡ଼ିଛି। ଝିଅଟି ଏକୁଟିଆ ଥିବାର ସୁଯୋଗ ନେଇ ଯୁବକ ଜଣଙ୍କ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସୂଚନା ମୁତାବକ ଏହି ଥାନା ଅଞ୍ଚଳର ଜଣେ ଯୁବକ ଗତକାଲି ସନ୍ଧ୍ୟାରେ ପଡ଼ୋଶୀ ଘରେ ଏକୁଟିଆ ଶିଶୁ କନ୍ୟା ସହିତ ଅସଦାଚରଣ କରିଥିଲା। ଏ ନେଇ ଶିଶୁ କନ୍ୟା ତା'ର ମା'କୁ ଜଣାଇବା ପରେ ପରିବାର ଲୋକେ ଆଜି ସକାଳେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଧର୍ମଶାଳା ଥାନା ପୁଲିସ ୩୦/୨୬ ରେ ଏକ ମାମଲା ରୁଜୁ କରି ଏହି ଥାନା ଚହଟା ଗ୍ରାମର ମୀନ ସେଠୀଙ୍କ ପୁଅ ସିପୁ ସେଠୀ (୨୫) କୁ ଉଠାଇ ଆଣି ଥାନାରେ ପଚରାଉଚରା କରିବା ପରେ ତାକୁ ଗିରଫ କରିବା ସହ ତାର ଡାକ୍ତରୀ ମାଇନା କରାଇଛି। ଆସନ୍ତା କାଲି ଅଭିଯୁକ୍ତ ସିପୁକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

ମନ୍ଦିର ସଫେଇ ଓ ଚାରା ରୋପଣ

ସୁକିନ୍ଦା/ହାତୀବାରି, ୨୯।୧(ସମିସ): ହାତୀବାରିସ୍ଥିତ ଶ୍ରୀଜଗନ୍ନାଥ ସେବାସଂଘ ଆନୁକୂଲ୍ୟରେ ଜଗନ୍ନାଥ ମନ୍ଦିର ପରିସର ସଫେଇ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଫେଇ ପରେ ମନ୍ଦିରର ବାର୍ଷିକ ଉତ୍ସବ ସମ୍ବନ୍ଧିତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ବୁଦ୍ଧିଜିବୀ ମନୋଜ କୁମାର ନାଥ, ଜଗନ୍ନାଥ ବାଇ, ରଞ୍ଜିତ ବେହେରା, ଗିରିଶ ଗାହାଣ, ପ୍ରଦୀପ ନାଥ, ବାପୁଜୀ ପାଢ଼ୀ, ସୁଲଭ ଭୂତିଆଙ୍କ ସମେତ ସେବାଦଳର ଅନେକ ସଭ୍ୟ ସାମିଲ ଥିଲେ।

୩ରେ ଆସିବେ ରାଷ୍ଟ୍ରପତି, ସୁରକ୍ଷା କଡ଼ାକଡ଼ି

ଯାଜପୁର, ୨୯।୧(ସମିସ)

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଫେବୃଆରୀ ୩ ତାରିଖରେ ଯାଜପୁର ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କରାଯାଉଛି। ଏହାସହ ରାଷ୍ଟ୍ରପତିଙ୍କ ସୁରକ୍ଷା ପ୍ରୋଟୋକଲ 'ବ୍ଲୁ ବୁକ୍' ଅନୁଯାୟୀ ଜିଲ୍ଲାପାଳ ଅମ୍ବର କୁମାର କର ଭାରତୀୟ ନାଗରିକ ସୁରକ୍ଷା ସଂହିତା ସେକ୍ସନ ୧୬୩ ଅଧୀନରେ ପ୍ରଦତ୍ତ କ୍ଷମତା ଆଧାରରେ ଯାଜପୁରର କିଛି ଅଞ୍ଚଳକୁ 'ନୋ ଫ୍ଲାଇଙ୍ଗ ଜୋନ' ବା 'ଡ୍ରୋନ ମୁକ୍ତ ଅଞ୍ଚଳ' ଘୋଷଣା କରିଛନ୍ତି। ଭିଭିଆଇପିଙ୍କ ପାଇଁ ସୁରକ୍ଷିତ ଏୟାର ସ୍ପେସ ତିଆରି କରିବା ଉଦ୍ଦେଶ୍ୟ ନେଇ ୧ ଫେବୃଆରୀ ୨୦୨୬ ରବିବାର ସକାଳ ୬ ଘଟିକା ଠାରୁ ୩ ଫେବୃଆରୀ ୨୦୨୬ ମଙ୍ଗଳବାର ଦିନ ୧ ଘଟିକା ଯାଏଁ କୌଣସି ବ୍ୟକ୍ତିବିଶେଷ, ଗଣମାଧ୍ୟମ ସଂସ୍ଥା କିମ୍ବା ପ୍ରାଇଭେଟ୍ ସଂସ୍ଥା ଦ୍ୱାରା ଡ୍ରୋନ, ପାରାଗ୍ଲାଇଡର, ମାଇକ୍ରୋ ଲାଇଟ ଏୟାରକ୍ରାଫ୍ଟ, ହଟ ଏୟାର ବେଲୁନ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି।



ପ୍ରଶାସନ ଭବନ ପଡ଼ିଆ ହେଲିପ୍ୟାଡ୍‌ର ୩ କିମି ବ୍ୟାସାର୍ଦ୍ଧ ଅନ୍ତର୍ଭୁକ୍ତ ଅଞ୍ଚଳ, ନରସିଂହ ଚୌଧୁରୀ କଲେଜ ହେଲିପ୍ୟାଡରୁ ୩ କିମି ବ୍ୟାସାର୍ଦ୍ଧ ଅନ୍ତର୍ଭୁକ୍ତ ଅଞ୍ଚଳ, ବିରଜା ମନ୍ଦିର ପରିସର ଏବଂ ହେଲିପ୍ୟାଡରୁ ବିରଜା ମନ୍ଦିର ରାସ୍ତା, ସର୍କିଟ ହାଉସ ଏବଂ ଭିଭିଆଇପିଙ୍କ ଅନ୍ୟାନ୍ୟ ରହଣି ସ୍ଥଳରେ ଏହି ନିୟମ ଲାଗୁ ହେବ।

ଡ୍ରୋନ୍ ଉଡ଼ିବା ନେଇ ପ୍ରଶାସନିକ କଟକଣା

ଯାଜପୁର ଆରକ୍ଷୀ ଅଧିକ୍ଷକ ଏବଂ ରାଷ୍ଟ୍ରପତିଙ୍କ ସେକ୍ରେଟେରିଏଟଙ୍କ ବିନା ଅନୁମତିରେ ଡ୍ରୋନ କ୍ୟାମେରା ସାହାଯ୍ୟରେ ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରାଯାଇପାରିବ ନାହିଁ। ଉପରୋକ୍ତ ଅବଧି ମଧ୍ୟରେ ନିଷେଧାଞ୍ଚଳରେ ଯଦି କୌଣସି ଅନଧିକୃତ ଉଡନ୍ତା ବସ୍ତୁ ଠାବ ହୁଏ, ତାହେଲେ ଆରକ୍ଷୀ ଅଧିକ୍ଷକଙ୍କ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିବିଶେଷ ବା ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ କ୍ରିମିନାଲ ପ୍ରୋସିଡିଙ୍ଗ ନିଆଯିବ। ତେବେ ଏହି ନିଷେଧ ଆଦେଶରୁ ଭାରତୀୟ ବାୟୁସେନା, ଭାରତୀୟ ସ୍ଥଳସେନାର ବିମାନ କିମ୍ବା ହେଲିକ୍ୟାପ୍ଟର ଏବଂ ଭିଭିଆଇପିଙ୍କ ଗସ୍ତରେ ବ୍ୟବହୃତ ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ବିମାନକୁ ବାଦ୍ ଦିଆଯାଇଛି। ସୂଚନାଯୋଗ୍ୟ, ମହାମହିମ ରାଷ୍ଟ୍ରପତି ମାଆ ବିରଜା ମନ୍ଦିରରେ ଦେବୀଙ୍କ ଦର୍ଶନ ସହ ନାଭିଗୟାରେ ପିଣ୍ଡଦାନ କରିବେ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଛି। ଆଜି ଅପରାହ୍ଣରେ ରାଜ୍ୟ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମା' ବିରଜା ମନ୍ଦୀରରେ ପହଞ୍ଚି ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ସମୟରେ ଯାଜପୁର ଜିଲ୍ଲାପାଳଙ୍କ ସହିତ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏଥିପୂର୍ବରୁ ଜିଲ୍ଲାପାଳ ମା' ବିରଜାଙ୍କ ସେବାୟତଙ୍କ ସହିତ ଆଲୋଚନା କରି ରାଷ୍ଟ୍ରପତିଙ୍କ ଶୃଙ୍ଖଳିତ ଦର୍ଶନ ନେଇ ସମୀକ୍ଷା କରାଯାଇଥିଲା।

ଚିକିତ୍ସା ଅବହେଳାରୁ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ

ସୁକିନ୍ଦା, ୨୯।୧(ସମିସ): ଚିକିତ୍ସା ଅବହେଳା କାରଣରୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ନିଷ୍ପାପ୍ ଶିଶୁ ପୁତ୍ରର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତ ଶିଶୁ ସୁକିନ୍ଦା ଥାନା ସାପୁଆପଦା ଗ୍ରାମ ମଟାଇ ଜାମୁଦାଙ୍କ ପୁତ୍ର। ଗତକାଲି ପରିବାର ଲୋକେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁକୁ ପୋଲିଓ ଟିକା ଦେଇଥିଲେ। ଟିକା ଦିଆଯିବାର କିଛି ସମୟ ପରେ ଶିଶୁକୁ ପ୍ରବଳ ଜ୍ୱର ହୋଇଥିଲା ଏବଂ ରାତିରେ ଚେତାଶୂନ୍ୟ ହୋଇପଡ଼ିଥିଲା। ପରିବାର ଲୋକେ ଗୁରୁବାର ସକାଳୁ ଶିଶୁକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ତେବେ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ଘଟିଥିବା ପିତା ମଟକା ଜାମୁଦା ଓ ମା' ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେମାନେ କହିଛନ୍ତି ଯେ, ଟିକା ନେବା ପରେ ଶିଶୁଟିର ସ୍ୱାସ୍ଥ୍ୟ ହଠାତ୍ ଅବନତି ଘଟିଥିଲା। ଏପଟେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଜୟଦେବ ନନ୍ଦ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହି ଟିକା ଅନ୍ୟ ଶିଶୁମାନଙ୍କୁ ଦିଆଯାଉଥିବାବେଳେ ସେମାନେ ସୁସ୍ଥ ହେଉଛନ୍ତି। ତେବେ ଥାନାରେ ଅଭିଯୋଗ ପରେ ପୁଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ହନୁମାନ ମନ୍ଦିରର ପ୍ରତିଷ୍ଠା ଦିବସ

ବ୍ରହ୍ମବରଦା, ୨୯।୧(ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ଚାରିଗାରପୁର ଗ୍ରାମରେ ଥିବା ପ୍ରଭୁ ହନୁମାନ ମନ୍ଦିରର ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ ହନୁମାନଙ୍କ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଆଜି ସକାଳୁ ମୁଖ୍ୟ ପୂଜକ ମନୋଜ ଦାସ ପବିତ୍ର କୁମାର ପତି, ଶରତ ଚନ୍ଦ୍ର ପାଢ଼ୀ, ତପନ କୁମାର ପଣ୍ଡାଙ୍କ ମନ୍ତ୍ର ଧ୍ୱନିରେ ମୁଖ୍ୟ କର୍ତ୍ତା ରୂପେଶ ଦେଓ ଓ ତାଙ୍କ ସହଧର୍ମିଣୀ ବୈଶାଳୀନି ଦେଓଙ୍କ ସମେତ ଅନ୍ୟ କଳସଧାରୀଙ୍କ ମଧ୍ୟରେ ସ୍ମୃତି ରଞ୍ଜନ ରାଉତ, ସପନ ରାଉତ, ପ୍ରଶାନ୍ତ ବାରିକ, ଦିବ୍ୟ ରଞ୍ଜନ ରାଉତ, ପ୍ରଳୟ ରାଉତ, ମନୋରଞ୍ଜନ ରାଉତ, ଶୁଶାନ୍ତ କୁମାର ରାଉତ, ବିଶ୍ୱଜିତ୍ ରାଉତ, ବିକି ରାଉତ, ଶୁଭମ୍ ରାଉତ, ପ୍ରଭୁ ରାଉତ, ବାବୁଲ ପରିଡ଼ା, ରାକେଶ ରାଉତ ପ୍ରମୁଖ ଶନିବାର ଅପରାହ୍ଣରେ ବ୍ରାହ୍ମଣୀ ନଦୀରୁ ପାଣି ଉଠାଇ ମନ୍ଦିର ପ୍ରାଙ୍ଗଣରେ କଳସ ସ୍ଥାପନ କରିଥିଲେ। ରବିବାର ସକାଳୁ ସୂର୍ଯ୍ୟ ପୂଜା, ଗୋପୂଜା, ହନୁମାନ ସହସ୍ର ନମା ଏବଂ ଦିନିକିଆ ଗୀତା ମହାଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ମା' ନିମେଶ୍ୱରୀ କୀର୍ତ୍ତନ ମଣ୍ଡଳୀର ସଭ୍ୟଙ୍କ ଭଜନ କୀର୍ତ୍ତନ ପରିବେଷଣ ଦ୍ୱାରା ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

ଚଳଚିତ୍ର ନିର୍ମାତା ଜ୍ଞାନରଞ୍ଜନ ପ୍ରିୟଦର୍ଶନଙ୍କ ଶ୍ରାଦ୍ଧବାର୍ଷିକୀ

ଯାଜପୁର, ୨୯ ।୧(ସମିସ): ବରିଷ୍ଠ ଚଳଚ୍ଚିତ୍ର ନିର୍ମାତା ଜ୍ଞାନ ରଞ୍ଜନ ପ୍ରିୟଦର୍ଶନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା ଯାଜପୁର ବ୍ଲକ ଗୋପାଳପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ହରିହର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ ଯୋଗଦେଇ ସ୍ମୃତି ଚାରଣ କରି ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଳଚିତ୍ର କଳାକାର ହର ରଥ, ବରିଷ୍ଠ ସାମ୍ବାଦିକ ତରୁଣ ନନ୍ଦ, ସ୍ଥାନୀୟ ସରପଞ୍ଚଙ୍କ ସମେତ ବହୁ ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଜ୍ଞାନ ରଞ୍ଜନ ପ୍ରିୟଦର୍ଶନଙ୍କ ସ୍ମୃତି ଚାରଣ କରିଥିଲେ।

ଜିଲ୍ଲାସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ; ୫୦ ଛାତ୍ରଛାତ୍ରୀ ସାମିଲ

ଯାଜପୁର, ୨୯।୧(ସମିସ): ଯାଜପୁର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସେଣ୍ଟର ଫର୍ ଏନ୍‌ଭରମେଣ୍ଟାଲ ଷ୍ଟଡି ଓ ମେକର ଘାଟ ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଯାଜପୁର ତରଫରୁ ଜିଲ୍ଲାସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ୧୦ଟି ବ୍ଲକରୁ ୫୦ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀ 'ପରିପୋଷଣୀୟ ଜୀବନ ଶୈଳୀ ବିକାଶ' ବିଷୟକୁ ଭିତ୍ତି କରି ଶକ୍ତି ସଂରକ୍ଷଣ, ଜଳ ସୁରକ୍ଷା, ପ୍ଲାଷ୍ଟିକର ବ୍ୟବହାର ନକରିବା, ଅଦରକାରୀ ପଦାର୍ଥର ପୁନଃ ବ୍ୟବହାର ଓ ଉତ୍ତମ ସ୍ୱାସ୍ଥ୍ୟ ଆଦି ବିଷୟରେ ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ହାଇସ୍କୁଲ, ବରୀର ଛାତ୍ରୀ ପ୍ରିନ୍ସ ପ୍ରିୟା ସାମଲ ପ୍ରଥମ, ଓଏଭି, ଜାମଧରର ଛାତ୍ର ଆୟୁଷ୍ମାନ ରାଉତ, ଦ୍ୱିତୀୟ ଓ ମହାବିନାୟକ ବିଦ୍ୟାଳୟର ଛାତ୍ରୀ ସୋନାଲି ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମ୍ୟୁନିସିପାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀଙ୍କ ଅଧକ୍ଷ୍ୟତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ସିଇଏସର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାସ, ମୁଖ୍ୟବକ୍ତା ରୂପେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ସମ୍ମାନିତ ଅତିଥି ରୂପେ ମେକରଘାଟର ମ୍ୟାନେଜର କପିଳାସ ଅବଦାର, ଜିଲ୍ଲା ସଂଯୋଜକ ତଥା ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ଯୋଗଦାନ କରିଥିଲେ। ବିଚାରକ ରୂପେ ଡ. ଶରତ କୁମାର ସାହୁ, ସୁଧାଂଶୁ ଶେଖର ରଥ, ନାରାୟଣ ଚନ୍ଦ୍ର ଶାସିନ ଏନ୍‌ଭରମେଣ୍ଟାଲ ଏଜୁକେସନ ପ୍ରୋଗ୍ରାମ ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ଅନ୍ୟ ବିଚାରକ ରୂପେ ଆଶୁତୋଷ ବଳ ଓ ଜୟନ୍ତ କୁମାର ସାମଲ ମେକରଘାଟ ଅନ୍ତର୍ଗତ ପ୍ରକଳ୍ପ ଗୁଡିକୁ ମୂଲ୍ୟାୟନ କରିଥିଲେ। ସଂସଦର ସମ୍ପାଦକ ବିଶ୍ୱଜିତ ସାହୁ ଯୋଗଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ସାହୁ ମଞ୍ଚ ସଞ୍ଚାଳନ କରିଥିଲା ବେଳେ ଶିବବ୍ରତ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜି ସି କଲେଜର ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ନାରାୟଣ ଚନ୍ଦ୍ର ଶାସିନ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟନ୍ତ ସାମଲ ସମ୍ମାନିତ ଅତିଥି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ଉକ୍ତ ବିଦ୍ୟାଳୟର ପ୍ରଧାଶିକ୍ଷକ ଉପସ୍ଥିତ ରହି କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ଆର୍ଥିକ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ।



ମାଆ ପରି ମା' ଥିଲେ ପ୍ରେମଲତା

ଧର୍ମଶାଳା, ୨୯।୧(ସମିସ): ସାମ୍ବାଦିକ, ସମାଜସେବୀ ଓ ସାହିତ୍ୟିକା ସ୍ୱର୍ଗୀୟା ପ୍ରେମଲତା ଜେନାଙ୍କ ପ୍ରଥମ ପୁଣ୍ୟତିଥି ଧର୍ମଶାଳା ବ୍ଲକ ଜାରକା ନିକଟସ୍ଥ କୁମାରୀ ଶୈଳବିହାରଠାରେ ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡକ୍ଟର ରୁଦ୍ରନାରାୟଣ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ କହିଥିଲେ ଯେ ପ୍ରେମଲତା ମାଆ ପରି ମା'ଟିଏ ଥିଲେ। ଏଥିରେ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ସ୍ୱର୍ଗୀୟା ପ୍ରେମଲତା ଜେନାଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ପ୍ରେମଲତା ଥିଲେ ମମତାମୟୀ, ଓଡ଼ିଆ ଘରର ଅନୁକରଣୀୟା ନିଛକ ଗୃହିଣୀ। ସମ୍ମାନିତ ଅତିଥି ଭାବେ କବି ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ, ଡ. ରାଜକିଶୋର ପାଢ଼ୀ, ଡ. ଗୌତମ ଜେନା, ଡ. ରବୀନ୍ଦ୍ର ବିହାରୀ, ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ସ୍ୱାଇଁ, ଡାକ୍ତର ବିଜୟ କୁମାର ଶତପଥୀ, ଡ. ପ୍ରିୟନାଥ ମହାପାତ୍ର, ଡ. ମହେଶ୍ୱର ପାଢ଼ୀ, ଡ. ଚନ୍ଦ୍ରକାନ୍ତ ମହାନ୍ତି, ସମାଜସେବ ସେବୀ ମିନତି ସାହୁ, ମାଧୁରୀ ଶତପଥୀ, ହୋଲି ଯେସସ ସ୍କୁଲ ଅଧକ୍ଷା କାମିନୀ ନାୟକ ଯୋଗଦେଇ ଗୋକର୍ଣ୍ଣିକା ପତ୍ରିକା ସହିତ ପ୍ରେମଲତାଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ଦାୟବଦ୍ଧତା ତାଙ୍କୁ ସ୍ମରଣୀୟ କରି ରଖିବ ବୋଲି କହିଥିଲେ। ଶିଶୁ ସାହିତ୍ୟିକ ବିଦ୍ୟାଧର ସାହୁ, ପ୍ରେସ୍‌କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ପୂର୍ବତନ ଧର୍ମଶାଳା ମହାବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ସମାଜସେବୀ କାହ୍ନୁଚରଣ ଦାଶ, ସଂଗ୍ରାମ ଜେନା, ଅଧ୍ୟାପକ ବିଜୟ କୁମାର ନାୟକ, ଅଧ୍ୟାପକ ରମେଶ ଚନ୍ଦ୍ର ସିଂହ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତ ରାୟ, ସରପଞ୍ଚ ତ୍ରିଲୋଚନ ଜେନା, ସୁନାକର ସାହୁ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗୋକର୍ଣ୍ଣିକାର ମୁଖ୍ୟ ସମ୍ପାଦକ ଡ. ରମାକାନ୍ତ ଜେନା ସ୍ୱାଗତ ଭାଷଣ ଦେଇଥିଲାବେଳେ ପୁତ୍ର ଡ. ଅମୃତ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



କଳାକାର ଭତ୍ତା ପାଇଁ ଦାବିପତ୍ର ପ୍ରଦାନ



ଯାଜପୁର, ୨୯।୧(ସମିସ): କଳାକାର ଭତ୍ତା ପାଇଁ ଗୁରୁବାର କେତେକ କଳାକାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବରୀ ବ୍ଲକର ୨୦ରୁ ଉର୍ଦ୍ଧ୍ୱ କଳାକାର ଗତ ଡିସେମ୍ବର ମାସରେ କଳାକାର ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଏଥିସହିତ ଦୁଇ ହଜାର ଟଙ୍କା କଳାକାର ଭତ୍ତା ପରିବର୍ତ୍ତେ ତିନି ହଜାର ଟଙ୍କାର କଳାକାର ଭତ୍ତା ପ୍ରଦାନ ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ମାଧବ ଚନ୍ଦ୍ର ସେଠୀ, ଭିକାରୀ ଚରଣ ସାହୁ, ଜଟାଧାରୀ ମାଝୀ, ଚିତ୍ତରଞ୍ଜନ ମହାନ୍ତି, ପ୍ରମିଳା ପଣ୍ଡା, ନିରଞ୍ଜନ ଦାଶ, ସୀତାକାନ୍ତ ନାଥଶର୍ମା, ରବୀନ୍ଦ୍ର ବାରିକ ପ୍ରମୁଖ କଳାକାର ଉପସ୍ଥିତ ଥିଲେ।

● ଇଂରାଜୀ ବକ୍ତୃତା ପ୍ରତିଯୋଗିତା

ଅନୁସ୍କା ଜିଲ୍ଲାରେ ପ୍ରଥମ



ଯାଜପୁର, ୨୯।୧(ସମିସ): ସନ୍ ପବ୍ଲିକ୍ ସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଅନୁସ୍କା ବିଶ୍ୱାଳ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟଇଂରାଜୀବକ୍ତୃତାପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଯାଜପୁର ଜିଲ୍ଲା ସଦର ମହକୁମାଠାରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଅତିଥି ତଥା ଜିଲ୍ଲାପାଳ ଅମ୍ବର କୁମାର କର ଓ ଏସ୍‌ପି ଯଶପ୍ରତାପ, ଶ୍ରୀମଲ୍ଲଙ୍କଠାରୁ ଅନୁସ୍କା ପ୍ରଥମ ପୁରସ୍କାର ଗ୍ରହଣ କରିଥିଲେ। ଯାଜପୁର ଜିଲ୍ଲାରେ ଜଣେ ମେଧାବୀ ଛାତ୍ରୀ ଭାବେ ପୂର୍ବରୁ ସେ ଅନେକ ଥର ଏଭଳି ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେ ହେଉଛନ୍ତି ଠିଆର ଦେବିଲର ଶ୍ରୀମତୀ ଲୋପାମୁଦ୍ରା ନାୟକ ଓ ସୁଜନପୁର ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ସୁକାନ୍ତ ବିଶ୍ୱାଳଙ୍କ ଏକମାତ୍ର ସନ୍ତାନ।

ଡାକ୍ତର ସୁରେଖା ଓଝାଙ୍କ ପରଲୋକ



ବରୀ, ୨୯ ।୧(ସମିସ): ବରୀ ଅଞ୍ଚଳର ବିଶିଷ୍ଟ ଡାକ୍ତର ସୁରେଖା ଓଝାଙ୍କର ଆଜି ସକାଳେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ କିଛି ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଫେରିଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେଲା ପରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ବିଶିଷ୍ଟ ଶିକ୍ଷାବିତ, ସ୍ୱର୍ଗତ ପ୍ରଫେସର କୃଷ୍ଣଚନ୍ଦ୍ର ଓଝାଙ୍କୁ ସେ ବିବାହ କରିବା ପରେ ୧୯୭୦ ମସିହାରୁ ତାଙ୍କ ବରୀ ବାଗଦା ସ୍ଥିତ ବାସଭବନରେ ନାରୀ ମଙ୍ଗଳ ସେବା ସଦନ ନାମରେ ଘରୋଇ ଚିକିତ୍ସାଳୟ ସ୍ଥାପନ କରି ରୋଗୀ ସେବା ଆରମ୍ଭ କରିଥିଲେ। ଦେହାନ୍ତର ମାତ୍ର ଅଳ୍ପ କିଛି ଦିନ ପୂର୍ବରୁ ଅସୁସ୍ଥତା କାରଣରୁ ଚିକିତ୍ସା ସେବାରୁ ଅବ୍ୟାହତି ନେଇଥିଲେ। ଜଣେ ମହିଳା ଓ ଶିଶୁ ଚିକିତ୍ସକ ଭାବେ ସେ ବେଶ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଦେହାନ୍ତ ଖବର ପାଇ ବରୀ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ଦେହାନ୍ତରେ ତାଙ୍କ ପାରିବାରିକ ବନ୍ଧୁ ପୂର୍ବତନ ଅର୍ଥମନ୍ତ୍ରୀ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡାଇ, ବରିଷ୍ଠ ବିଜେଡି ନେତା ବିଜୟ ନାୟକ, ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ଅଧକ୍ଷ ପ୍ରବୋଧ କୁମାର ସାମଲ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଗ୍ରାମ୍ୟ ସ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା ବେଳେ ସାନପୁଅ ଡାକ୍ତର ବିମଳେଶ ଓଝା ମୁଖାଗ୍ନି ଦେଇଥିଲେ।

ମୋବାଇଲ ଉପଭୋକ୍ତା ଶୋଷଣର ଶିକାର

ବାଧ୍ୟବାଧକତାରେ ତଣ୍ଡ ଗଣୁଛନ୍ତି ଗରିବ ଖଟିଖିଆ

ଯାଜପୁର, ୨୯ ।୧(ସମିସ)

ସାରା ଦେଶରେ ଡିଜିଟାଲ ଇଣ୍ଡିଆର ପ୍ରଚାର ଜୋରସୋରରେ ଚାଲିଛି। ସବୁ ସରକାରୀ ଓ ବେସରକାରୀ କାର୍ଯ୍ୟ ବିନା ଟେଲିଫୋନ କିମ୍ବା ଇଣ୍ଟରନେଟ ଅସମ୍ଭବ ହୋଇପଡ଼ିଛି। ଯେ କୌଣସି କାର୍ଯ୍ୟ କରିବା ପାଇଁ ହେଲେ ମୋବାଇଲର ଓଟିପି ଠାରୁ ଆରମ୍ଭ କରି ମେସେଜର ଆବଶ୍ୟକତା ପଡୁଛି। ଏଥିପାଇଁ ପ୍ରତ୍ୟେକ ଉପଭୋକ୍ତାଙ୍କ ପାଖରେ ମୋବାଇଲ ନମ୍ବର ରଖିବା ଏକପ୍ରକାର ବାଧ୍ୟତାମୂଳକ ହୋଇଯାଇଛି। ସାରା ଦେଶରେ ଆଉ ଲ୍ୟାଣ୍ଡଲାଇନ ପ୍ରାୟ ନଥିବା ବେଳେ ଏବେ ଉପଭୋକ୍ତା ମାନେ କେତେକ ହାତଗଣତି ଟେଲିକମ କମ୍ପାନୀର ମୋବାଇଲ ସେବା ଉପରେ ନିର୍ଭର କରୁଛନ୍ତି। ସାରା ଦେଶରେ ହାତ ଗଣତି ଟେଲିକମ କମ୍ପାନୀ ଥିବା ବେଳେ ଉପଭେକ୍ତାଙ୍କ ଆବଶ୍ୟକତାର ବାଧ୍ୟବାଧକତା ଦୃଷ୍ଟିରୁ କମ୍ପାନୀଗୁଡ଼ିକ ଉପଭୋକ୍ତାଙ୍କୁ ଆର୍ଥିକ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଆଜି ବି ଅନେକ ଲୋକ ଦୁଇ ମୁଠା ଖାଇବା ପାଇଁ ସଂଘର୍ଷ କରୁଥିବାବେଳେ ନିଜ ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ସହିତ କଥା ହେବା ପାଇଁ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଲୁଟ କରୁଛନ୍ତି ଟେଲିକମ କମ୍ପାନୀ। ହାତଗଣତି କମ୍ପାନୀ ଥିଲେ ମଧ୍ୟ ସମସ୍ତେ ସାଧାରଣ ଜନତାଙ୍କୁ ଲୁଟିବାରେ ଲାଗିଛନ୍ତି। ଯେଉଁଠି ଗରିବ ଲୋକଟିଏ ଦିନକୁ ଦୁଇ ଓଳି ଖାଇବା ପାଇଁ ସଂଘର୍ଷ କରୁଛି ତାକୁ ପ୍ରତିଦିନ ମୋବାଇଲରେ କଥା ହେବା ପାଇଁ ୪ ଜି, ୫ ଜି ନାଁରେ ଅଧିକ ଅର୍ଥ ଦେବାକୁ ପଡୁଛି। ଯେଉଁ ସାଧାରଣ ଉପଭୋକ୍ତା କେବଳ ନିଜ ସମ୍ପର୍କୀୟଙ୍କ ସହିତ କି ପ୍ୟାଡ୍ ଫୋନରେ କଥା ହେଉଛି ସିଏ କାହିଁକି ଜଣେ ସ୍ମାର୍ଟ ଫୋନ ଉପଭୋକ୍ତା ଭଳି ଅଧିକ ଅର୍ଥ ଦେବ ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି। ଆଜିର ଦିନରେ କୌଣସି କମ୍ପାନୀ କେବଳ ଭଏସ୍ କଲ ପ୍ଲାନ ଆଉ ରଖିନାହାନ୍ତି। ଫଳରେ ବାଧ୍ୟ ହୋଇ ସାଧାରଣ ଫୋନ ଧରୁଥିବା ଉପଭୋକ୍ତା ସ୍ମାର୍ଟ ପ୍ୟାକ ବା ଇଣ୍ଟରନେଟ୍ ପ୍ୟାକ ପକାଇ ଆର୍ଥିକ କ୍ଷତି ସହୁଛନ୍ତି। ସେହିଭଳି ଯେଉଁ ଉପଭୋକ୍ତାଙ୍କ ପାଇଁ କେବଳ ଭଏସ୍ ପ୍ୟାକ ଦରକାର ସେହି ଉପଭୋକ୍ତାଙ୍କୁ କାହିଁକି ଏସ୍‌ଏମ୍‌ଏସ୍ ପ୍ୟାକ ଓ ଇଣ୍ଟରନେଟ ପ୍ୟାକ ପାଇଁ ଅର୍ଥ ଦେବେ ତାକୁ ନେଇ ଉଠିଛି ନାନା ପ୍ରଶ୍ନବାଚୀ। ଯେଉଁ ଉପଭୋକ୍ତାଙ୍କର କେବଳ ଇନକମିଂ କଲ ଆବଶ୍ୟକ ସିଏ କାହିଁକି ଆଉଟ୍‌ଗୋଇଙ୍ଗ, ଏସ୍‌ଏମ୍‌ଏସ୍, ଇଣ୍ଟରନେଟ ପ୍ୟାକ ପାଇଁ ଅଧିକ ପଇସା ଦେବ ବୋଲି ଦିନ ମଜୁରିଆ ଭାବେ କାମ କରୁଥିବା ଅନେକ ଉପଭୋକ୍ତା ପ୍ରଶ୍ନ କରିଛନ୍ତି। ଏପରି ସମସ୍ୟା ଖୋଦ ସରକାରୀ ବିଏସ୍‌ଏନ୍‌ଏଲ୍ ଉପଭୋକ୍ତାମାନେ ମଧ୍ୟ ଭୋଗୁଛନ୍ତି। ନିକଟ ଅତିତରେ ଟେଲିକମ ରେଗୁଲେଟୋରି ଅର୍ଥରିଟି ଅଫ ଇଣ୍ଡିଆ (ଟ୍ରାଇ) ଏ ସଂକ୍ରାନ୍ତରେ ପ୍ରତ୍ୟେକ ଟେଲିକମ କମ୍ପାନୀକୁ ଅଳ୍ପ ମୂଲ୍ୟର ପ୍ୟାକ କରିବାକୁ ନିର୍ଦ୍ଦେଶ ନାମା ଜାରି କରିଥିଲା। କିନ୍ତୁ କୌଣସି କମ୍ପାନୀ ଏହାକୁ କାର୍ଯ୍ୟକାରୀ କରୁନାହାଁନ୍ତି। ଫଳରେ ପ୍ରତିଦିନ କୋଟି କୋଟି ଉପଭୋକ୍ତାଙ୍କୁ ଟେଲିକମ କମ୍ପାନୀ ଶୋଷଣ କରୁଛନ୍ତି। ସେହିପରି ପ୍ରତ୍ୟେକ ମାସିକ ରିଚାର୍ଜର ଅବଧି ୩୦ ଦିନ ରହିବା କଥା କିନ୍ତୁ ଏହାକୁ ଟେଲିକମ କମ୍ପାନୀଗୁଡ଼ିକ ୨୮, ୨୧ ଦିନ କରିସାରିଲେଣି। ଫଳରେ ଉପଭୋକ୍ତାମାନେ ବର୍ଷକୁ ୧୨ ଥର ବଦଳରେ ୧୩, ୧୪ ଥର ରିଚାର୍ଜ କରିବାକୁ ବାଧ୍ୟ ହେଉଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଟ୍ରାଇ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।



ଜାତୀୟ ଉଚ୍ଚ ବିଦ୍ୟାଳୟ ରଗ୍‌ବୀ ପାଇଁ ୨ ଖେଳାଳି ମନୋନୀତ

ଦଶରଥପୁର, ୨୯।୧(ସମିସ): ଦିଲ୍ଲୀସ୍ଥିତ ତ୍ୟାଗରାଜ ସ୍ପୋର୍ଟସ କମ୍ପ୍ଲେକ୍ସ ଷ୍ଟାଡିୟମରେ ୩୦ ତାରିଖ ଠାରୁ ଆରମ୍ଭ ହେଉଥିବା ଜାତୀୟ ଉଚ୍ଚ ବିଦ୍ୟାଳୟ ରଗ୍‌ବୀ ଫୁଟବଲ ଚାମ୍ପିଅନସିପ୍ ପାଇଁ ଓଡ଼ିଶା ଉଚ୍ଚ ବିଦ୍ୟାଳୟ ଶିକ୍ଷା ବିଭାଗ ଦଳରେ ଯାଜପୁର ଜିଲ୍ଲାର ଦଶରଥପୁରର କୈଳାସ ସାହୁଙ୍କ ପୁଅ ସାଇ ସତ୍ୟବ୍ରତ ସାହୁ ଓ ଓଡ଼େଇ ଗାଁର ବାବୁଲି ସାହୁଙ୍କ ପୁଅ ଶୁଭଜିତ୍ ମହାପାତ୍ର ସ୍ଥାନ ପାଇଛନ୍ତି। ଦୁଇଜଣ ଦଶରଥପୁର ଉଚ୍ଚତର ବିଦ୍ୟାଳୟର ଛାତ୍ର। ତାଙ୍କର ଏହି ସଫଳତାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ୍ ଟୁଡୁ, ଦଶରଥପୁର ଉଚ୍ଚତର ବିଦ୍ୟାଳୟର ଅଧକ୍ଷ କାହ୍ନୁଚରଣ ମିଶ୍ର। ଜିଲ୍ଲା ରଗ୍‌ବୀ ଫୁଟବଲ ଆସୋସିଏସନ୍‌ର ସଭାପତି ନାରାୟଣ ଚନ୍ଦ୍ର ସାହୁ ଓ ସମ୍ପାଦକ ଭରତ ସାହୁ ଓ ତାଙ୍କ କୋଚ୍ ବିଶାଳ ଚୌଧୁରୀଙ୍କ ସମେତ ବହୁ କ୍ରୀଡାବିତ୍ ଶୁଭେଚ୍ଛା ଜଣାଇଛନ୍ତି।





ନିରାମୟ କେନ୍ଦ୍ରର ଔଷଧ ବଜାରରେ ବିକ୍ରି

ମଙ୍ଗଳାବାଗ ଅଞ୍ଚଳରେ ବିକ୍ରି ଅଭିଯୋଗ

କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିବେଦନ



କଟକ,୨୯।୧(ସମିସ):

ରୋଗୀଙ୍କୁ ନିଃଶୁଳ୍କରେ ଔଷଧ ଯୋଗାଇଦେବା ପାଇଁ ବିଭିନ୍ନ ସରକାରୀ ହସ୍ପିଟାଲରେ ନିରାମୟ କେନ୍ଦ୍ର ଖୋଲାଯାଇଛି। ବିଶେଷକରି ଏହି ଯୋଜନା ଦ୍ୱାରା ଗରିବଶ୍ରେଣୀର ରୋଗୀ ଅଧିକମାତ୍ରାରେ ଉପକୃତ ହେଉଛନ୍ତି। ମାତ୍ର ନିରାମୟ କେନ୍ଦ୍ରର ଔଷଧ ଏବେ ବଜାରରେ ବିକ୍ରି କରାଗଲାଣି। ଔଷଧ ଷ୍ଟ୍ରିପ୍‌ରେ ଓଡ଼ିଶା ଷ୍ଟେଟ ମେଡିକାଲ କର୍ପୋରେସନ ଲିମିଟେଡ୍‌ର ଷ୍ଟାମ୍ପ ରହିଥିବା ସତ୍ତ୍ୱେ ଏହାକୁ ବିକ୍ରି କରାଇବାକୁ ଅସାଧୁ ବ୍ୟବସାୟୀ ପଛାଉ ନାହାନ୍ତି। ମଙ୍ଗଳାବାଗ ଅଞ୍ଚଳରେ ଥିବା କିଛି ଔଷଧ ଦୋକାନରେ ଏଭଳି କାରବାର ବେଧଡକ ଚାଲିଥିବା ଜଣାପଡ଼ିଛି। ପିଣ୍ଟୁ ଜେନା ନାମକ ଜଣେ ଯୁବକ ହୃଦରୋଗ ନିମନ୍ତେ ଉଦ୍ଦିଷ୍ଟ ଔଷଧ କିଣିବାକୁ ଯାଇଥିବା ବେଳେ ତାଙ୍କୁ ନିରାମୟ କେନ୍ଦ୍ରର ମାଗଣା ଔଷଧ ବିକ୍ରି କରାଯାଇଥିଲା। ଏ ସଂକ୍ରାନ୍ତରେ ସେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

ନିରାମୟ କେନ୍ଦ୍ରରେ ଔଷଧ ସଙ୍କଟ ନେଇ ବାରମ୍ବାର ଅଭିଯୋଗ ଆସେ। ବିଭିନ୍ନ ଜଟିଳ ରୋଗର ଔଷଧ ଉପଲବ୍ଧ ନଥିବାରୁ ରୋଗୀ ବାଧ୍ୟ ହୋଇ ବଜାରରୁ ଔଷଧ କିଣନ୍ତି। ତେବେ ନିରାୟମ କେନ୍ଦ୍ରର ଔଷଧ ବଜାରରେ ବିକ୍ରି ହେବା ଭଳି ଘଟଣା ଏବେ ଲୋକଲୋଚନକୁ ଆସିଛି। ଅଭିଯୋଗକାରୀ ପିଣ୍ଟୁଙ୍କୁ ମଙ୍ଗଳାବାଗ ଅଞ୍ଚଳରେ ଥିବା ଏକ ଦୋକାନରେ କ୍ଲୋପିଡୋଗ୍ରେଲ୍ ଔଷଧ ବିକ୍ରି କରାଯାଇଥିଲା। ଏହି ଔଷଧ ଷ୍ଟ୍ରିପରେ ଓଡ଼ିଶା ଷ୍ଟେଟ ମେଡିକାଲ କର୍ପୋରେସନ ଲିମିଟେଡ୍‌ର ଷ୍ଟାମ୍ପ ରହିଥିଲା। କୌଣସି ମୂଲ୍ୟ ଉଲ୍ଲେଖ ହୋଇ ନଥିଲା। କ୍ଲୋପିଡୋଗ୍ରେଲ୍ ଔଷଧର ମୂଲ୍ୟ ବିଭିନ୍ନ କମ୍ପାନୀ ଅନୁସାରେ ୪୪ଟଙ୍କାରୁ ଆରମ୍ଭ କରି ୭୫ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଉକ୍ତ ମାଗଣା ଔଷଧକୁ ମନଇଚ୍ଛା ଦରରେ ବିକ୍ରି କରାଯାଉଥିବା ସେ ଅଭିଯୋଗରେ ଜଣାଇଛନ୍ତି। ନିରାମୟ କେନ୍ଦ୍ରରୁ ଔଷଧ ନେଇ ମେଡିକାଲ ସନ୍ନିକଟ ବଜାରରେ ବିକ୍ରି କରାଯିବା ଭଳି ସମ୍ବେଦନଶୀଳ ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଉ ବୋଲି ଅଭିଯୋଗକାରୀ ପିଣ୍ଟୁ ନିବେଦନ କରିଛନ୍ତି।

ଜଣେ ଔଷଧ ଦୋକାନୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି ଯେ କିଛି ମାସ ହେବ ଏଭଳି ଔଷଧ ଏବେ ବଜାର ପ୍ରବେଶ କରୁଛି। ଏହା କେଉଁଠାରୁ ଆସୁଛି ଏବଂ ଏହା ପଛରେ କାହାର ସମ୍ପୃକ୍ତି ରହିଛି ତାହା ସ୍ପଷ୍ଟ ନୁହେଁ। ନିରାମୟ କେନ୍ଦ୍ରର ଔଷଧକୁ କିଛି ଦଲାଲ ଖୁବ କମ୍ ଦରରେ ଦୋକାନୀଙ୍କୁ ପ୍ରଦାନ କରୁଛନ୍ତି। ଦୋକାନୀ ନିଜ ମନ ମୁତାବକ ଦର ଲଗାଇ ରୋଗୀଙ୍କୁ ବିକୁଛନ୍ତି। ବିଶେଷକରି ଜିଲ୍ଲା ବାହାରୁ ଏହି ଔଷଧ ଅଣାଯାଉଥିବା ଅନୁମାନ କରାଯାଉଛି। ଘଟଣାର ଖୋଳତାଡ ହେଲେ ଏକ ବଡ ଲିଙ୍କ୍ ପଦାକୁ ଆସିବ ବୋଲି ଦୋକାନୀ ଜଣକ କହିଛନ୍ତି।

ଜବରଦଖଲ ଉଚ୍ଛେଦ ତ୍ୱରାନ୍ୱିତ ନିର୍ଦ୍ଦେଶ

କଟକ,୨୯।୧(ସମିସ): କଟକ ସଦର ତହସିଲ ଅଧୀନ ନୂଆପଡ଼ା ଅଞ୍ଚଳରେ ହୋଇଥିବା ସରକାରୀ ଜମି ଜବରଦଖଲକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। ଜବରଦଖଲକାରୀଙ୍କୁ ହଟାଇବା ପାଇଁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆର୍ତ୍ତତ୍ରାଣ ଭୂୟାଁଙ୍କ ତରଫରୁ ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଦର୍ଶାଇଥିଲେ ଯେ, ଗ୍ରାମର ଗୋଚର, ପାଡିଆ ଏବଂ ଗ୍ରାମ୍ୟ ରାସ୍ତା ଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ଜମିକୁ କିଛି ବ୍ୟକ୍ତି ବେଆଇନ ଭାବେ ମାଡ଼ି ବସିଛନ୍ତି। ଏହି ମାମଲାଟି ୨୦୧୧ ମସିହାରୁ ଚାଲିଆସୁଛି। ପୂର୍ବରୁ ଜିଲ୍ଲାପାଳଙ୍କୁ ଏହି ବିଷୟରେ ବିଚାର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇ ନ ଥିଲା। ଏହାପରେ ଆବେଦନକାରୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ସମୟରେ ଅତିରିକ୍ତ ସରକାରୀ ଓକିଲ କୋର୍ଟଙ୍କୁ ଜଣାଇଥିଲେ ଯେ, ସମ୍ପୃକ୍ତ ଜମିଗୁଡ଼ିକରୁ ଜବରଦଖଲ ହଟାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି।

ଜିଲ୍ଲାସ୍ତରୀୟ ପ୍ୟାରେଡ୍‌ରେ ରଘୁନାଥଜୀଉ ମହାବିଦ୍ୟାଳୟକୁ ସଫଳତା



କଟକ,୨୯।୧(ସମିସ): କଟକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟ ପାଇଁ ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛି। ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ରଘୁନାଥଜୀଉ ମହାବିଦ୍ୟାଳୟର ଏନସିସି ଦଳକୁ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ପ୍ୟାରେଡ୍ ଦଳ ଭାବେ ବିବେଚିତ କରାଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାବିଦ୍ୟାଳୟର ଏହି କୃତି ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରିବା ସହ ପୁରସ୍କାର ପ୍ରଦାନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ନିଷ୍ଠାପୂର୍ଣ୍ଣ ପ୍ରୟାସ ଏବଂ ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଏବଂ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଅନିରୁଦ୍ଧ ଦାସ ସମସ୍ତ ଅଂଶଗ୍ରହଣକାରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ପରୀକ୍ଷା ଦର୍ପଣ ପୁସ୍ତକ ବିତରଣ

କଟକ,୨୯।୧(ସମିସ): କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦର୍ପଣ ପୁସ୍ତକ ବିତରଣ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଅନୁଷ୍ଠିତ ହେଉଥିବା ମାଟ୍ରିକ ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କୁ ପରିଷଦ ପକ୍ଷରୁ ପରୀକ୍ଷା ଦର୍ପଣ ପୁସ୍ତକ ଯୋଗାଇ ଦିଆଯାଇଛି। ଏଥିପାଇଁ କଟକ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟଠାରେ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀଙ୍କୁ ପୁସ୍ତକ ବିତରଣ କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ନିଷ୍ପତ୍ତିକ୍ରମେ



ପରୀକ୍ଷା ଦର୍ପଣ ପୁସ୍ତକ ପ୍ରଦାନ କରାଯାଉଥିବା ବେଳେ ଏହି ପୁସ୍ତକ ଦ୍ୱାରା ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ଶିକ୍ଷାଧିକାରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ଅଭିଜିତ ଭାସ୍କର, ବିଇଓ ମନିଷା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣା: ଯୁବକ ଗିରଫ

କଟକ, ୨୯।୧ (ସମିସ): ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ରେକର୍ଡ କରି ସେହି ଭିଡିଓକୁ ଭାଇରାଲ କରିବା ଅଭିଯୋଗରେ କଟକ ସାଇବର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନାଞ୍ଚଳର ପ୍ରମୋଦ ବେହେରା (୨୩)। ଗୁରୁବାର ତାକୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ୨୦୨୪ ମସିହାରେ ଅଭିଯୁକ୍ତ ପ୍ରମୋଦ କଟକ ପୁରୀଘାଟ ଥାନାଞ୍ଚଳରେ ଭଡ଼ାରେ ରହୁଥିଲା। ପାଖ ଘରେ ଅନ୍ୟ ଏକ ପରିବାରର ଜଣେ ନାବାଳିକା ସହ ଅଭିଯୁକ୍ତ ସମ୍ପର୍କ ସୃଷ୍ଟି କରି ମୋବାଇଲ ଫୋନରେ ଅଶ୍ଳୀଳ ଭିଡିଓ ରେକର୍ଡ କରିଥିଲା। ପରେ ସେହି ଭିଡିଓକୁ ଦେଖାଇ ନାବାଳିକାଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଥିଲା। ପରିବାର ଲୋକେ ଜାଣିବା ପରେ କଟକ ସାଇବର ଥାନାରେ ଅଭିଯୋଗ ଦାଖଲ କରିଥିଲେ। ପରେ ଅଭିଯୁକ୍ତ କଟକ ଛାଡ଼ି ଫେରାର ହୋଇଯାଇଥିଲା। ପୈତୃକ ଘରେ ଥିବା ସୂଚନା ପାଇ ସାଇବର ଥାନା ପୁଲିସ ଟିମ୍ ଚଢ଼ଉ କରି ପ୍ରମୋଦକୁ ଗିରଫ କରିଛି।

ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ସଂଘର କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ



କଟକ,୨୯।୧(ସମିସ): କଟକ ସିଡିଏ ସେକ୍ଟର-୭ ଅଞ୍ଚଳରେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀଙ୍କ ସାମାଜିକ ସୁବିଧା ପାଇଁ କଟକ ଅବସରପ୍ରାପ୍ତ ଏୟାର ଫୋର୍ସ କର୍ମଚାରୀ ସଂଘର ନବନିର୍ମିତ କମ୍ୟୁନିଟି ସେଣ୍ଟର ଉଦଘାଟିତ ହୋଇଯାଇଛି। ଏହାକୁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଉଦଘାଟନ କରିଛନ୍ତି। ବିଧାୟକ ଉନ୍ନୟନ ପାଣ୍ଠି ସହାୟତାରେ ଏହି ଗୃହଟି ନିର୍ମାଣ କରାଯାଇଛି। ଦେଶମାତୃକାର ସେବା କରି ଅବସର ଗ୍ରହଣ କରିଥିବା ବୀର ଯବାନମାନଙ୍କ ସମ୍ମାନାର୍ଥେ ଏହି ପ୍ରକଳ୍ପ ସହାୟକ ହେବ ବୋଲି ବିଧାୟିକା ଶ୍ରୀମତୀ ଫିରଦୋସ କହିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଯୋଗଦେଇ ବିଧାୟିକାଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

ସୁବନ୍ଧନ ବାରିକ ଶଙ୍କରପୁରର ନୂଆ ଅଧିକାରୀ

କଟକ,୨୯।୧(ସମିସ): ସୁବନ୍ଧନ ବାରିକ୍ ଶଙ୍କରପୁର ଗ୍ରାମର ନୂଆ ଅଧିକାରୀ ହୋଇଛନ୍ତି। ଗ୍ରାମରେ ହୋଇଥିବା ମତଦାନ ପ୍ରକ୍ରିୟାରେ ସୁବନ୍ଧନ ବିଜୟ ହେବା ପରେ ତାଙ୍କୁ ଅଧିକାରୀ ନିଯୁକ୍ତି ମିଳିଛି। ସେ ହେଉଛନ୍ତି ଗ୍ରାମର ପୂର୍ବତନ ଅଧିକାରୀ ସ୍ୱର୍ଗତ ସୁରେଶଚନ୍ଦ୍ର ବାରିକ୍‌ଙ୍କ ପୁଅ ଓ ପୂର୍ବତନ ଅଧିକାରୀ ସ୍ୱର୍ଗତ ଭଜନୀ ବାରିକ୍‌ଙ୍କ ନାତି। ଗତବର୍ଷ ଜୁନ୍ ମାସରେ ଅଧିକାରୀ ସୁରେଶ ଚନ୍ଦ୍ର ବାରିକ୍‌ଙ୍କ ଦେହାନ୍ତ ପରେ ପଦଟି ଖାଲି ରହିଥିଲା। ଆଜି ଏହି ମତଦାନ ପ୍ରକ୍ରିୟା ପରିଚାଳନା ବେଳେ ମହନ୍ତ ଅଭିମନ୍ୟୁ ଖୁଣ୍ଟିଆ, ରଂଜିତ ରାଉତ, ମୁରବି କୃଷ୍ଣଚନ୍ଦ୍ର ପରିଡ଼ା, ବାବୁଲି ସ୍ୱାଇଁ, ରମାନାଥ ସ୍ୱାଇଁ, କ୍ଷୀରୋଦ କୁମାର ପାତ୍ର, ପ୍ରହଲ୍ଲାଦ ଚନ୍ଦ୍ର ବାରିକ୍, ଦେବେନ୍ଦ୍ର ବେହେରା, ରାଜକିଶୋର ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ, ସଂକୀର୍ତ୍ତନ ଗୁରୁ ରବୀନ୍ଦ୍ର ରାଉତ, ଯୁବକ ସଂଘ ସଭାପତି ସର୍ବେଶ୍ୱର ବାରିକ୍, କାର୍ଯ୍ୟକାରୀ ସଭାପତି ନିମାଇଁ ବିଶ୍ୱାଳ, ସଂପାଦକ ରଶ୍ମୀରଂଜନ ପ୍ରଧାନ, ଶଙ୍କରପୁର-ବାଦାମବାଡ଼ି ପୂଜା କମିଟି ଆୟୋଜକ ପ୍ରମୋଦ ପାତ୍ର, କୋଷାଧ୍ୟକ୍ଷ ଦେବାଶିଷ ଜେଠୀ, ସଭ୍ୟ କାଳନ୍ଦୀ ଖୁଣ୍ଟିଆ, ସଚ୍ଚିଦାନନ୍ଦ ରାଉତ, ଦିପ୍ତୀରଂଜନ ସ୍ୱାଇଁ, ସୁଜିତ ବିଶ୍ୱାଳ, ସୁଧାଂଶୁ ରାଉତ, ଲଳିତ ଖୁଣ୍ଟିଆ, ସଂଜୟ ଖୁଣ୍ଟିଆ, ଆଲୋକ ନାୟକ ଓ ମାନସ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ।

ସାପ୍ତାହିକ ଖବରକାଗଜ 'ହର୍ଷିକା' ଉନ୍ମୋଚିତ



କଟକ,୨୯।୧(ସମିସ): ଗରିବ, ଅସହାୟ ଓ ଅବହେଳିତ ଲୋକଙ୍କୁ ସଦାସର୍ବଦା ନ୍ୟାୟ ପ୍ରଦାନ ସହ ନିରପେକ୍ଷ ଖବର ପ୍ରକାଶନ କରିବା ଗଣମାଧ୍ୟମର ପ୍ରମୁଖ କର୍ତ୍ତବ୍ୟ। ୭୭ତମ ସାଧାରଣତନ୍ତ୍ର ଦିବସରେ ଦରଖାପାଟଣାସ୍ଥିତ କାର୍ଯ୍ୟାଳୟରେ ସାପ୍ତାହିକ ଖବରକାଗଜ ହର୍ଷିକାର ଉନ୍ମୋଚନ ଅବସରରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ୫୩ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା ଏବଂ ୫୨ନଂ ୱାର୍ଡ କର୍ପୋରେଟର ସୌଭାଗିନୀ ଜେନା ବକ୍ତବ୍ୟ ପ୍ରଦାନ କରିଥିଲେ। ଯେପର୍ଯ୍ୟନ୍ତ ସାଧାରଣ ଲୋକଟି ତାର ନ୍ୟାଯ୍ୟ ଦାବି ହାସଲ ନ କରିଛି ସେ ପର୍ଯ୍ୟନ୍ତ ଆମର ଲଢ଼େଇ ଜାରି ରହିବ ବୋଲି ମୁଖ୍ୟ ସମ୍ପାଦକ ଡଃ ବ୍ୟୋମକେଶ କାନୁନଗୋ କହିଛନ୍ତି। ସମ୍ପାଦକ ବିରଜା ପ୍ରସାଦ କାନୁନଗା, ସହସମ୍ପାଦକ ଡ. ପ୍ରଦୋତ ତ୍ରିପାଠୀ, ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମହାନ୍ତି, ପ୍ରଦୀପ ଦାସ, ସୁଧାଂଶୁ ଦାସ ଏବଂ ସାମ୍ବାଦିକ ସମୀର କର, ନଗେନ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ବର୍ଷସାରା ପାଳିତ ହେବ ଗୁରୁ ଦୟାନିଧି ଦାସଙ୍କ ଜନ୍ମ ଶତବାର୍ଷିକୀ

କଟକ,୨୯।୧(ସମିସ): ଓଡ଼ିଶାର କଳା ଓ ସଂସ୍କୃତି ଜଗତର ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଗୁରୁ ଦୟାନିଧି ଦାସଙ୍କ ଜନ୍ମ ଶତବାର୍ଷିକୀକୁ ଆସନ୍ତା ୨୦୨୬ ମସିହାରେ ରାଜ୍ୟବ୍ୟାପୀ ମହାସମାରୋହରେ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଉପଲକ୍ଷେ କଟକସ୍ଥିତ "ଦୟାନିଧି ସ୍ମୃତି କଳା ପରିଷଦ' ପରିସରରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗୁରୁଙ୍କ ସ୍ମୃତି ଚାରଣ କରାଯିବା ସହ ବର୍ଷସାରା ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ସାଂସ୍କୃତିକ ଓ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମର ଏକ ବିସ୍ତୃତ ରୂପରେଖ ପ୍ରସ୍ତୁତ କରାଯାଇଛି। ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ଫେବ୍ରୁଆରୀରେ ଗୁରୁଙ୍କ ଜନ୍ମସ୍ଥାନ ନୟାଗଡ଼ଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ ଏବଂ ଭୁବନେଶ୍ୱରରେ ଓଡ଼ିଶୀ ନୃତ୍ୟ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହେବ। ମାର୍ଚ୍ଚ ମାସରେ କଟକରେ ଶ୍ରାଦ୍ଧ ଉତ୍ସବ ପାଳନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବାକୁ ଥିବା ବେଳେ ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ତାଙ୍କ ରଚିତ ଗୀତିନାଟ୍ୟ, ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ, "ସୁବର୍ଣ୍ଣ ମଞ୍ଜରୀ' ନୃତ୍ୟ ନାଟିକା ଏବଂ ଡାଲଖାଇ, କରମା ପରି ବିଭିନ୍ନ ପଲ୍ଲୀ ନୃତ୍ୟ ପ୍ରଦର୍ଶନର କାର୍ଯ୍ୟକ୍ରମ ରହିଛି। ଏହାବ୍ୟତୀତ ଶିଶୁ ଏକାଙ୍କିକା, କବିତା ପାଠୋତ୍ସବ ଏବଂ ଓଡ଼ିଶୀ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଆୟୋଜିତ ହେବ। ବର୍ଷର ଶେଷ ଭାଗ ଅର୍ଥାତ୍ ନଭେମ୍ବର ଓ ଡିସେମ୍ବର ମାସରେ ନୟାଗଡ଼ଠାରେ ଭବ୍ୟ ଉଦଯାପନୀ ସମାରୋହ ଅନୁଷ୍ଠିତ ହେବ। ଏହି ଶତବାର୍ଷିକୀ ଅବସରରେ ଗୁରୁଙ୍କ କାର୍ଯ୍ୟାବଳୀକୁ ନେଇ ପୁସ୍ତକ, ତାଙ୍କ ସ୍ମୃତିରେ "ଅଭୁଲା ସ୍ମୃତି' ସ୍ମାରକୀ ଗ୍ରନ୍ଥ ଏବଂ ଏକ ସ୍ୱତନ୍ତ୍ର ଚିତ୍ର ଗ୍ରନ୍ଥ ପ୍ରକାଶ କରିବାକୁ ପରିଷଦ ପକ୍ଷରୁ ସ୍ଥିର ହୋଇଛି। ଏହି ସମସ୍ତ ବ୍ୟାପକ ଆୟୋଜନ ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ଗୁରୁଙ୍କ ପ୍ରିୟ ଛାତ୍ରଛାତ୍ରୀ, ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ପରିଷଦ ପକ୍ଷରୁ ନିବେଦନ କରାଯାଇଛି।

ନୂତନ କ୍ୟାଲେଣ୍ଡରର ଉନ୍ମୋଚନ



କଟକ,୨୯।୧(ସମିସ): କଟକ-ବାରବାଟୀ ବରିଷ୍ଠ ନାଗରିକ ସଂଘ ସାଧାରଣ ସମ୍ପାଦକ ତୁଷାରକାନ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ନୂତନ କ୍ୟାଲେଣ୍ଡରର ଉନ୍ମୋଚିତ ହୋଇଯାଇଛି। ମୁଖ୍ୟଅତିଥି ସଂଘ ଉପଦେଷ୍ଟା ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ବିଜୟ ମହାପାତ୍ର, କୃଷ୍ଣଚନ୍ଦ୍ର ମିଶ୍ର, କେଦାରନାଥ ବେହେରା, ସୁଶାନ୍ତ ମହାପାତ୍ର, ବାସୁଦେବ ବେହେରା, ଶିବପ୍ରସାଦ ନାୟକ, ପ୍ରସନ୍ନ ମହାପାତ୍ର, ସଞ୍ଜୟ ପରିଜା, ରବୀନ୍ଦ୍ର ନାରାୟଣ ଚୌଧୁରୀ, କାଳନ୍ଦୀଚରଣ ଦାସ ଓ ସୁବ୍ରତ ଲାହା ଯୋଗ ଦେଇଥିଲେ। ବିଜୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

ଜୟ ଜଗନ୍ନାଥ କ୍ଲବର ସଭାପତି ହେଲେ ଶୁଭେନ୍ଦୁ

କଟକ,୨୯।୧(ସମିସ): କଟକ ଯୋବ୍ରା ନୂଆସାହିସ୍ଥିତ ଶ୍ରୀ ଜୟ ଜଗନ୍ନାଥ କ୍ଲବର ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଶୁଭେନ୍ଦୁ ମହାନ୍ତି ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା କ୍ଲବ ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ ସୂଚନା ଦେଇଛନ୍ତି। ନୂଆସାହି ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠାନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗ୍ରାମ ଅଧିକାରୀ କାଶୀନାଥ ନାୟକ ଓ ମହନ୍ତ ଶିବେନ୍ଦ୍ର ନାୟକଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। କ୍ଲବର ସହସମ୍ପାଦକ ଶୁଭମ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ବୁଣାକାରଙ୍କ ଭାଗ୍ୟ ବଦଳାଇବ 'ଧରୋହର' ଆପ୍

ମା'ଙ୍କ ଗାଳି ଓ ବୁଣାକାରଙ୍କ ଦୁଃଖରୁ ମିଳିଲା ପ୍ରେରଣା

ରେଭେନ୍ସା ଛାତ୍ରଙ୍କ ଆପ୍‌କୁ ମିଳିଲା ୫ ଲକ୍ଷର ପୁରସ୍କାର

କଟକ,୨୯।୧(ସମିସ):

ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ ଏହି କଥାକୁ ସତ କରି ଦେଖାଇଛନ୍ତି କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଆଇଏସଟି ବିଭାଗର ତୃତୀୟ ବର୍ଷ ଛାତ୍ର ଦେବୀପ୍ରସାଦ ମିଶ୍ର। ଅନଲାଇନରେ ଶାଢ଼ି କିଣି ଠକାମୀର ଶିକାର ହେବା ପରେ ଦେବୀପ୍ରସାଦ ଏପରି ଏକ ୱେବସାଇଟ୍ ନିର୍ମାଣ କରିଛନ୍ତି, ଯାହା ଗ୍ରାହକଙ୍କୁ ସଠିକ୍ ସାମଗ୍ରୀ ଯୋଗାଇବା ସହ ଓଡ଼ିଶାର ଲକ୍ଷ ଲକ୍ଷ ବୁଣାକାରଙ୍କୁ ସେମାନଙ୍କର ଉଚିତ ପାରିଶ୍ରମିକ ଦେବାରେ ସହାୟକ ହେବ। ତାଙ୍କର ଏହି ଅଭିନବ ପ୍ରୋଜେକ୍ଟ 'ଧରୋହର' ପାଇଁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ତାଙ୍କୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରି ସମ୍ମାନିତ କରିଛନ୍ତି।






ଏହି ସଫଳତା ପଛର କାହାଣୀ ବେଶ୍ ରୋଚକ। ଦିନେ ଦେବୀ ପ୍ରସାଦ ନିଜ ମା'ଙ୍କ ପାଇଁ ଅନଲାଇନରୁ ଏକ ପାଟ ଶାଢ଼ି ମଗାଇଥିଲେ। ଶାଢ଼ିଟି ପହଞ୍ଚିବା ପରେ ଜଣାପଡ଼ିଲା ଯେ ଅଧିକ ମୂଲ୍ୟ ଦେଇ ସେ ଏକ ନକଲି ଶାଢ଼ି କିଣିଛନ୍ତି। ଏଥିପାଇଁ ତାଙ୍କୁ ମା'ଙ୍କ ଗାଳି ମଧ୍ୟ ଶୁଣିବାକୁ ପଡ଼ିଥିଲା। ଅନ୍ୟପଟେ, ତାଙ୍କର ଜଣେ ସହପାଠୀଙ୍କ ବାପା ଜଣେ ବୁଣାକାର ହୋଇଥିବାରୁ, ବୁଣାକାରମାନେ ଦିନରାତି ପରିଶ୍ରମ କରି ମଧ୍ୟ କିପରି ମଧ୍ୟସ୍ଥିଙ୍କ ଶୋଷଣ ଯୋଗୁଁ ଉଚିତ ମୂଲ୍ୟ ପାଉନାହାନ୍ତି, ସେ ବିଷୟରେ ସେ ଜାଣିବାକୁ ପାଇଥିଲେ। ଏହି ଦୁଇଟି ଘଟଣା ତାଙ୍କୁ ଧରୋହର ୱେବସାଇଟ୍ ତିଆରି କରିବାକୁ ଖୋରାକ ଯୋଗାଇଥିଲା। ଦେବୀ ପ୍ରସାଦଙ୍କ ଦ୍ୱାରା ନିର୍ମିତ ଏହି ୱେବସାଇଟ୍ ବୁଣାକାର ଏବଂ କ୍ରେତାଙ୍କ ମଧ୍ୟରେ ଏକ ସିଧାସଳଖ ସେତୁ ସାଜିବ। ଏଥିରେ କୌଣସି ମଧ୍ୟସ୍ଥି ବା ଦଲାଲ ରହିବେ ନାହିଁ, ଫଳରେ ବୁଣାକାର ସିଧାସଳଖ ଗ୍ରାହକଙ୍କୁ ଶାଢ଼ି ବିକ୍ରି କରି ପୂରା ଲାଭ ପାଇପାରିବେ। ସବୁଠାରୁ ବଡ଼ ବୈଷୟିକ ଜ୍ଞାନକୌଶଳ ହେଉଛି କ୍ୟୁଆର କୋଡ ବ୍ୟବସ୍ଥା। ପ୍ରତ୍ୟେକ ପ୍ରଡକ୍ଟରେ ଏକ ସ୍ୱତନ୍ତ୍ର କୋଡ୍ ରହିବ, ଯାହାକୁ ସ୍କାନ୍ କରି ଗ୍ରାହକ ଶାଢ଼ିର ମାନ, ବୁଣାକାରଙ୍କ ପରିଚୟ ଏବଂ ଅସଲି-ନକଲି ମଧ୍ୟରେ ଫରକ ଜାଣିପାରିବେ। ଓଡ଼ିଶାର ପ୍ରାୟ ୨ ଲକ୍ଷ ୩୦ ହଜାର ବୁଣାକାରଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସେ ମାତ୍ର ୫ ମାସ ମଧ୍ୟରେ ଏହି କାମ ଶେଷ କରିଛନ୍ତି।

ଦେବୀଙ୍କର ଏହି ସଫଳତାରେ ତାଙ୍କ ସହପାଠୀ ରାଜ୍ ମଧ୍ୟ ସହଯୋଗ କରିଥିଲେ। ସରକାରଙ୍କ ଠାରୁ ମିଳିଥିବା ୫ ଲକ୍ଷ ଟଙ୍କାକୁ ସେ ଏହି ପ୍ଲାଟଫର୍ମକୁ ଆହୁରି ଅଧିକ ବିକଶିତ କରିବା ପାଇଁ ବିନିଯୋଗ କରିବେ ବୋଲି କହିଛନ୍ତି। କୁଟୀର ଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ଏହି ୱେବସାଇଟ୍ ଏକ ବିପ୍ଳବ ଆଣିବ ବୋଲି ଆଶା କରାଯାଉଛି। ଯଦି ରାଜ୍ୟ ସରକାର ଏହି ବ୍ୟବସ୍ଥାକୁ ବୃହତସ୍ତରରେ ପ୍ରୋତ୍ସାହନ ଦିଅନ୍ତି, ତେବେ ଓଡ଼ିଶାର କଳା ଓ ସଂସ୍କୃତି ସାରା ବିଶ୍ୱରେ ଏକ ନୂତନ ପରିଚୟ ପାଇବା ସହ ଠକାମୀରୁ ଗ୍ରାହକ ସମ୍ପୂର୍ଣ୍ଣ ରୂପେ ମୁକ୍ତି ପାଇପାରିବେ ବୋଲି ଦେବୀ କହିଛନ୍ତି।

ଆଲୋଚନାରେ ସୀମିତ ବିମାନ ବନ୍ଦର ଓ ଆର୍‌ଏସ୍‌ପି ସମ୍ପ୍ରସାରଣ

ରାଉରକେଲା, ୨୯।୧(ସମିସ)



ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ କାର୍ଯ୍ୟ ଓ ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ କାର୍ଯ୍ୟ କେବଳ ଆଲୋଚନାରେ ସୀମିତ ରହିଯାଇଛି। ଗତକାଲି ରାଉରକେଲା ଆସିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ କାର୍ଯ୍ୟ ଓ ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ନେଇ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ, ବିଭାଗୀୟ ମୁଖ୍ୟ ସଚିବଙ୍କ ସହ ୩ ଥର ବୈଠକ କରି ଆଲୋଚନା କରିଥିଲେ। ଏହି ସମୟରେ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ହେଁ ଆଲୋଚନାର ନିଷ୍କର୍ସ ସ୍ପଷ୍ଟ କରି ନଥିଲେ।

ଗତ ନଭେମ୍ବର ୧୯ରେ କେନ୍ଦ୍ର ଇସ୍ପାତ ଏବଂ ଭାରୀ ଶିଳ୍ପ ମନ୍ତ୍ରୀ ଏଚ୍‌ଡି ସ୍ୱାମୀ ରାଉରକେଲା ଗସ୍ତରେ ଆସିଥିଲେ। ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନ ରହିଥିବା ଏବଂ ଆରଏସପିର ଉତ୍ପାଦନ କ୍ଷମତାକୁ ଖୁବ୍‌ଶୀଘ୍ର ବାର୍ଷିକ ୯.୫ ନିୟୁତ ଟନ୍‌କୁ ବୃଦ୍ଧି କରାଯିବାର ଯୋଜନା ରହିଛି ବୋଲି କହିଥିଲେ। ଜବରଦଖଲକାରୀ ବିସ୍ଥାପିତଙ୍କୁ ଥଇଥାନ ପରେ ଆସନ୍ତା ୨୦୨୬ ସୁଦ୍ଧା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବ ଏବଂ ପ୍ରାୟ ୩ ବର୍ଷ ମଧ୍ୟରେ ଏହି କାର୍ଯ୍ୟ ସମ୍ପନ୍ନ ବୋଲି ସେ କହିଥିଲେ। ସେହିପରି ଆଗାମୀ ୪/୫ ବର୍ଷରେ ରାଉରକେଲା ବିମାନବନ୍ଦର କାର୍ଯ୍ୟକ୍ଷମ କରି ନିୟମିତ ବିମାନ ଚଳାଚଳ କରାଯିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଚାଲିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ସ୍ୱାମୀ କହିଥିଲେ। ତେବେ ଉଭୟ ସମ୍ପ୍ରସାରଣ କାର୍ଯ୍ୟର ବାସ୍ତବ ସ୍ଥିତି ତ୍ୱରାନ୍ୱିତ ହୋଇଥିବା ବିଷୟ ଆଦୌ ଜଣାପଡୁନାହିଁ। ଗତକାଲି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଉରକେଲା ବିମାନବନ୍ଦରରେ ୪ସି ଲାଇସେନ୍ସ ପାଇଁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିବା ବେଳେ ଏ ନେଇ ବିଭାଗୀୟ କେନ୍ଦ୍ରମନ୍ତ୍ରୀ, ବିଭାଗୀୟ ରାଜ୍ୟ ସରକାରଙ୍କ ସଚିବଙ୍କ ସହ ୩ ଥର ଆଲୋଚନା ହୋଇ ସମୀକ୍ଷା ସରିଛି। ଏ ନେଇ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି। ଉନ୍ନୟନ କମିଶନର ଦେଓରଞ୍ଜନ ସିଂହ ୩ ଥର ରାଉରକେଲା ଗସ୍ତ କରି ଆରଏସପି ସମ୍ପ୍ରସାରଣ କାର୍ଯ୍ୟ ଓ ବିମାନ ବନ୍ଦର ସମ୍ପ୍ରସାରଣ ନେଇ ସମୀକ୍ଷା କରି ସାରିଛନ୍ତି ବୋଲି ସେ କହିଥିଲେ। ଅପରପକ୍ଷେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବ କହିଛନ୍ତି ଯେ ଆରଏସପି ସମ୍ପ୍ରସାରଣ କାର୍ଯ୍ୟ ପାଇଁ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଉଚ୍ଚ ସ୍ତରୀୟ କମିଟି ଗଠନ କରାଯାଇଛି। ୩୦ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ସମ୍ପ୍ରସାରଣ କାର୍ଯ୍ୟରେ ଜମି ଅଧିଗ୍ରହଣ ଓ ବିସ୍ଥାପିତଙ୍କ ସମସ୍ୟା ସମାଧାନ ପାଇଁ ଆଲୋଚନା ଚାଲିଛି। ଆରଏସପିର ମୋଟ ୨୩୮୦ ଏକର ଜମି ଜବରଦଖଲରେ ରହିଥିବା ବେଳେ ସେଥିମଧ୍ୟରୁ ୧୧୮୦ ଏକର ଜବରଦଖଲ ଜମିରେ ଆରଏସପି ସମ୍ପ୍ରସାରଣ କାର୍ଯ୍ୟ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇ ୧୫ ଏକର ଜମିରେ କଲୋନୀ ନିର୍ମାଣ କରାଯାଇ ଥଇଥାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

୧୫ ଏକର ଜମିରେ ଜବରଦଖଲକାରୀଙ୍କୁ ଥଇଥାନ

ରାଜ୍ୟ ଉଷୁ ପ୍ରତିଯୋଗିତାରେ ସୁନ୍ଦରଗଡ଼ର ସଫଳତା



ରାଉରକେଲା, ୨୯।୧(ସମିସ): ଭୁବନେଶ୍ୱର ସ୍ଥିତ ରୟାଲ କଲେଜ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଠାରେ ୩୧ତମ ରାଜ୍ୟ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କ୍ରୀଡା ଓ ଯୁବସେବା ବିଭାଗର ସ୍ୱତନ୍ତ୍ର ଅଧିକାରୀ ଧିରଜ୍ ପଟ୍ଟନାୟକ, କ୍ଷଣପ୍ରଭା ଷଡଙ୍ଗୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଉଷୁ ସଂଘ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଇ.ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ରାଜ୍ୟର ୨୧ଟି ଜିଲ୍ଲାରୁ ୩୫୦ ପ୍ରତିଯୋଗୀ ଓ ୫୦ ଜଣ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାର ୩୨ ଜଣ ଖେଳାଳି, ୨ ଜଣ ଅଧିକାରୀ ସ୍ପୋର୍ଟସ ଉଷୁ ସଂଘ ସୁନ୍ଦରଗଡ଼ ତତ୍ତ୍ୱାବଧାନରେ ପ୍ରତିନିଧିତ୍ୱ କରିଥିଲେ। ଉପସଭାପତି ଟିକା ବାହାଦୁର ଓ ସମ୍ପାଦକ ସୁଜନ ରଥ ବୈଷୟିକ ଅଧିକାରୀ ଦାୟିତ୍ୱ ତୁଲାଇ ଥିଲେ। କନିଷ୍ଠ ବର୍ଗରେ ସୁନ୍ଦରଗଡ଼ ଦଳ ୯ଟି ସ୍ୱର୍ଣ୍ଣ ପଦକ ସହ ଦଳଗତ ବିଜେତା ହୋଇଥିବା ବେଳେ ବରିଷ୍ଠ ବର୍ଗରେ ୯ଟି ସ୍ୱର୍ଣ୍ଣ ପଦକ ସହ ଉପବିଜେତା ଏବଂ ୪ଟି ସ୍ୱର୍ଣ୍ଣ ପଦକ ସହ ଉପ କନିଷ୍ଠ ଦଳ ଦ୍ୱିତୀୟ ଉପବିଜେତା ଟ୍ରଫି ହାସଲ କରିଥିଲା। ସୁନ୍ଦରଗଡ଼ ଉଷୁ ଦଳର ଏହି କ୍ରମାଗତ ସଫଳତା ପାଇଁ ଜିଲ୍ଲା ଉଷୁ ସଂଘ ସଭାପତି ବିରଞ୍ଚି ନାରାୟଣ ପଟ୍ଟନାୟକ, ଉପସଭାପତି ଟିକା ବାହାଦୁର, ଯୁଗ୍ମ ସମ୍ପାଦକ ଅଜୟ ଲାକ୍ରା, ଖେଳପ୍ରେମୀ ଓପି ସିଂ, ବାସୁଦେବ ବାନାର୍ଜୀ, ରାଇମା କ୍ଲବ୍ କ୍ରୀଡା ଉପନିର୍ଦ୍ଦେଶକ ସୁଦୀପ୍ତ ନାୟକ ଶୁଭେଚ୍ଛା ଜଣାଇଛନ୍ତି।

ଲୋଡିଂ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅଞ୍ଚଳର ଗାଡ଼ି ମାଲିକଙ୍କ ଅଭିଯୋଗ



ବଣାଇ, ୨୯।୧(ସମିସ): ବଣାଇ ଅଞ୍ଚଳର ସ୍ଥାନୀୟ ଗାଡି ମାଲିକମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଟେନସା ସେକ୍ଟରରେ ଲୋଡିଂ କାର୍ଯ୍ୟ ସମ୍ପର୍କିତ ଦୀର୍ଘଦିନର ଅମିମାଂସିତ ସମସ୍ୟାଗୁଡିକ ବିଷୟରେ ଅବଗତ କରାଇଛନ୍ତି। ଗତ ୬ମାସ ଧରି ଟେନସା ସେକ୍ଟରରେ ସ୍ଥାନୀୟ ଯାନଗୁଡିକୁ ଲୋଡିଂ ବେଳେ ସମସ୍ୟା ଦେଖାଦେଉଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ ବଣାଇ ଉପଖଣ୍ଡ ପ୍ରଶାସନ ଓ ସ୍ଥାନୀୟ ପୁଲିସ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି। ଗାଡ଼ି ମାଲିକମାନେ ଜିଲ୍ଲାପାଳ କାର୍ଯ୍ୟାଳୟ, ଏସ୍‌ଡିପିଓ କାର୍ଯ୍ୟାଳୟ ଓ ସ୍ଥାନୀୟ ପୁଲିସ ଥାନାକୁ ଅନେକଥର ଯାଇ ଅଭିଯୋଗ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ବାଧ ହୋଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିବା କହିଥିଲେ। ଏହି ମାମଲାକୁ ଗୁରୁତ୍ୱର ସହିତ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିନିଧି ମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଛନ୍ତି। ଟେନସା ସେକ୍ଟରର ଗୀତାରାଣୀ ମାଇନ୍ସ ଓ ପିଟିଏ ଅଞ୍ଚଳରୁ ବଣାଇର ସମସ୍ତ ସ୍ଥାନୀୟ ଯାନଗୁଡିକୁ ଲୋଡିଂ ସୁଯୋଗ ମିଳିବା ପାଇଁ ଯଥୋଚିତ ଯୋଜନା ପ୍ରସ୍ତୁତ କରାଯିବ ବୋଲି ପ୍ରତିନିଧିମାନଙ୍କୁ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ପରେ ଦୀର୍ଘ ସମୟ ଧରି ଲୋଡିଂ କାମ ପାଇଁ ସଂଘର୍ଷ କରୁଥିବା ସ୍ଥାନୀୟ ଗାଡି ମାଲିକମାନଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର ହୋଇଛି।

ଆର୍‌ଏମ୍‌ସିର ପୂର୍ବତନ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଦୋଷୀ ସାବ୍ୟସ୍ତ ପରେ ପେନସନ ବନ୍ଦ

ରାଉରକେଲା, ୨୯।୧(ସମିସ): ରାଉରକେଲା ମହାନଗର ନିଗମର ଅବସରପ୍ରାପ୍ତ ବହୁମୁଖୀ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ରାମନାଥ ଦାସ ଭିଜିଲାନ୍ସ କୋର୍ଟ ଦ୍ୱାରା ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହାପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କର ପେନସନ ବନ୍ଦ କରିବା ପାଇଁ ସୁପାରିଶ କରାଯାଇଛି। ୧୯୯୯-୨୦୦୧ ବର୍ଷରେ ଜାଲିଆତି କରିବା ଏବଂ ରାଉରକେଲା ପୌରପାଳିକା ଅଧୀନରେ କାର୍ଯ୍ୟରତ ଏନଏମଆର ମାନଙ୍କୁ ମିଥ୍ୟା ଦେୟ ମାଧ୍ୟମରେ ସରକାରୀ ପାଣ୍ଠିର ଦୁରୁପଯୋଗ ଅଭିଯୋଗ ତାଙ୍କ ବିରୋଧରେ ରହିଥିଲା। ଏହି ମାମଲାରେ ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବହୁମୁଖୀ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ରାମନାଥ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଭିଜିଲାନ୍ସ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ଶ୍ରୀ ଦାସଙ୍କ ପେନସନ ବନ୍ଦ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯାଇଛି।

କାର୍ ଧକ୍କାରେ ବୃଦ୍ଧ ଆହତ

ରାଉରକେଲା, ୨୯।୧(ସମିସ): ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀ ଠାରେ ଜଣେ ବୃଦ୍ଧଙ୍କୁ କାର ଧକ୍କା ଦେଇଛି। ଫଳରେ ସେ ଆହତ ହୋଇଥିବା ଜଣାପଡ଼ିଛି। ମାଲଗୋଦାମ ବସ୍ତି ଆଡକୁ କାରଟି ଯାଉଥିଲା। ହଠାତ୍ ସାଂସ୍କୃତିକ ପରିଷଦ ନିକଟରେ ବୃଦ୍ଧଙ୍କୁ ଧକ୍କା ଦେଇ ଡିଭାଇଡର ଉପରକୁ ଚଢ଼ି ଯାଇଥିଲା। ଫଳରେ ବୃଦ୍ଧ ଜଣକ ରାସ୍ତାରେ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଚାଳକ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ବେପରୁଆ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

ଚାକିରି ନ ମିଳିବାରୁ ଜୀବନ ହାରିଲେ ଯୁବକ

ବଣାଇଁ, ୨୯।୧(ସମିସ): ବଣାଇଁ ଥାନା ଅଧୀନ ଘୋଷରା ଗାଁରେ ଗୁରୁବାର ଜଣେ ଯୁବକ ଘରେ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଘୋଷରା ଗାଁର ଦୀପକ କିଷାନ (୧୯) ଗତ କିଛିଦିନ ହେବ ଅଗ୍ନିବୀର ଭାବେ ଯୋଗଦେବାକୁ ଆବେଦନ କରିଥିଲେ। ଏଥିପାଇଁ ପୁଲିସ ଭେରିଫିକେସନ ବେଳେ ଚରିତ୍ର ସାର୍ଟିଫିକେଟ ଆବେଦନ କଲା ପରେ ତାଙ୍କ ନାମରେ ପୂର୍ବରୁ ଏକ ମକଦ୍ଦମା ରହିଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିଥିଲେ। ଜୀବନରେ କେବେ ବି ଚାକିରି ଖଣ୍ଡେ କରିପାରିବେ ନାହିଁ ବୋଲି ତାଙ୍କର ଆଶଙ୍କା ସୃଷ୍ଟି ହୋଇଥିଲା। ସେହି ଚିନ୍ତାରେ ଆଜି ମଧ୍ୟାହ୍ନରେ ଘରେ ସମସ୍ତେ ଗାଧୋଇବାକୁ ଯାଇଥିବା ବେଳେ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକ ଫେରିବା ପରେ ଘରେ ଝୁଲନ୍ତା ଅବସ୍ଥାରେ ତାଙ୍କୁ ଦେଖିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଣାଇଁ ପୁଲିସ ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

ପରିବା ବୋଝେଇ ଅଟୋ ଓଲଟିଲା

ରାଉରକେଲା, ୨୯।୧(ସମିସ): ମୁଖ୍ୟ ରାସ୍ତାରେ ପରିବା ନେଇ ଯାଉଥିବା ଏକ ଅଟୋ ଗୁରୁବାର ଓଲଟି ପଡ଼ିଛି। ଫଳରେ କିଛି ପରିବା ନଷ୍ଟ ହୋଇଥିବା ବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଡେଲି ମାର୍କେଟରୁ ଉଦିତନଗର ଆଡକୁ ୩ ଚକିଆ ଅଟୋ ଯୋଗେ ପରିବା ଯାଉଥିଲା। ହଠାତ୍ ଲାଲ ବିଲ୍ଡିଂ ଛକ ଠାରେ ଅଟୋଟି ଓଲଟି ପଡ଼ିଥିଲା। ଫଳରେ କିଛି ସମୟ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ପରିବା ସବୁ ରାସ୍ତାରୁ ହଟାଇବା ପରେ ଯାତାୟତ ସମସ୍ୟା ଦୂର ହୋଇଥିଲା। ଓଭରଲୋଡିଂ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଲୋକେ କହିଛନ୍ତି।

ପାଠ୍ୟକ୍ରମ ରୂପରେଖ ଓ ନୂତନ ପାଠ୍ୟପୁସ୍ତକ ପାଇଁ ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର


ରାଉରକେଲା, ୨୯।୧(ସମିସ): ସ୍ଥାନୀୟ ସେକ୍ଟର-୨୦ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଗୁରୁବାର ପଞ୍ଚଦିବସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ରା ବ୍ଲକ୍ ଶିକ୍ଷାଧିକାରୀ ସୁପ୍ରଭାତ ବେହେରା ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମାଧୁରୀ କେର୍କେଟା ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଥମ ଅଧିବେଶନରେ ପ୍ରଶିକ୍ଷଣର ମୂଳନୀତି ଓ ଉଦ୍ଦେଶ୍ୟ, ଦ୍ୱିତୀୟ ଅଧିବେଶନରେ ଜାତୀୟ ଶିକ୍ଷାନୀତି ୨୦୨୦ ସମ୍ବନ୍ଧରେ ବ୍ଲକ୍ ଶିକ୍ଷାଧିକାରୀ ଶ୍ରୀ ବେହେରା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତୃତୀୟ ଓ ଚତୁର୍ଥ ଅଧିବେଶନରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ, ସାମଗ୍ରିକ ଦୃଷ୍ଟି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ଆରଇସି କ୍ଲଷ୍ଟର ସିଆରସିସି ସିପ୍ରା ସାହୁ, ପୋଗ୍ରାବାହାଲ କ୍ଲଷ୍ଟର ସିଆରସିସି ଗୋବିନ୍ଦଚନ୍ଦ୍ର ସେଠି, ବରସୁଆଁ କ୍ଲଷ୍ଟର ସିଆରସିସି ଜନ୍ ପ୍ରକାଶ ଲମ୍‌ଗା, ଆରଭି କ୍ଲଷ୍ଟର୍ ସିଆରସିସି ମନୋଜ ମିଶ୍ର ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୬ଟି କ୍ଲଷ୍ଟରର ୧୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ଶିବିର ଆସନ୍ତା ୪ ତାରିଖରେ ଉଦ୍‌ଯାପିତ ହେବ ବୋଲି ସୂଚନା ରହିଛି।

ସେଲ୍‌କୁ ଲଗାତାର ୩ୟ ଥର ‘ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ’ ପ୍ରମାଣପତ୍ର



ରାଉରକେଲା, ୨୯।୧(ସମିସ): ଭାରତର ସର୍ବବୃହତ ରାଷ୍ଟ୍ରାୟତ ଇସ୍ପାତ ନିର୍ମାତା ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍‌ଫ), ୨୦୨୬ ଫେବୃଆରୀରୁ ୨୦୨୭ ଫେବୃଆରୀ ପର୍ଯ୍ୟନ୍ତ ସମ୍ମାନଜନକ ‘ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ’ ସାର୍ଟିଫିକେସନ୍ ହାସଲ କରିଛି। ଏହି ପ୍ରମାଣପତ୍ର ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନଷ୍ଟିଚ୍ୟୁଟ୍, ଇଣ୍ଡିଆ ଦ୍ୱାରା କମ୍ପାନୀ-ବ୍ୟାପୀ ମୂଲ୍ୟାଙ୍କନ ପରେ ପ୍ରଦାନ କରାହୋଇଥାଏ। ସେଲ୍‌ଫକୁ ଏହି ପ୍ରମାଣପତ୍ର ଲଗାତାର ତୃତୀୟ ଥର ପାଇଁ ପ୍ରଦାନ କରାଯାଇଛି। ଏହି ମାନ୍ୟତା ସମସାମୟିକ, ତ୍ୱରିତ ଏବଂ ଏହାର କର୍ମଚାରୀଙ୍କ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଅଭିବୃଦ୍ଧି ସହିତ ଏକ ସୁସ୍ଥ କର୍ମକ୍ଷେତ୍ର ସଂସ୍କୃତିକୁ ପୋଷଣ କରିବା ପାଇଁ ସେଲ୍‌ଫର ସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନଷ୍ଟିଚ୍ୟୁଟ୍ କାର୍ଯ୍ୟକ୍ଷେତ୍ର ସଂସ୍କୃତି ଉପରେ ଏକ ବିଶ୍ୱସ୍ତରୀୟ ପ୍ରାଧିକରଣ। ଏହାର କଠୋର ମୂଲ୍ୟାଙ୍କନ ପ୍ରକ୍ରିୟା ଉତ୍ତମ କର୍ମଚାରୀ ଅଭିଜ୍ଞତା ପ୍ରଦାନ କରୁଥିବା ସଂଗଠନ ଗୁଡିକୁ ସମ୍ମାନିତ କରେ। ସେଲ୍‌ଫ ନିରନ୍ତର ଭାବେ ପ୍ରଗତିଶୀଳ ମାନବ ସମ୍ବଳ ପଦକ୍ଷେପ ଗୁଡିକୁ କାର୍ଯ୍ୟକାରୀ କରିଆସୁଛି। ସେଲ୍‌ଫ ଦର୍ପଣ - ଏକ ସ୍ୱଚ୍ଛ, କାର୍ଯ୍ୟଦକ୍ଷତା ଚାଳିତ କର୍ମକ୍ଷେତ୍ର ଆଡକୁ ଏକ ପଦକ୍ଷେପ ଯେଉଁଠାରେ ମୂଲ୍ୟାଙ୍କନ ଏବଂ ଲକ୍ଷ୍ୟ ସ୍ଥିରତା ସଂଗଠନ ଲକ୍ଷ୍ୟ ସହିତ ବସ୍ତୁନିଷ୍ଠତା ଏବଂ ସମନ୍ୱୟକୁ ପ୍ରତିଫଳିତ କରେ। ଯାହା କର୍ମଚାରୀମାନଙ୍କ ଅଭିବୃଦ୍ଧିକୁ ସଶକ୍ତ କରେ। ଅନ୍ୟ ଏକ ପ୍ରମୁଖ ଅଗ୍ରଣୀ ପଦକ୍ଷେପ ମଧ୍ୟରେ ଆଇଆଇଏମ (କୋଝିକୋଡ, ବାଙ୍ଗାଲୋର, ଜମ୍ମୁ, ରାୟପୁର, ରାଞ୍ଚି) ଏବଂ ଏକ୍ସଏଲଆରଆଇ ଏବଂ ଏଏସସିଆଇ ଭଳି ପ୍ରସିଦ୍ଧ ପ୍ରତିଷ୍ଠାନ ସହିତ ଏମଓୟୁ ଅଧୀନରେ ଅଧିକାରୀମାନଙ୍କ ପାଇଁ ଡୋମେନ୍-ପରିବର୍ତ୍ତନ ସୁଯୋଗ ପ୍ରଦାନ କରିବା, ଯାହା ମାର୍କେଟିଂ ଏବଂ ଏଚଆର ଉପରେ ଧ୍ୟାନ କେନ୍ଦ୍ରିତ କରେ। ଏହି ଅବସରରେ ସେଲ୍‌ଫର ଅଧ୍ୟକ୍ଷ ଅମରେନ୍ଦୁ ପ୍ରାପ୍ତ ପ୍ରମାଣପତ୍ର ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ଏହି ମାନ୍ୟତା କର୍ମଚାରୀମାନଙ୍କ ସଂଗଠନ ପ୍ରତି ରଖିଥିବା ବିଶ୍ୱାସ ଏବଂ ଆମେ ସାମୂହିକ ଭାବେ ନିର୍ମାଣ କରୁଥିବା ସଂସ୍କୃତିର ପ୍ରତିଫଳନ ବୋଲି ସେ ମତବ୍ୟକ୍ତ କରିଥିଲେ।


‘ପରିଚୟ’ ପକ୍ଷରୁ ଆନ୍ତଃ ମହାବିଦ୍ୟାଳୟ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ



ରାଉରକେଲା, ୨୯।୧(ସମିସ)

ସ୍ଥାନୀୟ ସିଭିକ ସେଣ୍ଟର ଠାରେ ଗୁରୁବାର ପ୍ରସିଦ୍ଧ ନାଟ୍ୟ ସଂଗଠନ ‘ପରିଚୟ’ ପକ୍ଷରୁ ୫ମ ଆନ୍ତଃ ମହାବିଦ୍ୟାଳୟ ଓଡ଼ିଆ ନାଟକ ପ୍ରତିଯୋଗିତା ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଶୋକ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନାଟକ ସଂଧ୍ୟାକୁ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଶ୍ରମିକ ନେତା ସମାଜସେବୀ ରମେଶ ଚନ୍ଦ୍ର ସେଠୀ, ସୋମନାଥ ପାଢ଼ୀ ଏବଂ ସନ୍ତୋଷ ବିଶ୍ୱାଳ ଯୋଗ ଦେଇଥିଲେ। ସମ୍ପାଦକ ପଞ୍ଚାନନ ପାତ୍ର ନାଟକ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ପଞ୍ଚାନନ ମହାପାତ୍ର, ରାହୁଲରଜକ, ଗାୟତ୍ରୀ ବିଶୋଇ, ପ୍ରଜ୍ଞା ପରୀମିତା ପାଣିଗ୍ରାହୀ, ପୂଜା ସେନାପତି, ବିଜୟ ଦାସ, ବିଶ୍ୱଜିତ୍ ମହାପାତ୍ର, ସରନନ୍ଦ ବରାଳ, ପାୟଲ ନାୟକ, ଦିନେଶ ନନ୍ଦ, ମାନସ ସାହୁ ପ୍ରମୁଖ ନାଟକ ପରିଚାଳନାରେ ସହଯୋଗ କରିଥିଲେ। ଆଜି ସଂଧ୍ୟାରେ ପ୍ରଥମ ନାଟକ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ଦ୍ୱାରା ଅଧ୍ୟାପିକା ମହାଶ?ବେତା ସାହୁଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ ‘ଭୋକ’ ମଞ୍ଚସ୍ଥ ହୋଇଥିଲା। ଏହି ନାଟକର ବିଭିନ୍ନ ଚରିତ୍ରରେ ପାୟଲ ପାଣି, ପୂର୍ଣ୍ଣମାସି ସାହୁ, ଅଞ୍ଜଳି ଗୌଡ, ଅଙ୍କିତା ସାହୁ, ପୂଜା ମହାନ୍ତି, ଅମ୍ରିତା ବାରିକ ଅଭିନୟ କରିଥିଲେ। ସେହିପରି ୨ୟ ନାଟକଟି କଲ୍ୟାଣୀ ରାୟ ଡିଗ୍ରୀ ମହାବିଦ୍ୟାଳୟ ଦ୍ୱାରା ସୁଲିପ୍ତା ଜେନାଙ୍କ ନିର୍ଦ୍ଦେଶିତ ନାଟକ ‘ସ୍ୱାଧୀନତା’ ମଞ୍ଚସ୍ଥ ହୋଇଥିଲା। ୩ୟ ନାଟକ ହୃଷିକେଶ ରାୟ ଡିଗ୍ରୀ ମହାବିଦ୍ୟାଳୟ ଦ୍ୱାରା ରାଜଲକ୍ଷ୍ମୀ ଦାସଙ୍କ ନିର୍ଦ୍ଦେଶିତ ନାଟକ ‘ଶୁଣିବା ହେଉ ଏ କାହାଣୀ’ ମଞ୍ଚସ୍ଥ ହୋଇଥିଲା। ସେହିପରି ୪ର୍ଥ ନାଟକ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ଦ୍ୱାରା ନାଟକ ‘ସ୍ୱପ୍ନର ସମାଧି’ ମଞ୍ଚସ୍ଥ ହୋଇଥିଲା। ଏହାକୁ ନିର୍ଦ୍ଦେଶନା ଦେଇଥିଲେ ପ୍ରଜ୍ଞା ପରିମିତା ମହାପାତ୍ର। ପଞ୍ଚମ ନାଟକ ‘୧୨୨୬/୭୨’ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଚିନ୍ମୟ ତ୍ରିପାଠୀ ଏହାର ନିର୍ଦ୍ଦେଶନା ଦେଇଥିଲେ।

ପ୍ରଥମ ସନ୍ଧ୍ୟାରେ ୫ଟି ନାଟକ ମଞ୍ଚସ୍ଥ



ଆମ୍ବାଭୋନା ଦେଇ ଛତିଶଗଡ଼ରୁ ଓଡ଼ିଶାକୁ ବେଆଇନ ଚାଲାଣ

ଅମ୍ବାଭୋନା, ୨୯ ।୧(ସମିସ)



ବରଗଡ଼ ଜିଲ୍ଲାର ଆମ୍ବାଭୋନା ବ୍ଲକ ଦେଇ ଛତିଶଗଡ଼ ପଟୁ ଶହଶହ ସଂଖ୍ୟାରେ ଟ୍ରକ ଓ ହାଇୱା ଯୋଗେ ଟିକସ ଫାଙ୍କି ବ୍ୟାପକ ଭାବେ ଚିପ୍ସ ଓ ମେଟାଲ ଚାଲାଣ ହେଉଥିବା ଅଭିଯୋଗ ହେଉଛି । ଭାରୀଯାନ ଚଳାଚଳ ଫଳରେ ଅଞ୍ଚଳର ରାସ୍ତାଗୁଡ଼ିକ ଦବିଯାଇ ଭୟଙ୍କର ଭାବେ ନଷ୍ଟ ହେଉଛି । ଯାତାୟାତ କ୍ଷେତ୍ରରେ ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଣଓସାରିଆ ଓ ସଂକୀର୍ଣ୍ଣ ରାସ୍ତା ଦେଇ ଶହ ଶହ ଭାରୀଯାନ ଚଳାଚଳ କରିବାରୁ ସମଗ୍ର ଅଞ୍ଚଳ ଧୂଳିମୟ ହୋଇପଡ଼ୁଛି । ଏହାର ପ୍ରଭାବ ସିଧାସଳଖ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ଉପରେ ପଡ଼ୁଛି । ରାସ୍ତା ଦେଇ ଯାଉଥିବା ସମୟରେ ସେମାନେ ଗୁରୁତର ଅସୁବିଧା ଭୋଗୁଛନ୍ତି । ବିଶେଷ କରି ସାପ୍ତାହିକ ବଜାର ଦିନମାନଙ୍କରେ ସମସ୍ୟା ଆହୁରି ଜଟିଳ ହୋଇଯାଉଛି । ଗୋଟିଏ ପଟେ ବ୍ୟବସାୟୀମାନେ ରାସ୍ତାକୁ ଆଉଜି ପସରା ମେଲାଇଥିବା ବେଳେ, ଅନ୍ୟପଟେ ଭାରୀଯାନ ଚଳାଚଳ ଯୋଗୁଁ ସାଧାରଣ ଲୋକଙ୍କ ଯିବାଆସିବା ବହୁତ ଅସୁବିଧା ହୋଇପଡୁଛି । ଫଳରେ ଟ୍ରାଫିକ ସମସ୍ୟା ଦେଖାଯାଉଛି । ଜିଲ୍ଲା ପ୍ରଶାସନିକ ଦୃଷ୍ଟି ଆଢୁଆଳରେ ଏହି ବ୍ୟାପକ ଅବୈଧ ଚିପ୍ସମେଟାଲ ଚାଲାଣ ଚାଲିଥିଲେ ମଧ୍ୟ ସେଲଟେକ୍ସ, ପରିବହନ ବିଭାଗ, ମାଇନିଂ ବିଭାଗ ଓ ରାଜସ୍ୱ ବିଭାଗ ନିରବ ଦର୍ଶକ ସାଜିଥିବା ଅଭିଯୋଗ ହେଉଛି । ଛତିଶଗଡ଼ରୁ ଓଡ଼ିଶାକୁ ମେଟାଲ ଚାଲାଣ ହେଉଥିବାରୁ ଓଡ଼ିଶା ରାଜ୍ୟ ରୟାଲଟି ହରାଉଛି । ଅନ୍ୟପଟେ ବାଇପାସ୍ ରାସ୍ତା

ଓଡ଼ିଶାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି

ଦେଇ ଟିକସ ଫାଙ୍କି ଚାଲାଣ ହେଉଥିବାରୁ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱହାନୀ ହେଉଛି ।

ସୂଚନା ଥାଉକି, ଛତିଶଗଡ଼ ରାଜ୍ୟର ରାୟଗଡ଼ ଓ ଚନ୍ଦ୍ରପୁର ଅଞ୍ଚଳରୁ ହାଇୱା ଯୋଗେ ପ୍ରତିଦିନ ଓଭରଲୋଡିଂ ଚିପ୍ସ ଓ ମେଟାଲ ବୋଝେଇ ହାଇୱା ଦ୍ୱାରା ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲ୍ଲାର ବିଭିନ୍ନସ୍ଥାନକୁ ଓଭରସ୍ପିଡ୍‌ରେ ଯାଉଛି । ଏହା ଫଳରେ ଅଞ୍ଚଳରେ ଦୁର୍ଘଟଣା ଘଟୁଥିବା ମଧ୍ୟ ଦେଖିବାକୁ ମିଳୁଛି । ଜିଲ୍ଲା ପ୍ରଶାସନର ଉଦାସୀନତା ଯୋଗୁଁ ସାଧାରଣ ଜନତା ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆମ୍ବାଭୋନା ଓ ଭଟଲି ତହସିଲ ମୁଖ୍ୟ କାର୍ଯ୍ୟାଳୟ ସାମ୍ନା ଦେଇ ଏହି ଚାଲାଣ ହେଉଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଙ୍କୁଶ ନଥିବାରୁ ଓଡ଼ିଶା ରାଜ୍ୟର ବ୍ୟାପକ ରାଜସ୍ୱହାନୀ ହେଉଛି । ଏହି ସମଗ୍ର ଘଟଣା ଉପରେ ବରଗଡ଼ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟିଦେଇ କଠୋର ପଦକ୍ଷେପ ନେବାକୁ ସାଧାରଣ ଜନତାଙ୍କ ମଧ୍ୟରେ ଦାବି ଜୋର ଧରୁଛି । ଏ ନେଇ ବରଗଡ଼ ମାଇନିଂ ବିଭାଗକୁ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିବାବେଳେ ସେ ଫୋନ୍ ଉଠାଇ ନଥିଲେ ।

ଓଲଟିଲା କେନ୍ଦୁ କାଠ ବୋଝେଇ ଗାଡ଼ି

ମେଲଛାମୁଣ୍ଡା, ୨୯ ।୧(ସମିସ): ଭାରସାମ୍ୟ ହରାଇ ଓଲଟି ଦୁର୍ଘଟଣାଗ୍ରସ୍ତ ହେଲା କାଠଗଣ୍ଡି ଚୋରାଚାଲାଣ କରି ନେଉଥିବା ଗାଡ଼ି । କେନ୍ଦୁ କାଠଗଣ୍ଡି ବୋଝେଇ ଗାଡ଼ି ଘେଁସ ରେଞ୍ଜ୍ ଅଧୀନସ୍ଥ ଝୁଲେନ ବରଗଛ କୁଚିପାଲି ମଧ୍ୟସ୍ଥ ବିଜୁଏକ୍ସପ୍ରେସ ୱେରୁ ପାର୍ଶ୍ୱସ୍ଥ ଏକ ଚାଷଜମିକୁ ଓଲଟି ପଡ଼ିଥିଲା । ଗତ ବୁଧବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଥିବା ସୂଚନା ରହିଛି । ଆଜି ସକାଳେ ଘେଁସ ବନ ବିଭାଗୀୟ କର୍ମଚାରୀମାନେ ଦୁର୍ଘଟଣାଗ୍ରସ୍ତ ସ୍ଥାନରେ ପହଞ୍ଚି ସମସ୍ତ କାଠଗଣ୍ଡି ଓ ଗାଡ଼ିଟିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛନ୍ତି ।

● ଋଣ ଟଙ୍କା ନେଇ ବିବାଦ

ଦୁଇ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ପଦ୍ମପୁର, ୨୯ ।୧(ସମିସ): ଋଣ ଟଙ୍କା ଫେରସ୍ତ ନେଇ ହୋଇଥିବା ବିବାଦକୁ କେନ୍ଦ୍ର କରି ଧମକ ଓ ଅଶ୍ଳୀଳ ଗାଳିଗୁଲଜ କରିବା ମାମଲାରେ ଅଦାଲତ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସୂଚନା ଅନୁସାରେ ୨୦୨୨ ଜୁନ ୨୮ ତାରିଖ ରାତି ପ୍ରାୟ ୯.୪୦ ସମୟରେ ଭେଉଁରିଆ ଗ୍ରାମର ପବିତ୍ର ମୋହନ ମେହେର ପଦମପୁର ଥାନାରେ ହାଜର ହୋଇ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗ ଅନୁଯାୟୀ, ଗୋପାଳ ବରିହା ଓ ହାସା ବରିହା ତାଙ୍କଠାରୁ ଋଣ ଭାବେ ଟଙ୍କା ନେଇଥିଲେ । ଟଙ୍କା ଫେରସ୍ତ ଦାବି କରିବାରୁ ଅସନ୍ତୁଷ୍ଟ ହୋଇ ୨୭.୦୬.୨୦୨୨ ରାତି ପ୍ରାୟ ୯ଟା ସମୟରେ ଅଭିଯୁକ୍ତମାନେ ସୂଚନାଦାତାଙ୍କ ଘର ସାମ୍ନାକୁ ଆସି ତାଙ୍କୁ ଓ ପରିବାର ସଦସ୍ୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଏହି ମାମଲାରେ ଅଦାଲତ ଅଭିଯୁକ୍ତ ଗୋପାଳ ବରିହା ଓ ହାସା ବରିହାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଦୁଇ ଅଭିଯୁକ୍ତଙ୍କୁ ପ୍ରତ୍ୟେକଙ୍କୁ ୨, ୦୦୦ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜରିମାନା ଅନାଦେୟ ହେଲେ ୬ ମାସର ସରଳ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟ ଦେଇଛନ୍ତି ।

ଝାରବନ୍ଧ ଥାନାରେ ନୂତନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଝାରବନ୍ଧ, ୨୯ ।୧(ସମିସ): ଓଡ଼ିଶା ଛତିଶଗଡ଼ ସୀମାନ୍ତରେ ଅବସ୍ଥିତ ଝାରବନ୍ଧ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଶୁକ୍ରା ମାଡ଼ୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଏହା ପୂର୍ବରୁ କୋରାପୁଟ ଜିଲ୍ଲାର ମାଛକୁଣ୍ଡ ଥାନାରେ ବେଶ ପ୍ରଶଂସା ସାଉଁଟିଥିଲେ । ଝାରବନ୍ଧ ଥାନା ସୀମାନ୍ତ ଅଞ୍ଚଳ ହେବାରୁ ପୁଲିସ ପାଇଁ ଏଠାରେ ଆଇନ-ଶୃଙ୍ଖଳା ରକ୍ଷା ସହ ଆନ୍ତର୍ରାଜ୍ୟ ଅପରାଧ ନିରୋଧ ଏକ ମୁଖ୍ୟ ଦାୟିତ୍ୱ ରହିଛି । ପଦଗ୍ରହଣ ପରେ ଶ୍ରୀ ମାଡ଼ି କହିଛନ୍ତି ଯେ ଜନସାଧାରଣଙ୍କ ସହ ସହଯୋଗୀ ସମ୍ପର୍କ ଗଢ଼ି ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବାକୁ ପ୍ରାଥମିକତା ଦିଆଯିବ । ଲୋକଙ୍କ ଅଭିଯୋଗ ତୁରନ୍ତ ସମାଧାନ ପାଇଁ ପୁଲିସ ପ୍ରତିବଦ୍ଧ ରହିବା ସହିତ ଅଞ୍ଚଳର ନିଶା କାରବାରରେ ରୋକ ପାଇଁ ଧ୍ୟାନ ଦେବେ ବୋଲି ଜଣାଇଛନ୍ତି ।

ସିଏମ୍ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା ଲାଗି ଚୟନ

ବରଗଡ଼, ୨୯ । ୧(ସମିସ): ଚଳିତବର୍ଷ ଅନୁଷ୍ଠିତ ହେବାକୁ ଥିବା ସିଏମ୍ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା ପାଇଁ ବରଗଡ଼ ଜିଲ୍ଲାର ବିଭିନ୍ନ ଫୁଟବଲ ଦଳ ଗଠନ ପାଇଁ ଚୟନ ପ୍ରକ୍ରିୟା ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଆରମ୍ଭ ହୋଇଛି । ଏହି ପ୍ରକ୍ରିୟା ଆସନ୍ତା ଦୁଇ ଦିନ ଧରି ଚାଲିବ । ଏଥିରେ ଯେଉଁ ଖେଳାଳିମାନେ ପୂର୍ବରୁ ଅନ୍‌ଲାଇନ ଜରିଆରେ ରେଜିଷ୍ଟ୍ରେସନ କରିଛନ୍ତି, ସମସ୍ତ ଖେଳାଳି ଶୁକ୍ରବାର ଓ ଶନିବାର ଦିନ ମଧ୍ୟରେ ଷ୍ଟାଡିୟମରେ ସକାଳ ୮ ଟା ସମୟରେ ଉପସ୍ଥିତ ରହିବାକୁ ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର ଓ ଫୁଟବଲ ସମ୍ପାଦକ ସେକ ସବଦର ଜଣାଇଛନ୍ତି । ଗୁରୁବାର ଏହି ପ୍ରକ୍ରିୟାରେ ୬୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ ।

ମହିଳା ସମିତି ପକ୍ଷରୁ ରକ୍ତଦାନ ଶିବିର ବୈଠକ

ବରଗଡ଼, ୨୯ । ୧(ସମିସ): ବରଗଡ଼ ଜିଲ୍ଲାରେ ରକ୍ତ ସଂକଟ ସମସ୍ୟାକୁ ଦୃଷ୍ଟିରେ ରଖି ନେହରୁ ଆସୋସିଏସନ ମହିଳା ସମିତି ପକ୍ଷରୁ ଏକ ମହିଳା ରକ୍ତଦାତା ଶିବିର ଆୟୋଜନ କରାଯିବ । ଏ ସମ୍ପର୍କରେ ନେହେରୁ ଏସୋସିଏସନ ପକ୍ଷରୁ ଆୟୋଜିତ ଏକ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଏହି ରକ୍ତଦାନ ଶିବିରରେ କେବଳ ମହିଳା ରକ୍ତଦାତା ମାନେ ସାମିଲ ହେବେ । ମହିଳା ସଶକ୍ତିକରଣ ସହିତ ମହିଳା ମାନଙ୍କୁ ରକ୍ତଦାନ କ୍ଷେତ୍ରରେ ଆଗୁଆ ଭୂମିକା ନିର୍ବାହ କରିବା ପାଇଁ ପ୍ରେରିତ କରିବା ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମହିଳା ସମିତିର ସଭାପତି ସୁଷମା ଭୋଇ କହିଛନ୍ତି । ମହିଳା ସମିତିର ସାଧାରଣ ସମ୍ପାଦିକା ଅନୁପମା ମିଶ୍ର କହିଛନ୍ତି ଯେ, ଆଗାମୀ ଫେବୃଆରୀ ୨୮ ତାରିଖ ଦିନ ଏହି ମହିଳା ରକ୍ତଦାନ ଶିବିର ଆୟୋଜିତ ହେବ । ଆଜିର ବୈଠକରେ ନେହରୁ ଆସୋସିଏସନର ସଭାପତି କେନେଡ଼ି ରାଜ, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ରାଓ, ମହିଳା ସମିତିର ବରିଷ୍ଠ ସଦସ୍ୟା ସମାଜସେବୀ କଲ୍ୟାଣି ଦାଶ, ପରାମର୍ଶଦାତା ପ୍ରେମାନନ୍ଦ ଭୋଇ, ଡା. ଅଜିତ କୁମାର ଦର୍ଜୀ, ଆନନ୍ଦ ପ୍ରଧାନ, ସତ୍ୟଜିତ ଦାଶ ସହ ମହିଳା ସମିତିର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ ।

ପାଇକମାଲ ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ପାଇକମାଲ, ୨୯ ।୧(ସମିସ): ପାଇକମାଲ ଆମ ପୁଲିସ ଆନୁକୂଲ୍ୟରେ ଗୁରୁବାର ସଡ଼କ ସୁରକ୍ଷା ସଚେତନତା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି । ପାଇକମାଲ ମୁଖ୍ୟ ଛକରେ ଓ ବଜାର ଛକରେ ସଚେତନ କରାଯାଇ ହେଲମେଡ଼ ପିନ୍ଧି ନଥିବା ବାଇକ ଚାଳକଙ୍କୁ ହେଲମେଡ଼ ପିନ୍ଧିବା ପାଇଁ ତାଗିଦ କରାଯାଇଥିଲା । ନବୋଦୟ ବିଦ୍ୟାଳୟ, ଯମୁନାକନ୍ଧୁଣି ବାଳିକା ଉଚ୍ଚ ବିଦ୍ୟାଳୟ, ପାଇକମାଲ ହାଇ ସ୍କୁଲରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା, ଜୀବନ ରକ୍ଷା ସ୍ଲୋଗାନ ଦେଇ ସଚେତନ କରାଯାଇଥିଲା ଏଥିରେ ପାଇକମାଲ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ସାମ୍ବାଦିକ ବଡ ଶତପଥୀ, ଅରବିନ୍ଦ ପାତ୍ର, ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା, ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ ।

ବରପାଲିରେ ନାମଯଜ୍ଞ ମହୋତ୍ସବର ଶତବାର୍ଷିକୀ



ବରପାଲି, ୨୯ ।୧(ସମିସ): ବରପାଲି ମଧ୍ୟପଡ଼ା ଦୁର୍ଗାମନ୍ଦିର ସମ୍ମୁଖରେ ନାମଯଜ୍ଞ ଶତବାର୍ଷିକି ମହୋତ୍ସବ ଶୁଭାରମ୍ଭ ହୋଇଯାଇଛି । ଫେବୃୟାରୀ ୧ତାରିଖ ଯଜ୍ଞର ପୂର୍ଣ୍ଣାହୂତୀ, ନଗର ସଂକୀର୍ତ୍ତନ ପରିକ୍ରମା ହେବ । ଏହି କାର୍ଯ୍ୟକ୍ରମ ୯୨୬ ମସିହାରେ ତତ୍‌କାଳୀନ ବୈଷ୍ଣବ ଧର୍ମାବଲମ୍ବୀ ଭକ୍ତବୃନ୍ଦ ତଥା ଅଞ୍ଚଳବାସୀଙ୍କ ସହଯୋଗରେ ଆରମ୍ଭ ହୋଇଥିଲା । ଯାହାକି ଆଜିକାର ଦିନରେ ଏକଶତ ବର୍ଷରେ ପଦାର୍ପଣ ହୋଇପାରିଛି । ନାମଯଜ୍ଞ ମହୋତ୍ସବରେ ଚଳିତବର୍ଷ ଶତାଧିକ କୀର୍ତ୍ତନମଣ୍ଡଳୀ ଯୋଗଦାନ କରିବେ ।

ଚାଲିଗଲେ 'ନନ୍ଦରାଜା' ସତ୍ୟନାରାୟଣ



ବରଗଡ଼, ୨୯ ।୧(ସମିସ): ଧନୁଯାତ୍ରାରେ ନନ୍ଦରାଜା ଭୂମିକାରେ ଅଭିନୟ କରୁଥିବା ସତ୍ୟନାରାୟଣ ପୋଡ଼ଙ୍କର ଆଜି ବିୟୋଗ ଘଟିଛି । ୧୯୬୮ରୁ କିଛି ବର୍ଷ ପାଇଁ ସେ ଗୋପ ବାଳକ ଭୂମିକାରେ ଅଭିନୟ କରିଥିଲେ । ବାପା ବସୁଦେବ ପୋଡ଼ ଓ ମାତା ବୈଦେହୀ

ଗୋପପୁରରେ ଶୋକର ଛାୟା

ପୋଡଙ୍କଠାରୁ ପ୍ରେରଣା ପାଇ ସେ ଧନୁଯାତ୍ର ପ୍ରତି ଆକର୍ଷିତ ହୋଇଥିଲେ ଓ ପିତାଙ୍କ ବିୟୋଗ ପରେ ସେ ନନ୍ଦରାଜା ଭୂମିକାରେ ଅଭିନୟ କରିଥିଲେ । ବର୍ଷର ମାତ୍ର ୧୧ ଦିନ ପାଇଁ ସେ ନନ୍ଦରାଜା ହୋଇ ବାକି ଦିନ ସେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଭକ୍ତିରେ ତଲ୍ଲିନ ହୋଇ କୃଷ୍ଣଙ୍କ ପ୍ରଜା ଭାବେ ଜୀବନ ବିତାଉଥିବା କଥା ନିଜର ଏକ ସାକ୍ଷାତକାର ରେ ସେ ପ୍ରକାଶ କରିଥିଲେ । ତାଙ୍କର ବିୟୋଗ ବରଗଡ଼ ଧନୁଯାତ୍ରା ପ୍ରତି ଏକ ଅପୂରଣୀୟ କ୍ଷତି । ତାଙ୍କର ବିୟୋଗରେ ସମଗ୍ର ଗୋପପୁର (ଅମ୍ବାପାଲି) ଓ ମଥୁରା (ବରଗଡ଼)ରେ ଶୋକର ଛାୟା ଖେଳିଯାଇଛି । ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ଅକ୍ରୁର ମଲ୍ଲିକ, ରାଜେନ୍ଦ୍ର ପ୍ରସାଦ ସିଂ, ଅଶୋକ କୁମାର ବେହେରା, ଗୋପାଳ କୃଷ୍ଣ ଦାଶ, ରାଜେଶ୍ ଶତପଥୀ, ସଙ୍କଳ୍ପ ଷଡଙ୍ଗୀ, ଡ.ରବି ନାରାୟଣ ସାହୁ, ଶଙ୍କର ପଟ୍ଟନାୟକ, ଦିଲୀପ ସାୱାଡ଼ିଆ, ସାମ୍ବାଦିକ ଦୀପକ ଶର୍ମା, ରବି ନାରାୟଣ ପଣ୍ଡା, ଆରୁପନନ୍ଦ୍ ସାହୁ, ଅବନୀ ପଣ୍ଡା ପ୍ରମୁଖ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ବଡ ପୁଅ ବଷ୍ଟି ପୋଡ଼ ମୁଖାଗ୍ନି ଦେଇଥିଲେ ।

ଗାଇସମା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବରଗଡ଼, ୨୯ ।୧(ସମିସ): ଗାଇସୀମା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ମୀନକେତନ ସାହୁ, ଗାଇସୀମା ସରପଞ୍ଚ ଧୀରନ ମହାପାତ୍ର ଓ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧକ୍ଷ ବଳିଷ୍ଠ ମହାପାତ୍ର, ପୂର୍ବତନ ସିଆରସିସି ନାରେନ ନାଗ, ସିଆରସିସି ସୁଦର୍ଶନ ଲୁହା, ଧାଙ୍ଗେର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପ୍ରଧାନ, ଶିକ୍ଷକ ସନ୍ତୋଷ ଷଡ଼ଙ୍ଗୀ, ପ୍ରଧାନଶିକ୍ଷକ ଧବଳେଶ୍ୱର ସାହୁ, ଯୁଧିଷ୍ଠୀର ମହାପାତ୍ର, ଶିକ୍ଷୟିତ୍ରୀ ଲାବନ୍ୟ ସାହୁ, ଶିକ୍ଷକ ପାଣ୍ଡବ ସାହୁ ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ । ସୌମ୍ୟ ସାମିନି ଧନ୍ୟବାଦ ଅର୍ପଣ କରିଥିଲେ ।

ନାଟ୍ୟ ସଂସଦର ପ୍ରସ୍ତୁତି ବୈଠକ
ଆସନ୍ତା ୭ରୁ 'ଉତାଲଗଡ଼ ଉତ୍ସବ'



ବିଜେପୁର, ୨୯ ।୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ସ୍ଥିତ ଖଗେଶ୍ୱର ମଣ୍ଡପରେ ଅନୁଷ୍ଠିତ ହେବାକୁ ଥିବା ସମ୍ବଲପୁରୀ କୋଶଲି ଭାଷାର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ 'ଉତାଲଗଡ଼ ଉତ୍ସବ' ପାଇଁ ପ୍ରସ୍ତୁତଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ହୃଦମଣି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଯୋଜକ ସୁଶାନ୍ତ ମିଶ୍ର ମହୋତ୍ସବର ସବିଶେଷ ରୂପରେଖ ସଂକ୍ରାନ୍ତରେ ଆଲୋଚନା କରିଥିଲେ । ବିଗତବର୍ଷମାନଙ୍କ ଭଳି ଚଳିତ ବର୍ଷ ୭ ଓ ୮ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ସର୍ବମୋଟ ୬ଟି ସମ୍ବଲପୁରୀ ଭାଷାର ନାଟକ, ଲୋକଗୀତ, ଲୋକନୃତ୍ୟ ପ୍ରଦର୍ଶିତ ହେବ । ପ୍ରଥମ ଦିବସରେ ଅଦୃଶ୍ୟ ନାଟ୍ୟ ଆଶ୍ରମ ସମ୍ବଲପୁରର ନାଟକ 'ଫେର ସେ ଶ୍ରବଣ', ଦହିତା ମହାବିଦ୍ୟାଳୟର 'ନୂଆଁଖାଇର ଭାବ', ଡ୍ରାମା ଚେତନା ସୋହେଲାର 'ବୁକା' ଏବଂ ଦ୍ୱିତୀୟ ଦିବସରେ ଲୁ ପଦ୍ମପୁରର 'ବଳିଦାନ', ବିଣାପାଣି ନାଟ୍ୟ ସଂସଦ ବଡକର୍ଲେ ସୋନପୁରର 'ଗୁଟେ ରାତିର କଥା' ସମ୍ବଲପୁର ବିଶ୍ୱବିଦ୍ୟାଳୟର ପାରଫର୍ମିଙ୍ଗ ଆର୍ଟର 'ଶକୁନ୍ତଳା' ନାଟକ ପ୍ରଦର୍ଶିତ ହେବ । ସମ୍ମାନ, ସମ୍ବର୍ଦ୍ଧନା, ଆଲୋଚନା ଚକ୍ର, ବହି ପସରା, ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ଆଦିର ସମନ୍ୱୟରେ ଏହି ମହୋତ୍ସବ ଅନୁଷ୍ଠିତ ହେବ । ସର୍ବଶ୍ରୀ ସୋମନାଥ ପଧାନ, ପପଟଲାଲ ଭୋଇ, ନବୀନ ପଧାନ, ସର୍ଜନ ପଧାନ, ଗଜାନନ ସାହୁ, କ୍ଷିତିପତି ରଣା, ବାସୁଦେବ ପଧାନ, ଭସ୍କର ସାହୁ, ବିବେକାନନ୍ଦ ପଧାନ, ସୁଦର୍ଶନ ବନଛୋର, ଚୈତନ୍ୟ ବିଶ୍ୱାଳ, ନେତ୍ରାନନ୍ଦ ସାହୁ, ସୁଶାନ୍ତ ସାହୁ, ଗଣନାଥ ପଧାନ, ରମେଶ ଚନ୍ଦ୍ର ଭୋଇ, ଦେବାଶିଷ ପଧାନ, ସତ୍ୟପ୍ରକାଶ ପଧାନ, ଗଣନାଥ ପ୍ରଧାନ, ଦୀପକ ସାହୁ, ମୁକେଶ ସାହୁ, ଆଲୋକ ସାହୁ, ମିକୁ ସାହୁଙ୍କ ସମେତ ବହୁ ସଂଖ୍ୟାରେ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସୁଶାନ୍ତ ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

● ପିଇବା ପାଣି ପାଇଁ କଟାପାଲିରେ ହାହାକାର

ବିଡିଓଙ୍କ ଦ୍ୱାରସ୍ଥ ହେଲେ ମହିଳା



ଭେଡେନ, ୨୯ ।୧(ସମିସ): ଭେଡେନ ବ୍ଲକ ଅଧୀନ ଅଇଲାପାଲି ପଞ୍ଚାୟତ କଟାପାଲି ଗ୍ରାମର ହରିଜନ ପଡ଼ାରେ ଲୋକେ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ଉକ୍ତ ପଡ଼ାରେ ୪୦/୫୦ ପରିବାର ରହୁଥିବା ବେଳେ ମାତ୍ର ଗୋଟିଏ ନଳକୂପ ଅଛି । ତାହା ପୁଣି ଦୀର୍ଘ ମାସ ହେବ ଅଚଳ ଅବସ୍ଥାରେ ଅଛି । ଫଳରେ ପାଣି ଟିକିଏ ପାଇଁ ଡହଳ ବିକଳ ହେଉଛନ୍ତି । ଲୋକେ ବାଧ ହୋଇ କୂଅ, ପୋଖରୀ ପାଣି ପିଇ ନାନାଦି ରୋଗ ବ୍ୟାଧିରେ ପଡୁଛନ୍ତି । ଅଚଳ ନଳକୂପର ମରାମତି ନେଇ ଅନେକ ଥର ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ନିର୍ବାହୀ ଯନ୍ତ୍ରୀଙ୍କୁ ଗୁହାରି କଲେ ମଧ୍ୟ ଶୁଣୁନଥିବାରୁ ତାର ପ୍ରତିବାଦରେ ଗ୍ରାମର ମହିଳାମାନେ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ନେତାଜୀ କପ୍ କ୍ରିକେଟ୍; ବୁଢ଼ୀମାଲ ଚାମ୍ପିଅନ



ପଦ୍ମପୁର, ୨୯ ।୧(ସମିସ): ପଦ୍ମପୁର ନିକଟସ୍ଥ ଲୋହାରପାଲିଠାରେ ଚାଲିଥିବା ୬ଷ୍ଠ ନେତାଜୀ କପ୍ କ୍ରିକେଟ୍ ଉଦ୍‌ଯାପିତ ହୋଇଯାଇଛି । ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବୁଢ଼ୀମାଲ ନେହରୁ ସ୍ପୋର୍ଟିଂ, ପଦ୍ମପୁରକୁ ହରାଇ ଚାମ୍ପିଅନ ହୋଇଛି । ଉଦ୍‌ଯାପନୀ ଉତ୍ସବରରେ ମୁଖ୍ୟ ଅତିଥି ଭାବେ ଅଭିଷେକ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ନରେନ୍ଦ୍ର ପ୍ରଧାନ, ବିରେନ୍ଦ୍ର ପ୍ରଧାନ, ପ୍ରବୀଣ ବାରିକ, ସୁଶାନ୍ତ ମହାନନ୍ଦ, ବିକାଶ କୈବର୍ତ୍ତ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ପୁରସ୍କାର ପ୍ରଦାନ କରିଥିଲେ । ବୁଢ଼ୀମାଲ ଦଳର ଧର୍ମଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ନେହରୁ ସ୍ପୋର୍ଟିଂ ଦଳର ଢୋଲେଶ୍ୱରଙ୍କୁ ମ୍ୟାନ୍ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା । ସହଦେବ ଓ ଟୁକୁ ଅମ୍ପାୟାରିଂ ଏବଂ ସରୋଜ ଓ ଆଲୋକ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ । ଟିକେଶ୍ୱର ଓ ସମୀର ଧାରା ବିବରଣୀ ପ୍ରଦାନ କରିଥିଲେ । ବିଶ୍ୱନାଥ, ରୁପେଶ, ଗୋବିନ୍ଦ, ଭୂପତି ଓ କ୍ଲବର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ । ଶେଷରେ ଏକଲବ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ସଂସଦରେ ଧାନକିଣା ସମସ୍ୟା ଉଠାଇଲେ ନିରଞ୍ଜନ



ପଦ୍ମପୁର, ୨୯ ।୧(ସମିସ): ସଂସଦର ବଜେଟ ଅଧିବେଶନ ଦ୍ୱିତୀୟ ଦିବସରେ ରାଜ୍ୟ ସଭାରେ ସାଂସଦ ନିରଞ୍ଜନ ବିଶି ଓଡ଼ିଶାର କୃଷକମାନଙ୍କ ଖରିଫ ଧାନ ବିକ୍ରୟ କରିବାରେ ସରକାରୀ ଅବହେଳା, ମଣ୍ଡି ଅବ୍ୟବସ୍ଥା, ଟୋକନ ସମସ୍ୟା, କଟ୍‌ନୀଛଟନୀ, ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କିଣିବା କଟକଣା, ଭାରତ ସରକାର ଦ୍ୱାରା ନିର୍ଦ୍ଧାରିତ ଉଚିତ ହାରାହାରି ଗୁଣବତ୍ତା (ଏଫଏକ୍ୟୁ) ର ଉଲଂଘନ ପ୍ରସଙ୍ଗ ଉପସ୍ଥାପନା କରିଥିଲେ । ସାଂସଦ ଶ୍ରୀ ବିଶି ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ ଓଡ଼ିଶାର ଚାଷୀ ବହୁତ କଷ୍ଟରେ ଅଛନ୍ତି । ଚାଷୀମାନଙ୍କୁ ଟୋକନ ଦିଆଯାଉ ନାହିଁ । ଟୋକନ ଥିବା ଚାଷୀ ଧାନ ମଣ୍ଡିକୁ ନେଲେ, ମିଲର ଧାନ ଉଠାଉ ନ ଥିବାରୁ ଚାଷୀ ମଣ୍ଡିରେ ହଇରାଣ ହେଉଛନ୍ତି । ଚାଷୀମାନେ ଏଫଏକ୍ୟୁ ଶତକଡା ୨୦ ରୁ ୨୨ ପ୍ରତିଶତ ଦାବି କରୁଥିବାବେଳେ ଭାରତ ସରକାର ସମସ୍ତ ରାଜ୍ୟ ପାଇଁ ଶତକଡା ୧୭ ପ୍ରତିଶତ ଏଫଏକ୍ୟୁ ଧାର୍ଯ୍ୟ କରିଛନ୍ତି । କିନ୍ତୁ ଓଡ଼ିଶା ସରକାର ୧୫ ପ୍ରତିଶତ ଏଫଏକ୍ୟୁ ଧାର୍ଯ୍ୟ କରି କୁଇଣ୍ଟାଲ ପିଛା ୮ କେଜି ଧାନ ଚାଷୀ ଠାରୁ କାଟୁଛନ୍ତି ବୋଲି ସାଂସଦ ଶ୍ରୀ ସଦନ ମାଧ୍ୟମରେ ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଓଡ଼ିଶା ପାଇଁ ୭୩ ଲକ୍ଷ ମିଲିୟନ ଟନ ଧାନ ସଂଗ୍ରହ କରିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୩ ଲକ୍ଷ ମେଟ୍ରିକ ଟନ ଧାନ ଉଠିଛି, ତେବେ ମାର୍ଚ୍ଚ ସୁଦ୍ଧା ସରକାର ଚାଷୀଙ୍କ ଧାନ କ୍ରୟ କରିବା ଅସମ୍ଭବ ବୋଲି ସାଂସଦ ଶ୍ରୀ ବିଶି ଉଦବେଗ ପ୍ରକାଶ କରିଥିଲେ ।

ଧାନ ବୋଝାଇ ଟ୍ରକ୍ ଧକ୍କାରେ ବାସଗୃହ ନଷ୍ଟ

ବିଜେପୁର, ୨୯ ।୧(ସମିସ)

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ଲାଉମୁଣ୍ଡା ଗ୍ରାମର ସନ୍ତୋଷ ସାହୁଙ୍କ ବାସଗୃହ ଉପରେ ୨୬ ଜାନୁୟାରୀରେ ଏକ ଧାନ ବୋଝାଇ ଟ୍ରକ୍ ଦ୍ରୁତ ଗତିରେ ଆସି ଚଢ଼ିଯିବାରୁ ଘରଟି ନଷ୍ଟ ହୋଇଯାଇଛି । ଘଟଣା ପରେ ଘରମାଲିକ ସନ୍ତୋଷ ସାହୁ କ୍ଷତିପୂରଣ ଦାବି କରିଥିବା ବେଳେ, ଲାଉମୁଣ୍ଡା ଗ୍ରାମର ସାନନ୍ଦ ମେହେର ମଧ୍ୟସ୍ଥତା କରି ଘର ପୁନଃନିର୍ମାଣ କରିଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଘଟଣାର ଦୁଇ ଦିନ ପରେ ବଲାଙ୍ଗିର ଜିଲ୍ଲା ବୁଦୁଲା ଧାନ ମଣ୍ଡି ପକ୍ଷରୁ ଆଗଲପୁର ଥାନାରେ ଧାନ ବୋଝାଇ ଟ୍ରକ ନିଖୋଜ ହୋଇଛି ବୋଲି ଏକ ମିସିଂ କେସ୍ ଦାଖଲ କରାଯାଇଥିଲା, ଯାହାକି ଘଟଣାକୁ ନେଇ

ନ୍ୟାୟ ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ

ସନ୍ଦେହ ସୃଷ୍ଟି ହୋଇଥିଲା । ପୁଣି ଦୁଇ ଦିନ ପରେ ଏହି 'ନିଖୋଜ' ଟ୍ରକ ବିଜେପୁର ଥାନାରେ ମିଳିଥିବା ସୂଚନା ମିଳିଥିଲା ଏବଂ ଆଗଲପୁର ଥାନାଧିକାରୀ ଆସି ଗାଡିଟି ନେଇ ଯାଇଥିଲେ । ବିଜେପୁର ଥାନାଧିକାରୀ ସୁଶାନ୍ତମଣି ମହାନ୍ତି ଘଟଣାର ତଦନ୍ତ କରିଥିଲେ । ତଦନ୍ତ କ୍ରମେ ଡ୍ରାଇଭର ଏମ୍. ଭାସ୍କର ସ୍ପଷ୍ଟ କରିଛନ୍ତି ଯେ ଗାଡିର ଧକ୍କାରେ ଘରଟି ନଷ୍ଟ ହୋଇଛି । ଏହି ବିଷୟରେ ଆଗଲପୁର ଥାନାଧିକାରୀଙ୍କୁ ପଚାରିବାରୁ ସେ ଘଟଣାକୁ ଏଡ଼ାଇ ଯାଇଥିଲେ । ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ସନ୍ତୋଷ ସାହୁ ମାନସିକ ଚାପରେ ରହିଛନ୍ତି । ନ୍ୟାୟ ଆଶାରେ ସନ୍ତୋଷ ସାହୁ ବରଗଡ଼ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ, ଘରମାଲିକଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।



ସକାଳ
THE SAKALA

ଧୋୟାଞ୍ଚଳ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପେକ୍ଷା

ସହାୟତା ରାଶିରୁ ବଞ୍ଚିତ ହେବେ ହଜାର ହଜାର ଚାଷୀ !

ଭଦ୍ରକ/ଆରଡ଼ି, ୨୯।୧(ସମିସ)



ଭଦ୍ରକ ଜିଲ୍ଲାର ଧୋୟାଞ୍ଚଳ ଭାବେ ପରିଚିତ ଚାନ୍ଦବାଲି ବ୍ଲକର ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଓଳଗ ୪ଟି ପଞ୍ଚାୟତର ୨୨ଟି ଗାଁ। ଉକ୍ତ ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ବୈତରଣୀ ନଦୀରେ ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଆସିଥିବା ଛୋଟବଡ଼ ୬/୭ଟି ନଈ ବଢ଼ିରେ ହଜାର ହଜାର ଚାଷୀଙ୍କର ଶହଶହ ଏକର ସାରଦ ଧାନତଳି ଓ ଗଜା ଧାନ ପଚିସଢ଼ି ଯାଇଥିଲା। ନଦୀର ବନ୍ୟା ପରିସ୍ଥିତି ଏପରି ଥିଲା, ଯାହାକି ନଦୀ-ପଥ-କ୍ଷେତ ଏକାକାର ହୋଇଯିବା ସହ ମାସ ମାସ ଧରି ଚାଷଜମିରେ ବନ୍ୟା ପାଣି ଜମି ରହିଥିଲା। ଯାହାଫଳରେ ଚାଷ ପ୍ରାରମ୍ଭରୁ ଚାଷୀମାନେ ବ୍ଲକରୁ ଆଣିଥିବା ବିହନ ଧାନ ଓ ସାଇତି ଥିବା ବିହନ ଧାନ ଶହଶହ ଏକର ଚାଷ ଜମିରେ ଧାନତଳି ସହ ଗଜା ହୋଇଥିବା ବିହନ ଧାନ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଏପରିକି ବନ୍ୟା ସମୟରେ ଓ ବନ୍ୟା ଛାଡ଼ିବା ପରେ ଭଦ୍ରକ ଜିଲ୍ଲାପାଳଙ୍କ ସହ ବ୍ଲକ ପ୍ରଶାସନ ଓ କୃଷି ଅଧିକାରୀ ମିଳିତ ଭାବେ ବନ୍ୟାଞ୍ଚଳ ସ୍ଥିତି ପରଖିବା ସହ କ୍ଷତିଗ୍ରସ୍ତ ଚାଷଜମିର କ୍ଷେତ୍ରୀୟ ଅନୁଧ୍ୟାନ କରି ଜାଣିବାକୁ ପାଇଥିଲେ କି ଏହି ଦୋରା ଅଞ୍ଚଳରେ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ଚାଷଜମି ବନ୍ୟାରେ ଧୋଇଯାଇଛି। ତାହା ସହ ଚାଷୀମାନଙ୍କୁ ଭେଟି ଧୋଇଯାଇଥିବା ଚାଷର କ୍ଷତିପୂରଣ ୧ମାସ ମଧ୍ୟରେ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ କୃଷି ବିଭାଗ ଓ ଆରଡ଼ି ଆର୍ଆଇଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କର ସମସ୍ତ ଦସ୍ତାବିଜ୍ ଗ୍ରହଣ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ନିମନ୍ତେ ତହସିଲ୍ ଦପ୍ତରକୁ ପଠାଇଥିଲେ। ଧୋୟାଞ୍ଚଳର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୩ ମାସ ମଧ୍ୟରେ କ୍ଷତିପୂରଣ ସହାୟତା ରାଶି ଯୋଗାଇଦେବା ପାଇଁ ୨କୋଟି ୬୯ ଲକ୍ଷ ୨୮ ହଜାର ଟଙ୍କା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ହେଲେ ଜିଲ୍ଲା ପ୍ରଶାସନ ଓ ତହସିଲ୍ଦାରଙ୍କ ଟାଳଟୁଳ ନୀତି ଯୋଗୁଁ କ୍ଷତିଗ୍ରସ୍ତ ଚାଷୀମାନେ ସହାୟତା ରାଶିକୁ ଅନାଇ ବସି ରହିଛନ୍ତି।

ଏପଟେ ପୁନର୍ବାର କ୍ଷେତ୍ରୀୟ ଅନୁଧ୍ୟାନ କରାଯାଇ ଜିଲ୍ଲା ପ୍ରଶାସନ, ତହସିଲ୍ଦାର ଓ କୃଷି ବିଭାଗୀୟ ଅଧିକାରୀ ୪ ପଞ୍ଚାୟତରେ ଗତ ବନ୍ୟାରେ ଧୋଇ ଯାଇଥିବା ଚାଷ ୩୩ ପ୍ରତିଶତରୁ କମ୍ ବୋଲି ଦର୍ଶାଯାଇଛି। ଫଳରେ ଚାଷୀମାନଙ୍କୁ କ୍ଷୟକ୍ଷତିର କୌଣସି ସହାୟତା ମିଳିବ ନାହିଁ ବୋଲି ଏକ ସରକାରୀ ଦସ୍ତାବିଜ୍ ବିଭିନ୍ନ ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ ବୁଧବାର ୪ ପଞ୍ଚାୟତର ଶତାଧିକ କ୍ଷତିଗ୍ରସ୍ତ ଚାଷୀ ଚାନ୍ଦବାଲି ତହସିଲ୍ଦାରଙ୍କୁ ଭେଟି ସହାୟତା ରାଶି କେବେ ମିଳିବ ପଚାରିବାରୁ ସମାନ କଥା ଶୁଣିବାକୁ ପାଇଥିଲେ କି ଏହି ଧୋୟାଞ୍ଚଳରେ ସେପରି କିଛି କ୍ଷତି ହୋଇନାହିଁ। ଯାହାକିଛି ହୋଇଥିଲା ତାହା ସ୍ୱଳ୍ପ। ତେଣୁ ସହାୟତା ରାଶି କୌଣସି ଚାଷୀଙ୍କୁ ଆଉ ମିଳିବ ନାହିଁ ବୋଲି ସିଧାସିଧା ଭାବେ ମନା କରିଥିଲେ ତହସିଲ୍ଦାର ଭବତୋଷ ମଲ୍ଲିକ। ଏପଟେ ଧୋୟାଞ୍ଚଳର ହଜାର ହଜାର ଚାଷୀଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଛି। ପ୍ରଥମେ ଧୋଇ ଯାଇଥିବା

ଫେରିଯିବ ୨.୬୮ କୋଟି ଟଙ୍କା

ଧାନ କ୍ଷେତର ସହାୟତା ରାଶି ଆସିଲା, ପୁଣି ମିଳିଲା ବେଳକୁ ରାଶି ଫେରେଇ ନିଆଗଲା। ରାଜ୍ୟ ସରକାର ଚାଷୀମାନଙ୍କୁ ସମସ୍ତ ସହାୟତା ରାଶି ଯୋଗାଇଦେବାକୁ ଆଗଭର ଥିବାବେଳେ ଭଦ୍ରକ ଜିଲ୍ଲା ପ୍ରଶାସନ ମନମୁଖି ଭାବେ ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ ସହାୟତା ରାଶିକୁ ଫେରାଇ ନେବାକୁ ବସିଛି ବୋଲି ଚାଷୀ ଗୋଲେଇ ଦାସ, ବେଣୁଧର ସାହାଣୀ, କାର୍ତ୍ତିକ ଜେନା, ମଣ୍ଟୁ ବିଶ୍ୱାଳଙ୍କ ସହ ଶହଶହ ଚାଷୀ କହିଛନ୍ତି। ଆଗାମୀ ଦିନରେ ଯଦି ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ରାଶି ନ ମିଳେ ତାହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଭେଙ୍କେଟେଶ୍ୱର ସ୍କୁଲର ବାର୍ଷିକ ଉତ୍ସବ



ଭଦ୍ରକ, ୨୯।୧(ସମିସ): ଚାନ୍ଦବାଲି ଭେଙ୍କେଟେଶ୍ୱର ସ୍କୁଲର ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଚେୟାରମ୍ୟାନ୍ ସୁଧୀର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଏସ୍.ଏନ୍. କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଶିକ୍ଷାବିତ୍ ଗୋପାଳ ପ୍ରସାଦ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦେଇ ଏକାଗ୍ରତା ଓ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ମତ ପ୍ରକାଶ କରିବା ସହିତ ଶିକ୍ଷା ବିଶ୍ୱ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସ୍କୁଲର ଅଧ୍ୟକ୍ଷ ସେକ୍ ମହମ୍ମଦ ଏର୍ସାଦ୍ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଛାତ୍ରୀ ହର୍ଷିତା ରେଡ୍ଡି ଓ ଛାତ୍ର ପ୍ରିତମ୍ ପ୍ରିୟଦର୍ଶନ ସଭା ସଞ୍ଚାଳନ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଏବଂ ଶିକ୍ଷୟିତ୍ରୀ ଇତିଶ୍ରୀ ଦାଶ ଧନ୍ୟବାଦ ଦେଇଥିଲେ। ଏହାପରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ଦର୍ଶକଙ୍କୁ ହସର ଖୋରାକ୍ ଯୋଗାଇଥିବାବେଳେ ମନମୋହିଥିଲା ଶିବତାଣ୍ଡବ ନୃତ୍ୟ। ସ୍କୁଲ ନିର୍ଦ୍ଦେଶକ ବ୍ରଜକିଶୋର ପଣ୍ଡା, ଲଳିତ ମୋହନ ମହାନ୍ତି, ଅତିଥି ଅଧ୍ୟାପକ ସୁବାସ ନାୟକ, ଧନେଶ୍ୱର ବାରିକ ଓ ଅମର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ଶିକ୍ଷୟିତ୍ରୀ ଅଭିଲିପ୍ସା ବଳ, ସ୍ନିଗ୍ଧା ଦାସ, ସୁପ୍ରୀତି ନାୟକ, ପୁଷ୍ପା ଦାସ, ଉପାସନା ସେନ୍, ଶ୍ରଦ୍ଧାଞ୍ଜଳି ନାୟକ, ଉର୍ମିଳା ଦଳାଇ, ସନ୍ଧ୍ୟା ସାହୁ, ସୌମିତ୍ରୀ ମୁଦୁଲି, ଦିବ୍ୟଦିଶା ଦାସ, ଅର୍ଚ୍ଚନା ସାହୁ, ସ୍ମୃତି ମାଝୀ, ଶୁଚିସ୍ମିତା ପାତ୍ର, ମିନତୀ ସାହୁ, ସିପ୍ରା ନାୟକ, ଶିକ୍ଷକ ରାଜେନ୍ଦ୍ର ପାତ୍ରଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷାକର୍ମୀ ଏହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

ମନମୋହିଲା ଶିବତାଣ୍ଡବ

ଜୁନିୟର ରେଡ୍କ୍ରସ କ୍ୟାମ୍ପ ଉଦ୍ଘାଟିତ



ଭଦ୍ରକ, ୨୯।୧(ସମିସ): ୩୦ତମ ଭଦ୍ରକ ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଭଦ୍ରକ ଚରମ୍ପାସ୍ଥିତ ଆର୍ସିବିଏଲ୍ ହାଇସ୍କୁଲରେ ଉଦ୍ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ଜୁନିୟର ରେଡ୍କ୍ରସର ଅଧ୍ୟକ୍ଷ ଡ. ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥି ଭାବରେ ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲ୍ମକ୍କି ଦଲୱାଜି ହବିବ୍, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଡ. ପ୍ରଫୁଲ୍ଲ କୁମାର ସାହୁ, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, କଟକ ଜିଲ୍ଲାର ପୂର୍ବତନ ଜୁନିୟର ରେଡ୍କ୍ରସ ଅଧିକାରୀ ମିହିର କୁମାର ପରିଡ଼ା ଯୋଗଦେଇ ଜୁନିୟର ରେଡ୍କ୍ରସର ଲକ୍ଷ୍ୟ ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲା ଜୁନିୟର ରେଡ୍କ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ, ଆର୍ସିବିଏଲ୍ ହାଇସ୍କୁଲର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ମାଝୀ ସ୍ୱାଗତ ଭାଷଣ, ଭଦ୍ରକ ଜିଲ୍ଲା ଜୁନିୟର ରେଡ୍କ୍ରସ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ନାୟକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଜୁନିୟର ରେଡ୍କ୍ରସର ଯୁଗ୍ମ ସମ୍ପାଦକ ଭୀମ ଚରଣ ପରିଡ଼ା ଓ ଲିପିରେଖା ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧନକର୍ମୀ ଭାଗବତ ସୂତାର, ହେମନ୍ତ ସୂତାର, ଦିପ୍ତୀମୟୀ ସାହୁ, ରାଜକିଶୋର ଚୌଧୁରୀ, ଶଶୀଶେଖର କରଶର୍ମା, ତରଣୀସେନ ଜେନା ରେଡ୍କ୍ରସର ଇତିହାସ ଓ ୭ଟି ନିୟମ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷରେ ଗୀତାଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ୩ ଦିନ ଧରି ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମରେ ୪୮୨ ଜଣ ଛାତ୍ରଛାତ୍ରୀ ଓ ୧୯୩ ଜଣ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି କ୍ୟାମ୍ପରେ ରେଡ୍କ୍ରସ ଇତିହାସ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସଡ଼କ ସୁରକ୍ଷା, ରକ୍ତଦାନ, ପ୍ରାଥମିକ ଉପଚାର ଇତ୍ୟାଦି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ଶିବିରରେ ୭ଟି ବ୍ଲକର ସଂଯୋଜକ ମହେଶ୍ୱର ରାଉତ, ଲିଜା ଦାସ, ଦେବାଶିଷ ଆଚାର୍ଯ୍ୟ, ସୁଶାନ୍ତ ବିଶ୍ୱାଳ, ବିଶ୍ୱରଞ୍ଜନ ମଲ୍ଲିକ, ଲିଲିରାଣୀ ନାୟକ, ଧର୍ମେନ୍ଦ୍ର ବେହେରା କ୍ୟାମ୍ପ ପରିଚାଳନା କରିଥିଲେ। ସମରେନ୍ଦ୍ର ମିଶ୍ର, ପ୍ରଦିପ ମହାପାତ୍ର, ମାନସ ମିଶ୍ର, ଅକ୍ଷୟ ସେଠୀ, ଜିତେନ୍ଦ୍ର ନାୟକ, ଶାନ୍ତିଲତା ପଣ୍ଡା, ରୁବିନା ଖାତୁନ, ମୋନାଲିସା ସାହୁ, ବିଣାପାଣୀ ପଣ୍ଡା, ସ୍ନିତା ସୁଚରିତା ମଲିକ ସହଯୋଗ କରିଥିଲେ। ବିଚାରକ ଭାବରେ ଜିତେନ୍ଦ୍ର ସିଂ, ଦିପ୍ତୀମୟୀ ସାହୁ, ବସନ୍ତ ଲେଙ୍କା, ନୃସିଂହ ସାହୁ ଯୋଗଦେଇଥିଲେ।

ଏପ୍ରିଲ ମାସରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି

୪୦ ଦିନ ପରେ ଆଶାକର୍ମୀଙ୍କ ଆନ୍ଦୋଳନ ପ୍ରତ୍ୟାହାର



ଭଣ୍ଡାରିପୋଖରୀ, ୨୯।୧(ସମିସ): ଗତ ଡିସେମ୍ବର ୨୦ ତାରିଖଠାରୁ ଆରମ୍ଭ ହୋଇଥିବା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆଶାକର୍ମୀମାନଙ୍କ ଆନ୍ଦୋଳନ ୪୦ ଦିନ ପରେ ଗୁରୁବାର ପ୍ରତ୍ୟାହୃତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଜୟନ୍ତ ପଣ୍ଡା, କନକଲତା ସାହୁ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବନବିହାରୀ ମିଶ୍ର, ଆଶାକର୍ମୀ ସଂଯୋଜିକା କଳ୍ପନା ସାମଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ସରୋଜ ରାଉଳ ଆନ୍ଦୋଳନରତ ଆଶାକର୍ମୀଙ୍କୁ ଆସନ୍ତା ଏପ୍ରିଲ ମାସରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଗତ ଡିସେମ୍ବର ୨୦ ତାରିଖଠାରୁ ଆରମ୍ଭ ହୋଇଥିବା ଆଶାକର୍ମୀଙ୍କ ସାମୂହିକ କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଶତାୟୁ ମହିଳାଙ୍କ ପରଲୋକ



ଭଦ୍ରକ, ୨୯।୧(ସମିସ): ଭଦ୍ରକ ସହର ୩୦ ନମ୍ବର ୱାର୍ଡ ଅଧୀନ ବାଲିପାଟଣା ଅଞ୍ଚଳର ପ୍ରାକ୍ତନ ପାରିଷଦ, ଜଣାଶୁଣା ସମାଜସେବୀ ସୁଧାକର ରାଉତଙ୍କ ମାଆ ଶତାୟୁ ମହିଳା ସାବିତ୍ରୀ ରାଉତଙ୍କ ଗୁରୁବାର ସକାଳେ ପରଲୋକ ଘଟିଛି। ଜଣେ ଧର୍ମପ୍ରାଣା, ପରୋପକାରୀ ଓ ସ୍ୱାଭିମାନୀ ମହିଳା ଭାବେ ପରିଚିତ ଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ବାଲିପାଟଣାସ୍ଥିତ ବାସଭବନକୁ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସମାଜସେବୀ ଡ. ପ୍ରଦୀପ ନାୟକ, ଭଦ୍ରକ ପୌରାଧ୍ୟକ୍ଷ ଗୁଲ୍ମକୀ ଦଲାୱାଜି ହବିବି, ଟାଉନ୍ କଂଗ୍ରେସ ସଭାପତି ଅବ୍ଦୁଲ ମୁକିତ ଖାଁ, ସଦାବ୍ରତ ମଠ ମ୍ୟାନେଜର ସୂର୍ଯ୍ୟମଣି ନାୟକ, ସ୍ଥାନୀୟ କାଉନ୍ସିଲର ପ୍ରତିନିଧି ପ୍ରଭାତ ମାଝୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ତାଙ୍କ ବାସଭବନ ପରିସରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ସୁଧାକର ରାଉତ ମୁଖାଗ୍ନି ଦେଇଥିଲେ।

ପ୍ରତିଭା ସମ୍ବର୍ଦ୍ଧନା ସମାରୋହ

ବାରିକପୁର, ୨୯।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନପଙ୍ଗ ଚଣ୍ଡିମାତା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ସହିତ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସାନ୍ତନୁ କୁମାର ଧଳଙ୍କ ଅଧ୍ୟକ୍ଷତା ଏବଂ ସହକାରୀ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ ପ୍ରତିଭାଧାରୀ ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସୁଭାଷିନୀ ନାୟକ, ପ୍ରଧାନଶିକ୍ଷକ ଦେବଦତ୍ତ ଜେନା, ମୁଖ୍ୟବକ୍ତା ଭାବେ ସିଆର୍ସିସି ରାଧେଶ୍ୟାମ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାନେତ୍ରୀ ପ୍ରଭାତୀ ସାମଲ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଧୀରେନ୍ଦ୍ର ନାୟକ, ଗଙ୍ଗାଧର ସାମଲ, ଶିକ୍ଷାବିତ୍ ପ୍ରୀତିକାନ୍ତ ରାଉତ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ମୋନାଲିସା ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଚମ୍ପାବତି ନାୟକ ଧନ୍ୟବାଦ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷକ ଭାଗବତ ମହାନ୍ତି, କଲ୍ୟାଣ କୁମାର ସ୍ୱାଇଁ, ସରୋଜ ନାୟକ, ସୋମିତି ସାମଲ, ପ୍ରଭାତ ରଞ୍ଜନ ପଣ୍ଡା, ସୁଧାକର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବ ଓ ଶିକ୍ଷକ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, ୨୯।୧(ସମିସ): ମଞ୍ଜୁରୀରୋଡ୍ ନାଆମୀ ପଞ୍ଚାୟତ ଅନ୍ତର୍ଗତ ଶଙ୍ଖୁଳା କଳ୍ପତରୁ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା କଳ୍ପତରୁ ନାୟକଙ୍କ ତ୍ରୟୋଦଶତମ ଶ୍ରାଦ୍ଧ ଓ ଶିକ୍ଷକ ସମ୍ମାନ ଉତ୍ସବ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଖଗେଶ୍ୱର ପରିଡ଼ା ମୁଖ୍ୟଅତିଥି, ଜଗନ୍ନାଥ ପାତ୍ର ମୁଖ୍ୟବକ୍ତା, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ମୋହନ ମହାନ୍ତି, ହରିଶ୍ଚନ୍ଦ୍ର ଜେନା, ଭାସ୍କର ଚନ୍ଦ୍ର ଜେନା, ଦିବାକର ନାୟକ, ପୂର୍ବତନ ସରପଞ୍ଚ ସଦାଶିବ ଦାସ, ସାତଶୋଳା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜିକା କୁସୁମଲତା ମହାପାତ୍ର, ପ୍ରଧାନଶିକ୍ଷକ ବିଶ୍ୱରଞ୍ଜନ ଭୂୟାଁ, ଆନନ୍ଦ ଚନ୍ଦ୍ର ପାଢ଼ୀ, କୈଳାସ ଚନ୍ଦ୍ର ସାମଲ ଓ ଲୋକନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଶକୁନ୍ତଳା ଲେଙ୍କାଙ୍କ ସ୍ମୃତିରେ ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ଓ ଆଖୁଆପଦା ସରକାରୀ ଉପ୍ରା ବିଦ୍ୟାଳୟ ଶିକ୍ଷକ ଧନେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପିନାଥ ନାୟକ ସ୍ୱାଗତ ଭାଷଣ, ରାଜଶ୍ରୀ ନାୟକ ଅତିଥି ପରିଚୟ ଓ ବବିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାରିକପୁର, ୨୯।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦାସ୍ଥିତ ବିଦ୍ୟାନିକେତନ ଇଣ୍ଟରନ୍ୟାସନାଲ ସ୍କୁଲଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସତ୍ୟଭାମା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଡାକ୍ତର ଶୁଭ୍ରଜିତ୍ ପରିଡ଼ା ଓ ମଣ୍ଟୁ ପାତ୍ର ଯୋଗଦେଇଥିଲେ। ବିଶେଷ କରି ଦାନ୍ତ, ଆଖି ଓ ଶିଶୁରୋଗ ବିଷୟରେ ଡାକ୍ତରମାନେ ପରୀକ୍ଷାନିରୀକ୍ଷା କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ଶତପଥୀ, କୈଳାସ ଚନ୍ଦ୍ର ଜେନା, ପ୍ରଦୀପ ସାହୁ, ଶିକ୍ଷୟିତ୍ରୀ ଏଲିନା ନାୟକ, ଗାୟତ୍ରୀ ମିଶ୍ର, ଶର୍ମିଷ୍ଠା ପରିଡ଼ା, ସତ୍ୟସନ୍ଧ୍ୟା ଜେନା, ନୟନି ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

ଜାତୀୟ ହ୍ୟାଣ୍ଡବଲ୍ ଖେଳାଳି ସମ୍ବର୍ଦ୍ଧିତ



ଭଦ୍ରକ, ୨୯।୧(ସମିସ): ହ୍ୟାଣ୍ଡବଲ୍ କ୍ରୀଡ଼ାରେ ଜାତୀୟସ୍ତରର ଖେଳାଳିଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଭଦ୍ରକ ବାଗୁରାଇସ୍ଥିତ ପିଏମ୍ଶ୍ରୀ ବିନ୍ଧୁ ମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଦିବ୍ୟାଂଶୁ ସିଂଙ୍କୁ ବିଦ୍ୟାଳୟରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଏବଂ କ୍ରୀଡ଼ା ଶିକ୍ଷକ ତପନ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ କ୍ରୀଡ଼ା, ଯୁବ ବ୍ୟାପାର, ଭାଷା ସାହିତ୍ୟ ସଂସ୍କୃତି ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଦିବ୍ୟାଂଶୁ ୭ମ ଶ୍ରେଣୀର ଛାତ୍ର। ସେ ରାଜସ୍ଥାନରେ ଅନୁଷ୍ଠିତ ଜାତୀୟସ୍ତରର ହ୍ୟାଣ୍ଡବଲ୍ କ୍ରୀଡ଼ା ରେ ଭାଗ ନେଇ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି।

ମହିଳା ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ

ଭଦ୍ରକ, ୨୯।୧(ସମିସ): ସମାଜସେବା ମାଧବ ସେବାକୁ ବ୍ରତ ଭାବି ଭଦ୍ରକର ଏକ ଅଗ୍ରଣୀ ମହିଳା ସଂଗଠନ 'ନନ୍ଦିନୀ' ତରଫରୁ ଭଦ୍ରକର ଆଖଣ୍ଡଳମଣି ଛକସ୍ଥିତ ଦିବ୍ୟାଲୋକ ନାମକ ଅନ୍ଧ, ମୂକ ଓ ବଧିର ଆଶ୍ରମରେ ବୁଧବାର କମ୍ବଳ ବଣ୍ଟନ କରାଯାଇଛି। ସଂଗଠନର ମାର୍ଗଦର୍ଶକ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ନେତୃତ୍ୱରେ ସଭାପତି ସରୋଜିନୀ ନାୟକ, ଉପସଭାପତି ଶାନ୍ତିଲତା ବାରିକ, ଗୀତାଞ୍ଜଳି ଅଗସ୍ତି, ସମ୍ପାଦକ ସଂଯୁକ୍ତା ଯାଦବଙ୍କ ନେତୃତ୍ୱରେ ପ୍ରାୟ ୧୫ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ ସହ ଖାଦ୍ୟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦିକା ନିରୁପମା ଦାଶ, ଗାୟତ୍ରୀ ସେଠୀ, ଶ୍ରଦ୍ଧାଞ୍ଜଳି ମିଶ୍ର, ତୃପ୍ତି ଦାସ ଓ ଉପଦେଷ୍ଟା ପ୍ରବୋଧ ଅଗସ୍ତିଙ୍କ ଉପସ୍ଥିତିରେ ଏହି ବଣ୍ଟନ ହୋଇଥିଲା।

ଜିଲ୍ଲାସ୍ତରୀୟ ପିଏମ୍ଶ୍ରୀ ଉତ୍ସବ ଉଦ୍ଘାଟିତ



ଭଦ୍ରକ, ୨୯।୧(ସମିସ): ଦ୍ୱିଦିବସବ୍ୟାପୀ ପିଏମ୍ଶ୍ରୀ ଜିଲ୍ଲାସ୍ତରୀୟ ଉତ୍ସବ ୨୦୨୫-୨୬ ପିଏମ୍ଶ୍ରୀ ବିନ୍ଧୁମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମହାସମାରୋହରେ ଉଦ୍ଘାଟିତ ହୋଇଯାଇଛି। ଏହି ଉତ୍ସବରେ ଭଦ୍ରକ ଜିଲ୍ଲାର ୧୧ଟି ପିଏମ୍ଶ୍ରୀ ବିଦ୍ୟାଳୟର ୫୦୦ରୁ ଅଧିକ ଛାତ୍ରଛାତ୍ରୀ, ସେମାନଙ୍କ ଗାଇଡ୍ ଶିକ୍ଷକଶିକ୍ଷୟିତ୍ରୀ ଏବଂ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇ ନୂତନ ଶିକ୍ଷାନୀତି ଆଧାରରେ ଏକ ଆମୋଦଦାୟକ, ଉତ୍କର୍ଷତାପୂର୍ଣ୍ଣ ଶିକ୍ଷାଦାନ ଆଧାରରେ ଭିଜନ ୨୦୩୬ ଏବଂ ଭିଜନ ୨୦୪୭ର ସାକାରତା ପ୍ରତିପାଦନ କରିଥିଲେ। ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, କ୍ରୀଡ଼ା ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ନୂତନ ଶିକ୍ଷାନୀତିର ମୂଳ ଲକ୍ଷ୍ୟ ଉତ୍କର୍ଷତା ଓ ଆଗ୍ରହପୂର୍ଣ୍ଣ ଶିକ୍ଷା ମାଧ୍ୟମରେ ନିଜର ପରିଚୟ ପ୍ରତିପାଦନ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ବରେଣ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଶିକ୍ଷା ମାଧ୍ୟମରେ ପିଲାମାନେ ପ୍ୟାସନ୍ ସହିତ ପ୍ରଫେସନର ସଂଯୋଗ ଘଟାଇ ନିଜକୁ ସଫଳ ବ୍ୟକ୍ତିରେ ପରିଣତ ହୋଇପାରିବା କଥା ପିଲାମାନଙ୍କୁ କହିଥିଲେ। ଉତ୍ସବର ସଭାପତି, ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ ପିଏମ୍ଶ୍ରୀ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଡିଏସ୍ଡିଓ ଡିଇଓ ଅନିତା ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ତୃପ୍ତିମୟୀ ପାତ୍ର, ଏନ୍ସି ହାଇସ୍କୁଲ ପ୍ରଧାନଶିକ୍ଷକ ତଥା ବନ୍ତ ବିଇଓ ସୁକୀର୍ତ୍ତି କର, ଭଦ୍ରକ ବିଇଓ ଚକ୍ରଧର ମଲ୍ଲିକ ଯୋଗଦେଇଥିଲେ। ପିଏମ୍ଶ୍ରୀ ବିନ୍ଧୁମାଧବ ବାଗୁରାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ସମସ୍ତ କାର୍ଯ୍ୟର ସଂଯୋଜନା କରିଥିବାବେଳେ ୧୧ଟି ପିଏମ୍ଶ୍ରୀ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ସହଯୋଗ କରିଥିଲେ। ପିଏମ୍ଶ୍ରୀ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୀମ ଚରଣ ପରିଡ଼ା ଓ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମନୋଜ କୁମାର ସାହୁ ସହଯୋଗ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଶିକ୍ଷକ ବଦଳି ପ୍ରତିବାଦରେ ବିକ୍ଷୋଭ

ବିଇଓଙ୍କ କୁଶପୁତ୍ତଳିକା ଦାହକଲା ଯୁବ ବିଜେଡି

ଭଦ୍ରକ, ୨୯।୧(ସମିସ)



ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ନାହାନ୍ତି ଆବଶ୍ୟକୀୟ ଶିକ୍ଷକ। କେଉଁ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ଖାଲି ତ କେଉଁଠି ସହକାରୀ ଶିକ୍ଷକ ପଦ ଖାଲି। ଆଉ ମଧ୍ୟ କିଛି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅନୁପାତରେ ନାହାନ୍ତି ଆବଶ୍ୟକୀୟ ଶିକ୍ଷକଶିକ୍ଷୟିତ୍ରୀ। ଫଳରେ ଶିକ୍ଷାଦାନ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଏପରି ସମୟରେ ଚାନ୍ଦବାଲି ବ୍ଲକରୁ ୧୪ ଜଣ ଶିକ୍ଷକଙ୍କୁ ଅନ୍ୟ ବ୍ଲକକୁ ବଦଳି କରାଯାଇଛି। ଶିକ୍ଷକମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ବ୍ଲକ ଶିକ୍ଷାଧିକାରୀ ଅନ୍ୟ ବ୍ଲକକୁ ବଦଳି କରୁଥିବା ଅଭିଯୋଗ ହେଉଛି। ପୂର୍ବ ସରକାରଙ୍କ ସମୟରେ ଜଣେ ହେଲେ ଶିକ୍ଷକକୁ ବାହାର ବ୍ଲକକୁ ଛଡ଼ାଯାଉ ନ ଥିବାବେଳେ, ବର୍ତ୍ତମାନର ସରକାର ଶିକ୍ଷକ ବଦଳି କରି ଚାନ୍ଦବାଲିର ଶିକ୍ଷା ବ୍ୟବସ୍ଥାକୁ ଅନ୍ଧାର ଭିତରକୁ ଠେଲି ଦେଇଛନ୍ତି ବୋଲି ଅଭିଯୋଗ କରି ଯୁବ ବିଜେଡି ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବ୍ଲକ ଶିକ୍ଷାଧିକାରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସେହିଭଳି ତୁରନ୍ତ ଶିକ୍ଷକ ବଦଳି ବାତିଲ୍ କରିବାକୁ ଦାବି କରିଛି ଯୁବ ବିଜେଡି। ଅନ୍ୟପକ୍ଷେ ଶିକ୍ଷକ ବଦଳିରେ ମୋର କୌଣସି ଭୂମିକା ନାହିଁ, ଯାହା କରିଛି ଜିଲ୍ଲା କମିଟି କରିଛି ବୋଲି ମତ ରଖିଛନ୍ତି ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜା। ଏହି ବିକ୍ଷୋଭରେ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ଯୁବନେତା ପ୍ରଭାସ ନାୟକ, ଜିତେନ୍ଦ୍ର ପାଣି, ଦୀପକ ରାଉତ, ମାନସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

୧୯୯୩ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



ବଡମ୍ବା,୨୯।୧(ସମିସ): ବଡ଼ମ୍ବା ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ୧୯୯୩ ମସିହା ମାଟ୍ରିକ ବ୍ୟାଚ ଛାତ୍ରଙ୍କ ଗୁରୁ ପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଚିନ୍ମୟୀ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ମହାନ୍ତି, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଦିନବନ୍ଧୁ ପୃଷ୍ଟି, ମନମୋହନ ରାଉତ, ଦୁର୍ଯ୍ୟୋଧନ ବେହେରା, ଦାମୋଦର ଦଳେଇ, ବରିଷ୍ଠ ଶିକ୍ଷୟିତ୍ରୀ ଚନ୍ଦ୍ରମଣି ପଙ୍ଗାରିଙ୍କ ସମେତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର କରଣ ଯୋଗଦେଇଥିଲେ। ପ୍ରାରମ୍ଭରେ ପୁରାତନ ଛାତ୍ରମାନେ ଗୁରୁ ବନ୍ଦନା କରିବା ପରେ ଦିବଙ୍ଗତ ସହଯୋଗୀ ସୁରେଶଚନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ର ଶିକ୍ଷକ ରମେଶ ଚନ୍ଦ୍ର ବେହେରା ମଞ୍ଚ ସଂଯୋଜନା କରିଥିବା ବେଳେ ମାନସ ଶତପଥୀ ଅତିଥି ପରିଚୟ ଓ ତନ୍ମୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

ବନ୍ଦେ ମାତରମ୍‌ର ୧୫୦ ବାର୍ଷିକୀର ବ୍ଲକ୍‌ସ୍ତରୀୟ ଉତ୍ସବ



ନିଶ୍ଚିନ୍ତକୋଇଲି,୨୯।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକସ୍ତରୀୟ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକ ପୂର୍ତ୍ତି ପାଳନ ଉତ୍ସବ କେନ୍ଦୁପାଟଣା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ସାଧାରଣଜ୍ଞାନ, ପ୍ରବନ୍ଧ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ଚରଣ ସାହୁଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଡିଓ ଦ୍ବିବେନ୍ଦୁ ଦାସ, ବିଇଓ ସଂଯୁକ୍ତା ମହାପାତ୍ର, ପିପି କଲେଜ ଅଧକ୍ଷା ପ୍ରଫେସର ଡ. ତରୁଲତା ଦେବୀ, ବିଆରସିସି ସୁଶୀଲ ଚକ୍ରବର୍ତ୍ତୀ, ଏବିଇଓ ସେକ୍ ଜାକୀର ହୁସେନ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଅଭୟ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସିଆରସିସି ରାଜକିଶୋର ନାୟକ, ଶିକ୍ଷକ ରଞ୍ଜନ ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



କନ୍ଦରପୁର,୨୯।୧(ସମିସ): କଟକ ସଦର ଅନ୍ତର୍ଗତ କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରିଂଶତିତମ ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସାଧୁଚରଣ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଓ ମୁଖ୍ୟବକ୍ତାଭାବେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ଡ଼ଃ ସୁରେଖା ସୁନ୍ଦରୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପ୍ରଧାନାଚାର୍ଯ୍ୟ ପ୍ରଭାକର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପରିଚାଳନା କମିଟି ସଂପାଦକ ରାଧାକୃଷ୍ଣ ସ୍ୱାଇଁ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର ଦୀପିକା ଉନ୍ମୋଚନ କରାଯାଇ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଚାଳନାରେ ଉପଦେଷ୍ଟା ହୃଷିକେଶ ଜେନା, ଉପଦେଷ୍ଟା ନବଘନ ରାଉତ, ଗୌରାଙ୍ଗ ତରାଇ, ଆଚାର୍ଯ୍ୟ ଦିଲ୍ଲୀପ ଜେନା, ପ୍ରଭାତ ପ୍ରଧାନ, ତ୍ରିଲୋଚନ ହାତୀ, ପ୍ରଣୟ ଜେନା, ଗୁରୁମା ନମିତା ପ୍ରଧାନ, ବିଷ୍ଣୁପ୍ରିୟା ପଣ୍ଡା, ଅନିତା ଶତପଥୀ, ଅନସୂୟା ମହାନ୍ତ, ଲୋଚନ ପରିଡ଼ା ପ୍ରମୁଖଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଓ କର୍ମଚାରୀ ସହାୟତା କରିଥିଲେ।

ରାଧାନାଥ ରଥ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ



ଆଠଗଡ,୨୯।୧(ସମିସ): ଆଠଗଡ ବ୍ଲକ ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି, ମୁଖ୍ୟବକ୍ତା ରୂପେ ସାମ୍ବାଦିକ ଶ୍ୱେତକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ପରିଚାଳନା କମିଟିର ସଦସ୍ୟ ନୃସିଂହ ସାହୁ, ମହେନ୍ଦ୍ର ପରିଡା, ବିପିନ ବିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରଭୁ ଜଗନ୍ନାଥ ଫଟୋଚିତ୍ର ସମ୍ମୁଖରେ ଅଧ୍ୟାପକ ଡଃ ଶୁଭଦର୍ଶୀ ଦାଶଙ୍କ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଇତିହାସ ବିଭାଗର ମୁଖ୍ୟ ଡଃ ମନୋରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡିଆ ଓ ଇଂରାଜୀ ବିଭାଗର ମୁଖ୍ୟ ଅମିତ ରଞ୍ଜନ ମିଶ୍ର ଓ ଜିତେନ୍ଦ୍ର ପ୍ରଧାନ ପୁରସ୍କାର ବିତରଣର ସଂଯୋଜନା କରିଥିଲେ। ସେହିପରି ଅଧ୍ୟାପକ ଡଃ ଯୁଗୋଜ୍ୟୋତି ସ୍ୱାଇଁ, ଡଃ ସାଗରିକା ରାଉତ, ଡଃ ମନୋରଞ୍ଜନ ନାୟକ, ମାନସୀ ବେହେରା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ କୁନ୍ତଳା ବେହୁରା ଧନ୍ୟବାଦ ଦେଇଥିଲେ।

୧୮ତମ ନରସିଂହପୁର ମିନି ମାରାଥନ୍


ଦୌଡ଼ିଲେ ଶତାଧିକ ପ୍ରତିଯୋଗୀ

ନରସିଂହପୁର,୨୯।୧(ସମିସ):



ନରସିଂହପୁର ଅଗ୍ରଣୀ ସାମାଜିକ ସଂଗଠନ ସାର୍ପ ସଂଗଠନ ପକ୍ଷରୁ ୧୮ତମ ନରସିଂହପୁର ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଥମେ ନରସିଂହପୁର ଚମ୍ପେଶ୍ୱରଠାରୁ ନରସିଂହପୁର ପର୍ଯ୍ୟନ୍ତ ୧୦ କିଲୋମିଟର ଦୂର ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନରସିଂହପୁର ବିଡ଼ିଓ ପ୍ରଲୟାନନ୍ଦ ଶତପଥୀ, ଆଡିସନାଲ ଡିଜି ତଥା ରାଜ୍ୟ ଆଣ୍ଟି ନକ୍ସଲ ମୁଖ୍ୟ ସଞ୍ଜୀବ ପଣ୍ଡା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ମାରାଥନରେ ଅନୁଗୁଳର ପ୍ରଦୀପ ଗଡ଼ନାୟକ ଚାମ୍ପିଅନ ହୋଇଥିବା ବେଳେ ବାଙ୍କୀର ବିଶ୍ୱରଞ୍ଜନ ସାହୁ ଦ୍ୱିତୀୟ ନରସିଂହପୁର କାନପୁରର ବିଜନ ମଲ୍ଲିକ ତୃତୀୟ ହୋଇଥିଲେ। ସେହିପରି ମହିଳା ବର୍ଗରେ କାନପୁରର ରୋଜାଲିନ ବେହେରା ପ୍ରଥମ, ଶରଧାପୁର ଚମ୍ପା ଆରୁକ ଦ୍ୱିତୀୟ ଓ ଜାନିସାହିର ଶାନ୍ତିଲତା ଜାନି ତୃତୀୟ, ପୁରୁଷ ବର୍ଗରେ ବଡମ୍ବା ରତାପାଟର ସ୍ୱରାଜ ବରାଳ ପ୍ରଥମ ହୋଇଥିବା ବେଳେ ନରସିଂହପୁର ଅଭିଷେକ ପିରୋଇ ଦ୍ୱିତୀୟ, ଓଲବର ଅଜିତ ସାମଲ ତୃତୀୟ ହୋଇଥିଲେ। ନରସିଂହପୁର ଛାଡଖାଇ ମଣ୍ଡପରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆଡିସନାଲ ଡିଜି ସଞ୍ଜୀବ ପଣ୍ଡା ଟ୍ରଫି ମେଡାଲ ପ୍ରଦାନ କରିଥିଲେ। ସାର୍ପ ସମ୍ପାଦକ ବିଜୟ ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥିଭାବେ ବିଡ଼ିଓ ପ୍ରଲୟାନନ୍ଦ ଶତପଥୀ, ଆମେରିକା ବିଜନେସ ଇଣ୍ଟେଲିଜେନ୍ସ ପ୍ରଫେସନାଲର ସଭାପତି ଧୀରେନ୍ଦ୍ର କର, ଯୁବ ସଂଗଠକ ରାଜା ସାହୁ, ନୟାଗଡ ସେବା ମହୋତ୍ସବର ସଭାପତି ଶିବରାମ ମହାପାତ୍ର, ସାର୍ପ ସଂଗଠନ ସଭାପତି କୁଳମଣି ବାରିକ ପ୍ରମୁଖ ଯୋଗଦେଇଥିଲେ।

ପରମହଂସ ଦେବଙ୍କ ଭବ୍ୟ ସମାଧି ମନ୍ଦିରର ରତ୍ନମୁଦ



ବଡ଼ମ୍ବା,୨୯।୧(ସମିସ): ବଡମ୍ବା ବ୍ଲକ ଅଧୀନ ରତାପଟସ୍ଥିତ ବିଶ୍ୱଗୁରୁ ଠାକୁର ଅଚିହ୍ନା ପରମହଂସ ଦେବଶ୍ରୀ ଶ୍ରୀ ନିମାଇଁ ଚରଣଙ୍କ ଭବ୍ୟ ସମାଧି ମନ୍ଦିରର ପବିତ୍ର ରତ୍ନମୁଦ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଓଡିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଭକ୍ତଙ୍କ ଆଗମନ ହୋଇଥିଲା। ପୀଠରେ ଅଖଣ୍ଡ ଧ୍ୱନି ଜଳୁଥିବା ସହ ଭାଗବତ ପଠନ କରାଯାଇଥିଲା। ଭକ୍ତମାନେ ମନ୍ଦିର ଶିଖରକୁ ଯାଇ ରତ୍ନ ମୁଦକୁ ଦର୍ଶନ କରିବା ସହିତ ଧାନ, ବିଭିନ୍ନ ଶସ୍ୟ, ବିଭିନ୍ନ ରତ୍ନ ମୁଦ୍ରା ଆଦି ରତ୍ନମୁଦରେ ସମର୍ପଣ କରି ଭକ୍ତି ଅର୍ଘ୍ୟ ପ୍ରଦାନ କରିଥିଲେ। ଅପରାହ୍ନ ୪ଟା ସମୟରେ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଆସନ୍ତାକାଲି ବାବାଙ୍କ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ପର୍ଯ୍ୟନ୍ତ ଭଗବାନଙ୍କ ନାମ ସଂକୀର୍ତ୍ତନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ

କିଶନନଗର,୨୯।୧(ସମିସ): ମା' ଅମ୍ବିକେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ, ବାରଦା କିଶନନଗର କଟକ ଓ ରୋଟାରୀ କ୍ଲବ, କଟକର ମିଳିତ ସହଯୋଗରେ ସୁଦାମା କୁଟୀର, ବାରଦା, କିଶନନଗର, କଟକଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ପତାକା ଉତ୍ତୋଳନ କରାଯାଇଥିବା ବେଳେ ଅଞ୍ଚଳର ତିନି ଜଣ ଭିନ୍ନକ୍ଷମ କାଳୀପ୍ରସାଦ ସିହ୍ନା, ରୁଦ୍ରନାରାୟଣ ସିହ୍ନା, ରବୀନ୍ଦ୍ର ପ୍ରଧାନଙ୍କୁ କମ୍ବଳ ପ୍ରଦାନ କରାଯାଇଛି। ମାଲ୍ୟବନ୍ତ ରାଉତରାୟ, ସର୍ବେଶ୍ୱର ସାହୁ ଓ ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିବା ବେଳେ ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠାତା ସଭାପତି ନାରାୟଣଚନ୍ଦ୍ର ସିହ୍ନା, ସଂପାଦକ ବ୍ୟଙ୍ଗ କବି ପ୍ରତାପ ଚନ୍ଦ୍ର ବେହେରା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟନିର୍ବାହ କରିଥିଲେ।

ଠାକୁର ଅନୁକୁଳ ଚନ୍ଦ୍ରଙ୍କ ବନଭୋଜନ ମହୋତ୍ସବ

ବଡ଼ମ୍ବା,୨୯।୧(ସମିସ): ମାନବ ସମାଜର ପରିବେଶ ସହ ସମ୍ପର୍କ ଅତି ନିବିଡ଼। ଏହାକୁ ପ୍ରତିପାଦିତ କରିବାକୁ ସତସଙ୍ଗ ଏବଂ ଠାକୁର ଅନୁକୁଳଚନ୍ଦ୍ର ତାଙ୍କର ଅନ୍ତିମଲୀଳା ସ୍ୱରୂପ ବଡମ୍ବା ବ୍ଲକ ଦିଗୀରିଆ ପାହାଡ଼ରେ ଏକ ବନଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତସଙ୍ଗ ବିହାର, ବଡ଼ମ୍ବା ଆନୁକୂଲ୍ୟରେ ମା' ଭଟ୍ଟାରିକାଙ୍କ ପାଦଦେଶ ତଥା ଗମେଇ ଗ୍ରାମର ମହାନଦୀ କୂଳରେ ବନଭୋଜନ ଉତ୍ସବ ପାଳିତ ହୋଇଛି। ଆଖପାଖ ଅଞ୍ଚଳର ପ୍ରାୟ ଶତାଧିକ ଭକ୍ତ, ଅନୁଗାମୀ ଓ ଜନସାଧାରଣ ଯୋଗଦେଇ ନାମ ସଂକୀର୍ତ୍ତନର ଆନନ୍ଦ ନେଇଥିଲେ। ସତସଙ୍ଗ ବିହାରର ପରିଚାଳନା ପରିଷଦ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହାୟତାରେ ଉକ୍ତ ଉତ୍ସବ ସୁନ୍ଦର ଭାବେ ସମ୍ପନ୍ନ ହୋଇଥିଲା।

ହରଚଣ୍ଡୀ ଉପ୍ରା ବିଦ୍ୟାଳୟରେ ପୁରସ୍କାର ବିତରଣ

ନିଶ୍ଚିନ୍ତକୋଇଲି, ୨୯।୧ (ସମିସ): ତରତ ପଞ୍ଚାୟତ ହରଚଣ୍ଡୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଓ ପ୍ରତିଭା ବିକାଶ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ପାଣିଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ପ୍ରମୋଦ ପରିଡା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଡ. ପ୍ରସନ୍ନ ଦାସ, ସମ୍ମାନୀତ ଅତିଥି ଭାବେ ଦିବ୍ୟଲୋଚନ ପଣ୍ଡା, ସିଆରସିସି ହରେକୃଷ୍ଣ ନାୟକ, ପ୍ରାକ୍ତନ ଶିକ୍ଷୟିତ୍ରୀ ପ୍ରମିଳା ବାରିକ, ସ୍କୁଲ ପରିଚାଳନା କମିଟି ସଭାପତି ଭରତ ବଳ, ଭାଗୀରଥି ଦାସ, ଭାରତୀ ପରିଡା ଯୋଗ ଦେଇଥିଲେ। ଶିକ୍ଷକ ଅନନ୍ତ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାସିନୀ ପଣ୍ଡା, ରୋଜି ପ୍ରିୟଦର୍ଶିନୀ ବେହେରା, ଜ୍ୟୋତିକାନ୍ତ ସାହୁ, ବିଶ୍ୱଜିତ୍ ସେଠୀ, ସୁଦୀପ ପ୍ରଧାନ, ଲୋପାମୁଦ୍ରା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ନିଶ୍ଚିନ୍ତକୋଇଲି, ୨୯।୧ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇଠାରେ ଥିବା ବଲ୍ଲଭୀ ଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଛି। ଅଧ୍ୟାପକ ସୁବ୍ରତ କିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ଡିଗ୍ରୀ କଲେଜ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନା, ମୁଖ୍ୟବକ୍ତା ଭାବେ +୨ ଅଧ୍ୟକ୍ଷା ନିରୂପମା ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଡ. ରୀତା ଷଡଙ୍ଗୀ, ଅଧ୍ୟାପିକା ପ୍ରଭାତୀ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ସୁପ୍ରିୟା ପ୍ରିୟଦର୍ଶିନୀ ପଣ୍ଡା ଓ ସ୍ନେହଲତା ବଳ ଯୋଗ ଦେଇଥିଲା ବେଳେ ମୋଟ ୧୮୬ ଛାତ୍ରୀ ତାଲିମ ନେବାର କାର୍ଯ୍ୟକ୍ରମ ରହିଛି। ଛାତ୍ରୀ ରାଜସ୍ମିତା ବାରିକ ଧନ୍ୟବାଦ ଦେଇଥିଲେ।

ମା' ଯୋଗେଶ୍ୱରୀ କ୍ଲବ୍‌ର ବାର୍ଷିକ ଉତ୍ସବ



ଟିଗିରିଆ,୨୯।୧(ସମିସ): ଟିଗିରିଆ ବ୍ଲକ ଅଧୀନ ଗୋଡିଝରିଆର ମା' ଯୋଗେଶ୍ୱରୀ କ୍ଲବର ୨୬ ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାରେ କଟକ ଓ ଢେଙ୍କାନାଳ ଜିଲ୍ଲାର ୨୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ମାନସ ବସ୍ତିଆ ଉଦଘାଟନ କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଓ ଆଠଗଡ ବିଜେପି ନେତା ତଥା ବିଧାୟକ ପ୍ରାର୍ଥୀ ଅଭୟ ବାରିକ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ପ୍ରତିଯୋଗିତାରେ ଯୋଗେଶ୍ୱରୀ କ୍ଲବର ସଭାପତି ମନୋରଞ୍ଜନ ସାହୁ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଜିତେନ୍ଦ୍ର ସାହୁ, ଭିରୂଡା ପଞ୍ଚାୟତର ସରପଞ୍ଚ ବେଣୁଧର ସାହୁ, ପୂର୍ବତନ ଜିଲ୍ଲାପରିଷଦ ମାନସ ମଲ୍ଲିକ, ଗୋଡିଝରିଆ ଗ୍ରାମ୍ୟ କମିଟ ସଂପାଦକ, କୋଷାଧକ୍ଷ, ସମାଜସେବୀ ବଲ୍ଲଭ ପାତ୍ର, ଉଦୟନାଥ ସାହୁ, ଗୌରାଙ୍ଗ ସାହୁ, ଅମୀନ ସାହୁ, କ୍ଲବର କୋଷାଧକ୍ଷ ରତିକାନ୍ତ ସାହୁ, ରାଜକିଶୋର ସାହୁ, ଦୀପକ ବେହେରା, ପ୍ରଦୀପ ବାରିକ ଆଦି କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ। ସଂପାଦକ ଭାବଗ୍ରାହୀ ସାହୁ ଧନ୍ୟବାଦ ଦେଇଥିଲେ।

କ୍ରିକେଟ ଟୁର୍ଣ୍ଣାମେଣ୍ଟ: ତରତ ଚାମ୍ପିଅନ



ନିଶ୍ଚିନ୍ତକୋଇଲି,୨୯।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଖଣ୍ଡସାହି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆଶିଷ ମେମୋରିଆଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ବିଏମ୍ ୱାଲ୍ଡ କଟକ କ୍ରିକେଟ କ୍ଲବକୁ ଏକେସିସି ତରତ କ୍ରିକେଟ କ୍ଲବ ୭ ୱିକେଟ୍‌ରେ ହରାଇ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ସୁଦାମ ଚରଣ ମଲିକ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍ସାହ ପରିବାରର ସଭାପତି ଦେବାଶିଷ ବେଉରା, ସମ୍ମାନୀ ଅତିଥି ଭାବେ ଯୁବ ସ୍ୱେଚ୍ଛାସେବୀ ପ୍ରକାଶ ସ୍ୱାଇଁ, ସେକ୍ କାଦିର୍, ଦିପ୍ତିରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। ମାନସ ମଲିକ, କାହ୍ନୁଚରଣ ମଲିକ, ଦୀପକ ମଲିକ, ପ୍ରଶାନ୍ତ ସ୍ୱାଇଁଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

କୋଳିଅଠା ପଞ୍ଚାୟତରେ ଜଳ ଅର୍ପଣ କାର୍ଯ୍ୟକ୍ରମ



ମାହାଙ୍ଗା,୨୯।୧(ସମିସ): ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନ ମେଗା ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ମାହାଙ୍ଗା ବ୍ଲକ ଅଧୀନ କୋଳିଅଠା ପଞ୍ଚାୟତରେ ଜଳ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଜଳ ଯୋଗାଣର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ କଟକ ମଣ୍ଡଳ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଭିମନ୍ୟୁ ଦାସ, ବିଡ଼ିଓ ଶୁଭାଶିଷ ପାଲଟା ଏବଂ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ବନ୍ଦନା ଖଟୁଆ ଯୋଗଦେଇଥିଲେ। ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳଖଣ୍ଡ କଟକ ରୌପ୍ୟରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ଜିତେନ୍ଦ୍ର ଶତପଥୀ, ଭକ୍ତ ଚରଣ ସ୍ୱାଇଁ, ଉପାଧ୍ୟକ୍ଷ ନୃସିଂହ ମିଶ୍ର, ରମେଶ ସ୍ୱାଇଁ, ସୁରେଶ ବଳ, ଅଭିନ୍ନ ଜେନା, ଅରୁଣ ସେଠୀ, ନିର୍ମଳ ରାଉତ, ଅଶୋକ ଓଝା, ମନୋରଞ୍ଜନ ନାୟକ, ମନୋରଞ୍ଜନ ବିଶ୍ୱାଳ, ଅଶୋକ ବିଶ୍ୱାଳଙ୍କ ସମେତ ବହୁ ମହିଳା ଓ ଜନସାଧାରଣ ଉପସ୍ଥିତ ଥିଲେ। ଆସିଷ୍ଟାଣ୍ଟ ଇଂ ବୈଷ୍ଣବ ଚରଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

ପତିତପାବନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କୁମାରବସ୍ତ ଚାମ୍ପିଅନ

ଟିଗିରିଆ,୨୯।୧(ସମିସ): ଟିଗିରିଆ ବ୍ଲକ ଭୋଗଡ଼ା ପଞ୍ଚାୟତ ଅଧୀନ ଜଗଦୀଶ ୱାରିୟର କ୍ରିକେଟ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପତିତପାବନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି।



ଦୁଲ୍ଲାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ଫାଇନାଲ ମ୍ୟାଚରେ ଅଟ୍ରିର ପତିତପାବନ କ୍ରିକେଟ କ୍ଲବ୍‌କୁ ୪ ୱିକେଟରେ ପରାସ୍ତ କରି ଖୋର୍ଦ୍ଧା କୁମାରବସ୍ତର ରାଇଜିଙ୍ଗ ଷ୍ଟାର କ୍ରିକେଟ କ୍ଲବ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଖେଳରେ ମୁଖ୍ୟଅତିଥି ଭାବେ ନୂଆପାଟଣା ସେବା ସମବାୟ ସମିତିର ସଭାପତି ଧ୍ରୁବଚରଣ ଦାସ, ଜେମାଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମେହବୁବ ଅହମ୍ମଦ ଖାଁ, ଭୋଗଡା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଅରୁଣ ନାୟକ, ସମାଜସେବୀ ପ୍ରଦୀପ ସାଥୁଆ, ଅବସରପ୍ରାପ୍ତ ସେ ନି କ ରାଜକିଶୋର ବାରିକ, ରାଜ୍ୟ ବୟନିକା ବୋର୍ଡର ନିର୍ଦ୍ଦେଶକ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ଏମଡି ତାବରିଜ ମ୍ୟାନ ଅଫ ଦି ମ୍ୟାଚ, ଗିରିଶ ନାୟକ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ। ଖେଳକୁ ଅନନ୍ତ ପ୍ରସାଦ ମହାନ୍ତି ଓ କେଶବ ମଙ୍ଗୁଆଳ ପରିଚାଳନା କରିଥିଲେ।

ଆଠଗଡ଼ରେ ଦୋଳ ଓ ପଞ୍ଚୁଦୋଳ ଯାତ୍ରା ପ୍ରସ୍ତୁତି ବୈଠକ

ମାନ୍ୟତା ଭେଟି ୧୭୦୦ ଟଙ୍କାକୁ ବୃଦ୍ଧି

ଟିଗିରିଆ/ଆଠଗଡ଼,୨୯।୧(ସମିସ):



ଆଠଗଡ଼ର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବଙ୍କ ପ୍ରସିଦ୍ଧ ଦୋଳ, ପଞ୍ଚୁଦୋଳ ଓ ହୋଲି ଯାତ୍ରାର ସୁପରିଚାଳନା ପାଇଁ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୨ ତାରିଖରେ ଚତୁର୍ଦ୍ଦଶୀ ଓ ୩ ତାରିଖରେ ଦୋଳ ପୂର୍ଣ୍ଣିମା ପଡୁଥିବାରୁ, ଫେବୃଆରୀ ୨୬ ତାରିଖରୁ ଶ୍ରୀଜୀଉମାନଙ୍କ "ଚାଚେରୀ' ଭୋଗ ଓ ନଗର ପରିକ୍ରମା ନୀତି ଆରମ୍ଭ ହେବ। ଏହି ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଦେବୋତ୍ତର ସଂସ୍ଥା ପକ୍ଷରୁ ମନ୍ଦିରର ରଙ୍ଗକାର୍ଯ୍ୟ, ଆଲୋକୀକରଣ ଓ ବିମାନ ସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ଚଳିତ ବର୍ଷ ପ୍ରତି ବିମାନ ପାଇଁ ମାନ୍ୟତା ଭେଟି ରାଶିକୁ ୧୫୦୦ ଟଙ୍କାରୁ ୧୭୦୦ ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଯାତ୍ରା ସମୟରେ ସହରର ପରିମଳ ବ୍ୟବସ୍ଥା ଓ ଆଲୋକୀକରଣ ପାଇଁ ଏନଏସି କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ପଞ୍ଚୁଦୋଳ ସମୟରେ ମଦ ଦୋକାନ ବନ୍ଦ ରଖିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହୋଲିରେ ରାସାୟନିକ ରଙ୍ଗ ବ୍ୟବହାର ଉପରେ କଟକଣା ଜାରି କରାଯିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ସଜାଗ ରହିବାକୁ କୁହାଯାଇଛି। ଏହି ବୈଠକରେ ଥାନାଧିକାରୀ ସୁମତୀ ମହାନ୍ତି, ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ମୁଖ୍ୟ ପୂଜକ ସୁବାସଚନ୍ଦ୍ର ପଣ୍ଡା ଓ ସଂକୀର୍ତ୍ତନ ମଣ୍ଡଳୀର କର୍ମକର୍ତ୍ତାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ସକ୍ରିୟ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ।

ଜିଲ୍ଲା ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ

କର୍ମଚାରୀ ଅଭାବରୁ ଦୁଇଦିନ ଧରି ଏକ୍ସ-ରେ ବନ୍ଦ

କେନ୍ଦ୍ରାପଡ଼ା, ୨୯।୧(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବାର ଅବସ୍ଥା ଏବେ ଗମ୍ଭୀର ଚିନ୍ତାର କାରଣ ପାଲଟିଛି। ଗତ ଦୁଇଦିନ ଧରି ଚିକିତ୍ସାଳୟର ଏକ୍ସ-ରେ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିବା ନେଇ ରୋଗୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଥମେ ଏକ୍ସ-ରେ ମେସିନ୍ ଖରାପ ଥିବା କଥା କୁହାଯାଉଥିଲେ ମଧ୍ୟ ପରେ ଜଣାପଡ଼ିଛି ଯେ ମେସିନ୍ ସମ୍ପୂର୍ଣ୍ଣ ଠିକ ଅବସ୍ଥାରେ ଅଛି। କିନ୍ତୁ ସେବା ପ୍ରଦାନ ପାଇଁ ଆବଶ୍ୟକ ଟେକ୍ନିକାଲ ଷ୍ଟାଫ୍ ଉପସ୍ଥିତ ନ ଥିବାରୁ ଏକ୍ସ-ରେ ସେବା ଚାଲୁ ରହିପାରୁନାହିଁ।

ବିଶେଷକରି ରାତି ସମୟରେ ଏହି ସେବା ପୂରାପୂରି ଅଚଳ ହୋଇଯାଇଛି। ଏହାର ପରିଣାମରେ ଆକସ୍ମିକ ଦୁର୍ଘଟଣା, ହାଡ଼ ଭାଙ୍ଗିବା କିମ୍ବା ଗୁରୁତର ରୋଗୀ ଏକ୍ସ-ରେ ପରୀକ୍ଷା



ପାଇଁ ନର୍ସିହୋମ୍ ଓ କ୍ଲିନିକ୍‌କୁ ଧାଇଁବାକୁ ବାଧ୍ୟ ହେଉଛନ୍ତି। ଫଳସ୍ୱରୂପ ଗରିବ ଓ ମଧ୍ୟବିତ୍ତ ପରିବାରଙ୍କୁ ଅତ୍ୟଧିକ ଅର୍ଥ ଖର୍ଚ୍ଚ ବୋହିବାକୁ ପଡ଼ୁଛି। ସରକାରୀ ଭାବେ ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ମିଳୁଥିବା ଦାବି କରାଯାଉଥିବାବେଳେ ଏଭଳି ମୌଳିକ ଓ ଅତ୍ୟାବଶ୍ୟକ ସେବା ଯଦି ରୋଗୀଙ୍କୁ ମିଳୁନାହିଁ, ତେବେ ଏହି ଦାବି ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ସାଧାରଣ ଲୋକଙ୍କ ମଧ୍ୟରେ ଏବେ ଅନେକ ପ୍ରଶ୍ନ ଉଠୁଛି ପୂର୍ବରୁ ଯଦି ୨୪ ଘଣ୍ଟିଆ ଏକ୍ସ-ରେ ସେବା ମିଳୁଥିଲା, ତେବେ ହଠାତ୍ ଷ୍ଟାଫ୍ ଅଭାବ କିପରି ସୃଷ୍ଟି ହେଲା? ଷ୍ଟାଫ୍ ବଦଳି ହୋଇଛି କି, ନା ପ୍ରଶାସନର ଅବହେଳା ଏହାର କାରଣ? ଜିଲ୍ଲାର ଏକମାତ୍ର ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅବ୍ୟବସ୍ଥା ପାଇଁ ଦାୟୀ କିଏ? ଜନସାଧାରଣ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗଙ୍କୁ ତୁରନ୍ତ ଏହି ଘଟଣାର ତଦନ୍ତ କରିବା ସହ ଆବଶ୍ୟକ ଷ୍ଟାଫ୍ ନିଯୁକ୍ତ କରି ରାତି ସମୟରେ ଏକ୍ସ-ରେ ସେବା ନିୟମିତ କରିବାକୁ ଦୃଢ଼ ଦାବି ହେଉଛି। ଜନସ୍ୱାସ୍ଥ୍ୟ ସହ ସମ୍ପୃକ୍ତ ଏହି ସମସ୍ୟା କେବଳ ଏକ ଖବର ନୁହେଁ, ବରଂ ଗମ୍ଭୀର ସଚେତନତାର ବିଷୟ। ଯାହାକୁ ଆଉ ଅବହେଳା କରିହେବ ନାହିଁ।

ସୁଧ ଟଙ୍କାରେ ହେଲା ଜୟଶ୍ରୀଙ୍କ ଅସ୍ତ୍ରୋପଚାର

କେନ୍ଦ୍ରାପଡ଼ା, ୨୯।୧(ସମିସ): ସରକାରୀ ସହାୟତାକୁ ଅପେକ୍ଷା କରି କରି ଶେଷରେ ହାର ମାନିବାକୁ ପଡ଼ିଛି ଗରିବ ପରିବାରକୁ। ଜୟଶ୍ରୀ ଦାଶଙ୍କ ଜୀବନ ବଞ୍ଚାଇବା ପାଇଁ ପରିବାର ଓ ଆତ୍ମୀୟସ୍ୱଜନ ୫ ଟଙ୍କା ସୁଧରେ ୪୫ ହଜାର ଟଙ୍କା ଧାର କରି ମେଡ଼ିକାଲରେ ଜମା କରିବା ପରେ ଆଜି ତାଙ୍କ ଅସ୍ତ୍ରୋପଚାର ସମ୍ଭବ ହୋଇଛି। ଜୟଶ୍ରୀଙ୍କ ଜୀବନ ଅସ୍ଥାୟୀ ଭାବେ ସୁରକ୍ଷିତ ହୋଇଥିବାବେଳେ ଗରିବ ପରିବାର ଋଣ ଭାରରେ ଚାପି ହୋଇପଡ଼ିଛି। ଏ ପର୍ଯ୍ୟନ୍ତ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ କରିସାରିଛନ୍ତି। ରାସନ କାର୍ଡ ଥିବା ସତ୍ତ୍ୱେ ଯଦି ଏକ ଆପାତକାଳୀନ ସ୍ଥିତିରେ ମାଗଣା ଅପରେସନ ମିଳୁନାହିଁ, ତେବେ ସରକାରୀ ସ୍ୱାସ୍ଥ୍ୟ ସୁବିଧା ଓ ଯୋଜନା ଆସିଲେ କାହା ପାଇଁ ଏହି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଗୁଞ୍ଜରଣ କରୁଛି। ସାମାଜିକ କର୍ମୀ ଦାବି କରିଛନ୍ତି ଯେ, ଆପାତକାଳୀନ ଦୁର୍ଘଟଣାରେ କାଗଜପତ୍ର ଓ କାର୍ଡ ନିୟମ ଦେଖାଇ ଚିକିତ୍ସା ବାଧା ଦେବା ଅମାନବିକ। ସରକାର ଏହି ଘଟଣାରୁ ଶିକ୍ଷା ନେଇ ତୁରନ୍ତ ନୀତିଗତ ସଂଶୋଧନ କରିବା ସହ ଜୟଶ୍ରୀଙ୍କ ଉପରେ ପଡ଼ିଥିବା ଚିକିତ୍ସା ଖର୍ଚ୍ଚ ଓ ଋଣ ଭାର ମୁକ୍ତ କରିବାକୁ ଦୃଢ଼ ଦାବି ହୋଇଛି।

ସଚ୍ଚିଦାନନ୍ଦ ସ୍ମାରକୀ ସଂସ୍କୃତି ପ୍ରତିଭା ବିକାଶ ପରିଷଦର ବାର୍ଷିକ ଉତ୍ସବ

ଡେରାବିଶ, ୨୯।୧(ସମିସ): ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଲୋସ୍ଥ ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟରେ ସଚ୍ଚିଦାନନ୍ଦ ସ୍ମାରକୀ ସଂସ୍କୃତି ପ୍ରତିଭା ବିକାଶ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସଂଗଠକ ଦିଲ୍ଲୀପ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶରତ ଆଚାର୍ଯ୍ୟ, ଶରତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ବିଭିନ୍ନ ମହାବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିବାବେଳେ ଉତ୍ସବରେ ନୃତ୍ୟ ଗୀତ ପ୍ରତିଯୋଗିତା



କରାଯାଇଥିଲା। ଅପରାହ୍ନ ଅଧିବେଶନରେ ମୁଖ୍ୟଅତିଥି ଭାବେ ଏଲଏନ୍ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରତାପ ମହାପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ନିରଞ୍ଜନ ମହାନ୍ତି, ଶିକ୍ଷାବିତ୍ ବେଣୁଧର ପ୍ରଧାନ, ପଙ୍କଜିନୀ ଲେଖା, ପ୍ରଦୀପ ଦ୍ୱିବେଦୀ, ସୁରେନ୍ଦ୍ର ସ୍ୱାଇଁ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉଭୟ ଅଧିବେଶନରେ ପ୍ରତିଷ୍ଠାତା ରମେଶ ଶତପଥୀ ସଭାପତିତ୍ୱ କରିଥିବାବେଳେ ଶତାବ୍ଦୀ ଶତପଥୀ ମଞ୍ଚ ସଂଯୋଜନା କରିଥିଲେ। ଶହସ୍ରାବ୍ଦୀ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ନିଶିକାନ୍ତ ପଣ୍ଡା, ପ୍ରଦୀପ ନାୟକ, ଡଃ ମନୋରଞ୍ଜନ ନାୟକ, ବଳରାମ ପରିଡ଼ା, ମନୋରଞ୍ଜନ ମନ୍ତ୍ରୀ, ସନ୍ଦୀପ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁବାସ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ବଳଦେବଜୀଉ ମନ୍ଦିରରେ ହରିହାଟ ମହୋତ୍ସବ

କେନ୍ଦ୍ରାପଡ଼ା, ୨୯।୧(ସମିସ): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ତୁଳସୀ କ୍ଷେତ୍ରରେ ହରିହାଟ ମହୋତ୍ସବ ପାଳିତ ହୋଇଯାଇଛି। ସନ୍ଧ୍ୟା ନୀତି ସମ୍ପନ୍ନ ପରେ ପୂଜାପଣ୍ଡାଙ୍କ ଦ୍ୱାରା ଶ୍ରୀଜୀଉଙ୍କ ଚଳନ୍ତି ପ୍ରତୀମାକୁ ବିଜେ କରାଯାଇ ତୁଳସୀ ଚଉରା ସମ୍ମୁଖରେ ବିରାଜମାନ କରାଯାଇଥିଲା। ପରେ ବ୍ରାହ୍ମଣଙ୍କ ଦ୍ୱାରା ଶହେ ଆଠ ଭାଗବତ ପାଠ ଆୟୋଜିତ ହୋଇଥିଲା। ଧାର୍ମିକ ନୀତି ସମାପ୍ତି ପରେ ଶ୍ରୀଜୀଉଙ୍କ ସହ ଚଉରା ପାଖରେ ପନ୍ତୀ ଭୋଗ ଲାଗି ଆଳତି କରାଯାଇଥିଲା। ପରେ ସମସ୍ତ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

କେନ୍ଦ୍ରାପଡ଼ାରେ ହିନ୍ଦୁ ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୯।୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଅବସରରେ ନୀଳିକଣାସ୍ଥ ଚେମା ଦାସ ମଠ ପଡ଼ିଆରେ ହିନ୍ଦୁ ସମାଜ ଉଦ୍ୟମରେ ହିନ୍ଦୁ ସମ୍ମିଳନୀ ଓ ଭାରତ ମାତାଙ୍କ ପୂଜା ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀକୁ ପରମ ପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜାଜୀଙ୍କ ଉଦ୍‌ଘାଟନ କରିଥିବାବେଳେ ଅଖିଳ ଭାରତ ଧର୍ମ ଜାଗରଣ କ୍ଷେତ୍ର ପ୍ରମୁଖ ବିନୟ କୁମାର ଭୂୟାଁଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା ସହିତ ସମଗ୍ର ଓଡ଼ିଶା ପ୍ରାନ୍ତରୁ ଆସିଥିବା ମହାନ ସାଧୁସନ୍ଥ, ଧର୍ମଗୁରୁ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବହୁ ନେତୃମଣ୍ଡଳୀ ମୁଖ୍ୟଅତିଥି ଓ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଏ ଅବସରରେ ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ ନାଗରିକ, ରାଷ୍ଟ୍ର ସେବକ, ଗୋମାତା ସେବକ, ପରିବେଶବିତ୍ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମ୍ମିଳନୀରେ ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ତ୍ରୈଲୋକ୍ୟଶ୍ୱର ଭାରତୀ ମହାରାଜ, ସ୍ୱାଧୀ ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ବିଶ୍ୱନାଥ ଦାସ ମହାରାଜ, ସର୍ବେଶ୍ୱର ବେହେରା, ଆଲୋକ ଖଟୁଆ, ସଞ୍ଜୟ ପତ୍ରୀ, ବିନୋଦ ବିହାରୀ ଦାସ, ପ୍ରସଞ୍ଜିତ ଦାସ ସହ ବହୁ ବରେଣ୍ୟ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ।

ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମହାକାଳପଡ଼ା, ୨୯।୧(ସମିସ): ଜୟଚନ୍ଦ୍ରପୁର ମା' ତାରିଣୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉମାକାନ୍ତ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଓ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ସମୀର ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟକ୍ଷ ଉମାକାନ୍ତ ଦାସ, ଅଧ୍ୟାପକ ବିକାଶ ଦାସ, ଶିକ୍ଷାବିତ ଇନ୍ଦ୍ରମଣି ନାୟକ, ପରିଚାଳନା କମିଟି ସଦସ୍ୟ ଅନୀଲ ସାମଲ, ଅଧ୍ୟାପକ ମନୋଜ ଦାସ, ଶରତ ସେଠୀ, ଜ୍ଞାନ ମହାପାତ୍ର, ସୁଶାନ୍ତ ବିଶୋଇ, ଅଧ୍ୟାପିକା ଶୈଳବାଳା ମହାନ୍ତି, ସୁଜାତା ସ୍ୱାଇଁ, ଗୌରାଙ୍ଗ ସାହୁ, ମମତା ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ କ୍ରୀଡା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ଉମାକାନ୍ତ ଦାସ ଅବସର ନେବାକୁ ଥିବାରୁ ପୁରାତନ ଛାତ୍ର ସଂଘ ପକ୍ଷରୁ ପୁରାତନ ଛାତ୍ର ତଥା ଉତ୍କଳ ସାମ୍ବାଦିକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ହିମାଂଶୁ ନାୟକ, ପୁରାତନ ଛାତ୍ରୀ ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲୀ ଓଝା ଉତ୍ତରୀୟ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଣଶିକ୍ଷକ କର୍ମଚାରୀ ପ୍ରଶାନ୍ତ ବଳବନ୍ତରାୟ, ମହନି ସାମଲ, ଗଙ୍ଗାଧର ଦାସ, କିଶୋର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆଦର୍ଶ ଶିକ୍ଷକଙ୍କ ଶ୍ରାଦ୍ଧୋତ୍ସବ

ମାର୍ଶାଘାଇ, ୨୯।୧(ସମିସ): କୁହୁଡ଼ି ପଞ୍ଚାୟତର ପତ୍ତା ବନ୍ଧାଣଅଣ୍ଡା ଯଜ୍ଞ ସଭାଗୃହରେ ମଧୁସାଗର ବିଦ୍ୟାପୀଠର ପ୍ରତିଷ୍ଠାତା ଶିକ୍ଷାବତ୍ ଆଦର୍ଶ ଶିକ୍ଷକ ଚିନ୍ତାମଣି ଗୁରୁଜୀଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଚିନ୍ତାମଣି ଗୁରୁଜୀ, ରୁକ୍ମିଣୀ ଦେବୀ ସ୍ମାରକୀନ୍ୟାସ ଓ ମଧୁସାଗର ବିଦ୍ୟାପୀଠ, ପୁରାତନ ଛାତ୍ର ସଂସଦ ମିଳିତ ସହଯୋଗରେ ଚିନ୍ତାମଣି ଗୁରୁଜୀଙ୍କ ପୂଣ୍ୟତିଥି ଅନୁଷ୍ଠିତ ହୋଇଥିଲା। ପ୍ରହ୍ଲାଦ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଧୀରେନ୍ଦ୍ର ପୃଷ୍ଟି, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଧୀରଞ୍ଜନ ବାରିକ୍ ସ୍ମାରକୀ ନ୍ୟାସ ସଭାପତି ହୃଦାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ଚିନ୍ତମଣି ଗୁରୁଜୀଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଥମେ ମଧୁସାଗର ବିଦ୍ୟାପୀଠରେ ଗୁରୁଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୁରାତନ ଛାତ୍ର ସଂସଦ, ସ୍ମାରକୀ ନ୍ୟାସ ସମ୍ପାଦକ ଭ୍ରମର ରାଉତ ସଂଯୋଜନା କରିଥିଲେ। ପ୍ରତାପ ଦାସ, କେଶବ ଲେଙ୍କା, ଯଦୁମଣି ପରିଡ଼ା, ଗୋଲକ ସେଠୀ, ଗୌରାଙ୍ଗ ଦଳାଇ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପରେ ଅଙ୍ଗୁଳାଇ ଓ କୁହୁଡ଼ି ପଞ୍ଚାୟତର ୭ଟି ବିଦ୍ୟାଳୟ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମାଧୁରୀ ଭଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରାଣୀ ବିଜ୍ଞାନ ବିଭାଗର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୨୯।୧(ସମିସ): ପଟ୍ଟାମୁଣ୍ଡାଇ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ତତ୍ତ୍ୱାବଧାନ ଓ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁଙ୍କ ପୌରୋହିତ୍ୟରେ ପ୍ରାଣୀ ବିଜ୍ଞାନ କକ୍ଷରେ



ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ଭାସ୍ୱତୀ ପଟ୍ଟନାୟକ ମାର୍ଗଦର୍ଶକ ଭାବେ ଯୋଗଦେଇ 'ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଓ ସୁଯୋଗ' ଶୀର୍ଷକ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। କଲେଜ ଆଇକ୍ୟୁଏସି ପୂର୍ବତନ ସଂଯୋଜକ ପ୍ରାଧ୍ୟାପକ ସୁନୀଲ ପ୍ରଧାନ ମାନସିକ ସ୍ୱାସ୍ଥ୍ୟ ଉପରେ ଆଲୋଚନା କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ସରୋଜିନୀ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ରାସେଶ ଦାସ ଧନ୍ୟବାଦ ଦେଇଥିଲେ।

ଯୁବକଙ୍କ ଆତ୍ମହତ୍ୟା

ରାଜନଗର, ୨୯।୧(ସମିସ): ବାଘମାରୀ ପଞ୍ଚାୟତ ଅମରାବତୀ ଗ୍ରାମର ଅରବିନ୍ଦ ମାଇତିଙ୍କ ପୁଅ ମାନସ ମାଇତି (୨୩) ବୁଧବାର ରାତିରେ ରଶି ଲଗାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାରିବାରିକ କଳହକୁ କେନ୍ଦ୍ର କରି ମାନସ ଆତ୍ମହତ୍ୟା କରିଥିବା ପିତା ଅରବିନ୍ଦ ତାଳଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

ପିଲାଙ୍କୁ ଖରାରେ ବସାଇ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପାଳନ



ରାଜକନିକା, ୨୯।୧(ସମିସ): ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ପାଇଁ ଆଦର୍ଶ ବିଦ୍ୟାଳୟକୁ ଚୟନ କରାଯାଇଥିବାବେଳେ ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଗାଇଡ଼ ଶିକ୍ଷକ ଓ ପ୍ରତିଯୋଗୀ ଛାତ୍ରୀଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟ ପରିସରରେ ପ୍ରତିଯୋଗୀଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ବାରଣ୍ଡାରେ ମଞ୍ଚ କରାଯାଇ ଅତିଥିଙ୍କୁ ବସାଯାଇଥିବାବେଳେ ଛାତ୍ରଛାତ୍ରୀଙ୍କୁ ଖରାରେ ବସାଯାଇଥିଲା। ଏ ନେଇ କେତେକ ଗାଇଡ୍ ଶିକ୍ଷକ ଓ ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଥିଲେ ବି କୌଣସି ଫରକ ପଡ଼ି ନ ଥିଲା। ତେବେ ବିଇଓ, ବିଡିଓଙ୍କୁ ଜଣାଇବା ପରେ ମଧ୍ୟ ଆମେ କେବଳ ଉଦଘାଟନ ପାଇଁ ପିଲାଙ୍କୁ ବାହାରେ ବସାଇ ଥିଲୁ। ପରେ ଘର ମଧ୍ୟରେ ପ୍ରତିଯୋଗିତା କରିଥିଲୁ ବୋଲି ସଫେଇ ଦେଇଥିଲେ। ଏକ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ନିଜର ରୁଗ୍‌ଣ ମାନସିକତାକୁ ପ୍ରମାଣ ଦେଇଥିବା ସ୍କୁଲ କର୍ତ୍ତୃପକ୍ଷଙ୍କୁ ଶିକ୍ଷା ମନସ୍କ କରାଇବାକୁ ସାଧାରଣରେ ଦାବି ହୋଇଛି।

ପଟଣା ୟୁଜିୟୁପି ସ୍କୁଲର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ, ୨୯।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବନ୍ତ ପଟଣା ୟୁଜିୟୁପି ସ୍କୁଲ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଦେବସ୍ମାନୀ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଆରସିସି ପ୍ରେମବାଳା ମହାପାତ୍ର ମୁଖ୍ୟଅତିଥି, ସହକାରୀ ଶିକ୍ଷାଧିକାରୀ ସୁନିତୀ ଦାଶ ବରେଣ୍ୟ ଅତିଥି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଦାସ ମୁଖ୍ୟବକ୍ତା, ଚନ୍ଦନନଗର ସରପଞ୍ଚ ବନୋଜ ସେଠୀ, ସିଆରସିସି ଶୁଭଶ୍ରୀ ମାଝୀ, ପ୍ରାକ୍ତନ ସିଆରସିସି ରଞ୍ଜନ ସାହୁ, ଶିକ୍ଷାବିତ ଅଶୋକ ପରିଡ଼ା, ପ୍ରାକ୍ତନ ଶିକ୍ଷକ ରଘୁନାଥ ସାହୁ, ସମାଜସେବୀ ସନ୍ୟାସୀ ନାୟକ ଓ ସ୍କୁଲ ପରିଚାଳନା କମିଟି ସଭାପତି ସରୋଜ ପାଗଳ ସମ୍ମାନିତ ଅତିଥି ଭାବେ



ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ଦାସ ସ୍ୱାଗତ ଭାଷଣ ଓ ଶ୍ରୀମନ୍ତ ନାରାୟଣ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରେଣୁବାଳା ମହାନ୍ତି ଧନ୍ୟବାଦ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ପ୍ରଦୀପ ସାହୁ, ସୁମିତ୍ରା ଦାସ ପ୍ରମୁଖ ପରିଚାଳନା କରିଥିଲେ।

ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପଟ୍ଟାମୁଣ୍ଡାଇ ଉତ୍ସବ ମୁଖର



ପଟ୍ଟାମୁଣ୍ଡାଇ, ୨୯।୧(ସମିସ): ପଟ୍ଟାମୁଣ୍ଡାଇ ବଣିକ ସଂଘ ଆନୁକୂଲ୍ୟରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପଟ୍ଟାମୁଣ୍ଡାଇ ଉତ୍ସବ ମୁଖର ହୋଇପଡ଼ିଛି। ଯଜ୍ଞ ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ଘରେ ଘରେ ଝିଅ ଝିଆଣି ଓ ବନ୍ଧୁଙ୍କ ଭିଡ଼ ଦେଖିବାକୁ ମିଳିଛି। ୨୪ ତାରିଖରେ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଆସନ୍ତା ୧ ତାରିଖରେ ପୂର୍ଣ୍ଣାହୁତି ଦିଆଯିବ। ପଣ୍ଡିତ ବ୍ରହ୍ମାନନ୍ଦ ନନ୍ଦ, ଭ୍ରମରବର ତ୍ରିପାଠୀ ଯଜ୍ଞର ନୀତି ସମ୍ପନ୍ନ କରୁଛନ୍ତି। ପଟ୍ଟାମୁଣ୍ଡାଇର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରୁଛନ୍ତି। ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ମୁଖ୍ୟ ଉପଦେଷ୍ଟା କିରଣ ଭୂୟାଁ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ, କିଶୋର ଜେନା, ସୁଦର୍ଶନ ଦାସ, ଅଚ୍ୟୁତ ଜେନା, ହରିହର ସାହୁ ପ୍ରମୁଖ ବହୁ ସଦସ୍ୟ ସାମିଲ ହୋଇ ଯଜ୍ଞ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ମୀନା ବଜାର, ରାମ ଦୋଳି, ଚିଡ଼ିଆଖାନା ଆଦି ବିଭିନ୍ନ ମନୋରଞ୍ଜନକାରୀ ସଂସ୍ଥା ଯୋଗ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ଏସଡିପିଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା କରୁଛନ୍ତି।

ପୋଖରୀଆପଡ଼ା ନୋଡାଲ ଉପ୍ରା ସ୍କୁଲର ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ, ୨୯।୧(ସମିସ): ସଫଳ ଛାତ୍ରଛାତ୍ରୀ ସ୍କୁଲର ପରିଚୟ ସୃଷ୍ଟି କରିବା ସହିତ ଗୌରବ ଓ ଗାରିମା ବୃଦ୍ଧି କରିଥା'ନ୍ତି ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡ଼ା ନୋଡାଲ ଉପ୍ରା ସ୍କୁଲ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିବା ସହିତ ଛାତ୍ରଛାତ୍ରୀ ଉତ୍ତମ ଶିକ୍ଷା ଗ୍ରହଣ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସ୍କୁଲ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେବାକୁ ବିଧାୟକ ଘୋଷଣା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଆରତୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବ୍ଲକ ସହକାରୀ ଶିକ୍ଷାଧିକାରୀ ସୁନିତୀ ଦାଶ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ସିଆରସିସି ମଳୟ ଜେନା, ଶିକ୍ଷାବିତ ବିଜୟ ରାଉତ, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ, ପୂର୍ବତନ କାଉନସିଲର ଲୋକନାଥ ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ବିଜୟ ବେହେରା, ପୂର୍ବତନ ସଭାପତି ହରଗୋବିନ୍ଦ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ମନୋରଞ୍ଜନ ଦାସ ସ୍ୱାଗତ ଭାଷଣ ଓ ଅଜୟ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁଜାତା ଦାସ ବିବରଣୀ ପାଠ କରିଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗୀତ ପାଇଁ ଛାତ୍ରୀ ଇପ୍ସିତା ଖଣ୍ଡାୟୀ, ଲକ୍ଷ୍ମୀପ୍ରିୟା ଦାଶ, ଜ୍ୟୋତିର୍ମୟୀ ରାଉଳ ଓ ଜୟଶ୍ରୀ ସାହୁଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ବୀରକିଶୋର ସାହୁ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଲକ୍ଷ୍ମୀବରାହ ଜୀଉଙ୍କ ଜନ୍ମୋତ୍ସବ

ଆଳି, ୨୯।୧(ସମିସ): ଆଳିର ଆରାଧ୍ୟ ଦେବତା ଶ୍ରୀଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ପ୍ରଭୁ ଲକ୍ଷ୍ମୀବରାହ ଯାଜପୁରରୁ ଆଳିକୁ ମାଘ ମାସ ଦ୍ୱାଦଶୀ ତିଥିରେ ଆଗମନ କରିଥିବାରୁ ପ୍ରତିବର୍ଷ ଏହି ଦିନକୁ ଆଳିବାସୀ ବରାହ ଦ୍ୱାଦଶୀ ଭାବେ ପାଳନ କରିଆସୁଛନ୍ତି। ବର୍ଷରେ ଗୋଟିଏ ଦିନ ଠାକୁରଙ୍କ ଜନ୍ମ ଧୂପ ହୁଏ। ବର୍ଷସାରା ଠାକୁରଙ୍କ ନିକଟରେ ପଞ୍ଚଧୂପ ହେଉଥିବାବେଳେ ଜନ୍ମ ଦିବସରେ ଛଅଟି ଧୂପ ହୋଇଥାଏ। ଗୁରୁବାର ଭୋର ସମୟରେ ପହଡ଼ ଖୋଲିବା ପରେ ଠାକୁର ସ୍ନାନ କରିଥିଲେ। ଆଳି ରାଜା ବ୍ରଜକେଶରୀ



ଦେବ ତାଙ୍କ ସପରିବାର ଆସି ଠାକୁରଙ୍କର ଅଭିଷେକ କରିଥିଲେ। ସାହାଣ ମେଳା ପରେ ଭକ୍ତ ଠାକୁରଙ୍କ ଦର୍ଶନ କରିଥିଲେ। ଦିନ ୧୧ଟା ସମୟରେ ବାଲ୍ୟଧୂପ କରାଯାଇଥିଲା। ମଧ୍ୟାହ୍ନରେ ଠାକୁରଙ୍କ ନିକଟରେ ପ୍ରସାଦ ଭୋଗ ଲାଗି ହେବା ପରେ ଅପରାହ୍ନ ୨ଟାରେ ପହଡ଼ ପଡ଼ିଥିଲା। ଅପରାହ୍ନ ୩ ଟାରେ ପହଡ଼ ଫିଟିଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଧୂପ ଓ ରାତିରେ ପ୍ରସାଦ ଧୂପ ହୋଇଥିଲା। ଏ ଅବସରରେ ଠାକୁରଙ୍କ ମୁଖ୍ୟ ଭୋଗ କାକରା ସହ ଖିରି, ଲୁଚି, ମାଳପୁଆ ଭଳି ଅନେକ ଭୋଗ ପ୍ରସ୍ତୁତ ହୋଇଥିଲା। ସ୍ଥାନୀୟ ଦେମାଳ ପଞ୍ଚାୟତ ଯୁବକ ସଙ୍ଘ ସହ ଧର୍ମରକ୍ଷା ସେନା କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

ବିଏନ୍ଏନ୍ଆର୍ ସ୍କୁଲରେ ସ୍ୱାସ୍ଥ୍ୟ ଶିବିର

ମାଳିପୁର, ୨୯।୧(ସମିସ): ମାଳିପୁର ବିଏନଏନଆର ପବ୍ଲିକ ସ୍କୁଲରେ ସାଧାରଣତନ୍ତ୍ର ଦିବସ ଅବସରରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଚେୟାରମ୍ୟାନ ବିଭୂତି ଭୂଷଣ ପାତ୍ରଙ୍କ ସ୍ମୃତି ରକ୍ଷା ଓ ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଓ ଔଷଧ ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଶିବିରର ଆୟୋଜନ କରାଯାଇଥିଲା। ବିଏନଏନଆର ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷା ନିରୁପମା ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଡାକ୍ତର କାଶୀନାଥ ସ୍ୱାଇଁ, ବିଜୟାଲକ୍ଷ୍ମୀ ପାତ୍ର, ତପନ ମହାପାତ୍ର, ରଶ୍ମିରଞ୍ଜନ ମହାନ୍ତି, ସୁମିରେନ ରାଉତ, ଅଭିଲିପ୍ସା ସାହୁ, ରାଜୀବ ପାତ୍ର ପ୍ରମୁଖ ରୋଗୀ ସେବା କରିବା ସହ ମାଗଣାରେ ଔଷଧ ବିତରଣ କରିଥିଲେ। ଶିବିର ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ୪ ଶହ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

ଦୋଳ ମେଳଣ ପ୍ରସ୍ତୁତି ବୈଠକ



ପଟ୍ଟାମୁଣ୍ଡାଇ, ୨୯।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ବୃନ୍ଦାବନଜୀଉଙ୍କ ପୀଠରେ ଦୋଳ ପୂର୍ଣ୍ଣିମା ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ବିଭିନ୍ନ ମଠର ପୀଠାଧୀଶଙ୍କୁ ନେଇ ଦୋଳ ମେଳଣ କିପରି ସଫଳତାର ସହ ଆୟୋଜନ ହେବ, ଏ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୀଠାଧୀଶ ପ୍ରଫୁଲ୍ଲ ପଣ୍ଡାଙ୍କ ପୌରୋହିତ୍ୟରେ ବିଭିନ୍ନ ମଠରେ ଅନୁଷ୍ଠିତ ହେଉଥିବା ମେଳଣ ତାରିଖ ଓ ସମୟ ନିର୍ଘଣ୍ଟ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ମହନ୍ତ ଅଭୟ ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, ସତ୍ୟବ୍ରତ ଦାଶ, ଯୁଧିଷ୍ଠିର ଦାସ, ଅନୀଲ ରାଉତ, ଦୀପକ ଦାଶ, ରାମଚନ୍ଦ୍ର ଦାସ, ଅନନ୍ତ ପରିଡ଼ା, ପ୍ରମୋଦ ଭଳ, ପ୍ରଭାତ ପରିଡ଼ା, ରସାନନ୍ଦ ବରାଳ, ଧୀରେନ୍ଦ୍ର ରାଉତ, ଦେବବ୍ରତ ଭଳ, ଯଦୁମଣି ସାମଲ, ସେବକ ରବୀନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇ ନିଜର ମତାମତ ଉପସ୍ଥାପନ କରିଥିଲେ। ଯଦୁମଣି ସାମଲ ଧନ୍ୟବାଦ ଦେଇଥିଲେ।

ଆଇଆଇସିଙ୍କୁ ଦକ୍ଷ ଅଫିସର ସମ୍ମାନ

ପଟ୍ଟାମୁଣ୍ଡାଇ, ୨୯।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅର୍ନ୍ତଗତ ନରସିଂହପୁର ମା' ବୀଣାପାଣି ୟୁଥ କ୍ଲବ୍ ପକ୍ଷରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ଦକ୍ଷ ଅଫିସର ସମ୍ମାନରେ ସମ୍ମାନିତ କରାଯାଇଛି। ସରସ୍ୱତୀ ପୂଜା ଅବସରରେ ୟୁଥ୍ କ୍ଲବ୍‌ର ସଭାପତି ପ୍ରଶାନ୍ତ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ମୁଖ୍ୟଅତିଥି, ବରିଷ୍ଠ ସାହିତ୍ୟିକ ପ୍ରାବନ୍ଧିକ ଡ.ନୀଳମଣି ଲେଙ୍କା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଡା ମନୋରଞ୍ଜନ ଦାଶ, ଏଏସଆଇ ମାମୁନି ରାୟ, ବରିଷ୍ଠ ସାମ୍ବାଦିକ ସୁଧାଂଶୁ ତ୍ରିପାଠି, ଉପେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଆଇଆଇସି ଶ୍ରୀମତୀ ପାତ୍ର ଦକ୍ଷତାର ପ୍ରମାଣ ଦେଇଥିବାରୁ ଉଚ୍ଚ ପ୍ରଶଂସା କରିଥିଲେ। ମା ବୀଣାପାଣି ୟୁଥକ୍ଲବ୍ ଭବ୍ୟ ସମ୍ବର୍ଦ୍ଧନାର ଆୟୋଜନ କରିଥିବାରୁ ସାଧୁବାଦ ଜଣାଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିକାଶ ମଲ୍ଲିକ ସ୍ୱାଗତ ଭାଷଣ ଓ ଆଲୋକ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ଟ୍ରକ-ବାଇକ୍ ଦୁର୍ଘଟଣା; ୨ ଗୁରୁତର

ପାରାଦୀପ, ୨୯।୧(ସମିସ) : ପାରାଦୀପ ଉପକଣ୍ଠ ବିଶ୍ୱାଳିଗଡ଼ା ନିକଟରେ ଆଜି ସନ୍ଧ୍ୟାରେ ଟ୍ରକ-ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣ ବାଇକ୍ ଆରୋହୀ ଗୁରୁତର ହୋଇ ପ୍ରଥମେ ଅଠରବାଙ୍କୀ ତାପରେ କଟକ ସ୍ଥାନାନ୍ତରିତ ହୋଇଛନ୍ତି। ସେମାନେ ହେଲେ ତାରିଣୀଗଡ଼ା ଅଞ୍ଚଳର ଲକ୍ଷ୍ମୀଧର ଦାସ ଓ ପ୍ରଶାନ୍ତ ମଲ୍ଲିକ। ଉଭୟ ଏକ ବାଇକ୍‌ରେ ଯାଉଥିବା ବେଳେ ଟ୍ରକ ସହିତ ଧକ୍କା ହୋଇଥିଲା। ଖବର ପାଇ ଲକଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

କୁଖ୍ୟାତ ବ୍ରାଉନ୍‌ସୁଗର ବେପାରୀ ଗିରଫ



ଜଗତସିଂହପୁର, ୨୯।୧(ସମିସ): ଜଗତସିଂହପୁର ସଦର ଥାନା ଓହଳ ଗ୍ରାମର କୁଖ୍ୟାତ ବ୍ରାଉନ୍‌ସୁଗର ବେପାରୀ ସେକ୍ ଗୁଲସାର ଉଦ୍ଦିନକୁ ଗିରଫ କରିଛି ପୁଲିସ। ଗତବର୍ଷ ଜଗତସିଂହପୁର ପୁଲିସ ଏକ ବଡ଼ ଧରଣର ଚଢ଼ଉ କରି ୩୨୩ ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଥିଲା। ଏହି ମାମଲାରେ ସମ୍ପୃକ୍ତ ଥିବା ଗୁଲସାର ପୁଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଥିଲା। ଗୁଲସାର ଜଗତସିଂହପୁର ଜିଲ୍ଲା ସମେତ କଟକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ବ୍ରାଉନ୍‌ସୁଗର ବ୍ୟବସାୟ ଚଳାଇ ଆସୁଥିଲା। ଗିରଫ ପରେ ଗୁଲ୍‌ସାରକୁ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

ଗୋମାଂସ ବିକ୍ରି ଅଭିଯୋଗରେ ଜଣେ ଗିରଫ

ଜଗତସିଂହପୁର, ୨୯।୧(ସମିସ): ଜଗତସିଂହପୁର ସଦର ଥାନା ପୁଲିସ ଗୋମାଂସ ଚାଲାଣ ଅଭିଯୋଗରେ ଜୋତ କାନପୁର ଅଞ୍ଚଳର ସେଖ ମହମ୍ମଦ ଅରବାଜ ନାମକ




ଜଣେ ଯୁବକକୁ ଗିରଫ କରିଛି। ଅରବାଜ ନିୟମିତ ଭାବରେ ଗୋମାଂସ ବିକ୍ରି କରୁଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ଗତ ୨୭ ତାରିଖରେ ପୁଲିସ ୬୦ କେଜି ଗୋମାଂସ ଜବତ କରିଥିବା ବେଳେ ୨୮ ତାରିଖରେ ଅରବାଜକୁ ତାର ଘରୁ ଗିରଫ କରିଥିଲା। ଅରବାଜ ନିକଟରୁ ଏକ ବଡ଼ ଛୁରି ମଧ୍ୟ ପୁଲିସ ଜବତ କରିବା ସହିତ ତାକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ତିର୍ତ୍ତୋଲ, ୨୯।୧(ସମିସ): ତିର୍ତ୍ତୋଲ ବ୍ଲକ କନିମୂଳସ୍ଥିତ ବାୟା ଅବଧୂତ ଡିଗ୍ରୀ ମହାବିଦ୍ୟାଳୟରେ ଗତ ୧୩ ତାରିଖରୁ ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରର ସଂଯୋଜିକା ମିଲିନା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ନିରଞ୍ଜନ ବେହେରା, ସଞ୍ଜୟ ଦାସ, ପ୍ରଶାନ୍ତ ମହାପାତ୍ର, ଅଧ୍ୟାପିକା ସଂଯୁକ୍ତା ମହାନ୍ତି, ପ୍ରଗତିକା ମହାନ୍ତି, ସୁଲଗ୍ନା ମହାନ୍ତି, ପ୍ରଶିକ୍ଷିକା ମୋନାଲିସା ମହାପାତ୍ର, କର୍ମଚାରୀ ଶିଶିର ମହାପାତ୍ର, ସତ୍ୟ ନାରାୟଣ ମହାପାତ୍ର ସହଯୋଗ କରିଥିଲେ।

'ଶ୍ରୀଜଗନ୍ନାଥ ଚେତନା ଦିବ୍ୟଜୀବନର ଆଧାର'



ଜଗତସିଂହପୁର, ୨୯।୧(ସମିସ): ମହାବତାର ବାବାଜୀ କ୍ରିୟାଯୋଗ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ରେଢୁଆସ୍ଥିତ କ୍ରିୟାଯୋଗ ଆଶ୍ରମ ପରିସରରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କ୍ରିୟାଯୋଗୀ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଞ୍ଚଦିନ ବ୍ୟାପୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଭୁବନେଶ୍ୱର ରାମକୃଷ୍ଣ ମିଶନର ସନ୍ଥ ବାବା ଅଭୟାନନ୍ଦ। ଧାରାବାହିକ ପ୍ରବଚକ ଭାବରେ ଏଥିରେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ପ୍ରଚାରକ ସ୍ୱାମୀ ସତ୍ୟାନନ୍ଦ ଦାସ କହିଲେ ଯେ ଶ୍ରୀଜଗନ୍ନାଥ ଚେତନା ଦିବ୍ୟଜୀବନର ଆଧାର। ସଭାରେ ସ୍ୱାଗତ ଭାଷଣ ଦେଇଥିଲେ ଡ ନରେନ୍ଦ୍ର ମିଶ୍ର ଏବଂ ସଞ୍ଚାଳନ କରିଥିଲେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଡ ଅଭୟ ନାୟକ। ପ୍ରତିଦିନ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ସାରଦା ରାଉତରାୟ।

ଢିଙ୍କିଆରେ କଂଗ୍ରେସର ରଣହୁଙ୍କାର

ଦୀର୍ଘବର୍ଷ ପରେ ପୁଣି ଶୁଭିଲା ପ୍ରକଳ୍ପ ବିରୋଧୀଙ୍କ ସ୍ୱର

ପାରାଦୀପ, ୨୯।୧(ସମିସ)

ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲୁଙ୍କ ସମେତ ରାଜ୍ୟସ୍ତରୀୟ ନେତାମାନେ ଆଜି ଢିଙ୍କିଆ ଗସ୍ତରେ ଆସି ଅପରାହ୍ଣରେ ଫେରିଯାଇଛନ୍ତି। ଢିଙ୍କିଆ ଚାରିଦେଶରେ ପହଞ୍ଚିବା ପରେ ଜାତୀୟ କଂଗ୍ରେସର ଏକ ପ୍ରତିବାଦ ସଭାରେ ରଣହୁଙ୍କାର ଦେଇଛନ୍ତି। ୨୦୨୨ ମସିହାରେ ପୁଲିସ ଓ ଢିଙ୍କିଆ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ଓ ଲାଠିଚାର୍ଜ ଘଟଣା ପରେ ପ୍ରଥମଥର ପାଇଁ ଢିଙ୍କିଆ ଚାରିଦେଶରେ ପୁଣି ଶୁଭିଲା ପ୍ରକଳ୍ପ ବିରୋଧୀଙ୍କ ସ୍ୱର। ଜଙ୍ଗଲ ଅଧିକାର ଆଇନର ଉଲ୍ଲଂଘନ, ଗ୍ରାମ ସଭାର ସହମତି ବିନା ହଜାର ହଜାର ଏକର ଜଙ୍ଗଲ ଜମି ଜେଏସ୍‌ଡବ୍ଲୁ କମ୍ପାନୀକୁ ହସ୍ତାନ୍ତର କରାଯିବା ଏବଂ ସ୍ଥାନୀୟ ଲୋକଙ୍କ ଜୀବନ, ଜୀବିକାକୁ ସଙ୍କଟରେ ପକାଇବା ବିରୋଧରେ ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକର ଢିଙ୍କିଆରେ



ଆୟୋଜିତ ଜଙ୍ଗଲ ଆଇନ ଅଧିକାର ପଦଯାତ୍ରାରେ ଯୋଗଦେଲେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସହିତ ଦଳର ଜାତୀୟଓ ରାଜ୍ୟସ୍ତରୀୟନେତାମାନଙ୍କ ସହିତ ଶତାଧିକ ସଂଖ୍ୟାରେ ସାଧାରଣ ଲୋକ ସାମିଲ ହୋଇଥିଲେ। ଚାଷୀ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ଜନସମୁଦାୟଙ୍କ ହକ୍, ସମ୍ମାନ ଓ ଜୀବିକା ସୁରକ୍ଷା ପାଇଁ କଂଗ୍ରେସ ଦଳ ସଦା ଦୃଢ଼ ଭାବେ ସେମାନଙ୍କ ସହିତ ରହିଛି ଓ ରହିଥିବ ବୋଲି କହିବା ସହିତ ସମସ୍ତ ସାମ୍ବିଧାନିକ ମାର୍ଗରେ ଏହି ଅନ୍ୟାୟ ବିରୋଧରେ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ସମସ୍ତ ନେତୃବୃନ୍ଦ କହିଥିଲେ।

ଏହି କାର୍ଯ୍ୟକ୍ରମ ରେ ପିସିସି ସଭାପତି ଭକ୍ତ ଦାସଙ୍କ ସହିତ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସହିତ ଜାତୀୟ ଓ ରାଜ୍ୟସ୍ତରୀୟ କଂଗ୍ରେସ ନେତା ସାମିଲ ହୋଇ ନୂଆଗାଁ ମଠସାହି ନିକଟରୁ ଶୋଭାଯାତ୍ରାରେ ଯାଇଥିଲେ। ଢ଼ିଙ୍କିଆ ଠାରେ ପ୍ରତିବାଦ ସଭାରେ ସାମିଲ ହୋଇଥିଲେ। ଲୋକଙ୍କ କହିବା କଥା ହେଲା କମ୍ପାନୀକୁ ଆମେ ସ୍ୱାଗତ କରୁଛୁ, ହେଲେ ସାଧାରଣ ଲୋକଙ୍କ ପାଇଁ ଯେଉଁ ଆଇନ ରହିଛି ତାହାକୁ କାର୍ଯ୍ୟକାରୀ କରାଯାଉ। ଅଞ୍ଚଳର ବେକାର ଶିକ୍ଷିତ ଯୁବକ ଚାକିରି ପାଆନ୍ତୁ। ସରକାର ଜିଲ୍ଲା ପ୍ରଶାସନ ଯଦି ନୀତି ନିୟମ ଓ ସାଧାରଣ ଲୋକଙ୍କ ସମସ୍ୟା ନ ବୁଝନ୍ତି ତେବେ ଏହି ସ୍ଥାନରୁ ପଦଯାତ୍ରା ବାହାରି ବିଧାନସଭା ଘେରାଇ କରିବାକୁ ଯିବୁ ବୋଲି ଚେତାବନୀ ଦେଇଥିଲେ। ଲୋକଙ୍କୁ ଡରାଇ, ଧମକାଇ କୌଣସି କାମ କରିବାକୁ ଦିଆଯିବ ନାହିଁ। ନଚେତ ଆନ୍ଦୋଳନ ତୀବ୍ରତର ହେବ ବୋଲି ପିସିସି ଶ୍ରୀ ଦାସ ଚେତାବନୀ ଦେଇଥିଲେ।

ସିରିଡି ସାଇ ମନ୍ଦିରର ବାର୍ଷିକୋତ୍ସବ

ଜଗତସିଂହପୁର, ୨୯।୧(ସମିସ): ଜଗତସିଂହପୁର ସଦର ବ୍ଲକ ମଜୁରାଇସ୍ଥିତ ସିରିଡି ସାଇ ମନ୍ଦିରର ସପ୍ତମ ବାର୍ଷିକ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସାଇ ଶ୍ରୀକାନ୍ତ ମେମୋରିଆଲ ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା। ବରିଷ୍ଠ ସାମାଜିକ କର୍ମୀ ଶ୍ରୀରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଜୀଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଅତିଥି ଭାବେ ଯୋଗଦେଇ ଟ୍ରଷ୍ଟ ପକ୍ଷରୁ ବର୍ଷ ବ୍ୟାପି ଚାଲିଥିବା ସମାଜ କଲ୍ୟାଣ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଆଗକୁ ଏହି ଧାରା ଜାରି ରହିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ତରଫରୁ ୮୦ ଜଣ ବୃଦ୍ଧ ଏବଂ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯିବା ସହିତ ୮୦ ବର୍ଷରୁ ଉର୍ଦ୍ଧର ୨୫ ଜଣ ବୟୋଜ୍ୟେଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପାରାଦ୍ୱୀପ ପୌରାଧ୍ୟକ୍ଷ



ବସନ୍ତ କୁମାର ବିଶ୍ୱାଳ, ଜଗତସିଂହପୁର ପୌର ପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ପ୍ରାକ୍ତନ ଜୀଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର ଏବଂ ବିଷ୍ଣୁ ସ୍ୱାଇଁ ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ।

ସାଇନାଥଙ୍କ ବାର୍ଷିକୋତ୍ସବ ଉପଲକ୍ଷେ କଳସ ଯାତ୍ରା

ରଘୁନାଥପୁର, ୨୯।୧(ସମିସ): ରଘୁନାଥପୁର ବ୍ଲକ ଶାଳିଜଙ୍ଗାସ୍ଥିତ ସାଇସେବା ଟ୍ରଷ୍ଟ ପକ୍ଷରୁ ସାଇନାଥଙ୍କ ୯ମ ବାର୍ଷିକୋତ୍ସବ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ୍ ହୋଇଥିଲେ। ତାରପୁର ନିକଟସ୍ଥ ପୁଣ୍ୟତୋୟା ମହାନଦୀ ରାମମନ୍ଦିର ଓ ବାନାମ୍ବର ଘାଟରେ ମାନସିକଧାରୀମାନେ ଏକତ୍ରିତ ହୋଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ପୂର୍ଣ୍ଣକୁମ୍ଭ ଧରି ସାଇଧାମ ଅଭିମୁଖେ ଶୋଭାଯାତ୍ରାରେ ଆସିଥିଲେ। ତିର୍ତ୍ତୋଲ ବିଧାୟକ ଡ. ପ୍ରଫେସର ରମାକାନ୍ତ ଭୋଇ, ବିଶ୍ୱ ଓଡ଼ିଆ ସଂଗଠନର ସଭାପତି ଡ. ସୁରେନ୍ଦ୍ରନାଥ ମହାପାତ୍ର, ରୋଜୋଲିନ ମହାପାତ୍ର,



ପୂର୍ବତନ ରଘୁନାଥପୁର ବ୍ଲକ ଅଧ୍ୟକ୍ଷ ରଜତ ପାତ୍ରଙ୍କ ପ୍ରମୁଖ ସାମିଲ ହୋଇଥିଲେ। ପରେ ଯାଜ୍ଞିକ କାର୍ଯ୍ୟ ଆରମ୍ଭ ହୋଇଥିଲା। ଟ୍ରଷ୍ଟର ସଭାନେତ୍ରୀ ନିରୁପମା ପାଲଟାସିଂ, ସମ୍ପାଦକ ଇଂ ବାବାଜୀ ଚରଣ ଜେନା, କୋଷାଧ୍ୟକ୍ଷ ପାର୍ଥସଖା ପାଲଟାସିଂ, ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ, ସମିତିସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ଜ୍ଞାନେନ୍ଦ୍ର ମହାପାତ୍ର, ପବିତ୍ର ମିଶ୍ର, ବିଶ୍ୱନାଥ ପାଲ ଓ ଗଙ୍ଗାଧର ମହାପାତ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସ୍ଥାନୀୟ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠୀ ପୁଲିସ୍ ଫୋର୍ସ ସହ ଉପସ୍ଥିତ ରହି ଆଇନ ଶୃଙ୍ଖଳା ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିଥିଲେ।

ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ପାରାଦୀପ, ୨୯।୧(ସମିସ): ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସ ଅବସରରେ ପାରାଦୀପ ନିର୍ବାଚନ ମଣ୍ଡଳୀ ଆମ୍ବେରୀଠାରେ ଆୟୋଜିତ ଦୁଇଦିନିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ



ଫାଇନାଲ୍ ମ୍ୟାଚରେ ତିର୍ତ୍ତୋଲ ଟିମ୍ ଜଗତସିଂହପୁର ଫ୍ରେଣ୍ଡସ୍ କ୍ଲବ୍‌କୁ ହରାଇ ବିଜୟ ହାସଲ କରିଥିଲା। ଆମ୍ବେରୀ ୱାରିଅର୍ ଭଲିବଲ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ୨୫ ତାରିଖରେ ସାମ୍ବାଦିକ ଅମୀୟ ଦାସ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚର ବିଜୟୀ ଦଳ ତିର୍ତ୍ତୋଲ ଟିମକୁ ଟ୍ରଫି ସହ ନଗଦ ୫ ହଜାର ଓ ପରାଜିତ ଦଳକୁ ରନର୍ସ ଟ୍ରଫି ସହିତ ନଗଦ ୪ହଜାର ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରାଯାଇ ଥିଲା। ସମ୍ମାନିତ ଅତିଥି ଭାବେ ବିକ୍ରମ ମହାନ୍ତି (କୁନମୁନ) ଓ ପ୍ରଫୁଲ ଦାସ ଯୋଗ ଦେଇଥିଲେ। ତେବେ ଉପସ୍ଥିତ ଅତିଥିମାନେ ଖେଳ ପରେ ପୁରସ୍କାର ତଥା ଟ୍ରଫି ପ୍ରଦାନ କରିଥିଲେ। ରେଫରୀ ମାନସ ସୂତାର, ପ୍ରୀତମ୍ ଦାସ ଖେଳ ପରିଚାଳନା କରିଥିଲେ। ଆସୋସିଏସନ୍ ପକ୍ଷରୁ ଟିଟୁ ସାହାଣୀ, ରାଜା ସାହାଣୀ, କାଳିଆ ଦାସ, ସାଗର ଦାସ, ମୁନୁ ଦାସ, ମାନସ ଦାସ, ଆନନ୍ଦ ଦାସ, ଜିତୁ ଦାସ, ଗୋଲ ସାହୁଙ୍କ ସମେତ ଆସୋସିଏସନ୍ ର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସମୀର-ସୁଶୀଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଫାଇନାଲ୍‌ରେ ଆଦର୍ଶ ବାଲେଶ୍ୱର

ପାରାଦୀପ, ୨୯।୧(ସମିସ): ପାରାଦୀପ ଉପକଣ୍ଠ ଜଗତି ଗ୍ରାମରେ ମା' ବୁଢ଼ୀ ଜାଡୁଆଣୀ ସମୀର-ସୁଶୀଳ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଆମ୍ବେଦକର ଜଗତସିଂହପୁର ଏବଂ ଆଦର୍ଶ ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି ଆଦର୍ଶ ବାଲେଶ୍ୱର



ବ୍ୟାଟିଂର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ଓଭରରେ ବାଲେଶ୍ୱର ସମସ୍ତ ୱିକେଟ ହରାଇ ୨୮୯ ରନ୍ ସଂଗ୍ରହ କରିଥିଲା। ଅପରପକ୍ଷରେ ଆମ୍ବେଦକର ଜଗତସିଂହପୁର ୧୭.୪ ଓଭରରେ ସମସ୍ତ ୱିକେଟ ହରାଇ ୧୯୦ ରନ୍ କରି ପରାଜୟ ବରଣ କରିଛି। ସର୍ବେଶ୍ୱର ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଅମ୍ପାୟାର ପ୍ଲାବନ ସ୍ୱାଇଁ ଏବଂ ଅନୁପ ରାଉତ ଖେଳ ପରିଚାଳନା କରିଥିଲେ। ଆଜିର ମ୍ୟାଚରେ ଧାରା ବିବରଣୀ ପ୍ରଦାନ କରିଥିଲେ ଲକ୍ଷ୍ମୀକାନ୍ତ ଦାସ। ସ୍କୋରିଂ ଦାୟିତ୍ୱ ରେ ଥିଲେ କେ ବି ସି ଜାଦବ, ସରୋଜ ମହାନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ଇଂ ପ୍ରସାନ୍ତ ଚୈଧୁରୀ, ବୁଢ଼ୀ ଜାଡୁଆଣୀ ଯୁବକ ସଂଘର ଉପସଭାପତି ମାନସ ପରିଡ଼ା। କ୍ଲବ ପକ୍ଷରୁ ନିର୍ବାଚନ ଦାସ, ସଞ୍ଜୟ ସ୍ୱାଇଁ, ବୁଦ୍ଧଦବ ଦାସ, ଦୀନେଶ ପରିଡ଼ା, ରାଜେଶ ସ୍ୱାଇଁ, ରାକେଶ ଦାସ, ବୁବୁନା ସ୍ୱାଇଁ, ଜିଙ୍କୁନା ଖଟେଇ, ରଶ୍ମିରଞ୍ଜନ ଦାସ ଆୟୋଜନ କରିଥିଲେ।

ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

କୁଜଙ୍ଗ, ୨୯।୧(ସମିସ): କୁଜଙ୍ଗ ବ୍ଲକ ସାଇଲୋ ଗ୍ରାମପଞ୍ଚାୟତରେ ଥିବା ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ସାଇଲୋ, ରାହାମାର ୨୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ସାରଳା ମହାବିଦ୍ୟାଳୟ ରାହାମାର ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଡକ୍ଟର ସୁନାକର ବେହେରା, ଚନ୍ଦ୍ରଶେଖର ପଟ୍ଟନାୟକ, ଜଗତସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ରବି ବାଟେଟୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ଓ ଡ. ବେହେରା ନିଜର ଅଭିଭାଷ ରେ କହିଥିଲେ ଯେ ଏକ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ସୁସ୍ଥ ଶରୀର ଆବଶ୍ୟକତା ରହିଛି। ଏଥିପାଇଁ କ୍ରୀଡ଼ାର ଆବଶ୍ୟକତା ଜରୁରୀ। ଉଦ୍‌ଘାଟନୀ ଉତ୍ସବ ଶେଷରେ ବରିଷ୍ଠ ଶିକ୍ଷକ ସୀମାଞ୍ଚଳ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।



ଦ୍ୱିତୀୟ ଦିନରେ ବିଭିନ୍ନ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ ଲମ୍ବ ଡିଆଁ, ଉଚ୍ଚଡ଼ିଆଁ, ଜାଭେଲିନ, ସର୍ଟ ପୁଟ, ଡ଼ିସକସ୍, ଛୁଞ୍ଚି ସୂତା ଦୌଡ଼, ଲେମ୍ବୁ ଚାମଚ ଦୌଡ଼, ରସି କଷାକଷିର ଅନ୍ତିମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ କ୍ରୀଡା ଉତ୍ସବ ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥି ରୂପେ ପାରାଦୀପ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀର କମାଣ୍ଡାଣ୍ଟ ସନତ କୁମାର ପଟେଲ ଏବଂ ସମ୍ମାନିତ ଅତିଥି ରୂପେ ସୁଚରିତା ମହାପାତ୍ର, ସମାଜସେବୀ ଡଃ ସୁନାକର ବେହେରା ଏବଂ ଚନ୍ଦ୍ରଶେଖର ପଟ୍ଟନାୟକ ଯୋଗଦାନ କରିଥିଲେ। ଅଧ୍ୟକ୍ଷ ଶ୍ରୀକୃଷ୍ଣ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟକାନ୍ତ ଘଡ଼େଇ ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ପଦ୍ମଜା ବେହେରାଙ୍କ ନିର୍ଦ୍ଦେଶନାରେ ଏକ ସାମୂହିକ ନୃତ୍ୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଦିଗନ୍ତ ପଟ୍ଟନାୟକ ଓ ସୀମାଞ୍ଚଳ ଗୌଡ଼, ଶିକ୍ଷୟିତ୍ରୀ ଅନାମିକା ଦାସ, ଅଙ୍ଗୁରବାଳା ବଳ, ସବିତା ପଣ୍ଡା, ପ୍ରମିଳା କୁମାରୀ ସାହୁ, କୌଶଲ୍ୟା ବେହେରା, ସଙ୍ଗୀତା ନାୟକ, କବିତା ଜେନା, ଅପର୍ଣ୍ଣା ମହାପାତ୍ର, ସତ୍ୟଭାମା ସ୍ୱାଇଁ, ଶିକ୍ଷକ ଆଦିତ୍ୟ ମହତ, ନଗେନ୍ଦ୍ର ଶୁକ୍ଲା, ଅଂଶୁମାନ ମହାନ୍ତି, ଉଗ୍ରେସନ ନାୟକ, ସନ୍ତୋଷ କୁମାର ଜେନା, ପ୍ରଶାନ୍ତ ନାୟକ, ସୁଧୀରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କ୍ରୀଡ଼ା ପ୍ରତିଯୋଗିତାର ସମ୍ପୂର୍ଣ୍ଣ ରୂପ ରେଖ କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟକାନ୍ତ ଘଡ଼େଇ ଏବଂ କ୍ରୀଡ଼ା ଶିକ୍ଷିକା ମିନାକ୍ଷୀ ବାରିକ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ଶ୍ରୀ ସୀମାଞ୍ଚଳ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆଶାକର୍ମୀ ସଂଘର ଦାବିପତ୍ର ପ୍ରଦାନ



ରଘୁନାଥପୁର, ୨୯।୧(ସମିସ)

ସ୍ୱାସ୍ଥ୍ୟ ବିଭାଗ ନିୟନ୍ତ୍ରଣରେ କାର୍ଯ୍ୟ କରୁଥିବା ଏନ୍‌ଏଚ୍‌ଏମ୍ (ଜାତୀୟ ସ୍ୱାସ୍ଥ୍ୟ ମିଶନ)କୁ ସ୍ଥାୟୀ କରାଯାଇ ବ୍ୟାପକ ଅନୁଦାନ ପ୍ରଦାନ କରିବା, ଶ୍ରମିକ ବିରୋଧୀ ୪ ଶ୍ରମକୋଡ୍‌କୁ ବାତିଲ ଏବଂ ଅନ୍ୟାନ୍ୟ ୫ ଟି ଅଭିଯୋଗ ସମ୍ବଳିତ ଦାବିପତ୍ର ଓଡ଼ିଶା ଆଶାକର୍ମୀ ସଂଘ ଜଗତସିଂହପୁର ଜିଲ୍ଲା କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ବ୍ଲକ ଆଶାକର୍ମୀ କମିଟିର ସଭାପତି ବିଳାସିନୀ ମହାରଣା ଓ ସମ୍ପାଦିକା ଅନୁପ୍ରିୟା ଶତପଥୀଙ୍କ ନେତୃତ୍ୱରେ ସଙ୍ଘର ସଦସ୍ୟାମାନେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପହଞ୍ଚି ସୁପରିଟେନଟେଣ୍ଡେଣ୍ଟ ଡା. ସୁକାନ୍ତ କୁମାର ଦଳାଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ରାଜ୍ୟ ସିଆଇଟିୟୁ ଆଶାକର୍ମୀ ସଂଘ ସଭାପତି ଲୋଭାକାନ୍ତ ସ୍ୱାଇଁ ଓ ଜିଲ୍ଲା କମିଟି ସଭାପତି ସୁଲୋଚନା ପରିଡ଼ା ପ୍ରମୁଖ ସାମିଲ ଥିଲେ। ରାଜ୍ୟ ସଭାପତି ସ୍ୱାଇଁଙ୍କ କହିବା ଅନୁଯାୟୀ ଆସନ୍ତା ଏପ୍ରିଲ ମାସରୁ ୪ ଶ୍ରମକୋଡ୍ ପ୍ରଚଳିତ ହେଲେ ଆଶାକର୍ମୀଙ୍କ ଜୀବିକା ଉପରେ ପ୍ରଭାବ ପଡ଼ିବା ସୁନିଶ୍ଚିତ। ବିଗତ ୧୯ ବର୍ଷ ଧରି ସର୍ବନିମ୍ନ ମଜୁରି ନପାଇ ଦମକଳ ବାହିନୀ ଭଳି ଆଶାକର୍ମୀମାନେ ସୀମିତ ପ୍ରୋତ୍ସାହନ ରାଶିରେ ଖଟୁଛନ୍ତି। ଏଣୁ ଆଶାକର୍ମୀଙ୍କୁ ମାସିକ ୨୬ ହଜାର ଟଙ୍କା ପ୍ରଦାନ, ମୃତ୍ୟୁ ଓ ଅବସରକାଳୀନ ସହାୟତା ୧୦ ଲକ୍ଷ ଟଙ୍କା ପ୍ରଦାନ, ସେମାନଙ୍କ ଇପିଏଫ୍ ଓ ଇଏସ୍‌ଆଇ ଲାଗୁ ଏବଂ ପ୍ରତିବର୍ଷ ସେମାନଙ୍କୁ କଣ୍ଟିଜେନ୍ସି ବାବଦରେ ୧୦ ହଜାର ଟଙ୍କା ଦେବାପାଇଁ ସଭାପତି ସ୍ୱାଇଁ ଅନୁରୋଧ କରିଥିଲେ। ଏଥିରେ ବ୍ଲକ ସଂଘ ସହ ସମ୍ପାଦିକା ସାଗରିକା ମହାରଣା, ସ୍ନେହାଞ୍ଜଳି ସାହୁ, ବିନତୀ ଭୋଇ, ବିଷ୍ଣୁପ୍ରିୟା ରାଉତ, ଦମୟନ୍ତୀ ପଟ୍ଟନାୟକ, ବୀଣାପାଣି ଦଳାଇଙ୍କ ସହ ୩୦ରୁ ଉର୍ଦ୍ଧ୍ୱ ଆଶାକର୍ମୀ ସାମିଲ ହୋଇଥିଲେ।

ସମଙ୍ଗ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ



ଜଗତସିଂହପୁର, ୨୯।୧(ସମିସ): ଜଗତସିଂହପୁର ସଦର ବ୍ଲକ ସମଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲମଣିଷ ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରାରମ୍ଭରେ ମାତୃ ମଣ୍ଡଳୀ ଦ୍ୱାରା କଳସ ଯାତ୍ରା, ଆଜ୍ଞାମାଳ, ଜ୍ୟୋତି ସ୍ଥାପନ ଏବଂ ନବ କୁଣ୍ଡଳୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ସମ୍ବର୍ଦ୍ଧନା ଓ ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ ଏବଂ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ଜଗତସିଂହପୁର ତହସିଲଦାର ଅଜୟ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ରଜତ ଜୟନ୍ତୀ କମିଟିର ଶରତ ଚରଣ ମହାରଣା, ସମଙ୍ଗ ପଞ୍ଚାୟତ ସରପଞ୍ଚ ମିନତୀ ଜେନା, ସମିତି ସଭ୍ୟ ଦୀପକ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିବାବେଳେ ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ପୀତାମ୍ବର ସ୍ୱାଇଁ। ପରେ ଶିକ୍ଷା ତଥା ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆ ଯାଇଥିଲା।



ବିଦାୟ ନେଲା ଧଉଳି; ଆଜି ଆସିବ ଦରବାର

ବହି ବଦଳାଇଲା ଅଶୋକ ସମ୍ରାଟ

ଭୁବନେଶ୍ୱର, ୨୯।୧ (ସମିସ): ଖଣ୍ଡଗିରି ଯାତ୍ରା ମହାକୁମ୍ଭ ତିନି ଦିନରେ ପହଞ୍ଚିଛି। ତୃତୀୟ ରାତିରେ ଅପେରା ପାର୍ଟିଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଜୋରଦାର ଲଢ଼େଇ। ଗୁରୁବାର ରାତିରେ କୋଣାର୍କ, ସିଂହବାହିନୀ ଦର୍ଶକଙ୍କ ଆଗ୍ରହକୁ ଆଖି ଆଗରେ ରଖି ସେଇ ନାଟକକୁ ନେଇ ମଞ୍ଚସ୍ଥ କରିଥିବା ବେଳେ ସ୍ୱର୍ଣ୍ଣମହଲ ଓ ଅପେରା ଶ୍ରୀମନ୍ଦିର ଯାତ୍ରା ଲଢେଇରେ ସାମିଲ ହୋଇଛନ୍ତି। ଶେଷ ରାତିରେ ବହି ବଦଳାଇ ଧଉଳି ଗଣନାଟ୍ୟ ବିଦାୟ ନେଇଥିବା ବେଳେ ଅଶୋକ ସମ୍ରାଟ ନୂଆ ନାଟକ ପରିବେଷଣ କରିଛି। ଦୁଇ ରାତି ଧରି କୋଣାର୍କର ଦୈତାରୀ ଓ ସିଂହବାହିନୀର ପୀୟୁଷ ମଧ୍ୟରେ ଟକ୍କର ଚାଲିଥିବା ବେଳେ ଆଜିଠାରୁ ଶ୍ରୀମନ୍ଦିରର ଖଳନାୟକ କାହ୍ନା ଏହି ଲଢ଼େଇରେ ସାମିଲ ହୋଇଛନ୍ତି।

ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଅପେରା ଶ୍ରୀମନ୍ଦିର ଖଣ୍ଡଗିରି ମଇଦାନରେ ପାଦ ଥାପିଛି। ପ୍ରଥମ ରଜନୀରେ 'ଜାନୁଆର୍' ନାଟକ ଅନୁଷ୍ଠିତ ହୋଇଥିବା ବେଳେ ଅଜୁ-ଆପୁ, ଜିନୁ-ଟିକିଙ୍କ ଅଭିନୟ ସହିତ ଭେଟେରାନ ଖଳନାୟକ କାହ୍ନାଙ୍କ ଲାଗି ଦର୍ଶକଙ୍କ ଭିଡ଼ ଜମିଛି। ମା' ମଙ୍ଗଳା ପେଣ୍ଡାଲରେ ସ୍ୱର୍ଣ୍ଣ ମହଲ 'ଗୁହାରି ଶୁଣ ଦୀନବନ୍ଧୁ' ନାଟକ ମଞ୍ଚସ୍ଥ କରିଛି। ସୁବାସ-ପିଙ୍କି, ଭାବନା, ଲୁଲୁ, ନୟନ-ମାନସୀଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ନବ ଘୋଷ ଖଳନାୟକ ଭୂମିକାରେ ନଜର ଆସିଛନ୍ତି।

ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲରେ ଖେଳୁଥିବା ଯାତ୍ରା ରାଣୀ ସିଂହବାହିନୀ ଗଣନାଟ୍ୟ ତୃତୀୟ ରାତିରେ ମଧ୍ୟ ସମାନ ନାଟକ 'ତୁ ମୋ ବଜରଙ୍ଗୀ' ଦର୍ଶକଙ୍କୁ ଭେଟି ଦେଇଛି। ବବୁଲ-ପିଙ୍କି, ପୀୟୁଷ-କ୍ଷୀତିଶଙ୍କ ଅଭିନୟ ଓ ଚଗନ-ଶଶି-ଧଡ଼ିଆଙ୍କ କମେଡି ଦେଖିବାକୁ ମିଳିଥିଲା।

ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ ଲଗାତାର ତୃତୀୟ ରାତିରେ ମଧ୍ୟ 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ନାଟକ ପରିବେଷଣ କରିଛି। ଜିତୁ-ପୂଜାଙ୍କ ପ୍ରେମ କାହାଣୀ ସାଙ୍ଗକୁ ଭେଟେରାନ ତୈାରିଙ୍କ ଅଭିନୟ ଦେଖିବା ପାଇଁ ସାରାରାତି ଉଜାଗର ହୋଇଛନ୍ତି ଦର୍ଶକ। ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ମଞ୍ଚରେ ଖେଳୁଥିବା ଅଶୋକ ସମ୍ରାଟ ତୃତୀୟ ରାତିରେ ବହି ବଦଳାଇଛି। ପପୁ ବ୍ରହ୍ମଙ୍କ ରଚିତ ଓ ରଞ୍ଜନ ବିଶ୍ୱାଳଙ୍କ ନିର୍ଦ୍ଦେଶିତ 'ସବୁ ପାପର ପ୍ରାୟଶ୍ଚିତ ନାହିଁ' ନାଟକ ଭେଟି ଦେଇଛି। ବହି ବଦଳିବା ପରେ ଯାତ୍ରା ପ୍ରେମୀଙ୍କ ଭିଡ଼ ଲାଗିଥିଲା।

ସେପଟେ ଧଉଳି ଅନ୍ତିମ ରାତିରେ ହର ବାରିକଙ୍କ ରଚିତ ଓ ନିର୍ଦ୍ଦେଶିତ 'ଚଣ୍ଡାଶୋକ' ନାଟକ ପରିବେଷଣ କରି ଖଣ୍ଡଗିରି ଛାଡ଼ିଛି। ରୁଦ୍ର, ସ୍ମରଣିକା ଓ ଖଳନାୟକ ଭୂମିକାରେ ଲକ୍ଷ୍ମୀଧରଙ୍କ ଅଭିନୟ ଦେଖିଛନ୍ତି ଦର୍ଶକ। ଧଉଳି ବିଦାୟ ନେବାପରେ ଆସନ୍ତାକାଲି ଠାରୁ ଅପେରା ରାଜ ଦରବାର ସେହି ମଞ୍ଚରେ ଯାତ୍ରା ପ୍ରତିଯୋଗିତାରେ ଭାଗ ନେବ। ପ୍ରଥମ ରାତିରେ 'ଆଖି ପଲକରେ ଖୋଜୁଛି ତତେ' ନାଟକ ପରିବେଷଣ କରିବ। ବାପି ପଣ୍ଡା, ଗୁନୁ - ମାମା, ରୂପା - ପିଣ୍ଟୁଙ୍କ ଅଭିନୟ ସହିତ ମ୍ୟାଜିକ୍ ଭିଲିଆନ୍ କୁନା (ହରେନ୍ଦ୍ର ଜେନା) ଓ ଭେଟେରାନ୍ ନୀର ସ୍ୱାଇଁଙ୍କୁ ଦେଖିବାକୁ ମିଳିବ।





ଆଜିର କାହାଣୀ
'ଗୁହାରି ଶୁଣ ଦୀନବନ୍ଧୁ'

ମା ମଙ୍ଗଳା ସାଂସ୍କୃତିକ ପରିଷଦ ମଞ୍ଚରେ ସ୍ୱର୍ଣ୍ଣମହଲ ଖଣ୍ଡଗିରି ଯାତ୍ରାରେ ପାଦ ରଖିଛି। ପ୍ରଥମ ରଜନୀରେ ଡକ୍ଟର ନିହାର ମହାନ୍ତିଙ୍କ ରଚିତ ଓ ପ୍ରଶାନ୍ତ କୁମାର ନାୟକ (ବଇଆ)ଙ୍କ ନିର୍ଦ୍ଦେଶିତ 'ଗୁହାରି ଶୁଣ ଦୀନବନ୍ଧୁ' ନାଟକ ମଞ୍ଚସ୍ଥ କରିଛି। ୧୯୫୫ ମସିହା ତଥା ସ୍ୱାଧୀନତା ପରବର୍ତ୍ତୀ ସମୟର ବାସ୍ତବ ସ୍ଥିତି ଏହି ନାଟକରେ ଦେଖିବାକୁ ମିଳିଛି। ଭାରତବାସୀ ଇଂରେଜମାନଙ୍କ କବଳରୁ ମୁକ୍ତି ପାଇବା ପରେ ସାହୁକାର ଫାସରେ କିପରି ପଡ଼ିଥିଲେ ତାହା ଏହି ନାଟକର ମୂଳ ତତ୍ତ୍ୱ। ସୁବାସ, ଭାବନା ଓ ଲୁଲୁ ଭାଇ ଭଉଣୀ ହୋଇଥିବା ବେଳେ ନୟନ ମହାପାତ୍ର ଓ ମାନସୀ ବାପାମାଆ ଭୂମିକାରେ ନଜର ଆସିଛନ୍ତି। ଖଳନାୟକ ନବ ଘୋଷ ସାହୁକାର ହୋଇଥିବା ବେଳେ ସ୍ମୃତି ଓ ଝୁନା ତାଙ୍କ ଭାଇଭଉଣୀ ଚରିତ୍ରରେ ଅଭିନୟ କରୁଛନ୍ତି। ଗରିବ ପରିବାରରୁ ଆସିଥିବା ସୁବାସ ଜନ୍ମରୁ ଅନ୍ଧ। ସାନଭାଇ ଲୁଲୁଙ୍କୁ ବଡ଼ ମଣିଷ କରିବା ପାଇଁ ସାହୁକାର ନବଙ୍କ ଠାରୁ ଟଙ୍କା ଧାର୍ ଆଣନ୍ତି। ସେହି ଟଙ୍କାରେ ପାଠ ପଢ଼ି ଲୁଲୁ ଡାକ୍ତର ମଧ୍ୟ ହୁଅନ୍ତି। ହେଲେ ଡାକ୍ତର ହୋଇସାରିବା ପରେ ପରିବାର ଠାରୁ ଦୂରେଇ ଯାଉଛନ୍ତି। ଆଉ ବଡ଼ଲୋକ ହେବା ଆଶାରେ ସାହୁକାରର ଭଉଣୀ ଝୁନାଙ୍କୁ ବିବାହ କରୁଛନ୍ତି। ସେପଟେ ସାହୁକାର ଟଙ୍କା ପାଇସାରିବା ପରେ ମଧ୍ୟ ଚକ୍ରବର୍ତ୍ତୀ ସୁଧ ଅସୁଲ କରିବାକୁ ସୁବାସ ଓ ତାଙ୍କ ବାପାମାଆଙ୍କ ଉପରେ ଅତ୍ୟାଚାର କରୁଛି ସାହୁକାର ଘରେ ତେଲ ଘଣା ଟାଣୁଛନ୍ତି। ଏହାରି ଭିତରେ ସାହୁକାର ସାନଭାଇ ସ୍ମୃତି ଲୋଲୁପ ଦୃଷ୍ଟି ପକାଇବା ସହ ସୁବାସଙ୍କ ଭଉଣୀ ଭାବନାଙ୍କୁ ଦୁଷ୍କର୍ମ କରୁଛି। ଏହାର ଦୋଷ ମଧ୍ୟ ସୁବାସଙ୍କ ଉପରେ ଲଦି ଦେଉଛି। ସାହୁକାରର ଅତ୍ୟାଚାର ଓ ସାନପୁଅ ଦୂରେଇ ଯିବାର ଦୁଃଖରେ ବାପାମାଆ ବିଷ ପିଇ ଜୀବନ ହାରୁଛନ୍ତି। ସେପଟେ ଟଙ୍କା ପରିଶୋଧ ନ ହେବାରୁ ସାହୁକାରର ଅତ୍ୟାଚାର ସୀମା ଲଙ୍ଘୁଛି। ସୁବାସ ଶେଷରେ କୌଣସି ଉପାୟ ନପାଇ ଦୃଷ୍ଟିହୀନ ସୁବାସ ଶେଷରେ ସାହୁକାରକୁ ହତ୍ୟା କରୁଛନ୍ତି। ନାଟକରେ ସାହୁକାରମାନେ ଗରିବ ଲୋକଙ୍କୁ ଋଣ ଦେଇ କିପରି ଅତ୍ୟାଚାର କରୁଛନ୍ତି, ତାହା ଦେଖିବାକୁ ମିଳୁଛି।

ବାପା ଚାଲିଗଲେ; ମୁଁ ଯାଇ ପାରିଲିନି



ଖଣ୍ଡଗିରି ଯାତ୍ରା ମହାକୁମ୍ଭ ପରିପ୍ରେକ୍ଷୀରେ ନାୟକ ସୁବାସ ବେହେରାଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର

ଆମେ ଶୁଣିଛୁ ଆପଣ ଜଣେ ଉଚ୍ଚଶିକ୍ଷିତ, ଭଲ ଚାକିରି ବି କରୁଥିଲେ। କିନ୍ତୁ ଯାତ୍ରା ଜଗତକୁ କିଭଳି ଓ କାହିଁକି ଆସିଲେ।

ଉ- ହଁ ଯାତ୍ରା ଜଗତକୁ ଆସିବା ପୂର୍ବରୁ ମୁଁ ଇଞ୍ଜିନିୟରିଂରେ ଡିପ୍ଲୋମା କରି ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଚାକିରି କରିଥିଲି। ପାଠ୍ୟକ୍ରମ ସାହି ୧୯୯୫ ମସିହାରେ ମୁଁ ଯାତ୍ରା ଜଗତକୁ ଆସିଲି। ସ୍କୁଲରେ ପଢ଼ିବା ବେଳେ ଅଭିନୟ ପ୍ରତି ଆକର୍ଷଣ ଥିଲେ ମଧ୍ୟ ପରେ କୌଣସି ସୁଯୋଗ ମିଳି ନ ଥିଲା। ହେଲେ ଚାକିରି ସମୟରେ ଯାତ୍ରାରେ ଛୋଟ ଚରିତ୍ରରେ କାମ କରିବାକୁ ଚାନ୍ସ ମିଳିଲା। କଳା ପ୍ରତି ଦୁର୍ବଳତା ମୋତେ ଚାକିରି ଛାଡ଼ିବାକୁ ବାଧ୍ୟ କଲା। ଅନ୍ୟପକ୍ଷରେ ଚାକିରି କରିଥିଲେ ହୁଏତ ଅଧିକ ଟଙ୍କା ରୋଜଗାର କରିଥାଇପାରିଥାନ୍ତି ହେଲେ ଆଜି ଏତେ ସଂଖ୍ୟକ ଦର୍ଶକଙ୍କ ଭଲପାଇବା ମିଳି ନ ଥାନ୍ତା।

ଖଣ୍ଡଗିରି ମଞ୍ଚକୁ କେବେଠାରୁ ଆସିଲେଣି। ସେବେକାର ଖଣ୍ଡଗିରି ଓ ଏବେ ମଧ୍ୟରେ କଣ ପାର୍ଥକ୍ୟ ଦେଖୁଛନ୍ତି?

ଉ- ମୁଁ ୩୧ ବର୍ଷ ମଧ୍ୟରେ ୯ଟି ପାର୍ଟିରେ କାମ କଲିଣି, ଏଯାଏଁ ୧୭ ବର୍ଷ ହେବ ଖଣ୍ଡଗିରି ଯାତ୍ରାକୁ ଆସୁଛି। ପୂର୍ବରୁ ଖଣ୍ଡଗିରିରେ ଏତେ ଆଡ଼ମ୍ବର ନ ଥିଲା, ମାତ୍ର ୨/୩ଟି ପେଣ୍ଡାଲରେ ନାଟକ ହୁଏ। ସେ ସମୟରେ ଉଦଳା, ବରୁଣେଶ୍ୱର, ମାଣତ୍ରୀ, ଧାମରା ଭଳି ବଡ଼ ବଡ଼ ମେଳା ଥିଲା। କିନ୍ତୁ ସମୟକ୍ରମେ ସମସ୍ତଙ୍କୁ ଅତିକ୍ରମ କରି ଖଣ୍ଡଗିରି ଓଡ଼ିଶାର ଏକ ନମ୍ବର ମେଳା ଭାବେ ନିଜର ପରିଚୟ ତିଆରି କରିଛି।

ଖଣ୍ଡଗିରିକୁ ଯାତ୍ରାକୁ ନେଇ ଆପଣଙ୍କ ମତ କ'ଣ?

ଉ- ଖଣ୍ଡଗିରି ଯାତ୍ରା ମହାକୁମ୍ଭ ଏବେ ଯାତ୍ରା ଜଗତର ଗୋଟେ ବିରାଟ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଯାଇଛି। ଖଣ୍ଡଗିରି ଯାତ୍ରା ପାଇଁ କଳାକାର, ଲେଖକ, ନିର୍ଦ୍ଦେଶକ ଓ ମାଲିକ ସମସ୍ତେ ସ୍ୱତନ୍ତ୍ର ଭାବେ ଆଗୁଆ ପ୍ରସ୍ତୁତ ହୋଇଥାନ୍ତି।

ଯାତ୍ରାରେ ଅଶ୍ଳୀଳତା ଆବଶ୍ୟକତା କେତେ ରହିଛି କି?

ଉ- କମିଟି ମଧ୍ୟରେ ପ୍ରତିଯୋଗିତା ଓ ଗୋଟେ ଭୁଲ୍ ମାନସିକତା ଯୋଗୁଁ ଯାତ୍ରାରେ ଆଜି ଅଶ୍ଳୀଳତା ପ୍ରବେଶ କରିଛି। ବ୍ୟାବସାୟିକ ଫାଇଦା ପାଇଁ ଅଶ୍ଳୀଳତା ଆସି ନାଟକ ଭଳି କଳାର ମଞ୍ଚରେ ପଶିଛି। ଯାତ୍ରାରେ ଅଶ୍ଳୀଳତାର କୌଣସି ସ୍ଥାନ ନାହିଁ। ମୁଁ ଭାବୁଛି ପୂର୍ବରୁ ମଧ୍ୟ ବିନା ଅଶ୍ଳୀଳତାରେ ନାଟକ ହେଉଥିଲା ଆଗକୁ ମଧ୍ୟ ହୋଇପାରିବ।

- ଏବେକାର ଯାତ୍ରା ଦୁନିଆରେ କ'ଣ ପରିବର୍ତ୍ତନ ଦରକାର?

ଉ- ଆଜି ଯେଉଁ କଳାକାର ଆସି ସୋସିଆଲ ମିଡିଆରେ ଭାଇରାଲ ହେଉଛନ୍ତି, ସେମାନେ ଯାତ୍ରା ଇତିହାସ ଜାଣିନାହାନ୍ତି କି ବୁଝିନାହାନ୍ତି। ବର୍ତ୍ତମାନ ଗୋଟେ ଟ୍ରେଣ୍ଡ ଚାଲିଛି, ନିଜେ ବଞ୍ଚିବା ପାଇଁ ଯାତ୍ରାକୁ ମାରି ଦେଉଛନ୍ତି। ଆଜିର କଳାକାରଙ୍କ ଠାରୁ ଆରମ୍ଭ କରି ମ୍ୟାନେଜର ଓ ମାଲିକଙ୍କ ମାନସିକତାରେ ପରିବର୍ତ୍ତନ ଆବଶ୍ୟକ। ସେମାନଙ୍କ ମାନସିକତା ପରିବର୍ତ୍ତନ ନ ହେଲେ ଯାତ୍ରା ଭଳି ବର୍ଷ ବର୍ଷର କଳା ଅଦିନରେ ବୁଡ଼ିଯିବ।

ସେବେକାର ଦର୍ଶକ ଓ ଏବେକାର ଦର୍ଶକଙ୍କ ମଧ୍ୟରେ କ'ଣ ଫରକ ଦେଖୁଛନ୍ତି?

ଉ- ପୂର୍ବାପେକ୍ଷା ଯାତ୍ରା ଦର୍ଶକଙ୍କ ସଂଖ୍ୟା ବୃଦ୍ଧିପାଇଛି। ଅନେକ ଲୋକ ଯାତ୍ରା ଦେଖିବାକୁ ଆସୁଛନ୍ତି। ସେବେ ନାଟ୍ୟ ମନସ୍କ ଦର୍ଶକ ଆସୁଥିଲେ, ଏବେ ଅନ୍ୟମନସ୍କ ଦର୍ଶକ ଆସୁଛନ୍ତି।

ପୂର୍ବ କାହାଣୀ ଓ ଏବେକାର କାହାଣୀ ମଧ୍ୟରେ କ'ଣ ପରିବର୍ତ୍ତନ ହୋଇଛି?

ଉ- ରାମାୟଣ ଓ ମହାଭାରତ ପରେ ଆମେ ନୂଆ କିଛି କାହାଣୀ ତିଆରି କରିପାରି ନାହାନ୍ତି। ଆମେ କେବଳ କାହାଣୀରେ ନୂତନତ୍ୱ ଆଣିଛନ୍ତି। ନିର୍ଦ୍ଦେଶନା, ସଂଳାପ ଓ ଦୃଶ୍ୟ ସଜାଡ଼ିବାରେ ନୂଆ କରିବାକୁ ଚେଷ୍ଟା କରିଛନ୍ତି। ସେବେ ବି ନାଟକ କାହାଣୀମୂଳକ ଅଛି ଓ ପୂର୍ବରୁ ମଧ୍ୟ ଥିଲା।

ଆପଣଙ୍କ ପାରିବାରିକ ଜୀବନରେ ଯାତ୍ରା କ୍ୟାରିୟରର କ'ଣ ପ୍ରଭାବ ରହିଛି?

ଉ- ଯାତ୍ରା କଳାକାରଟିଏ ବାପାମାଆଙ୍କ ପୁଅ ନୁହେଁ, ସ୍ୱାମୀ ପାଇଁ ସ୍ତ୍ରୀ ନୁହେଁ କି ପିଲାଙ୍କ ବାପା ନୁହେଁ। ସେ କେବଳ ଯାତ୍ରା କଳାକାର, ଯାହାର କିଛି ସ୍ୱାଧୀନତା ନାହିଁ। ପରିସ୍ଥିତି ଯାହା ହେଲେ ବି, ଅଭିନୟ କରିବାକୁ ପଡ଼େ। ଏହା ଯାତ୍ରା କଳାକାରର ଛାତି ତଳର ଦୁଃଖ। ଏମିତି ପରିସ୍ଥିତି ଆସିଛି, ବାପା ଚାଲିଗଲେ; ଖବର ଶୁଣି ମଧ୍ୟ ମୁଁ ଯାଇ ପାରିନଥିଲି।

ପଞ୍ଚମ ଦିନରେ ଖଣ୍ଡଗିରି କୁମ୍ଭ ମେଳା

ଗୁମ୍ଫାରେ ଭିଡ଼; ପାହାଡ଼ ଉପରେ ଖଞ୍ଜଣି ମାଡ଼



ଭୁବନେଶ୍ୱର, ୨୯।୧ (ସମିସ): ପଞ୍ଚମ ଦିନରେ ପହଞ୍ଚିଛି ଖଣ୍ଡଗିରି କୁମ୍ଭ ମେଳା। ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ଓଡ଼ିଶା ଆନୁକୂଲ୍ୟରେ ବାବା ପଞ୍ଚଦେବଙ୍କ ଆବାହକତ୍ୱରେ ପାଦ ଦେଶରେ ସାଧୁ ସନ୍ଥଙ୍କ ହୋମ ଯଜ୍ଞ ଯଥା ରିତି ଚାଲିଛି। ହୋମଯଜ୍ଞ ସାଙ୍ଗକୁ ଖୋଳ, ଖଞ୍ଜଣି, ଗିନି ଓ ଝାଞ୍ଜ ଧରି ଚାଲିଛି ନାମ ସଂକୀର୍ତ୍ତନ। ଫାଟି ପଡୁଛି ପାହାଡ଼ର ପାଦଦେଶ। ଦିନ ବେଳେ ସାଧୁସନ୍ଥଙ୍କ ଦର୍ଶନ ପାଇଁ ଭିଡ଼ ହୋଇଥିବା ବେଳେ ସନ୍ଧ୍ୟାରେ ମେଳା ବଜାରରେ ପ୍ରବଳ ଗହଳି ଦେଖିବାକୁ ମିଳୁଛି। ଭୁବନେଶ୍ୱରରେ ଅନେକ ମେଳାର ଆୟୋଜନ ହେଉଥିଲେ ମଧ୍ୟ ଖଣ୍ଡଗିରି ମେଳାର ଏକ ନିଆରା ଅନୁଭୂତି ରହିଛି। ପ୍ରବଳ ଜନଗହଳି ଭିତରେ ଉଦୟଗିରିର ଐତିହାସିକ ରାଣି ଗୁମ୍ଫା, ହାତୀ ଗୁମ୍ଫା ବୁଲିବାକୁ ବହୁ ଲୋକ ଆସୁଛନ୍ତି। ସେହିଭଳି ଖଣ୍ଡଗିରି ପାହାଡ ପଟେ ଐତିହାସିକ ଜୈନ୍ୟ ମନ୍ଦିର, ମା ବାରଭୂଜାଙ୍କ ପୀଠ ଗୁପ୍ତ ଗଙ୍ଗା ଓ ଦେବ ସଭା ଦେଖିବାକୁ ପ୍ରବଳ ଲୋକଙ୍କ ସମାଗମ ହେଉଛି। ସନ୍ଧ୍ୟାରେ ଖଣ୍ଡଗିରି ଟ୍ରାଫିକ ଛକରୁ ପାହାଡ଼ ପାଦଦେଶ ଯାଏଁ ପ୍ରବଳ ଗହଳି ଦେଖିବାକୁ ମିଳିଛି।

ଅଲୋଡ଼ା ଶୂନ୍ୟ ମନ୍ଦିର

ମା' ବାରଭୂଜାଙ୍କ ଠିକ୍ ଉପର ଭାଗକୁ ରହିଛି ଶୂନ୍ୟ ମନ୍ଦିର। ଏହି ମନ୍ଦିରରେ କୌଣସି ଦେବଦେବୀ ପୂଜା ପାଉ ନ ଥିଲେ ବି ଏକଦା ଏଠାରେ ସବୁ ଦେବଦେବୀଙ୍କ ମିଳନ ସ୍ଥଳ ଥିଲା ବୋଲି ବିଶ୍ୱାସ କରାଯାଏ। ଏବେ ମନ୍ଦିର ଯେଉଁ ଅବସ୍ଥାରେ ଅଛି ପୂର୍ବରୁ ଆହୁରି ବଡ଼ ଥିଲା। ତେବେ ବର୍ତ୍ତମାନ ମନ୍ଦିର ଭାଙ୍ଗି ଯାଇଥିବା ବେଳେ ଏହାର ଭଗ୍ନାବଶେଷ ଖଣ୍ଡ ଖଣ୍ଡ ହୋଇ ଏଣେ ତେଣେ ପଡ଼ିଥିବା ଦେଖିବାକୁ ମିଳିଛି। ମାଘ ମେଳା ଅବସରରେ ଲୋକମାନେ ଏହି ମନ୍ଦିର ଦେଖିବାକୁ ଭିଡ଼ ଜମୁଛି।

ପାର୍କିଂ ଫି' କୁ ନେଇ ଅସନ୍ତୋଷ

ଖଣ୍ଡଗିରି ମେଳାକୁ ନେଇ ଗତ ମାସେ ପୂର୍ବରୁ ବିଏମ୍‌ସିର ସଜବାଜ ଆରମ୍ଭ ହୋଇଥିଲା। ପାଞ୍ଚ ପାଞ୍ଚଟି ସ୍ଥାନରେ ଗାଡି ରଖିବାକୁ ସ୍ଥାନ ନିରୂପଣ କରାଯାଇଛି। ଖଣ୍ଡଗିରି ଓଭରବ୍ରିଜ ତଳ, ଖାରବେଳ ପାର୍କ, ଥାନା ଠାରୁ ପ୍ରାଚୀ ହୋଟେଲ ଓ ଜାଗମରା ପଟକୁ ମଧ୍ୟ ଗୋଟେ ପାର୍କିଂସ୍ଥଳ ରହିଛି। ନିଲାମ ପରେ ଠିକାଦାରମାନେ ଜାଗା ଆଣି ପାର୍କିଂ ବ୍ୟବସାୟ ଆରମ୍ଭ କଲେ। ଏହି ପାର୍କିଂ ପାଇଁ ବିଏମ୍‌ସି ଦୁଇ ଓ ତିନି ଚକିଆ ଯାନ ପାଇଁ ୨୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ପାର୍କିଂ ନିଲାମ ଆଣିଥିବା ଠିକାଦାରମାନେ ଦୁଇରୁ ଅଢ଼େଇ ଗୁଣା ବଢ଼ାଇ ମନଇଛା ୪୦ ରୁ ୫୦ ଟଙ୍କା ଦେୟ ଆଦାୟ କରୁଛନ୍ତି ବୋଲି ଲୋକ ଅଭିଯୋଗ କରିଛନ୍ତି। ସେହିଭଳି ୪ଚକିଆ ଯାନ ରଖିବା ପାଇଁ ୩୦ ରୁ ୪୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ୧୫୦ ରୁ ୨ଶହ ଟଙ୍କା ନିଆଯାଉଛି। ଏହାଛଡ଼ା ଦୁଇ ଘଣ୍ଟାରୁ ଅଧିକ ସମୟ ରଖିଲେ ଆଉ ଅଧିକ ଦେବାକୁ ମଧ୍ୟ ପଡୁଛି। ଗାଡ଼ି ରଖିବା ବେଳେ ଦେଉଥିବା ରସିଦରେ ମଧ୍ୟ ସେମିତି କିଛି ତଥ୍ୟ ନାହିଁ। ୬ଟି ଯାତ୍ରା ପେଣ୍ଡାଲକୁ ଦିନକୁ ଆସୁଥିବା ପ୍ରାୟ ୧୨ ହଜାର ଲୋକ ଓ ସେହିଭଳି ଦିନରେ ବୁଲିବାକୁ ଆସୁଥିବା ଲୋକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇ ପାର୍କିଂ ଫି ଆଦାୟ କରିବା ବାହାନାରେ ସାଧାରଣ ଲୋକଙ୍କ ତଣ୍ଟି ଚିପୁଥିବା କିଛି ଲୋକ କହିଛନ୍ତି। ବିଏମ୍‌ସି ପକ୍ଷରୁ ମଧ୍ୟ କୌଣସି ଯାଞ୍ଚ କରାଯାଉନାହିଁ। ବିଏମ୍‌ସି ସବୁ ଜାଣି ଆଖିମୁଜି ଦେଉଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଛି।

ଫୁଡ୍ ବଜାରରେ ଭିଡ଼

ଆଜି ଖଣ୍ଡଗିରି ମେଳାର ୫ମ ଦିନରେ ପ୍ରବଳ ଜନସମାଗମ ବଢ଼ିବାରେ ଲାଗିଛି। ସନ୍ଧ୍ୟାରେ ଫୁଡ ବଜାରରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ପରିବାର ସହ ମେଳା ବୁଲିବାକୁ ଆସିଥିବା ପରିଦର୍ଶକମାନେ ଚାଟ୍, ଗୁପଚୁପ, ପାମ୍ପୁଡି ଚାଟ୍, ଝାଲ ମୁଢ଼ି, ବରା ଗୁଗୁନି ଆଦି ଚଟପଟା ଖାଦ୍ୟ ଖାଇବାକୁ ବିଭିନ୍ନ ବର୍ଗର ଲୋକଙ୍କ ଭିଡ ଜମିଥିଲା।

ମେଳାରେ ଚର୍ଚ୍ଚିତ ପୁରୁଣା ମୁହଁ

ସବୁ ବର୍ଷ ଭଳି ଏବର୍ଷ ମଧ୍ୟ ଖଣ୍ଡଗିରିକୁ ଜୁନା ଆଖଡ଼ା ବଦ୍ରିନାଥରୁ ଆସିଛନ୍ତି ଡାକ୍ତର ବାବା ମହନ୍ତ ମୋହନ ଗିରି। ଖଣ୍ଡଗିରିରେ ଜପତପ କରିବା ପାଇଁ ବାବା ଆସିଛନ୍ତି। ସେ ନିଜକୁ ଜଣେ ଆୟୁର୍ବେଦିକ ଚିକିତ୍ସକ ବୋଲି କୁହନ୍ତି। ତେଣୁ ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ବାବା ଖଣ୍ଡଗିରିରେ ଚର୍ଚ୍ଚାରେ ଅଛନ୍ତି। ସେହିପରି

ଏଥର ବି ଷ୍ଟାଣ୍ଡିଂ ବାବା

ଷ୍ଟାଣ୍ଡିଂ ନାଗା ବାବା ମହନ୍ତ ଚନ୍ଦନ ଗିରି ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ କାଶୀ ହରିଦ୍ୱାରରୁ ଖଣ୍ଡଗିରି କୁମ୍ଭ ମେଳାକୁ ଆସିଛନ୍ତି। ଦୀର୍ଘ ୩୫ ବର୍ଷ ହେବ ଛିଡା ହୋଇ ପତସ୍ୟା କରୁଛନ୍ତି। ବାବା ମହନ୍ତ ନାଗା ସାଧୁ ଚନ୍ଦନ ଗିରିଙ୍କୁ ଦେଖିବାକୁ ବହୁ ସଂଖ୍ୟାରେ ଭକ୍ତ ଶରଣାପନ୍ନ ହୋଇ ନିଜ ପାରିବାରିକ, ବ୍ୟକ୍ତିଗତ ଏବଂ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପରାମର୍ଶ ନେଉଥିବା ଦେଖିବାକୁ ମିଳିଛି। ବାବାଙ୍କ ଦୀର୍ଘ ବର୍ଷ ଧରି ଠିଆ ହୋଇ ଜପତପ କରିବା ପାଇଁ ଖଣ୍ଡଗିରିରେ ସେ ବେଶ ଚର୍ଚ୍ଚାରେ ଅଛନ୍ତି। ଏହାସହ ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ମେଳାକୁ ଉଜ୍ଜୟିନୀରୁ ପୁଣି ଆସିଛନ୍ତି ବମ ବମ ପୁରୀ ଦିଗାମ୍ବର ବାବା। ତାଙ୍କୁ ଖଣ୍ଡଗିରିରେ ଅଧିକ ଶାନ୍ତି ମିଳେ ବୋଲି ସେ କହିଛନ୍ତି। ତେଣୁ ସେ ପ୍ରତିବର୍ଷ ଖଣ୍ଡଗିରି ମେଳା ଆସୁଛନ୍ତି। ଜଗତ କଲ୍ୟାଣ ପାଇଁ ସେ ଏଠାରେ ଜପତପ କରିବା ସହ ଆହୁତି ପ୍ରଦାନ କରୁଛନ୍ତି। ତାଙ୍କ ପାଖରେ ମଧ୍ୟ ସବୁଦିନ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ତେବେ ତାଙ୍କ ଖଣ୍ଡା ପାଇଁ ସେ ବେଶ ଚର୍ଚ୍ଚାରେ ଅଛନ୍ତି।



ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, ୨୯।୧(ସମିସ): ଖଣ୍ଡଗିରି ପାଣ୍ଠୀକାଠାରେ ଐର ଖାରବେଳ ମହୋତ୍ସବ କମିଟି ଏବଂ ଅନୁଚିନ୍ତନମର ମିଳିତ ଆନୁକୂଲ୍ୟରେ ଖଣ୍ଡଗିରି କୁମ୍ଭମେଳା ଅବସରରେ ଆନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମଞ୍ଚରେ ପ୍ରଜ୍ଞା ନୃତ୍ୟାୟନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ, ଦେବଜ୍ୟୋତି ନସ୍କର ଓ ଗ୍ରୁପ ପକ୍ଷରୁ କଥକ ଓ ବ୍ରେଲି ନୃତ୍ୟ ପରିବେଷଣ କରିଥିଲେ, ବିନାକେଶରି ନୃତ୍ୟ ମଞ୍ଜରି ପକ୍ଷରୁ ପାଲ୍ଲୀ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ବାବୁ ସିଂ ଓ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ସରୋଜ କର, କାଳନ୍ଦୀ ସାମଲ, ବିରଞ୍ଚି ତ୍ରିପାଠୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସେକ୍ରେଟେରୀ ଡ.ଚନ୍ଦ୍ର ଶେଖର ହୋତା, ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, କର୍ପୋରେଟର ରାମଚନ୍ଦ୍ର ରଣସିଂ, ସୁଜାତା ଛୋଟରାୟ, ସୁଚିତ୍ରା ପାତ୍ର, ଅମରେଶ ଜେନା, ବିରଞ୍ଚି ନାରାୟଣ ମହାସୁପକାର, ମଣ୍ଡଳ ସଭାପତି ଆରତି ଭୂଇଆ, ଜିତୁ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଚିନ୍ତନମର ପ୍ରତିଷ୍ଠାତା ଡାଃ ଶ୍ରୀନିବାସ ଘଟୁଆରି ମଞ୍ଚ ପରିଚାଳନା କରିଥିଲେ।



ଡେଲିଭରି ବୟଙ୍କୁ ହତ୍ୟା କରି ଫିଙ୍ଗିଦେଲେ!



ଭୁବନେଶ୍ୱର, ୨୯।୧(ସମିସ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଗାଁ ନିକଟସ୍ଥ ଗଙ୍ଗୁଆ ନାଳ କଡ଼ରୁ ଜଣେ ଯୁବକଙ୍କ ମୃତଦେହକୁ ପୁଲିସ ଗୁରୁବାର ଅପରାହ୍ଣରେ ଜବତ କରିଛି। ଜବତ ହୋଇଥିବା ମୃତଦେହଟି ଡେଲିଭରି ବୟ ନିଳାମ୍ବର ଭୋଇ (୨୭)ଙ୍କର ବୋଲି ଜଣାପଡ଼ିଛି। ନୀଳାମ୍ବରଙ୍କ ପୈତୃକ ଘର ବୌଦ୍ଧ ଜିଲ୍ଲା ମନମୁଣ୍ଡାରେ ହୋଇଥିବା ବେଳେ ସେ ବେଶ କିଛିଦିନ ହେବ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ମହାଦେବ ନଗରରେ ରହୁଥିବା ଜଣାପଡ଼ିଛି। ତେବେ ନୀଳାମ୍ବରଙ୍କ ମୃତଦେହ ନିକଟରୁ ପୁଲିସ ସେ ବ୍ୟବହାର କରୁଥିବା ଏକ ସାଇକେଲ ଜବତ କରିଥିବା ବେଳେ ନିକଟରେ ଥିବା ଏକ ଗଛରେ ଏକ ଓଢ଼ଣୀ ଝୁଲୁଥିବା ଦେଖିବାକୁ ମିଳିଛି। ଯଦିଓ ଗଛରେ ଓଢଣୀ ଝୁଲିଥିଲା, କିନ୍ତୁ ନିଳାମ୍ବରଙ୍କ ମୃତ ଦେହଟି ଗଛ ତଳେ ପଡ଼ିଥିବାରୁ କେହି ତାଙ୍କୁ ହତ୍ୟା କରି ଏହି ନିଛାଟିଆ ଜାଗାରେ ଫୋପାଡି ଦେଇଥାଇପାରେ ବୋଲି ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ତେଣୁ ପୁଲିସ ଏହି ମାମଲାକୁ ଗମ୍ଭୀରତା ସହ ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତ ନିଳାମ୍ବରଙ୍କୁ କେହି ଏଠାରେ ହତ୍ୟା କରି ଆଣି ଫୋପାଡ଼ି ଦେଇଛି ନା ସେ ସେଠାରେ ଆତ୍ମହତ୍ୟା

ବୁଧବାର ଠାରୁ ନିଖୋଜ ଥିଲେ

କରିଛନ୍ତି ତାହାର ତନାଘନାକୁ ଜୋରଦାର କରିଛି ପୁଲିସ। ଅନ୍ୟପକ୍ଷରେ ମାମଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ପଷ୍ଟରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ଏନେଇ ମଞ୍ଚେଶ୍ୱର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମାମଲାର ତନାଘନା କରାଯାଉଛି। ଘଟଣା ସଂକ୍ରାନ୍ତରେ ମଞ୍ଚେଶ୍ୱର ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି ଯେ, ନିଳାମ୍ବର ଭୋଇ ନିଖୋଜ ହେବା ନେଇ ଲକ୍ଷ୍ମୀସାଗର ଥାନାରେ ତାଙ୍କ ପରିବାର ଲୋକେ ବୁଧବାର ଅଭିଯୋଗ କରିଥିଲେ। ପରେ ଲକ୍ଷ୍ମୀସାଗର ପୁଲିସ ବୁଧବାର ରାତିରେ ନିଳାମ୍ବର ବ୍ୟବହାର କରୁଥିବା ମୋବାଇଲ ଫୋନର ଲୋକେସନ ଗଙ୍ଗୁଆ ନାଳ ନିକଟରେ ଦେଖାଇଥିଲା। ରାତି ହୋଇଯାଇଥିବାରୁ ପୁଲିସ ଉକ୍ତ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ କିଛି ପାଇ ନ ଥିଲା। ପରେ ଗୁରୁବାର ସକାଳେ ଉକ୍ତ ଅଞ୍ଚଳରେ ଛାନଭିନ୍ନ କରିବାରୁ ନିଳାମ୍ବରଙ୍କ ମୃତଦେହକୁ ପୁଲିସ ଜବତ କରିଥିବା ଥାନାଧିକାରୀ ଶ୍ରୀ ନାୟକ କହିଛନ୍ତି। ନୀଳାମ୍ବର ବିବାହିତ ହୋଇଥିବା ବେଳେ ତାଙ୍କର ଶିଶୁ ପୁତ୍ରଟି ମଧ୍ୟ ଅଛି। ତେଣୁ କେଉଁ କାରଣରୁ ତାଙ୍କୁ କିଏ ହତ୍ୟା କରିଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହାର ପୁଲିସ ତଦନ୍ତ କରୁଛି। ନିଳାମ୍ବର ଏକ ଘରୋଇ କମ୍ପାନୀରେ ଡେଲିଭରି ବୟ ଭାବେ କାମ କରନ୍ତି।

ଉତ୍କଳ ଅଶାନ୍ତ; ଧାରଣାରେ ବସିଲେ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୨୯।୧(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ମଧ୍ୟରେ ଥିବା ବିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଛାତ୍ରଛାତ୍ରୀ। ଶିକ୍ଷା ବିଭାଗର ଅଧ୍ୟକ୍ଷ ଡ. ଶରତ କୁମାର ସାହୁ ବିଭିନ୍ନ ବେଆଇନ କାର୍ଯ୍ୟ ଓ ଦୁର୍ନୀତିରେ ସମ୍ପୃକ୍ତ ଥିବା ସେହି ବିଭାଗରେ କାର୍ଯ୍ୟରତ ଅଧ୍ୟାପକ ଅଭୟ ପରିଡ଼ା ଅଭିଯୋଗ ଆଣିଥିଲେ। ସେହି ସମାନ ଅଭିଯୋଗ କରି ଗୁରୁବାର ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଅଭିଯୋଗର ତଦନ୍ତ କରିବାକୁ ଦାବି କରିଛନ୍ତି। ତାଙ୍କ ନିଯୁକ୍ତିକୁ ବେଆଇନ ବୋଲି ଦାବି କରିବା ସହିତ ପୂର୍ବରୁ ମହିଳା ଅଧ୍ୟାପିକାଙ୍କୁ ମାନସିକ ନିର୍ଯ୍ୟାତନା ଦେଇଥିବା ଦର୍ଶାଇଛନ୍ତି। ଏନେଇ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଧାରଣା ଦେଇଥିବା ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରି କହିଛନ୍ତି ଯେ ଘଟଣାର ତଦନ୍ତ କରିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯିବ। ଦୁଇ ସପ୍ତାହ ମଧ୍ୟରେ ତଦନ୍ତ ସାରି ଅଭିଯୋଗରେ ସତ୍ୟାସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ଧାରଣା ପ୍ରତ୍ୟାହୃତ ହୋଇଛି।

ଆଖୁ ସଂକ୍ରାନ୍ତ ପଞ୍ଚବାର୍ଷିକ ସମୀକ୍ଷା ବୈଠକ



ଭୁବନେଶ୍ୱର, ୨୯ ।୧(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଆଖୁ ଉପରେ ୩ ଦିନିଆ ପଞ୍ଚବାର୍ଷିକ ସମୀକ୍ଷା ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୨୦୨୧ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ବିଶ୍ୱ ବିଦ୍ୟାଳୟ ଅଧୀନରେ ଆଖୁ ଚାଷ ଉପରେ ରାଜ୍ୟରେ ହୋଇଥିବା ବିଭିନ୍ନ ଗବେଷଣା, ଫଳାଫଳ ଓ ସମସ୍ୟା ବାବଦରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବୈଠକକୁ ସମ୍ବୋଧିତ କରି ଆଖୁ ଚାଷର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ସେହିଭଳି ପୂର୍ବରୁ ଲୋକଲୋଚନକୁ ଆସିପାରୁ ନ ଥିବା ଏହି ଆଖୁ ବର୍ତ୍ତମାନ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ହିତକାରୀ ହେଉଥିବାରୁ ଏହା ଆଗାମୀ ଦିନରେ ଚାଷୀଙ୍କୁ ଅନେକ ଲାଭ ପ୍ରଦାନ କରିବ ବୋଲି ପ୍ରଫେସର ରାଉଳ ମତ ଦେଇଛନ୍ତି। ସେହିପରି କ୍ୟୁଆରଟି ଅଧ୍ୟକ୍ଷ ତଥା ସିଏସ୍‌ୟୁଏଟି, କାନପୁରର ପୂର୍ବତନ କୁଳପତି ଡ. ଏସ୍. ସୋଲୋମନ ଯୋଗ ଦେଇ ଆଖୁ ଚାଷର ସକାରାାକ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଡ଼. ସୁଜାତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆଇସିଏଆର, ଆଇଏସ୍‌ଆରଆର ଲକ୍ଷ୍ନୌ ପ୍ରୋଜେକ୍ଟ କୋଓର୍ଡିନେଟର ଓ ନିର୍ଦ୍ଦେଶକ (କାର୍ଯ୍ୟବାହକ) ଡଡି ସିଂହ ବୈଠକ ବାବଦରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ୩ ଦିନ ଧରି ଚାଲୁଥିବା ଏହି କାର୍ଯ୍ୟକ୍ରମ ନୟାଗଡ଼ ଜିଲ୍ଲା ଏଆଇସିଆରପି ଆଖୁ ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜନ କରାଯାଇଛି।

ଫେବୃଆରୀ ୧୨ରୁ ଆଉଟରିଚ୍ ଆଙ୍କର ଟ୍ରେନିଂ

ଭୁବନେଶ୍ୱର, ୨୯ ।୧(ସମିସ): ରେଡିଓ ମେଳା ଅବସରରେ ଆଉଟରିଚ୍ ପକ୍ଷରୁ ୧୨ ଫେବୃଆରୀରୁ ସ୍ଥାନୀୟ ଏକାମ୍ର ହାଟ କନଫରେନ୍ସ ହଲ୍‌ରେ ଆଉଟରିଚ୍ ଆଙ୍କର ତାଲିମ କର୍ମଶାଳା ଅନୁଷ୍ଠିତ ହେବ। ଚାରି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଆଉଟରିଚ୍ ଆଙ୍କର ଟ୍ରେନିଂ କର୍ମଶାଳାରେ ନ୍ୟୁଜ ଆଙ୍କରିଂ, ପ୍ରୋଗ୍ରାମ ଆଙ୍କରିଂ, ଆର୍ଜେଇଙ୍ଗ, ଲାଇଭ ରିପୋର୍ଟିଂ, ଭଏସ୍ ଓଭର ଓ ଷ୍ଟେଜ ଆଙ୍କରିଙ୍ଗ ଆଦି ବିଷୟରେ ଆଲୋଚନା କରାଯିବ ବୋଲି ଆଉଟରିଚର ମୁଖ୍ୟ ସୁବ୍ରତ କୁମାର ପତି କହିଛନ୍ତି।

ଭୀମେଶ୍ୱର ମନ୍ଦିରକୁ ଯାତ୍ରା କଲେ ଲିଙ୍ଗରାଜ

ଭୁବନେଶ୍ୱର, ୨୯ ।୧(ସମିସ): ମାଘ ମାସ ଭୌମ୍ୟ ଏକାଦଶୀ ବା ବଡ ଏକାଦଶୀରେ ଲିଙ୍ଗରାଜ ମହାପ୍ରଭୁ ଭୀମେଶ୍ୱର ମନ୍ଦିରକୁ ଯାତ୍ରା କରିଥାନ୍ତି। ଦ୍ୱିପ୍ରହର ବେଶ ପରେ ବୀରରେଶରୀ ବଲ୍ଲଭ, ଧୂପ ଠା ବସି ଚଳନ୍ତିପ୍ରତିମା ଲିଙ୍ଗରାଜ, ଦେବୀ ଦୁର୍ଗା, ପାର୍ବତୀ, ବାସୁଦେବ ଦକ୍ଷିଣୀ ଘରୁ ବିମାନଙ୍କୁ ବିଜେ ହୋଇଥିଲେ। ସମାରୋହରେ ଯମେଶ୍ୱର ସାହି ପାଟଣା ବାଟେ ଲିଙ୍ଗରାଜ ଭୌମ୍ୟ ଏକାଦଶୀର ଭବ୍ୟ ପଟୁଆରରେ ଭୀମେଶ୍ୱର ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଭୀମକୁଣ୍ଡ ଜଳରେ ସ୍ନାନ କରି ଭାମେଶ୍ୱର ମନ୍ଦିର ପକ୍ଷରୁ ନୂଆ ପାଟ ପରିଧାନ ହୋଇ ବେଶ ହୋଇଥିଲେ। ପରେ ମୁଆଁ ଭୋଗ ମଣୋହି ହୋଇ ଭାମେଶ୍ୱରଙ୍କ ସହିତ ଭେଟ ଆଳତି ହୋଇଥିଲା। ଭୀମେଶ୍ୱର ମନ୍ଦିରରୁ ପ୍ରତ୍ୟାବର୍ତ୍ତନ ସମୟରେ ଯମେଶ୍ୱର ପାଟଣା ଗଣେଶ ପିଣ୍ଡି ନିକଟରେ ରହଣୀ କରି ଭାରତୀ ମଠ ପକ୍ଷରୁ ପନ୍ତୀ ଭୋଗ ଗ୍ରହଣ ସାରି ମନ୍ଦିରକୁ ବିଜେ କରିଥିଲେ। ପରେ ଅନ୍ୟାନ୍ୟ ନୀତି ହୋଇ ମନ୍ଦିର ପହୁଡ ହୋଇଥିଲେ।

ପାଞ୍ଚଜଣଙ୍କୁ 'ସାହିତ୍ୟ ଉତ୍କର୍ଷ ସମ୍ମାନ'

ଭୁବନେଶ୍ୱର, ୨୯ ।୧(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ 'ତୃତୀୟ ରାଜ୍ୟସ୍ତରୀୟ କଳାଭୂମି ସାହିତ୍ୟ ଉତ୍ସବ-୨୦୨୬' ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଏକାମ୍ର ବିଧାୟକ ବାବୁ ସିଂ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କବିତାରେ ପ୍ରଦୀପ ବିଶ୍ୱାଳ, ନାଟକରେ ସୁବୋଧ ପଟ୍ଟନାୟକ, ପ୍ରବନ୍ଧରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଗଳ୍ପରେ ସରୋଜ ବଳ ଓ ପତ୍ରିକା ସମ୍ପାଦନାରେ ମମତା ମହାପାତ୍ରଙ୍କୁ 'ସାହିତ୍ୟ ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ବରିଷ୍ଠ କବି ରମାକାନ୍ତ ରାଉତଙ୍କ 'କବିକାର କଥା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହାସହ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ '୨୦୩୬: ବିକଶିତ ଓଡ଼ିଶା ପାଇଁ ଭାଷା ସାହିତ୍ୟର ଭୂମିକା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କଳାଭୂମି ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାହିତ୍ୟ ଉତ୍ସବକୁ ଡ. ଶ୍ରୀନିବାସ ଘଟୁଆରି ସଂଯୋଜନା କରିଥିଲେ। ଉତ୍ସବରେ ଶହେରୁ ଊର୍ଦ୍ଧ୍ୱ ଯୁବ ଓ ବରିଷ୍ଠ ସାହିତ୍ୟିକଙ୍କ କବିତା, ଗପ ପାଠ ସହ ଓଡିଶୀ ଶାସ୍ତ୍ରୀୟ ଛାନ୍ଦ ଚମ୍ପୁ ପରିବେଷଣ କରାଯାଇଥିଲା।

ଘରୋଇଶୈଳୀ ରନ୍ଧାଖାଦ୍ୟ ଯୋଗାଇବ କଳିଙ୍ଗସ୍ କିଚେନ

ନନ୍ଦନକାନନ, ୨୯।୧(ସମିସ): କଳିଙ୍ଗ ଗ୍ରୁପ୍ ତରଫରୁ 'କଳିଙ୍ଗସ୍ କିଚେନ୍' ଖାଦ୍ୟ ଯୋଗାଣ ସେବା ଆରମ୍ଭ କରିବା ନେଇ ଘୋଷଣା କରାଯାଇଛି। ଯାହାକି ଏକ ମାସିକିଆ ଖାଦ୍ୟ ବରାଦ ସେବା ପ୍ରକ୍ରିୟାରେ ଭୁବନେଶ୍ୱର ଅଞ୍ଚଳର ବିଭିନ୍ନ ବର୍ଗର ଲୋକମାନଙ୍କୁ ଯୋଗାଇ ଦିଆଯିବ ବୋଲି ସଂସ୍ଥାର ନିର୍ଦ୍ଦେଶୀକା ସିକତା ଦାସ ଓ ପରିଚାଳନା ନିର୍ଦ୍ଦେଶକ ଟୁଟୁଲ କିଶୋର ଦାସ ପ୍ରକାଶ କରିଛନ୍ତି।

ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଯାଁଳା, ୨୯।୧(ସମିସ): ଇନଫୋସିଟି ଥାନା ୧୬ ନମ୍ବର ଜାତୀୟ ରାଜପଥ ଓଗାଳପଡ଼ା ଛକରେ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଓଗାଳପଡ଼ା ଗ୍ରାମର ଉପେନ୍ଦ୍ର ବେହେରା (୬୦)।

ମିଳିଥିବା ସୂଚନା ଅନୁସାରେ ସକାଳ ୬ଟା ବେଳେ ଉପେନ୍ଦ୍ର ଘରୁ କୌଣସି କାମରେ ୧୬ ନମ୍ବର ଜାତୀୟ ରାଜପଥ ଓଗାଳପଡ଼ା କାଠଗୋଲା ସମ୍ମୁଖରେ ରାସ୍ତାପାରି ହେଉଥିଲେ। ସେହି ସମୟରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉପେନ୍ଦ୍ର ଡିଭାଇଡର ଉପରକୁ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡ, କାନରେ ଗଭୀର ଆଘାତ ଲାଗିଥିଲା। ଗାଡିଟି ଘଟଣାସ୍ଥଳରୁ ଖସି ଯିବାରେ ସକ୍ଷମ ହୋଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତାରୋକ କରିଥିଲେ। ପ୍ରାୟ ଅଧ ଘଣ୍ଟା କାଳ ଜାତୀୟ ରାଜପଥ ଜାମ ହୋଇଯାଇଥିଲା। ଖବର ପାଇ ଇନଫୋସିଟି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲା। ଏନେଇ ତାଙ୍କ ଭାଇ ପ୍ରଭାକର ବେହେରା ଇନଫୋସିଟି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ରାଜପଥର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଖୋଜୁଛି।

ସ୍ତ୍ରୀର ଆତ୍ମହତ୍ୟା; ସ୍ୱାମୀ ଗିରଫ

ଭୁବନେଶ୍ୱର, ୨୯।୧(ସମିସ): ନିର୍ଯାତନା ସହି ନ ପାରି ସ୍ତ୍ରୀ ଆତ୍ମହତ୍ୟା କରିଥିବା ଅଭିଯୋଗରେ ସ୍ୱାମୀଙ୍କୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ରିପୋର୍ଟ ଅନୁଯାୟୀ, ସୋନାଲି ସ୍ୱାଇଁ ପ୍ରାୟ ୮ ବର୍ଷ ପୂର୍ବେ ବିବାହ କରିଥିଲେ। ଦମ୍ପତିଙ୍କର ପ୍ରାୟ ୬ ବର୍ଷ ବୟସର ଗୋଟିଏ ପୁଅ ସନ୍ତାନ ରହିଛି। ବିବାହ ପରେ ଦମ୍ପତି ଗତ ଆଠ ମାସ ଧରି ପୃଥକ ଭାବରେ ରହୁଥିଲେ। ୨୬ ତାରିଖରେ ସୋନାଲିଙ୍କ ସ୍ୱାମୀ ତାଙ୍କୁ ଫୋନରେ ମିଳାମିଶା ପାଇଁ ଫେରିବାକୁ ଅନୁରୋଧ କରିଥିଲେ। ତଦନୁସାରେ ୨୭ ତାରିଖରେ ମୃତକ ପୁରୁଣା ସହର ଗୌରୀ ନଗରର ଅଭିଯୁକ୍ତର ଭଡା ଘରକୁ ଆସିଥିଲେ। ସେହି ସନ୍ଧ୍ୟାରେ ମୃତକ ଉକ୍ତ ଘରଭିତରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି ସୋନାଲିଙ୍କ ସମ୍ପର୍କୀୟ ଅଶୋକ ସାହୁ।

୩୧ରୁ 'ଉପନିଷଦ୍ ଜ୍ଞାନାମୃତ'



ଭୁବନେଶ୍ୱର, ୨୯ ।୧(ସମିସ): ବ୍ରଜ ଗୋପିକା ସେବା ମିଶନ ପକ୍ଷରୁ ଚଳିତ ମାସ ୩୧ ତାରିଖରୁ ଫେବୃଆରୀ ୯ତାରିଖ ଯାଏ ସ୍ଥାନୀୟ ଲକ୍ଷ୍ମୀସାଗର ମେଳଣ ପଡ଼ିଆରେ 'ଉପନିଷଦ୍ ଜ୍ଞାନାମୃତ' ଅନୁଷ୍ଠିତ ହେବ। ୧୦ଦିନ ଧରି ଚାଲିବାକୁ ଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଜଗଦ୍‌ଗୁରୁ ଶ୍ରୀକୃପାଳୁଜୀ ମହାରାଜଙ୍କର ପ୍ରମୁଖ ପ୍ରଚାରିକା ପୂଜନୀୟା ରାସେଶ୍ୱରୀ ଦେବୀଜୀ 'ଉପନିଷଦ୍ ଜ୍ଞାନାମୃତ' ପ୍ରଦାନ କରିବେ। ୧୦ଦିନ ଧରି ପ୍ରତି ସନ୍ଧ୍ୟା ୬ଟା୩୦ରୁ ରାତି ୮ଟା୩୦ ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମରେ ରାସେଶ୍ୱରୀ ଦେବୀଜୀ ସମନ୍ୱିତ, ସାର୍ବଜନୀନ ଓ ସନାତନ ଦର୍ଶନର ଉପସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମରେ ରାସେଶ୍ୱରୀ ଦେବୀଜୀ ଉପନିଷଦ୍ ଗୁଡ଼ିକର ଗଭୀର ତତ୍ତ୍ୱକୁ ଅତ୍ୟନ୍ତ ସରଳ, ସ୍ପଷ୍ଟ ଓ ସହଜ ଭାଷାରେ ପଉପସ୍ଥାପନ କରିବେ ବୋଲି ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରଜ ଗୋପିକା ସେବା ମିଶନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ।

ଓଡ଼ିଶା ରିୟଲ ଇଷ୍ଟେଟ ଡେଭେଲପର୍ ସଂଘର ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର, ୨୯ ।୧(ସମିସ): ଓଡ଼ିଶା ରିୟଲ ଇଷ୍ଟେଟ ଡେଭେଲପର ସଂଘର ସାଧାରଣ ପରିଷଦ ବୈଠକ ସଂଘର ସଭାପତି ନିଶିଥ ରଞ୍ଜନ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶା ରେରା ଅନୁପାଳନ ଓ ଯୋଜନା କର୍ତ୍ତୃପକ୍ଷଙ୍କ ଠାରୁ ଦଖଲ ପ୍ରମାଣପତ୍ର ପାଇବାରେ ବିଳମ୍ବ ଉପରେ ଆଲୋଚନା ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଦେବକାନ୍ତ ପଟ୍ଟନାୟକ ଓଡ଼ିଶା ରେରା ଅନୁପାଳନ ସଂକ୍ରାନ୍ତ ଆଲୋଚନା କରିଥିଲେ। ଏଥିସହିତ ଓଡ଼ିଶା ରିୟଲ ଇଷ୍ଟେଟ ଡେଭଲପର ସଂଘର ଏକ ପ୍ରତିନିଧି ଦଳ ଏବଂ ଏହାର କର୍ମକର୍ତ୍ତାମାନେ ଓଡ଼ିଶା ରେରାର ଚେୟାରମ୍ୟାନଙ୍କୁ ସାକ୍ଷାତକରି ସମସ୍ୟାର ସମାଧାନ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ବୈଠକରେ ଆଲୋଚନା ହୋଇଛି। ତତ୍‌ସହିତ ଏହି ବୈଠକରେ ଯୋଜନା ଅଧିକାରୀଙ୍କ ଠାରୁ ଦଖଲ ପ୍ରମାଣପତ୍ର ପାଇବାରେ ଅନ୍ୟଥା ବିଳମ୍ବକୁ ନେଇ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସଂଗଠନର ଉପସଭାପତି ସମ୍ଭୁନାଥ ପତି ଚତୁର୍ଥ ଏଜେଣ୍ଡାରେ ନୂଆ କର୍ମକର୍ତ୍ତା କମିଟି ଏବଂ କାର୍ଯ୍ୟକାରୀ କମିଟି ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ସର୍ବସମ୍ମତି କ୍ରମେ ବିଜୟ କୁମାର ପାତ୍ର ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ଅଭୟ କୁମାର



ସ୍ୱାଇଁ ଏବଂ ସମ୍ଭୁନାଥ ପତି ରହିଛନ୍ତି। ସେହିଭଳି ସମ୍ପାଦକ ଭାବେ ଦେବକାନ୍ତ ପଟ୍ଟନାୟକ ଏବଂ ଯୁଗ୍ମ ସମ୍ପାଦକ ଭାବେ ଶୁଭେନ୍ଦୁ ତ୍ରିପାଠୀ ଏବଂ ଅମରେଶ ପରିଡ଼ା ସ୍ଥାନୀତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ସୁଶିଲ ସରଳିଆଙ୍କୁ ଦାୟିତ୍ୱ ଦିଆଯାଇଛି।

● ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର

'ମଧୁରମ୍ ମଧୁରାଧିପତି' ଓ 'ମଣିମା ଶୁଣିମା ହେଉ' ଲୋକାର୍ପିତ



ଭୁବନେଶ୍ୱର, ୨୯ ।୧(ସମିସ): ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନର ମିଳିତ ଆନୁକୂଲ୍ୟରେ 'ଭାବର ଠାକୁର ଶ୍ରୀଜଗନ୍ନାଥ' ଶୀର୍ଷକ ୨୧୨ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମନୋଜ କୁମାର ମହାପାତ୍ର ଯୋଗଦେଇଥିବା ବେଳେ ଏଥିରେ ସଭାପତି ଡ. ଅଶୋକ କୁମାର ମହାପାତ୍ର ପୌରୋହିତ୍ୟ କରିଥିଲେ। ଏହି ସଭାରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ବନଜ ଦେବୀଙ୍କ ଭାବପୂର୍ଣ୍ଣ ଗଦ୍ୟପୁସ୍ତକ 'ମଣିମା ଶୁଣିମା ହେଉ' ଓ ଚିତ୍ରଶିଳ୍ପୀ ବଳଦେବ ମହାରଥୀଙ୍କ ଚିତ୍ର ଓ ଗଦ୍ୟର ପୁସ୍ତକ 'ମଧୁରମ୍ ମଧୁରାଧିପତି' ପୁସ୍ତକ ସଭାରେ ଲୋକାର୍ପିତ ହୋଇଥିଲା। ଏହି ଅବସରରେ ମୁଖ୍ୟବକ୍ତା ଅସିତ ମହାନ୍ତି ଦୁଇଟି ପୁସ୍ତକର ସମୀକ୍ଷା କରିଥିଲେ। ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରିଥିଲା ବେଳେ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସାହିତ୍ୟାୟନର ବାର୍ଷିକ ସାହିତ୍ୟ ଆଲୋଚନା



ଭୁବନେଶ୍ୱର, ୨୯ ।୧(ସମିସ): ସାହିତ୍ୟ ଅନୁଷ୍ଠାନ 'ସାହିତ୍ୟାୟନ' ପକ୍ଷରୁ ପାତ୍ରପଡ଼ା ନିକଟସ୍ଥ ଲୋଟଣୀ ବରରେ ବାର୍ଷିକ ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସାହିତ୍ୟ ଆଲୋଚନା ଏବଂ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏହି ପାଠୋତ୍ସବରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ବସନ୍ତ ତ୍ରିପାଠୀ, ସୂର୍ଯ୍ୟମଣି ତ୍ରିପାଠୀ, ସୂର୍ଯ୍ୟ ମିଶ୍ର, ଇସ୍ରୋର ବୈଜ୍ଞାନିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଡ. ସୂର୍ଯ୍ୟ ଦେଓ, ଡ. ଅମ୍ବରିଶ ଶତପଥୀ, ଡ. ଦେବାଶିଷ ମହାପାତ୍ର, କବି ପ୍ରଣତି ମିଶ୍ର, କବି ଜ୍ୟୋତ୍ସ୍ନା ସାମନ୍ତରାୟ, ଯାଦୁ ରତ୍ନ ମହେନ୍ଦ୍ର ହରିଚନ୍ଦନ, ଗିରିଧାରି ସାହୁ, ଇଂ ବିନୋଦ ପାଢ଼ୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଭାପତି ଜୟକୃଷ୍ଣ ତ୍ରିପାଠୀ ଏବଂ ସମ୍ପାଦକ ସଞ୍ଜୟ ମହାନ୍ତି ପରିଚାଳନା କରିଥିଲେ।

ଗାଡ଼କଣ ବରିଷ୍ଠ ନାଗରିକ କମିଟିର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୯ ।୧(ସମିସ): ଗାଡ଼କଣ ବରିଷ୍ଠ ନାଗରିକ କମିଟିର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ, ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, କଂଗ୍ରେସ ମୁଖପାତ୍ର ମୁଖପାତ୍ର କୃଷ୍ଣଚନ୍ଦ୍ର ପତି, ରାଜ୍ୟ ବରିଷ୍ଠ ନାଗରିକ କମିଟି ସଭାପତି ମଧୁ ମାଧବ ଜେନା, ଗାଡ଼କଣ ଗ୍ରାମ ସଭାପତି ପ୍ରସନ୍ନ ପାତ୍ର, ଗ୍ରାମ କମିଟି ସମ୍ପାଦକ ତଥା କର୍ପୋରେଟରଙ୍କ ପ୍ରତିନିଧି ସବ୍ୟସାଚୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ କମିଟି ସଭାପତି ସୁର ପାତ୍ର ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ କମିଟି ଉପସଭାପତି ରସାନନ୍ଦ ସାହୁ, ସମ୍ପାଦକ କିଶୋର ସାହୁ, ସହ-ସମ୍ପାଦକ ବିଚିତ୍ର ପରିଡ଼ା, କୋଷାଧ୍ୟକ୍ଷ ଘନଶ୍ୟାମ ବେହେରା, ନେତ୍ରାନନ୍ଦ ସାହୁ, ସୁଶାନ୍ତ ନନ୍ଦ, ବେଣୁଧର ସାହୁ, ମୋହନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଉପଦେଷ୍ଟା ମଣ୍ଡଳୀ ଧୀରେନ୍ଦ୍ର ପତି, ନରେନ୍ଦ୍ର ଦାଶ, ସାନାତନ ପାତ୍ର, ବିହାରୀବନ୍ଧୁ ସାହୁଙ୍କୁ ସମ୍ମାନିତ କରାଯାଇଥିଲା।

ଟ୍ରାଫିକ ଥାନା ଆଗରେ ବେଆଇନ୍ କାମ

ସଚେତନତା ନାଁରେ ନିମ୍ନମାନର ହେଲ୍‌ମେଟ୍ ବଣ୍ଟନ

ଭୁବନେଶ୍ୱର, ୨୯।୧(ସମିସ): ଟ୍ରାଫିକ୍ ଥାନା ଆଗରେ ନିମ୍ନମାନର ହେଲେମେଟ୍ ବାଣ୍ଟି ସଚେତନତା। ସବୁ ଦେଖି ପୁଲିସ ଚୁପ୍‌ଚାପ ରହିଲା। ବଣ୍ଟା ହେବାକୁ ଥିବା ହେଲେମେଟ୍‌ରୁ ପ୍ରଥମେ ଟ୍ରାଫିକ ଥାନାର କିଛି ସଦସ୍ୟ ନିଜ ପାଇଁ ୪-୫ଟି ହେଲମେଟ୍ ନେଇଗଲେ। ଏହାପରେ ସଚେତନତା ନାଁରେ ଗୋଟିଏ ସଂସ୍ଥା ନିମ୍ନମାନର ହେଲେମେଟ୍ ବାଣ୍ଟି ଚାଲିଲା। ଯଦିଓ ବଣ୍ଟନକାରୀ ସଂସ୍ଥାର କୌଣସି ମନ୍ଦ ଉଦ୍ଦେଶ୍ୟ ନ ଥିଲା, ହେଲେ ଯେଉଁ ବ୍ୟକ୍ତି ବିଶେଷମାନେ ଏହି ହେଲେମେଟ୍ ନେଲେ ସେମାନଙ୍କ ସୁରକ୍ଷା ପ୍ରତି ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗୁରୁବାର ସକାଳୁ ଭୁବନେଶ୍ୱର ଏଜି ଛକ ସ୍ଥିତ ଟ୍ରାଫିକ ଥାନା-୧ ନିକଟରେ ଗୋଟିଏ ଅନୁଷ୍ଠାନର କିଛି ଛାତ୍ରାଛାତ୍ରୀ ଓ କର୍ତ୍ତୃପକ୍ଷ ରୁଣ୍ଡ ହୋଇଥିଲେ। ସେମାନେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ହେଲମେଟ୍ ଓ କିଛି ଗୋଲପ ଫୁଲ ଆଣିଥିଲେ। ଟ୍ରାଫିକ୍ ଥାନା ଆଗରେ ଠିଆ ହୋଇ ଯେଉଁମାନେ ଏହି ରାସ୍ତାରେ ବିନା ହେଲମେଟ୍‌ରେ ଆସିଥିଲେ ସେମାନଙ୍କୁ ଗୋଟିଏ ହେଲମେଟ୍ ଓ ଗୋଲାପଟିଏ ଦେଇ ହେଲ୍‌ମେଟ ପିନ୍ଧିବାକୁ ସଚେତନ କରାଇଥିଲେ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଟ୍ରାଫିକ ଥାନା ପୁଲ୍‌ସ ନିଜ କାର୍ଯ୍ୟାଳୟ ସାମନାରେ ରହି ଏହି ସମସ୍ତ ଦୃଶ୍ୟ ଦେଖୁଥିଲେ ମଧ୍ୟ କେଉଁମାନର ହେଲମେଟ୍ ଏଠାରେ ବଣ୍ଟନ ତାହା ଜାଣିବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ।



ବାଇକ ଚାଳକମାନେ ନିଜ ନିଜର ସୁରକ୍ଷା ନିମିତ୍ତ ପିନ୍ଧୁଥିବା ହେଲମେଟରେ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡର (ବିଆଇଏସ) ମାର୍କ ରହିବା ଅତ୍ୟନ୍ତ ଜରୁରୀ। ସେହିପରି ଆଇନଗତ ଭାବେ ଆଇଏସଆଇ ମାର୍କ ନ ଥିଲେ ସେହି ହେଲମେଟଗୁଡ଼କ ବଜାରରେ ବିକ୍ରି ହେବା ନିଷିଦ୍ଧ ଓ ଏହାକୁ ବକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଛି। ହେଲେ ଏହା ସତ୍ତ୍ୱେ ଟ୍ରାଫିକ ଥାନା-୧ ଆଗରେ ଏଭଳି ନିମ୍ନମାନର ହେଲମେଟ୍ ବଣ୍ଟନକାରୀଙ୍କୁ ଥାନା କର୍ତ୍ତୃପକ୍ଷ ରୋକି ନ ଥିଲେ। ବର୍ତ୍ତମାନ ବଜାରରେ ଶସ୍ତାରେ ବିନା ଆଇଏସଆଇ ମାର୍କା ହେଲମେଟ ବ୍ୟାପକ ଭାବେ ବିକ୍ରି ହେଉଛି, ଯାହାକି ସଡ଼କ ସୁରକ୍ଷା କ୍ଷେତ୍ରରେ ବଡ଼ ପ୍ରତିବନ୍ଧକ ସୃଷ୍ଟି କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ନକଲି ହେଲମେଟ ବା ବିନା ଆଇଏସଆଇ ହେଲମେଟ ଗୁଡ଼ିକ ନିମ୍ନମାନର ହୋଇଥିବାରୁ ଓ ଏଥିରେ ଆଘାତ ପ୍ରତିରୋଧ ଶକ୍ତି ନଥିବାରୁ ଗାଡ଼ି ଚାଳକ ଦୁର୍ଘଟଣା ସମୟରେ ମୃତ୍ୟୁମୁଖରେ ପଡ଼ୁଛନ୍ତି। ଏହି ନକଲି ହେଲମେଟ୍ ବିକ୍ରି ଓ ଗ୍ରାହକମାନଙ୍କୁ ଏଥିରୁ ରକ୍ଷା କରିବାକୁ ଅନେକ ସମୟରେ ପରିବହନ ବିଭାଗ ସଚେତନତା ମଧ୍ୟ କରୁଛି। ହେଲମେଟ୍ ଭାଙ୍ଗି ଲୋକଙ୍କୁ ସଚେତନ କରାଯିବା ସହିତ ଏସ୍‌ଟିଏ ପକ୍ଷରୁ ନିୟମିତ ବ୍ୟବଧାନରେ ସୋସିଆଲ ମିଡିଆରେ ମଧ୍ୟ ଏ ସମ୍ପର୍କରେ ଭିଡିଓ ପୋଷ୍ଟ କରାଯାଉଛି। ମାତ୍ର କିପରି ସ୍ଥିତିରେ ଭୁବନେଶ୍ୱରର ଏକ ପ୍ରମୁଖ ସ୍ଥାନରେ ସଚେତନତା ନାଁରେ ବାହାବା ନେବାକୁ ଗୋଟିଏ ସଂସ୍ଥା ଏହି ନକଲି ହେଲମେଟ୍ ବାଣ୍ଟୁଥିଲେ ମଧ୍ୟ ପୁଲିସ ଚୁପ ରହିଲା ତାକୁ ନେଇ ପ୍ରଶ୍ନ ଉଠିଛି।

ସକାଳ THE SAKALA

ଟ୍ରିପଲ ଇଞ୍ଜିନ ସରକାର ସତ୍ତ୍ୱେ ହେଉନି ମହାନଦୀ ଜଳ ବିବାଦ ସମାଧାନ

କଳମା ବ୍ୟାରେଜ ତଳ ବାଲିବନ୍ଧକୁ ଭାଙ୍ଗିଲା ମହାନଦୀ ବଞ୍ଚାଅ ଆନ୍ଦୋଳନ

ଝାରସୁଗୁଡ଼ା, ୨୯।୧(ସମିସ)

ଟ୍ରିପଲ ଇଞ୍ଜିନ ସରକାର ଚାଲିଥିବା ସତ୍ତ୍ୱେ ମହାନଦୀ ଜଳ ବିବାଦର ସମାଧାନ ହୋଇ ପାରୁନାହିଁ। ଏଣେ ରାଜ୍ୟ ସରକାର କେବଳ ବାହାସ୍ଫୋଟ ମାରୁଛନ୍ତି। ଗୁରୁବାର ଛତିଶଗଡ଼ କଳମା ବ୍ୟାରେଜ ତଳେ ଥିବା ବାଲିବନ୍ଧକୁ ପ୍ରତୀକାତ୍ମକ ଭାବେ ଭାଙ୍ଗି ମହାନଦୀ ବଞ୍ଚାଅ ଆନ୍ଦୋଳନ ସଦସ୍ୟ ନ୍ୟାୟ ଦାବି କରିଛନ୍ତି। ଉଭୟ ରାଜ୍ୟ ଓଡ଼ିଶା ଏବଂ ଛତିଶଗଡ଼ ସମେତ କେନ୍ଦ୍ରରେ ବିଜେପିର ଟ୍ରିପଲ ଇଞ୍ଜିନ ସରକାର ରହିଥିବା ସତ୍ତ୍ୱେ ମହାନଦୀ ଜଳ ବିବାଦର ସମାଧାନ ହୋଇପାରୁ ନାହିଁ। ଏହାର ବିରୋଧରେ ଗୁରୁବାର କଳମା ବ୍ୟାରେଜ ତଳେ ଥିବା ବାଲିବନ୍ଧକୁ ପ୍ରତିକାତ୍ମକ ଭାବ ଭଙ୍ଗା ଯାଇଛି। ଛତିଶଗଡ଼ ସରକାର ଚାଲାକିରେ ପ୍ରଥମେ କଳମା ବ୍ୟାରେଜର ସମସ୍ତ ଗେଟ ବନ୍ଦ କରିଛି। କେବଳ ଲୋକ ଦେଖାଣିଆ ଭାବେ ଗୋଟିଏ ଗେଟକୁ ଖୋଲା ରଖିଛି। ଅନ୍ୟପଟେ କଳମା ବ୍ୟାରେଜର ତଳ ମୁହାଣରେ ମଧ୍ୟ ପୁଣି ବାଲିବନ୍ଧ ବାନ୍ଧି ମହାନଦୀରୁ ନିର୍ଗତ ସାମାନ୍ୟ ପାଣିକୁ ଅଟକାଇ ଓଡ଼ିଶାରେ ଚିରସ୍ରୋତା ମହାନଦୀ ପଠାକୁ ମରୁଭୂମିର ରୂପ ଦେବା ପାଇଁ ପ୍ରୟାସ କରୁଛି। ଏହାର ବିରୋଧରେ ମହାନଦୀ ପାଇଁ ନ୍ୟାୟ ଦାବି କରି ଗୁରୁବାର ଅଭିନବ ଉପାୟରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପ୍ରତିବାଦ କରାଯାଇଛି। ବିଗତ କିଛି ବର୍ଷ ଧରି ଓଡ଼ିଶା ସରକାର ମହାନଦୀରେ ନିରବଚ୍ଛିନ୍ନ ଜଳପ୍ରବାହ ପାଇଁ ପଡୋଶୀ ରାଜ୍ୟ ସରକାର ସହିତ ବିଭିନ୍ନ ସ୍ତରରେ ଆଲୋଚନା ସହିତ ଟ୍ରିବ୍ୟୁନାଲ ପର୍ଯ୍ୟନ୍ତ କଥା ଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ କୌଣସି ସମାଧାନର ବାଟ ବାହାରି ପାରିଲା ନାହିଁ। ସେପଟେ ଛତିଶଗଡ଼ ଦିନକୁ ଦିନ ବାଲିବନ୍ଧ ଅବା ମହାନଦୀର ଶାଖା ନଦୀ ଗୁଡ଼ିକରେ ବ୍ୟାରେଜ ନିର୍ମାଣ କରିବାରେ ଲାଗିଛି। ପ୍ରତିବାଦରେ ଆଜି ମହାନଦୀ ବଞ୍ଚାଅ ଅଭିଯାନର ଆବାହକ ସୁଦର୍ଶନ ଦାସଙ୍କ ଡେଲିଗେସନ ଛତିଶଗଡ଼ କଳମା ବ୍ୟାରେଜ ତଳମୁଣ୍ଡରେ ଥିବା ସେହି ବାଲିବନ୍ଧ ନିକଟରେ ପହଞ୍ଚିଥିଲେ। ଆନ୍ଦୋଳନ କମିଟିର ସଭାପତି ସହ ଅନ୍ୟ କର୍ମକର୍ତ୍ତା ମାନେ ମିଳିତ ଭାବେ ସକାଳେ ଓଡ଼ିଶା ସୀମାବର୍ତ୍ତୀ ଝାରସୁଗୁଡ଼ା ଜିଲ୍ଲା କନକତୋରା ଠାରେ



ଏକାଠି ହୋଇ କଳମା ବ୍ୟାରେଜ ଅଭିମୁଖେ ଯାତ୍ରା କରିଥିଲେ। କଳମା ବ୍ୟାରେଜର ସ୍ଥିତି ନିରୀକ୍ଷଣ କରିବା ପରେ ପ୍ରତୀକାତ୍ମକ ଭାବେ ବାଲିବନ୍ଧକୁ ଭାଙ୍ଗି ମହାନଦୀ ବଞ୍ଚାଅ ଆନ୍ଦୋଳନର ସଦସ୍ୟ ମହାନଦୀ ପାଇଁ ନ୍ୟାୟ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଓ ଛତିଶଗଡ଼ର ଅନେକ ସମାଜକର୍ମୀ ଓ ନଦୀ ଆନ୍ଦୋଳନକାରୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଛତିଶଗଡ଼ର ଜନ ସଂଘର୍ଷ ମୋର୍ଚ୍ଚାର ରାଜେଶ ଶର୍ମା, ଝାରସୁଗୁଡ଼ା କୃଷକ ସଂଗଠନର ପ୍ରବକ୍ତା ବିରଞ୍ଚି ସାହୁ, ହୀରାକୁଦ ବୁଡି ଅଞ୍ଚଳ ସମ୍ପାଦକ ଗୋପୀନାଥ ମାଝୀ, ସଙ୍କୀର୍ତନ କୁମୁରା, ମୁରବି ମାଝୀ, ସୁରେନ୍ଦ୍ର ମାଝୀ, ତରୁଣ ମାଝୀ, ବିନୋଦ ବିଶ୍ୱାଳ, ଗୌତମ ସାହୁ, ଚିଦାନନ୍ଦ ଜେନା, ଜଗନ୍ନାଥ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମ ଶେଷ ହେଲା ପରେ ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା ମାନେ ଚନ୍ଦ୍ରପୁରର ସମାଜସେବୀ ଜଗନ୍ନାଥ ଶର୍ମା, ସରାଙ୍ଗଗଡ଼ର ବିଶିଷ୍ଟ ପରିବେଶବିତ ଡ.ପରିବେଶ ମିଶ୍ରଙ୍କୁ ସାକ୍ଷାତ କରି ମହାନଦୀ ଜଳବିବାଦର ସମାଧାନ ଓ ନଦୀର ସୁରକ୍ଷା ପାଇଁ ଭବିଷ୍ୟତର ମିଳିତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ।

‘ଆର୍‌ଏସ୍‌ପି ଗୌରବ’ର ବିଜେତା ପୁରସ୍କୃତ

ରାଉରକେଲା, ୨୯।୧ (ସମିସ): ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ଆୟୋଜିତ ଗଣତନ୍ତ୍ର ଦିବସ ସମାରୋହରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ୩ ଜଣ କର୍ମଚାରୀ ଏବଂ ୩ ଜଣ ଅଧିକାରୀଙ୍କୁ ‘ଆରଏସପି ଗୌରବ’



ପୁରସ୍କାର ପ୍ରଦାନ କରିଛନ୍ତି। କର୍ମଚାରୀ ବର୍ଗରେ ପ୍ରଥମ ୩ଟି ପୁରସ୍କାର ଓ ଅଧିକାରୀ ବର୍ଗରେ ୩ ପୁରସ୍କାର ପ୍ରଦାନ କରାଯାଇଥିଲା। କର୍ମଚାରୀ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୩ ଜଣ ହେଉଛନ୍ତି କୋକ ଓଭେନ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ପୁରୁଷୋତ୍ତମ ମେହେର, ସିଲିକନ୍ ଷ୍ଟିଲ ମିଲ ବିଭାଗର ଜୁନିୟର ଇଞ୍ଜିନିୟର କେଦାରନାଥ ହୁଇ ଏବଂ କୋଲ୍ କେମିକାଲ ବିଭାଗର ଜୁନିୟର ଇଞ୍ଜିନିୟର ଭାଗିରଥୀ ଜେନା। ଅଧିକାରୀ ବର୍ଗରେ ଆରଆଣ୍ଡସି ଲାବୋରେଟୋରୀର ସିନିୟର ମ୍ୟାନେଜର ଖୁସବୁ ମିଶ୍ର ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ କଣ୍ଟ୍ରାକ୍ଟ ସେଲ୍ଫ ବିଭାଗର ସିନିୟର ମ୍ୟାନେଜର କବିତା ବିଷୋୟୀ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଜ୍ଞା ପି ନାଥ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଲାଭ କରିଥିଲେ। ‘ମୋ ଆରଏସପି ମୋ ଗୌରବ’ ପୁରସ୍କାର ଯୋଜନା ଜାନୁଆରୀ ୨୦୨୩ରେ ଆରମ୍ଭ ହୋଇଥିଲା। ପ୍ରତିଯୋଗିତାର ସପ୍ତମ ପର୍ଯ୍ୟାୟ ଜାନୁଆରୀ ୧ ରୁ ୧୫ ପର୍ଯ୍ୟନ୍ତ ଜାରି ରହିଥିଲା। ଆରଏସପି ପୋର୍ଟାଲ କର୍ମଚାରୀ ଜୋନ ଏବଂ ମୋବାଇଲ ଆପ କର୍ମୀ ମିତ୍ରରେ ୨୯୭୨ ଜଣ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଅଧିକାରୀଙ୍କ ଏକ କମିଟି ପଞ୍ଜୀକୃତ ବାର୍ତ୍ତା ଗୁଡ଼ିକୁ ମୂଲ୍ୟାଙ୍କନ କରିଥିଲେ। ଏଥିରେ କର୍ମଚାରୀମାନଙ୍କ ନାମ ଗୋପନୀୟ ରଖାଯାଇଥିଲା। ପ୍ରତିଷ୍ଠାନ ସହିତ କର୍ମଚାରୀଙ୍କ ସମ୍ପର୍କକୁ ଅଧିକ ନିବିଡ଼ ଗଢ଼ିବା ତଥା ସେମାନଙ୍କୁ ପ୍ରତିଷ୍ଠାନର ବାର୍ତ୍ତାବହ ରୂପେ ପ୍ରସ୍ତୁତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି।

କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ

ଝାରସୁଗୁଡ଼ା, ୨୯।୧(ସମିସ): ଝାରସୁଗୁଡ଼ା ସଦର ବ୍ଲକ ବଡମାଲ ଅଞ୍ଚଳରେ ଥିବା ଏକ କମ୍ପାନୀରେ ଜଣେ କାର୍ଯ୍ୟରତ କର୍ମଚାରିଙ୍କ ବୁଧବାର ବିଳମ୍ବିତ ରାତ୍ରିରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ସୁନ୍ଦରଗଡ଼ ଜିଲ୍ଲାର ସୁଶିଲ ବୁଢ଼ (୪୮) ବୋଲି ସୂଚନା ରହିଛି। ସେ ଗତକାଲି ରାତି ପ୍ରାୟ ୮ଟାରେ କମ୍ପାନୀ ଭିତରକୁ ଯାଇଥିଲେ। ପ୍ରାୟ ୮.୨୦ ପାଖାପାଖି ୟୁନିଫର୍ମ ଚେଞ୍ଜ କରୁ ଥିବା ସମୟରେ ତାଙ୍କ ଦେହ ଅସୁସ୍ଥ ହୋଇଥିଲା। ଆଖପାଖରେ ଥିବା କର୍ମଚାରୀ ମାନେ ତାଙ୍କୁ ପ୍ଲାଣ୍ଟର ଡିସ୍ପେନ୍ସରୀକୁ ପ୍ରଥମେ ନେଇଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଗୁରୁବାର ସକାଳୁ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରବୀର ଗଙ୍ଗଦେବଙ୍କ ପରଲୋକ

ଦେବଗଡ଼, ୨୯।୧(ସମିସ): ବାମଣ୍ଡା ଗଡ଼ ତତ୍କାଳୀନ ରାଜା ସାର ବାସୁଦେବ ସୁଢ଼ଳ ଦେବଙ୍କ ନାତି ତଥା ଲାଲସାହେବ ପଦ୍ମଲୋଚନ ଦେବଙ୍କ କନିଷ୍ଠପୁତ୍ର



ଲାଲ ପ୍ରବୀର ଗଙ୍ଗଦେବଙ୍କ ୮୯ ବର୍ଷ ବୟସରେ ଗତକାଲି ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ରୀତା ଦେବୀ, ପୁତ୍ର ସଞ୍ଜୀବ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ ଏବଂ ପରିବାର ଲୋକ ଉପସ୍ଥିତ ଥିଲେ। ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସକାଳେ ପ୍ରଧାନପାଟ ସ୍ଥିତ ରାଜପରିବାର ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ସଞ୍ଜୀବ ମୁଖାଗ୍ନି ଦେଇଥିଲେ।

ରିଆମାଳରେ ‘ଆମ ପୁଲିସ ସମିତି’ କାର୍ଯ୍ୟକ୍ରମ

ରିଆମାଳ, ୨୯।୧(ସମିସ): ରିଆମାଳ ଥାନାରେ ଗୁରୁବାର ‘ଆମ ପୁଲିସ ସମିତି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରିଆମାଳ ଥାନା ଅଧିକାରୀ ବିନୟ କେରକେଟା ଏଥିରେ ଅଧ୍ୟକ୍ଷତା କରିଥିଲେ। ଜନସାଧାରଣ ଓ ପୁଲିସ୍ ମଧ୍ୟରେ ସୁସମ୍ପର୍କ ରହିବା ଉପରେ ଗୁରୁତ୍ୱ ଦେଇଥିଲେ। ମାର୍କେଟ ଉପରେ ମଦ ବିକ୍ରି ବନ୍ଦ ହେଉ, ବେଆଇନ ବିଦେଶୀ ମଦ ଚାଲାଣରେ ରୋକ, ରାସ୍ତା ଉପରେ ବେଆଇନ୍ ବାଲି, ମାଟି, ଚିପ୍ସ ରଖିବା, ବାଇକ୍ ଆରୋହୀଙ୍କ ପାଇଁ ହେଲମେଟ୍, ଦୋକାନ ବଜାର ରାସ୍ତା ଉପରେ ସାମଗ୍ରୀ ନ ରଖିବା, ଦ୍ରୁତ ଗତିରେ ଗାଡି ଚାଳନା ନ କରିବା ପାଇଁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ଏସବୁର କଡାକଡି ଯାଞ୍ଚ ପ୍ରକ୍ରିୟା ହେବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଏସ୍ ଚିନ୍ମୟୀ ସାହୁ, ଏସ୍ଆଇ ମହେଶ୍ୱର ଦଳନାୟକ ଉପସ୍ଥିତ ଥିଲେ। ଆମ ପୁଲିସ ସମିତିର ସଦସ୍ୟ, ବହୁ ସରପଞ୍ଚ, ଜନସାଧାରଣ ଉପସ୍ଥିତ ଥିଲେ।

ମଦ ପ୍ରସ୍ତୁତି ବେଳେ ପୁଲିସ ଚଢ଼ଉ, ୨ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ

ଝାରସୁଗୁଡ଼ା, ୨୯।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ଲିମଡିହି ଜଙ୍ଗଲରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ପାଇଁ ମହୁଲ ପୋଚ ରଖିଥିବା ସ୍ଥାନରେ ଗୁରୁବାର ରେଙ୍ଗାଲି ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇଛି। ଏଥିରେ ପ୍ରାୟ ୨ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ କରାଯାଇଛି। ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ପୁଲିସ ଟିମ ଅଚାନକ ଚଢ଼ଉ କରିଥିଲା। ଅତାବିରା ପଞ୍ଚାୟତ ଅଧୀନ ଲିମଡିହି ଜଙ୍ଗଲ ଅଞ୍ଚଳରେ ଥିବା ଏହି ମହୁଲ ପୋଚକୁ ନଷ୍ଟ କରାଯାଇଥିଲା। ଦେଶୀ ମଦ ତିଆରି କାରବାରରେ ଜଡିତ ଲୋକଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ଦେଶୀ ମଦ ପ୍ରସ୍ତୁତି ରୋକିବା ପାଇଁ ଅଭିଯାନକୁ ଆହୁରି ତୀବ୍ର କରାଯିବ ବୋଲି ପୁଲିସ ତରଫରୁ କୁହାଯାଇଛି।

ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି

ରାଉରକେଲା, ୨୯।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ଅଧୀନ ନୂଆଗାଁ ବ୍ଲକରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଦ୍ୱାରା ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ବ୍ଲକ ଉନ୍ନୟନ ଅଧିକାରୀ ଜ୍ୟୋତି ବିକାଶ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୁଣାଣିରେ ଜିଲ୍ଲାପାଳ ଡ.ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଅତିରିକ୍ତ ଏସପି ମହେନ୍ଦ୍ର ନାଥ ମୁର୍ମୁ, ହାତୀବାରୀ ଥାନା ଅଧିକାରୀ, ବୀରମିତ୍ରପୁର ତହସିଲଦାର ଗୌରୀ ନାୟକ ସମେତ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋଙ୍କ ସହ ପୂର୍ତ୍ତ ବିଭାଗ ଗ୍ରାମ୍ୟ ଉନ୍ନୟନ ବିଭାଗ, ପାନୀୟ ଜଳ ବିଭାଗ, ମନରେଗା ବିଭାଗ, କୃଷି ବିଭାଗ, ମତ୍ସ୍ୟ ବିଭାଗ, ଉଦ୍ୟାନ ବିଭାଗ ତଥା ଯୋଗାଣ ବିଭାଗର ଅଧିକାରୀମାନେ ଶୁଣାଣିରେ ଅଂଶଗ୍ରହଣ କରିଥିଲେ। ଶୁଣାଣିରେ ମୋଟ ୧୧୩ଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତିଗତ ଭାବେ ୨୬ଟି ଓ ସାମୂହିକ ଭାବେ ୮୭ଟି ଅଭିଯୋଗ ଉପସ୍ଥାପିତ ହୋଇଥିଲା। ବିଶେଷ କରି ରାସ୍ତା ଘାଟ ସମସ୍ୟା, ପାନୀୟ ଜଳ, ସମସ୍ୟା ଆଦି ପ୍ରମୁଖ ରହିଥିଲା। ଜିଲ୍ଲାପାଳ ଶ୍ରୀ ମହାପାତ୍ର ଅଭିଯୋଗ ଗୁଡ଼ିକୁ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାରିଲେପଟା ସରପଞ୍ଚ ନିଜେ ପତ୍ରାପାଲି ରାସ୍ତା ଓ କଲଭର୍ଟ ନିର୍ମାଣ ପାଇଁ ଓ ମେନମେନା ପଞ୍ଚାୟତରେ ପଡୁଥିବା ଜଟିଆ ମନ୍ଦିର ରାସ୍ତା ପାଇଁ ଗାଁର ଜନତା ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଯଥାଶୀଘ୍ର ସମାଧାନ କରିବା ପାଇଁ ଲିଖିତ ଅଭିଯୋଗ ଦେଇଥିଲେ। ବିଶେଷ କରି ରାସ୍ତାଘାଟ, ପାନୀୟ ଜଳ, ରାସନ କାର୍ଡ ଓ ବିଦ୍ୟୁତ ସେବା ଠିକ୍ ଭାବେ ମିଳୁ ନଥିବା ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଶୁଣାଣିରେ ସମସ୍ତ ସରପଞ୍ଚ ସମିତି ସଭ୍ୟ ଜିଲ୍ଲା ପରିଷଦ ସଭ୍ୟ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ରାଉରକେଲା ହକର୍ସ ଆସୋସିଏସନ ପକ୍ଷରୁ ନୂଆ ବସଷ୍ଟାଣ୍ଡରେ ଗଣତନ୍ତ୍ର ଦିବସ ପାଳିତ



ସେକ୍ଟର-୬ ତ୍ରିନାଥ ମନ୍ଦିର ପରିସରରେ ଗଣତନ୍ତ୍ର ଦିବସ ପାଳିତ

ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା

ଦେବଗଡ଼, ୨୯।୧(ସମିସ): ଜିଲ୍ଲାର ୪୨ ଜଣ ଦଶମ ଶ୍ରେଣୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ଗୁରୁବାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଦେବଗଡ଼ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ମାଲ୍ୟଗିରି ହାଇୱେଜ ପ୍ରାଇଭେଟ ଲିମିଟେଡ ଅଧୀନ କ୍ୟୁବରୁଟ୍‌ସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ମେଧାବୀ ଛାତ୍ରଛାତ୍ରୀଙ୍କର ଉଚ୍ଚଶିକ୍ଷାରେ ସହାୟତା ଉଦ୍ଦେଶ୍ୟରେ ଅନୁଷ୍ଠାନର ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର ଯୋଗ ଦେଇ ୪୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ମାଲ୍ୟଗିରି ହାଇୱେଜ ପ୍ରକଳ୍ପ ମୁଖ୍ୟ ସଞ୍ଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଦେବଗଡ଼ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସଡିପିଓ ରମେଶ ମାହାନା, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରାକୁଜୁର, ରେସିଡେଣ୍ଟ ଇଞ୍ଜିନିଅର ଶୁଭେନ୍ଦୁ ଦାସ ଓ ଏନଏଚଏଆଇ ଉପଦେଷ୍ଟା ରାକେଶ ରାୟ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଦେବଗଡ଼ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ଛାତ୍ରବୃତ୍ତି ପ୍ରଦାନ କରାଯାଇ ଥିବାରୁ ପିଲାଙ୍କ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଅତିଥି ବୃନ୍ଦ ପ୍ରକାଶ କରିଥିଲେ।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ଉଦ୍‌ଘାଟିତ

ଦେବଗଡ଼, ୨୯।୧(ସମିସ): ସମନ୍ୱିତ ଚାଷ ଓ ଚାଷୀଙ୍କ ବିକାଶ ପାଇଁ ଦେବଗଡ଼ ଜିଲ୍ଲାରେ ଗୁରୁବାର ଠାରୁ ଆରମ୍ଭ ହୋଇଛି ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ। ବଡ଼ବଗିଚା ପଡ଼ିଆରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଏହା ୫ ଦିନ ଧରି ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପକ୍ଷରୁ ଚାଷୀଙ୍କୁ ଆର୍ଥୀକ ପ୍ରୋତ୍ସାହନ ଏବଂ ରିହାତି ଦରରେ କୃଷି ଯନ୍ତ୍ରପାତି ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ଚାଲିଛି। କୃଷି ପାଠଶାଳା ମାଧ୍ୟମରେ



ଦିନବେଳା ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଉଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ର, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଘୋଷକ ଓ ଉଦଘୋଷିକା ଭାବେ ପ୍ରିତମ ବେହେରା ଓ ସୁମନ ମହାକୁଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଓ ଏସଏଚଜି ମହିଳା ସାମିଲ ହେବା ସହିତ କୃଷି ଯନ୍ତ୍ରପାତି କ୍ରୟ କରିଥିଲେ। ଚାଷୀଙ୍କୁ ସବସିଡି ଯୋଗେ କୃଷି ଉପକରଣ ଯୋଗାଇ ଦେବାରେ ଏହି ମହୋତ୍ସବ ଏକ ପ୍ରମୁଖ ମାଧ୍ୟମ ପାଲଟିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବରେ ଅନେକ ବ୍ୟବସାୟୀ ବିଭିନ୍ନ କୃଷି ଉପକରଣ ଏବଂ ଯନ୍ତ୍ରପାତି ବିକ୍ରି କରୁଥିବା ଜଣାପଡ଼ିଛି।

ନାବାଳିକାକୁ ଅସଦାଚରଣ ମାମଲା

ଦୋଷୀକୁ ୨୦ ବର୍ଷ ଜେଲ

ଝାରସୁଗୁଡ଼ା, ୨୯।୧ (ସମିସ): ଝାରସୁଗୁଡ଼ା ଅତିରିକ୍ତ ଜିଲା ଓ ଦୌରା ଜଜ୍ (ପକ୍ସୋ କୋର୍ଟ) ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତ ବବ୍ ଓରଫ ଡିକସନ ସିଂଘରିଆ (୨୩)କୁ ଗୁରୁବାର ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପୀଡିତାଙ୍କୁ ଜରିମାନା ନ ଦେଲେ ଆହୁରି ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସରକାରଙ୍କୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଅତିରିକ୍ତ ଜିଲା ଓ ଦୌରା ଜଜ୍ (ପକ୍ସୋ କୋର୍ଟ) ବିଚାରପତି ପୂଜା ଷଡଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। ଝାରସୁଗୁଡ଼ା ସଦର ଥାନା ଅଞ୍ଚଳର ଏକ ୪ ବର୍ଷର ନାବାଳିକା ଝିଅ ସହିତ ଦୋଷୀ ଡିକସନ ୨୦୨୪ ଡିସେମ୍ବର ୧୩ରେ ଅସଦାଚରଣ କରିଥିଲା। ଏନେଇ ନାବାଳିକାର ମାଆ ୧୫ ତାରିଖରେ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହିତ ଘଟଣାର ତଦନ୍ତ କରି କୋର୍ଟ ଚାଲାଣ କରିଥିଲା। ୨୦୨୫ ଜାନୁଆରୀ ୨୪ରେ ଥାନାଧିକାରୀ ସ୍ୱପ୍ନାରାଣୀ ଗୋଛାୟତ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଏହି ମାମଲାର ଆଜି ପକ୍ସୋ କୋର୍ଟ ବିଚାର କରି ୧୪ ସାକ୍ଷୀ ଏବଂ ୩୨ଟି ରିପୋର୍ଟର ଦସ୍ତାବିଜ୍‌କୁ ଆଧାର କରି ରାୟ ପ୍ରକାଶ କରିଛନ୍ତି। ଝାରସୁଗୁଡ଼ା ଅଭିଯୋଜନାର ଉପନିର୍ଦ୍ଦେଶକ ବୃନ୍ଦାବନ ନାୟକଙ୍କ ତତ୍ତ୍ୱାବଧାନରେ ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପିରାଜ ଶ୍ରୀବାସ ପରିଚାଳନା କରିଥିଲେ।

ନବ ଦାସଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଝାରସୁଗୁଡ଼ାବାସୀଙ୍କ ପ୍ରତି ସେବା ଓ ସମର୍ପଣ ପାଇଁ ନବ ଦାସ ଚିର ଅମର

ଝାରସୁଗୁଡ଼ା, ୨୯।୧(ସମିସ)

ଝାରସୁଗୁଡ଼ା ସହର ସ୍ଥିତ ନବ ଦାସ ଅଡିଟୋରିୟମ ଠାରେ ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ, ଝାରସୁଗୁଡ଼ାର ପୂର୍ବତନ





ବିଧାୟକ ତଥା ପଶ୍ଚିମ ଓଡ଼ିଶାର ଟାଣୁଆ ନେତା ସ୍ୱର୍ଗତ ନବ କିଶୋର ଦାସଙ୍କ ୩ୟ ଶ୍ରାଦ୍ଧ ବାର୍ଷିକୀ ଗୁରୁବାର ମହାସମାରୋହରେ ପାଳିତ ହୋଇଛି। ସକାଳେ ପ୍ରଥମେ ନବ ଦାସ ଫାଉଣ୍ଡେସନ ଏବଂ ଜିଲ୍ଲାର ବିଭିନ୍ନ ସଂଗଠନ ତଥା ଜିଲ୍ଲା ବାହାରୁ ଆସିଥିବା ସ୍ୱର୍ଗତ ନବ ଦାସଙ୍କ ଅନୁଗତ ମାନେ ଏକ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ବାଇକ ରାଲି କରି ସରବାହାଲ ଠାରୁ ଏସ୍‌ପି ଅଫିସ ଠାରେ ଥିବା ନବ ଦାସଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ପହଞ୍ଚିଥିଲେ। ଏହି ବିଶାଳ ବାଇକ ରାଲିରେ ନବ ଦାସଙ୍କ ପୁତ୍ର ବିଶାଳ ଦାସଙ୍କ ସହିତ ରାଜ୍ୟ ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା, ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ପଶ୍ଚିମ ଓଡ଼ିଶାର ବିଜେଡି ନେତା ସଞ୍ଜିତ ମହାନ୍ତି ମଧ୍ୟ ସାମିଲ ଥିଲେ। ଏହାପରେ ନବ ଦାସଙ୍କ ପ୍ରତିମୂର୍ତ୍ତିରେ ତାଙ୍କ ପରିବାର ସହିତ ନେତା ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଆରମ୍ଭ ହୋଇଥିଲା। ସଭାରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ନବ ଦାସଙ୍କ ସହିତ ତାଙ୍କର ପିଲାଦିନ ଠାରୁ ଆରମ୍ଭ କରି ରାଜନୈତିକ ଜୀବନ ମଧ୍ୟରେ ରହିଥିବା ସମ୍ପର୍କ ବିଷୟରେ କହିଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଭାବେ ରାଜ୍ୟ ଛାତ୍ର ବିଜେଡିର ସଭାପତି ଇପ୍ସିତା ସାହୁ ଶ୍ରଦ୍ଧାଞ୍ଜଳି ବାର୍ତ୍ତା ପଢ଼ିଥିଲେ। ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ନେତା ସଞ୍ଜୟ ଦାସବର୍ମା ନବ ଦାସଙ୍କ ସ୍ମୃତିଚାରଣ କରିଥିଲେ। ବିଜେଡି ସରକାର ସମୟରେ ଝାରସୁଗୁଡ଼ା ଚାଷୀଙ୍କ ପାଇଁ ବିଭିନ୍ନ କଲେଜର ସରକାରୀ କରଣ ପାଇଁ ସେ କିପରି ରାଜ୍ୟ ମନ୍ତ୍ରୀମଣ୍ଡଳକୁ ଚାପ ପକାଇ ଝାରସୁଗୁଡ଼ା ବାସୀଙ୍କ ଦୁଃଖକୁ ଲାଘବ କରିବା ପାଇଁ ପ୍ରୟାସ କରୁଥିଲେ, ତାହାର ଉଦାହରଣ ଦେବା ସହିତ ନବ ଦାସ ପଶ୍ଚିମ ଓଡ଼ିଶାର ଜଣେ ଅଦ୍ୱିତୀୟ ରାଜନେତା ବୋଲି ମତ ପ୍ରକାଶ କରିଥିଲେ। ନବ ଦାସଙ୍କ ପୁଅ ବିଶାଳ ଦାସ ତାଙ୍କ ଅଭିଭାଷଣ ରଖିବା ବେଳେ ଭାବ ବିହ୍ୱଳ ହୋଇ ପଡ଼ିଥିଲେ। ନବ ଦାସଙ୍କ ପରିବାର କହିଲେ ଝାରସୁଗୁଡ଼ା ବାସୀଙ୍କୁ ବୁଝାଏ ବୋଲି ସେ କହିଥିଲେ। ଝିଅ ଦୀପାଳି ଦାସ କୋହଭରା ଅଭିଭାଷଣ ଦେଇ କହିଥିଲେ ଯେ ମୁଁ ଏବଂ ମୋର ଭାଇ ବଞ୍ଚିଥିବା ପର୍ଯ୍ୟନ୍ତ ଝାରସୁଗୁଡ଼ା ଜନସାଧାରଣଙ୍କ ସହ ଓତଃପ୍ରୋତ ଭାବେ ଯୋଡି ହୋଇରହିବୁ।

ଶ୍ରାଦ୍ଧ ସଭାରେ ଯୋଗ ଦେଇଥିବା ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ଦେବଗଡ଼ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ମଧ୍ୟ ନବ ଦାସଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ନିଶା ନିବାରଣ ପାଇଁ ସାରା ବିଶ୍ୱରେ ସଚେତନତା କରିଥିବା ଦୁର୍ଲଗାର ଅଭିରାମ ଶତପଥୀ, ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଝାରସୁଗୁଡ଼ା ଜିଲ୍ଲା ନାଚେନମୁରାର ଜୟଶ୍ରୀ ଦେହେରିଆ, ଦ୍ୱାନମୁଣ୍ଡାର ଅନୁପମା ଗର୍ଡ଼ିଆ, ଖୁସ୍ବୁ ଜୟପୁରିଆ, ଆଇଏଏସ ପାଇଥିବା ଡ.ରୀନା ପ୍ରଧାନ, ତୀର୍ଥବାସୀ ପଟେଲଙ୍କ ବିକାଶ ହସ୍ପିଟାଲ, ସଞ୍ଜୀବନି ହସ୍ପିଟାଲ, ଦିବ୍ୟଦୃଷ୍ଟି ସଂଗଠନଙ୍କୁ ‘ନବ ଦାସ ସ୍ମୃତି ସମ୍ମାନ’ରେ ଅତିଥି ମାନେ ପୁରସ୍କୃତ କରିଥିଲେ। ଏହା ସହିତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସାଇକଲ, ସାଉଣ୍ଡ ସିଷ୍ଟମ ପ୍ରଦାନ କରିବା ସହିତ ନବ ଦାସଙ୍କ ଚିତ୍ର ଆଙ୍କିଥିବା ତିନି ଜଣ ପ୍ରତିଯୋଗୀଙ୍କୁ ଯଥା କ୍ରମେ ୨୦ ହଜାର, ୧୫ ହଜାର ଏବଂ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହିତ ନବ ଦାସ ଫାଉଣ୍ଡେସନ ତରଫରୁ ବିଗତ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ କରାଯାଇଥିବା ବକ୍ତୃତା, ରଚନା ତଥା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ଅତିଥି ମାନେ ପୁରସ୍କୃତ କରିଥିଲେ। ନବ ଦାସ ଫାଉଣ୍ଡେସନ ତରଫରୁ ରକ୍ତଦାନ ଶିବିର କରାଯାଇଥିଲା। ଏଥିରେ ୧୧୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶ୍ରାଦ୍ଧ ସଭାରେ ସ୍ୱର୍ଗତ ନବ ଦାସଙ୍କ ପିତା, ପତ୍ନୀ ମିନତୀ ଦାସ, ବୋହୂ ଚାରବି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ କିଶୋର ନାଇକ, ଦେବେଶ ଆଚାର୍ଯ୍ୟ, ସିଦ୍ଧାର୍ଥ ଦାସ, ବେଦାନ୍ତ କମ୍ପାନୀ ସି ଓ ସି ଚନ୍ଦ୍ରୁ, ସୁନୀଲ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ଶ୍ରାଦ୍ଧ ବାର୍ଷିକୀରେ ଝାରସୁଗୁଡ଼ା ଜିଲ୍ଲା ସହିତ ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଜିଲ୍ଲାର ବହୁ ରାଜନେତାଙ୍କ ସହିତ ସ୍ୱର୍ଗତ ନବ ଦାସଙ୍କ ଅନୁଗତ ଉପସ୍ଥିତ ରହିଥିଲେ। ଏହା ସହିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ହରିସ ଗଣତ୍ରା, ବିଶ୍ୱନାଥ ତ୍ରିପାଠୀ, ଦାମୋଦର ନାଥ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ବିଜେଡି ଯୁବ ସଭାପତି ରବୀନ ପାଣ୍ଡେ, ବିଜେଡି ଛାତ୍ର ସଭାପତି ଶୁଭାଶିଷ ପଟ୍ଟନାୟକ, ବାସୁଦେବ ଭଇଁସା, ଭୋଜରାଜ ପଟେଲ, ଝାରସୁଗୁଡ଼ା ପୌର ପରିଷଦ ଅଧ୍ୟକ୍ଷା ରାନୀ ହାତୀ, ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷ ସୀତାନୀଙ୍କ ସହିତ ଶତାଧିକ ନବ ପ୍ରେମୀ ଉପସ୍ଥିତ ଥିଲେ।



ସଫେଇ ହେଉନି ମହାନଦୀ ଘାଟ, ଉଦାସୀନ ପ୍ରଶାସନ




ସମ୍ବଲପୁର, ୨୯।୧ (ସମିସ)

ପ୍ରଦୂଷିତ ହେଉଛି ମହାନଦୀ ପାଣି। ମହାନଦୀ ଅବବାହିକାରେ ରହୁଥିବା ହଜାର ହଜାର ଲୋକ ପାଣି ନିତିଦିନ ବ୍ୟବହାର କରୁଥିବା ବେଳେ ପ୍ରଶାସନ ପକ୍ଷରୁ ସଫେଇ କରାଯାଉନାହିଁ। ଦୂଷିତ ପାଣି ବ୍ୟବହାର କରି ଲୋକେ ରୋଗଗ୍ରସ୍ତ ହେଉଛନ୍ତି। ତେବେ, ପ୍ରଶାସନିକ ଅଧିକାରୀ ମାନଙ୍କ ନଜର ପଡୁନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେଲେ କେଇଦିନ ପାଇଁ ତତ୍ପର ହେବାପରେ ପୁଣି 'ଯଥା ପୂର୍ବଂ, ତଥା ପରଂ'। ବର୍ଷକ ମଧ୍ୟରେ ପର୍ବପର୍ବାଣୀ ଆସିଲେ ମାତ୍ର ଦୁଇଥର ମହାନଦୀ ଘାଟ ସଫା କରାଯାଉଥିବାବେଳେ ଅନ୍ୟ ସମୟରେ ସେଥିରେ ଆବର୍ଜନା ଭାସୁଥିବା ଦେଖାଯାଉଛି।

ସମ୍ବଲପୁରର ମହାନଦୀ କୂଳରେ ରହୁଥିବା ବିଭିନ୍ନ ପଡ଼ାବାସୀଙ୍କ ଜୀବନଧାରା ମହାନଦୀ। ପ୍ରତିଦିନ ସେମାନେ ସ୍ନାନ ତଥା ଅନ୍ୟ କାର୍ଯ୍ୟ ପାଇଁ ମହାନଦୀ ପାଣି ବ୍ୟବହାର କରିଥାନ୍ତି। ତେବେ, ଆନିକଟ ନିକଟସ୍ଥ ଘାଟକୁ ଦେଖିଲେ ପ୍ରଶାସନର ଉଦାସୀନତା ଜଳ ଜଳ ଦେଖାଯାଉଛି। ବର୍ଷା ସମୟରେ ଜଳସ୍ରୋତରେ ଆବର୍ଜନା ବହି ଯାଉଥିବାବେଳେ ଏବେ ଉପରମୁଣ୍ଡରୁ ପାଣି ଆସିବା ବନ୍ଦ ହୋଇଯାଇଥିବାରୁ ଏଠାରେ ପାଣି ଜମା ହୋଇ ରହିଛି। ଗତ ଗଣେଶ ପୂଜାଠାରୁ ଆରମ୍ଭ କରି ବିଭିନ୍ନ ପୂଜା ସମୟରେ ଏହି ଘାଟରେ ନିୟମ ଉଲ୍ଲଂଘନ କରି ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଏହା ବିରୋଧରେ ପ୍ରଶାସନ ନିରବ ରହିଥିଲା। ଏହାପରେ ଲୋକେ ଏଠାରେ ପୂଜାଫୁଲ ଓ ସାମଗ୍ରୀ, ଘରର ଆବର୍ଜନା ଆଦି ପକାଉଛନ୍ତି। ପୁଣି ପାଣିରେ ଦଳ (ଜଗଲ) ଭର୍ତ୍ତି ହୋଇଛି, ସଫା କରାଯାଉନାହିଁ। କୁଡ଼ କୁଡ଼ ଆବର୍ଜନା ପାଣିରେ ମିଶୁଥିବା ଦେଖାଯାଉଛି। ପ୍ରତିଦିନ ଏହାର ପାଖ ଅଞ୍ଚଳରେ ଲୋକେ ଗାଧୋଉଥିବାବେଳେ ତାହା ଆଉ ବ୍ୟବହାରଯୋଗ୍ୟ ହୋଇ ରହିନାହିଁ। ମହାନଗର ନିଗମ ପକ୍ଷରୁ ରାସ୍ତାଘାଟ କିମ୍ବା ଅନ୍ୟ ସ୍ଥାନରେ ଅଳିଆ ଆବର୍ଜନା ପକାଇଲେ ଜୋରିମାନା କରିବା ବ୍ୟବସ୍ଥା ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ 'ଶୂନ' ଥିବାରୁ ଲୋକେ ଏହାକୁ ବେଖାତିର କରୁଛନ୍ତି।

ସମ୍ବଲପୁରର ମହାନଦୀଠାରେ ରିଭରଫ୍ରଣ୍ଟ ଡେଭଲପମେଣ୍ଟ କରି ଜଳକ୍ରୀଡ଼ା ସହିତ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ହଜାର ହଜାର କୋଟି ଟଙ୍କାରେ ଯୋଜନା ଚାଲିଛି। ତେବେ, ସମ୍ବଲପୁର ସହରସ୍ଥିତ ମହାନଦୀର ୮ରୁ ୧୦ଟି ଘାଟକୁ ନିୟମିତ ସଫାକରି ସବୁବେଳେ ବ୍ୟବହାରଯୋଗ୍ୟ କରାଯାଇପାରୁନାହିଁ। ଏହି ଘାଟ ମାନଙ୍କରେ ଲୋକେ ଅଳିଆ ଆବର୍ଜନା ପକାଇବା ସହ ଝାଡ଼ା ଫେରୁଛନ୍ତି। ଖୋଲା ଶୌଚମୁକ୍ତ (ଓଡିଏଫ୍) ସମ୍ବଲପୁର କେବଳ ସ୍ୱପ୍ନରେ ରହିଯାଇଛି। ଏପରିକି କେତେକ ଘାଟରେ ପାହାଚ ଗୁଡ଼ିକ ଭାଙ୍ଗିରୁଜି ଯାଇଥିଲେ ହେଁ ବର୍ଷ ବର୍ଷ ଧରି ତାହାର ମରାମତି ଓ ସଂରକ୍ଷଣ କରାଯାଉନାହିଁ।

ବଡ଼ବଜାର ନିବାସୀ ପଞ୍ଚାନନ ତ୍ରିପାଠୀ କହିଛନ୍ତି, ମହାନଦୀ ଘାଟ ଗୁଡ଼ିକର ନିୟମିତ ଭାବେ ସଫେଇ ହେଉନାହିଁ। ଶୀତଳଷଷ୍ଠୀ, ଦଶହରା ଆସିଲେ ଘାଟ ସଫା ହୁଏ, ତାହା ବି ପ୍ରତିବର୍ଷ ହୁଏନାହିଁ। ଏଥର ଛଟ୍ ପୂଜାରେ ଘାଟ ସଫେଇ ହୋଇଥିଲା। ପାହାଚ ଗୁଡ଼ିକ ବହୁ ସ୍ଥାନରେ ଭାଙ୍ଗିରୁଜି ଯାଇଛି, ତାହାକୁ ମରାମତି କରାଯାଉନାହିଁ। ସମଲେଇ ପୀଠକୁ ବିକଶିତ କରାଯାଇଥିବାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଅନ୍ୟ ଜିଲ୍ଲା ତଥା ରାଜ୍ୟ ବାହାରୁ ଆସୁଛନ୍ତି। ସେମାନେ ଘାଟ ଗୁଡ଼ିକୁ ଦେଖିଲେ ସମ୍ବଲପୁରର କିଭଳି ପରିଚୟ ମନରେ ନେଇ କି ଯିବେ ତାହା ସମସ୍ତେ ଭାବିବା ଉଚିତ।


ଲକ୍ଷ୍ମୀଟକିଜ ଛକରେ ରାସ୍ତାକଡ଼ ନିର୍ମାଣର କେଇଦିନ ନଯାଉଣୁ ପେଭର୍ ବ୍ଲକ୍ ଉଠିଗଲାଣି।

ପିତାବଳୀ ମନ୍ଦିରରେ ଅଷ୍ଟାଧାତୁ ମୂର୍ତ୍ତି ପ୍ରାଣ ପ୍ରତିଷ୍ଠା



ସମ୍ବଲପୁର, ୨୯।୧ (ସମିସ) : ସମ୍ବଲପୁରର ସିନ୍ଦୁରପଙ୍କଠାରେ ମା' ପିତାବଳୀ ମନ୍ଦିରରେ ଅଷ୍ଟଧାତୁ ମୂର୍ତ୍ତିର ପ୍ରାଣପ୍ରତିଷ୍ଠା ସମ୍ପନ୍ନ ହୋଇଛି। ପୂଜକ ଜଗନ୍ନାଥ ଦାଶ ଓ ପଣ୍ଡିତ ଜିତେନ୍ଦ୍ରିୟ ଦାଶ ବିଧିପୂର୍ବକ ପୂଜାର୍ଚ୍ଚନା କରିଥିଲେ। ଏଥିରେ କର୍ତ୍ତାଭାବେ ସୂର୍ଯ୍ୟ କୁମାର ନାଥ ଓ ବନଜିନୀ ଦେବୀ, ଆନନ୍ଦ ଦାଶ ଓ ସୁପ୍ରିତି ଦେବୀ, ତନ୍ମୟ ଧର ଓ ପ୍ରିୟଙ୍କା ଦେବୀ, ସୋମନାଥ ପଣ୍ଡା ଓ ମଞ୍ଜୁଲତା ପଣ୍ଡା ଏବଂ କାହ୍ନୁ ଚରଣ ଧର ଓ ନମିତା ଧର ଦାୟିତ୍ୱ ତୁଲାଇଥିଲେ। ଗତ ୨୨ ତାରିଖରେ ଅଙ୍କୁରରୋପଣରୁ ପିତାବଳୀ ମନ୍ଦିରରେ ଅଷ୍ଟଧାତୁ ମୂର୍ତ୍ତି ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଥିଲା। ୨୬ ତାରିଖରେ ମଙ୍ଗଳାଚରଣ, କଳସ ଶୋଭାଯାତ୍ରା ଓ ଅନ୍ନାଭିଷେକ ଅନୁଷ୍ଠିତ ହୋଇଥିବାବେଳେ ୨୭ରେ ପୂଜାରମ୍ଭ, ମହାସ୍ନାନ ଓ ଚଣ୍ଡିହୋମ ଏବଂ ୨୮ରେ ବିଶେଷ ହୋମ ଓ ଦେବ ଦେବ ମହାଦେବଙ୍କ ମନ୍ଦିର ପ୍ରବେଶ ପରେ ପୂର୍ଣ୍ଣାହୁତି ପଡ଼ିଥିଲା। ତିନିଦିନ ଧରି ମନ୍ଦିର କମିଟି ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଆୟୋଜନରେ ବଜୟ କର, ମୋହନ ଧର, ଅମରେଶ ସାହୁ, ଅନନ୍ତ ପତି, ନିର୍ମଳ କର, ପଙ୍କଜ ସିଂ, ସୁଶାନ୍ତ ଧର, ଲୋକନାଥ ପଣ୍ଡା, ଆମୋଦ ଧର, ନିଳାଞ୍ଚଳ କର, ସୁଶାନ୍ତ ସାହୁ ପ୍ରମୁଖ ମନ୍ଦିର କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

କବାଡ଼ି ପ୍ରତିଯୋଗିତା, ଅନାମିକା କ୍ଲବ୍ ଚାମ୍ପିଅନ

ସମ୍ବଲପୁର, ୨୯।୧ (ସମିସ): ପ୍ରଗତି ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ଚେରୁଆପଡ଼ା ଫାର୍ମରୋଡ ଠାରେ ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଅନାମିକା କ୍ଲବ୍ ଓ ପାଟଣେଶ୍ୱରୀ(କ) ଦଳ ମଧ୍ୟରେ ହୋଇଥିଲା।ଅନାମିକା କ୍ଲବ୍ ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମାଜସେବୀ ତଥା ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ମୁଖ୍ୟଅତିଥି, ଅଶ୍ୱିନୀ ସ୍ୱାଇଁ, ସୁଧିର ରଞ୍ଜନ ବହିଦାର, ନଳିନୀ ଦୋରା, ପ୍ରବୀଣ ସିଂଦେଓ ଏବଂ ଶିବ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସଭାପତି ମନୋଜ ଶର୍ମା, ସମ୍ପାଦକ ନବକିଶୋର ବାଗ, ରାଜେନ୍ଦ୍ର ସାହୁ, ଏକାମ ରଞ୍ଜନ ପତି, ବ୍ରହ୍ମାନନ୍ଦ ରାଉତ, ଭକ୍ତ ବାଗ, ସତ୍ୟମ ପରୁଆ, କୌଶିକ ସେଠ, ଭକ୍ତବନ୍ଧୁ ମହନ୍ତ, ନରେନ ମିଶ୍ର, ଦିବାକର ବରର୍ଗା ଓ ବିନୋଦ ଭାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ତିନିଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଥିଲେ। ସେହିପରି ଛୋଟ ଛୋଟ ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ ଚିତ୍ରାଙ୍କନ, ବକ୍ତୃତା, ଦୌଡି ଡିଆଁ ପ୍ରତିଯୋଗିତା ସହ ମ୍ୟୁଜିକାଲ ଚେୟାର ଆୟୋଜନ କରାଯାଇଥିଲା।



ଜ୍ଞାନ ଆଦାନପ୍ରଦାନ କର୍ମଶାଳା



ସମ୍ବଲପୁର, ୨୯।୧ (ସମିସ) : ସମ୍ବଲପୁରରେ ଥିବା ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡରେ ଏକ ଦିବସୀୟ ଜ୍ଞାନ ଆଦାନପ୍ରଦାନ କର୍ମଶାଳାର ବୃତ୍ତିଗତ ପ୍ରାକ୍-ପ୍ରୋଗ୍ରାମ (ଥ୍ରି ପି ର ଏକ ଅଂଶ ଭାବରେ) ଆୟୋଜନ କରିଛି। ଶ୍ୟାମ ମେଟାଲିକ୍ସ ଲପାଙ୍ଗାର ଜି.ଏମ୍, ମାନବସମ୍ବଳ ଭୂପିନ୍ଦର ସିଂହ କୁଶୱାହା ଉକ୍ତ କର୍ମଶାଳାକୁ ଉଦଘାଟନ କରିଥିଲେ। ପ୍ରତିଷ୍ଠାନ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ଉଦଘାଟନୀ ଭାଷଣ ପ୍ରଦାନ କରିଥିଲେ ଏବଂ ଶ୍ୟାମ ମେଟାଲିକ୍ସର କାର୍ଯ୍ୟରତ ବୃତ୍ତିଗତ ଇଂଜିନିୟରମାନଙ୍କ କାର୍ଯ୍ୟକ୍ରମର ସୂଚୀ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଇଆଇଟି, ଭୁବନେଶ୍ୱରର ସହଯୋଗୀ ପ୍ରଫେସର ଡକ୍ଟର ରାମକୃଷ୍ଣ ସାବତ ଡିଆରଆଇ ଉତ୍ପାଦନ ପ୍ରକ୍ରିୟାର ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଉପରେ ତାଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅପରାହ୍ନ ଅଧିବେଶନରେ, ଡକ୍ଟର ରାମକୃଷ୍ଣ ସାବତ, ଶ୍ୟାମ ମେଟାଲିକ୍ସ କାର୍ଯ୍ୟରତ ଇଞ୍ଜିନିୟରମାନଙ୍କୁ ଇଣ୍ଡୁସିଅନ୍ ଫର୍ଣ୍ଣେସ୍ ଦ୍ୱାରା ଇସ୍ପାତ ତରଳାଇବା, ବୈଦ୍ୟୁତିକ ଆର୍କ ଫର୍ଣ୍ଣେସ୍, ହିଟ୍ ଟ୍ରିଟମେଣ୍ଟ ଏବଂ ଧାତୁ କାର୍ଯ୍ୟ (ରୋଲିଂ) ଉପରେ ଏକ ବିସ୍ତୃତ ଆଦାନପ୍ରଦାନ ଅଧିବେଶନ ଉପସ୍ଥାପନ କରିଥିଲେ। ଶେଷରେ ଅଂଶଗ୍ରହଣକାରୀମାନଙ୍କଠାରୁ ପ୍ରଶଂସାପତ୍ର ଗ୍ରହଣ କରାଯାଇଛି।

ଗଡ଼ିଲା ବିପର୍ଯ୍ୟୟ ପରିଚାଳନା ସଚେତନତା ରଥ



ସମ୍ବଲପୁର, ୨୯।୧ (ସମିସ): ଜିଲ୍ଲାବାସୀଙ୍କୁ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଚେତନ କରିବା ପାଇଁ ଗୁରୁବାର ଜିଲ୍ଲାପାଳ କାର୍ଯ୍ୟାଳୟରୁ ବାହାରିଛି ସଚେତନତା ରଥ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରଥ ଜିଲ୍ଲାର ସମସ୍ତ ବ୍ଲକ ଓ ଗ୍ରାମ ପଞ୍ଚାୟତ ପରିକ୍ରମା କରିବ। ବିଭିନ୍ନ ବିପର୍ଯ୍ୟୟ ଯଥା - ଅଂଶୁଘାତ, ବଜ୍ରପାତ, ସାପକାମୁଡ଼ା, ଶୀତଳହରୀ, ପାଣିରେ ବୁଡ଼ି ମରିବା ଆଦିରେ ସତର୍କତା ଅବଲମ୍ବନ କରିବାସହ ଅଘଟଣ କ୍ଷେତ୍ରରେ ସରକାରୀ ସହାୟତା ବିଷୟରେ ଲୋକଙ୍କୁ ଅବଗତ କରିବ। ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଜୟନାରାୟଣ ନନ୍ଦଙ୍କ ପରଲୋକ

ସମ୍ବଲପୁର, ୨୯।୧ (ସମିସ) : ମୁଦିପଡ଼ାନିବାସୀ ବିଶିଷ୍ଟ କର୍ଣ୍ଣ, ନାଶା ଓ ଗଳା ବିଶେଷଜ୍ଞ ଡାକ୍ତର ଜୟନାରାୟଣ ନନ୍ଦଙ୍କ ଗତକାଲି ବିଳମ୍ବିତ ରାତିରେ



ପରଲୋକ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ସରକାରୀ ଚିକିତ୍ସାଳୟ ଗୁଡିକରେ ରୋଗୀ ଚିକିତ୍ସାରେ ସେ ବେଶ୍ ଲୋକପ୍ରିୟ ଥିଲେ। ଚିକିତ୍ସା କ୍ଷେତ୍ରରେ ନିପୁଣତା ସହ ସାହିତ୍ୟ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ଜ୍ଞାନର ଅଧିକାରୀ ଥିଲେ। ତାଙ୍କ ପଛରେ ପତ୍ନୀ ସୁଚିତ୍ରା, ପୁଅ ଅବିନାଶ, ଦୁଇଝିଅ ଶ୍ରୁତି ଓ ସ୍ମିତା ତଥା ନାତିନାତୁଣୀ ଛାଡ଼ି ଯାଇଛନ୍ତି। ଗୁରୁବାର ସକାଳେ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ରେଢ଼ାଖୋଲରେ ପ୍ରଥମ ଲୋକମହୋତ୍ସବ

ସମ୍ବଲପୁର, ୨୯।୧ (ସମିସ): ଚଳିତବର୍ଷ ପ୍ରଥମଥର ପାଇଁ ରେଢ଼ାଖୋଲରେ ସ୍ଥାନୀୟ ଉପଜିଲ୍ଲାପାଳ ଏବଂ ଉତ୍ସାହୀ ସଂସ୍କୃତି ପ୍ରେମୀ ଯୁବକଙ୍କ ପ୍ରଚେଷ୍ଟାରେ ଲୋକମହୋତ୍ସବ ଅନୁଷ୍ଠିତ ହେଉଛି। ଏହାଦ୍ୱାରା ରେଢ଼ାଖୋଲର କଳା ସଂସ୍କୃତି ଆହୁରି ପରିବର୍ଦ୍ଧିତ ହେଇପାରିବ ଏବଂ ସ୍ଥାନୀୟ ଲୋକକଳା ସୁଦୂର ପ୍ରସାରି ହେଇପାରିବ ବୋଲି ଅଚ୍ୟୁତାନନ୍ଦ ଦାଶ ଆଶାପ୍ରକାଶ କରିଛନ୍ତି।

ବର୍ତ୍ତମାନର ରେଢ଼ାଖୋଲ ସହର ପୂର୍ବରୁ ଏକ ସୁରମ୍ୟ ପାହାଡ ପର୍ବତ ଘେରା ଗୋଟିଏ ଛୋଟିଆ ଗ୍ରାମର ପରିଚୟ ବହନ କରୁଥିଲା ବେଳେ ରାଜୁଡା ସମୟରେ ତତ୍କାଳୀନ ରାଜାଙ୍କ ରାଜଧାନୀ ରୂପେ ପରିଗଣିତ ହେଉଥିଲା। ଗ୍ରାମ୍ୟଦେବୀ ଆରାଧ୍ୟା ପାଞ୍ଚଖଣ୍ଡା ଥିଲେ ଏ ଅଞ୍ଚଳର ଇଷ୍ଟଦେବୀ। ସମ୍ପ୍ରତି 'ଭୀମମଣ୍ଡଳୀ'ର ରହସ୍ୟ ଉନ୍ମୋଚନ ପରେ ରେଢ଼ାଖୋଲ ଇତିହାସ ଆହୁରି ପରିପୃଷ୍ଟ ହେଇପାରିଛି। ରେଢ଼ାଖୋଲ କେବଳ ଆଜି ନୁହେଁ, ତାର ସୁଦୀର୍ଘ ଅତୀତ ମଧ୍ୟ କଳା ସଂସ୍କୃତିର ଗୌରବମୟ ଅଧ୍ୟାୟକୁ ଉଜ୍ଜୀବିତ କରି ରଖିଥିଲା। ବିଶ୍ୱ ପ୍ରସିଦ୍ଧ ସନ୍ଥକବି ଭୀମଭୋଇଙ୍କ ଭକ୍ତି, ଭାବଭରା କାବ୍ୟ କବିତାବଳି ଏ ମାଟିକୁ ଧନ୍ୟ କରିଛି। ଖଞ୍ଜଣୀର ତାଳେ ତାଳେ ସନ୍ଥ କବି ତଥା ତାଙ୍କ ଶିଷ୍ୟମାନଙ୍କ ଦ୍ୱାରା ଭଜନ ପରିବେଷଣ ଏ ଅଞ୍ଚଳକୁ ସମ୍ମୋହିତ କରୁଥିଲା। ରେଢ଼ାଖୋଲ ସହର ନିକଟସ୍ଥ ଗ୍ରାମ ବୁର୍ଡା ବଡ଼ମାଳ ଗ୍ରାମରେ ଜନ୍ମିତ ଭିମା ଧୀବରଙ୍କ ମହାଭାରତ ଉପରେ ରଚିତ କାବ୍ୟ 'କପଟପାଶା' ଏକ ଅନନ୍ୟ କୃତି ଯାହା ଓଡ଼ିଆ ସାହିତ୍ୟ ଜଗତ ପ୍ରତି ଅନବଦ୍ୟ ଉପହାର। ରେଢ଼ାଖୋଲର ପ୍ରତ୍ୟେକଟି ସାଧାରଣ ଗ୍ରାମୀଣ ଜନତା ଗୋଟିଏ ଗୋଟିଏ କଳାକାର ରୂପେ ନିଜର ଆଜ ପ୍ରକାଶ କରିଥାଏ। ଗୋଟିଏ ଫସଲ ଅମଳ ପରେ ଟିକିଏ ବିଶ୍ରାମ ଆଉ ମନୋରଞ୍ଜନ ଉଦ୍ଦେଶ୍ୟରେ ଗାଁ ଗାଁରେ ଗ୍ରୀଷ୍ମ ଋତୁରେ ଦଣ୍ଡ ଯାତ୍ରା ଆରମ୍ଭ ହୋଇଯାଇଥାଏ। 'ବଣ୍ଡିବୁତଲ'(ରାଧା କୃଷ୍ଣ ଓ ଲଳିତା ବିଶାଖାଙ୍କ ଚରିତ୍ରକୁ ନେଇ) ଗୀତ, ଢୋଲ ମହୁରୀ ସହିତ ନୃତ୍ୟ ପରିବେଷଣ ପରିବେଶକୁ ରୋମାଞ୍ଚିତ କରିବା ସଙ୍ଗେ ସଙ୍ଗେ 'କୃଷ୍ଣଗୁରୁ' ନୃତ୍ୟ ଦର୍ଶକଙ୍କ ମନରେ ଭକ୍ତି ଉଦ୍ରେକ କରିଥାଏ। ମୁକ୍ତାକାଶ ମଞ୍ଚ ପରେ ଆମେ ଯଦି ଦୃଷ୍ଟି ପକେଇବା ରଙ୍ଗମଞ୍ଚ ଉପରେ ପରିବେଷଣ କରାଯାଉଥିବା ନାଟକ ନାଟିକା ଉପରେ, ସେଥିରେ ବି ପଛରେ ନଥିଲେ ରେଢ଼ାଖୋଲର କଳାକୁ ଅତିଶୟ ଭଲ ପାଉଥିବା କଳାକାରମାନେ। ରଘୁନାଥ ମନ୍ଦିର ପ୍ରାଙ୍ଗଣ ଓ ଟାଉନ କ୍ଲବ ପରିସର ସବୁ କଳା ପ୍ରଦର୍ଶନର ମୂକସାକ୍ଷୀ ହୋଇ ଆଜି ବି ଛିଡ଼ା ହେଇଛନ୍ତି। ସେ ସମୟରେ 'ଲୁହାଶିଙ୍କୁଳି', 'ଖଇ କଉଡ଼ି', 'ପଦ୍ମାବତୀ', 'ଚକ୍ରୀ', 'ଲକ୍ଷହୀରା' ଓ ବିଶେଷ ଭାବରେ ଅମଲାଙ୍କ ଦ୍ୱାରା ଅଭିନୀତ ନାଟକ 'ସଂକଳ୍ପ' ହଇଚଇ ସୃଷ୍ଟି କରିଥିଲା ଦର୍ଶକ ମହଲରେ। କଦମ୍ବ ପଡ଼ିଆରେ ରାଷ୍ଟ୍ରୀୟ ଉତ୍ସବ ଦିବସରେ ସଙ୍ଗୀତ ସମାରୋହମାନ ଅନୁଷ୍ଠିତ ହେଉଥିଲା। କିନ୍ତୁ ୧୯୭୯-୧୯୮୦ ମସିହାରେ ରେଢ଼ାଖୋଲରେ କଳାକ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି ହେଇଥିଲା। ଆନୁଷ୍ଠାନିକ ଭାବରେ ସ୍ଥାପିତ ହୋଇଥିଲା 'ଜାଗୃତି' ନାମକ ଏକ ଅନୁଷ୍ଠାନ। କ୍ରମାନ୍ୱୟରେ ନାଟକ 'ଭରତ ମିଳନ', 'ନର ଦେବତା' ଆଦି ମଞ୍ଚସ୍ଥ ହେଇଥିଲା ଯାହା ଖୁବ ବ୍ୟୟବହୁଳ ଓ ଆଡମ୍ବରପୂର୍ଣ୍ଣ ଥିଲା।

ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀରେ ସମ୍ବର୍ଦ୍ଧନା ସଭା

ସମ୍ବଲପୁର, ୨୯।୧ (ସମିସ): ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ତରଫରୁ ଆଇଆଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲଙ୍କୁ ତାଙ୍କ ସଫଳତା ଓ ଅନୁଷ୍ଠାନର ଉନ୍ନତି ପାଇଁ କରିଥିବା କାମର ସମ୍ମାନସ୍ୱରୂପ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସମ୍ବଲପୁର ସହରର ବିଭିନ୍ନ ଅନୁଷ୍ଠାନ ଜିଲ୍ଲା ଓକିଲ ସଂଘ, ପ୍ରୋଗ୍ରେସିଭ ସମ୍ବଲପୁର, ଲିମସରିଏନ ଯୁବ ସଚେତନ ସଂଘ, ମା' ସମଲେଶ୍ୱରୀ ଟ୍ରଷ୍ଟ ଓ ପ୍ରେସ କ୍ଲବ ତରଫରୁ ଯଥାକ୍ରମେ ପ୍ରଦୀପ ବହିଦାର, ସପନ ମିଶ୍ର, ଲିମସରେନ ଟିମ, ସଞ୍ଜୟ ବାବୁ, ପ୍ରଫୁଲ୍ଲ ହୋତା, ତ୍ରିବିକ୍ରମ ପ୍ରଧାନ, ଭବାନୀ ଭୋଇ, ମାନସ, ଡାକ୍ତର ଜୟଦେବ ମେହେର ପ୍ରମୁଖ ନିଜ ନିଜ ଅନୁଷ୍ଠାନ ତରଫରୁ ପ୍ରଫେସର ଜୟସ୍ୱାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଭାସି ମାଧ୍ୟମରେ ଦିଲ୍ଲୀରୁ ପ୍ରଫେସର ଗର୍ଗ, ଭୁବନେଶ୍ୱରରୁ ପ୍ରାକ୍ତନ ଆରଡିସି ଡଃ ନିରଞ୍ଜନ ସାହୁ, ନାଗପୁରରୁ ପ୍ରଫେସର ରବୀନ୍ଦ୍ର ଜେନା ପ୍ରମୁଖ ପ୍ରଫେସର ଜୟସ୍ୱାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଆଇଆଇଏମ୍‌ର ସି.ଏ.ଓ ଅମୃତ ମହାନ୍ତି, ପ୍ରଫେସର ଶଙ୍କର ପ୍ରସାଦ ପତି, ପବ୍ଲିକ ଲାଇବ୍ରେରୀର ସଭ୍ୟସଚିବ ରଘୁନାଥ ମିଶ୍ର ମଞ୍ଚାସୀନ ଥିଲେ। ରାଜେନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପୃଥ୍ୱୀରାଜ ମିଶ୍ର ଓ ବିଜୟ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

ସମ୍ବଲପୁର ପୁସ୍ତକମେଳାର
ଷଷ୍ଠ ଦିବସ

'ସମାଜ ପରିବର୍ତ୍ତନ କ୍ଷେତ୍ରରେ ସାହିତ୍ୟର ବହୁ ପ୍ରଭାବ ରହିଛି'

ସମ୍ବଲପୁର, ୨୯।୧(ସମିସ)

'ସେତୁ' ପ୍ରାୟୋଜିତ ସାରସ୍ୱତ କାର୍ଯ୍ୟକ୍ରମରେ ଆଜି ଥିଲା 'ଲେଖକଙ୍କୁ ସାକ୍ଷାତକାର'। ବିଶିଷ୍ଟ ପ୍ରାବନ୍ଧିକ ପ୍ରଫେସର ଧନେଶ୍ୱର ସାହୁଙ୍କ ସହ ସାକ୍ଷାତ କରିଥିଲେ ପ୍ରଫେସର ଅଖିଳ ବିଶ୍ୱାଳ। 'ସେତୁ' ସଭାପତି ଡକ୍ଟର ମୀନକେତନ ପାଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପ୍ରଫେସର ସାହୁ ମାନବିକତା, ଜିଜ୍ଞାସା ଓ ହେତୁବୋଧ ଉପରେ ବିଶଦ ଯୁକ୍ତି ବାଢ଼ିଥିଲେ। ସେ ଏକେଶ୍ୱରବାଦ ଓ ନିରୀଶ୍ୱରବାଦକୁ ନେଇ ଭାରତୀୟ ପ୍ରେକ୍ଷାପଟରେ ଆଲୋଚନା କରିଥିଲେ। ଏହାସହିତ ଭାରତୀୟ ବିଚାର ଓ ଦର୍ଶନକୁ ଭିନ୍ନ ଭିନ୍ନ ବୋଲି ମତପୋଷଣ କରିଥିଲେ। ହେତୁବୋଧକୁ ମାନବିକ ଆବେଦନ ସହିତ ଏକ ବୋଲି ମତ ରଖିଥିଲେ। ସେ କହିଥିଲେ ଯେ, ସାହିତ୍ୟ ଏକ ସୃଜନ କ୍ରିୟା। ସାହିତ୍ୟର ଗଦ୍ୟ ସାହିତ୍ୟ ଓ ପଦ୍ୟ ସାହିତ୍ୟ ଆଦି ବିଭିନ୍ନ ବର୍ଗ ରହିଛି। ଆମେ ଯେଉଁ ମାନବୀୟ ସମସ୍ୟା ବା ମାନବୀୟ ଦ୍ୱନ୍ଦ୍ୱ ଆଣୁଛେ, ତାହା ହେଉଛି ସୃଜନାତ୍ମକ ସାହିତ୍ୟ। କିନ୍ତୁ ଆମେ ଯେତେବେଳେ ପ୍ରବନ୍ଧକୁ ଆସୁଛେ ତାହା ହେଉଛି ବୌଦ୍ଧିକ ସୃଜନ। ପ୍ରବନ୍ଧ ଲେଖିବା ସମୟରେ ପ୍ରାବନ୍ଧିକ ବିଚାରଧାରାକୁ କିପରି ବିଶ୍ଳେଷଣ କରୁଛନ୍ତି ଓ ତର୍କ କିପରି ଦେଉଛନ୍ତି ତାହା ଦେଖାଯାଏ। ପ୍ରବନ୍ଧ ଯୁକ୍ତିସଙ୍ଗତ; ଏଥିରେ ଅନୁଶୀଳନ, ସମାଲୋଚନା; ଚିନ୍ତା, ବିଶ୍ଳେଷଣ, ଗୂଢ଼ତତ୍ତ୍ୱ ଥାଏ ଓ ଆବେଗ ନଥାଏ। ଗୋଟିଏ ପୁସ୍ତକର ପ୍ରଭାବ ସଭ୍ୟତାରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥାଏ



ବୋଲି କହିବା ସହ ପ୍ରଫେସର ସାହୁ 'ଡିସେଣ୍ଟ ଅଫ୍ ମ୍ୟାନ୍', 'ଅରିଜିନ୍ ଅଫ୍ ସ୍ପେଶିସ', 'ଦାସ କ୍ୟାପିଟାଲ', 'ଅଙ୍କଲ ଟମ୍ସ କେବିନ୍', 'ସାଇଲେଣ୍ଟ ସ୍ପ୍ରିଙ୍ଗ' ଆଦି ପୁସ୍ତକ ସହ ଓଡ଼ିଆ ସାହିତ୍ୟର 'ରେବତୀ' ଓ ଛ'ମାଣ ଆଠଗୁଣ୍ଠ ଆଦି ବିଷୟରେ କହିଥିଲେ। ଶେଷରେ ସେ ସମାଜ ପରିବର୍ତ୍ତନ କ୍ଷେତ୍ରରେ ସାହିତ୍ୟର ବହୁ ପ୍ରଭାବ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ସାରସ୍ୱତ ଅଧିବେଶନରେ ଅତିଥି ଭାବରେ ଯୋଗ ଦେଇଥିଲେ। 'ସେତୁ' ସମ୍ପାଦକ ହରିନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ।



ସମ୍ବଲପୁର ପୁସ୍ତକମେଳାରେ ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ (ଏନ୍‌ବିଟି)ର ଜାତୀୟ ଶିଶୁସାହିତ୍ୟ କେନ୍ଦ୍ର (ଏନ୍‌ସିସିଏଲ୍) ତରଫରୁ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ପିଲାମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଶିଶୁ ମଣ୍ଡପରେ- 'ଫିଲ ଦ ଏଣ୍ଡାୟାର ୱାର୍ଲଡ ୱିଥ୍ କଲର', 'ରିଡ୍ ବିଅଣ୍ଡ ଦ ଷ୍ଟାର୍ସ', 'ଗୋଣ୍ଡ ଚିତ୍ରକଳା', 'ରାଷ୍ଟ୍ରୀୟ ଇ-ପୁସ୍ତକାଳୟ', 'ରଙ୍ଗ ଦୋ ଦୁନିଆ ସାରି' ଆଦି ୬ଟି କର୍ଣ୍ଣର ରହିଥିବାବେଳେ ଖୋଲା ମଞ୍ଚ ପିଲାମାନଙ୍କ ପାଇଁ ଏକ ପ୍ଲାଟଫର୍ମ ସାଜିଛି। ଏଠାରେ କାହାଣୀ କଥନ ଅଧିବେଶନ, ସଙ୍ଗୀତ, କୁଇଜ୍, ଚିତ୍ରାଙ୍କନ ଏବଂ ସ୍ଲୋଗାନ-ଲେଖା ପ୍ରତିଯୋଗିତା, ପୋଷ୍ଟର ଡିଜାଇନ କର୍ମଶାଳା ସହ ଯୋଗ, ବିଜ୍ଞାନ ସହିତ ମଜା, ପଟ୍ଟଚିତ୍ର କଳା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଅଭିଜ୍ଞ ବ୍ୟକ୍ତିବିଶେଷଙ୍କ ସହ ଏନ୍‌ସିସିଏଲ୍‌ର ପ୍ରଶିକ୍ଷକମାନେ ପିଲାମାନଙ୍କୁ ବିଭିନ୍ନ କଥା ଶିଖାଉଛନ୍ତି। ପୁସ୍ତକମେଳାର ଷଷ୍ଠ ଦିବସରେ ଆଜି ପ୍ରଥମ କାର୍ଯ୍ୟକ୍ରମ ଥିଲା ପ୍ରାଚୀତାରା ମିଶ୍ରଙ୍କ କାହାଣୀ କଥନ। ତାଙ୍କ କାହାଣୀ ବଖାଣିବା ଶୈଳୀ ଅନନ୍ୟ ଥିଲା। ପିଲାମାନେ ଉପଭୋଗ କରିବାସହ କାହାଣୀର ଜଣେ ଜଣେ ପାତ୍ର ପାଲଟି ଯାଇଥିଲେ। ଏହାପରେ ଗୌରହରି ବିଶ୍ୱାଳ ଥିଏଟର୍ ୱାର୍କସପ୍ କରିଥିଲେ। ଏଥିରେ ଅଭିନୟର ଶୈଳୀ ଓ ନିଖୁଣତା ବିଷୟରେ ସେ ବର୍ଣ୍ଣନା କରିବାସହ ଇମ୍-ପ୍ରମ୍‌ଟୋ ଅଭିନୟ ଶିଖାଇଥିଲେ। ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ପକ୍ଷରୁ ଶେଷ କାର୍ଯ୍ୟକ୍ରମ ସ୍ଲୋଗାନ-ଲିଖନ ପ୍ରତିଯୋଗିତାରେ ସମସ୍ତ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆଜି ୧୫ଟି ବିଦ୍ୟାଳୟର ପ୍ରାୟ ୧୨ ଶହ ଛାତ୍ରଛାତ୍ରୀ ବିଭିନ୍ନ ଶିଶୁଭିତ୍ତିକ କାର୍ଯ୍ୟକଳାପରେ ଯୋଗ ଦେଇଥିଲେ। ଏନ୍‌ବିଟି ପକ୍ଷରୁ ଶିଶୁ-ମଣ୍ଡପ ସମ୍ବଲପୁରର ପିଲା ତଥା ଅଭିଭାବକ ମହଲରେ ଏକ ନୂତନ ପରିଚିତି ସୃଷ୍ଟି କରିଛି।

ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଗାୟକ ଶାଶ୍ୱତ ତ୍ରିପାଠୀ ଓ ତାଙ୍କ ଗ୍ରୁପ୍ ସମ୍ବଲପୁରୀ ଓ ଅନ୍ୟାନ୍ୟ ଗୀତକୁ ନେଇ ପୁସ୍ତକମେଳାରେ ଶ୍ରୋତାଙ୍କ ମନୋରଞ୍ଜନ କରିଥିଲେ। ସେ ଲୋକପ୍ରିୟ ସମ୍ବଲପୁରୀ ଗୀତ ପରିବେଷଣ କରିଥିବାବେଳେ ଉପସ୍ଥିତ ଜନତା ତାଙ୍କସହ ତାଳରେ ତାଳ ମିଳାଇ ଗାଇଥିଲେ।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥

୰ ଦେବବାଳା ମହାପାତ୍ର
ମହତାବ ରୋଡ୍, କଟକ
ଆବିର୍ଭାବ : ୧୯.୦୨.୧୯୬୯
ତିରୋଧାନ : ୨୦.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ

ଜନ୍ମନେବାର ୯୦ଦିନ ପରେ ସୁସ୍ଥହେଲେ ଜାଆଁଳା ଶିଶୁକନ୍ୟା



ସମ୍ବଲପୁର, ୨୯।୧ (ସମିସ): ବରଗଡ଼ ଅଞ୍ଚଳର ଜଣେ ଆସନ୍ନପ୍ରସବା ମହିଳା ମାତ୍ର ୬ ମାସ ୧୫ ଦିନରେ ପ୍ରସବ ଯନ୍ତ୍ରଣା ହେବାରୁ ସମ୍ବଲପୁର ଭାଲୁପାଲିସ୍ଥିତ କ୍ରିଷ୍ଣା ବିକାଶ ହସ୍ପିଟାଲକୁ ଆସିଥିଲେ। ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ବିସ୍ମୟ କୁମାର ଷଡ଼ଙ୍ଗୀ ଏହି କଷ୍ଟସାଧ୍ୟ ଜରୁରୀକାଳୀନ ପ୍ରସବ ରାତି ୧୨ଟା ସମୟରେ ସଫଳତାର ସହ କରିଥିଲେ। ତାଙ୍କର ଦୁଇ ଜାଆଁଳା ଶିଶୁ କନ୍ୟା ଜନ୍ମ ହୋଇଥିଲେ। ମାତ୍ର ସମ୍ପୂର୍ଣ୍ଣ ଅବଧି ପୂର୍ବରୁ ଜନ୍ମ ନେଇଥିବାରୁ, ଅପୂର୍ଣ୍ଣ ଶାରୀରିକ ବିକାଶ ହେତୁ କମ ଓଜନ ରହିଥିଲା। ଗୋଟିଏ ଶିଶୁ ୧ ହଜାର ଗ୍ରାମ ଓ ଅନ୍ୟ ଶିଶୁଟି ୭ ଶହ ଗ୍ରାମ ଓଜନ ଥିବାରୁ ଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ, ସଂଗ୍ରମର ସହ ଅନେକ ସମସ୍ୟା ଉପୁଜିଥିବାରୁ ଶିଶୁକନ୍ୟା ଦ୍ୱୟଙ୍କୁ କ୍ରିଷ୍ଣା ବିକାଶର ଅତ୍ୟାଧୁନିକ ଏନ୍‌ଆଇସିୟୁରେ ଡା. ନିର୍ମଳ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ରଖାଯାଇଥିଲା। ଡାକ୍ତର, ନର୍ସ, ପାରା ମେଡିକାଲ ଷ୍ଟାଫଙ୍କ ଅକ୍ଲାନ୍ତ ଉଦ୍ୟମ ଏବଂ ଆନୁସଙ୍ଗିକ ଚିକିତ୍ସା ଦ୍ୱାରା ଦୀର୍ଘ ୯୦ ଦିନ ପରେ ଓଜନ ଯଥାକ୍ରମେ ୧.୬ କିଲୋ ଏବଂ ୨.୨ କିଲୋ ସହିତ ସୁସ୍ଥ ହୋଇ ଶିଶୁ କନ୍ୟା ଦ୍ୱୟ ମା'କୋଳକୁ ଫେରିଛନ୍ତି। ଏହି ସଫଳତା ପାଇଁ କ୍ରିଷ୍ଣା ବିକାଶ ହସ୍ପିଟାଲର ଚେୟାରମ୍ୟାନ ଡି. ମୁରଲୀକ୍ରିଷ୍ଣା ଡାକ୍ତରୀ ଟିମ୍ ଏବଂ ମାତାପିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

'ପଶ୍ଚିମ ଓଡ଼ିଶା ପର୍ଯ୍ୟଟନ: ସମ୍ଭାବନା ଏବଂ ପଥ' ଶୀର୍ଷକ କର୍ମଶାଳା

'ପର୍ଯ୍ୟଟନ ମାଧ୍ୟମରେ ଆଞ୍ଚଳିକ ବିକାଶ ସମ୍ଭବ'

ସମ୍ବଲପୁର, ୨୯।୧(ସମିସ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ଏବଂ ଓଡ଼ିଶା ଗବେଷଣା କେନ୍ଦ୍ର (ଓଆର୍‌ସି), ଭୁବନେଶ୍ୱର ପକ୍ଷରୁ ମିଳିତ ଭାବରେ ବିଶ୍ୱବିଦ୍ୟାଳୟର ଭିସି ସମ୍ମିଳନୀ କକ୍ଷରେ 'ପଶ୍ଚିମ ଓଡ଼ିଶା ପର୍ଯ୍ୟଟନ: ସମ୍ଭାବନା ଏବଂ ପଥ' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତି ବିଭାଗ ମୁଖ୍ୟ ଡ. ଉମାଚରଣ ପତି ସ୍ୱାଗତ ଭାଷଣ ପ୍ରଦାନ କରି ପଶ୍ଚିମ ଓଡ଼ିଶାର ବିପୁଳ ପର୍ଯ୍ୟଟନ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଅଞ୍ଚଳରେ ସ୍ଥାୟୀ ପର୍ଯ୍ୟଟନ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଶୈକ୍ଷିକ ବ୍ୟବସ୍ଥିତି ଏବଂ ନୀତି-ଆଭିମୁଖୀ ବିଚାର-ବିମର୍ଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାର ସଂଯୋଜକ ସହକାରୀ ପ୍ରଫେସର ଅନୁରଞ୍ଜନ ଟେଟେ ଅତିଥି ପରିଚୟ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ସ୍ଥାନୀୟ ଏବଂ ଜନଜାତି ପର୍ଯ୍ୟଟନ ଏବଂ ପର୍ଯ୍ୟଟନ ମାଧ୍ୟମରେ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବାରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଓଡ଼ିଶା ଗବେଷଣା କେନ୍ଦ୍ର, ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ କର୍ମଶାଳାର ଧାରଣାଗତ ଢାଞ୍ଚା, ବିଚାର ଆଲୋଚନାରୁ ତାଙ୍କର ଆଶା ଏବଂ ଓଆର୍‌ସିର ଭବିଷ୍ୟତ ଦୃଷ୍ଟିକୋଣ ଏବଂ ଯୋଜନା ବିଷୟରେ କହିଥିଲେ। ମୁଖ୍ୟ ଅତିଥି ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ମହିଳା ସଶକ୍ତିକରଣ ଏବଂ ଶିକ୍ଷାଦାନ ଏବଂ ଶିକ୍ଷଣରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କ୍ଷେତ୍ରରେ ଆଇଆଇଏମ୍ ସମ୍ବଲପୁର ଦ୍ୱାରା



ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ। କର୍ମଶାଳାର ବିଷୟବସ୍ତୁ ସହିତ ତାଙ୍କ ଅଭିଭାଷଣକୁ ସଂଯୋଗ କରି, ସେ ଦେଶର ଏହି ଅଂଶରେ ପର୍ଯ୍ୟଟନକୁ ବିଶ୍ୱସ୍ତରୀୟ କରିବା ପାଇଁ ତିନୋଟି 'ସି' - ବିଷୟବସ୍ତୁ, ଯୋଗାଯୋଗ ଏବଂ ସଂଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ସହକାରୀ ପ୍ରଫେସର ଅକ୍ଷୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ବୈଷୟିକ ଅଧିବେଶନର ସଂଯୋଜନା ସହକାରୀ ପ୍ରଫେସର ଡକ୍ଟର ପ୍ରିୟଦର୍ଶୀ ଯୋଶୀ କରିଥିଲେ। ଏହି ଅଧିବେଶନରେ ସମ୍ବଲପୁର ପର୍ଯ୍ୟଟନ ଗବେଷକ ଲଳିତ କୁମାର ଜେନା; ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର ଦଳାଇ; ଆଇଆଇଏମ୍ ସମ୍ବଲପୁରର ସହକାରୀ ପ୍ରଫେସର ଡକ୍ଟର ହେମଚନ୍ଦ୍ର ପ୍ରଧାନ ଏବଂ ଜିଏମ୍‌ୟୁ ସହକାରୀ ପ୍ରଫେସର ଡକ୍ଟର ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବକ୍ତାମାନେ ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନ ବିକାଶ ସହିତ ଜଡିତ ବିଭିନ୍ନ ଦିଗ, ସୁଯୋଗ ଏବଂ ଚ୍ୟାଲେଞ୍ଜ ଉପରେ ଆଲୋଚନା କରିଥିଲେ। ଶେଷରେ ବିଭାଗୀୟ ମୁଖ୍ୟ ଡକ୍ଟର ଉମା ଚରଣ ପତି ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକମାନଙ୍କ ସହିତ ଶତାଧିକ ଛାତ୍ରଛାତ୍ରୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

ଭାରତନାଟ୍ୟମ୍‌ରେ ପ୍ରଥମସ୍ଥାନ ହାସଲ କଲେ ସୁଭାଂଶୀ



ସମ୍ବଲପୁର, ୨୯।୧(ସମିସ): ସମ୍ବଲପୁରର ସର୍ବପ୍ରଥମ ଭାରତନାଟ୍ୟମ୍ ଅନୁଷ୍ଠାନ 'ଉଡ଼ାନ'ର ଛାତ୍ରୀ ସୁଭାଂଶୀ ବହିଦାର ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ହୋଇଥିବା ଏସିଆନ୍ ଡେନ୍ସ ସମ୍ମିଟ୍ ଇଣ୍ଟରନେସନାଲ ଡେନ୍ସ ଚମ୍ପିଆନସିପ୍ କମ୍ପିଟିସନ୍ କ୍ୟାଟେଗୋରୀରେ ପ୍ରଥମ ପୁରସ୍କାର ଅର୍ଜନ କରି ସମ୍ବଲପୁର ତଥା ସାରା ଓଡ଼ିଶାର ନାମ ଉଜ୍ଜ୍ୱଳ କରିଛନ୍ତି। ସୁଭାଂଶୀଙ୍କୁ ଏହି ପଦକ କଥକ ନୃତ୍ୟରେ ପ୍ରତିଷ୍ଠିତ ବ୍ୟକ୍ତି ଶ୍ରୀକୁମାର ଶର୍ମାଙ୍କ ଦ୍ୱାରା ପ୍ରଦାନ କରାଗଲା। ତାଙ୍କ ଏହି ଉପଲବ୍ଧିକୁ ଉଡାନ୍‌ର ନିର୍ଦ୍ଦେଶିକା ତମନ୍ନା ସାମନ୍ତରାୟ, ସୁଭାଂଶୀର କଠିନ ପରିଶ୍ରମ ଓ ମାତା ପିତାଙ୍କ ସମର୍ଥନ ସହିତ ଗୁରୁ ଦେବସ୍ମିତା ନାୟକଙ୍କ ବିଶ୍ୱାସକୁ ସମର୍ପିତ କରିଛନ୍ତି। ଏହା ଆଗାମୀ ଦିନରେ ଅନ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ପୁପୁଡ଼ାରେ ବିଶାଳ ହିନ୍ଦୁ ସମ୍ମିଳନୀ

ଜମନକିରା, ୨୯।୧(ସମିସ): ଜମନକିରା ବ୍ଲକ ଫାଶୀମାଲ ପଞ୍ଚାୟତ ପୁପୁଡ଼ା ଗ୍ରାମ ଶନି ମନ୍ଦିର ପରିସରରେ ବିଶାଳ ହିନ୍ଦୁ ସମ୍ମିଳନୀ ବୁଧୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ ପଟେଲଙ୍କ ସଭାପତିତ୍ୱ, ପୂଜକ ସତ୍ୟ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ସଭା ଆରମ୍ଭ ହୋଇଥିଲା। ଭକ୍ତ କିସାନଙ୍କ ସଂଯୋଜନାରେ ବିଶାଳ ହିନ୍ଦୁ ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ଡ କୁମାର ବିକ୍ରମ, ମୁଖ୍ୟବକ୍ତା ଭାବରେ ରାମକୃଷ୍ଣ ନାଏକ, ସମ୍ମାନିତ ଅତିଥି ଭାବରେ ରାମ ନାରାୟଣ ଭୋଇ, ଯୋଗ ଦେଇ ଥିବାବେଳେ ଡ଼ କାର୍ତ୍ତିକେଶ୍ୱର ପଧାନ, ଇସାନ ପଶାୟତ, ଗୋଲକ ପଧାନ, ମଣ୍ଟୁ ଭାଇ ପ୍ରଭୁତି ସହ ଯୋଗ କରିଥିବା ବେଳେ ୩ୀ ପଞ୍ଚାୟତରୁ ବହୁ ସଂଖ୍ୟାରେ ପୁରୁଷ ମହିଳା ଯୋଗ ଦେଇ ଥିଲେ।

ମାଁ ଦୁର୍ଗା ମନ୍ଦିରର ରତ୍ନମୁଦ ଉତ୍ସବ

ଜମନକିରା, ୨୯ ।୧(ସମିସ): ଜମନକିରା ବସଷ୍ଟାଣ୍ଡ ଛକରେ ମାଁ ଦୁର୍ଗା ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପ୍ରାତଃରୁ ଚିହ୍ନଟ ହୋଇଥିବା ଅର୍ଜୁନପାଲିଗ୍ରାମ ପାର୍ଶ୍ୱ ଝରଣା ପାଖରୁ ସାହାଡା ବୃକ୍ଷ ଓ ଗ୍ରାମ ମଧ୍ୟରୁ ବରୁଣ ବୃକ୍ଷ ପୂଜାଚ୍ଚନା କରାଯାଇ ଅଣା ଯାଇଥିଲା। ଉଭୟ ଦାରୁ ଆଣି ଇନ୍ଦ୍ର ଇନ୍ଦ୍ରାଣୀ ମୂର୍ତ୍ତି ତିଆରି କରି ପୂଜା କରଯାଇଥିଲା। ଏହାପରେ କଳସ ଯାତ୍ରାରେ ଜଳ ଆସି ସ୍ଥାପନା ପରେ ରତ୍ନାମୁଦ ପୂଜା ଆରମ୍ଭ ହୋଇ ଥିଲା। ମୁଖ୍ୟ ପୂଜକ ଭାବରେ ଅଶୋକ କୁମାର ପାଣିଗ୍ରାହୀ ପୂଜା ପାଠ କରି ଥିବା ବେଳେ କର୍ତ୍ତା ଭାବରେ ଗ୍ରାମର ଗୋନ୍ତିଆ ହେମନ୍ତ କୁମାର ପଟେଲ ଓ ତାଙ୍କ ପତ୍ନୀ ଦେବକୀ ପଟେଲ ଦାୟିତ୍ୱ ତୁଲାଇ ଥିଲେ। ସହଯୋଗୀ ପୂଜକ ଭାବରେ ଉମେଶ ପାଣିଗ୍ରାହୀ, ଉମାକାନ୍ତ ପାଣିଗ୍ରାହୀ ଓ ଗୋପାଳ ଶତପଥି ରହିଥିଲେ। ପୂର୍ବାହ୍ନ ୧୦ଟା ରୁ ମନ୍ଦିର ରତ୍ନାମୁଦ ବିଧି ଶୁଭାରମ୍ଭ ହୋଇ ପୂର୍ଣ୍ଣାହୁତି ହୋଇ ଥିଲା। ରତ୍ନାମୁଦରେ ଧାନ, ଗହମ, ସୋରିଷ, ମୁଗ ଓ ଜବଧାନ ସହିତ ପଞ୍ଚଧାତୁ ଭକ୍ତମାନେ ଅର୍ପଣ କରିଥିଲେ। ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ନାମସଂକୀର୍ତ୍ତନ, ଭଜନ, କୃଷ୍ଣଗୁରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପଞ୍ଚାୟତରାଜମନ୍ତ୍ରୀ ରବିନାରାୟଣ ନାଏକ ରତ୍ନ ମୁଦ



ଭର୍ତ୍ତି କରିଥିଲେ। ମନ୍ଦିର ନିର୍ମାଣ କମିଟି ସଭାପତି ପିଛାଲୁ ଭୋଇ, ସମ୍ପାଦକ ହେମନ୍ତ ମହାକୁଲ, ଗ୍ରାମଉନ୍ନୟନ କମିଟି ସଭାପତି ସୁବାଷ ସାହୁ, ସମ୍ପାଦକ ସ୍ନେହାଶିଷ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଦୁର୍ଗା ପୂଜାରେ ସହଯୋଗ କରୁଥିବା ସମସ୍ତ କର୍ମକର୍ତ୍ତା, ଗ୍ରାମବାସୀ ସହଯୋଗ କରିଥିଲେ।

ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ସମ୍ବଲପୁର, ୨୯।୧ (ସମିସ) : ସରକାରୀ ମହିଳା ମହାବିଦ୍ୟାଳୟରେ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଆଠଦିନିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ସଦର ଏସ୍‌ଡିପିଓ ତୋଫାନ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ବାଗ କହିଥିଲେ ଆତ୍ମରକ୍ଷା କୌଶଳ ଶିକ୍ଷା କରିବାଦ୍ୱାରା କେବଳ ଶାରୀରିକ ଦକ୍ଷତା ବୃଦ୍ଧି କରେ ନାହିଁ, ମାନସିକ ଦକ୍ଷତା ମଧ୍ୟ ବୃଦ୍ଧି କରିଥାଏ। ଏହାସହିତ ଶ୍ରୀ ବାଗ ନିଜର ଗ୍ରେହାଉଣ୍ଡ ତାଲିମ୍ କାଳୀନ ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରଶିକ୍ଷଣ ଶିବିର ଅଧିକାରୀ ଡ. ଭାରତୀ




ମିଶ୍ର ଏହି ୮ ଦିନ ବ୍ୟାପୀ କାର୍ଯ୍ୟକ୍ରମର ଏକ ବିଶ୍ଳେଷାଣାତ୍ମକ ବିକରଣୀ ପାଠ କରିଥିଲେ। ଅଧ୍ୟାପିକା ବବିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷିକା ମୀନାରାଣୀ ମଲ୍ଲିକ ଏବଂ ସୁକ୍ଷମା ସଙ୍ଗୀତା ତିର୍କୀ ମହାବିଦ୍ୟାଳୟର ସମୁଦାୟ ୫୮ ୯ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଅଧ୍ୟାପକ ଅଖିଳ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପକ ଭୋଜରାଜ ରୋହିଦାସ ଉତ୍ସବର ସଂଯୋଜନା କରିଥିଲେ।

ଜଗତ କଲ୍ୟାଣ ପାଇଁ ୨୪ ପ୍ରହର ନାମଯଜ୍ଞ



ସମ୍ବଲପୁର, ୨୯।୧ (ସମିସ) : ସମଲେଶ୍ୱରୀ ମନ୍ଦିର ପରିସରରେ ଜଗତ କଲ୍ୟାଣ ପାଇଁ ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ଆନୁକୂଲ୍ୟରେ ଗୁରୁବାର ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଗୋପାଲଜୀ ମଠର ମହନ୍ତ ହୃଷିକେଶ ଦାଶ ନାମ ଧରାଇଥିଲେ। ଗଙ୍ଗାଧର ରାଏ ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମନ୍ଦିର ପୂଜକମାନେ ଉପସ୍ଥିତ ରହିଛନ୍ତି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୯ଟି ସଂକୀର୍ତ୍ତନ ଦଳ ଏଥିରେ ଭାଗ ନେଉଛନ୍ତି। ଏହି ଅବସରରେ ସମ୍ବଲେଶ୍ୱରୀ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କ ସହ ଟ୍ରଷ୍ଟି ପ୍ରଫୁଲ୍ଲ ହୋତା, ହେମନ୍ତ ଚନ୍ଦ୍ର ମିଶ୍ର, ଦେବକୁମାର ଆଜମେରିଆ, ବୀରେନ୍ଦ୍ର ରାଏ, ସନ୍ତୋଷ ପୃଷ୍ଠେଠ ପ୍ରମୁଖ ବହୁ ଗଣ୍ୟମାଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହି ନାମଯଜ୍ଞରେ ସାମିଲ ହୋଇ ଜଗତ କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିବାକୁ ସଭାପତି ଶ୍ରୀ ବାବୁ ଅନୁରୋଧ କରିଛନ୍ତି।



ଭୀମଭୋଇ ଲୋକ ମହୋତ୍ସବ ଉଦ୍‌ଘାଟିତ





ରେଢ଼ାଖୋଲ, ୨୯ ।୧(ସମିସ)

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ପ୍ରଥମ ଥର ପାଇଁ ଭୀମଭୋଇ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ ୪ ଦିନ ଧରି ରେଢ଼ାଖୋଲ ସହର ଉତ୍ସବ ମୁଖର ହୋଇ ରହିବ, ପ୍ରଥମ ଦୁଇ ଦିନ ରେଢ଼ାଖୋଲ ଐତିହ୍ୟ, ପରମ୍ପରା, କଳାକୁ ନେଇ ଉପଖଣ୍ଡସ୍ତରୀୟ ସ୍ଥାନୀୟ କଳାକାରମାନେ କଳାପ୍ରଦର୍ଶନ କରିବେ। ଉଦ୍‌ଘାଟନୀ ମହୋତ୍ସବରେ ପ୍ରଥମତଃ ରେଢ଼ାଖୋଲ ଇଷ୍ଟ ଦେବତା ପ୍ରଭୁ ପଞ୍ଚଖଣ୍ଡା ମନ୍ଦିରରେ ପୂଜାର୍ଚ୍ଚନା ପରେ ରେଢ଼ାଖୋଲ ଉପଜିଲ୍ଲାପାଳ ତଥା ଭୀମଭୋଇ ଲୋକ ମହୋତ୍ସବ ଅଧ୍ୟକ୍ଷ ଶ୍ରୀଯୁକ୍ତ ରଶ୍ମିରଞ୍ଜନ ମହନ୍ତଙ୍କ ହସ୍ତରେ ମଶାଲ ଅଗ୍ନି ସଂଯୋଗ କରାଯାଇ ଭବ୍ୟ ମଶାଲ ଶୋଭାଯାତ୍ରାରେ ସଜ୍ଜ କବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ଠାରେ ପହଞ୍ଚି ମାଲ୍ୟାର୍ପଣ ପୂର୍ବକ ଦୁଲଦୁଲି, ଦଣ୍ଡ ନୃତ୍ୟ ଓ ଖଞ୍ଜଣି ତାଳେ ତାଳେ ସ୍ଥାନୀୟ କଦମ୍ବ ପଡ଼ିଆ ସ୍ଥିତ ଭୀମଭୋଇ କଳା ମଣ୍ଡପରେ ପହଞ୍ଚିଥିଲେ। ଏହାପରେ ଉପଜିଲ୍ଲାପାଳ ପ୍ରଭୁ ଜଗନ୍ନାଥଙ୍କ ସମ୍ମୁଖରେ ମଶାଲ ପ୍ରତିସ୍ଥାପନ କରିଥିଲେ। ଏହି ଶୋଭାଯାତ୍ରାରେ ରେଢ଼ାଖୋଲ ଉପଖଣ୍ଡର ମାନ୍ୟଗଣ୍ୟ ବ୍ୟକ୍ତି, ଜଣ ପ୍ରତିନିଧି, ଭୀମଭୋଇଙ୍କ ଅନୁଗାମୀ ସାଧୁସଜ୍ଜ, ଗଣମାଧ୍ୟମ ପ୍ରତିନିଧି, ସରକାରୀ କର୍ମଚାରୀ, ବୁଦ୍ଧିଜୀବୀଙ୍କ ସହ ଜନସାଧାରଣ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ଏହା ପରେ ସନ୍ଧ୍ୟାରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ପଞ୍ଚଖଣ୍ଡାଙ୍କ ଠାରେ ଦୀପ ପ୍ରଜ୍ୱଳନ କରି ଉପଜିଲ୍ଲାପାଳ ମହୋତ୍ସବକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଶିବରାମ ସାହୁ, ବ୍ରହ୍ମ ଅବଧୂତ ବାବା ଆନନ୍ଦ ଚନ୍ଦ୍ର ଦାସ ଏବଂ ଅନ୍ୟାନ୍ୟ ସାଧୁସଜ୍ଜ ମଞ୍ଚାସିନ ରହି ଏହି ମହୋତ୍ସବ କୁ ଦୀର୍ଘାୟୁ କାମନା କରି ଏଥିରେ କଠିନ ପରିଶ୍ରମ ଫଳ ଉପଯାନ ହୋଇଛି ବୋଲି ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏଥିରେ ପ୍ରଣାମ ଅନୁଷ୍ଠାନ ନୃତ୍ୟ ଦଳ, କେପସୁଲ କିଡ୍ସ କଳାକାର ଶ୍ରୀ ଜଗନ୍ନାଥ ପ୍ରଣାମୀ ନୃତ୍ୟ, କିସିଣ୍ଡା ହାଇସ୍କୁଲ ସମ୍ବଲପୁରୀ ନୃତ୍ୟ, ଡାଲଖାଇ ନୃତ୍ୟ ମୋଚିବହାଳ ନୃତ୍ୟ ଦଳ, ନାକଟିଦେଉଳ ଆଦର୍ଶ ବିଦ୍ୟାଳୟର ନୃତ୍ୟ ଦଳ ପ୍ରମୁଖ ସମେତ ଅନ୍ୟ କଳାକାରଙ୍କ ନୃତ୍ୟ କଳା ପ୍ରଦର୍ଶନରେ ଦର୍ଶକ ବିମୋହିତ ହୋଇଥିଲେ। ମଞ୍ଚରେ ଏନ୍‌ଏସି କାଉନସିଲରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପାଇକମାଲ ଆକାଂକ୍ଷୀ ବ୍ଲକରେ ତମ୍ବୁରେ ଅଙ୍ଗନବାଡ଼ି

ବରଗଡ଼, ୨୯।୧(ସମିସ): ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଅଧୀନ ପଲସଦା (କ) ଅଙ୍ଗନବାଡି କେନ୍ଦ୍ରରେ ନିଜସ୍ୱ ଅଙ୍ଗନବାଡି କୋଠା ନଥିବାରୁ କୁନିକୁନି ଶିଶୁ ମାନେ ଅସ୍ଥାୟୀ ତମ୍ବୁରେ ବିପଦଜନକ ପରିସ୍ଥିତିରେ ପାଠ ପଢୁଥିବା ଘଟଣା ସାମ୍ନାକୁ ଆସିଛି। ଏହି ଅବସ୍ଥା ଦେଖି ସ୍ଥାନୀୟ ଅଭିଭାବକ ଓ ସଚେତନ ନାଗରିକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପାଇକମାଲ ବ୍ଲକ କେନ୍ଦ୍ର ସରକାରଙ୍କ ଆକାଂକ୍ଷି ବ୍ଲକ ଭାବେ ଘୋଷିତ ହୋଇଥିଲେ ମଧ ଏଭଳି ଦୟନୀୟ ପରିସ୍ଥିତି ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ ବୋଲି ସାମାଜିକ କର୍ମୀ ଓ ଗ୍ରାମବାସୀ କହିଛନ୍ତି। ବର୍ଷା ଓ ଖରା ସମୟରେ ତମ୍ବୁ ମଧ୍ୟରେ ପିଲାମାନଙ୍କ ପାଠ ପଢ଼ିବା ସେମାନଙ୍କ ସୁରକ୍ଷା ନେଇ ଆଶଙ୍କା ସୃଷ୍ଟି ହୋଇଛି। କେବଳ ପଲସଦା ଗାଁ ନୁହେଁ, ପାଇକମାଲ ବ୍ଲକର ଅନେକ ସ୍ଥାନରେ ଏଭଳି ଅସୁରକ୍ଷିତ ପରିବେଶରେ ଅଙ୍ଗନବାଡି କେନ୍ଦ୍ର ଚାଲିଥିବା ଅଭିଯୋଗ ଆସୁଛି। ଏହାର ତଦନ୍ତ କରି ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି। ଏହି ସମସ୍ୟାକୁ ନେଇ ସାମାଜିକ କର୍ମୀ ଦୀପା ବାରିକ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ସେ ତୁରନ୍ତ ଅଙ୍ଗନବାଡି କୋଠା ନିର୍ମାଣ କରି ପିଲାମାନଙ୍କୁ ସୁରକ୍ଷିତ ଶିକ୍ଷା ପରିବେଶ ଯୋଗାଇବାକୁ ଦାବି କରିଛନ୍ତି।



ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ

ଲୁଗାବୁଣା ଓ ପରିବେଶ ସୁରକ୍ଷା ଅନନ୍ତ ମେହେରଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି

ବରଗଡ଼, ୨୯।୧(ସମିସ)

ସାଧାରଣତଃ ଜଙ୍ଗଲ ସୃଷ୍ଟି କରିବା ସରକାର କିମ୍ବା ବଡ଼ ସଂସ୍ଥାର କାମ। କିନ୍ତୁ ଜଣେ ବ୍ୟକ୍ତି ନିଜ ହାତର ତନ୍ତକୁ ସାରଥୀ ଏବଂ ଶ୍ରମକୁ ମୂଳଧନ କରି ଏକ ବିରାଟ ଜଙ୍ଗଲ ଛିଡ଼ା କରିପାରେ, ତାହା ବିଶ୍ୱାସ କରିବା କଷ୍ଟକର। ଏହି ଅସମ୍ଭବକୁ ସମ୍ଭବ କରି ଦେଖାଇଛନ୍ତି ବରଗଡ଼ ଜିଲ୍ଲା ପଲ୍‌ସାପାଲି ପଞ୍ଚାୟତ ଅଧୀନ ଘନାମାଲ୍ ଗ୍ରାମର ଅନନ୍ତ କୁମାର ମେହେର। ତାଙ୍କୁ ଦେଖିଲେ ଜଣେ ସାଧାରଣ ମଣିଷ ପରି ମନେ ହୁଅନ୍ତି, କିନ୍ତୁ ତାଙ୍କ ଭିତରେ ରହିଛି ପ୍ରକୃତିକୁ ବଞ୍ଚାଇବାର ଏକ ଅଦମ୍ୟ ନିଶା। ଅନନ୍ତଙ୍କ ଦିନ ଆରମ୍ଭ ହୁଏ ତନ୍ତର ତାଳେ ତାଳେ। କିନ୍ତୁ ତନ୍ତଶାଳାରୁ ବାହାରିବା ପରେ ତାଙ୍କର ସମସ୍ତ ସମୟ କଟେ ପ୍ରକୃତି ସହ। ବିଗତ କିଛି ବର୍ଷ ଧରି ସେ ନିଜ ହାତରେ ଲଗାଇଥିବା ଗଛ ଗୁଡ଼ିକ ଆଜି ବିରାଟ ଜଙ୍ଗଲର ରୂପ ନେଇଛି। କେବଳ ଚାରାରୋପଣ ନୁହେଁ, ବରଂ ଗଛ ଗୁଡ଼ିକର ରକ୍ଷଣାବେକ୍ଷଣକୁ ସେ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି। ଅନନ୍ତ କେବଳ ପରିବେଶବିତ୍ ନୁହନ୍ତି, ସେ ଜଣେ ସୁସାହିତ୍ୟିକ ଓ ସଙ୍କୀର୍ତ୍ତନ ଗାୟକ। ତାଙ୍କ କବିତାର ପ୍ରତିଟି ଶବ୍ଦରେ ପରିବେଶ ପ୍ରତି ଭଲପାଇବା ଓ ସମାଜ ସୁଧାରର ବାର୍ତ୍ତା ଥାଏ। ଗାଁ ମନ୍ଦିରରେ ସଙ୍କୀର୍ତ୍ତନ ଗାଇବା ସମୟରେ ତାଙ୍କର ଭକ୍ତିପୂତ ସ୍ୱର ଗ୍ରାମବାସୀଙ୍କୁ ମନ୍ତ୍ରମୁଗ୍ଧ କରିଥାଏ। ଜଣେ ସ୍ୱଳ୍ପ ରୋଜଗାରକ୍ଷମ ବୁଣାକାର ହୋଇ ହଜାର ହଜାର ଚାରାରୋପଣ କରିବା ଓ ସେଗୁଡ଼ିକୁ ବଞ୍ଚାଇ ରଖିବା ସହଜ ନ ଥିଲା। ଅନେକ ସମୟରେ ଆର୍ଥିକ ଅଭାବ ସତ୍ତ୍ୱେ ସେ ନିଜ ଜିଦ୍‌ରୁ ଓହରି ନାହାନ୍ତି। ଆଜି ତାଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଏହି ସବୁଜ ବଳୟ ଅଞ୍ଚଳର ତାପମାତ୍ରା ନିୟନ୍ତ୍ରଣ କରିବା ସହ ଅନେକ ପଶୁପକ୍ଷୀଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଗଛଟିଏ ଲଗାଇବା ମାନେ ଜୀବନଟିଏ ଗଢ଼ିବା। ଆମେ ପ୍ରକୃତିକୁ ଯାହା ଦେବା, ପ୍ରକୃତି ଆମକୁ ତା'ଠାରୁ ଅଧିକ ଫେରାଇବ। - ଏହା ହିଁ ଅନନ୍ତଙ୍କ ଜୀବନର ମୂଳମନ୍ତ୍ର। ଆଜିର ସମୟରେ ଯେତେବେଳେ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି, ସେତେବେଳେ ଅନନ୍ତ କୁମାର ମେହେରଙ୍କ ଭଳି ବ୍ୟକ୍ତିତ୍ୱ ସମାଜ ପାଇଁ ଏକ ଦିଗଦର୍ଶକ। ତାଙ୍କର ଏହି ନିସ୍ୱାର୍ଥପର ସେବା ପାଇଁ ସ୍ଥାନୀୟ ଅଞ୍ଚଳରେ ତାଙ୍କୁ ଉଚ୍ଚ ପ୍ରଶଂସା କରାଯାଉଛି।



ବିମଳା ଦେବୀଙ୍କ ସ୍ମୃତିରେ ରକ୍ତଦାନ ଶିବିର



ବରଗଡ଼, ୨୯।୧(ସମିସ): ବରଗଡ଼ ଶକ୍ତି ନଗର ସ୍ଥିତ ଆକାଶ ଏଣ୍ଟରପ୍ରାଇଜର୍ସରେ ସ୍ୱର୍ଗତ ବିମଳା ଦେବୀ ଅଗ୍ରୱାଲଙ୍କ ସ୍ମୃତିରେ ଆକାଶ ଏଣ୍ଟରପ୍ରାଇଜର୍ସ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ମୁଖ୍ୟ ଅତିଥି ଭାବେ ବରଗଡ଼ର ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଶୁଭାରମ୍ଭ କରିଥିଲେ। ବରେଣ୍ୟ ଅତିଥି ଭାବେ ଛତିଶଗଡ଼ ବିଜେପି ଉପସଭାପତି ଜଗନ୍ନାଥ ପାଣିଗ୍ରାହୀ, ଡ.ପ୍ୟାରିଲାଲ ତ୍ରିପାଠୀ, ମୁରଲୀ କ୍ରିଷ୍ଣା ଫାଉଣ୍ଡେସନର ପ୍ରତିଷ୍ଠାତା ଡି.ମୁରଲୀ କ୍ରିଷ୍ଣା, ବରଗଡ଼ ପୌରାଧକ୍ଷ କଳ୍ପନା ମାଝୀ, ସାଇ ତ୍ରିପାଠୀ ଯୋଗ ଦେଇଥିଲେ। ଶିବିରରୁ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ସର୍ବମୋଟ ୨୦୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସନ୍ଧ୍ୟାରେ ବରଗଡ଼ ରକ୍ତଭଣ୍ଡାରକୁ ଯାଇ ଆଉ ୧୪ ଜଣ ରକ୍ତଦାନ କରିଥିଲେ। ସର୍ବମୋଟ ୨୧୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶେଷରେ ରକ୍ତଦାନ ଶିବିର ପାଇଁ ନିଷ୍ଠା ପରିବାର ତରଫରୁ ସ୍ମୃତି ଫଳକ ଓ ଉପଢୌକନ ଦେଇ ଆକାଶ ଏଣ୍ଟରପ୍ରାଇଜର୍ସକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତାପ ଶେଖର ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ପ୍ରଶାନ୍ତ ଅଗ୍ରୱାଲ, ପ୍ରବୀଣ ଅଗ୍ରୱାଲ, ଶୁଭମ ଅଗ୍ରୱାଲ, ଓଶୁ, ହୁଣ୍ଡାଇ ବରଗଡ଼, ଜେସିଆଇ ବରଗଡ଼ଙ୍କ ସହଯୋଗ ଓ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଆକାଶ ଏଣ୍ଟରପ୍ରାଇଜର୍ସର ରାମ ନିବାସ ଅଗ୍ରୱାଲ, ଆକାଶ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ସଂଗ୍ରାମ ଅଗ୍ରୱାଲ ଓ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟା ମାନେ ଶିବିର ପରିଚାଳନା କରିଥିଲେ। ସମସ୍ତ ରକ୍ତଦାତା ସହଯୋଗୀ ଶୁଭେଚ୍ଛୁ ସମସ୍ତଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

୨୧୬ ୟୁନିଟ୍ ରକ୍ତ ସଂଗ୍ରହ

ଘେଁସରେ ବିଶାଳ ହିନ୍ଦୁ ସମ୍ମିଳନୀ

ମେଲଛାମୁଣ୍ଡା, ୨୯।୧(ସମିସ): ଘେଁସ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପୀଠ ମଞ୍ଚରେ ମଣ୍ଡଳସ୍ତରୀୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାଘ ତିଳ ସପ୍ତମୀ ରବିବାର ସକାଳେ ରାମଧୁନର ପବିତ୍ର ଗାନ ସହ ପ୍ରଭାତଫେରୀ ଓ ପୂର୍ବାହ୍ନ ୯ରେ କଳସଯାତ୍ରା ହୋଇଥିଲା। ପଣ୍ଡିତ ପୁରନ୍ଦର ଶାସ୍ତ୍ରୀଙ୍କ ପୌରୋହିତ୍ୟରେ ନବପ୍ରଭାତ ଆଶ୍ରମର ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ହୋମଯଜ୍ଞ ପରେ ଅଶୋକ ପୂଜାହାରୀଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ୱାମୀ ସୁରେଶ୍ୱରାନନ୍ଦ, ଅଲେଖସ୍ୱାମୀ ଗିରିଜାବାବା, ଡ.ସତ୍ୟସାଇ ନାୟକ ପ୍ରମୁଖ ହିନ୍ଦୁ ଧର୍ମର ମୌଳିକ ସିଦ୍ଧାନ୍ତ ସହ ଭାରତୀୟ ଆତ୍ମବୋଧ ଓ ଶତ୍ରୁବୋଧ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ହିନ୍ଦୁ ସାମ୍ମୁଖ୍ୟର ଘେଁସ ମଣ୍ଡଳ ପ୍ରମୁଖ ଡ.ମନୋଜମଣି ମେହେର ସ୍ୱାଗତ ଭାଷଣ ଓ ସେବାଭାରତୀ ପଶ୍ଚିମ ସମ୍ଭାଗ ମୁଖ୍ୟ ହୃଷିକେଶ ନାଗ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଘେଁସ ଶାଖାର ଅନ୍ୟତମ ପ୍ରମୁଖ ଅନୀଲ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଖାଡ଼ିଆ ବାବା, ଡୋଲାମଣି ପଟେଲ, ବୀରେନ୍ଦ୍ର ମେହେର, ଉମାକାନ୍ତୀ ବରିହା, ଶିବପ୍ରସାଦ ସାହୁ, ପ୍ରକାଶ ମିଶ୍ର, ଶ୍ରୀବତ୍ସ ପ୍ରଧାନ, ସଞ୍ଜୀବ ମେହେର ଓ ରାଜେଶ ନନ୍ଦଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଆୟୋଜିତ ସମ୍ମିଳନୀରେ ଘେଁସ, ଝରି ଓ ବେହେରାପାଲି ପଞ୍ଚାୟତର ହଜାର ହଜାର ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଏବଂ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ବେହେରାପାଲି ହାଇସ୍କୁଲର ଛାତ୍ରଛାତ୍ରୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଝରଣା ମେହେର, ଉତ୍ତମ ଭୁଏ, ଗୋକୁଳା ମହାପାତ୍ର, ମଣ୍ଟୁ ଜୈନ, ପ୍ରମୋଦ ସାହୁ, ହେମନ୍ତ ମଣ୍ଡା, ନିମାଇଁ ସାହୁ, ବିନୟ ଦେବତା, ସୀତାରାମ ମେହେର, ମୁଡ଼ ପଟେଲ, କୁଡ଼ା ପଟେଲ, ଗୁଲେଖ ପଟେଲ, ବୁଲ, ଅଫୁଆ, ବେଡ଼ା ପ୍ରମୁଖ ସହଯୋଗ କରିଥିଲେ।

ଶରଧାପାଲି ମଣ୍ଡଳସ୍ତରୀୟ ହିନ୍ଦୁ ସମ୍ମିଳନୀ

ଗାଇସିଲେଟ, ୨୯।୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଶରଧାପାଲି ପଞ୍ଚାୟତ ଅଧୀନ ଲେବିଡି ଖେଳପଡ଼ିଆ ଠାରେ ନିରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଶରଧାପାଲି ମଣ୍ଡଳ ସମଗ୍ର ହିନ୍ଦୁ ସମାଜ ତରଫରୁ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୱତ ପରିଷଦ ଓଡ଼ିଶା ପ୍ରାନ୍ତ ସଭାପତି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ବାଞ୍ଛାନିଧି ପଣ୍ଡା, ସମ୍ମାନିତ ଅତିଥି ଭାବେ ହୃଷୀକେଶ ନାଗ ସେବା ଭାରତୀ ପ୍ରାନ୍ତ ସଂଗଠନ ମନ୍ତ୍ରୀ, ଦ୍ୱାଦଶ ପ୍ରଧାନ ସଙ୍କୁଳ ପ୍ରମୁଖ ପଦ୍ମପୁର, କୃଷ୍ଣଚନ୍ଦ୍ର ପଣ୍ଡା, କରମ ସିଂ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗାଁ ପୋଖରୀରୁ ଶତାଧିକ ମହିଳା ପାଣି ଭର୍ତ୍ତି କଳସୀ ଧରି ସଙ୍କୀର୍ତ୍ତନ ସହ ମଣ୍ଡପରେ ପହଞ୍ଚିଥିଲେ। ଏହାପରେ କଳସ ସ୍ଥାପନ ହୋଇ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରମେଶ୍ୱର ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧ ହଜାରରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ହିନ୍ଦୁ ସମାଜର ଏକତା, ସାଂସ୍କୃତିକ, ସୁରକ୍ଷା, ପରମ୍ପରାର ମୂଲ୍ୟ ବୁଝିବା ଓ ଯୁବପିଢ଼ିଙ୍କୁ ଦିଗଦର୍ଶନ ଦେବା ପାଇଁ ଏହା ଏକ ମାଧ୍ୟମ ବୋଲି ମୁଖ୍ୟ ଅତିଥି ଡ.ପଣ୍ଡା କହିଥିଲେ। ହିନ୍ଦୁ ସମାଜକୁ ସଂଗଠିତ ଓ ସଚେତନ ରହିବା, ଧର୍ମ ଓ ସଂସ୍କୃତିକୁ ସୁରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। ହିନ୍ଦୁ ସମାଜ ଜାଗ୍ରତ ହେଲେ ସମାଜ ସୁଦୃଢ଼ ହେବ, ରାଷ୍ଟ୍ର ସଶକ୍ତ ହେବ ଓ ଭବିଷ୍ୟତ ସୁରକ୍ଷିତ ହେବ ବୋଲି ମତପ୍ରକାଶ କରିଥିଲେ। ମଧ୍ୟାହ୍ନ ୧ରେ ବୃହତ୍ ଅନ୍ନଯଜ୍ଞ ଓ ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ଦଶମଣୀ ସାହୁ ଗାଇସିଲେଟ ଖଣ୍ଡ ସଂଘ ଚାଳକ, ତପନ ସାହୁ ଖଣ୍ଡ କାର୍ଯ୍ୟବାହ, ବେଦବ୍ୟାସ ପଧାନଙ୍କ ସହଯୋଗ କ୍ରମେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ଶେଷରେ ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

୨ ରେ ବରଗଡ଼ ଜିଲ୍ଲା ପୁରୁଷ ଓ ମହିଳା କବାଡ଼ି ଦଳ ଚୟନ


ବରଗଡ଼, ୨୯।୧(ସମିସ): ଆସନ୍ତା ଫେବୃୟାରୀ ୨ ତାରିଖରେ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ବରଗଡ଼ ଜିଲ୍ଲା ସିନିୟର ପୁରୁଷ ଓ ମହିଳା କବାଡି ଦଳ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଇଚ୍ଛୁକ ଥିବା ଖେଳାଳିମାନେ ନିଜର ଆଧାର କାର୍ଡ ସାଙ୍ଗରେ ନେଇ ଅପରାହ୍ନ ୨ଟାରେ ଷ୍ଟାଡିୟମ୍ ପରିସରରେ ଉପସ୍ଥିତ ରହିବାକୁ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର ଓ ଆଉଟ୍ ଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ ଜଣାଇଛନ୍ତି।

ଘେଁସ ଶିଶୁ ମନ୍ଦିରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ମେଲଛାମୁଣ୍ଡା, ୨୯।୧(ସମିସ): ଘେଁସ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଛି। ଗୌରହରି ମିଶ୍ର ଓ ସୁନିତା ମିଶ୍ରଙ୍କ ପୁତ୍ର ଶ୍ରେୟାଂଶ ମିଶ୍ର (ପଞ୍ଚମ ଶ୍ରେଣୀ) ଏବଂ ହୃଷିକେଶ ବାରିକ ଓ ରିଙ୍କି ବାରିକଙ୍କ ପୁତ୍ରୀ କୁମାରୀ ଯୋଗପ୍ରଭା ବାରିକ (ତୃତୀୟ ଶ୍ରେଣୀ) ସରକାରୀ ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି।

ପୂର୍ବତନ ଫୁଟବଲ ଖେଳାଳିଙ୍କ ପରଲୋକ

ଭେଡେନ, ୨୯।୧(ସମିସ): ଭେଡେନ ଅଞ୍ଚଳର ଜଣାଶୁଣା ପୂର୍ବତନ ଫୁଟବଲ ଖେଳାଳି ରାହାସ ବିହାରୀ ସେଠ (୭୬)ଙ୍କ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସେ ଫରେଷ୍ଟର ଚାକିରିରୁ ଅବସର ନେବା ପରେ ଭେଡେନ ରାମଲୀଳା ମହୋତ୍ସବର ସକ୍ରିୟ ସଦସ୍ୟ ଥିଲେ। ତାଙ୍କ ପରଲୋକର ଖବରରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ ପାଇଁ ଲୋକ ପହଞ୍ଚିଥିଲେ। ତାଙ୍କ ବଡପୁଅ ମହେନ୍ଦ୍ର ମୁଖାଗ୍ନି ଦେଇଥିଲେ।



ଶିକ୍ଷକ ରାଧା ମୋହନଙ୍କ ପରଲୋକ

ବରଗଡ଼, ୨୯।୧(ସମିସ): ଅବସରପ୍ରାପ୍ତ ଶିକ୍ଷକ, କବି, ସାହିତ୍ୟିକ ତଥା ଲେଖକରାଧା ମୋହନ ତ୍ରିପାଠୀ (୭୧)ଙ୍କ ଗତ ୨୬ ତାରିଖ ବଲାଙ୍ଗିରରେ ପରଲୋକ ହୋଇଯାଇଛି। ସେ ବରଗଡ଼ ବ୍ଲକ ଅଧୀନ କଟାପାଲି ଗାଁରେ ଜନ୍ମଗ୍ରହଣ କରିଥିଲେ। ବିଭିନ୍ନ ସ୍କୁଲରେ ଶିକ୍ଷାଦାନ କରି ଜଣେ ପ୍ରବୀଣ ଶିକ୍ଷକ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସ୍ୱର୍ଗତ ତ୍ରିପାଠୀ ଜଣେ ସାହିତ୍ୟିକ ସାଙ୍ଗକୁ, କବି, ପ୍ରାବନ୍ଧିକ ଥିଲେ। ତାଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକ ଗୁଡିକ ହେଲା ସୌନ୍ଦର୍ଯ୍ୟବୋଧ, ଚଲାପଥର ଗୀତ, କବିତା ପରି କିଛି କିଛି। ଜୀବନ ଜିଜ୍ଞାସା ତାଙ୍କର ଏକ ଲୋକପ୍ରିୟ ପୁସ୍ତକ। ତାଙ୍କର ଶେଷକୃତ୍ୟ ବଲାଙ୍ଗିର ଶ୍ମଶାନରେ ସମ୍ପନ୍ନ ହୋଇଥିଲା। ତାଙ୍କ ପୁଅ ତାପସ ମୁଖାଗ୍ନୀ ଦେଇଥିଲେ। ଶ୍ମଶାନରେ ବହୁ ବନ୍ଧୁ, ସ୍ୱଜନ, ଲେଖକ, ସାହିତ୍ୟିକ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ତ୍ରିପାଠୀଙ୍କ ବିୟୋଗରେ କବି ଦିବ୍ୟ କିଶୋର ଦେବତା, ପରଦେଶୀ ବାରିକ, ଲକ୍ଷ୍ମୀ ନାରାୟଣ ହୋତା, ସୁଶୀଲ ଶତପଥୀ, ଶୁଭେନ୍ଦୁ ସୁଧା ଷଡଙ୍ଗୀ, ସମ୍ବିତ ଦାଶ, ମାନସ ଦେବତା, ଉପେନ୍ଦ୍ର ପ୍ରସାଦ ମେହେର, ପ୍ରକାଶ ବିଶ୍ୱାଳ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ଏବଂ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।



ପୂର୍ବତନ ସରପଞ୍ଚ ଗୋପୀନାଥ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଗାଇସିଲେଟ, ୨୯।୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ଗ୍ରାମବାସୀଙ୍କ ଅତୁଟ ବିଶ୍ୱାସ, ନିଷ୍ଠା ଓ ସେବାମୂଳକ ନେତୃତ୍ୱର ଐତିହାସିକ ପ୍ରତୀକ ଭାବେ ଲଗାତାର ଗାଇସିଲେଟ ପଞ୍ଚାୟତର ୬ଥର ଅପ୍ରତିଦ୍ୱନ୍ଦୀ ଭାବେ ସରପଞ୍ଚ ହୋଇଥିବା ସ୍ୱର୍ଗତ ଗୋପୀନାଥ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ତାଙ୍କ ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ଗାଁର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ସଡକ ଓ ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିଲା। ବିଶେଷ କରି ବ୍ଲକ କାର୍ଯ୍ୟାଳୟ, ଉଚ୍ଚବିଦ୍ୟାଳୟ, ମହିଯୁରି କଟା, ମହିଯୁରୀ କଟାରୁ କେନାଲ ତାଙ୍କ ଅବଦାନ ଥିଲା। ୧୯୫୨ରୁ ୧୯୬୮ କ୍ରମାଗତ ଭାବେ ୬ ଥର ଦୀର୍ଘ ୧୭ ବର୍ଷ ଧରି ସରପଞ୍ଚ ରହିଥିଲେ। ୧୯୫୮ରୁ ୧୯୬୮ ଦୀର୍ଘ ୧୦ ବର୍ଷ ଧରି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ତେବେ ତାଙ୍କ ପ୍ରତିମୂର୍ତ୍ତିକୁ ତାଙ୍କ ବଡ ନାତି ପୂର୍ବତନ କୁଳପତି ଉତ୍କଳ ସଂସ୍କୃତି ମହାବିଦ୍ୟାଳୟ ଓଡ଼ିଶା ପ୍ରଫେସର ଡ.ସାଧୁଚରଣ ପଣ୍ଡା ଉନ୍ମୋଚନ କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ବିଡିଓ ଲକ୍ଷ୍ମଣ ମାଝୀ, ଥାନାଧିକାରୀ ଏମ.ମିଞ୍ଜ, ଜିଲ୍ଲାପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ସରପଞ୍ଚ ଶରତ କାଲୋ, ୟୁଥ୍ କ୍ଲବ୍ ସଭାପତି ରଞ୍ଜନ ପଣ୍ଡା ଏବଂ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଡ.ସୁନିଲ ପଣ୍ଡାଙ୍କ ରଚନାରେ ସ୍ୱର୍ଗତ ଗୋପୀନାଥ ପଣ୍ଡାଙ୍କ ଜୀବନୀ ଉପରେ ଆଧାରିତ 'ସରପଞ୍ଚ ବୁଢ଼ା' ନାମକ ଏକ ବହି ଉନ୍ମୋଚନ ହୋଇଥିଲା। ହସ୍ପିଟାଲ ଛକ ଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ଗୋପୀନାଥ ମାର୍ଗ ନାମରେ ନାମିତ କରାଯାଇଥିଲା। ଶେଷରେ ଏକ ସଭା କରି କାର୍ଯ୍ୟକ୍ରମ ସମାପନ ହୋଇଥିଲା।



ଧର୍ମୀୟ ଉତ୍ସାହରେ ପ୍ରକାଶପୁର

ଅମ୍ବାଭୋନା, ୨୯।୧(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ପଞ୍ଚାୟତ ସ୍ଥିତ ପ୍ରକାଶପୁର ଗୁଣ୍ଡିଚା ପଡ଼ିଆରେ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସମ୍ମିଳନୀରେ ଆଖପାଖ ଅଞ୍ଚଳର ବହୁ ଗାଁ ସହିତ ପଡୋଶୀ ରାଜ୍ୟ ଛତିଶଗଡ଼ରୁ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳରୁ ମହିଳାମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମହିମା ଆଶ୍ରମର ବାବାମାନେ ହୋମଯଜ୍ଞ ସମ୍ପାଦନ କରିଥିଲେ। ଶିବାଜୀ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହିନ୍ଦୁ ସଭାରେ ଅନେକ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ସଂଘ ଚାଳକ ସନାତନ ପଧାନ, ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପାତ୍ର, ବିଭାଗ ପ୍ରଚାରକ (ସମ୍ବଲପୁର) ଶ୍ରୀମନ୍ତ ପଧାନ, ଜିଲ୍ଲା କାର୍ଯ୍ୟବାହୀ ତାରାଚନ୍ଦ କଣ୍ଡା, ସେବାଭାରତୀ ପ୍ରଚାର ଓ ପ୍ରଶିକ୍ଷଣ ପ୍ରମୁଖ (ଓଡ଼ିଶା ପଶ୍ଚିମ ପ୍ରାନ୍ତ) ସୌମ୍ୟରଞ୍ଜନ ତ୍ରିପାଠୀ, ବିଦ୍ୟା ଭାରତୀ ସେବା ପ୍ରମୁଖ (ପୂର୍ବକ୍ଷେତ୍ର) ରାମଚନ୍ଦ୍ର ଡନସେନା, ଖଣ୍ଡ କାର୍ଯ୍ୟବାହ (ଅମ୍ବାଭୋନା) ତ୍ରିନାଥ ଭୋଇ, ଖଣ୍ଡ ସମ୍ପର୍କ ପ୍ରମୁଖ ମାଧବ ପାଣ୍ଡେ, ବରଗଡ଼ ଜିଲ୍ଲା ଗାଁ ବିକାଶ ପ୍ରମୁଖ ସରୋଜ ଦେହେରୀ ଓ ସ୍ମଶାନ ବନ୍ଧୁ ଭାବେ ପରିଚିତ ସମାଜସେବୀ ସଂଘମିତ୍ରା ପଟେଲ ଉପସ୍ଥିତ ଥିଲେ। ହିନ୍ଦୁ ମହାସଭାରେ ଅତିଥିମାନେ ନିଜ ନିଜ ଅଭିଭାଷଣରେ ହିନ୍ଦୁ ସୁରକ୍ଷା, ଧର୍ମରକ୍ଷା ଓ ଆଜିର ସମୟରେ ଧର୍ମାନ୍ତରିକରଣରୁ ସଚେତନ ରହିବା ପାଇଁ ଆହ୍ୱାନ କରିଥିଲେ। ହିନ୍ଦୁ ଧର୍ମର ଗର୍ବ ଓ ଗୌରବକୁ ଅତୁଟ ରଖିବା ପାଇଁ ସମସ୍ତଙ୍କୁ ଏକତ୍ର ହେବାକୁ ଆହ୍ୱାନ ଦିଆଯାଇଥିଲା।



ଗୁଣ୍ଡିଚା ପଡ଼ିଆରେ ହିନ୍ଦୁ ସମ୍ମିଳନୀ

ଜିଲ୍ଲା ଯାଦବ ସମାଜ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ପଦ୍ମପୁର, ୨୯।୧(ସମିସ): ପଦ୍ମପୁର ମୁକ୍ତା ଲଜ ଠାରେ ଆସନ୍ତା ମାର୍ଚ୍ଚ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ପାଳିତ ହେବାକୁ ଯାଉଥିବା ବରଗଡ଼ ଜିଲ୍ଲା ଯାଦବ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ତଥା ଯାଦବ ସମାଜ ମହାସଭା ଏବଂ ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପାଳନର ପ୍ରସ୍ତୁତି ବୈଠକ ବରଗଡ଼ ଜିଲ୍ଲା ଯାଦବ ସମାଜର ସଭାପତି ରାଜୁ ଘିବେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱଶାନ୍ତି ମହାଯଜ୍ଞରେ ୧୦୮ ଯୋଡି କର୍ତ୍ତା ଯଜ୍ଞ ସମ୍ପାଦନ କରିବାକୁ ଥିବା ବେଳେ ଧନପତି ବାଗର୍ତୀ, ସଞ୍ଜୀବ ବଗର୍ତୀ, ମୋହନ ବନଛୋର ଯଜ୍ଞକର୍ତ୍ତା ହେବାକୁ ଇଚ୍ଛା ପ୍ରକାଶ କରିଥିଲେ। ନୃସିଂହନାଥ ପଶ୍ଚିମ ଓଡ଼ିଶାର ଏବଂ ଛତିଶଗଡ଼ର ଏକ ମୁଖ୍ୟ ଧର୍ମପୀଠ ହୋଇଥିବାରୁ ଏଠାରେ ମଧ ଏକ ବଡଧରଣର ଯାଦବ କଲ୍ୟାଣ ମଣ୍ଡପ ତିଆରି କରାଯିବାର ପ୍ରୟାସ କରାଯିବ ବୋଲି ଆଲୋଚନା କରାଯାଇଥିଲା। ନୃସିଂହନାଥରେ ଯାଦବ କଲ୍ୟାଣ ମଣ୍ଡପ ତିଆରି କରିବାରେ ସ୍ଥାନ ନିରୁପଣ କରିବା ପାଇଁ ସପ୍ତସିନ୍ଧୁ ବଗର୍ତୀ, ଘନଶ୍ୟାମ ଫୁଜି, କେଶବ ଜାଲ, ଗଙ୍ଗାଧର ଚିରଗୁନ ଏବଂ ଅମୃତଲାଲ ବନଛୋରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନୃସିଂହନାଥ ଠାରେ ଯାଦବ କଲ୍ୟାଣ ମଣ୍ଡପ ମଧ ତିଆରି କରିବା ପାଇଁ ଅତିକମରେ ଏକ କୋଟି ଟଙ୍କାର ବ୍ୟବସ୍ଥା କରାଯିବ ବୋଲି ଘିବେଲା ମତପ୍ରକାଶ କରିଥିଲେ। ପଦ୍ମପୁର ଉପଖଣ୍ଡ ବିଭିନ୍ନ କାର୍ଯ୍ୟ ପରିଚାଳନା ପାଇଁ ପଦ୍ମପୁର ଉପଖଣ୍ଡ ସଂଯୋଜକ ଭାବେ ସପ୍ତସିନ୍ଧୁ ବଗର୍ତୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ଓମପ୍ରକାଶ ଭୋଇ, ଗଣପତି ବଗର୍ତୀ, ଠାକୁର ପାଣ୍ଡେ, ଡୁଗୁରୁ ଭୋଇ, ମୋତିଲାଲ ପୋଡ, ଟିକୁ ବାଗ, ସାହେବକୁଦେଇ, ଝସକେତନ ବଗର୍ତୀ, ଉଦ୍ଧବ ଭୁଏ, ସୁବାଷ ଚନ୍ଦ୍ର ହଂସ, ଛେଲିଆ ପୋଡ଼, ସଚ୍ଚିଦାନନ୍ଦ ବାଗ, ଶ୍ରୀନିବାସ ବାଗ, ଧ୍ରୁବଚରଣ ହାତୀ, ଦେବାରଚନ ବାଗ, ସତୁ ଥପା, ନୀଳାଦ୍ରି ମହାକୁଡ, ଶ୍ରୀଧର ହାତୀ, ଶୁଭାକର ବନଛୋର ପ୍ରମୁଖ ପଦ୍ମପୁର ଉପଖଣ୍ଡ ସମସ୍ତ ବ୍ଲକ ସଭାପତି ଏବଂ ସଦସ୍ୟ ଉପସ୍ଥିତ ଥିଲେ।

ଅନ୍ତର୍ଜାତୀୟ ମାନବାଧିକାର ସଂସ୍ଥା ପକ୍ଷରୁ ରକ୍ତଦାନ ଶିବିର

ବିଧାୟକଙ୍କ ସହ ବଲିଉଡ଼ ଷ୍ଟାରଙ୍କ ମହାମିଳନ

ବରଗଡ଼, ୨୯।୧(ସମିସ)

ଅନ୍ତର୍ଜାତୀୟ ମାନବାଧିକାର ସଂଘ ପକ୍ଷରୁ ଗଣତନ୍ତ୍ର ଦିବସ ଅବସରରେ ଦୁଇ ଦିନିଆ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ମାନଙ୍କ ସହିତ ବଲିଉଡର ଚାରି ଜଣ ଫିଲ୍ମ ଷ୍ଟାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରଥମ ଦିନ ୨୭ ତାରିଖ ହୋଟେଲ ସ୍ୱିକ୍ସା ରେ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ଦ୍ୱାରା ଉଦ୍‌ଘାଟିତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ଦିନ ଯଦୁମଣି ପ୍ରଧାନ ଅଡିଟୋରିୟମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ ତଥା ମୁମ୍ବାଇ ଫିଲ୍ମ ଷ୍ଟାର ରାହୁଲ ରଏ, ସୁଦେଶ ବେରୀ, ସହାବାଜ ଖାଁ, ମୁସ୍ତାକ ଖାଁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହା ସହିତ ଚିତ୍ରା ପ୍ରଡ଼କ୍ସନ ବ୍ୟାନରରେ ପ୍ରଥମ ଫିଲ୍ମର ଶୁଭ ମହୁରତ ଉନ୍ମୋଚିତ ହୋଇଥିଲା। ଚିତ୍ରା ପ୍ରଡକ୍ସନର ସମଲେଶ୍ୱରୀ ଭଜନ ଭାବ ମହନୀ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କ ସହିତ ବରଗଡ଼ ପାଇଁ କ୍ରୀଡ଼ା କ୍ଷେତ୍ରରେ ଜାତୀୟସ୍ତରରେ ସ୍ୱର୍ଣ୍ଣ ପଦକ ବିଜେତା ସନ୍ତୋଷ ପଧାନ ଓ ପାରା ସୁଇମିଂରେ ପଦକ ବିଜେତା ରିତେଶ ମେହେରଙ୍କୁ ସମ୍ମାନିତ କରାଯାଇଥିଲା ବିଧାୟକମାନେ ଆସନ୍ତା ଧନୁଯାତ୍ରାକୁ ଅତିଥି ଭାବେ ଯୋଗଦେବାକୁ ମୁମ୍ବାଇ ହିରୋ ମାନଙ୍କୁ ଆଗତୁରା ନିମନ୍ତ୍ରଣ କରିଥିଲେ। ରକ୍ତଦାନ ଶିବିରରେ ମୋଟ ୮୫ ୟୁନିଟ୍‌ରୁ ଅଧିକ ରକ୍ତ ସଂଗୃହୀତ ହୋଇଥିଲା। ଏ ସବୁ କାର୍ଯ୍ୟକ୍ରମକୁ ପଞ୍ଜାବ କର୍ଣ୍ଣାଲ ରହ୍ମାନ ରାଇଟସ ଇଣ୍ଟର ନ୍ୟାସନାଲର ସୁପ୍ରିମୋ ନରେନ୍ଦ୍ର ଅରୋରା ସୁଚାରୁ ରୂପେ ପରିଚାଳନା କରିଥିଲେ।



'ଏକ୍ ସାମ୍ ସାଇ କେ ନାମ୍' ଭଜନ ସମାରୋହ



ବରଗଡ଼, ୨୯।୧(ସମିସ): ବରଗଡ଼ ସାଇପରିବାର ତରଫରୁ ଯଦୁମଣି ପ୍ରଧାନ ଅଡିଟୋରିୟମଠାରେ ସାଇବାବାଙ୍କ ଉପରେ ଭଜନ ସମାରୋହ 'ଏକ୍ ସାମ୍ ସାଇକେ ନାମ୍' ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ବସନ୍ତ କୁମାର ପଣ୍ଡା, ଚନ୍ଦ୍ର ଶେଖର ଝାଟିଆ, ବିଶ୍ୱଜିତ୍ ବାରିକଙ୍କୁ ସାଇ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କଣ୍ଠଶିଳ୍ପୀ ରବୀନ୍ଦ୍ର ମହାପାତ୍ର, ଗୀତାଞ୍ଜଳି ଷଡ଼ଙ୍ଗୀ, ଲୋପାମୁଦ୍ରା ଦାସ, ଲୀନା ପ୍ରଧାନ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଗୋବିନ୍ଦ ନାଗ, ସାଇ ପରିବାରର ସଭାପତି ପ୍ରଭାତ ଆଦିତ୍ୟ ମିଶ୍ର, ଉପସଭାପତି ପ୍ରୀତେଶ ଦୋରା, ସମ୍ପାଦକ ସୁବ୍ରତ କଣ୍ଠ, କୋଷାଧ୍ୟକ୍ଷ ରାଜକୁମାର ଭଟ୍ଟାଚାର୍ଯ୍ୟ, ସୌଭାଗ୍ୟ ରଞ୍ଜନ ନାୟକ, ଶୈଳେନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ବରାଳ, ପ୍ରଶାନ୍ତ ତ୍ରିପାଠୀ, ହରୀଶ ପଲାୱର, ସୁବାସ ବାରିକ, ରାକେଶ ନାୟକ, ଜ୍ୟୋତି ବିଶି, ମଧୁସୂଦନ ପ୍ରଧାନ, ଆର୍ତ୍ତତ୍ରାଣ ମହାନ୍ତି, ସୁମନ୍ତ ରାଉଳ, ଭରତ ପରିଡ଼ା, ମନୋଜ ନାୟକ, କ୍ଷେତ୍ରପାଳ ଦାଶ, ଅଭିନାସ ପଣ୍ଡାଙ୍କ ସମେତ ସାଇ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ଭୋଟର ସଚେତନତା ପଦଯାତ୍ରା



କେନ୍ଦୁଝର,୨୯ ।୧(ସମିସ): ମାଇ ଭାରତ କେନ୍ଦୁଝର ସହାୟତାରେ ସଦର ବ୍ଲକ ଅନ୍ତର୍ଗତ ମହାଦେବପୁର ଉତ୍ସର୍ଗ କ୍ଲବ ସହଯୋଗରେ ମହାଦେବପୁର ସ୍କୁଲ ପଡିଆରେ ଜାତୀୟ ଭୋଟର ଦିବସ ଓ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଦର ବ୍ଲକର ୫ଟି ଗ୍ରାମର ଶତାଧିକ ଯୁବଗୋଷ୍ଠୀ ଓ ସ୍ୱୟଂସହାୟକ ଗୋଷ୍ଠୀ ମହାଦେବପୁରଠାରୁ ମଥୁରାମଣ୍ଡଳୀ ୩କିଲୋ ମିଟର ପଦଯାତ୍ରା କରିଥିଲେ। ପରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ବନଖଣ୍ଡର ସହକାରୀ ବନ ସଂରକ୍ଷକ ଅଶୋକ ଦାସ, ସମ୍ମାନିତ ଅତିଥି ଭାବେ ବୁଥସ୍ତରୀୟ ଅଧିକାରୀ ବିଏଲଓ ଭିଳାନାଥ ପାତ୍ର, ହିରଣ୍ୟ ମହାନ୍ତ ପ୍ରମୁଖ ନୂତନ ଭୋଟର,ଭୋଟ ଦେବାର ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ୱାର୍ଡମେମ୍ବର ସଭ୍ୟାରାଣୀ ଦେହୁରୀ, ଉତ୍ସର୍ଗ କ୍ଲବର ପ୍ରଶାନ୍ତ ନାଏକ, ପିତାମ୍ବର ମହାନ୍ତ, ସୁମନ୍ତ ନାଏକ, ସମୀର ନାଏକ, କରନ ନାଏକ, ବିଶ୍ୱଜିତ ନାଏକ ସହଯୋଗ କରିଥିଲେ।

ଲୋକତନ୍ତ୍ର ସେନାନୀଙ୍କୁ ତାମ୍ରସନନ୍ଦ ପ୍ରଦାନ



ଆନନ୍ଦପୁର, ୨୯।୧ (ସମିସ): ଉପଜିଲ୍ଲାପାଳ ନୀଳମାଧବ ସୁନା ଲୋକତନ୍ତ୍ର ସେନାନୀ ସଦସ୍ୟଙ୍କୁ ରାଜ୍ୟ ସରକାରଙ୍କ ପ୍ରଦତ୍ତ ତାମ୍ର ସନନ୍ଦ ପ୍ରଦାନ କରିଛନ୍ତି। ଆନନ୍ଦପୁର ମୁନିସିପାଲିଟିର ଦିବଙ୍ଗତ ଉପନଗରପାଳ ତଥା ଲୋକତନ୍ତ୍ର ସେନାନୀ ସଦସ୍ୟ ଦୁର୍ଗାଚରଣ ଦଳେଇଙ୍କ ତାମ୍ରସନନ୍ଦକୁ ତାଙ୍କ ଧର୍ମପତ୍ନୀ ପ୍ରତିଭା ବେହେରାଙ୍କୁ ପ୍ରଦାନ କରିଥିଲେ। ଅନ୍ୟତମ ଲୋକତନ୍ତ୍ର ସେନାନୀ ସୁରେଶ କୁମାର ପାଢ଼ୀଙ୍କ ଅସୁସ୍ଥତା ଯୋଗୁ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ ତାଙ୍କ ଅନୁଜ ମହେଶ୍ୱର ପାଢ଼ୀ ଉପଜିଲ୍ଲାପାଳ ଶ୍ରୀ ସୁନାଙ୍କଠାରୁ ତାମ୍ର ସନନ୍ଦ ଗ୍ରହଣ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲା ପ୍ରଭାରୀ ଅଧ୍ୟାପକ ଗଦାଧର ମିଶ୍ର ସଂଯୋଜନା କରିଥିଲେ।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ ହେବେ ଚାଷୀ

କେନ୍ଦୁଝର: ୨୯।୧ (ସମିସ)





କେନ୍ଦୁଝର ସଦର ମହକୁମାସ୍ଥିତ କାଳୀ ପଡ଼ିଆଠାରେ ଆଜିଠାରୁ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମହାସମାରୋହରେ ଆରମ୍ଭ ହୋଇଯାଇଛି। କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ମୁଖ୍ୟଅତିଥି ଭାବେ ଏହି ମେଳାକୁ ଗୁରୁବାର ଉଦଘାଟନ କରିଛନ୍ତି। ଏହି ମେଳା ଆଜିଠାରୁ ଆସନ୍ତା ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଟେଲିଫୋନ ଛକରୁ ଏକ ଶୋଭାଯାତ୍ରା ପରେ ବୃକ୍ଷରେ ଜଳଦାନ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ମେଳାରେ କୃଷି ଯନ୍ତ୍ରପାତି କିଣିବା ଉପରେ ଚାଷୀଙ୍କୁ ୪୦%ରୁ ୭୫% ପର୍ଯ୍ୟନ୍ତ ରିଆତି ପ୍ରଦାନ କରାଯାଉଛି। ୨୦୩୬ ସୁଦ୍ଧା ଓଡ଼ିଶାକୁ 'ସୁନାର ଓଡ଼ିଶା'ରେ ପରିଣତ କରିବା ଲକ୍ଷ୍ୟରେ ଆଧୁନିକ ଯନ୍ତ୍ରପାତିର ତଥା ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଅପରିହାର୍ଯ୍ୟ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ଃ ସୁକାନ୍ତ କୁମାର ସାହୁ, କୃଷି ଗବେଷଣା ଓ ଜ୍ଞାନ କୌଶଳ ସମ୍ପ୍ରସାରଣ କେନ୍ଦ୍ରର ସହଯୋଗୀ ଗବେଷଣା ନିର୍ଦ୍ଦେଶକ କିଶୋରଚନ୍ଦ୍ର ସାହୁ, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, କୃଷି ଅଧୀକ୍ଷଣଯନ୍ତ୍ରୀ ନରେନ୍ଦ୍ର ପଣ୍ଡା, ବିଧାୟକ ଚମ୍ପୁଆଙ୍କ ପ୍ରତିନିଧି ସଞ୍ଜୀବ ବେହେରା ବକ୍ତବ୍ୟ ରଖିଥିଲେ। ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସହାୟତା ବଣ୍ଟନ କରାଯାଇଥିଲା। ଶ୍ରୀଅନ୍ନ ଅଭିଯାନରେ ୩ଟି ମହିଳା ଗୋଷ୍ଠୀଙ୍କୁ 'ମିଲେଟ ଟିଫିନ ସେଣ୍ଟର' ପାଇଁ କାର୍ଯ୍ୟାଦେଶ, ଆମ୍ବ ଯୋଜନାର ୪ଟି ସ୍ୱୟଂ ସହାୟ ଗୋଷ୍ଠୀଙ୍କୁ ମୂଳପାଣ୍ଠି ବାବଦରେ ୨୫ ହଜାର ଟଙ୍କାର ଚେକ୍, ଯନ୍ତ୍ରପାତି ବିତରଣରେ ୪ ଜଣ ହିତାଧିକାରୀଙ୍କୁ କୃଷି ଯନ୍ତ୍ରପାତିର ଚାବି ହସ୍ତାନ୍ତର କରାଯାଇଥିଲା। ଏହି ସଭାରେ କେନ୍ଦୁଝରର ଅଗ୍ରଣୀ ନାଟ୍ୟସଂସ୍ଥା ସୂରନିକେତନର କଳାକାରମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। କୃଷି ଜିଲ୍ଲା ଅଧିକାରୀ ଚମ୍ପୁଆ ସତ୍ୟବାନ ସୋରେନ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବ୍ଲକରୁ ପରିଭ୍ରମଣରେ ଆସି ଥିବା କୃଷକ ଭାଇ ଭଉଣୀ, ସମ୍ପ୍ରସାରଣକର୍ମୀ, କୃଷି ବୈଜ୍ଞାନିକ ଓ ସାଧାରଣ ଜନତା, ମେଳାରେ ୨୬ଟି ଯନ୍ତ୍ରପାତି ବିକ୍ରେତା ଏବଂ ଆଠଟି ସରକାରୀ ବିଭାଗ ତରଫରୁ ଖୋଲାଯାଇଥିବା ୭୦ଟି ପ୍ରଦର୍ଶନ ମଣ୍ଡପକୁ ବୁଲି ଦେଖିଥିଲେ। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ରାଇପୁରବାସୀଙ୍କୁ ପାନୀୟ ଜଳ ଯୋଗାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

୬ ମାସ ସମୟ ମାଗିଲେ ସରକାର

କଟକ,୨୯।୧(ସମିସ): ୨୦୨୦ରୁ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ରାଇପୁର ଗ୍ରାମକୁ ପାନୀୟଜଳ ପାଇପଲାଇନ ବିଛା କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବାସିନ୍ଦାମାନେ ପାନୀୟଜଳ ଯୋଗାଣ ସୁବିଧା ପାଇ ନାହାନ୍ତି। ଏନେଇ ରୁଜୁ ହୋଇଥିବା ଏକ ମାମଲାର ଶୁଣାଣି ସମୟରେ ଓଡ଼ିଶା ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ହାଇକୋର୍ଟ ରାଜ୍ୟ ସରକାରଙ୍କ ନିକଟରୁ ସ୍ପଷ୍ଟୀକରଣ ଲୋଡ଼ିଥିଲେ। ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଅଦାଲତୀ ମାମଲା ପାଇଁ ପାଇପରେ ଜଳଯୋଗାଣ ପାଇଁ ଟାଙ୍କି ନିର୍ମାଣ କରାଯାଇ ପାରି ନାହିଁ। ଫଳରେ ଉଦୟପୁର ଓ ଖଜିରାପାଟ ପଞ୍ଚାୟତକୁ ପାଇପରେ ପାନୀୟଜଳ ଯୋଗାଣ ସମ୍ଭବ ହୋଇ ପାରି ନାହିଁ। ଉଦୟପୁର ଗ୍ରାମପଞ୍ଚାୟତର ରାଇପୁର ଗ୍ରାମରେ ୨୦୨୦ରେ ପାଇପଲାଇନ ବିଛା କାର୍ଯ୍ୟ ସରିଥିବା ବେଳେ ଉପରୋକ୍ତ କାରଣ ପାଇଁ ପାନୀୟଜଳ ଯୋଗାଣ ହୋଇ ପାରି ନାହିଁ। ରାଇପୁର ଗ୍ରାମକୁ ମେଗା ପାଇପ ପାଣି ପ୍ରକଳ୍ପରେ ସଂଯୋଗ ପ୍ରଦାନ କରିବା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏଥିପାଇଁ ଅଧିକ ୬ ମାସ ସମୟ ଲୋଡ଼ା। ହାଇକୋର୍ଟ ସରକାରଙ୍କ ନିବେଦନକୁ ଗ୍ରହଣ କରିଛନ୍ତି। ଏଥିସହ ସରକାର ଦର୍ଶାଇଥିବା ସମୟସୀମା ଭିତରେ ରାଇପୁର ଗ୍ରାମବାସୀଙ୍କୁ ପାଇପ ପାଣି ଯୋଗାଣ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ହାଇକୋର୍ଟ କହିଛନ୍ତି ଯେ ନାଗରିକଙ୍କୁ ପାନୀୟଜଳ ଯୋଗାଇବା ସରକାରଙ୍କ ନୈତିକ ତଥା ସାମ୍ବିଧାନିକ ଦାୟିତ୍ୱ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଶୁତୋଷ ମହାନ୍ତଙ୍କ ତରଫରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୦ରେ ରାଇପୁର ଗ୍ରାମରେ ପାଇପ ବିଛା ଯାଇଥିଲା। ଏହାପରେ ମଧ୍ୟ ପାଇପ ପାନୀୟଜଳ ଯୋଗାଣ ସୁବିଧା ଗ୍ରାମବାସୀଙ୍କୁ ମିଳି ନଥିଲା।

● ବଢୁଛି ଗୁଟଖା କଳାବଜାରୀ; କାର୍ଯ୍ୟାନୁଷ୍ଠାନ ଶୂନ

ଗୋଦାମରେ ବେଆଇନ ଗୁଟଖା ଗଚ୍ଛିତ, ବ୍ୟବସାୟୀ ମାଲାମାଲ

ତେଲକୋଇ, ୨୯।୧(ସମିସ): ରାଜ୍ୟରେ ଗୁଟଖା ଓ ତମାଖୁ କାରବାରକୁ ସରକାର ସମ୍ପୂର୍ଣ୍ଣ ବ୍ୟାନ ଘୋଷଣା କରିଛନ୍ତି। ଏହାସହ ତମାଖୁମୁକ୍ତ ଓଡ଼ିଶା ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ମାତ୍ର ଏହି କଟକଣା ପରେ ଗୁଟଖା ଓ ତମାଖୁ ବ୍ୟବସାୟୀଙ୍କ କଳା ବଜାରୀ ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନ ମଧ୍ୟ ସବୁ ଜାଣି ଅଜଣା ରହିଛି। କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳରେ ଗୁଟଖା ଓ ତମାଖୁ ଜାତୀୟ ଦ୍ରବ୍ୟର କଳା ବଜାରୀ ଅହେତୁକ ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। କିଏ ୨୦ ଟଙ୍କାରେ ୩ ଟି ଗୁଟଖା ବିକୁଛି ତ ଆଉ କିଏ ପ୍ୟାକେଟ ପ୍ରତି ୧୦ ଟଙ୍କା ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସରକାରଙ୍କ ଏହି କଟକଣାକୁ ଦୃଷ୍ଟି ରେ ରଖି ଗୁଟଖା ଯୋଗାଉଥିବା ବ୍ୟବସାୟୀମାନେ କ୍ଷୁଦ୍ର ବ୍ୟବସାୟୀଙ୍କଠାରୁ ଅସାଧୁ ଉପାୟ ଆପଣେଇ ଅଧିକ ଲାଭ ପାଇବା ଆଶାରେ ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷିଦ୍ଧ ଘୋଷଣା ପରେ ଗୁଟଖା ଓ ତମାଖୁର ବେଆଇନ କାରବାର ବନ୍ଦ ହେବା ବଦଳରେ କଳାବଜାରୀ ଅହେତୁକ ବୃଦ୍ଧି ପାଇଛି। ପୁଲିସ ପ୍ରଶାସନ ଓ ଅବକାରୀ ବିଭାଗ ଏଥିପ୍ରତି ଆଖି ବୁଜି ଦେଇଛନ୍ତି। ତେଲକୋଇ ଥାନାଞ୍ଚଳର ବିଭିନ୍ନ ବଜାରରେ କେତେକ ଅସାଧୁ ବ୍ୟବସାୟୀ ଗୁଟଖା ଓ ତମାଖୁ ଜାତୀୟ ଦ୍ରବ୍ୟ ବେଆଇନ ଭାବରେ ଗଚ୍ଛିତ ରଖି କଳା ବଜାରୀ କରିବାରେ ସକ୍ଷମ ହେଉଥିବା ବେଳେ ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି।

'ଭୋରୀ' ସମ୍ପାଦକ ସମ୍ବର୍ଦ୍ଧିତ

ତେଲକୋଇ, ୨୯।୧(ସମିସ): କେନ୍ଦୁଝର ଡେଭେଲପମେଣ୍ଟ କାଉନସିଲ ଓ ଭଏସ ଅଫ୍ କେନ୍ଦୁଝରର ପକ୍ଷରୁ ଆୟୋଜିତ ହୋଇଥିବା ସିଟିଜେନ୍ ଆୱାର୍ଡ ସମାରୋହ ୨୦୨୫ ଅବସରରେ ତେଲକୋଇ ''ଭୋରୀ' ଅନୁଷ୍ଠାନର ସମ୍ପାଦକ ନରୋତ୍ତମ ମହାକୁଡଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡାକ୍ତର ଫକିର ମୋହନ ନାଏକ, କେନ୍ଦୁଝର ମ୍ୟୁନିସପାଲିଟି ଅଧ୍ୟକ୍ଷା ନିକୁ ସାହୁ, ଧରଣୀଧର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପ୍ରତିଭା ପୃଷ୍ଟି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅନୁବ୍ରତ ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ ସନ୍ଦୀପ କୁମାର ପଟ୍ଟନାଏକ ପରିଚାଳନା କରିଥିଲେ।



ସିଲିପଦାରୁ ୮ ଫୁଟ୍‌ର ଅଜଗର ଉଦ୍ଧାର



ତୁରୁମୁଙ୍ଗା, ୨୯।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ସିଲିପଦା ଗାଁ ନିକଟ ରାସ୍ତାକଡ଼ରେ ଥିବା ଏକ କାଜୁ ଗଛ ଉପରୁ ଏକ ୮ ଫୁଟର ଅଜଗର ସାପକୁ ଗୁରୁବାର ବନ ବିଭାଗ ଉଦ୍ଧାର କରି ଧାନବେଣୀ ହୁଡ଼ିରେ ଛାଡିଛି। ଗଛ ଉପରେ ଥିବା ସାପକୁ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗ ପକ୍ଷରୁ ଅଟଳ ସେଠୀ, ସହଦେବ ସେଠୀ, କାର୍ତ୍ତିକେଶ୍ୱର ମହାନ୍ତ ପହଞ୍ଚି ସାପକୁ ଉଦ୍ଧାର କରି ହୁଡ଼ିରେ ଛାଡିଥିବା ସାହାରପଡ଼ା ବନପାଳ ଶ୍ରୀମନ୍ତ ବେହେରା କହିଛନ୍ତି।

ବଡ଼ବିଲ ବ୍ୟାଙ୍କ ଡକାୟତି ଘଟଣା

ଝାଡ଼ଖଣ୍ଡରୁ ଆଉଜଣେ ଗିରଫ

ବଡବିଲ,୨୯।୧ (ସମିସ): ଗତ ୧୯ ତାରିଖରେ ବଡ଼ବିଲ ସହରର ବ୍ୟାଙ୍କ ଅଫ ମହାରାଷ୍ଟ୍ର ଡ଼କାୟତି ଘଟଣାରେ ସ୍ଥାନୀୟ ପୁଲିସ ଆଉ ଜଣେ ଅଭିଯୁକ୍ତକୁ ଝାଡ଼ଖଣ୍ଡରୁ ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ଦୁଇ ଜଣ ଗିରଫ ହୋଇଥିବା ବେଳେ ଏବେ ଗିରଫ ସଂଖ୍ୟା ତିନିରେ ପହଞ୍ଚିଛି। ସୂଚନା ମୁତାବକ, ଝାଡ଼ଖଣ୍ଡ ଧାନବାଦ ଜିଲ୍ଲା ତେଶ୍ରା ବସ୍ତି ଅଞ୍ଚଳର ମୂଳ ବାସିନ୍ଦା ଅଭିରଞ୍ଜନ କୁମାର(୪୪ ବର୍ଷ)କୁ ଗିରଫ କରାଯାଇ ବୁଧବାର ଅଦାଲତ ଚାଲାଣ କରାଯାଇଛି। ସେ କିଛି ଦିନ ହେବ କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅଧୀନ ବିଲେଇପଦାରେ ଏହି ଘରୋଇ ସଂସ୍ଥାରେ ରହି କାମ କରୁଥିଲା। ଏହି ଘଟଣାରେ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଡକାୟତି ପୂର୍ବରୁ ଦୁର୍ବୃତ୍ତମାନେ ଏକାଧିକ ଥର ଉକ୍ତ ବ୍ୟାଙ୍କକୁ ଆସି ନିରୀକ୍ଷଣ କରିଥିଲେ। ଗିରଫ ହୋଇଥିବା ଅଭିରଞ୍ଜନ୍ କୁମାର ଗତ ଡିସେମ୍ବର ୨୯ ତାରିଖରେ ଅନ୍ୟମାନଙ୍କ ସହ ମିଶି ଉକ୍ତ ବ୍ୟାଙ୍କ୍ ମଧ୍ୟକୁ ଆସିଥିଲା।

ହୋଇପାରିଲାନି ବିଦ୍ୟାଳୟର ପାଚିକା ଚୟନ



ହାଟଡ଼ିହୀ,୨୯।୧(ସମିସ): ହାଟଡ଼ିହୀ ବ୍ଲକ ଭାତକରୁଆ ପ୍ରାଥମିକ ବିଦ୍ୟାଳୟରେ ହୋଇପାରିଲା ନାହିଁ ପାଚିକା ଚୟନ। ମଧ୍ୟାହ୍ନ ଭୋଜନ ଯୋଜନା ଅନୁସାରେ ପାଚିକା ପଦ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଚୟନ ନିମନ୍ତେ ଆହ୍ୱାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ନିୟମ ବିରୋଧୀ ଆଚରଣ ହେତୁ ସ୍ଥଗିତ କରାଯାଇଥିଲା। ସିଆରସିସି ନିହାର ରଞ୍ଜନ ସ୍ୱାଇଁଙ୍କ ସଂଯୋଜନାରେ ବୈଠକଟି ଅନୁଷ୍ଠିତ ହୋଇଥିଲା। ବୈଠକରେ ଭାତକରୁଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟମ୍ବଦା ଖୁଣ୍ଟିଆ, ସହକାରୀ ଶିକ୍ଷକ ଅକ୍ଷୟ ଖଟୁଆ ଉପସ୍ଥିତ ଥିଲେ। ଚୟନ ପ୍ରକ୍ରିୟା ସମୟରେ ସ୍କୁଲ କମିଟି ନିୟମାବଳୀକୁ ଅବହେଳା କରାଯାଇ ତର୍କ–ବିତର୍କ ସୃଷ୍ଟି ହେବାରୁ ଗ୍ରାମବାସୀ ଆପତ୍ତି ଜଣାଇଥିଲେ। ଏହି ପରିସ୍ଥିତି ଯୋଗୁଁ ବୈଠକକୁ ସ୍ଥଗିତ କରାଯାଇଥିଲା। କୌଣସି ପ୍ରାର୍ଥୀଙ୍କୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ବା ଚୟନ କରାଯାଇନାହିଁ। ଉଲ୍ଲେଖଯୋଗ୍ୟ ଯେ ପାଚିକା ପଦ ପାଇଁ ମୋଟ ୪ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ଜଣେ ଅନୁସୂଚିତ ଜାତି, ଜଣେ ଅନୁସୂଚିତ ଜନଜାତି ଏବଂ ଅନ୍ୟ ୨ ଜଣ ଅନ୍ୟାନ୍ୟ ପଛୁଆ ବର୍ଗର ଥିଲେ।

ମାରୁତି ସ୍ମାରକୀ ରାତ୍ରକାଳୀନ କ୍ରିକେଟ ୭ରେ



ଆନନ୍ଦପୁର, ୨୯।୧ (ସମିସ): ଘସିପୁରା ବ୍ଲକ ଅଳତି ପଞ୍ଚାୟତର ହରିପୁର ଗ୍ରାମର ବଜରଙ୍ଗ ବଲୀ ଯୁବକ ସଂଘ ଦ୍ୱାରା ଆୟୋଜିତ ହେବାକୁଥିବା ଚତୁର୍ଥ ବାର୍ଷିକ ମାରୁତି ମେମୋରିଆଲ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ବୈଠକ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଫେବୃଆରୀ ୭ ଓ ୮ ତାରିଖରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ହେବାନେଇ ସ୍ଥିର ହୋଇଛି। ୪ ଦଳକୁ ନେଇ ପ୍ରଥମ ରାତ୍ରୀ କ୍ୱାର୍ଟର ଫାଇନାଲ ଓ ଦ୍ୱିତୀୟ ରାତ୍ରୀରେ ମେଗା ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ବୈଠକରେ ମାନସ ପାତ୍ର, ଆଲୋକ ନାଥ, ରଘୁନାଥ ଗାହାଣ, ସନାତନ ନାଥଙ୍କ ସହ କ୍ଲବର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

କୁମୁଣିଆ ରାସ୍ତା ନିମ୍ନମାନର; ତଦନ୍ତ ବାଟବଣା!

ଆନନ୍ଦପୁର, ୨୯।୧(ସମିସ)



କୁମୁଣିଆ ନିମ୍ନମାନର ରାସ୍ତା କାମ ସମ୍ପର୍କରେ ଅଭିଯୋଗ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତଦନ୍ତ ଆରମ୍ଭ କରିଛି। ୨୧୫ ନମ୍ବର ଜାତୀୟ ରାଜପଥ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲଠାରୁ କୁମୁଣିଆ ପର୍ଯ୍ୟନ୍ତ ହୋଇଥିବା ରାସ୍ତା କାମ ନିମ୍ନମାନର ବୋଲି ଗତ ଡିସେମ୍ବର ୧୮ ତାରିଖରେ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ବିଭାଗ ପକ୍ଷରୁ ଅଧିକାରୀ ଓ ଯନ୍ତ୍ରୀ ଆସି ରାସ୍ତାର ବିଭିନ୍ନ ସ୍ଥାନରେ ଏହାର ମାନ ପରୀକ୍ଷା କରିଛନ୍ତି। ଠିକାଦାରଙ୍କ ଉପସ୍ଥିତି ଓ ଇଙ୍ଗିତରେ ଯେନତେନ ପ୍ରକାରେ ପରୀକ୍ଷା କରାଯାଉଥିବା ଦେଖିବାକୁ ମିଳିଛି।

ସୂଚନାରୁ ପ୍ରକାଶ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨ କୋଟି ୧୩ ଲକ୍ଷ ୭୬ ହଜାର ୯୫୭ ଟଙ୍କାରେ ଏହି ଟେଣ୍ଡର ଜାରି ହୋଇଥିଲା। ୧୬୫୦ ମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତାର ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ଆଉ ୧୦ ଲକ୍ଷ ୨୩ ହଜାର ୮୭୯ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଚୁକ୍ତିନାମାର ସର୍ତ୍ତାବଳୀ ଅନୁସାରେ ଡିପିଆର, ବୈଷୟିକ ନିର୍ଦ୍ଦିଷ୍ଟକରଣ ଓ ଗୁଣାତ୍ମକ ମାନକୁ କଡାକଡି ପାଳନ କରିବା ପାଇଁ ଉଲ୍ଲେଖ ରହିଥିଲା। ହେଲେ ଠିକାଦାର ଏହାର ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ନିମ୍ନମାନର କାର୍ଯ୍ୟ ଓ ଡିପିଆର ଅନୁସାରେ କାର୍ଯ୍ୟ ହେଉ ନଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ଥିବା ପିଚୁ ରାସ୍ତାକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପରେ ଏହାର ଅବଶେଷକୁ ବାହାର କରିବା କଥା; ହେଲେ ବିଭିନ୍ନ ସ୍ଥାନରେ ପୁରୁଣା ପିଚୁକୁ ରାସ୍ତାରେ ବ୍ୟବହାର କରାଯାଇଛି। ଫଳରେ ଏହାର ଗୁଣବତ୍ତା ଓ ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ରାସ୍ତା କାମରେ ବ୍ୟବହାର ହୋଇଥିବା ସାମଗ୍ରୀର ଗୁଣବତ୍ତା ସମ୍ପର୍କରେ ଆଦୌ ପରୀକ୍ଷା କରାଯାଇ ନାହିଁ। ଏହି ରାସ୍ତା ଉପରେ ଆନନ୍ଦପୁର ବ୍ଲକ୍, ପୌରାଞ୍ଚଳ ଓ ଘସିପୁରା ବ୍ଲକ୍ ଅଞ୍ଚଳର ଲୋକେ ଅଧିକ ନିର୍ଭରଶୀଳ। ସେହିପରି ଏହି ରାସ୍ତା ଡାକ୍ତରଖାନା, ବ୍ଲକ୍ ଓ ତହସିଲ ଆଦି କାର୍ଯ୍ୟାଳୟକୁ ସଂଯୋଗ କରିଛି। ଏହି ରାସ୍ତା ନିର୍ମାଣରେ ବଡ ଧରଣର ଅନିୟମିତତା ଓ ଦୁର୍ନୀତି ହୋଇଥିବା ସାମାଜିକ କର୍ମୀ ହିମାଂଶୁ ନାୟକ ସନ୍ଦେହ କରିଛନ୍ତି। ଠିକାଦାରଙ୍କୁ ନିମ୍ନମାନର କାମ ପାଇଁ କଳାତାଲିକାଭୁକ୍ତ କରିବା ପାଇଁ ସେ ଦାବି କରିଛନ୍ତି। ତେବେ, ତଦନ୍ତକୁ ନେଇ ମଧ୍ୟ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ହାଟଡ଼ିହୀ,୨୯।୧(ସମିସ): ହାଟଡ଼ିହୀ ବ୍ଲକ ଅଁରାସ୍ଥିତ ଗୋଠନାହାକାଣୀ ହାଇସ୍କୁଲରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ପ୍ରକାଶ ବିଶ୍ୱାଳଙ୍କ ସଂଯୋଜନାରେ ଏହି ବିଦାୟୀ ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ, ସ୍କୁଲ କମିଟି ସଦସ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଦ୍ୟାଳୟଟି ୧୯୯୨ରୁ ଆରମ୍ଭ ହୋଇଥିଲା ବେଳେ ବର୍ତ୍ତମାନ ୭୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପରମ୍ପରାକ୍ରମେ ଚଳିତବର୍ଷ ଅଧ୍ୟୟନରତ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଗଦାଧର ମହାପାତ୍ର, ଶିକ୍ଷୟିତ୍ରୀ ପ୍ରିୟଙ୍କା ରାଉତ, ଶିକ୍ଷକ ବିଶ୍ୱଭୂଷଣ ପାତ୍ର, ଦୀପକ ନାୟକ, ବିଶ୍ୱମ୍ବର ବେହେରା, ଭାଗିରଥି ପାଢ଼ୀ, କିରାଣି ରତ୍ନାକର ସେନାପତି ପ୍ରମୁଖ ପରିଚାଳନା କରିଥିଲା ବେଳେ ସ୍କୁଲ କର୍ମଚାରୀ ବାସୁଦେବ ଦାସ, ନରହରି ଖଣ୍ଡେଇ, ଗୌରାଙ୍ଗ ସାହୁ ଏଥିରେ ସହଯୋଗ କରିଥିଲେ। ବିଦାୟୀ ଛାତ୍ରଛାତ୍ରୀଙ୍କ ମୁହଁରେ ସମ୍ୟକ ଖୁସି ଥିଲାବେଳେ ସ୍କୁଲର ଜୀବନରୁ ବିଦାୟ ନେଉଥିବାରୁ ସେମାନଙ୍କ ମୁହଁରେ ଅଧିକ ଦୁଃଖ ପରିଲକ୍ଷିତ ହୋଇଥିଲା।

ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ବାଲେଶ୍ୱରରେ କ୍ରାଇମବ୍ରାଞ୍ଚ ଡିଜି

ବାଲେଶ୍ୱର,୨୯ ।୧(ସମିସ)



ଆସନ୍ତା ୩ ତାରିଖ ମଙ୍ଗଳବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାଲେଶ୍ୱର ଗସ୍ତରେ ଆସିବେ। ସେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମର ବ୍ୟାପକ ସୁରକ୍ଷା ପାଇଁ ଆଜି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ବାଲେଶ୍ୱର ଗସ୍ତ କରିଛନ୍ତି। ପ୍ରଥମେ ସେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଯାଇଥିଲେ। ଏହି ସମୟରେ ସେ ବିଶ୍ୱବିଦ୍ୟାଳୟର ସୁରକ୍ଷା ସ୍ଥିତି ପରଖିବା ସହ କୁଳପତିଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଫେରି ସେ ଡିଆଇଜି ପିନାକ ମିଶ୍ର ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକରଙ୍କ ସହ ରାଷ୍ଟ୍ରପତିଙ୍କ ଗସ୍ତର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ପରେ ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ୩ତାରିଖରେ ରାଷ୍ଟ୍ରପତି ଫକୀରମୋହନ ବିଶ୍ୱବିଦ୍ୟାଳୟ ଗସ୍ତ କରୁଛନ୍ତି। ସେଠାରେ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ତାଙ୍କ ଆସିବା ନେଇ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଉପରେ ସମୀକ୍ଷା କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷାକୁ ପ୍ରାଥମିକ ଗୁରୁତ୍ୱ ପ୍ରଦାନ କରାଯାଇ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

ରେମୁଣା ମହୋତ୍ସବରେ ଗୁଳି ଫୁଟିବା ଘଟଣା

ପ୍ରତ୍ୟାଖ୍ୟାନ କଲେ ମହୋତ୍ସବ କମିଟି ସଦସ୍ୟ



ରେମୁଣା,୨୯।୧(ସମିସ): ରେମୁଣା ମହୋତ୍ସବ ପଡିଆରେ ପ୍ରେସମିଟରେ ମହୋତ୍ସବ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡା, ସଭାପତି ବିଶ୍ୱମ୍ଭର ପଟ୍ଟନାୟକ, ସମ୍ପାଦକ ସନ୍ତୋଷ ରଣା ତାଙ୍କର ବକ୍ତବ୍ୟରେ କହିଛନ୍ତି ଯେ ଆଜିକୁ ୧୮ ବର୍ଷ ଧରି ଶାନ୍ତି ଶୃଙ୍ଖଳା ସହ ସମସ୍ତ ଦଳ,ସମସ୍ତ ବର୍ଗ, ସମସ୍ତ ଗୋଷ୍ଠୀର ବ୍ୟକ୍ତି ଏହି ମହୋତ୍ସବରେ ସାମିଲ ଅଛନ୍ତି। କିନ୍ତୁ ଦୁଃଖର ବିଷୟଯେ ଗତକାଲି କିଛି ବୈଦ୍ୟୁତିକ ଗଣମାଧ୍ୟମରେ ଏକ ଖବର ପ୍ରଚାର ହୋଇଛି ଯେ ରେମୁଣା ମହୋତ୍ସବରେ ଗୁଳିକାଣ୍ଡ ଘଟିଛି। ଏହି ଘଟଣା ମହୋତ୍ସବର ସମସ୍ତ କର୍ମକର୍ତ୍ତା ଏବଂ ରେମୁଣାବାସୀଙ୍କୁ ଖୁବ ମର୍ମାହତ ଓ ଦୁଃଖିତ କରିଛି । ତେବେ ଅନ୍ୟତ୍ର ଘଟିଥିବା ଗୁଳିମାଡ ଘଟଣାକୁ ରେମୁଣା ମହୋତ୍ସବ ପ୍ରତି ଆରୋପ କରିବା ସମ୍ପର୍କ ଭିତ୍ତିହୀନ। ଆଜିର ପ୍ରେସମିଟର ନିନ୍ଦା କରିବା ସହ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଏହା ରେମୁଣା ମହୋତ୍ସବ ପ୍ରତି ତିଳେମାତ୍ର ପ୍ରଭାବ ପକେଇବ ନାହିଁ ବୋଲି ବକ୍ତବ୍ୟରେ କହିଥିଲେ। ଆଇନଜୀବୀ ଜୟ ନାରାୟଣ ପଣ୍ଡା, ଡ. ଭାଗବତ ପ୍ରସାଦ ଦାସ, ବଟ ବିହାରି ଦାସ, ଗଗନ ସାହୁ, ସତ୍ୟନାରାୟଣ ରଣା, କାହ୍ନୁଚରଣ ବେହେରା, ତପନ ବେହେରା, ଅମୁଲ୍ୟ ପଟ୍ଟନାୟକ, ଆଇଶାନ ଖାଁ, କରୁଣାକର ମହାନ୍ତି, ଗିରିଶ କୁମାର ଷଡ଼ଙ୍ଗୀ, କିରଣ କୁମାର ମହାରଣା, ଶିବ ଶଙ୍କର ରାୟ, ମାଧବାନନ୍ଦ ବେହେରା, ବିଦ୍ୟାଧର ଜେନା, ବିଶ୍ୱଜିତ ସେନ ଏବଂ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ଫକୀରମୋହନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୨୯ ।୧(ସମିସ): ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ପ୍ରଥମ ନିୟମିତ ଅଧ୍ୟକ୍ଷ ପ୍ରଫେସର ରାମଚନ୍ଦ୍ର ନାୟକଙ୍କ ଉଦ୍ଦେଶ୍ୟରେ ଆଜି ମହାବିଦ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଓ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି। ଅନ୍ତିମ ସମୟେ ପ୍ରଫେସର ନାୟକଙ୍କର ବୟସ ୯୬ ବର୍ଷ ହୋଇଥିଲା। ୨୦୦୧ ମସିହାରେ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ନିୟମିତ ଅଧ୍ୟକ୍ଷ ଭାବେ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଦ୍ୱାରା ସେ ଅନୁଷ୍ଠାନର ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭାରେ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସୋନାଲିସା ମହାନ୍ତି, ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ ରାଉତ, ସହ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀ ନାରାୟଣ ନାୟକ, ଆକାଡେମିକ ବର୍ଷାର ସୁଜିତ୍ କୁମାର ଦାସ, ଆକାଉଣ୍ଟ ବର୍ଷାର ମନୋରଞ୍ଜନ ପଣ୍ଡା, ନାମଲେଖା ଅଧିକାରୀ ପ୍ରିୟଙ୍କା ପତି, ମେଧାବୃତ୍ତି ଅଧିକାରିଣୀ ଶାଶ୍ୱତୀ ଦାସ ମହାପାତ୍ର, ପରୀକ୍ଷା ନିୟନ୍ତ୍ରକ ସୁଲୋଚନା ସିଂ, ସହ ପରୀକ୍ଷା ନିୟନ୍ତ୍ରକ ଅପର୍ଣ୍ଣା ସେଠୀ, ସେକ୍ସନ ଅଧିକାରୀ ବଳରାମ ନାଏକ ଙ୍କ ସହିତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରଫେସର ନାୟକଙ୍କ ସ୍ମୃତି ଚାରଣ କରିଥିଲେ।

ଭେଟେରାନ କ୍ରୀଡ଼ା ସଂଘର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ବାଲେଶ୍ୱର,୨୯।୧(ସମିସ): ଭେଟେରାନ କ୍ରୀଡା ସଂଘର ବାର୍ଷିକ କ୍ରୀଡା ପ୍ରତିଯୋଗିତା ପରମିଟ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ ଶୁଭାରମ୍ଭ କରିଥିଲେ। ପ୍ରଥମେ ବିଭାଗର ୮୦ ରୁ ୮୫ ବର୍ଷର ପୁରାତନ ଖେଳାଳୀଙ୍କ ଚାଲିବା ପ୍ରତିଯୋଗିତାକୁ ଶ୍ରୀମତୀ ସାହୁ ଶୁଭାରମ୍ଭ କରିଥିଲେ। ଦିନସାରା ପୁରୁଷ ଏବଂ ମହିଳାମାନଙ୍କ ଦୌଡ଼, ଥ୍ରୋ, ମଟରସାଇକେଲ, ଶଙ୍ଖ ଫୁଙ୍କା, ଆଳୁଚାମଚ ଇତ୍ୟାଦି ସମସ୍ତ ଖେଳ ଗୋଟିଏ ଦିନରେ ସମାପ୍ତ ହୋଇଥିଲା। ସନ୍ଧ୍ୟାରେ ପୁରୁଣା ଷ୍ଟାଡିୟମ ଇନଡୋର ଷ୍ଟାଡିୟମ ଭିତରେ ୪୦ ରୁ ୮୦ ବର୍ଷ ଭେଟେରାନ ବ୍ୟାଡମିଣ୍ଟନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୭୦ ରୁ ୭୫ ଏବଂ ୮୦ ରୁ ୮୫ ବର୍ଷ ବୟସ୍କ ବ୍ୟାଡମିଣ୍ଟନ ଖେଳାଳୀ ଭାଗ ନେଇଥିଲେ। ୭୦ ରୁ ୭୫ ରେ ଗୋପାଳ ସେଠୀ ଏବଂ ମନୋଜ ଦାସ ଚମ୍ପିୟାନ ଏବଂ ୮୦ ରୁ ୮୫ରେ ଡ. ଅଶୋକ ପାଣିଗ୍ରାହୀ ଓ ପଦ୍ମଲୋଚନ ଲେଙ୍କା ରନର୍ସଅପ ହୋଇଥିଲେ। ପୁରାତନ ଖେଳାଳୀମାନେ ବିଭିନ୍ନ ଖେଳରେ ୧୨୪ ଜଣ ଭାଗ ନେଇଥିଲେ। ପୁରସ୍କାର ବିତରଣୀ ସଭାରେ ସଂଘ ସଭାପତି ଡ. ଅଶୋକ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କୃତୀ ଖେଳାଳୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉପଦେଷ୍ଟା ସୁବ୍ରତ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ପଦ୍ମଲୋଚନ ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରସ୍କାର ବିତରଣ ସମୟରେ ସଂଘର କୋଷାଧ୍ୟକ୍ଷ ହରେନ ରଣା, ସହ ସମ୍ପାଦକ ଗୋପାଳ ସେଠୀ, ମନୋଜ ଦାସ, ପ୍ରଦୀପ ଦାସ, ଜଗଦିଶ ବେହେରା, ନିମାଇଁ ଚରଣ ରାଉତରାୟ, ସୁରଜିତ ମହାପାତ୍ର, ସୁକୁମାର ଘୋଷ, ମଧୁ ବେହେରା, ଅମର ମହାନ୍ତି, ସତ୍ୟ ବାରିକ, ଚିତରଞ୍ଜନ ଦାସ ଏବଂ ସମସ୍ତ ଖେଳାଳୀ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ଶେଷରେ ଅର୍ଚ୍ଚନା ନନ୍ଦୀ ଧନ୍ୟବାଦ ଦେଇଥିଲେ।

ଜଗଦଗୁରୁ ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ ଉତ୍ସବ



ବାଲେଶ୍ୱର,୨୯।୧(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଓ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ପ୍ରସିଦ୍ଧ ଟୀକାକାର ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ ସମାରୋହ ଶାନ୍ତିକାନନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. କ୍ଷିତୀଶ୍ୱର ଦାଶ, ମୁଖ୍ୟବକ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟ ସହଯୋଗୀ ପ୍ରଫେସର ଡ.ଦେବାଶିଷ ମିଶ୍ର, ଜଗଦଗୁରୁ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦ ସଭାପତି ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଶ୍ରୀଧର ସ୍ୱାମୀଙ୍କ ଟୀକାର ତତ୍ତ୍ୱ, ଦର୍ଶନ ସମ୍ପର୍କରେ ଆଲୋଚନା କରି ଶ୍ରୀଧର ସ୍ୱାମୀଙ୍କ ସମଗ୍ର ଟୀକା ଓ ଗ୍ରନ୍ଥକୁ ଏକତ୍ରିତ କରି ଗ୍ରନ୍ଥାବଳୀ ପ୍ରକାଶ ପାଇଲେ ଶ୍ରୀଧର ସ୍ୱାମୀଙ୍କ ଦର୍ଶନ, ମାନବିକ ମୂଲ୍ୟବୋଧ ନୀତି, ଆଦର୍ଶ ଅଧିକ ଲୋକଲୋଚନକୁ ଆସିପାରିବ ବୋଲି ମତ ଦେଇଥିଲେ। ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ୍ ଭାଷଣ ରଖିଥିବାବେଳେ ସ୍ମୃତି ପରିଷଦ ସମ୍ପାଦକ ଡ.ଭାଗବତ ପ୍ରସାଦ ଦାସ ସମ୍ପାଦକୀୟ ବିବରଣୀ ପାଠ ସହ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଡ.ଶିରୀଶ ଚନ୍ଦ୍ର ଜେନା, ବିଷ୍ଣୁ ପ୍ରସାଦ ମହାନ୍ତି, ଶରତ ଚନ୍ଦ୍ର ମହାପାତ୍ର, ମଧୁସୂଦନ ମାଝୀ ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ତୃତୀୟ ଦିନରେ 'ଉତ୍ସାହ ୨୦୨୬'



ବାଲେଶ୍ୱର,୨୯।୧(ସମିସ): ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର ମିଳିତ ସହଯୋଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ "ଉତ୍ସାହ ୨୦୨୬' ତୃତୀୟ ଦିନ ଆୟୋଜିତ ହୋଇଯାଇଛି। ତୃତୀୟ ଦିବସରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଭା ଓ ସୃଜନଶୀଳତାର ଅଦ୍ଭୁତ ପ୍ରଦର୍ଶନ ଦେଖିବାକୁ ମିଳିଛି। ଏହି ଦିନ ଅନୁଷ୍ଠିତ ପ୍ରତିଯୋଗିତାଗୁଡ଼ିକ ମଧ୍ୟରେ ଶାସ୍ତ୍ରୀୟସଙ୍ଗୀତ (ତାଳ ବାଦ୍ୟ ସହ), ଇଂରାଜୀ ବିତର୍କ, କାର୍ଟୁନ୍ ଅଙ୍କନ, ଏକାଙ୍କ ନାଟକ, ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ପଶ୍ଚିମାତ୍ୟ ଯନ୍ତ୍ର ସଙ୍ଗୀତ (ଏକକ), ହିନ୍ଦୀ ବକ୍ତୃତା, ପୋଷ୍ଟର ନିର୍ମାଣ, ସ୍କିଟ୍ / ଛୋଟ ନାଟିକା ଓ ଲାଇଟ୍ ଭୋକାଲ୍ (ଏକକ) ଅନ୍ତର୍ଗତ ଥିଲା। ପ୍ରତ୍ୟେକ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହାସହିତ ଚାନ୍ଦିପୁରସ୍ଥିତ ଡିଆରଡିଓର ସୌଜନ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ବିଶେଷ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏହି ପ୍ରଦର୍ଶନୀରେ ବୋଫର୍ସ ସହିତ ବିଭିନ୍ନ ଆଧୁନିକ ଯୁଦ୍ଧାସ୍ତ୍ର ଓ ପ୍ରତିରକ୍ଷା ପ୍ରଯୁକ୍ତି ପ୍ରଦର୍ଶିତ ହୋଇଛି। ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରରୁ ଆସିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହି ପ୍ରଦର୍ଶନୀ ଅତ୍ୟନ୍ତ ଆକର୍ଷଣୀୟ ଓ ଶିକ୍ଷାଦାୟକ ହୋଇପାରିଛି। ସମଗ୍ର ଭାବେ "ଉତ୍ସାହ୨୦୨୬'ର ତୃତୀୟ ଦିନ ଯୁବ ପ୍ରତିଭା, ସାଂସ୍କୃତିକ ବିବିଧତା ଓ ସୃଜନାତକତାର ଏକ ଜୀବନ୍ତ ଉତ୍ସବ ରୂପେ ପରିଣତ ହୋଇଛି। "ଉତ୍ସାହ' ଯୁବ ମହୋତ୍ସବର ଆବାହକ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଂଜନ ରାଉତ ଏବଂ ଆୟୋଜକ ସଚିବ ଡକ୍ଟର ଅସୀମ ଅମିତାଭ ପ୍ରଧାନ ଉତ୍ସବରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ଅତିଥିମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପରିସରକୁ ସୁବିଧାଜନକ, ସୁସଂଗଠିତ ଓ ଅନୁକୂଳ ରଖିବା ନିମନ୍ତେ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଏହାସହିତ "ଉତ୍ସାହ ୨୦୨୬'ର ସଫଳ ଆୟୋଜନ ଓ ସୁଚାରୁ ରୂପାୟନ ପାଇଁ ସମସ୍ତ ସମ୍ପୃକ୍ତ ବ୍ୟକ୍ତି, ସ୍ୱେଚ୍ଛାସେବକ, ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କ ସାମୂହିକ ସହଯୋଗ ପ୍ରତି ଧନ୍ୟବାଦ ଜଣାଇଛନ୍ତି।

୧ ଓ ୨ରେ କବାଡ଼ି ପ୍ରତିଯୋଗିତା

ବାଲେଶ୍ୱର,୨୯।୧(ସମିସ): ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ, ରାଜ୍ୟ କବାଡି ଏବଂ ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ ବାଳକମାନଙ୍କ ଆସନ୍ତା ୧ ତାରିଖ ଏବଂ ବାଳିକା ବିଭାଗର ଆସନ୍ତା ତାରିଖରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଯେଉଁ ପ୍ରତିଯୋଗୀମାନେ ରେଜିଷ୍ଟ୍ରେସନ କରିଥିବେ ସେମାନେ ଉପରୋକ୍ତ ତାରିଖ ଦିନ ଆଧାର କାର୍ଡ ଓ ଜନ୍ମ ପ୍ରମାଣ ପତ୍ରର ଅରିଜିନାଲ୍ ଏବଂ ଜେରକ୍ସ କପି ସାଙ୍ଗରେ ନେଇ ପରମିଟ ପଡିଆ (ନୂଆ ଷ୍ଟାଡିୟମ) ଠାରେ ଦିବା ୯ ଘଟିକାରେ ଉପସ୍ଥିତ ରହିବା ପାଇଁ ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଜଣାଇଛନ୍ତି। ପ୍ରତିଯୋଗିତା ସମ୍ପର୍କରେ ସମସ୍ତ ବିବରଣୀ ପାଇଁ ଯୁଗ୍ମ ସମ୍ପାଦକ ବିରେନ୍ଦ୍ର ସ୍ୱାଇଁ(୮୧୪୪୬୮୯୪୮୫) ଙ୍କ ସହିତ ଯୋଗାଯୋଗ କରିବାକୁ ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ଶ୍ରୀ ମହାପାତ୍ର ଜଣାଇଛନ୍ତି।

ପଲିଫେଷ୍ଟରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ବାଲେଶ୍ୱର,୨୯ ।୧(ସମିସ): ରେମୁଣା ବିଦ୍ୟାଧରପୁର ସ୍ଥିତ ସରକାରୀ ପଲିଟେକନିକ ପରିସରରେ ଆଞ୍ଚଳିକ ପଲିଫେଷ୍ଟ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଉତ୍ତର ଓଡ଼ିଶାର ବିଭିନ୍ନ ସରକାରୀ,ବେସରକାରୀ ପଲିଟେକନିକ ଏବଂ ଅନୁଷ୍ଠାନର ୧୮ଟି ପଲିଟେକନିକରୁ ଏକହଜାର ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ଉକ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୀଡା ଭାବନା, ସାଂସ୍କୃତିକ ଆଦାନ ପ୍ରଦାନ, ଏକତା ଓ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶକୁ ପ୍ରୋତ୍ସାହନା ଦେବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ସରକାରୀ ପଲିଟେକନିକର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ଜେନା ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ପଲିଫେଷ୍ଟ ସୁଚାରୁ ରୂପେ ପରିଚାଳନା ତଥା ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହେବା ସହ କ୍ଷେତ୍ର ସ୍ତରୀୟ ମହୋତ୍ସବର ଗୁରୁତ୍ୱପୂର୍ଣ୍ଣ ବିଷୟ ବସ୍ତୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ଗତିକୃଷ୍ଣ ସାହୁ ଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ଏବଂ ପଲିଟେକନିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡା, ଆଥଲେଟିକ, ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଶେଷ ଦିନରେ ଉଦଯାପନୀ ଉତ୍ସବରେ ସମସ୍ତଙ୍କୁ ପୁରସ୍କୃତ କରାଯିବ ବୋଲି କୁହାଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କୁହାଯାଇଛି।

କିଶୋର ଓ କିଶୋରୀଙ୍କ ପ୍ରତିଭା ଚୟନ କାର୍ଯ୍ୟକ୍ରମ

ବାଲେଶ୍ୱର,୨୯।୧(ସମିସ): କିଶୋର ଓ କିଶୋରୀମାନଙ୍କ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଆୟୋଜିତ ଏହି ପ୍ରତିଯୋଗିତାରେ ଗଣମାଧ୍ୟମରେ ରିଲସ ତିଆରି, ଶାରୀରିକ ଅଭିବୃଦ୍ଧି ଖେଳ ସମ୍ପର୍କରେ ପ୍ରତିଯୋଗୀମାନଙ୍କୁ ଉପ ନଗରପାଳ ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ବେହେରା, ସିଡିପିଓ ପ୍ରଭାବତୀ ନନ୍ଦ, ପ୍ରମୁଖ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ



ପୌରପାଳିକା କାର୍ଯ୍ୟାଳୟ ପରିସରରେ ଏକ ପ୍ରତିଭା ଚୟନ କାର୍ଯ୍ୟକ୍ରମ ପୌରପାଳିକାର ଆଇସିଡିଏସ ତରଫରୁ ସଂଗୀତ, ଚିତ୍ରାଙ୍କନ, ସାମାଜିକ ଆତ୍ମନିର୍ଭର ହେବା ପାଇଁ କୌଶଳ, ପ୍ରତିଯୋଗିତା ହୋଇଥିଲା। କୃତୀ କୈଳାଶ ସେଠି, ଜିଲ୍ଲା ସମାଜ ମଙ୍ଗଳ ପ୍ରକଳ୍ପ ଅଧିକାରିଣୀ ସୁବର୍ଣ୍ଣମଣି ଉବାଟକ ମହାନ୍ତି, ପ୍ରଶାନ୍ତ କୁମାର ରାଉତ କରିବା ସହିତ ପୁରସ୍କୃତ କରିଥିଲେ।

ରେମୁଣା ମହୋତ୍ସବର ପଞ୍ଚମ ସନ୍ଧ୍ୟା

ରେମୁଣା,୨୯।୧(ସମିସ): ରେମୁଣା ମହୋତ୍ସବ ୨୦୨୬ର ପଞ୍ଚମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ରେମୁଣା ସୁଦର୍ଶନ ଜେନା, ସମ୍ମାନିତ ଅତିଥି ଭାବେ ବିଟିସିସି ଅଧ୍ୟକ୍ଷ ନରେନ୍ଦ୍ର ବିହାରି ଦାସ, ସଭାପତି ଭାବେ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ଦାସ ରମଣୀୟ ରେମୁଣାର ଐତିହ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। କୁଇଜ କମ୍ପିଟିସନ, କଲଚୁରାଲ ପ୍ରୋଗ୍ରାମ, ନୃତ୍ୟ ପ୍ରତିଭା ଏବଂ ସନ୍ଧ୍ୟାକୁ ଭୁବନେଶ୍ୱରର ପ୍ରସିଦ୍ଧ ରାଇଜିଂ ଷ୍ଟାର ଡ୍ୟାନ୍ସ ଗ୍ରୁପ ତାଙ୍କର ନୃତ୍ୟ ଓ ଗୀତ ଦ୍ୱାରା ଦର୍ଶକଙ୍କୁ ବିମୋହିତ କରିଥିଲେ। ସମର୍ଜିତ ମହାରଣା ଧନ୍ୟବାଦ ଦେଇଥିଲେ।

● ରାଜ୍ୟସ୍ତରୀୟ କମ୍ପ୍ୟୁଟିଂ ଅଲମ୍ପିଆଡ୍-୨୦୨୬

ଏଫ୍ଏମ୍ ଜୁନିୟର କଲେଜର ଛାତ୍ର ରାମକୃଷ୍ଣ ମାଇତିଙ୍କ ସଫଳତା

ବାଲେଶ୍ୱର,୨୯।୧(ସମିସ): ବାଲେଶ୍ୱରର ପ୍ରତିଷ୍ଠିତ ଫକୀରମୋହନ ଜୁନିୟର କଲେଜର ବିଜ୍ଞାନ ବିଭାଗର ଛାତ୍ର ରାମକୃଷ୍ଣ ମାଇତି ରାଜ୍ୟସ୍ତରୀୟ କମ୍ପ୍ୟୁଟିଂ ଅଲମ୍ପିଆଡର ଗଣିତ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଭୁବନେଶ୍ୱରସ୍ଥିତ ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଇଞ୍ଜିନିୟରିଂ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ରାମକୃଷ୍ଣ ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି କଲେଜ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସୂଚନାଯୋଗ୍ୟ ଯେ,ଏହି ଅଲମ୍ପିଆଡ୍‌ରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ମେଧାବୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ରାମକୃଷ୍ଣଙ୍କ ସଫଳତା ପାଇଁ କଲେଜ କର୍ତ୍ତୃପକ୍ଷ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ର ଛାତ୍ରୀମାନେ ଶୁଭେଚ୍ଛା ଜଣାଇଛନ୍ତି। କଲେଜର ଅଧ୍ୟକ୍ଷ ଡକ୍ଟର ସୋନାଲିସା ମହାନ୍ତି, ରସାୟନ ବିଜ୍ଞାନର ମୁଖ୍ୟ ଅଙ୍କିତା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ତାଙ୍କର ଏହି କୃତିତ୍ୱ ପାଇଁ ତାଙ୍କୁ ସାଧୁବାଦ ଜଣାଇଛନ୍ତି।



ଝୋଟି ମହୋତ୍ସବର ପୁରସ୍କାର ବିତରଣ ଉତ୍ସବ

ବାଲେଶ୍ୱର,୨୯ ।୧(ସମିସ)



ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ପକ୍ଷରୁ ବାଲେଶ୍ୱରରେ ପଥପ୍ରାନ୍ତ ଝୋଟି ମହୋତ୍ସବ ପ୍ରତିଯୋଗୀତା, ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଆଦି ଜିଲ୍ଲାରୁ ଉଭୟ ମହିଳା ଓ ଯୁବତୀଙ୍କୁ ମିଶାଇ ଶତାଧିକ ପ୍ରତିଯୋଗୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆଜି ସକାଳେ ସହରର ପୁଲିସ ଲାଇନ ଛକ ନିକଟରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ମହିଳା ମାନେ ଅତି ସୁନ୍ଦର ଭାବେ ଲକ୍ଷ୍ମୀପାଦ, ପଦ୍ମଫୁଲ, ଧାନସିଝା ଭଳି ଝୋଟିରେ ବିଭିନ୍ନ ପ୍ରକାରର ଚିତା ଆଙ୍କିଥିଲେ। ସେହିପରି ମୟୂରଭଞ୍ଜ ଜିଲ୍ଲା ବାରିପଦାରୁ ଚାନ୍ଦିନୀ ଖାତୁନ ନାମକ ଜଣେ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ ସହ ଓଡ଼ିଆ ଘରର ଝୋଟି ପ୍ରଦର୍ଶନ କରିଥିଲେ। ସେ ଝୋଟିରେ ମା' ଗଜଲକ୍ଷ୍ମୀଙ୍କ ପାଦ ଚିହ୍ନ, ହାତୀ ଓ ପଦ୍ମ ଆଙ୍କିଥିଲେ। ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗୀମାନଙ୍କ ଦ୍ୱାରା ଅଙ୍କା ଯାଇଥିବା ଚିତାକୁ ପ୍ରଶଂସା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଅନ୍ୟତମ ଅତିଥି ଭାବେ ଏଥିରେ ଯୋଗଦେଇ ଓଡ଼ିଆ ଘରର କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ଆୟୋଜିତ ପାରମ୍ପରିକ ଝୋଟି ମହୋତ୍ସବର ଆୟୋଜକଙ୍କ ଉଦ୍ୟମକୁ ସାଧୁବାଦ ଦେଇଥିଲେ। ପ୍ରତିଯୋଗିତା ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବସ୍ତା ବିଧାୟିକା ଶ୍ରୀମତୀ ଜେନା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଜିଲ୍ଲାସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ସଙ୍ଗଠନ ପକ୍ଷରୁ ଚାନ୍ଦିନୀ ଖାତୁନଙ୍କୁ ଦୁଇହଜାର ଟଙ୍କା ଓ ପ୍ରମାଣ ପତ୍ର ପ୍ରଦାନ ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ସଭାପତି ଅଞ୍ଜଳି ପଣ୍ଡା, ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ ପ୍ରତିଯୋଗିତା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

ଗୋପାଳପୁର ବେଳାଭୂମି ମହୋତ୍ସବର ତୃତୀୟ ସନ୍ଧ୍ୟା

'ଆଧ୍ୟାତ୍ମିକ ଓ ସଂସ୍କୃତିର ମହାମିଳନ ଗୋପାଳପୁର ବିଚ୍ ଫେଷ୍ଟିଭାଲ'

ଓଲିଉଡ୍ ନାଇଟ୍‌ରେ ଝୁମିଲେ ଦର୍ଶକ

ପର୍ଯ୍ୟଟନ କ୍ୟାଲେଣ୍ଡରରେ ସ୍ଥାନ ପାଉ ଉତ୍ସବ







ବ୍ରହ୍ମପୁର,୨୯।୧(ସମିସ)

ଗୋପାଳପୁର ବେଳାଭୂମି ମହୋତ୍ସବର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି କହିଥିଲେ ଯେ, ଗୋପାଳପୁରର ପବିତ୍ର ଭୂମିରେ ରହି ଗୌରବନ୍ୱିତ ମନେ କରୁଛି। ବିଗତ ଦିନରେ ହୋଇଥିବା ମହୋତ୍ସବରେ ନିଜକୁ ସାମିଲ କରିଥିଲି। ଏହା ଭିତରେ ଅନେକ ପରିବର୍ତ୍ତନ ହୋଇଛି। ସର୍ବପ୍ରଥମେ ଏହି ମହୋତ୍ସବ ଆରମ୍ଭ କରିଥିବା ସେହି ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ମରଣ କରୁଛି। ଏହି ମହୋତ୍ସବ ସବୁଠାରୁ ନିଆରା। ସବୁ ବର୍ଗର ଜନସାଧାରଣଙ୍କ ଏଠାରେ ସମାଗମ ହୁଏ। ସମୁଦ୍ର ଆଳତି ଓ ବନ୍ଦନା ମତେ ଆନନ୍ଦିତ କରିଛି। ମହୋତ୍ସବରେ ଅନୁଷ୍ଠିତ ସମୁଦ୍ର ଆଳତି ସମୟରେ ସମୁଦ୍ର ଆଗକୁ ଆଗକୁ ଆସିଯିବାର ଅନୁଭବ ହେଲା। ଯାହା ଆଧ୍ୟାତ୍ମିକ ଓ ସଂସ୍କୃତିକର ପ୍ରତିଫଳନ। ମହୋତ୍ସବରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ଏହାକୁ ଅଧିକ ଆକର୍ଷଣୀୟ କରିଛି। ସାମଗ୍ରିକ ବେଳାଭୂମି ମାନବ ସମାଜର ଜୀବନଶୈଳୀ ପାଇଁ ଆବଶ୍ୟକ ରହିଛି। ଏହା କିପରି ପରିଷ୍କାର ପରିଚ୍ଛନ୍ନ ରହିବ ସେଥିପ୍ରତି ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ। ଯେଉଁ ଦେଶମାନେ ସମୁଦ୍ର ଦ୍ୱାରା ଲାଭାନ୍ୱିତ ହୋଇଛନ୍ତି, ସେମାନେ ଏହାର ସୁରକ୍ଷା ନେଉଛନ୍ତି। ପ୍ରତିବର୍ଷ ଜୁନ୍ ୮ରେ ସମୁଦ୍ର ଦିବସ ପାଳିତ ହେଉଛି। ଏହି ଦିବସର ଗୁରୁତ୍ୱକୁ ସମସ୍ତେ ବୁଝି ଗୋପାଳପୁରକୁ ସ୍ମରଣୀୟ କରିବା ଆବଶ୍ୟକ ରହିଛି ବୋଲି ବାଚସ୍ପତି କହିଛନ୍ତି। ଖଲ୍ଲିକୋଟ ରାଜାଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏ ମଞ୍ଚ ଓଡ଼ିଶାର ସଂସ୍କୃତି, ଭାଷା ଓ ସୁରକ୍ଷା ଓ ଏକତାର ବାର୍ତ୍ତା ଦେଉଛି। ଆଗାମୀ ଦିନରେ ଓଡିଶାରେ ମଧ୍ୟ ସମୁଦ୍ର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉଛି। ଏହାକୁ ଗର୍ବର ସହକାରେ ପାଳନ କରିବାକୁ ବାଚସ୍ପତି ପରାମର୍ଶ ଦେଇଥଲେ। ଅନ୍ୟତମ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ କହିଛନ୍ତି ଯେ, କଳା ଓ ସଂସ୍କୃତିକୁ ଆଗକୁ ନେବାରେ ଡବଲ ଇଞ୍ଜିନ ସରକାର ସଦାବେଳେ ଗୁରୁତ୍ୱ ଦେଇ ଆସିଛି। ଗୋପାଳପୁର ବେଳାଭୂମି ମହୋତ୍ସବ ନିଆରା ଓ ଅନନ୍ୟ ବୋଲି କହିଥିଲେ।

ଦିଗପହଣ୍ଡି ବିଧାୟକ ତଥା ସିନେ ତାରକା ଡ଼ ସିଦ୍ଧାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଗୋପାଳପୁର ବେଳାଭୂମି ମହୋତ୍ସବ ପୂର୍ବତଟର ଅନନ୍ୟ ଉତ୍ସବ। ଏହାକୁ ପର୍ଯ୍ୟଟନ କ୍ୟାଲେଣ୍ଡରରେ ସ୍ଥାନ ଦିଆଯାଉ। ଗୋଟେ ତାରିଖ ନିର୍ଦ୍ଧାରଣ ହେଉ। କ୍ୟାଲେଣ୍ଡରରେ ନିର୍ଦ୍ଦିଷ୍ଟ ତାରିଖ ସ୍ଥାନ ପାଇଲେ ପର୍ଯ୍ୟଟକଙ୍କୁ ପ୍ରୋତ୍ସାହନ ମିଳିବ। ସରକାରଙ୍କ ନିକଟରେ ଏହି ଦାବି ରହିବା ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିଭଳି ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ କହିଛନ୍ତି ଯେ, ଗୋପାଳପୁର ବେଳାଭୂମି ସମ୍ପ୍ରତି ମହା ଉତ୍ସବରେ ପରିଗଣିତ ହୋଇଛି। ଉତ୍ସବରେ ଗଞ୍ଜାମର ଅଧିଷ୍ଠାତ୍ରୀ ମା'ଙ୍କ ଆଶୀର୍ବାଦ ରହିଛି। ପ୍ରତିବର୍ଷ ଏହା ଚାଲୁ ରହୁ। ଅନ୍ୟତମ ଅତିଥି ଭାବେ ମହୋତ୍ସବର ଉଦ୍ୟୋକ୍ତା ତଥା ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଦକ୍ଷିଣାଞ୍ଚଳ ପୁଲିସ ମହାନିରୀକ୍ଷକ ନିତି ଶେଖର, ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର, ଗଞ୍ଜାମ ଜିଲାପାଳ ଭି କିର୍ତିଭାସନ, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଗୋପାଳପୁର ଏନ୍‌ଏସିଅଧକ୍ଷ ଏ ଜାନକୀ ରାମଙ୍କ ସମେତ ଅନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତ ହାସଲ କରିଥିବା ବ୍ୟକ୍ତିବିଶେଷ ଓ କ୍ରୀଡ଼ାରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ ଜ୍ଞାପନ କରାଯାଇଥିଲା।

ଜମିଲା ଓଲିଉଡ୍ ନାଇଟ

ଓଡିଆ ଚଳଚ୍ଚିତ୍ର ଜଗତର ଅଗ୍ରଣୀ ଅଭିନେତା / ଅଭିନେତ୍ରୀ ସିଦ୍ଧାନ୍ତ ମହାପାତ୍ର, ଅରିନ୍ଦମ ରୟ, ବୁଦ୍ଧାଦିତ୍ୟ ମହାନ୍ତି, ଉଷଶ୍ରୀ ମିଶ୍ର, ଶ୍ରୀତମ ଦାସ, ପୁପିନ୍ଦର ସିଂ, ସତ୍ୟଜିତ ପ୍ରଧାନ, ପ୍ରଜ୍ଞାନ ରଞ୍ଜନ ଖଟୁଆ, ଶଙ୍କର ପ୍ରଧାନ, ଶୀତଲ୍ ପାତ୍ର ପ୍ରମୁଖଙ୍କ ଚିତ୍ତାକର୍ଷକ ଅଭିନୟ, ନୃତ୍ୟ, ସଂଗୀତ ଦର୍ଶକଙ୍କୁ ବିଭୋର କରିଥିଲା।

ସ୍ଥାନୀୟ କଳାକାରଙ୍କୁ ପ୍ରାଧାନ୍ୟ

ମହୋତ୍ସବର ତୃତୀୟ ଦିବସରେ ଓଡିଶୀ, ମଡର୍ଣ୍ଣ ଡ୍ୟାନ୍ସ, ସେମି କ୍ଲାସିକାଲ୍ ଡ୍ୟାନ୍ସ, ରାଜସ୍ଥାନୀ ଘୁମର୍, ପରଜା ଢେମସା, ଆସାମ ବିହୁ, ବଲାଙ୍ଗୀରର ଘୁଡକା, ପୁରୁଲିଆ ଛଉ, ଛେଦ ମେଲମ୍ ନୃତ୍ୟ ସମସ୍ତଙ୍କୁ ବିଭୋର କରିଥିଲା।

ଚିକିଟି ବିଷାକ୍ତ ମଦମୃତ୍ୟୁ ମାମଲା

ଗିରଫ ଅଭିଯୁକ୍ତ ସୁରେନ୍ଦ୍ରଙ୍କ ମୃତ୍ୟୁ

ବ୍ରହ୍ମପୁର,୨୯।୧(ସମିସ): ଗଞ୍ଜାମ ଜିଲ୍ଲା ଚିକିଟି ନିକଟସ୍ଥ ଜେନାପୁର ଏବଂ କରବାଲୁଆ ଗାଁରେ ଘଟିଥିବା ବିଷାକ୍ତ ମଦମୃତ୍ୟୁ ଘଟଣାରେ କେ.ନୂଆଗାଁ ଥାନା ପୁଲିସ ଦ୍ୱାରା ଗିରଫ ସୁରେନ୍ଦ୍ର ମଲ୍ଲିକଙ୍କ ଗୁରୁବାର ମୃତ୍ୟୁ ଘଟିଛି। ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୪ ଅଗଷ୍ଟରେ ଗଞ୍ଜାମ ଜିଲ୍ଲା ଚିକିଟି ନିକଟସ୍ଥ ଜେନାପୁର ଏବଂ କରବାଲୁଆ ଗାଁଲୋକେ ମାଉନ୍ଦପୁରରେ ବିଷାକ୍ତ ମଦ ପିଇବା ପରେ ଏକାଧିକଙ୍କ ମୃତ୍ୟୁ ହୋଇଥିଲା। ଏହି ମାମଲାରେ ପୁଲିସ ପବନା ସାହୁ ଓରଫ ପ୍ରଭାକର ବାୟା ସାହୁ, ତାଙ୍କ ପୁଅ ବାପିନି ସାହୁ, ରବି ସାହୁ, ବଳରାମ ବିଷୋୟୀ, ସୁରେନ୍ଦ୍ର ମଲ୍ଲିକ, ରାମ ମଲ୍ଲିକ, ଦମ୍ପତି ନିର୍ମଳା ସାହୁ ଓ କୁଆରୀ ସାହୁ, ପୂର୍ଣ୍ଣ ସାହୁଙ୍କ ସମେତ ୯ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଗିରଫ ପରଠାରୁ ସେ ଜେଲ୍‌ରେ ରହିଆସୁଥିଲେ। କିଛିଦିନ ହେଲା ସୁରେନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଖରାପ ରହିଥିଲା।

'କ୍ରାନ୍ତି' ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ



ବ୍ରହ୍ମପୁର,୨୯।୧(ସମିସ): ସ୍ଥାନୀୟ ସରକାରୀ ଶିକ୍ଷ ତାଲିମ ପ୍ରତିଷ୍ଠାନ ପ୍ରେକ୍ଷାଳୟରେ 'କ୍ରାନ୍ତି' ପକ୍ଷରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ 'ମେରୀ ଜାନ୍ ହିନ୍ଦୁସ୍ତାନ' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯନିର୍ବାହୀ ନିର୍ଦ୍ଦେଶକ ଡ଼. ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ଡ. କିଶୋର ହରି ବାଡ଼ତ୍ୟା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଇଏସ୍‌ଆର୍‌ଡିର ନିର୍ଦ୍ଦେଶକ ସୁଧୀର ସାବତ ଯୋଗ ଦେଇଥିଲେ। ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମରେ କ୍ରାନ୍ତି ଅନୁଷ୍ଠାନ ସହ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଅପରେସନ ସିନ୍ଦୁର ନୃତ୍ୟ ହୃଦୟସ୍ପର୍ଶୀ ହୋଇଥିଲା। ସଂଗଠନ ପକ୍ଷରୁ ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଦେବରାଜ ରାଉତ ଉଦଘୋଷକ ରୂପେ ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳା ଦାଶ, ଅନିଲ କୁମାର ସେଠୀ, ମାନସ ରଥ, ଅରୁଣ ପଟ୍ଟନାୟକ, ଏମ. ମାଧବ ପାତ୍ର, ଧନଞ୍ଜୟ ପାଣିଗ୍ରାହୀ, ଅବିନାଶ ନାୟକ, ପରମାନନ୍ଦ ପଣ୍ଡା, ବି. ସଞ୍ଜୟ ପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଚର୍ଚ୍ଚିକା ଦାଶ ଓ ଚିନ୍ମୟାନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଗୋପାଳପୁର ବେଳାଭୂମି ମହୋତ୍ସବରେ ଆଇନ ସହାୟତା ଷ୍ଟଲ ଉଦ୍‌ଘାଟିତ



ବ୍ରହ୍ମପୁର,୨୯।୧(ସମିସ): ଗୋପାଳପୁର ବେଳାଭୂମି ମହୋତ୍ସବର ଦ୍ୱିତୀୟ ରଜନୀରେ ଅର୍ଥାତ ବୁଧବାର ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଦୌରାଜଜ ଅଶାନ୍ତ କୁମାର ଦାସଙ୍କ ଦ୍ୱାରା ତଥା ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପରିଚାଳନାରେ ଗୋପାଳପୁର ବେଳାଭୂମିରେ "ଆଇନ ସହାୟତା ଷ୍ଟଲ'କୁ ଉଦ୍‌ଘାଟନ କରିଛନ୍ତି।

ଷ୍ଟଲ ଜରିଆରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭୂମିକା ଏବଂ ଲକ୍ଷ୍ୟ ତଥା କାର୍ଯ୍ୟକଳାପ ସମ୍ପର୍କରେ ବେଳାଭୂମିକୁ ଆସୁଥିବା ଜନସାଧାରଣ ତଥା ପର୍ଯ୍ୟଟକଙ୍କୁ ସଚେତନ କରାଯିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ପ୍ରଥମ), ଅତିରିକ୍ତ ଜିଲ୍ଲା ଦୌରା ଜଜ୍ (ଦ୍ୱିତୀୟ), ପରିବାର ଅଦାଲତ ଜଜ, ପୋକସୋ ଜଜ, ପିଓ ଓପିଆଇଡି ଏବଂ ବହୁ ବିଚାର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ପରିଚାଳନା କରିଥିବା ବେଳେ କୋର୍ଟ କର୍ମଚାରୀ, ପାରା ଲିଗାଲ ସ୍ୱେଚ୍ଛାସେବୀ, ଏନଜିଓ ସାଥି ପ୍ରମୁଖ ଉପସ୍ଥିତ ଥିଲେ।

ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୯।୧(ସମିସ): ଜଣେକା ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଛତ୍ରପୁର ଅଞ୍ଚଳର ବିକ୍ରମ କୁମାର ନାୟକ (୨୨)କୁ ଗିରଫ କରି କୋର୍ଟଚାଲାଣ କରିଛି। ଅପହୃତା ନାବାଳିକା(୧୬)କୁ ଉଦ୍ଧାର କରିବା ସହ ଉଭୟଙ୍କ ଡାକ୍ତରୀ ମାଇନା ସହ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

ସୂଚନାଯୋଗ୍ୟ ଯେ, ୭ ମାସ ପୂର୍ବେ ନିମଖଣ୍ଡି ଥାନା ଅଞ୍ଚଳର ୧୬ବର୍ଷୀୟ ନାବାଳିକା ନିଖୋଜ ନେଇ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ବିକ୍ରମ ପାଖରେ ନାବାଳିକା ଥିବା ଜାଣିବାକୁ ପାଇଥିଲା। ଥାନା ଅଧିକାରୀ କୃଷ୍ଣ ଶାହାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଶକ୍ତିମୟୀ ବେହେରା ନାବାଳିକାଙ୍କୁ ଛତ୍ରପୁରରୁ ଉଦ୍ଧାର କରିବା ସହ ବିକ୍ରମଙ୍କୁ ଗିରଫ କରିଥିଲା। ନାବାଳିକା ବଳାତ୍କାର ନେଇ ଥାନାରେ ଅଭିଯୋଗ କରିଥିଲେ।

ଅଗ୍ନିକାଣ୍ଡରେ ବରିଷ୍ଠ ଖବର କାଗଜ ବିକ୍ରେତା ଭେଙ୍କଟ ରାଓ ଗୁରୁତର



ବ୍ରହ୍ମପୁର,୨୯।୧(ସମିସ): ଅସାବଧାନତା ଯୋଗୁ ଅଗ୍ନିକାଣ୍ଡ ଘଟି ବ୍ରହ୍ମପୁର ନ୍ୟୁଜ୍ ପେପର ହକର ସଂଘର ବରିଷ୍ଠ ସଦସ୍ୟ ପି. ଭେଙ୍କଟ ରାଓ (୭୦) ଗୁରୁତର ହୋଇଛନ୍ତି। ଆଜି ସନ୍ଧ୍ୟା ସମୟରେ ଭେଙ୍କେଟ ନିଜ ଘରେ ଥିବା ବେଳେ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ଯେଉଁଥିରେ ତାଙ୍କର ଦୁଇ ଗୋଡ଼ ପୋଡ଼ି ଯାଇଥିଲା। ତାଙ୍କର ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ଉଦ୍ଧାର କରିଥିଲେ। ପରେ ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଗୁରୁତର ଭେଙ୍କଟଙ୍କୁ ସ୍ଥାନୀୟ ଲୋକେ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଖବର ପାଇ ତାଙ୍କର ଝିଅ ଓ ପୁଅ ପହଞ୍ଚିଛନ୍ତି। ଦୀର୍ଘବର୍ଷ ଧରି ଖବର କାଗଜ ବିକ୍ରେତା ଭାବେ କାର୍ଯ୍ୟ କରି ଆସୁଥିବା ଭେଙ୍କଟ ରାଓ ନିକଟରେ ହଠାତ୍ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ବର୍ତ୍ତମାନ ସାମାନ୍ୟ ସୁସ୍ଥ ହୋଇ ଆସୁଥିବା ବେଳେ ପୁଣି ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି।

ଅଗ୍ନିକାଣ୍ଡରେ ଭେଙ୍କଟ ରାଓ ଆହତ ହୋଇଥିବା ସୂଚନା ପାଇ ବ୍ରହ୍ମପୁର ନ୍ୟୁଜ୍ ପେପର ହକର ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ଦୋରା, ସମ୍ପାଦକ ଲିଙ୍ଗରାଜ ଆଚାରୀ, ଅନନ୍ତ ଆପଟ, ନିରଞ୍ଜନ ସାହୁ, ଭାଗିରଥୀ ବେହେରା, ହରେକୃଷ୍ଣ ପାଢ଼ୀ ଓ ସକାଳର ଏଜେଣ୍ଟ ରାଧାକୃଷ୍ଣ ରଥ ପ୍ରମୁଖ ଡାକ୍ତରଖାନାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ସରକାରୀ ଓକିଲ ନିଯୁକ୍ତି ପରେ ଦ୍ୱନ୍ଦ୍ୱ

ଡିଫେନ୍ସରେ ଥିବା ଓକିଲ ପ୍ରସିକ୍ୟୁସନରେ ରହି କରିବେ ଯୁକ୍ତି

ବ୍ରହ୍ମପୁର,୨୯।୧(ସମିସ)

ନିକଟରେ ସରକାରଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ନିଯୁକ୍ତ ସରକାରୀ ଓକିଲ ବା 'ଲ ଅଫିସର'ଙ୍କ ହାତରେ ଥିବା ଅର୍ଥାତ୍ ସେମାନେ ପୂର୍ବରୁ ପରିଚାଳନା କରୁଥିବା ମାମଲା ଗୁଡ଼ିକର ଭବିଷ୍ୟତକୁ ନେଇ ଉଠିଛି ପ୍ରଶ୍ନ। ଦୀର୍ଘବର୍ଷ ଧରି 'ଡିଫେନ୍ସ' ବା ଅଭିଯୁକ୍ତଙ୍କ ସପକ୍ଷରେ ଯୁକ୍ତି ବାଢ଼ି ମୋକଦ୍ଦମା ପରିଚାଳନା କରି ଆସୁଥିବା ଅଭିଜ୍ଞ ଆଇନଜୀବୀଙ୍କୁ ବିଭିନ୍ନ କୋର୍ଟରେ ସରକାରୀ ଓକିଲ ଭାବେ ନିଯୁକ୍ତି ମିଳିଛି। ଫଳସ୍ୱରୂପ ସେମାନଙ୍କୁ ବର୍ତ୍ତମାନ ଅଭିଯୁକ୍ତଙ୍କ ସପକ୍ଷରେ ବା ଡିଫେନ୍ସରେ ନୁହେଁ ବରଂ ପ୍ରତିପକ୍ଷ ବା (ପ୍ରସିକ୍ୟୁସନ)ରେ ରହି ସରକାରଙ୍କ ପାଇଁ ଯୁକ୍ତି ବାଢିବାକୁ ହେବ। ଏଭଳି ସ୍ଥିତିରେ ସମ୍ପୃକ୍ତ ଅଭିଜ୍ଞ ତଥା ବରିଷ୍ଠ ଆଇନଜୀବୀ ଯାହାଙ୍କ ହାତରେ ପୁଳା ପୁଳା ମାମଲା ଥାଇ ବର୍ତ୍ତମାନ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଛନ୍ତି ସେମାନଙ୍କ ଦ୍ୱାରା ପରିଚାଳିତ ମାମଲା ଗୁଡିକର ଭବିଷ୍ୟତକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଗତ ଡିସେମ୍ବର ୨୪ରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ କୋର୍ଟ ପାଇଁ ସରକାରୀ ଓକିଲଙ୍କ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପୂର୍ବରୁ ଜିଲ୍ଲାରେ ନନ୍ କ୍ୟାଡର ସରକାରୀ ଓକିଲଙ୍କ ସଂଖ୍ୟା ପ୍ରାୟ ୮୦ଥିବା ବେଳେ ତାହା ବର୍ତ୍ତମାନ ୧୭୫କୁ ବୃଦ୍ଧି ପାଇଛି। କମ୍ ସଂଖ୍ୟକ କୋର୍ଟ ଥିବା ସ୍ଥଳେ ଅଧିକ ସଂଖ୍ୟକ ସରକାରୀ ଓକିଲଙ୍କୁ ଓ କୋର୍ଟ ନଥାଇ ମଧ୍ୟ କେତେକ କ୍ଷେତ୍ରରେ ସରକାରୀ ଓକିଲଙ୍କୁ ନିଯୁକ୍ତି ଦିଆଯାଇଛି। ଦକ୍ଷିଣାଞ୍ଚଳର ୮ଟି ଜିଲ୍ଲା ପାଇଁ ଉଦ୍ଦିଷ୍ଟ ତଥା ସ୍ଥାନୀୟ 'ଏଲଏଆରଆଣ୍ଡଆର' ବା ଜମି ଅଧିଗ୍ରହଣ, କ୍ଷତିପୂରଣ ଓ ପୁନଃ ଥଇଥାନ କୋର୍ଟରେ ସରକାରୀ ଓକିଲ ନିଯୁକ୍ତିକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱର ଏପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ଏଭଳି ପରିସ୍ଥିତିରେ ସରକାରୀ ଓକିଲଙ୍କୁ ବା ଲ ଅଫିସରଙ୍କୁ ନିଯୁକ୍ତି ପୂର୍ବରୁ ସେମାନଙ୍କ ଠାରୁ 'ନୋ ପାୱାର କ୍ଲିୟରେନ୍ସ' ମଗାଯାଇଛି କି ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। ରାଜନୈତିକ ଥଇଥାନ ପ୍ରକ୍ରିୟାରେ ନିଯୁକ୍ତି ପାଇଥିବା ସରକାରୀ ଓକିଲଙ୍କ ହାତରେ ରହିଛି ବହୁ ମାମଲା। ଯଦ୍ୱାରା ସରକାରୀ ମାମଲା ଗୁଡିକ ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ସରକାରୀ ଓକିଲ ଭାବେ ନିଯୁକ୍ତ ଆଇନଜୀବୀଙ୍କ ଠାରୁ ଘରୋଇ ମହକିଲଙ୍କ ମାମଲା ପରିଚାଳନା କ୍ଷମତା ତୁରନ୍ତ ରଦ୍ଦ କରାଯିବାକୁ ଆଇନଜୀବୀ ମହଲରେ ଦାବି ହୋଇଛି। ଏପରିକି ସେମାନଙ୍କ ହାତରେ ଥିବା ମାମଲା ଗୁଡିକର ତାଲିକା ମଗାଯାଇ ତାହାର ତର୍ଜମା କରାଯିବା ଉଚିତ ବୋଲି ଦାବି ହୋଇଛି। ନଚେତ ଗୋଟିଏ ଚାମ୍ବର ବା ଅଫିସ ଅଧିନରେ କାର୍ଯ୍ୟରତ ଆଇନଜୀବୀଙ୍କ ଦ୍ୱାରା ସମାନ ମାମଲା ପରିଚାଳନା ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହା ହେଲେ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିରେ ରାଜ୍ୟ ସରକାରଙ୍କ ଆଇନ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ପ୍ରଥମ)ଙ୍କ କୋର୍ଟରେ ସହଯୋଗୀ ସରକାରୀ ଓକିଲ ଭାବେ ନିଯୁକ୍ତ ବରିଷ୍ଠ ଆଇନଜୀବୀ ଅନୋଜ କୁମାର ପଟ୍ଟନାୟକ ନିଜ ମହକିଲଙ୍କୁ ନ୍ୟାୟ ଦେବା ଉଦ୍ଦେଶ୍ୟରେ ତଥା ତ୍ୟାଗ ମନୋବୃତ୍ତି ରଖି ନିଜ ପଦବୀରୁ ଇସ୍ତଫା ଦେଇଥିବା ଜଣାପଡିଛି। ଯାହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏଭଳି ଅନେକ ତାଲିକା ଭୁକ୍ତ ସରକାରୀ ଓକିଲ ମଧ୍ୟ ଅଛନ୍ତି ଯେଉଁମାନେ କାର୍ଯ୍ୟରେ ଯୋଗଦାନ ନକରି ଦୋ ଦୋ ପାଞ୍ଚରେ ଥିବା ଜଣାପଡିଛି।



ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ; ଖଣ୍ଡା ଚୋଟରେ ୩ ଆହତ


ବ୍ରହ୍ମପୁର,୨୯।୧(ସମିସ): ବ୍ରହ୍ମପୁର ଉପକଣ୍ଠ ନିମଖଣ୍ଡି ସ୍ଥିତ ପିଏମଶ୍ରୀ ଶ୍ରୀକୃଷ୍ଣ ସାହୁ ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଗୋଟିଏ ଗୋଷ୍ଠୀର ଖଣ୍ଡା ଚୋଟରେ ୩ ଜଣ ୧୦ମ ଶ୍ରେଣୀ ଛାତ୍ର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଏମକେସିଜିରେ ଭର୍ତ୍ତି କରାଯାଇଛି। ପ୍ରି-ବୋର୍ଡ ପରୀକ୍ଷା ଚାଲୁଥିବା ବେଳେ ବିଦ୍ୟାଳୟ ସମ୍ମୁଖରେ ଘଟିଥିବା ଏହି ସଂଘର୍ଷକୁ ନେଇ ଛାତ୍ରଛାତ୍ରୀ ଓ ଶିକ୍ଷକ/ ଶିକ୍ଷୟିତ୍ରୀ ଆତଙ୍କିତ ହୋଇପଡ଼ିଛନ୍ତି। ପୁଲିସ ଘଟଣାସ୍ଥଳ ଓ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ପ୍ରକାରେ, ଦୁଇଦିନ ପୂର୍ବେ ପ୍ରଥମ ପରୀକ୍ଷା ସରିବା ପରେ କୌଣସି କାରଣକୁ ନେଇ ଦଶମ ଶ୍ରେଣୀର ଦୁଇ ଛାତ୍ରଙ୍କ ମଧ୍ୟରେ ଗଣ୍ଡୋଗଳ ହୋଇଥିଲା। ସେହିଦିନ ପ୍ରଧାନ ଶିକ୍ଷକ ଉଭୟ ପକ୍ଷଙ୍କୁ ଡାକି ବୁଝାସୁଝା କରି ଛାଡିଥିଲେ। ତେବେ ବୁଧବାର ପରୀକ୍ଷା ସରିବା ପରେ ଉଭୟ ଛାତ୍ରଗୋଷ୍ଠୀ ପୁଣିଥରେ ମୁହାଁମୁହିଁ ହୋଇଥିଲା। ଗୋଟିଏ ଗୋଷ୍ଠୀର ଛାତ୍ର କିଛି ଅଣଛାତ୍ରଙ୍କୁ ଡାକି ବିଦ୍ୟାଳୟ ବାହାରେ ବିପକ୍ଷ ଗୋଷ୍ଠୀଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ସତିଶ ନାୟକ ନାମକ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ସେହିପରି ସତିଶଙ୍କ ଅନ୍ୟ ଦୁଇ ସହପାଠୀ ଆହତ ହୋଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାନ୍ତୁନୁ ଦାଶ ଘଟଣା ସମ୍ପର୍କରେ ନିମଖଣ୍ଡି ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚିବାରେ ବିଳମ୍ବ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଆହତ ନାବାଳକଙ୍କ ପରିବାର ଓ ଗ୍ରାମବାସୀ ବିଦ୍ୟାଳୟର ଫାଟକ ସମ୍ମୁଖରେ ହୋହାଲ୍ଲା କରିଥିଲେ। ପୁଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପ୍ରକାଶ ଥାଉକି, ନିକଟରେ ଫୁଟଲା ଗ୍ରାମରେ ଥିବା ଉଚ୍ଚ ବିଦ୍ୟାଳୟରେ ସମାନ ଘଟଣା ଘଟିଥିଲା। ଗୋଟିଏ ଛାତ୍ରଗୋଷ୍ଠୀ ଓ ଅଣଛାତ୍ରଙ୍କ ଆକ୍ରମଣରେ ଏକାଧିକ ଛାତ୍ର ଆହତ ହୋଇଥିଲେ।

୨୯/୧/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୦୯,୨୧୫/- ସୁନା:୦୦.୦୭୦ ଗ୍ରାମ୍ ରୁପା: ୨୫.୭୦୦ ଗ୍ରାମ୍





ପୁରୀ ଉପକୂଳ ପାଲଟିଛି ଅଲିଭ୍ରିଡ୍‌ଲେଙ୍କ ଶ୍ମଶାନ ଭୂଇଁ

ନୂଆନଈଠାରୁ ରାମଚଣ୍ଡୀ ମଧ୍ୟରେ ୩୦୦ରୁ ଅଧିକ ମୃତ କଇଁଛ




ପୁରୀ,୨୯।୧(ସମିସ): ଓଡ଼ିଶାର ଉପକୂଳ ଅଞ୍ଚଳ ସାମୁଦ୍ରିକ କଇଁଛ ଅଲିଭ୍ରିଡ୍‌ଲେଙ୍କ ଗଣଅଣ୍ଡାଦାନ ପାଇଁ ସାରା ବିଶ୍ୱରେ ପରିଚିତ। ଓଡ଼ିଶା ଉପକୂଳକୁ ସୁରକ୍ଷିତ ଭାବି ପ୍ରତିବର୍ଷ ହଜାର ହଜାର କଇଁଛ ବିଭିନ୍ନ ସମୁଦ୍ର ତଟକୁ ଆସି ପ୍ରାକୃତିକ ଭାବେ ଅଣ୍ଡା ଦେଇ ଜୈବ ବିବିଧତାକୁ ସମୃଦ୍ଧ କରିଥା'ନ୍ତି। ସେଥିମଧ୍ୟରୁ ପୁରୀ ବନଖଣ୍ଡ ଅଧୀନ ଦେବୀନାସୀ ଓ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟର ଉପକୂଳ ଅନ୍ୟତମ। କିନ୍ତୁ ପୁରୀ ଉପକୂଳ ଆଉ ସେମାନଙ୍କ ପାଇଁ ସୁରକ୍ଷିତ ନାହିଁ। ଅଣ୍ଡାଦାନ ଋତୁରେ ଏହି ଉପକୂଳରେ କଇଁଛ ମଡ଼କ ଦେଖିବାକୁ ମିଳିଛି। ମୋଟାମୋଟି କହିବାକୁ ଗଲେ ଏବେ ବିପଦରେ ପ୍ରକୃତିର ବିରଳ ବରଦାନ ଅଲିଭ୍ରିଡ୍‌ଲେ କଇଁଛ। ଗୁରୁବାର ନୂଆନଈଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମୃତ ଅଲିଭ୍ରିଡ୍‌ଲେ ଲାଗିବା ଘଟଣା ଏହାକୁ ସ୍ପଷ୍ଟ କରୁଛି। ତେବେ ଏହି କଇଁଛଙ୍କ ମୃତ୍ୟୁ କିପରି ହୋଇଛି ତାହାର କାରଣ ଜାଣିବା ପାଇଁ କୌଣସି ଉଦ୍ୟମ କରାଯାଇ ନ ଥିବାବେଳେ ବନ କର୍ମଚାରୀ ଏହାକୁ ବାଲିରେ ପୋତି ଦେଇଛନ୍ତି। କଇଁଛଙ୍କ ଏଭଳି ଗଣମୃତ୍ୟୁକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ଏମାନଙ୍କ ସୁରକ୍ଷା ପାଇଁ କାମ କରୁଥିବା ସ୍ୱେଚ୍ଛାସେବୀ ଓ ପରିବେଶପ୍ରେମୀ।

ଅଲିଭ୍ରିଡ୍‌ଲେଙ୍କ ବଂଶବୃଦ୍ଧି ଲାଗି ଏବେ ଟ୍ରଲର ଚଳାଚଳ ଉପରେ କଟକଣା ରହିଛି। କିନ୍ତୁ ନୋ ଫିସିଙ୍ଗ୍ ଜୋନ୍ ଘୋଷଣା କରାଯାଇଥିବା ଅଞ୍ଚଳରେ ମାଳମାଳ ଟ୍ରଲର ଏବଂ ମେଶିନ ଚାଳିତ ଡଙ୍ଗା ଚକ୍କର କାଟୁଛନ୍ତି। ଫଳରେ ପ୍ରଜନନ ପାଇଁ ଉପକୂଳମୁହାଁ ହେଉଥିବା କଇଁଛ ବିପଦରେ ପଡୁଛନ୍ତି। ଏମିତି କି ଟ୍ରଲର ମାଡ଼ରେ ବିପୁଳ ସଂଖ୍ୟାରେ କଇଁଛ ମରି ବେଳାଭୂମିରେ ଲାଗୁଥିବା ଦେଖିବାକୁ ମିଳୁଛି। ପରିବେଶପ୍ରେମୀ ଓ ସଚେତନ ନାଗରିକମାନେ ଏହାକୁ ଗୁରୁତର ପରିବେଶୀୟ ସଙ୍କେତ ବୋଲି ମନେ କରୁଛନ୍ତି। ସମୁଦ୍ରରେ ଅବାଧ ମାଛଧରା ଜାଲ, ଟ୍ରଲର ଚାଳନା ଏବଂ ଉପକୂଳ ପ୍ରଦୂଷଣକୁ ଏହାର ମୂଳ କାରଣ ବୋଲି ସନ୍ଦେହ କରାଯାଉଛି। ତେବେ ଗୁରୁବାର କୋଣାର୍କ-ବାଲୁଖଣ୍ଡ ଉପକୂଳରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମଲା କଇଁଛ ଲାଗିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି।

ଶ୍ରୀ ମହାନ୍ତି କହିଛନ୍ତି ଯେ, ଗୁରୁବାର ପ୍ରାୟ ୩୦୦ରୁ ଅଧିକ କଇଁଛ ମରିଛନ୍ତି। ସେମାନେ ଯେଉଁଭଳି ଭାବେ ବେଳାଭୂମିରେ ଏଠିସେଠି ପଡ଼ିଛନ୍ତି ଓ ଆହତ କଇଁଛ ବଞ୍ଚିବା ପାଇଁ ସଂଗ୍ରାମ କରୁଛନ୍ତି ଦେଖିବା ଲୋକ ହିଁ ଅନୁଭବ କରିପାରିବେ। ଏଥିମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ମାଈ କଇଁଛ ଥାଇପାରନ୍ତି। ଯଦି ଗୋଟିଏ କଇଁଛ ୮୦ରୁ ୧୨୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥା'ନ୍ତି ସେହି ହିସାବକୁ ନେଲେ ପାଖାପାଖି ୧୫ ହଜାର ଅଣ୍ଡା ବା ତା'ର ୬୦ ଭାଗ ଛୁଆ ଅର୍ଥାତ୍ ୯୦୦୦ ଛୁଆ କଇଁଛଙ୍କ ଜନ୍ମ ବଦଳରେ ନଷ୍ଟ ହୋଇଗଲା। ଏତେ ସଂଖ୍ୟକ ମଲା କଇଁଛ ବେଳାଭୂମିରେ ପଡ଼ିରହିଥିବାବେଳେ ବନପାଳ ଓ ବନରକ୍ଷୀ ଘଟଣାସ୍ଥଳକୁ ନ ଯାଇ ପୋତୁଥିବା ଲୋକଙ୍କଠାରୁ ସୂଚନା ନେବା ଏମାନଙ୍କର ଅଲିଭ୍ରିଡ୍‌ଲେଙ୍କ ସୁରକ୍ଷା ପ୍ରୀତିକୁ ପଦାରେ ପକାଉଛି ବୋଲି କହିଛନ୍ତି ସଞ୍ଜୀବ। ସାଧାରଣତଃ ୩ ଫୁଟ୍ ଗାତ ଖୋଳି ପୋତିଲେ ବିଲୁଆ, କୁକୁର ଖୋଳିପାରିବା ସମ୍ଭାବନା କମ୍। କିନ୍ତୁ ତରବରିଆ ଭାବେ ଯେଉଁଭଳି ମଲା କଇଁଛଗୁଡ଼ିକ କମ୍ ଗଭୀରରେ ପୋତାଯାଉଛି ତାହାକୁ ବିଲୁଆ, କୁକୁର ଖୋଳିବା ସମ୍ଭାବନା ଅଧିକ। ଏହାଦ୍ୱାରା ବେଳାଭୂମି ଦୁର୍ଗନ୍ଧ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଗଣଅଣ୍ଡାଦାନ ପାଇଁ ଆସୁଥିବା ସମୟରେ ଯଦି କଇଁଛଙ୍କ ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା ହୋଇପାରନ୍ତା ତେବେ ଏଭଳି ମଡ଼କ ବୋଧହୁଏ ଦେଖିବାକୁ ମିଳନ୍ତା ନାହିଁ। ହେଲେ ଏ ଦିଗରେ ବିଭାଗୀୟ ବାବୁମାନେ ତତ୍ପରତା ଦେଖାଉନାହାନ୍ତି। ବନ ବିଭାଗ ଏଥିପ୍ରତି ଅଧିକ ସତର୍କ ଓ ସଚେତନ ରହିବା କଥା। କିନ୍ତୁ ଅନେକ ସମୟରେ ବିଭାଗ ଉପରେ ଅବହେଳାର ଅଭିଯୋଗ ମଧ୍ୟ ଉଠୁଛି। ଯଦି ଆଗକୁ କଠୋର ପଦକ୍ଷେପ ନିଆ ନ ଯାଏ, ତେବେ ଏହି ଦୁର୍ଲଭ ପ୍ରଜାତି ପାଇଁ ଭୟାବହ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଉପକୂଳରେ ଟ୍ରଲର ନିଷେଧ ନୀତିକୁ କଠୋର ଭାବେ ଲାଗୁ କରିବା ସହିତ ନିୟମିତ ପହରା, ସଚେତନତା ଅଭିଯାନ, ଓମ୍ପା ଆକ୍ଟକୁ କଡ଼ାକଡ଼ି କରାଯାଉ। ସାମୁଦ୍ରିକ ପରିବେଶ ଓ ଜୈବ ବିବିଧତାର ସୁରକ୍ଷା ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ ବୋଲି ସଞ୍ଜୀବ ପ୍ରକାଶ କରିଛନ୍ତି। ପୁରୀ ଉପକୂଳରେ କଇଁଛ ମଡ଼କର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜଙ୍ଗଲ ଓ ଜଳବାୟୁ ପରିବେଶ ମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି।

ଏଭଳି ଅଭିଯୋଗ ସମ୍ପର୍କରେ ପୁରୀ ବନଖଣ୍ଡ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ଫୋନ୍ ନ ଉଠାଇବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟ ଜଣେ ଅଧିକାରୀ କହିଛନ୍ତି, ସାଧାରଣତଃ ଜାନୁଆରୀ ୧୫ରୁ ଫେବୃଆରୀ ୧୫ ମଧ୍ୟରେ ଦକ୍ଷିଣା ପବନ ହେଲେ ଏଭଳି ସ୍ଥିତି ଦେଖିବାକୁ ମିଳେ। ସମୁଦ୍ର ମଧ୍ୟରେ ମରିଥିବା କଇଁଛ ବେଳାଭୂମିରେ ଲାଗିଥା'ନ୍ତି।

● ଶ୍ରୀଲୋକନାଥ ପୀଠ

ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରା ନୀତି ଚୂଡ଼ାନ୍ତ

ପୁରୀ,୨୯।୧(ସମିସ): ଆସନ୍ତା ଫେବୃଆରୀ ୧୩ ତାରିଖ ପଙ୍କୋଦ୍ଧାର ଏକାଦଶୀ ଏବଂ ୧୫ ତାରିଖରେ ମହାଶିବରାତ୍ରି ବା ଜାଗର ଯାତ୍ରା। ପୁରୀର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ପୀଠରେ ପ୍ରଭୁ ଶ୍ରୀଶ୍ରୀଲୋକନାଥ ଦେବଙ୍କ ଜାଗର ଯାତ୍ରାକୁ ସୁଚାରୁ ରୂପେ ସମ୍ପନ୍ନ କରିବା ଲାଗି ଉପଜିଲ୍ଲାପାଙ୍କ ସମ୍ମିଳନୀ ଗୃହରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଉପଜିଲ୍ଲାପାଳ ରାଜକିଶୋର ଜେନା ଲୋକନାଥ ପୀଠରେ ଜାଗର ଯାତ୍ରାରେ ବିପୁଳ ଜନସମାଗମ ହୋଇଥାଏ। ତେଣୁ ଚଳିତ ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ସହ ଯେପରି ଶ୍ରଦ୍ଧାଳୁମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ଏବଂ ସେମାନେ ଏକ ସୁଖଦ ଅନୁଭୂତି ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ତେବେ ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରାର ନୀତିକାନ୍ତି ଓ ସମୟ ନିର୍ଘଣ୍ଟର ସୂଚନା ଦେବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ, ବିଦ୍ୟୁତ୍, ବ୍ୟାରିକେଡ୍, ଅଗ୍ନିନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ଆମ୍ବୁଲାନ୍ସ, ସୂଚନା କେନ୍ଦ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସଠିକ୍ କାର୍ଯ୍ୟ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।

ପଙ୍କୋଦ୍ଧାର ୧୩ ତାରିଖ ପୂର୍ବରାତି ସାଢ଼େ ୧୨ଟା ପହୁଡ଼ ଫିଟିବ। ରାତି ୧ଟା ୧୫ରୁ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ଶେଷ ହୋଇ ରାତି ୧ଟା ୪୫ରୁ ୩ଟା ମଧ୍ୟରେ ସକାଳ ଧୂପ, ରାତି ୩ଟାରୁ ଭୋର୍ ୪ଟା ମଧ୍ୟରେ ମଧ୍ୟାହ୍ନ ଧୂପ ସରିବ। ଏହାପରେ ଭୋର୍ ୪ଟାରୁ ସକାଳ ୮ଟା ମଧ୍ୟରେ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ମଧ୍ୟାହ୍ନ ୧୨ଟାରୁ ରାତି ୨ଟା ସର୍ବସାଧାରଣ ଦର୍ଶନ ଓ ରାତି ୧୦ରୁ ରାତି ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡ଼ସିଂହାର ବେଶ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିପରି ଜାଗର ଅର୍ଥାତ୍ ଫେବୃଆରୀ ୧୫ ତାରିଖ ପୂର୍ବରାତ୍ର ୧୨ଟା ୩୦ରୁ ପହୁଡ଼ ଓ ଦ୍ୱାରଖୋଲା, ରାତି ୧ଟାରୁ ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟପୂଜା, ଭୋର୍ ୪ଟାରୁ ରାତି ୧୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତି ୧୦ରୁ ରାତି ୨ଟା ପର୍ଯ୍ୟନ୍ତ ବିଭିନ୍ନ ନୀତି, ରାତି ୨ଟାରୁ ୩ଟା ପର୍ଯ୍ୟନ୍ତ ହରିହର ପୂଜା, ଭୋଗ ସମ୍ପନ୍ନ, ବଡ଼ସିଂହାର ବେଶ ଓ ମହଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଥିଲା। ଏହି ବୈଠକରେ ଶ୍ରୀମନ୍ଦିର ନୀତି ଉପପ୍ରଶାସକ ରଞ୍ଜନ କୁମାର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ଅରିଜିତ୍ ନାୟକଙ୍କ ସମେତ ବିଭିନ୍ନ ସେବାୟତ ନିଯୋଗର ସଭାପତି, ସମ୍ପାଦକ ଓ ପ୍ରତିନିଧି, ପଙ୍କୋଦ୍ଧାର ଏକାଦଶୀ ପାଳିଆ ସେବାୟତ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

କପୋତେଶ୍ୱର ମହୋତ୍ସବ

ପୁରୀ,୨୯।୧(ସମିସ): ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ ଐତିହ୍ୟ ଗ୍ରାମ ରଘୁରାଜପୁର ତରଫରୁ ଶ୍ରୀଶ୍ରୀ ବାବା କପୋତେଶ୍ୱର ମହାଦେବଙ୍କ ବରାହ ଦ୍ୱାଦଶୀ ବୁଡ଼ ତଥା ଖଣ୍ଡଗଡ଼ା ମେଳଣ ଅବସରରେ ଗ୍ରାମସ୍ଥ ଅଭିନ୍ନ ସୁନ୍ଦର ଗୋଟିପୁଅ ଗୁରୁକୁଳ ଆଶ୍ରମରେ କପୋତେଶ୍ୱର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପାଦ ବାବାଜୀ ଶ୍ରୀପରମେଶ୍ୱର ଦାସ ମହାରାଜ ଶାନ୍ତି ଆନନ୍ଦାଶ୍ରମ ଶାନ୍ତିଧାମ ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଐତିହ୍ୟ ଗ୍ରାମ ରଘୁରାଜପୁର ସଭାପତି ତଥା ଜାତୀୟ ପୁରସ୍କାରପ୍ରାପ୍ତ ଲକ୍ଷ୍ମୀଧର ସୁବୁଦ୍ଧି, ବିଶିଷ୍ଟ ଅତିଥି ଭାବେ ସୁଦୂର ଦକ୍ଷିଣ ଆଫ୍ରିକାର ସାମ୍ବା ଯିବା ଚେଟି ଓ ଡେନେଲ୍ କୋଗି ଚେଟି, ସମ୍ମାନିତ ଅତିଥି ଭାବେ କଥକ ଓ ଭାରତନାଟ୍ୟମ୍ ନୃତ୍ୟର ବିଶିଷ୍ଟ ଗୁରୁ ଲୋକନାଥ ସାହା, ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ କୁମାର ଭୀମସେନ, ଅବସରପ୍ରାପ୍ତ ଶିକ୍ଷକ ଦିଗାମ୍ବର ରଥ, କପୋତେଶ୍ୱର ଗ୍ରାମର ସଭାପତି ନିରଞ୍ଜନ ନାୟକ, ଲୋକପ୍ରିୟ କଣ୍ଠଶିଳ୍ପୀ ପ୍ରସନ୍ନ କୁମାର ନାୟକ, ଅନ୍ନପୂର୍ଣ୍ଣା ତ୍ରିପାଠୀ ଏବଂ ଲୋକନୃତ୍ୟ ଗୁରୁ ସୁନିଲ କୁମାର ଦାସ ଉପସ୍ଥିତ ରହି ଆଶୀର୍ବଚନ ପ୍ରଦାନ କରିଥିଲେ। ପରେ ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରତିଭା ଚୟନ ତଥା ନୃତ୍ୟ, ସଂଗୀତ ଓ ପାରମ୍ପରିକ ଚିତ୍ରକଳାର ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ଓ ପରିଚାଳକ ଗୁରୁ ଲକ୍ଷ୍ମଣ ମହାରଣା ମାର୍ଗଦର୍ଶନ କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ତଥା ଗୋଟିପୁଅ ନୃତ୍ୟ ଓ ସଙ୍ଗୀତ ଗୁରୁ ବସନ୍ତ କୁମାର ମହାରଣା ପରିଚାଳନା କରିଥିଲେ।

ଜାତୀୟ ଖବରକାଗଜ ଦିବସ ପାଳିତ

ଛାପା ଗଣମାଧ୍ୟମର ବିକଳ୍ପ ନାହିଁ



ପୁରୀ,୨୯।୧(ସମିସ): ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଦି ମୋମେଣ୍ଟ ସାମାଜିକ ଅନୁଷ୍ଠାନ ପକ୍ଷରୁ ଗୁରୁବାର ଜାତୀୟ ଖବର କାଗଜ ଦିବସ ଅବସରରେ 'ଗଣମାଧ୍ୟମର ଭବିଷ୍ୟତ ଶୀର୍ଷକ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କହିଥିଲେ ଯେ ୧୭୮୦ ମସିହା ଜାନୁଆରୀ ୨୯ ତାରିଖ ଦିନ ଭାରତୀୟ ସମ୍ବାଦପତ୍ର ଦିବସର ଇତିହାସ ସୃଷ୍ଟି ହୋଇଥିଲା। ଜେମ୍ସ ଅଗଷ୍ଟସ୍ ହିକି ଭାରତର ପ୍ରଥମ ମୁଦ୍ରିତ ବେଙ୍ଗଲ ଗେଜେଟ୍ ପ୍ରଚଳନ କରିଥିଲେ। ଏହା ସାପ୍ତାହିକ ଭାବେ କୋଲକାତାରେ ବ୍ରିଟିଶ୍ ଶାସନ କାଳରେ ଆରମ୍ଭ ହୋଇଥିଲା। ୧୯୪୭ ପରେ ପ୍ରେସ୍ ଆଇନର ସୁଧାର ପାଇଁ ତତ୍କାଳୀନ ନ୍ୟାୟମୂର୍ତ୍ତି ରାଜାଧ୍ୟକ୍ଷ ପ୍ରେସ୍ କମିଶନ ଅନୁସନ୍ଧାନ କମିଟି ଗଠନ କରାଯାଇ ୧୯୫୪ରେ ଏହି କମିଶନ ସାମ୍ବାଦିକତାର ମାନ ଉନ୍ନତି ପାଇଁ ସୁପାରିସ୍ ଦେଇଥିଲେ। ଏହାପରେ ପ୍ରେସ୍ କାଉନ୍‌ସିଲର ଅଫ୍ ଇଣ୍ଡିଆ ଗଠନ ହୋଇଥିଲା। ଏହା ଭାରତୀୟ ଗଣମାଧ୍ୟମ ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଓ ସାଂସ୍କୃତିକ ଦିନ। ଛାପା ଗଣମାଧ୍ୟମର ଭବିଷ୍ୟତ ରହିଛି। ଏଥିରେ ପ୍ରାମାଣିକ ତଥ୍ୟ ସହିତ ଖବର ପ୍ରକାଶିତ ହୁଏ। ଗଣମାଧ୍ୟମର ଭବିଷ୍ୟତ ଉଜ୍ଜ୍ୱଳମୟ ବୋଲି ସେ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟଅତିଥି ଭାବେ ଇ-୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡ଼. ରାଜେଶ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ସମାଜସେବୀ କୈଳାଶ ଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ଅନୁଷ୍ଠାନର ସଭାପତି ପ୍ରତିଭା ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ରାଓ ମଞ୍ଚାସୀନ ଥିଲେ। ଆଲୋଚ୍ୟ ପ୍ରସଙ୍ଗରେ ପ୍ରାକ୍ତନ ବରିଷ୍ଠ ପୁଲିସ ଅଧିକାରୀ ଦେବେନ ଦାଶ, ସାମ୍ବାଦିକ ବିଶ୍ୱଜିତ ପଟ୍ଟନାୟକ ଓ ଜୁପିଟର ଦାସ, ଶିକ୍ଷାବିତ୍ ଶୁଭେନ୍ଦୁ ଦାସ, ଲେଖିକା ସୁନନ୍ଦା ଦାସ, ଅଧ୍ୟାପକ ଅଶୋକ କୁମାର ମିଶ୍ର, ବିଚିତ୍ର ରଞ୍ଜନ ମହାପାତ୍ର, ଆଇନଜୀବୀ ରଚିତା ରାଉତରା ପ୍ରମୁଖ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଡାକ୍ତର ଚନ୍ଦନ କୁମାର, ଆଇନଜୀବୀ ବସନ୍ତ ପଣ୍ଡା, ସନ୍ତୋଷ ସାହୁ, ଖଗେଶ୍ୱର ପାତ୍ର, ପ୍ରତାପ କିଶୋର ସାମନ୍ତ, ଅରୁଣ ମହାପାତ୍ର, ସନ୍ଦୀପ ଅଗ୍ରୱାଲ, ରାଜା ମୁରୁଡ଼ି, ବିନୋଦ ପରିଡ଼ା, ବିଦ୍ୟାଧର ଦାସ, ସୁରେଶ ପଟ୍ଟନାୟକଙ୍କ ସମେତ କିଛି ବିଶିଷ୍ଟ ବ୍ୟକ୍ତିଙ୍କୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସହ ସମ୍ପାଦକ ଅନନ୍ତ ପ୍ରସାଦ ସିଂହ, ସୁବୋଧ ସୁବୁଦ୍ଧି, ଧୀରେନ୍ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସୁସାହିତ୍ୟିକା କମଳିନୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରାକ୍ତନ ଶିକ୍ଷକଙ୍କ ପରଲୋକ

ପୁରୀ,୨୯।୧(ସମିସ): ପୁରୀ ଉତ୍କଳ ହିନ୍ଦୀ ବିଦ୍ୟାପୀଠର ପ୍ରାକ୍ତନ ଶିକ୍ଷକ ରାଜେନ୍ଦ୍ର କୁମାର ମହାନ୍ତିଙ୍କର ଗତ ୨୬ ତାରିଖ ରାତିରେ ୮୨ ବର୍ଷ ବୟସରେ ପରଲୋକ ହୋଇଛି। ସେ ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ପରିସ୍ଥିତିରେ ଉନ୍ନତି ନ ଘଟିବାରୁ ତାଙ୍କୁ ଦୁଇ ଦିନ ତଳେ ପୁରୀର ଗଜପତି ନଗର ବାସଭବନକୁ ସ୍ଥାନାନ୍ତର କରାଯାଇଥିଲା। ଛୋଟ ପିଲାଙ୍କ ପାଇଁ ଅନେକ ଶିଶୁ ସାହିତ୍ୟ, ଇଂରାଜୀ ବ୍ୟାକରଣ ତଥା ଗାଣିତିକ ସୂତ୍ର ସମ୍ବଳିତ ଉପାଦେୟ ପୁସ୍ତକ ରଚନା କରି ସେ ଆଦୃତିଲାଭ କରିଥିଲେ। ତାଙ୍କ ପରଲୋକରେ ଛାତ୍ରଛାତ୍ରୀ, ଶିକ୍ଷକ ତଥା ଅଭିଭାବକ ମହଲରେ ଶୋକ ପ୍ରକାଶ ପାଇଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବଡ଼ପୁଅ ତଥା ଆୟକର ବିଭାଗର ବରିଷ୍ଠ ଅଧିକାରୀ ଜାନକୀ ବଲ୍ଲଭ ମହାନ୍ତି ମୁଖାଗ୍ନି ଦେଇଥିଲେ।





ପ୍ରୟାଶ ମହାପାତ୍ର ହେଲେ ଏଏସ୍‌ଆଇଏଲ୍ ସଦସ୍ୟ

ପୁରୀ,୨୯।୧(ସମିସ): ଆମେରିକାନ ସୋସାଇଟି ଅଫ୍ ଇଣ୍ଟରନ୍ୟାସନାଲ୍ ଲ' (ଏଏସ୍‌ଆଇଏଲ୍)ର ସଦସ୍ୟ ହୋଇଛନ୍ତି ଓଡ଼ିଆ ପୁଅ ପ୍ରୟାଶ ମହାପାତ୍ର। ଏଭଳି ସଦସ୍ୟତା ଲାଭ କରି ସେ ରାଜ୍ୟ ପାଇଁ ଗର୍ବ ଆଣିଛନ୍ତି। ପୁରୀ ନୀଳଚକ୍ର ନଗର ପ୍ରଦୀପ୍ତ କିଶୋର ଓ ଜ୍ୟୋତ୍ସ୍ନାରାଣୀଙ୍କ ପୁଅ ପ୍ରୟାଶ ଏଏସ୍‌ଆଇଏଲ୍‌ର ସଦସ୍ୟ ହେବା ପରେ ଏବେ ରାଜ୍ୟ ଏବଂ ଜାତୀୟସ୍ତରରେ ତାଙ୍କ ନାଁକୁ ନେଇ ଆଲୋଚନା। ଏଏସ୍‌ଆଇଏଲ୍ ଏକ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସଂସ୍ଥା, ଯାହା ଅନ୍ତର୍ଜାତୀୟ ଆଇନ, ଶାନ୍ତି, ନ୍ୟାୟ ଓ ମାନବାଧିକାରର ପ୍ରଚାରପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ପ୍ରୟାଶଙ୍କ ଏହି ସଫଳତା ତାଙ୍କର ଅଧ୍ୟୟନ, ପରିଶ୍ରମ ଓ ଅନ୍ତର୍ଜାତୀୟ ଆଇନ ପ୍ରତି ଆଗ୍ରହର ପରିଣାମ। ପୁଅର ଏଭଳି ସଫଳତାକୁ ନେଇ ତାଙ୍କ ପରିବାର, ପିତା ଓ ମାତା ଅତ୍ୟନ୍ତ ଆନନ୍ଦିତ ଓ ଗର୍ବିତ। ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତା ଯୁବପିଢ଼ିଙ୍କୁ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ନାମ ଉଜ୍ଜ୍ୱଳ କରିବାକୁ ପ୍ରେରଣା ଦେବ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି।

ଗର୍ଭଗୃହରେ ଗୋଡ଼ ଖସି ପାଳିଆ ସେବକ ଆହତ

ପୁରୀ,୨୯।୧(ସମିସ): ଶ୍ରୀମନ୍ଦିର ଗର୍ଭଗୃହରେ ଗୋଡ଼ ଖସିଯିବାରୁ ଜଣେ ପାଳିଆ ସେବକ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାବେଳେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ପାଳିଆ ସେବକ ହେଉଛନ୍ତି ଦୀନବନ୍ଧୁ ପୂଜାପଣ୍ଡା। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ଣରେ ମଧ୍ୟାହ୍ନ ଭୋଗ ପୂଜା ବସିବାକୁ ଯାଉଥିବାବେଳେ ଚିକ୍କଣ ଯୋଗୁଁ ଗର୍ଭଗୃହରେ ତାଙ୍କ ଗୋଡ଼ ଖସିଗଲା। ଫଳରେ ସେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଅଭିଯୋଗ ଉଠୁଛି ଯେ, ଗର୍ଭଗୃହରେ ଘିଅ ପଡ଼ିବା ଏବଂ ପଥର ଚିକ୍କଣିଆ ହୋଇଯିବାରୁ ବିଭିନ୍ନ ସମୟରେ ଏଭଳି ଅଘଟଣ ଘଟୁଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେବାୟତମାନେ ମତ ଦେଉଛନ୍ତି।

ଏଏମ୍ ଓ ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଟ୍ରାଇ ସିରିଜ୍ ଉଦ୍‌ଯାପିତ

ଉଭୟ ବର୍ଗରେ ଏଚ୍‌ପିସି ଓଡ଼ିଶା ଚାମ୍ପିଅନ

ପୁରୀ,୨୯।୧(ସମିସ): ତାଳବଣିଆସ୍ଥିତ ଖୋ ଖୋ ଇଣ୍ଡୋର ଷ୍ଟାଡିୟମ ହଲ୍ ପରିସରରେ ଏଏମ୍ ଓ ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଟ୍ରାଇ ସିରିଜ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଆନ୍ଧ୍ରପ୍ରଦେଶ ଖୋ ଖୋ ସଂଘ ସଭାପତି ଏମ୍‌ଭିଏସ୍ ସାଇ ପ୍ରସାଦ,



ଭାରତ ଖୋ ଖୋ ଉପସଭାପତି ପ୍ରଦ୍ୟୁମ୍ନ ମିଶ୍ର, ପୁରୀ ଏସ୍‌ପି ପ୍ରତୀକ୍ ସିଂ, ପୁରୀ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଏଏମ୍ ଓ ଏନ୍‌ଏସ୍ ଓଡ଼ିଶା ଶାଖା ମୁଖ୍ୟ ଅଧିକାରୀ ବିକାଶ ଯାଦବେନ୍ଦୁ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଗ୍ରାମାଞ୍ଚଳରୁ ବାଳକ ଓ ବାଳିକା ଖୋ ଖୋ କ୍ରୀଡ଼ାବିତ୍ ଭଲ ପ୍ରଦର୍ଶନ କରି ଜିଲ୍ଲା, ରାଜ୍ୟ ଓ ଦେଶରେ ନାମ ରଖିବା ସହ ବିଶ୍ୱ ଚାମ୍ପିଅନ ହୋଇପାରିଥିବାରୁ ଅତିଥିମାନେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଗାଁର ମାଟି ଦାଣ୍ଡରେ ଖେଳୁଥିବା ଖୋ ଖୋ ଏବେ ମ୍ୟାଟ୍ ଉପରେ ଖେଳୁଛନ୍ତି ବୋଲି ଅତିଥିମାନେ ଆଲୋକପାତ କରିଥିଲେ।

ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଖୋ ଖୋ ସଂଘ ମୁଖ୍ୟ କୋଚ୍ ଅନିଲ ଲକ୍ଷ୍ମଣ ଗଞ୍ଜାବେ, ଖୋ ଖୋ ଏଚ୍‌ପିସି ସେଣ୍ଟରର ମୁଖ୍ୟ କୋଚ୍ ସଞ୍ଜୀବ ଶର୍ମା, ଓଡ଼ିଶା ଖୋ ଖୋ ସଂଘ କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥସାରଥୀ ମହାପାତ୍ର, ପ୍ରୋଗ୍ରାମ ମ୍ୟାନେଜର ବାପି ରାୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ତିନି ରାଜ୍ୟର କୋଚ୍ ଓ ପ୍ରତିଭାବାନ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଟ୍ରାଇ ସିରିଜ୍ ମ୍ୟାଚ୍‌ରେ ଏଚ୍‌ପିସି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ମଧ୍ୟରେ ତିନିଦିନ ଧରି ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ବାଳିକା ବର୍ଗରେ ଏଚ୍‌ପିସି ଓଡ଼ିଶା ଚାମ୍ପିଅନ ହୋଇଥିବାବେଳେ ପଶ୍ଚିମବଙ୍ଗ ରନର୍ସ ଅପ୍ ହୋଇଥିଲା। ବାଳକ ବର୍ଗରେ ଏଚ୍‌ପିସି ଓଡ଼ିଶା ଚାମ୍ପିଅନ ହୋଇଥିବାବେଳେ ଆନ୍ଧ୍ରପ୍ରଦେଶ ରନର୍ସ ଅପ୍ ହୋଇଥିଲା। ଖେଳାଳିମାନଙ୍କ ପ୍ରବଳ ଇଚ୍ଛାଶକ୍ତି ସହ ବନ୍ଧୁତ୍ୱପୂର୍ଣ୍ଣ ଭାବେ ଖେଳ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ହୋଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଅନବରତ ରାସ୍ତାରେ ବୋହୁଛି ଡ୍ରେନ୍ ପାଣି

ପୁରୀ,୨୯।୧(ସମିସ): ପୁରୀ ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଉପରେ ଗୁରୁତ୍ୱ ଦେଉଛି ଜିଲ୍ଲା ପ୍ରଶାସନ। ଯେହେତୁ ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ତେଣୁ ଏହାର ପବିତ୍ରତା ରକ୍ଷା ଉପରେ ବିଶେଷ ଫୋକସ୍ ରଖାଯାଇଛି। କିନ୍ତୁ କିଛି ଅଧିକାରୀଙ୍କ ଅବହେଳା ଏବଂ ଠିକା ସଂସ୍ଥାର ଲାଭଖୋର ମନୋବୃତ୍ତି ପାଇଁ ଅନେକ ସାହିଗଳିରେ ସ୍ୱଚ୍ଛତା ବାଟବଣା ହୋଇଛି। କେଉଁଠି ଡ୍ରେନ୍ ଭାଙ୍ଗିଗଲାଣି ତ ପୁଣି କେଉଁଠି ଡ୍ରେନ୍ ପାଣି ରାସ୍ତାରେ ମାଡୁଛି। ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡୁଛନ୍ତି ସ୍ଥାନୀୟ ଲୋକେ। ଶ୍ରୀମନ୍ଦିର ନିକଟ ଲୋକନାଥ ରୋଡ୍‌ରେ ଅନବରତ ଡ୍ରେନ୍ ପାଣି ରାସ୍ତାରେ ବୋହୁଛି। ଫଳରେ ସେହି ରାସ୍ତା ଦେଇ ଖାଲି ପାଦରେ ମନ୍ଦିରକୁ ଯାତାୟାତ କରୁଥିବା ସେବାୟତ ଡ୍ରେନ୍‌ର ମଇଳା ପାଣି ମାଡ଼ି ଯାଉଛନ୍ତି। ତୁରନ୍ତ ପୌର କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ସ୍ଥାନୀୟ ଜନତା।

ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଶ୍ରୀମନ୍ଦିରଠାରୁ ୧୦୦ ମିଟର ଏବଂ ପରିକ୍ରମା ମାର୍ଗଠାରୁ ମାତ୍ର ୫୦ ମିଟର ଦୂର ଲୋକନାଥ ରୋଡ୍ ପ୍ରତିହାରୀ ନିଯୋଗ ସମ୍ମୁଖରେ ଡ୍ରେନ୍‌ର ମଇଳା ପାଣି ମୁଖ୍ୟ ରାସ୍ତାରେ ଅନବରତ ପ୍ରବାହିତ ହେଉଛି। କିଛିଦିନ ପରେ ରାଷ୍ଟ୍ରପତି ପୁରୀ ଗସ୍ତ କରିବେ। କିନ୍ତୁ ପୌରପାଳିକାର କାମ ଠିକ୍ ଭାବରେ ହେଉ ନ ଥିବାରୁ ହଜାର ହଜାର ଭକ୍ତ ଏବଂ ସେବାୟତ ପ୍ରତିଦିନ ଏହି ଡ୍ରେନ୍ ପାଣି ପାର୍ ହୋଇ ଖାଲି ପାଦରେ ଶ୍ରୀମନ୍ଦିରକୁ ଯାଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଶ୍ରୀକ୍ଷେତ୍ରକୁ ଲକ୍ଷାଧିକ ଭକ୍ତ ଦର୍ଶନ ପାଇଁ ଆସୁଛନ୍ତି। ରାଜ୍ୟ ସରକାର ପୁରୀ ପାଇଁ କୁମ୍ଭୀରକାନ୍ଦଣା କାନ୍ଦୁଥିବାବେଳେ ଶ୍ରୀମନ୍ଦିର ଏବଂ ଲୋକନାଥ ମନ୍ଦିରକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତା ସଦାସର୍ବଦା ଅବହେଳିତ ହୋଇ ରହିଛି। କିଛିଦିନ ତଳେ ସେହି ରାସ୍ତାରେ



ଟ୍ରାଫିକ୍ ଜାମ୍ ରହୁଥିଲା। ଅଭିଯୋଗ ପରେ ଏହାର ସମାଧାନ ହୋଇଛି। ଏବେ ନଳା ପାଣି ସମସ୍ୟା ଭକ୍ତ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ କଲବଲ କରୁଛି। ଜିଲ୍ଲା ପ୍ରଶାସନ ଏବଂ ପୌରସଂସ୍ଥା କେବେ ଏହି



ସମସ୍ୟାର ସମାଧାନ କରିବେ ସେଥିପ୍ରତି ସମସ୍ତେ ଚାହିଁ ବସିଛନ୍ତି ବୋଲି କହିଛନ୍ତି ସାମ୍ବାଦିକ ଶ୍ରୀ ଦାସ। ଏହାର ସମାଧାନ ହେଲେ ସମସ୍ତେ ଉପକୃତ ହେବେ। ଭକ୍ତମାନେ ମଧ୍ୟ ସୁଖଦ ଅନୁଭୂତି ନେଇ ଫେରିବେ ବୋଲି ସେ ମତ ଦେଇଛନ୍ତି।

ଭୂଗର୍ଭରେ ପୋତି ହୋଇଯିବ ତାଳଚେର !

ତାଳଚେର,୨୯ ।୧(ସମିସ)



ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ବାରମ୍ବାର ମାଟି ଧସିବା ଘଟଣା ଲୋକଙ୍କ ମନରେ ଆତଙ୍କ ସୃଷ୍ଟି କରୁଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ପୁଣି ଏପରି ଘଟଣା ଘଟିଛି ହାଣ୍ଡିଧୂଆଁ କୋଇଲା ଖଣିକୁ ଯିବା ରାସ୍ତାର ଅନତି ଦୂରରେ। ହାଣ୍ଡିଧୂଆଁ ପୁରୁଣା କୋଲିୟରୀକୁ ଯାଇଥିବା ରାସ୍ତା ନିକଟରେ ରହିଥିବା ଖେଳପଡ଼ିଆର ପାଖାପାଖି ଏକ ସ୍ଥାନରେ ହଠାତ୍ ପ୍ରଚଣ୍ଡ ଶବ୍ଦ ହେବାରୁ ଅଞ୍ଚଳବାସୀ ଏହା ଶୁଣି ଘଟଣାସ୍ଥଳକୁ ଯାଇ ୧୨ରୁ ୧୫ଫୁଟ୍ ଚଉଡ଼ାର ପ୍ରାୟ ୫ମିଟର ଗଭୀର ଗର୍ତ୍ତ ସୃଷ୍ଟି ହୋଇଥବା ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହେବାପରେ ଘଟଣାସ୍ଥଳକୁ ଲୋକଙ୍କ ସୁଅ ଛୁଟିଥିଲା। ପରେ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏମସିଏଲ କର୍ତ୍ତୃପକ୍ଷ ଏହାର ଚାରିପାଖରେ ବାରିକେଡ୍ ତିଆରି କରିଥିଲେ। ଏହାକୁ ନେଇ ତାଳଚେର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତାଳଚେରକୁ କେତେବେଳେ ବି କଳାପାହାଡ଼ ଗ୍ରାସ କରିଯିବ ବୋଲି ଆଲୋଚନା ହେଉଛି।

ବ୍ରିଟିଶ୍ ଅମଳରେ ଏଠାରେ ପ୍ରଥମେ ହାଣ୍ଡିଧୂଆଁ ଭୂତଳ କୋଇଲା ଖଣି ନିର୍ମାଣ ହୋଇଥିଲା। ପରେ ଚମ୍ପାଶି, ଦେଉଳବେଡ଼ା, ଡେରା, ନନ୍ଦିରା ଆଦି ଖଣି ହେଲା। ଏହି ଖଣିଗୁଡ଼ିକରୁ କୋଇଲା କାଢ଼ିନେବା ପରେ ଏବେ ଏହାର ଭୂ-ତଳ ଫାଙ୍କା ରହିଥିବାରୁ ଏଭଳି ଗର୍ତ୍ତ ପ୍ରାୟ ସମୟରେ ଦେଖିବାକୁ ମିଳୁଛି। ଏମସିଏଲ ଓ ବାଲିମାଫିଆଙ୍କ ମଧୁଚନ୍ଦ୍ରିକାରେ କେବଳ କାଗଜପତ୍ରରେ ଭୂ-ତଳ ଖଣିଗୁଡ଼ିକୁ ବାଲି ଫିଲିଂ କରାଯାଇ କୋଟିକୋଟି ଟଙ୍କା ହଡ଼ପ ହେଉଥିବା ଅଭିଯୋଗ ହେଉଥିଲେ ହେଁ ଏଥିପ୍ରତି କାହାର ସାମାନ୍ୟତମ ଦୃଷ୍ଟି ନ ଥିବା ଦୁର୍ଭାଗ୍ୟର ବିଷୟ ପାଲଟିଛି। ଏହା ଉପରେ ଜଣେ ବିଧାୟକ ବିଧାନସଭାରେ ତାଳଚେର ଭୂ-ତଳ କୋଇଲା ଖଣିଗୁଡ଼ିକରେ କେତେ ଭାଗ ବାଲି ଫିଲିଂ କରାଯାଇଛି ବୋଲି ପ୍ରଶ୍ନ କରିବାରୁ ତତ୍କାଳୀନ ଖଣିମନ୍ତ୍ରୀ ୪୧ ପ୍ରତିଶତ ବାଲି ଭର୍ତ୍ତି କରାଯାଇଥିବା ଉତ୍ତର ରଖିଥିଲେ। ଏପରିକି ସେଫ୍ଟି ମାଇନିଂ ଏ ବିଷୟରେ ଅବଗତ ଥିଲେ ମଧ ଫଳଶୂନ୍ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିପାଇଁ ମଧ ତାଳଚେରବାସୀଙ୍କ ସୁରକ୍ଷାକୁ ନେଇ ଅନୁଗୋଳ ତାମଡ଼ା ପକ୍ଷରୁ ତାଳଚେର ଅଞ୍ଚଳରେ ଦୁଇ ଓ ତିନିତାଲା କୋଠା ନିର୍ମାଣ ନିଷିଦ୍ଧ ରହିଛି। ଏଭଳି ସଙ୍ଗୀନ ସ୍ଥିତିରେ ବ୍ରାହ୍ମଣୀ ନଦୀରୁ ଭୂ-ତଳ କୋଇଲା ଖଣିଗୁଡ଼ିକରେ ବାଲି ଭର୍ତ୍ତି କରିବା ନେଇ ଅଭିଯାନ ଚାଲୁ ରହିଥିଲେ ମଧ ନଦୀରେ ବାଲି ପରିବର୍ତ୍ତେ ବଡ଼ବଡ଼ ପଥର ଦେଖିବାକୁ ମିଳିଥିବା ବେଳେ ଅପରପକ୍ଷେ ଭୂ-ଗର୍ଭ କୋଇଲା ଖଣିଗୁଡ଼ିକ ଫାଙ୍କା ଅବସ୍ଥାରେ ରହିଛି। ତେବେ ନଦୀରୁ ବାଲି ଯାଉଛି କୁଆଡ଼େ ବୋଲି ପ୍ରଶ୍ନ ଉଠିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ତାଳଚେରବାସୀ ଦୃଢ଼ ଦାବି କରିଛନ୍ତି।

ଅଙ୍ଗାରବନ୍ଧ ମାଘମେଳା ଆରମ୍ଭ

ବାଲ୍ୟଲୀଳା ନୀତି ଆଧାରରେ ବାଳଭୋଗ ବଣ୍ଟନ

ଅନୁଗୋଳ,୨୯ ।୧(ସମିସ): ବୁଧବାର ଦଶମୀ ତିଥିରେ ସବୁବର୍ଷ ଭଳି ଚଳିତବର୍ଷ ଅଙ୍ଗାରବନ୍ଧ ମହିମା ଧାମରେ ମାଘମେଳା ଆରମ୍ଭ ହୋଇଛି। ବାଲ୍ୟଲୀଳା ନୀତି ଅନୁଯାୟୀ, ଭକ୍ତ ଇନ୍ଦ୍ରମଣି ସାହୁ, ଅଶୋକ ସାହୁଙ୍କ ଦ୍ୱାରା, ନୂତନ ମାଟିପାତ୍ରରେ ଲିଆ, ଚୁଡ଼ା, ସପ୍ତାମୃତ (କ୍ଷୀର, ଗୁଡ଼, ଛେନା, ଦହି, ମହୁ, ଗୋମୟ, ଘିଅ), ନଡ଼ିଆ, କଦଳୀ, ପିଜୁଳି, କାକୁଡ଼ି, ସେଓ, ଅଙ୍ଗୁର, କମଳା, ନାସ୍ପାତି, ଚନ୍ଦନ, ଶ୍ରୀକର୍ପୁର ମିଶ୍ରଣ କରି ଧାମର ବାବା ତ୍ରିନାଥ ଦାସ, ବାବା ହରିହର ଦାସ, ତ୍ୟାଗୀ ପ୍ରତାପ ଦାସଙ୍କ ଅଲେଖ ମହିମା ଡାକରେ, ଅଙ୍ଗାରବନ୍ଧ ଭଜନମଣ୍ଡଳୀଙ୍କ ଭିକ୍ଷା ଭଜନ ଗାନରେ ପ୍ରଭୁଙ୍କୁ ସମର୍ପଣ କରି ହଜାର ହଜାର ଆବାଳ ବୃଦ୍ଧବନିତାଙ୍କୁ ବାଳଭୋଗ ବଣ୍ଟନ କରାଯାଇଥିଲା। ଗ୍ରାମ ପରିଚାଳନା କମିଟି ସଭାପତି ଶିବ ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ମହେଶ୍ୱର ସାହୁ, ଦେବରାଜ ସାହୁ, ଭଗବାନ ସାହୁ, ନରେଶ ସାହୁ, ଅଲେଖ ଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କିରଣୀ ସାହୁ, ଶାନ୍ତିଲତା ବେହେରା, ଅନାମ ସାହୁ, କରୁଣାକର ସାହୁ, ବିଜ୍ଞାନୀ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ବଣ୍ଟନରେ ସହଯୋଗ କରିଥିଲେ। ମାଘ ମେଳା ପାଇଁ ୩୦ ତାରିଖ ତ୍ରୟୋଦଶୀ ତିଥିରେ ଅମଣିଆ ସମର୍ପଣ ଓ ଠାକୁରଙ୍କ ତିନିବେଳା ନୀତି ସମ୍ପନ୍ନ, ୩୧ ତାରିଖ ଚତୁର୍ଦ୍ଦଶୀ ତିଥିରେ ଧାମରେ ସ୍ୱତନ୍ତ୍ର ନୀତି, ଅମଣିଆ ସମର୍ପଣ, ମାନସିକ ବ୍ରତଧାରୀ ଭକ୍ତମାନଙ୍କୁ ବାବାଜୀଙ୍କ ଦୀକ୍ଷା ପ୍ରଦାନ, ମଧ୍ୟାହ୍ନ ନୀତି ଏବଂ ସାନ୍ଧ୍ୟ ନୀତି ପରେ ସାଢ଼େ ୫ଟାରେ ବ୍ରହ୍ମଧୂନୀ ସ୍ଥାପନ, ଝାଡ଼ବତି ପ୍ରଜ୍ୱଳନ ଓ ଅହୋରାତ୍ର ନାମ ଭଜନ, ଫେବୃଆରୀ ୧ରୁ ୩ ପର୍ଯ୍ୟନ୍ତ ନିତିଦିନିଆ କାର୍ଯ୍ୟକ୍ରମ ସହ ରାତ୍ର ସାଢ଼େ ୭ରୁ ଜିଲ୍ଲା ଓ ଜିଲ୍ଲା ବାହାରର ବହୁ ନାମିଦାମୀ କଳାକାରଙ୍କୁ ନେଇ ମହିମା ମହୋତ୍ସବ ପାଳନ ହେବ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଭୁକୃପା ଲାଭ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।



ବରଯାତ୍ରୀ ଶୋଭାଯାତ୍ରାରେ ଧୂଳିଉଡ଼ା ନାଚ

ତଣ୍ଡ ଗଣିଲେ ଶଶୁର



ଅନୁଗୋଳ,୨୯ ।୧(ସମିସ): ଅନୁଗୋଳ ପୌରପାଳିକା ଇତିହାସରେ ପ୍ରଥମ ଥର ପାଇଁ ଜ୍ୱାଇଁପୁଅଙ୍କ ଧୂଳିଉଡ଼ା ବରଯାତ୍ରୀ ଶୋଭାଯାତ୍ରା ପାଇଁ ତଣ୍ଡ ଗଣିଛନ୍ତି ଶଶୁର। ବୁଧବାର ରାତିରେ ଅମଲାପଡ଼ା ଦୁର୍ଗା ମଣ୍ଡପରେ ବିକେ ବେହେରାଙ୍କ ଝିଅ ବାହାଘର ହେଉଥିଲା। ନିର୍ଦ୍ଧାରିତ ସମୟରେ ବରଯାତ୍ରୀ ଆସି ପହଞ୍ଚିଥିଲେ। ତେବେ ଡିଜେ ଗାଡ଼ିରେ ପେପର କ୍ୟାନନରୁ ଯେଭଳି କିଲୋ କିଲୋ ପ୍ଲାଷ୍ଟିକ ଓ କାଗଜ ଟୁକୁରା ବାହାରି ରାସ୍ତା ସାରା ବିଛାଡ଼ି ହୋଇପଡୁଥିଲା ଏହା ପ୍ରଦୂଷଣ ଆଇନର ବିରୁଦ୍ଧାଚରଣ କରୁଥିବାରୁ ପୌର କର୍ମଚାରୀମାନେ ଶଶୁରଙ୍କୁ ୩ ହଜାର ଟଙ୍କା ଜରିମାନା କରିଥିଲେ। ଏ ନେଇ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ କହିଛନ୍ତି, ଏହା ଆରମ୍ଭ ମାତ୍ର। ଖୁବ୍‌ଶୀଘ୍ର ଏ ନେଇ ଏକ ଏସଓପି ତିଆରି କରାଯିବ ଏବଂ ବାହାଘର ନାଚ ବେଳେ ଏଭଳି ରାସ୍ତା ଅପରିଷ୍କାର କଲେ କଠୋର ଦଣ୍ଡ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

ପିକ୍‌ଅପ୍-ବାଇକ ଧକ୍କା; ଯୁବକ ମୃତ



ବଣ୍ଟେଁରପାଳ,୨୯ ।୧(ସମିସ): ଓଭରବ୍ରିଜ ନିକଟରେ ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଗୋଟମରା ଗ୍ରାମର ଶରତ ଚନ୍ଦ୍ର ମହାନ୍ତିଙ୍କ ପୁଅ ଶକ୍ତିସୌରଭ ମହାନ୍ତି (୨୧)। ସକାଳ ପ୍ରାୟ ସାଢ଼େ ୫ଟାରେ ଶକ୍ତିସୌରଭ ଟାଟା କମ୍ପାନୀକୁ ଡ୍ୟୁଟି କରିବାକୁ ବାଇକ୍‌ରେ ଯାଉଥିବାବେଳେ ଅପର ପାର୍ଶ୍ୱରୁ ଦ୍ରୁତ ଗତିରେ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍ ଚାଳକ ଫେରାର ହୋଇଯାଇଛନ୍ତି। ପୁଲିସ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି।

ଏନଟିପିସି କଣିହାଁରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ



କଣିହାଁ,୨୯ ।୧(ସମିସ): ଅନୁଗୋଳ ଜିଲ୍ଲା କଣିହାଁସ୍ଥିତ ଏନଟିପିସିରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଛି। ଏନଟିପିସିର ଆମ୍ବେଦକର ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ କେଏନ ରେଡ୍ଡୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଟାଉନସିପ୍ ବିଦ୍ୟାଳୟ ଛାତ୍ରଛାତ୍ରୀ, ସିଆଇଏସଏଫ ଯବାନଙ୍କ ଦ୍ୱାରା ଆୟୋଜିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସମାବେଶକୁ ସମ୍ବୋଧିତ କରି ପ୍ରକଳ୍ପ ମୁଖ୍ୟ ରେଡ୍ଡୀ ଗଣତନ୍ତ୍ର ଦିବସ ପାଳନର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ରଙ୍ଗୀନ ବେଲୁନ ଛଡ଼ାଯାଇଥିଲା। ତନ୍‌ଭି ସଙ୍ଗମ-ଲେଡିଜ୍ କ୍ଲବ୍, କେନ୍ଦ୍ରୀୟ ବିଦ୍ୟାଳୟ, ଡିଏଭି ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତତ୍ତ୍ୱାବଧାନରେ ପରିଚାଳିତ ଏଭରସାଇନ୍ ସ୍କୁଲ, ବାଲ୍ ଭବନ ଏବଂ କଲ୍ୟାଣ କେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ କର୍ମଚାରୀ, ଛାତ୍ର ଏବଂ ସହଯୋଗୀମାନଙ୍କୁ ସିଆଇଏସଏଫ ଅଗ୍ନିଶମ ସେବା, ଟାଉନସିପ୍ ସୁରକ୍ଷା, ଆଇସିଏଚ, ଶ୍ରେଷ୍ଠ ଛାତ୍ର, ଶ୍ରେଷ୍ଠ ଶିକ୍ଷକ, ନିଟ୍ ସଫଳତା ପାଇଁ ସ୍ୱତନ୍ତ୍ର ସ୍ୱୀକୃତି, ଏଚଓପି ମେରିଟିୟସ ପୁରସ୍କାର, ମହିଳା ସଫଳତା ପୁରସ୍କାର, ମନ୍ୱିତା ପୁରସ୍କାର ଏବଂ ବ୍ୟବସାୟ ଉତ୍କର୍ଷତା ପୁରସ୍କାର ଭଳି ବିଭିନ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ତନଭି ସଙ୍ଗମ ଲେଡିଜ କ୍ଲବ ସଭାପତି କେ. ଶ୍ରୀବାନୀ, ଜିଏମ ସୁମିତ କୁମାର କୁଣ୍ଡୁ, ସିଆଇଏସଏଫ ଡିସି ଆଲୋକ କୁମାର ପାଣ୍ଡେ, ଜିଏମ ସମର୍ପିତା ଦେଓ୍ୱାସୀ, ଜିଏମଡ. ତପନ କୁମାର ରାୟ, ବରିଷ୍ଠ ଅଧିକାରୀ, କର୍ମଚାରୀ, ୟୁନିଅନ୍ ଏବଂ ଆସୋସିଏସନ୍ ସଦସ୍ୟ, ସିଆଇଏସଏଫ କର୍ମଚାରୀ, ସ୍କୁଲ ପ୍ରିନ୍ସିପାଲ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ରାମକୃଷ୍ଣ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ



କିଶୋରନଗର, ୨୯ ।୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ତେନ୍ତୁଳିପଥରସ୍ଥିତ ରାମକୃଷ୍ଣ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଛି। ଶ୍ରୀରାମଦେବ କଲେଜ ଅଧକ୍ଷ ସତ୍ୟଜିତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜ୍ଞାନ ବିଭାଗ ଅଧ୍ୟାପକ ବାଲ୍ମୀକି ମୁଖି, ସମ୍ମାନିତ ଅତିଥି ଭାବେ ଦେବବ୍ରତ ସାହୁ, ଶ୍ରୀକାନ୍ତ ସାହୁ, ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ମଦ ଜବତ; ପାନ ଦୋକାନୀ ଗିରଫ

ତାଳଚେର,୨୯ ।୧(ସମିସ): ଗୁପ୍ତ ସୂଚନା ଆଧାରରେ ଅନୁଗୋଳ ସ୍ୱତନ୍ତ୍ର ସ୍କ୍ୱାଡ୍ ପକ୍ଷରୁ ଚଢ଼ଉ କରାଯାଉଥିବା ବେଳେ ବୁଧବାର ତାଳଚେର ଥାନା ବହ୍ଲର ଛକରେ ଏକ ପାନ ଦୋକାନୀରେ ଚଢ଼ଉ କରି ୧୯୩.୫ ଲିଟର୍ ବିଦେଶୀମଦ ଜବତ କରାଯାଇଛି। ଏଥିସହ ସମ୍ପୃକ୍ତ ପାନଦୋକାନୀଙ୍କୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗିରଫ କରିଛି। ତାଙ୍କଠାରୁ ୨ ହଜାର ୩ଶହ ୬୦ଟଙ୍କା ଜବତ କରାଯାଇଛି।

ଏଠାରେ ତାଳଚେର ଥାନା ଓ ଅବକାରୀ ବିଭାଗ କାର୍ଯ୍ୟ କରୁଥିଲେ ମଧ ଅନୁଗୋଳର ସ୍ୱତନ୍ତ୍ର ସ୍କ୍ୱାଡ୍ ତାଳଚେର ଅଞ୍ଚଳକୁ ଆସି ଚୋରାମଦ କାରବାର ରୋକିବାରେ ସଫଳ ହେଉଥିବା ବେଳେ ଏମାନେ କିପରି ଟେର୍ ପାଉନାହାନ୍ତି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତାଳଚେର ଅଞ୍ଚଳରେ ବର୍ତ୍ତମାନ ମଦଠାରୁ ଆରମ୍ଭ କରି ବ୍ରାଉନସୁଗର, କଫସିରପ, ନାଇଟ୍ରୋଜେନ୍ ଟାବଲେଟ୍, ଚରସ, ଗଞ୍ଜେଇ ଆଦି ନିଶାରେ ପଡ଼ି ଯୁବପିଢ଼ି ମୃତ୍ୟୁମୁଖରେ ପଡୁଛନ୍ତି। ନିଶା ସେବନ କରି ଶିକ୍ଷିତ ଯୁବପିଢ଼ି ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ସେହିପରି କିଛିଦିନ ହେଲା ଗୁଟଖା, ପାନମସଲା, ସିଗାରେଟ୍ ବିକ୍ରି ନେଇ ଧରପଗଡ଼ କରାଯାଇ ଫାଇନ ଆଦାୟ କରାଯାଉଥିବା ବେଳେ ତାଳଚେରରେ ଅଧିକାରୀମାନେ କାହିଁକି ଜାଣି ଅଜଣା ରହୁଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି।

ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍, ଚାନ୍ଦ କ୍ଲବ୍ ବିଜୟୀ



ଅନୁଗୋଳ,୨୯ ।୧(ସମିସ): ସ୍ଥାନୀୟ ପିଟିସି ପଡ଼ିଆରେ ଅନୁଗୋଳ ଫୁଟବଲର୍ସ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତାରେ ଗୁରୁବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍ ଆଠମଲ୍ଲିକ ଓ ନାଲକୋ ମଧ୍ୟରେ ହୋଇଥିଲା ଯାହା ଅମୀମାଂସିତ ରହିଥିଲା। ମନୋଜ ବେହେରା ଖେଳ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ୍ ଏନ୍‌ଟିପିସି ଓ ଅନୁଗୋଳ ଚାନ୍ଦ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାନ୍ଦ କ୍ଲବ୍ ୧-୦ ଗୋଲରେ ବିଜୟୀ ହୋଇଛି। ବରିଷ୍ଠ ବିଜେପି ନେତା ଦିଲୀପ ପ୍ରଧାନ ଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଂଘ ସଭାପତି ପବନ କୁମାର ସାହୁ ଓ ସମ୍ପାଦକ ଶୁଭ୍ରାଂଶୁ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଏନ୍‌ଟିପିସି ବନାମ ନାଲକୋ ଏବଂ ଆଠମଲ୍ଲିକ ବନାମ ଚାନ୍ଦ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

୩୬ ଶିଶୁଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ



ଛେଣ୍ଡିପଦା,୨୯ ।୧(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ କୋଶଳା ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଭଦ୍ରା କୋଲ୍ ମାଇନିଂ କମ୍ପାନୀ ପକ୍ଷରୁ ଆଦିତ୍ୟ ବିର୍ଲା ତତ୍ତ୍ୱାବଧାନରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ୩୬ ଦିବ୍ୟାଙ୍ଗ ଶିଶୁଙ୍କୁ ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ସୁମିତ୍ରା ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମଦନ ମୋହନ ପ୍ରଧାନ, ସୁଭଦ୍ରା କୋଇଲାଖଣିର ଜେନେରାଲ ମ୍ୟାନେଜର ଏଚ୍‌କେ ସାଲୁଙ୍କେ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଆଦିତ୍ୟ ବିର୍ଲା ପ୍ରକଳ୍ପ ମୁଖ୍ୟ ବିମଳ କୁମାର ବରାଳ, ସୁଭଦ୍ରା କୋଇଲାଖଣିର ସିଏସ୍‌ଆର୍ ମୁଖ୍ୟ ଅଧିକାରୀ ସମିର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତ୍ରିମ ଅଙ୍ଗ ପ୍ରଦାନ କରିଥିଲେ। ମହାରାଷ୍ଟ୍ର ପୁନେର ଆଭେଞ୍ଚର ବିୟଣ୍ଡ ବେରିୟର ଫାଉଣ୍ଡେସନ ପ୍ରତିଷ୍ଠାତା ଦିବ୍ୟାଂଶୁ ଗଣତ୍ରଙ୍କ ନେତୃତ୍ୱରେ ଏହି କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା।

ରୋଟାରୀ ରୟାଲ କପ୍ ଉଦ୍‌ଘାଟିତ



ଅନୁଗୋଳ,୨୯ ।୧(ସମିସ): ରୋଟାରୀ କ୍ଲବ ଅନୁଗୋଳ ରୟାଲ୍ ଦ୍ୱାରା ପ୍ରଥମ ୧୯ ବର୍ଷରୁ କମ୍ ରୋଟାରୀ ରୟାଲ କପ୍ ସ୍ଥାନୀୟ କଦମ୍ବ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ମନୋଜ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମଦନ ମୋହନ ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ୍ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ସଭାପତି ଡାକ୍ତର କୁମାର ସୌମ୍ୟକାନ୍ତ ବିଶୋଇ, ସମ୍ପାଦକ ନୀହାର ରଞ୍ଜନ ପ୍ରସାଦ, ଟୁର୍ଣ୍ଣାମେଣ୍ଟ ଚେୟାରମାନ ସଞ୍ଜୀବ ଦେହୁରୀଙ୍କ ନେତୃତ୍ୱରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। ପ୍ରଥମ ମ୍ୟାଚ କଟକ ଏକାଦଶ ଏବଂ ଭୁବନେଶ୍ୱର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଟକ ବିଜୟୀ ହୋଇଛି। ଟସ୍ ଜିତି କଟକ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୧୪୭ ରନ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ନିର୍ଦ୍ଧାରିତ ଓଭର୍‌ରେ ୧୦୬ କରିବାକୁ ସକ୍ଷମ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅନୁଗୋଳ ଏକାଦଶ ଏବଂ ରାଉରକେଲା ଏକାଦଶ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ଦଳ ଶୁକ୍ରବାର କଟକ ଏକାଦଶ ସହ ଫାଇନାଲ ମ୍ୟାଚ୍ ଖେଳିବ। କ୍ଲବ୍ ତରଫରୁ ଡା. ପ୍ରଭାତ କୁମାର୍ ପଣ୍ଡା, ବିଶ୍ୱଜିତ ପଟ୍ଟନାୟକ, ପ୍ରକାଶ ଅଗ୍ରୱାଲ, ମଧୁସୂଦନ ଶର୍ମା, ଡାକ୍ତର ମାଇକେଲ ଜନ, ମଧୁ ଗୁପ୍ତା, ବିକାଶ ମୋଦୀ, କହ୍ନେୟା ଚୌଧୁରୀ, ଅମ୍ବିକା ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥଲେ।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



୰ ଦେବବାଳା ମହାପାତ୍ର
ମହତାବ ରୋଡ୍, କଟକ
ଆବିର୍ଭାବ : ୧୯.୦୨.୧୯୨୯
ତିରୋଧାନ : ୨୦.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର
ସଦ୍‌ଗତି ନିମନ୍ତେ ପ୍ରଭୁ
ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ

ଏମ୍‌କେସିସି କ୍ରିକେଟ; ଚନ୍ଦ୍ରବାହଲ ଚାମ୍ପିଅନ



କୁଇଓ,୨୯ ।୧(ସମିସ): ବଣ୍ଟେଁରପାଳ ବ୍ଲକ ଜାମୁନାଳୀ ଗ୍ରାମ ଖୁଦଗୋଠ ଖେଳପଡ଼ିଆରେ ଏମ୍‌କେସିସି କ୍ଲବ ପକ୍ଷରୁ ଆୟୋଜିତ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଛି। ଚନ୍ଦ୍ରବାହାଳ ଓ ମହିତଳା ଦଳ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଚନ୍ଦ୍ରବାହଲ ଦଳ ଲଗାତର ୨ ମ୍ୟାଚ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୁଶାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଜାମୁନାଳୀ ସମିତିସଭ୍ୟ ଅମିତା ବେହେରା, ନଟବର ପରିଡ଼ା, ବିନୋଦ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଦଳକୁ ୨୫,୦୦୦ ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୧୫,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟର ଡାକ୍ତର ଗଡ଼ନାୟକ ଓ ଲିପୁ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। କ୍ଲବ୍ ସଭ୍ୟ ପ୍ରଭାତ ଦେହୁରୀ, କ୍ଷୀରୋଦ ପ୍ରଧାନ, ରଶ୍ମି ସାହୁ, ସୁଜିତ୍ ସାହୁ, କଳିଙ୍ଗ ସାହୁ ପ୍ରମୁଖ ସହଯୋଗ କରିଥିଲେ। କାଳିଆ ସାମଲଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା।

କିଶୋରନଗର ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

କିଶୋରନଗର,୨୯ ।୧(ସମିସ):

କିଶୋରନଗର ବ୍ଲକସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ବରପଡ଼ିଆରେ ଅନୁଷ୍ଠିତ ହୋଇଛି। କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ପରେଡ୍ ପ୍ରଦର୍ଶିତ ହୋଇଥିଲା। ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରଶାନ୍ତ କୁମାର ବିଶ୍ୱାଳ ଓ ପ୍ରଫୁଲ୍ଲ କୁମାର ପ୍ରଧାନ ପରେଡ୍‌ର ମୂଲ୍ୟାଙ୍କନ କରିଥିଲେ। ଖେଳ ଶିକ୍ଷକ ବସନ୍ତ କୁମାର ପ୍ରଧାନ, ନବୀନ ବିଶ୍ୱାଳ, ଐଶ୍ୱର୍ଯ୍ୟା କାନୁନଗୋ, ସନ୍ତୋଷିନୀ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଚଳିତବର୍ଷ ତୃତୀୟ ଶ୍ରେଣୀ ବୃତ୍ତିରେ ହିମିତିରା ଉଚ୍ଚ ପ୍ରାଥମିକ ସ୍କୁଲ ଛାତ୍ର ସୌମ୍ୟଜିତ ପ୍ରଧାନ, ପଞ୍ଚମ ଶ୍ରେଣୀ ବୃତ୍ତିରେ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଅନନ୍ୟା ପ୍ରଧାନ ଓ ଅଷ୍ଟମ ଶ୍ରେଣୀରେ ବୃତ୍ତି ପାଇଥିବା ଛାତ୍ରଛାତ୍ରୀଙ୍କୁ ସଦାଶିବ ଦେହୁରୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟସ୍ତରୀୟ ସୁରଭିରେ ସଫଳ ଓ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ହୃଷୀକେଶ ପ୍ରଧାନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ପୂର୍ବରୁ ଅନୁଷ୍ଠିତ ସଙ୍ଗୀତ, ବକ୍ତୃତା, ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ସୁରମଣି ପ୍ରଧାନଙ୍କ ଦାୟାଦଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥଲା। ଅନ୍ତ୍ୟୋଦୟ ଗୃହ ଯୋଜନାର ସଫଳ କାର୍ଯ୍ୟ ରୂପାୟନ କରିଥିବା ସଞ୍ଚାମୁରା ପଞ୍ଚାୟତ, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ପାଇଁ ଜଏରାଟ ପଞ୍ଚାୟତ ଓ ଭିବି ଜି ରାମଜୀ ଯୋଜନାରେ ସଫଳ କାର୍ଯ୍ୟ ପାଇଁ ଠେଲକନାଳୀ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଅକ୍ଷୟ କୁମାର ଦାଶ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏବିଡିଓ ଦିଲୀପ ପ୍ରଧାନଙ୍କ ସମେତ ବ୍ଲକ କାର୍ଯ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ। ତହସିଲଦାର ବିକ୍ରମ କେଶରୀ ନାୟକ, ଥାନାଧିକାରୀ ବିଭୂତି ପ୍ରଧାନ, ସଦସ୍ୟ ଡାକ୍ତର ଅଲେଖ କୁମାର ପ୍ରଧାନ, ଏବିଇଓ ରମଣୀ ରଞ୍ଜନ ସାହୁଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗଦେଇଥିଲେ।

